


ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅପ୍ରେଲ୍ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଉତ୍କଳୀୟ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୭** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୭ | ଅଶୋକ ବିଶ୍ୱାଳ | ୧୮ |
| ସେଇ ଅନ୍ଧାର ରାତିରେ-୫ | ବିଜୟ କୁମାର ପଣ୍ଡା | ୩୧ |
| ମୁଇଁ ତ ଗରିବ ଛାତ୍ର-୪ | ମହେଶ୍ୱର ସାହୁ | ୩୪ |
| ପ୍ରେମ ଥିଲା ଅଛି ଓ ରହିବ - ୧ | ଦୀପକ ଷଡ଼ଙ୍ଗୀ | ୩୮ |
| ବଞ୍ଚିବାର ରାହାଟିଏ | ସୁଶ୍ରୀ ଆରତୀ ପଟ୍ଟନାୟକ | ୪୨ |
| ଗୁରବେ ନମଃ | ସୁଷମା ପରିଜା | ୫୦ |
| କଳ୍ପନା | ମେନନ୍ ସାହୁ | ୬୦ |
| ଆଦ୍ୟ ପ୍ରେମର କାବ୍ୟଧାରା | ଆଶୁତୋଷ ମେହେର | ୭୧ |
| ସମୟ ମୋଡ଼ରେ ବେସାହାରା ଜୀବନ | ସୁବ୍ରତ ଜେନା | ୭୩ |
| ଗୁପ୍ତଧନ | ରାଜଗୁରୁ ସିଅ | ୭୭ |
| ପ୍ରଥମ ପ୍ରେମର ଅଭୁଲା ସ୍ମୃତି | ଦିନେଶ୍ ମେହେର | ୮୧ |
| ଫଟୋ | ସିଦ୍ଧେଶ୍ୱର ତ୍ରିପାଠୀ | ୮୪ |
| ସେମାନଙ୍କର ବି ହୃଦୟ ଅଛି | ପ୍ରବୀର ସାହୁ | ୮୬ |
| ପ୍ରତିଶୋଧ ପରାୟଣ ସମୟ | ସୁଚିସ୍ମିତା ସାହୁ | ୮୮ |
| ଫସର ଫାଟିଲା | କୁଞ୍ଜବିହାରୀ ସାହୁ | ୯୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଏସିଡ୍ ଆଟାକ୍ | ଗଦାଧର ବଳ | ୯୬ |
| ହୋଲି | ଅନନ୍ତ କୁମାର | ୧୦୩ |
| ଅଭୁଲା ସ୍ମୃତି | ସାଧନା ମହାଳିକ | ୧୦୫ |
| ପ୍ରିୟତୁମେ | ସୁଜାତା ମହାପାତ୍ର | ୧୦୮ |
| ଚୁଡ଼ାଘଷା | ଲୋପାମୁଦ୍ରା ପରିଡ଼ା | ୧୧୨ |
| ପ୍ରେମ | ଦେବେନ୍ଦ୍ର ସାମଲ | ୧୧୯ |
| ଫେରିବାକୁ ହେବ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୩ |
| **କବିତା ବିଭାଗ** | | **୧୨୭** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୨୮ |
| ଓଡ଼ିଶା ପୀଠ | ପ୍ରଣତି ପଣ୍ଡା | ୧୩୦ |
| ହେ ଉତ୍କଳ | କୃଷ୍ଣଚନ୍ଦ୍ର ବାରିକ | ୧୩୧ |
| ମୋ ଓଡ଼ିଶା | ଆଲୋକ କୁମାର ସାହୁ | ୧୩୩ |
| ଉତ୍କଳ ଦିବସେ | ବାଲାଜୀ ସେଠୀ | ୧୩୪ |
| ଉତ୍କଳ ଦିବସ | ସେବକାନ୍ତ ନନ୍ଦ | ୧୩୫ |
| ହସି ହସାଇବା | ରାଜକିଶୋର ସ୍ୱାଇଁ | ୧୩୬ |
| ଜନମ ମାଟି | ରୋହିତ ସେଠୀ | ୧୩୭ |
| ମୋ ମାତୃଭାଷା | କାଳୀଚରଣ ମହାରଣା | ୧୩୮ |
| ଅମୃତ ମୁଁ ଅତିମାନସର | ଶିବନାରାୟଣ ଦାସ | ୧୩୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜୟ ଜଗନ୍ନାଥ | ଅର୍ଜୁନ ଦାସ | ୧୪୨ |
| ହେ କେଶବ | ଲୋପାମୁଦ୍ରା ପରିଡ଼ା | ୧୪୩ |
| କଥାକୁହା ଦିଅଁ | ଗୁପ୍ତେଶ୍ୱର ଚାନ୍ଦ | ୧୪୫ |
| ଗୁରୁ | ସୁଧାଂଶୁ ଶେଖର ପ୍ରଧାନ | ୧୪୭ |
| ଗୁରୁ ଗାଥା | ସୁଦର୍ଶନ ସାହୁ | ୧୪୮ |
| ଫେରିଛି ବସନ୍ତ | କୁମୁଦ ବନ୍ଧୁ ନାଏକ | ୧୫୦ |
| ପବିତ୍ର ବନ୍ଧନ | ରାମଚନ୍ଦ୍ର ପ୍ରଧାନ | ୧୫୩ |
| ପବିତ୍ର ବନ୍ଧନ | ନିକୁଞ୍ଜ କୁମାର ଘୋଷ | ୧୫୪ |
| ଅଜଣା ଝିଅ | ସରୋଜ କୁମାର ସାହୁ | ୧୫୫ |
| ସେ ଝିଅ | ବାପି ସେଟ୍ | ୧୫୬ |
| ଜଗତ କନ୍ୟା | ଅମୂଲ୍ୟ କୁମାର ପଣ୍ଡା | ୧୫୭ |
| ବାରାଙ୍ଗନା | ସରୋଜ କୁମାର ଜେନା | ୧୫୮ |
| ବେରଙ୍ଗ ଫଗୁଣ | ପ୍ରସନ୍ନ ପ୍ରଯ୍ନାସ ଭୁଏ | ୧୬୦ |
| ଫଗୁଣ | ରାଜେନ୍ଦ୍ର ବୋଡ଼କିଆ | ୧୬୧ |
| ମୁଁ ଦୁଃଖର ସାଥି | ଟୋନିସ୍ ରୋହିଦାସ୍ | ୧୬୨ |
| ସାଇତା ସମୟ | ମନୋରମା ସାହୁ | ୧୬୪ |
| ଯନ୍ତ୍ରଣା | ସିଦ୍ଧେଶ୍ୱର ତ୍ରିପାଠୀ | ୧୬୬ |
| କିଛି କଥା କିଛି ବ୍ୟଥା | ଧୀରେନ୍ଦ୍ର କୁମାର ପ୍ରଧାନ | ୧୬୭ |
| କହିବି କାହାକୁ ! | ଝରଣା ବାରିକ | ୧୬୮ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ଦୁଇଟି ହୃଦୟର ଗୋଟିଏ ମନ | ଲୋକେଶ୍ୱର ଦୋରା | ୧୭୦ |
| ବାପା | ପବିତ୍ର ସାହୁ | ୧୭୧ |
| କୃଷକଟିଏ ହେବି | ପୁଷ୍ପାଞ୍ଜଳୀ ପଣ୍ଡା | ୧୭୨ |
| ମୁଁ କୃଷକ | ଦୁଷ୍ମନ୍ତ ବେହେରା | ୧୭୪ |
| ଅଳକା ସାନ୍ୟାଲ | ଦୀପକ କୁମାର ପାତ୍ର | ୧୭୬ |
| ଅପେକ୍ଷା | ସାଗରିକା ସାହୁ | ୧୭୯ |
| କବି ଅଭିସାର | ନବୀନ ସାହୁ | ୧୮୦ |
| ବଡ଼ ସାନ | ନୂତନ କୁମାର ବେହେରା | ୧୮୨ |
| ଖରା | ହେମନ୍ତ ଦାଶ | ୧୮୪ |
| ଅଭିମାନୀ ନାଆ ଟି | ରାଧାମୋହନ ପୂଜାହାରୀ | ୧୮୬ |
| ନିଖୋଜ ଏକ ଜୀବନ ସୈନିକ | ଚିତ୍ତରଞ୍ଜନ ଦାଶ | ୧୮୮ |
| ମଣିଷ... | ଦମୟନ୍ତୀ ଜେନା | ୧୯୦ |
| ସ୍ମିତହାସ୍ୟ | ପ୍ରାଚୀପ୍ରଭା ନନ୍ଦ | ୧୯୧ |
| କନ୍ୟାଭ୍ରୃଣ ହତ୍ୟା | ସୁବାସିନୀ ପଧାନ | ୧୯୩ |
| ମୁଁ ବି ନାରୀ | ଯଶୋଦା ମାଝୀ | ୧୯୪ |
| ମନସ୍ୱିନୀ | ସରୋଜ ସାହୁ | ୧୯୫ |
| କାମନା | ସୁଶୀଲ କୁମାର ଭୋଇ | ୧୯୭ |
| ତୁମ ସ୍ମୃତି ତଲାସରେ | ରଶ୍ମୀରେଖା ମଲ୍ଲିକ | ୧୯୯ |
| ତା ପ୍ରେମ | ସୁଧାଂଶୁ ସେଠୀ | ୨୦୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଏଇତ ଜୀବନ | ରଞ୍ଜୀତ ଅରେବେଡ଼ିଆ | ୨୦୨ |
| ପୁଣି କେବେ | ତପନ କୁମାର ସାହୁ | ୨୦୩ |
| ସତ୍ୟର ସ୍ୱରୂପ | ବାସନ୍ତୀ ଲତା ଜେନା | ୨୦୫ |
| ସମ୍ପର୍କ | ମଞ୍ଜୁରାଣୀ ମିଶ୍ର | ୨୦୭ |
| ସିଦ୍ଧାନ୍ତ | ବିନୟ ମିଶ୍ର | ୨୦୯ |
| ଶିକ୍ଷକ | ଲକ୍ଷ୍ମୀ ନାରାୟଣ ରଥ | ୨୧୧ |
| ଦେଇଗଲ ମହାଶିକ୍ଷା | ମନୋରଞ୍ଜନ ସୁରୁଜାଳ | ୨୧୨ |
| ବିନମ୍ର | ନିରଞ୍ଜନ ସାହୁ | ୨୧୩ |
| ପ୍ରେମ ପ୍ରସ୍ତାବ | ଡଃ ରାକେଶ ରଞ୍ଜନ ମୁଣ୍ଡ | ୨୧୪ |
| ପ୍ରେମିକା ନାହିଁ, ମୁଁ ପ୍ରେମ କରୁଛି | ପଙ୍କଜ କୁମାର ମଙ୍ଗଳ | ୨୧୬ |
| ମନେ ରଖିବ ସାଧୁଜନେ | ବିଶ୍ୱନାଥ ସେଠୀ | ୨୧୮ |
| ଶରୀର ତତ୍ତ୍ୱ ଜ୍ଞାନ | ପ୍ରଦୀପ କୁମାର ଜିଳିକାରା | ୨୧୯ |
| ଅଫେରା ବାଟୋଇ | ଇଂ ସଞ୍ଜୟ କୁମାର ନାୟକ | ୨୨୧ |
| ପ୍ରେମ ତୁମେ କାହାର | କୌଶିକ ସାହୁ | ୨୨୩ |
| କାହିଁଗଲ ତୁମେ | ଡଃ ଆଭାଞ୍ଜଳୀ ଶତପଥୀ | ୨୨୪ |
| ପାପ | ଅନସୂୟା ପଣ୍ଡା | ୨୨୬ |
| ପଲ୍ଲୀମାଟିର ସ୍ୱର୍ | ମୋନାଲିସା ପାତ୍ର | ୨୨୮ |
| ଗୋପପୁରେ ହୋରିଖେଳ | ଅମରନାଥ ବାରିକ | ୨୨୯ |
| ହୋଲି | ସନାତନ ମହାକୁଡ଼ | ୨୩୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ସମ୍ବଲପୁରୀ ବିଭାଗ ୨୩୧

| | | |
|---|---|---|
| ଦରଦୀ ବନ୍ଧୁ | ବିଶ୍ୱନାଥ ଭୁଏ | ୨୩୨ |
| ନାଟକ୍ | ସତ୍ୟନାରାୟଣ ମିଶ୍ର | ୨୩୪ |
| ଡର୍ ସି କାଏଁ | ସତ୍ୟନାରାୟଣ ମିଶ୍ର | ୨୩୬ |
| ରସ୍ | ଅଚ୍ୟୁତାନନ୍ଦ ଭୁଏ | ୨୩୭ |
| ମନ୍ | ଯଶୋବନ୍ତ କୁମ୍ଭାର | ୨୩୮ |
| ଆଶ୍ | ମନୋରଞ୍ଜନ ସୁରୁଜାଳ | ୨୩୯ |
| ଆଶ୍ | ସନ୍ତୋଷ କୁମାର ଅଦାବର | ୨୪୧ |
| ଯିଏ ଜାଣା ବଲୁ | ସହଦେବ ଧରୁଆ | ୨୪୨ |
| ଶୀକାରୀ | ଦେବଦତ୍ତ ସନ୍ସ | ୨୪୪ |

## ପ୍ରବନ୍ଧ ବିଭାଗ ୨୪୬

| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୪୭ |
| ରୁକୁଣା ରଥଯାତ୍ରା | ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ | ୨୬୬ |
| ଭୋଗ ନୁହେଁ ତ୍ୟାଗ | ନିତ୍ୟରଞ୍ଜନ ନନ୍ଦ | ୨୬୮ |
| ପୁନଶ୍ଚ ମାଦଳା ପାଞ୍ଜି | ପ୍ରମୋଦ କୁମାର ପଣ୍ଡା | ୨୭୩ |
| ବିଷାକ୍ତ ବିଚାରଧାରା | ଇଂ ବିଦ୍ୟାଧର ପଣ୍ଡା | ୨୯୨ |
| ସାହିତ୍ୟ ଓ ସମାଜ | ବାସନ୍ତୀ ଲତା ଜେନା | ୨୯୭ |
| ଭାବଧାରା | ପଙ୍କଜ କୁମାର ପାଣିଗ୍ରାହୀ | ୨୯୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସମ୍ପ୍ରତି ସ୍ମରଣେ ଅତୀତ ରଞ୍ଜନ | କ୍ଷମାନିଧି ସାହୁ | ୩୦୫ |
| ଭୟ | ନିରାକାର ସାହୁ | ୩୧୦ |
| ଜୀବନର ମୌଳିକ ଆବଶ୍ୟକତା | ନୂତନ କୁମାର ବେହେରା | ୩୧୭ |
| ମତାମତ | ଶିବ ନାରାୟଣ ଦାଶ | ୩୨୧ |
| ବିଶେଷ ସୂଚନା | | ୩୨୩ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ପବିତ୍ର ଉତ୍କଳୀୟ ନବବର୍ଷ ଉପଲକ୍ଷେ ସମସ୍ତ ପାଠକ ପାଠିକା, ଲେଖକ ଲେଖିକା, ଉପଦେଷ୍ଟା ଏବଂ ଆହ୍ୱାନର ହିତାକାଂକ୍ଷୀ ସମେତ ସମସ୍ତ ଉତ୍କଳବାସୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

ଆଜି ପବିତ୍ର ମହା ବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ । ରାଜ୍ୟର ଅନେକ ସ୍ଥାନରେ ଆଜିର ଦିନରେ ବିଶାଳ ସମାବେଶମାନ ଆୟୋଜିତ ହେଉଥିବା ବେଳେ ଅନେକ ସ୍ଥାନରେ ପୂଜାପାର୍ବଣର ପରିବେଶ ବେଶ ଆମୋଦକର ହୋଇଥାଏ । ବିଗତ ବର୍ଷ (ଏବଂ ଚଳିତ ବର୍ଷ ମଧ୍ୟ) କରୋନା ମହାମାରୀର ପ୍ରାଦୁର୍ଭାବ ହେତୁ ଏହା ପାଳିତ ହୋଇ ପାରିନଥିଲା ଏବଂ ଚଳିତ ବର୍ଷ ମଧ୍ୟ ଏହା ପାଳିତ ହେବାଭଳି କୌଣସି ଲକ୍ଷଣ ଦେଖାଯାଉନାହିଁ । ପ୍ରତିବର୍ଷ ଇଂରାଜୀ ନବବର୍ଷ ବେଳକୁ ଯେଉଁଭଳି ଉତ୍ସାହ ଉଦ୍ଦୀପନା ସାଧାରଣରେ ଦେଖାଯାଏ, ଓଡ଼ିଆ ତଥା ହିନ୍ଦୁ ନବବର୍ଷ ବେଳେ ତାହା ପରିଲକ୍ଷିତ ହୁଏ ନାହିଁ ସତ କିନ୍ତୁ ଆମ ପାରମ୍ପରିକ ନବବର୍ଷ ପାଳନ ଯେ ବିଜ୍ଞାନ ସମ୍ମତ ଏବଂ ଏହା ଋତୁଚକ୍ରର ପରିବର୍ତ୍ତନ ଅନୁକୂଳ ସେଥିରେ ଦ୍ୱିମତ ନାହିଁ ।

ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲାର ଅଧିକାଂଶ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳ ମାନଙ୍କରେ ମଧ୍ୟ ଏହି ଦିନକୁ ପଣା ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତି ଭାବରେ ପାଳନ କରାଯାଏ । ଦୀର୍ଘ ଏକୋଇଶି ଦିନ ଧରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଳିତ ହୋଇ ଆସୁଥିବା ଦଣ୍ଡନାଚ ଏହି ଦିନରେ ସମାପନ ହୁଏ । ଏଥିପାଇଁ ବିଶେଷତଃ ଗ୍ରାମ ତଥା ସହରାଞ୍ଚଳରେ ଥିବା କାଳୀ ମନ୍ଦିର ମାନଙ୍କ ନିକଟରେ ବିଶାଳ ଜନସମାଗମ ଦେଖିବାକୁ ମିଳେ । ଏହି ସମୟରେ ଦଣ୍ଡନାଚରେ ଅଂଶ ଗ୍ରହଣ କରିଥିବା ଭକ୍ତାମାନଙ୍କ ମଧ୍ୟରୁ ମୁଖ୍ୟ ଭକ୍ତାଙ୍କୁ ନିଆଁ ଉପରେ ଓଲଟା ଝୁଲାଇ ଦିଆଯାଇ ଦଣ୍ଡ ପ୍ରଦର୍ଶନ କରାଯାଏ । ଏହା ଦେଖିଲେ ଲୋମ ଟାଙ୍କୁରି ଉଠେ । ଏହିଭଳି ଦାର୍ଢ୍ୟତା ଭକ୍ତିର ନିଦର୍ଶନ ବିଶ୍ୱର ଅନ୍ୟ କୌଣସି ଧର୍ମ ବା ପନ୍ଥାରେ ବିରଳ । ଦୀର୍ଘଦିନ ଧରି ପ୍ରତିଦିନ ଟାଣ ଖରାରେ ଧୁଳିଦଣ୍ଡ, ପାଣି ଦଣ୍ଡ, ଅଗ୍ନିଦଣ୍ଡ ଆଦି ପାଳନ କରି ନିଷ୍ଠାର ସହ ଭକ୍ତାମାନେ ନିଜର ଭକ୍ତିର ପରାକାଷ୍ଠା ନିଦର୍ଶନ କରି ଥାଆନ୍ତି । ଚଳିତ ବର୍ଷ ଏହି ଦଣ୍ଡନାଚ ପାଇଁ ଅନୁମତି ମିଳିଥିଲେ ସୁଦ୍ଧା ଏହାର ଅନନ୍ୟ ଆକର୍ଷଣ ରାତିରେ ହେଉଥିବା ନାଟକ ଆଦି ପାଇଁ ଅନୁମତି ମିଳିନଥିଲା । ତଥାପି ପ୍ରାୟତଃ ଶତାଧିକ ଦଣ୍ଡୁଆଙ୍କ ଦଳ ଗଞ୍ଜାମର ପୁରପଲ୍ଲୀରେ ବୁଲି ବୁଲି ଦଣ୍ଡ ପ୍ରଦର୍ଶନ କରିଥିଲେ ।

ଚଳିତ ବର୍ଷ ଗଞ୍ଜାମର ପ୍ରସିଦ୍ଧ, ବ୍ରହ୍ମପୁରର ମା ବୁଢ଼ୀ ସାଆନ୍ତାଣୀଙ୍କ ଠାକୁରାଣୀ ଯାତ୍ରାର ବର୍ଷ ଥିଲା । ପ୍ରତି ଦୁଇବର୍ଷରେ ଆୟୋଜିତ ହେଉଥିବା ଏହି ଯାତ୍ରା କରୋନା ପାଇଁ ଚଳିତ ବର୍ଷ ମାତ୍ର ସାତଦିନର ଅନୁମତି ପାଇଥିଲା । ବହୁ ବିଚାରବିମର୍ଷ ପରେ ଯାତ୍ରା ଆୟୋଜନ ହୋଇଥିଲା । ଦୁର୍ଭାଗ୍ୟର ବିଷୟ, ଯାତ୍ରା ଆରମ୍ଭ ହେବାର ମାତ୍ର ଦୁଇ ଦିନ ପରେ ଏହି ଯାତ୍ରାରେ ମାଆଙ୍କ ପାଇଁ ନିର୍ମିତ ଅସ୍ଥାୟୀ ମନ୍ଦିରରେ ପୂଜକ ଭାବରେ ନିୟୋଜିତ ଦୁଇଜଣ ପୂଜାରୀଙ୍କୁ କରୋନା ହୋଇଥିବା ଜଣାଯିବା ପରେ ସମ୍ପୂର୍ଣ୍ଣ ଯାତ୍ରାକୁ ବନ୍ଦ କରିଦିଆଯାଇଛି ଏବଂ ଏହାର ସମସ୍ତ ବିବରଣୀ କେବଳ ଟିଭି ଏବଂ ଅନେକ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ହେଉଛି, କିନ୍ତୁ ପ୍ରତି ବର୍ଷ ଠାକୁରାଣୀ ଯାତ୍ରା, ବ୍ରହ୍ମପୁର ବାସୀଙ୍କ ପାଇଁ ଅନେକ ଆନନ୍ଦ ଉଲ୍ଲାସର ପର୍ବ ଭାବରେ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ଏହା ସହରବାସୀଙ୍କ ମନରେ ନିରାଶା ସୃଷ୍ଟି କରିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଗତ ଏକ ମାସ ଅବଧିରେ ଭାରତରେ କରୋନା ଜନିତ ସଂକ୍ରମଣ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ, ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି । ଧିରେ ଧିରେ ସମସ୍ତ ଜିଲ୍ଲାରେ କରୋନା ପ୍ରଭାବିତଙ୍କ ସଂଖ୍ୟା ପୁଣିଥରେ ଦୁଇରୁ ତିନି ଅଙ୍କରେ ବୃଦ୍ଧି ପାଇବାକୁ ଲାଗିଲାଣି । ବିଶେଷଜ୍ଞଙ୍କ ମତରେ ଏହା କରୋନାର ପ୍ରାକୃତିକ ସଂକ୍ରମଣ ଚକ୍ରର ଦ୍ୱିତୀୟ ଚକ୍ର ଯାହା ବିଶ୍ୱର ଅନେକ ଦେଶରେ ଅନୁଭୂତ ହୋଇ ସାରିଛି, କିନ୍ତୁ ଭାରତରେ ଏହା ବିଳମ୍ବରେ ହେଲେ ସୁଦ୍ଧା ଏହାର ପ୍ରଭାବ ବର୍ତ୍ତମାନ ଦେଖାଇବାକୁ ଲାଗିଛି ।

କରୋନାରୁ ସୁରକ୍ଷା ପାଇଁ ଦିଆଯାଉଥିବା ଟୀକା ମିଳିବା ପରେ ସାମାନ୍ୟ ଆଶ୍ୱସ୍ତ ମନେ କରୁଥିବା ବେଳେ ଏହା ବିପରୀତ ଅନେକ ଖବର ଜନମାନସକୁ ଅସ୍ତବ୍ୟସ୍ତ କରି ଦେଇଛି । ବିଭିନ୍ନ ଗଣମାଧ୍ୟମରେ ଭ୍ରମାତ୍ମକ ଏବଂ ମିଥ୍ୟା ଖବର ପ୍ରସାରଣ କରାଯାଇ ଭୟ ସୃଷ୍ଟି କରାଯାଉଛି । ଟୀକା ନେବାପରେ କରୋନା ହେଉଛି ବୋଲି ଏକ ଖବର ବିଗତ ଦିନରେ ଖୁବ୍ ପ୍ରସାରିତ ହୋଇଥିଲା । ଏଥିପାଇଁ ଟୀକା ନେବାପାଇଁ ଅନେକ ବ୍ୟକ୍ତି ମନ ଉଣା କରିବା ଦେଖାଯାଇଥିଲା । ବ୍ୟକ୍ତିଗତ ଭାବରେ ଅନେକ ବ୍ୟକ୍ତି ଆମ ସହ ଯୋଗାଯୋଗ କରି ଏହାର ସମ୍ପୂର୍ଣ୍ଣ ବିବରଣୀ ବୁଝିଥିଲେ । ମନେ ରଖନ୍ତୁ, ଯେକୌଣସି ରୋଗ ପାଇଁ ଦିଆଯାଉଥିବା ଟୀକା ବସ୍ତୁତଃ ସେଇ ରୋଗର କାରକକୁ ହିଁ ଆପଣଙ୍କ ଶରୀରରେ ପ୍ରବେଶ କରାଇ ଦିଆଯାଇଥାଏ । ଏହାଫଳରେ ଆପଣଙ୍କ ଶରୀର ପ୍ରାକୃତିକ ସୁରକ୍ଷା ପ୍ରଣାଳୀକୁ ସୁଦୃଢ଼ କରିଦେଇ ଟୀକା ଜନିତ ସଂକ୍ରମଣ (ଯାହା ଆଦୌ ଭୟଙ୍କର ବା କ୍ଷତିକର ନୁହେଁ) କୁ ପ୍ରତିହତ କରିଦେବା ଫଳରେ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହୋଇଥାଏ । କିନ୍ତୁ ଏହି ପ୍ରକ୍ରିୟାରେ ଟୀକା ନେଇଥିବା ବ୍ୟକ୍ତିଙ୍କ ଶରୀରରେ ସାମାନ୍ୟ ବ୍ୟଥା ଏବଂ ଜ୍ୱର ସମେତ, ମୁହଁ ବୁଲାଇବା, ବାନ୍ତି ଲାଗିବା, ଦୁର୍ବଳ ଅନୁଭବ ହେବା, ଗୋଡ଼ହାତ ଅବଶ ଲାଗିବା ଭଳି କିଛି କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ପାରେ । ଏଥିପାଇଁ ଆପଣ ପ୍ରାଥମିକ ଚିକିତ୍ସା ନିମନ୍ତେ ପରାମର୍ଶ କରି ପାରିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟୀକା ନିଶ୍ଚୟ ନିଅନ୍ତୁ । ଭାରତ ସରକାର ଏବଂ ବିଶେଷତଃ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏଥିପ୍ରତି ଲୋକଙ୍କୁ ସଚେତନ କରିବା ହେତୁ ଟିକାଦାନ ଉତ୍ସବ ଭଳି କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ରାଜ୍ୟ ମାନଙ୍କୁ ନିବେଦନ କରିଥିଲେ । ଏହାଦ୍ୱାରା ଲୋକଙ୍କୁ ଅଧିକରୁ ଅଧିକ ଏଥିରେ ସଂପୃକ୍ତ କରିହେବ ଏବଂ ଏହାର ସୁଫଳ ବିଶାଳ ସ୍ତରରେ ଆମ ସମାଜକୁ ମିଳିପାରିବ ।

ଯେଉଁ ସବୁ ଖବର ଆପଣ ହ୍ୱାଟ୍ସଆପ୍, ଫେସବୁକ୍ କିମ୍ବା ଅନ୍ୟ ମାଧ୍ୟମ ଦ୍ୱାରା ପାଉଛନ୍ତି ଯେ ଟୀକା ନେବାପରେ କେହି ମୃତ୍ୟୁବରଣ କରିଲେ, କିମ୍ବା ଟୀକା ନେଇ କରୋନା ହୋଇଗଲା ଇତ୍ୟାଦି ଉପରେ ଆଦୌ ବିଶ୍ୱାସ କରନ୍ତୁ ନାହିଁ । କାରଣ ବର୍ତ୍ତମାନ ସୁଦ୍ଧା ସାଢ଼େ ତିନିକୋଟିରୁ ଅଧିକ ଲୋକଙ୍କୁ ଟିକା ଦିଆଯାଇଛି ଏବଂ ଯଦି ସତରେ ଏଥିରେ ଏତେ କ୍ଷତି ହେଉଥାନ୍ତା ତା ହେଲେ ଏହାକୁ ଏତେ ବିଶାଳ ସ୍ତରରେ କାର୍ଯ୍ୟକ୍ଷମ କରାଯାଇ ନଥାନ୍ତା କିମ୍ବା ବିଶ୍ୱର ଅନେକ ଦେଶ ଏହି ଟୀକାକୁ ଗ୍ରହଣ କରିବାକୁ ଆଗଭର ହୋଇନଥାନ୍ତେ ।

ଭାରତର ଅନେକ ରାଜ୍ୟରେ କରୋନାର ପ୍ରଭାବ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିବା ବେଳେ ପଶ୍ଚିମବଙ୍ଗରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି । ଅନେକ ସୋପାନରେ ଏଠାରେ ନିର୍ବାଚନ ହେଉଥିବା ହେତୁ ରାଜ୍ୟରେ ବିଗତ ଅନେକ ମାସରୁ ଏଥିପାଇଁ ରାଜନୈତିକ ଛକାପଞ୍ଝା ଲାଗି ରହିଛି । ଆଶ୍ଚର୍ଯ୍ୟର କଥା, କରୋନାର ପ୍ରକୋପ ଏହି ରାଜ୍ୟରେ ଦେଖିବାକୁ ମିଳୁନାହିଁ । ଅଧିକାଂଶ ରାଜନୈତିକ ରାଲି ଏବଂ ସଭାରେ ଲକ୍ଷାଧିକ ଲୋକ ସମାଗମ ହେଉଥିଲେ ସୁଦ୍ଧା କାହାକୁ କରୋନା ନ ହେବା ଆଶ୍ଚର୍ଯ୍ୟର ବିଷୟ ଏବଂ ଏହାକୁ ବ୍ୟଙ୍ଗାତ୍ମକ ଶୈଳୀରେ ଏବେ ଉପସ୍ଥାପନ ବି କରାଯିବାର ଦେଖାଗଲାଣି । କିଛି କିଛି ସ୍ଥଳରେ ଲୋକମାନେ ବିଭିନ୍ନ ମାଧ୍ୟମରେ ଜଣାଇବାକୁ ପଛାଉନାହାନ୍ତି ଯେ କରୋନା କେବଳ ନିର୍ବାଚନକୁ ଡରେ ଏବଂ କେହି କେହି କହନ୍ତି ଯେ ଯେହେତୁ କରୋନାକୁ ଅଠର ବର୍ଷ ହୋଇନାହିଁ ତେଣୁ ସେ ନିର୍ବାଚନୀ ସଭାରେ ପ୍ରବେଶ କରୁନାହିଁ, ଇତ୍ୟାଦି । ସେ ଯା ହେଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମେ କିନ୍ତୁ ସାବଧାନ ରହିବା ନିତାନ୍ତ ଜରୁରୀ ।

ଭଗବାନ କରନ୍ତୁ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟ ସୁସ୍ଥ ରହନ୍ତୁ । ମାସ୍କ ବ୍ୟବହାର ଅବଶ୍ୟ କରନ୍ତୁ । ଅତି ଜରୁରୀ ନ ହେଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ । ବିଶେଷତଃ ଭିଡ଼ ବା ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ । କୌଣସି ପ୍ରକାରର ଲକ୍ଷଣ ଦେଖାଗଲେ କିମ୍ବା କରୋନା ସଂକ୍ରମଣର ସନ୍ଦେହ ହେଲେ ତୁରନ୍ତ ଡାକ୍ତରୀ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ ।

ଆଶା କରୁଛି ଚଳିତ ସଂସ୍କରଣର ଆହ୍ୱାନ ଉ-ପତ୍ରିକା ଆପଣଙ୍କୁ ଭଲ ଲାଗିବ । ଅନେକ ବନ୍ଧୁ ଆମକୁ ମତାମତ ଦେଉଛନ୍ତି ଯେ ଆହ୍ୱାନ ଇ-ପତ୍ରିକାରେ ଅଧିକ ସଂଖ୍ୟାରେ କବିତା ପ୍ରକାଶିତ ହେଉଥିବା ହେତୁ ଏ ସବୁର ମାନ ସଠିକ୍ ରହୁନାହିଁ, ଏବଂ ଏହା ଆମେ ମଧ୍ୟ ଲକ୍ଷ୍ୟ କରୁଛୁ, ତେଣୁ ଆମେ ନିଶ୍ଚିତ କରିଛୁ ଯେ ଆଗାମୀ ସମୟରେ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ହେଉଥିବା କବିତା ମାନଙ୍କ ସଂଖ୍ୟାରେ ବହୁତ କାଟ କରାଯିବ । କିନ୍ତୁ ଯେଉଁ ସବୁ ବନ୍ଧୁ କବିତା ପଠାଉଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କେବଳ କବିତା ନିମନ୍ତେ ଆହ୍ୱାନ ଇ-ପତ୍ରିକାର ଏକ ବିଶେଷ ଫର୍ଦ୍ଦ ପ୍ରତି ମାସରେ ପ୍ରକାଶିତ ହେବ ଏବଂ ସେଥିରେ କେବଳ କବିତା ହିଁ ସ୍ଥାନ ପାଇବ, ଏହା ସହିତ ଏହି ସବୁ କବିତାକୁ ଆମ ୱେବ୍‌ସାଇଟରେ ମଧ୍ୟ ସ୍ଥାନ ମିଳିବ । ଆଶା କରୁଛି ଆମର ଏହି ନୂତନ ନିଷ୍ପତ୍ତି ଆପଣ ସ୍ୱାଗତ କରିବେ । ଯଦି ଆପଣଙ୍କର କୌଣସି ମତାମତ ଥାଏ ତା ହେଲେ ନିଶ୍ଚୟ ଜଣାନ୍ତୁ ।

ଗ୍ରୀଷ୍ମ ସମୟର ସବୁଠାରୁ ସୁଶୀତଳ ପର୍ବ, ପଣା ସଂକ୍ରାନ୍ତି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଆପଣଙ୍କୁ ଭେଟି ଦେଉଛି ଅପ୍ରେଲ ୨୦୨୧ର ଆହ୍ୱାନ ଇ-ପତ୍ରିକା । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୮

ତଥାପି ଏତେ ବଡ଼ ଓସ୍ତାଦକୁ ତଥାପି ବାଘ ଧରିନେଲା । ପାଖ ଲୋକଗୁଡାକ ପାଟି କରିବା ଆଗରୁ ବିଧାନର ବେକଧରି ବାଘ ଜଙ୍ଗଲକୁ ତା'କୁ ଘୋଷାରିନେଲା । ସେ ଖାଲି ଛାଟିପିଟି ହେଉଥିଲା ସିନା ପାଟି କରି ପାରିଲା ନାହିଁ । ଏତେ ବଡ଼ ଲୋକ । ଶିଳପୁଆ ଭଳି ହାତ । ବାଘ ଏମିତି କାଇଦାରେ ବେକ ଧରିଥିଲା ଯେ ସେ ହାତରେ ବାଘକୁ ଅଟକାଇବାକୁ ଶକ୍ତି ପାଇଲାନି । ଏତିକି ଖବର ଗାଁରେ ।

"ସେଦିନ କିଛି ଅଶୁଭ ଘଟିଛି । ବିଧାନ ଜାଣିପାରିଲା ନାହିଁ । ଘରୁ ଅବେଳାରେ ବାହାରିଗଲା ।" – ଜଣେ ବୁଢା କହୁଥିଲେ । ତାଙ୍କର ଦେହ ବାଙ୍କି ଯାଇଥିଲା । ଧୋତି ପିନ୍ଧିଛନ୍ତି । କଳାଦେହଟା ଶିଥିଳ ପଡି ଆସିଲାଣି ।

"କିଛି ଅଘଟଣ ଗଲାବେଳେ ନିଶ୍ଚିତ ଭାବରେ ଘଟିଛି ।"- ଆଉ ଜଣେ ପ୍ରାୟ ବୁଢା ଲୋକ କହୁଥିଲେ ।

"ନହେଲେ ବିଧାନ ଭଳିଆ ସତର୍କ ଲୋକକୁ ବାଘ ଧରିନଥାନ୍ତା ! ସେ ବାଘକୁ, କୁମ୍ଭୀରକୁ ଖାତିର କରେନା । ସେମାନଙ୍କ ରୂପରଙ୍ଗ ତା'ର ନଖରେ । କିଛି ଘଟିଛି ?"- ପ୍ରଥମ ବୁଢା କହୁଥିଲେ ।

"କିଛି ମନ ପଡୁଛି ?"- ଦ୍ୱିତୀୟ ବୁଢା ପାଖରେ ଠିଆ ହୋଇଥିବା



ଅଶୋକ ବିଶ୍ୱାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ଭେଣ୍ଡାକୁ ପଚାରିଲେ । ଗଜା ଟୋକାଟା । ଦଳ ସାଙ୍ଗରେ ଯାଇଥିଲା । ବିଧାନକୁ ବାଘ ଟାଣିନେଲା ବେଳକୁ ସିଏ ଡଙ୍ଗା ପାଖରେ ଠିଆ ହୋଇଥିଲା । ତା'ର ପାଟି ଖନି ମାରି ଯାଉଥିଲା । ଏପର୍ଯ୍ୟନ୍ତ ସବୁ ଘଟଣାଟା ତା'ର ମନେ ପଡୁଥିଲା । ସବୁ ଯେମିତି ଆଉଥରେ ଘଟୁଛି ।

"କଣ ହେଲା ମନେ ପକା ।"- ଦ୍ୱିତୀୟ ବୁଢା ଆଉଥରେ ପଚାରିଲେ । ତା'କୁ ତାଗିଦ କରିଲା ଭଳିଆ ଜୋରରେ ପଚାରୁଥିଲେ ।

ଟୋକାଟା ମୁଣ୍ଡ ହଲାଇଲା । କିଛି ମୁଣ୍ଡରେ ପଶୁନି। ବିଧାନର ମଲା ସମୟରୁ ତା'ର ମୁଣ୍ଡଟା ଯେମିତି ଖାଲି ହୋଇଯାଇଥିଲା । କିଛି ଭିତରକୁ ଯାଉ ନଥିଲା । କଣ ସତରେ ଘଟିଗଲା ? ସେ ଆଗକୁ ଅନାଇଲା । ସବୁଗୁଡା ଯେମିତି ଝାପସା ହୋଇଯାଇଥିଲା । ଯୁଆଡେ ଦେଖ ସେଆଡୁ ବିଧାନ ଯେମିତି ଉଙ୍କି ମାରୁଥିଲା । କଣଟା ଭୁଲ ହେଲା ? ସେ ଖାଲି ମୁଣ୍ଡ ହଲାଉଥିଲା ।

"ପଛରୁ କିଏ ଡାକିଛି ନହେଲେ ଭୂଆଁ ବିଲେଇ ଆଗ କାଟି ଯାଇଛି ।"

"ସକାଳୁ ସକାଳୁ ଯାଇଛି । ମୁହଁ ଜାଲୁଜାଲୁ ଅନ୍ଧାରରେ ଜାଣିପାରି ନଥିବ ।"

"ବନବିବିଙ୍କୁ ଭଲକରି ପୂଜା କରି ନଥିବ ।"

ଟୋକାଟା ମୁଣ୍ଡ ହଲାଇଲା । ତା'ର ଜାଣିବାରେ ବନବିବି ପୂଜାରେ କିଛି ଭୁଲ ହୋଇନି । ସମସ୍ତେ ମୁଣ୍ଡ ଲଗାଇ ପ୍ରଣାମ କରିଛନ୍ତି । ମା'ଙ୍କର ଆର୍ଶୀବାଦ ନେଇଛନ୍ତି । ତାହେଲେ ଭୁଲଟା କେଉଁଠି ହେଲା ? ଅଶୁଭ କେଉଁଠି ଘଟିଲା ?

"ରେବତୀଟା ସ୍ୱାମୀ ଖେଗୋ । ଜିଅନ୍ତା ସ୍ୱାମୀକୁ ଖାଇଗଲା । ଅଲକ୍ଷଣୀ ସ୍ତ୍ରୀଟା । ମୁଁ ଆଗରୁ ପରା ଜାଣେ ।"- ପ୍ରଥମ ବୁଢା କହିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"ଆଉ ନୁହେଁ ତ କଣ । ମୋତେ ରେବତୀକୁ ଦେଖିଲେ କେମିତି କେମିତି ଲାଗେ । ସୂନ୍ଥାରେ ସିନ୍ଦୂର ସବୁବେଳେ ନେସି ହୋଇଯାଉଥିବ । ଭଗବାନ ଶାସ୍ତିଦେଲେ । ସିନ୍ଦୂର ଏକାବେଳେ ପୋଛି ନେଇଗଲେ । ଏତେ ଭଲ ଲୋକଟାକୁ ବାଘ ଖାଇଗଲା ।"- ଆଉ ବୁଢା କହିଲା ।

ସେପଟୁ ଖୁବ ଜୋରରେ କାନ୍ଦ ବୋବାଳି ଶୁଣାଗଲା । ବିଧାନର ସମ୍ବନ୍ଧୀମାନେ ଜଣଙ୍କ ପରେ ଜଣେ ପହଁଚୁଛନ୍ତି । ଘରେ ନୁଖୁରା ରେବତୀକୁ ଦେଖି କାହାର ଆହୁରି ଲୁହ ରହୁନି । ଘର ଦେଖୁ ଦେଖୁ ସେମାନେ ବଡ଼ ପାଟିରେ କାନ୍ଦୁଛନ୍ତି । ଗାଁ ଦାଣ୍ଡଟା କାନ୍ଦ ବୋବାଳିରେ ଫାଟିପଡୁଛି । ଟୋକାଟାର ଶୁଖିଲା ଆଖିରୁ ଲୁହ ତଥାପି ଝରି ପଡିଲା । କେଉଁଠି ଟୋପାଏ ଲୁହ ତଥାପି ଲୁଚି ରହିଥିଲା । ସେ ବିଧାନକୁ ବାପ ସମାନ ମାନେ ।

ବିଧାନ ସତରେ ମରିଯାଇଛି ବୋଲି ରେବତୀ ମୋଟେ ବିଶ୍ୱାସ କରୁ ନଥିଲା । ବିଧାନ ଏତେ ଶକ୍ତିଶାଳୀ ମରଦ । ତା' ଦେହରେ ହାତୀଭଳି ବଳ । ସାମାନ୍ୟ ବାଘଟା ପୁଣି ତାଙ୍କୁ ମାରି ପାରିଥିବ ବୋଲି ସେ ବିଶ୍ୱାସ କରୁନଥିଲା । ମନରେ ଆଶାଥିଲା ବିଧାନ ବାଘ ହାତରୁ ଖସିଯାଇଥିବ । ଗଛ ଚଢି ନିଜକୁ ବଞ୍ଚେଇଥିବ । ଭଗବାନ ବଡଲୋକ । ଜଙ୍ଗଲରେ ବନବିବି ଅଛନ୍ତି । ଦୁଃଖେ ଭଳିଆ ନିରାଶ୍ରୟକୁ ବାଘ ଦାଉରୁ ରକ୍ଷା କରିଥିଲେ । ସେ ଏତେ ବନବିବିଙ୍କ ପୂଜାକରେ । କେଉଁଠି କିଛି କମ କରେନି । ନିଜ ପଣତ ଆଢୁଆଳରେ ନିଶ୍ଚିତ ଭାବରେ ବିଧାନକୁ ଘୋଡେଇ ରଖିଥିବେ । ଗାଁରୁ ଦଳେ ଟୋକା ଖୋଜିବାକୁ ଯାଇଛନ୍ତି । ସେମାନେ ଖୋଜିବେ । ନିଶ୍ଚିତଭାବେ ବିଧାନକୁ ପାଇବେ ।

ତେଣୁ ସେ କାନ୍ଦୁ ନଥିଲା । ସମସ୍ତଙ୍କୁ ବୋଧ ଦେଉଥିଲା । ତା'ର ଆଖିରେ ଲୁହ ନଥିଲା, ଯେମିତି କିଛି ହୋଇନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼ ଡଙ୍ଗାଟା ଏଇ ଭିତରେ ଫେରି ଆସିଲା । ଦଳେ ଲୋକଧିରେ ଚାଲି ଆସୁଥିଲେ । କେହି ବେଶି କଥା କରୁ ନଥିଲେ ।

କଣ ହେଲା ? କଣ ହେଲା ? କହି ରେବତୀ ଦାଣ୍ଡକୁ ଦୌଡିଗଲା ।

"ଶବ ମିଳିଲାନି ।" – କେହି ଜଣେ ଧୀର ସ୍ୱରରେ କହୁଥିଲା ।

ଆଉ ଜଣେ ଏକ ରକ୍ତଭିଜା ଛିଣ୍ଡା ଗେଂଜିକୁ ଉପରକୁ ଉଠାଇଦେଲା । ବିଧାନର ଗେଞ୍ଜି । ରକ୍ତରେ ଭିଜିଯାଇଛି । ଅନେକ ଯାଗାରେ ଛିଣ୍ଡିଯାଇଛି । ମଝିରୁ ଫାଳ ହୋଇଯାଇଛି ।

ରେବତୀ ଏକଧ୍ୟାନରେ ସେ ଛିଣ୍ଡା ଗେଂଜିକୁ ଅନାଇଲା । ସେ ବିଧାନପାଇଁ ଏ ଗେଂଜି ମେଳାରୁ କିଣିଥିଲା । ସେଦିନ ମେଳାରେ ସେମାନେ କେତେ ଖୁସିରେ ବୁଲୁଥିଲେ । ବିଧାନର ହସ ହସ ମୁହଁ ତା ଆଗରେ ଭାସିଗଲା । ତାପରେ ଏକ ବିଶାଳ ବାଘର ମୁହଁ ପବନରେ ଭାସିଆସିଲା । ବିଧାନର କରୁଣ ଚିତ୍କାର ତା'କୁ ଶୁଣାଗଲା । କାନଟା ହଠାତ୍ ତାବଦା ହୋଇଗଲା । ରେବତୀର ମୁହଁରୁ ପଦେ କଥା ବାହାରିଲା ନାହିଁ । ସେ ସେମିତି ଠିଆ ଠିଆ କଚାଡି ହୋଇପଡିଲା । ତା'ର ଚେତା ବୁଡିଯାଇଥିଲା ।

ପାଓଲି ଏ ଭିତରେ ଗାଁରେ ପହଞ୍ଚି ଯାଇଥିଲେ । ତାଙ୍କୁ ଦେଖି ଲୋକେ ବାଟ ଛାଡିଦେଲେ । ସେ ରେବତୀକୁ ଭଲ ଭାବରେ ଜାଣନ୍ତି । ଏ ଅବସ୍ଥାରେ ତାଙ୍କର କିଛି କରିବାର ନଥିଲା । ଖାଲି ସାନ୍ତ୍ୱନା ଛଡା ଆଉ କିଛି ଦେବାକୁ ନଥିଲା । ରେବତୀ ସେତେବେଳକୁ ଅଚେତ ଅବସ୍ଥାରେ । ଜଣେ ସ୍ତ୍ରୀଲୋକ ରେବତୀକୁ କୁଣ୍ଢାଇଧରି ବସିଥିଲେ । ରେବତୀର ଚେତା ଫେରୁ ନଥିଲା । ସେ ତା ମୁହଁରେ ପାଣି ଛାଟୁଥିଲେ । ପାଓଲିଙ୍କ ଆଖିରେ ଲୁହ ଜକେଇ ଆସିଲା । ସେ ରେବତୀର ମୁଣ୍ଡରେ ହାତ ବୁଲାଇଦେଲେ । ନୁଖୁରା ବାଳ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କ ହାତ ଥରୁଥିଲା ।

ରେବତୀର ଦୁଇ ପୁଅକୁ ମାଉସୀ କୋଳେଇ ନେଇଥିଲା । ପାଓଲିଙ୍କ ମୁହଁରୁ ଶବ୍ଦ ବାହାରିଲା ନାହିଁ ।

ପାଓଲି କଲିକତା ଫେରିଗଲେ । ସବୁବେଳେ ତାଙ୍କର ରେବତୀ କଥା ମନେପଡେ । ଯାହାହେଉ ସାଙ୍ଗରେ ବୁଲୁଥିଲା । ଭାରି ଖୁସିବାସିଆ ମହିଳାଟିଏ । ସବୁ କଥାକୁ ଆଗୁଆ । ମନାକଲେ ବି ତାଙ୍କ ହାତରୁ ବ୍ୟାଗକୁ ପ୍ରଥମେ ଧରିଦିଏ । ନିଜ ଘରକୁ ଡାକିନେଇ ଚାହା ପ୍ରଥମେ ଦିଏ । ଗାଁକୁ ଗଲେ ରେବତୀ ନହେଲେ ତାଙ୍କ ଗବେଷଣା କାମ ଆଗେଇବାଟା କଷ୍ଟ ହେବ । ସେ ସୁନ୍ଦରବନର ଗାଁମାନଙ୍କରେ ଥିବା ବିଧବା ମହିଳାମାନଙ୍କ କଥା ବେଳେବେଳେ ଭାବନ୍ତି । ଅନେକ କଷ୍ଟରେ ଥିବ ରେବତୀ । ସେ ମନେମନେ ତା'କୁ ବିଧବାର ଦୁଃଖ ଭିତରୁ କାମରେ ବାହାର କରିନେବାପାଇଁ ଭାବୁଥିଲେ । ସେଇ ଯାଗାମାନଙ୍କରେ ରହି ରେବତୀ ପେଶି ହୋଇଯାଇଥିବ । ତା ସହ କଥାହେଲେ ତା ପାଇଁ ହୁଏତ କିଛି କରିହେବ । ଗାଁକୁ ଗଲେ ଅତିକମରେ ତା' ସହ କଥାହେଲେ ତା'ର ଦୁଃଖ ଟିକିଏ ଲାଘବ ହେବ । ଏକ ଦୁଃଖୀର କଥା କେହିତ ଶୁଣିବ । ଗାଁରେ ସେତିକି ତ ହେଉ ନଥିବ ।

ପାଓଲି ଆଉ ଥରେ ସେ ଗାଁକୁ ଆସିଲେ । ଏ ଭିତରେ ବେଶ କିଛିଦିନ ବିତି ଯାଇଛି । ବିଧାନର ଶୁଦ୍ଧକ୍ରିୟା କେବେଠୁ ସରିଗଲାଣି । ପାଉଲି ରେବତୀକୁ ଦେଖିବାକୁ ଆସିଥିଲେ । ଗାଁରେ ବିଧବାର ବଞ୍ଚିବା ନ ବଞ୍ଚିବା ସହ ସମାନ । ସେ ଜଣେ ଗବେଷିକା । କି ଦୁଃଖ, କି ସୁଖ ତାଙ୍କୁ ସବୁ ଦେଖି ଲେଖି ନେବାକୁ ହେବା । ରେବତୀ ପାଖରେ ଠିଆହେଲାବେଳକୁ ତାଙ୍କୁ ମାଡି ପଡୁଥିଲା । ଏହି ରେବତୀକୁ ସେ ସଧବା ଭାବରେ ଦେଖିଛନ୍ତି । ଆଜି ବିନା ଶଂଖା, ବିନା ସିନ୍ଦୂର ଆଉ ଧଳା ଶାଢୀରେ ଦେଖି ତାଙ୍କ ଆଖିରେ ଲୁହ ଜକେଇ ଆସୁଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ନିଜକୁ ସମ୍ଭାଳି ନେଲେ । ରେବତୀର ଭାବନା, ତା'ର ଯନ୍ତ୍ରଣା ଜାଣିଲେ ବାଘ ଆକ୍ରମଣ ସହ ଲାଗି ରହିଥିବା ଅନ୍ଧବିଶ୍ୱାସ ଉପରେ ଜାଣିହେବ । ରେବତୀ ତାଙ୍କ ସହ ଖୋଲିକରି କଥା ହୋଇପାରିବ ।

ରେବତୀ ପାଓଲିଙ୍କୁ ଅନାଇଲା । ମୁହଁଟା ଶୁଖି ଟାକୁଆ ହୋଇଯାଇଛି । ଏ କେଇଦିନରେ ରେବତୀ ଶୁଖି କଣ୍ଟା ହୋଇଗଲାଣି । ଛୁଆ ଦୁଇଟାଙ୍କ ମୁହଁ ଦେଖି ଦିନ ବିତାଇବାକୁ ପଡିବ । ଆଖିରେ ଆଉ ଲୁହ ନାହିଁ । ବିଧାନକୁ ବାଘ ନେଇଯାଇଛି ଏ ବିଶ୍ୱାସ କରିହେଉନାହିଁ । ସବୁଆଡେ ବିଧାନ ବିଧାନ ଦେଖାଯାଉଛି । ସବୁ କଥାରେ ସେ ଝୁଣ୍ଟୁଛି । ସବୁବେଳେ ବିଧାନକୁ ଝୁରୁଛି । ତା ଉପରେ ଯେମିତି ବାତ୍ୟା ବୋହିଯାଇଛି । ତା'ର ଛପର ଘର ଭାଙ୍ଗି ଛିନ୍ନଛତ୍ର ହୋଇଗଲା । ଆଇଲା ବାତ୍ୟାରେ ଦୁହେଁ ମିଶି ଘର ସମ୍ଭାଳି ଥିଲେ । ଏବେ ଏକାକୀ ସବୁ କରିବାକୁ ପଡିବ । ତା'କୁ ସବୁ କଥାରେ ମାଡି ପଡୁଛି । ତା' ପାଇଁ ଯେମିତି ସବୁ ଦୁର୍ଭାଗ୍ୟ ମାଡି ଆସିଛି । ଘରେ ଆଉ କିଏ ରୋଜଗାରିଆ ? ଭାଇ ତ ଭିନ୍ନେ ହେବାର ଦଶ ବର୍ଷ ହେଲାଣି । ଭାଉଜ କଥା କହିଲେ ନସରେ । ବିଧାନର ଜିଅନ୍ତା ଅବସ୍ଥାରେ ତା'କୁ ସବୁବେଳେ ଖୁଣ୍ଟା ଦେଉଥିଲା । ଆଉ ତା'ର ମରଣରେ ଦୁନିଆକୁ ନରକରେ ବଦଳାଇଦେବ । ଆଜିକାଲି କଥାକଥାରେ ଖୁଣ୍ଟା ଦେବା ଆରମ୍ଭ କଲାଣି ।

ସେ ଘର କେତେ ଭଲକରି କରିଥିଲା । ସମସ୍ତେ ଏମିତିଆ ଘରଦେଖି ହିଂସାରେ ଜଳି ଯାଉଥିଲେ । ଆଗରେ ନ କହିଲେବି ଗାଁର ଅଧେ ସ୍ତ୍ରୀଲୋକ ବିଧାନର ମରଣ ଚାହୁଁଥିଲେ । ଏ ସଂସାରଟା ସେମିତ । କିଏ ଟିକିଏ ଉଠିଲେ ଲୋକେ ହିଂସାରେ ଜଳି ଯାଆନ୍ତି ଆଉ ତା'ର ଅମଙ୍ଗଳ ସୁମରଣା କରୁଥାଆନ୍ତି । ଆଜି ଦିନରେ ସମାଜ ତା'କୁ ଆଉ ତା'ର ଘରକୁ ଅଭିଶପ୍ତ ମନେକରିବ । ବିଧାନକୁ ବାଘ ଖାଇଗଲା କଥାରେ ଲୋକେ ଚମକି ପଡୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତେ ରେବତୀକୁ ଅଶୁଭ ମାନୁଛନ୍ତି । ଏ ଗାଁର ଲୋକେ ସବୁ ଅଦ୍ଭୁତ । ବାଘ ଖାଇଗଲା ଅର୍ଥ ଘରେ ଯେମିତି କିଛି ଅଭିଶାପ ପଡିଛି ଆଉ କିଏ ପାଖକୁ ଆସିଲେ ସେ ଅଭିଶାପର ଫଳ ତା' ଉପରେ ମଧ୍ୟ ପଡିବ ।

ରେବତୀ ଚାଲିଲେ ଲୋକେ ତାଠାରୁ ଚାରିହାତ ଦୂରରେ ରହୁଛନ୍ତି । ଏ ଗାଁ ଗୁଡାରେ ସବୁକଥାରେ ଅମଙ୍ଗଳ ଦେଖାଯାଏ । ତା'ର ଛାଇ ପଡିଲେ ସବୁ ଯେମିତି ଅଶୁଭ ହୋଇଯିବ । ସମସ୍ତେ ସେ ପରିବାରକୁ ବାଘେ-ଖେଗୋ (ବାଘ ଖାଇଛି) ବା ବାଘେ-ଧୋରା (ବାଘ ଧରିଛି) ବୋଲି କହୁଛନ୍ତି । ସମସ୍ତେ ତା'ଘରକୁ ଅଭିଶପ୍ତ ମାନନ୍ତି । କେହି ତା' ଘରେ ବନ୍ଧୁ ବାନ୍ଧିବାକୁ ମନ କରିବେ ନାହିଁ । ବାଘ ଆକ୍ରମଣର ଅର୍ଥ ହେଉଛି ପରବର୍ତ୍ତୀ କାଳରେ ସେ ଘରର ଝିଅ ମାନସିକ ରୋଗୀ ହୋଇଯିବ । ରେବତୀ ଝିଅକୁ କୁଣ୍ଢାଇ ପକାଇଲା । ପାଓଲି ରେବତୀର ମନରେ ବୋହୁଥିବା ବାତ୍ୟାକୁ ବୁଝିପାରୁଥିଲେ ।

ପାଓଲିଙ୍କୁ ଦେଖି ରେବତୀ ଆଖିରେ ଲୁହ ଜକେଇ ଆସିଲା । ସେ ଏମିତି କିଛି କହିଲା ଯାହା ଶୁଣି ପାଓଲିଙ୍କ ହୃଦୟ ବିଳାପ କରି ଉଠିଲା । ସ୍ୱାମୀ ମରିବାର ଏଇ କେଇଦିନ ହୋଇଛି । ରେବତୀ ପାଣିକଳ ପାଖକୁ ଯାଉଥିଲା । ଘରେ ଟୋପାଏ ପାଣି ନାହିଁ । ସେ ଆସିବାରୁ ସମସ୍ତେ ବାଟ ଛାଡିଦେଇଥିଲେ ।

"ଏଇଟା ସ୍ୱାମୀ-ଖେଗୋ (ସ୍ୱାମୀ କୁ ଖାଇଗଲା) ।"- କିଏ ଚାପା କଣ୍ଠରେ କହିଥିଲା । ରେବତୀ କାନରେ କଥାଟା ନିଆଁହୁଳା ପରି ଗଳିଯାଇଥିଲା । ତା'ଛାତି ଭିତରଟା କୋରି ହୋଇଯାଇଥିଲା । ଦିନ ଦି'ଟାରେ ତା'ର ସାଙ୍ଗସାଥି ଚୁପଚୁପ୍ କରି କହିବାକୁ ଆରମ୍ଭ କରିଦେଇଥିଲେ ।

ସ୍ୱାମୀର ମୃତ୍ୟୁପାଇଁ ସ୍ତ୍ରୀକୁ ସମସ୍ତେ ଦାୟୀ କରନ୍ତି । ତା'କୁ ଅଶୁଭ ମନାଯାଏ ଆଉ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଭିଶପ୍ତ କୁହାଯାଏ । ଶାଶୁ ସବୁବେଳେ ବିଧବା ବୋହୂକୁ ପୁଅର ମୃତ୍ୟୁପାଇଁ ଉଲୁଗୁଣା ଦେଉଥାଏ । ତା'କୁ ସ୍ୱାମୀ-ଖେଗୋ(ସ୍ୱାମୀ କୁ ଖାଇଗଲା) ବୋଲି ସମସ୍ତେ କୁହନ୍ତି । ସବୁବେଳେ ଏମିତି ଉଲୁଗୁଣା, ମାନସିକ ଅବସାଦ ଆଉ ଶାରୀରିକ ଯନ୍ତ୍ରଣା ଭିତରେ ବିଚାରୀ ବିଧବା ମହିଳା ଗତି କରେ ।

ଏମିତିବି ସୁନ୍ଦରବନର ସ୍ଥାନୀୟ ସମାଜରେ ବିଧବାର ସ୍ଥାନ ତଳେ । ଏହା ଉପରେ ବାଘ ଖାଇଗଲେ ମହିଳାଟିକୁ ଅଧିକ ଅଶୁଭ ମାନାଯାଏ । ଏହି ମହିଳାମାନଙ୍କୁ କେଉଁ ଶୁଭକାମରେ ଡକାଯାଏ ନାହିଁ । ସେମାନେ ଆଉ ରଙ୍ଗୀନ ଶାଢୀ ପିନ୍ଧନ୍ତିନି । ସବୁବେଳେ ଧଳା ଶାଢୀ ପିନ୍ଧନ୍ତି । ଶରୀରରେ କେଉଁଠି ଗହଣା ଗାଣ୍ଠି ନଥାଏ । ଚୂଡି ହାତରେ ପିନ୍ଧନ୍ତିନି । କେଉଁ ବିବାହ ବା ଅନ୍ୟ ଶୁଭକାମରେ ଏମାନଙ୍କୁ କେହି ନିମନ୍ତ୍ରଣ କରନ୍ତି ନାହିଁ । ବର କନ୍ୟା ଯିବାବେଳେ ସେମାନେ ଠିଆ ହେବା ନିଷେଧ । ସେମାନଙ୍କୁ ବର କନ୍ୟା ନଦେଖିବା ଉଚିତ । କେଉଁ ପୂଜା କର୍ମରେ ସେମାନେ ପୂଜାଦ୍ରବ୍ୟକୁ ଛୁଇବେ ନାହିଁ । ପୂଜା ଦ୍ରବ୍ୟ ଛୁଇଁଲେ ପୂଜା ମାରା ହୋଇଗଲା ବୋଲି ମନେ କରାଯାଏ । ସେମାନେ ସକାଳେ ରାସ୍ତାକୁ ବାହାରିବେ ନାହିଁ । ଯଦି ସକାଳେ କିଏ ସେମାନଙ୍କ ମୁହଁ ଦେଖିଲା ତେବେ ସେମାନଙ୍କର ଅମଙ୍ଗଳ ହେବ ବୋଲି ମନେ କରାଯାଏ ଆଉ ଦିନ ବିଫଳ ଯିବ ବୋଲି ଲୋକେ ଭାବନ୍ତି ।

ସେ ପ୍ରଶ୍ନ ସବୁ ସତରେ କେତେ କଠିନ ଥିଲା । ପାଓଲି ରେବତୀ କଥା ଭାବୁଥିଲେ । ଏମିତି ପ୍ରଶ୍ନର ସେ କି ଉତ୍ତର ଦେବ ? ତଥାପି ସେ ପ୍ରଶ୍ନକୁ ଲେଖିନେଲେ ।

"ତୁମେ କେତେ ଯନ୍ତ୍ରଣା ଭୋଗୁଛ ସତରେ ?"- ପାଓଲି ପ୍ରଶ୍ନ ପଚାରି ରେବତୀର ହାତକୁ ଆଉଁସିଦେଲେ । ଏକ ସନ୍ତାପିତ ଆତ୍ମାକୁ ସେ ହାତରେ ସାଉଁଳି ଦେଉଥିଲେ । ରେବତୀ ଦେହରେ ଯେମିତି ଏକ ମଲମର ପଟି କିଏ ଲଗାଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଯନ୍ତ୍ରଣା କଥା କଣ ପଚାରୁଛ । ହାତରୁ ଶଂଖା ଆଉ ମୁଣ୍ଡରୁ ସିନ୍ଦୂର ଚାଲିଗଲେ କି ଯନ୍ତ୍ରଣା ହୁଏ ତା'କୁ କଣ କହିହେବ । ପାଖରେ କେହି ନାହିଁ । ଚାରିଆଡେ ଲୋକ । କିନ୍ତୁ କେହି ପଦେ ଶୁଣିବାକୁ ନାହିଁ । ଚାରିଆଡ ଏତେ ଲୋକରେ ଖାଁ ଖାଁ ଲାଗୁଛି ।"-ରେବତୀ ସକେଇ ହେଲା । ତା'ର ଆଖିରୁ ଲୁହ ଝରି ପଡୁଥିଲା । ନିଜର ସହି ସଙ୍ଗାତ ତା'କୁ ଟାହି ଟାପରା କରିବା ଆରମ୍ଭ କଲେଣି । ଆଗକୁ ଆହୁରି ଦିନ ଅଛି । କେମିତି ଦିନ ବିତିବ ? ରେବତୀ ଖୋଲା ଦୁଆରକୁ ଅନାଇଲା । ସେଇବାଟ ଦେଇ ସେ ଏ ଘରକୁ ବୋହୂହୋଇ ଆସିଥିଲା ।

ବିଧାନ ତା'କୁ କେତେ ପ୍ରେମ ଆଉ ସ୍ନେହ କରୁଥିଲା । ଘରକୁ ଆସିଲେ ପ୍ରଥମେ ତା'କୁ ଖୋଜେ । ସେ ନ ଆସିଲା ପର୍ଯ୍ୟନ୍ତ ରେବତୀରେବତୀ ହେଉଥାଏ । ବିଧାନ ସହ ମେଳାରେ ଦେଖାହେଲା । ବିଧାନ ଏକ ନଳୀପ୍ୟାଣ୍ଟ ଆଉ ଚିପାଗେଞ୍ଜୀ ପିନ୍ଧିଥିଲା । ତା'ର ଦେହର ବଳିଷ୍ଠ ମାଂସପେଶୀ ଫୁଟି ବାହାରୁଥିଲା । ରେବତୀ ତା'କୁ ଏକ କଳା ଚଷମା ଉପହାର ଦେଇଥିଲା । ବିଧାନ ଟିକିଏ ଲାଜ କରୁଥିଲା । କିନ୍ତୁ ରେବତୀ ଚଷମା ପିନ୍ଧାଇ ଦେଇଥିଲା । କି ସୁନ୍ଦର ଲାଗୁଥିଲା ବିଧାନ । ଏକ ଫିଲ୍ମ ହିରୋ ଭଳି ଦେଖାଯାଉଥିଲା । ବିଧାନ ତା'କୁ ସାଇକେଲରେ ବସାଇ ଘରକୁ ଛାଡିବାକୁ ଆସିଥିଲା । ସେ କଥା ରେବତୀର ମନେ ପଡିଯାଉଥିଲା । ସେ ଚଷମା ଆଜି ଅଛି । ବିଧାନ ଆଉ ନାହିଁ ।

ପାଓଲି ଏକ ଦୀର୍ଘ ନିଃଶ୍ୱାସ ନେଲେ । ତାଙ୍କୁ କିଛି ପଚାରିବା ପାଇଁ କଷ୍ଟ ଲାଗୁଥିଲା । ଏମିତି ବିଧବାକୁ କିଛି ବିଷୟ ପଚାରିଲେ ମାଡି ମାଡି ପଡେ । ସେମାନେ ଯେ କେତେ ଦୁଃଖ ଦୁର୍ଦ୍ଦଶା ଭିତରେ ଗତି କରୁଛନ୍ତି । ରେବତୀ ପାଖରେ ବସି ହତାସ ହୋଇ ଚାଳକୁ ଅନାଇଥିଲା । ସେଠି ଦୁଇଟା ବଣି ଚଢେଇ କିଚିରି ମିଚିରି ହେଉଥିଲେ । ତା'କୁ ଲାଗୁଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ସେମାନେ ତା଼ ବିଷୟରେ ନିଜ ଭିତରେ କଥା ହେଉଛନ୍ତି ।

"ଡର ଲାଗୁଛି ?"- ପାଓଲି ପ୍ରଶ୍ନ କଲେ । ତାଙ୍କର କଣ୍ଠରୁ ସ୍ନେହଭରା ଶବ୍ଦ ବାହାରି ଆସୁଥିଲା । ରେବତୀ ଜୀବନ ତ ଛାରଖାର ହୋଇଯାଇଛି ।

ରେବତୀ ମୁଣ୍ଡ ନୁଆଁଆଇଁଲା । ତା଼କୁ ବହୁତ ଡର ଲାଗୁଛି । ଘର ଭିତରକୁ ପଶିଗଲେ ସବୁ ମରୁମୟ ଲାଗୁଛି । କିଛି ଭେଟଣା ଘଟିନି । କିନ୍ତୁ ସବୁବେଳେ କାହାର ଛାଇ ଯେମିତି ମାଡି ହୋଇଯାଉଛି । ସେ ପ୍ରାୟ ଚମକି ପଡୁଛି । ଆଲୁଅ ଜଳିଲେ ଘର ଭିତରେ ସବୁଆଡେ ଛାଇମାନ ବୁଲୁଛନ୍ତି । ଅନ୍ଧାରକଲେ ତା଼କୁ ଲାଗୁଛି କିଏ ଯେମିତି ପାଖରେ ଠିଆ ହୋଇଛି । ତା଼କୁ ବାରମ୍ବାର ଛୁଇଁ ଦେଉଛି । ତା଼କୁ ନାଁ ଧରି ଡାକୁଛି ।

"ଏକା ମୋତେ ରହି ପାରୁନି । ଏକା ମୋତେ ରହି ପାରୁନି ।"- ରେବତୀ ଭେଁ ଭେଁକରି କାନ୍ଦି ପକାଇଲା ।

ପାଓଲି ତା଼ର ମୁଣ୍ଡରେ ହାତ ବୁଲାଇଦେଲେ । ତା଼ର ଦୁଃଖ ତା଼ଙ୍କ ଦେହକୁ ଚରି ଆସୁଥିଲା । ଏକା ରହିବାର କଷ୍ଟ ବୁଝାଇ ହେବନି । ଏକ ନାରୀ ଆଉ ଦୁଇ ସନ୍ତାନ । କେମିତି ସେ ଏକା ରହିବ । ଜୀବନରେ ଆଉ ସାଥି ନାହିଁ ।

"କେହି ବୁଝାଉ ନାହାନ୍ତି ? କେହି ପାଖକୁ ଆସୁ ନାହାନ୍ତି ?"- ପାଓଲି ପ୍ରଶ୍ନ ପଚାରିଲେ । ଘରେ, ସମ୍ବନ୍ଧୀରେ କେତେ ଲୋକ ଥିବେ । ସୁନ୍ଦରବନ ଅଞ୍ଚଳରେ ସମସ୍ତେ ବଡ଼ ଶକ୍ତ ଆଉ ଲମ୍ବ ଡୋରରେ ବନ୍ଧା । କିଏ ତ ପାଖରେ ଠିଆ ହେଉଥିବ ?

"କଣ ବୁଝାଇବେ ? କଣ ବୁଝାଇବେ ? ଆଉ ବୁଝିବାର ଅଛି କଣ ? ସିଏ ତ ଆଉ ନାହାନ୍ତି । ଯେତେ ଲୋକେ ବୁଝାଇଲେ ମନ ତ ମାନୁନି । ପର ବୁଝାରେ କି କଥା ଥାଏ । ନିଜର ଆଉ କିଏ ଅଛି ବୁଝାଇବାପାଇଁ ? କେହି ନାହିଁ ପାଖରେ ।"- ରେବତୀ ଯେମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋହଭରା ଶବ୍ଦରେ କହୁଥିଲା ।

"ମୁଁ କି ବେଳାରେ ତା'ଙ୍କୁ ଯିବାକୁ ଦେଲି । ରାତିରେ ଅମଙ୍ଗଳିଆ ସ୍ୱପ୍ନ ଦେଖିଲି । ଘରଟା ଠିଆ ଠିଆ ମେଲା ହୋଇ ଯାଇଛି । ଏକ ବିରାଟ ଆକାର ଘର କବାଟ ଠେଲି ପଶୁଛି । ତାଙ୍କୁ ବୋହି ନେଉଛି । ମୋ ନିଦ ଭାଙ୍ଗିଯାଇଥିଲା । ସେ ମୋ ପାଖରେ ନିଘୋଡ ନିଦରେ ଶୋଇଥିଲେ । ତା'ଙ୍କୁ ଆଉଁସି ଦେଇ ଶୋଇ ପଡିଲଲି । ସକାଳୁ କିଛି ମନେ ନଥିଲା । ମୁଁ ହତଭାଗୀ ଜାଣିପାରିଲିନି ି ଦକ୍ଷିଣ ରାୟ ତାଙ୍କୁ ନେବାପାଇଁ ଛକିଛି । ଅଜାଣତରେ ତା'ଙ୍କୁ ଯିବାକୁ ଦେଇଦେଲି ଆଉ ସେ ବାଘ ମୁହଁରେ ଜୀବନ ହାରିଲେ । ମୋରି ପାଇଁ ସେ ଜୀବନଦେଲେ । କି ଅଲକ୍ଷଣୀ ମୁଁ ।"-ରେବତୀର କୋହ ବୋଲ ମାନୁ ନଥିଲା । ସେ ନିଜକୁ ନିଜେ ଦୋଷ ଦେଇ ଚାଲିଥିଲା ।

ପାଓଲି ରେବତୀକୁ ଆଉଁସିଦେଲେ । ରେବତୀ ପୁରା ଭାଙ୍ଗି ପଡିଛି । ସବୁକିଛି ତା'ରି ପାଇଁ ଘଟୁଛିବୋଲି ଭାବୁଛି । ଏ ଦୁନିଆରେ ନାରୀର ସ୍ଥାନ ଯେ କେଉଁଠି । ତାଙ୍କ ଭିତରକୁ ପାଓଲିର କୋହ ଧସେଇ ପଶୁଥିଲା । ତାଙ୍କର ସ୍ୱର ବାଷ୍ପରୁଦ୍ଧ ହୋଇଯାଉଥିଲା ।

"ମୋର ସବୁ ଭାଗ୍ୟଦୋଷ । କି ବେଳରେ ମୁଁ ତାଙ୍କୁ ଯିବାକୁ ଦେଲି । ଦଇବ ସବୁ ଦଃୁଖ ମୋ ଭାଗ୍ୟରେ ଲେଖିଛି । ଏ ଛୁଆ ଦୁଇଟା ବାପଛେଉଣ୍ଡ ହୋଇ କେମିତି ବଢିବେ ? କିଏ ତାଙ୍କ ହାତ ଧରି ରାସ୍ତା ଦେଖାଇବ ? ହୀନିମାନିଆ ଫଟା କପାଳରେ ଆଗକୁ କି ଦୁଃଖ ଲେଖାଅଛି କିଏ ଜାଣେ ?" -ରେବତୀ ସେମିତି ଦୁଃଖରେ କହି କହି କାନ୍ଦୁଥିଲା । ପାଖରେ କିଛି ଛୁଆ ଠିଆ ହୋଇଥିଲେ । ସେମାନଙ୍କର ଦେହର ଉପରେ କପଡା ନଥିଲା । ସେମାନେ ପାଓଲି ଆଉ ରେବତୀଙ୍କ କଥାବାର୍ତ୍ତା ଶୁଣୁଥିଲେ । ରେବତୀର ଛୁଆ ଏହିମାନଙ୍କ ବୟସର । ଛୋଟ ଛୁଆ ସବୁବେଳେ ବାପ ପାଇଁ ମା ପାଖରେ ଅଳି କରିବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

। କେହି ସେମାନଙ୍କ କଥା ଭଲକରି ଶୁଣିବନି । ବାପଛେଉଣ୍ଡ ଛୁଆଙ୍କର ଜୀବନ ଏକ ରାସ୍ତାକଡର କୁକୁର ଛୁଆ ଭଳି । ପାଓଲି ଦୀର୍ଘଶ୍ୱାସ ନେଲେ । ଏ ସମାଜରେ ମା ଛୁଆ ବହୁ କଷ୍ଟରେ ଆଗକୁ ଜୀବନ ବିତେଇବେ ।

ରେବତୀର ବୟସ ଏକ ଅଳ୍ପବୟସ୍କା ବୋହୂଠାରୁ ଅଧିକ । ଛୁଆଙ୍କର ମୁହଁଦେଖି ବାକି ଦିନ କାଟିବ । ଯଦି ସ୍ତ୍ରୀ ତରୁଣୀ ହୋଇଥାନ୍ତା ତେବେ ? କି ଯାତନା ସହ ଜୀବନ ବିତାଇବାକୁ ପଡିଥାନ୍ତା ? ବିଧବା ବିବାହ ଏ ସମାଜରେ ଏତେ ସହଜ ନୁହେଁ । ପାଓଲି ସେହି ବିଧବା ମହିଳାମାନଙ୍କ ଉପରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ । ପ୍ରାୟ ସେମାନେ ମଝି ବୟସରେ ବିଧବା ହୋଇଛନ୍ତି । କିଛି ତ ଅତି କମ ବୟସରରେ ବିଧବା ହୋଇଥିଲେ । ଅଳ୍ପ ହାତଗଣତି କେଇଜଣ ଆଉ ଥରେ ବାହା ହୋଇଥିଲେ । ସମସ୍ତେ ପ୍ରାୟ ନିରକ୍ଷର । କେବଳ ଦୁଇ ତିନି ଜଣ କିଛି ପଢିଛନ୍ତି । ଅଧିକାଂଶଙ୍କ କ୍ଷେତ୍ରରେ ସେମାନଙ୍କ ସ୍ୱାମୀମାନେ ଅନାଧିକାରଭାବେ ବିପଦ୍‌ଜନକ ଯାଗାକୁ ଯାଇ ଆଉ ଫେରିନାହାନ୍ତି । ସେ ମହଳାମାନଙ୍କ ସ୍ୱାମୀମାନେ କାଠ କଟାଳୀ ବା କେଉଟ ବା କଙ୍କଡା ଧରାଳୀ ବା ଚିଙ୍ଗୁଡିଜାଆଁଳ ସଂଗ୍ରହକାରୀ ବା ମହୁ ସଂଗ୍ରହକାରୀ ।

"ଦକ୍ଷିଣ ରାୟ ମୋ ସ୍ୱାମୀକୁ ଧରିଛି । ତାଙ୍କର କ୍ରୋଧ ସହଜରେ ଶାନ୍ତ ହୁଏନା । ମୋ ଉପରେ ଗୋଟାକ ପରେ ଗୋଟଏ ବିପଦ ପଡିବ । ମୁଁ କଣ କରିବି ? ମୋ ଛୁଆ କଣ କରିବେ ? ମା ବନବିବି ମୋ ଉପରେ ଅସନ୍ତୁଷ୍ଟ । ନହେଲେ ତାଙ୍କୁ ବାଘ ଧରିଥାନ୍ତା !? ମୁଁ କି ଅଲକ୍ଷଣୀ ।"- ରେବତୀ ଅନେକ ସମୟ ଧରି ସକେଇ କାନ୍ଦିଲା । ପାଓଲିଙ୍କ ପାଖରେ କହିବାପାଇଁ କିଛି ଶବ୍ଦ ନଥିଲା ।

ବାଘ ମାରିଥିବା ଲୋକର ବିଧବା ସ୍ତ୍ରୀର ଦୁଃଖ କହିଲେ ନସରେ । ଏହି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହତଭାଗୀମାନେ କେଉଁ ପୂଜା ପାର୍ବଣରେ ଭାଗ ନେଇପାରନ୍ତି ନାହିଁ । ସମସ୍ତେ ସେମାନଙ୍କୁ ଅଶୁଭ ମାନନ୍ତି । ସମାଜରେ ସେମାନଙ୍କୁ କେବଳ ସେମାନଙ୍କୁ ଖୁଣ୍ଟା ମିଳେନା, ଅନେକ ସମୟରେ ଶାରିରୀକ ନିର୍ଯ୍ୟାତନା ମିଳେ । ଜୀବନ୍ତ ଅବସ୍ଥାରେ ଅନେକ ଶବ ପାଲଟି ଯାଆନ୍ତି । ଅଧିକାଂଶ ତ ମାନସିକ ସ୍ତରରେ ନିଜକୁ ସଂମ୍ପୂର୍ଣ ଅସହାୟ ମଣନ୍ତି ।

ପାଓଲିଙ୍କ ଆଖିରୁ ବୁନ୍ଦାଏ ଲୁହ ଝରି ଆସିଲା । ସେ ଆଉ କିଛି ପଚାରି ପାରିଲେନି ।

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ଅନ୍ଧାର ରାତିରେ-୬

ଏହା ଏକ କାଳ୍ପନିକ ଧାରାବାହିକ । ଏହାର କୌଣସି ସାମାଜିକ, ଭୌତିକ ଘଟଣା କିଛି ବି ସାମଞ୍ଜସ୍ୟ ନାହିଁ । ସମ୍ପୂର୍ଣ୍ଣ କାହାଣୀ ବୁଝିବା ପାଇଁ ପୂର୍ବ ବିଭାଗ ସବୁ ପଢ଼ନ୍ତୁ ।

ବୁବୁ ଚାଲିଥାଏ ସେଇ ଛାଇ ପଛେ ପଛେ ।

ବୃକ୍ଷରୁ ତଳକୁ କିଛି ଗୋଟାଏ ଖସି ପଡୁଥାଏ ।

କୀଟର ମାନେ କିଚିରି ମିଚିରି ଶବ୍ଦରେ ଗୁଣୁ ଗୁନୁ ହେଉଥାନ୍ତି ।

ସାଇଁ କରି କିଛି ଗୋଟେ ଦେହରୁ ଖୁବ ପାଖ ଦେଇ ଅତିକ୍ରମ କରି ଯାଉଥାଏ ।

ଯେମିତି କେଉଁ ଏକ ଅଜଣା ଶକ୍ତି ଟାଣି ନେଉଥିଲା ତାକୁ ଆଗକୁ ଆଗକୁ ।



ବିଜୟ କୁମାର ପଣ୍ଡା

ରାତ୍ରି ଅନ୍ଧାରରେ ଦୁର୍ଗମ ପଥ ବି ଅଜାଣତରେ ଅତିକ୍ରମ କରି ଯାଉଥିଲା ଅନାୟାସରେ ।

ରାତ୍ରିର ଶେଷ ପ୍ରହର..ତଥାପି ରାତ୍ରିଚର ମାନେ ଅନାୟାସରେ ଆତଯାତ ହେଉଥାନ୍ତି ।

ବୁବୁର ମନ ଆହୁରି ଭୟଭୀତ ହେଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋମ ଟାଙ୍କୁରି ଉଠୁଥିଲା ।

ତଥାପି ସେ ଝିଅକୁ ଅନୁସରଣ କରି ଚାଲିଲା ଆଗକୁ ବୁବୁ ।

ଏକ ଘଞ୍ଚ ଝାଡ଼ି ପାଖାପାଖି ହଠାତ ଉଭାନ ହୋଇଗଲା ଝିଅଟି ।

ବୁବୁ ସେ ଝିଅର ସନ୍ଧାନରେ ଆଖ ପାଖ ଚାରିଆଡେ ନଜର ପକାଇଲା ।

ରାତ୍ରିର ଶେଷ ପ୍ରହର ଏବେ ଶେଷ ହୋଇ ଆସୁଥିଲା ।

ଅନ୍ଧାର ଫେରିଯାଉଥିଲା ତା ନିର୍ଧାରିତ ଠିକଣାକୁ ।

ଅନ୍ଧାର ଫେରିଯିବାବେଳେ ଯେବେ ଆଲୁଅକୁ ସ୍ୱାଗତ କରୁଥିଲା,

ସେଇ କିଛି ମୁହୂର୍ତ୍ତରେ ହଠାତ ଆଖି ପଡ଼ିଲା କେହି ଜଣେ ଶୋଇଛି ଝାଡ଼ି ସେପଟେ ।

ବୁବୁ କିଂକର୍ତ୍ତବ୍ୟବିମୁଢ଼ ହେଇ ଅଟକି ଗଲା ।

ସେ ସ୍ୱପ୍ନ ଦେଖୁଛି କି ଏଇଟା ସତ ବୋଲି ସନ୍ଦେହରେ ପଡ଼ିଗଲା ।

ହାତ ଥରୁଥିଲା ।

ଧୀରେ ଧିରେ ସେଠାରେ ଶୋଇଥିବା ଲୋକଟି ପାଖକୁ ଗଲା ।

ଧଳା ଚାଦରଟିଏ ଘୋଡ଼ିଥାଏ ।

ରାତିସାରା ଏ ଜଙ୍ଗଲ ମଧ୍ୟରେ କଣ କେହି ଶୋଇପାରେ !!

ଏତେ ସବୁ ବନ୍ୟଜନ୍ତୁ, ନିଶାଚର ମାନଙ୍କ ମଧ୍ୟରେ କେହି ଜଣେ ମଣିଷ ଶାନ୍ତିରେ ନିଦ୍ରା ଯିବା ସମ୍ଭବ !!

ମନରେ ଅନେକ ପ୍ରଶ୍ନବାଚୀ

ତଥାପି ସେ ଲୋକଟା ଅତି ନିକଟରେ ଯେତେବେଳେ ପହଁଞ୍ଚିଲା, ଦେହର ଗଠନରୁ ତାକୁ ଜଣାପଡ଼ିଲା ଯେ ଏ ଜଣେ ନାରୀ । ଆହୁରି ବିବ୍ରତ ବୁବୁ..କଣ ଘଟୁଛି ଏସବୁ ତା ସହ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ମନରେ ସଂଶୟ, ସେ ଏଠାରୁ ପଳାଇବ ନା ଏ ନାରୀ ଜଣକ କିଏ ଅନ୍ତତଃ ତାର ମୁହଁ ଆଡ଼େ ନଜର ପକେଇବ ।

ଅନେକ ସାହସ ଜୁଟାଇ ବୁବୁ ମୁହଁ ଆଡୁ କପଡ଼ା ଉଠାଇବାକୁ ଚେଷ୍ଟାକଲା ।

ଏ କଣ !! ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ବୁବୁ ।

ଯେମିତି ନିଜର ସତ୍ତା ହରାଇ ବସିଥିଲା ।

ସ୍ଥାଣୁ ପ୍ରାୟ ବସି ପଡ଼ିଥିଲା ସେ ।

ସମ୍ପାଦକ, କନକପ୍ରଭା,

ସବଙ୍ଗ, ସିମୁଳିଆ, ବାଲେଶ୍ୱର

୯୭୩୯୫୪୮୯୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଇଁ ତ ଗରିବ ଛାତ୍ର

ଭାଗ-୫

ପ୍ରଧାନ ଶିକ୍ଷକଙ୍କୁ ମଞ୍ଚ ଉପରେ ଦେଖି ଉପସ୍ଥିତ ସମସ୍ତ ଦର୍ଶକ ଓ ମନ୍ତ୍ରୀ ମହୋଦୟ ମଧ୍ୟ କରତାଳିରେ ଅଭିନନ୍ଦନ ଜଣାଇଥିଲେ । ତାଙ୍କର ଶିକ୍ଷକତା ମଧ୍ୟରେ ସେ ଆଜି ପ୍ରଥମେ କୌଣସି ଏକ ଛାତ୍ର ଉଦ୍ଦେଶ୍ୟରେ କିଛି କହିବାକୁ ଏତେ ବଡ଼ ମଞ୍ଚରେ ପଦାର୍ପଣ କରିଛନ୍ତି  । ଯେଉଁଠାରେ କି ଓଡ଼ିଶାର ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ଅଛନ୍ତି  । ହଜାର ହଜାର ଦର୍ଶକ ମାନଙ୍କ ମଧ୍ୟରେ ସେ ଭାବ ବିହ୍ୱଳିତ ହୋଇଯାଇଥିଲେ  । ନିଜର ବକ୍ତବ୍ୟରେ ସେ ଉପସ୍ଥିତ ଅତିଥି ମାନଙ୍କୁ ଯଥା ମାନ୍ୟ ଦେଇ ବକ୍ତବ୍ୟ ଆରମ୍ଭରେ କହିଲେ " ଆମ ବିଦ୍ୟାଳୟର ପ୍ରତ୍ୟକ ପିଲା ମୋ ବିଦ୍ୟାଳୟ ରୂପୀ ପରିବାରର ଜଣେ ଜଣେ ସଦସ୍ୟ ଭଳି  । ହାତରେ ପାଞ୍ଚ ଆଙ୍ଗୁଳି ସମାନ ନ ଥାଏ, ସେମିତି ପିଲାଙ୍କର ଗୁଣ, ଜ୍ଞାନ ଓ ଚରିତ୍ରରେ ଅନ୍ତର ଦେଖା ଯାଇଥାଏ  । କିଏ ମନ ଦେଇ ପାଠ ପଢ଼ିଥାଏ ତ କିଏ କ୍ରୀଡା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥାଏ  । କେହି କେହି ସଙ୍ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ନିଜର ପରାକାଷ୍ଠା ବ୍ୟକ୍ତ କରିଥାନ୍ତି  । ତପନ ମୋ ବିଦ୍ୟାଳୟ ପାଇଁ ଏମିତି ଏକ ପିଲା ଯିଏ ଗୋଟିଏ ଚାଉଳରେ ଗଢ଼ା  । ଏ ହେଉଛି ସେଇ ପିଲା ଯାହାକୁ



ମହେଶ୍ୱର ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌଣସି ଆଦେଶର ଆବଶ୍ୟକ ନାହିଁ । ଅର୍ଥାତ କହିବା ଆଗରୁ କରିଦେଇଥାଏ । ବହୁତ ବାର ତା ମାଆଙ୍କୁ ବିଦ୍ୟାଳୟକୁ ଡକାଇଥାଏ ହେଲେ ସେ କୁହନ୍ତି ଏତେବଡ଼ ସାର ଙ୍କ ଆଗରେ ମୁଁ କଥା ହୋଇପାରିବି ନାହିଁ ତେଣୁ ଯାହା ସାର କହିବେ ତାହା ମୋ ପିଲାର ଭବିଷ୍ୟତ । ହେଲେ ସେ ଆସନ୍ତି ନାହିଁ କି ଅମାନ୍ୟ କରନ୍ତି ନାହିଁ । କିନ୍ତୁ କେବଳ ତପନକୁ ଦୂର ଜାଗାକୁ ଛାଡିବାକୁ ନାରାଜ ହୁଅନ୍ତି । ଆଜି ଏହି ତପନ ପାଇଁ ଆମ ବିଦ୍ୟାଳୟର ନାଁ ଉଜ୍ଜ୍ୱଳ ହୋଇଛି । ତପନ ହିଁ ଆମର ଗୌରବ ଓ ଗର୍ବ । ମୋର ଅନ୍ୟ ଛାତ୍ର ମାନଙ୍କ ପାଇଁ ତପନ ନିଶ୍ଚୟ ପ୍ରେରଣା ଦାୟକ ହେବ । ଉପସ୍ଥିତ ରାଜ୍ୟର ଅନ୍ୟାନ୍ୟ କୋଣରୁ ଆସିଥିବା ଛାତ୍ର ମାନଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ । ଏତିକି କହି ମୋର ବକ୍ତବ୍ୟ ସମାପନ କରୁଅଛି । ବନ୍ଦେ ଉତ୍କଳ ଜନନୀ ।

ପ୍ରତିଯୋଗିତାର ପରିସମାପ୍ତି ହୋଇ ଯାଇଥିଲା । ପ୍ରଧାନ ଶିକ୍ଷକ ନିଜର ପିଲାଙ୍କୁ ଧରି ଘରକୁ ପ୍ରତ୍ୟାବର୍ତ୍ତନ କଲେ । ତପନର ଶରୀରରେ ଅତ୍ୟନ୍ତ ଯନ୍ତ୍ରଣା ହେଉଥାଏ । ହେଲେ ହୃଦୟର ଖୁସି ଶରୀରର ଯନ୍ତ୍ରଣାକୁ କାବୁ କରି ଦେଉଥାଏ । ଘରେ ପହଞ୍ଚିବାକୁ ରାତ୍ର ହୋଇଯାଇଥିଲା । ପ୍ରଧାନ ଶିକ୍ଷକ ତପନକୁ ଘରେ ଛାଡ଼ି ଦେଇ ଚାଲିଯାଇଥିଲେ । ତପନକୁ ବହୁତ ଭୋକ ଲାଗିଥାଏ । ମାଆ ଘରେ ଥିବା ମୁଢି ଓ ଚୁଡା ସହିତ ଗୁଡ଼ ମିଶାଇ ଖାଇବାକୁ ଦେଲେ । ସାଧା ଖାଦ୍ୟ ଖାଇବାରେ ତପନକୁ କୌଣସି ସମସ୍ୟା ହୋଇ ନ ଥିଲା । ସେ ଆରାମରେ ଖାଇ ଯାଇଥିଲା ।

ଆଜି ତପନ ଏକ ନୂତନ ଆତ୍ମତୃପ୍ତି ଅନୁଭବ କରୁଥିଲା । ମାଆ ତପନକୁ ନିଜ କୋଳରେ ଶୁଆଇ ମୁହଁର କ୍ଷତ ସ୍ଥାନକୁ ସେକ ଦେଇ ମଲମ ଲଗାଇ ଦେଲେ । ତପନ ମାଆ କୋଳରେ ସୋଇ ଥାଏ । ସହରର ଚାକଚକ୍ୟ ଦେଖି ତାର ଆତ୍ମା ଆନ୍ଦୋଳିତ ହେଉଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆଙ୍କୁ ସେ ଆଗରୁ କେବେ ପଚାରି ନ ଥିବା ପ୍ରଶ୍ନ ଆଜି ପଚାରି ଦେଲା " ମାଆ ମୋ ବାପା ଯଦି ଥାଆନ୍ତେ, ଆମେ କେତେ ଖୁସିରେ ରହିଥାନ୍ତେ ନା ? ଜାଣିଛୁ ମାଆ ସହରର ଲୋକ ମାନେ କେତେ ସୁନ୍ଦର ସୁନ୍ଦର କପଡା ପିନ୍ଧୁଛନ୍ତି ! ଚାରି ଚକିଆ ଗାଡି ସମସ୍ତଙ୍କ ପାଖରେ ! କେହି ଜଣେ ଗରିବ ପାଇବୁ ନାହିଁ ! ସବୁଠାରେ ବିଦ୍ୟୁତ ସଂଯୋଗ ହୋଇଛି ! ଦେଖୁନୁ ଆମେ କେତେ ଦୟନୀୟ ଅବସ୍ଥାରେ ରହୁଛନ୍ତି । ଡିବିରି ବତୀ ପାଇଁ କିରୋସିନ କିଣିବାକୁ ମଧ୍ୟ ଆମ ପାଖରେ ପଇସାର ଅଭାବ । ତୁ କେତେ କାମ କରୁଛୁ ହେଲେ ଲୋକମାନେ ତତେ କାହିଁକି ଏତେ କମ ପଇସା ଦିଅନ୍ତି ଯେ । ମୁଁ ମଧ୍ୟ କାଲି ଠାରୁ କିଛି କାମ କରିବି ! "

ମାଆ ଯମୁନା ସାନ୍ତ୍ୱନା ଦେଇ କହିଲେ " ନାଁ ତୁ ପାଠ ପଢ଼ିବୁ । ମୁଁ ସିନା ତତେ ବଡ଼ ଲୋକିଆଙ୍କ ପରି ଖାଇବାକୁ କି ପିନ୍ଧିବାକୁ ଦେଇ ପାରୁନି ! ହେଲେ ତୋର ଆବଶ୍ୟକତା ଅନୁଯାୟୀ ପୋଷାକ, ଭୋଜନ ଯୋଗାଇ ରଖିଛି ! ଯେତେ କଷ୍ଟ ହେଉ ପଛେ ମୁଁ ଏମିତି ପର ଘରେ ମୂଲ ଲାଗି ତତେ ପାଠ ପଢେଇବି । "

ତପନ ଅବୁଝା ଭଳି କହିଲା " ମାଆ ମୁଁ କାଲି ଠାରୁ କିଛି କାମ କରିବି । ମୋତେ ଜଣେ ଖବର ବାଲା ଅଙ୍କଲ କହିଛନ୍ତି ଆମ ଚାଉଳ ଓ ରେସନ ଆମକୁ ମିଳିବ । ସେ କାଲି ଆମ ଘରକୁ ଆସିବେ । ଆଉ କକା ନେଇ ପାରିବେ ନାହିଁ । କେହି ଜଣେ ଅଫିସର କହିଛନ୍ତି ମୋ ମାଆଙ୍କ ନାଁ ରେ ବିଧବା ଭତ୍ତା ମିଳିବ । ଆମକୁ ସରକାରୀ ଘର ମିଳିବ । ଜାଣିଛୁ ମାଆ କେତେ ବାବୁ ଲୋକମାନେ ମୋତେ ବହୁତ କିଛି ମିଳିବ ବୋଲି କହିଛନ୍ତି । ମୋ ଠିକଣା ମୋ ଠାରୁ ନେଇଛନ୍ତି ସେମାନେ କୁଆଡେ ଆମ ଘରକୁ ଆସିବେ । ହେଲେ ମାସ ତୁ ମୋତେ ପଢିବା ସହିତ କିଛି କାମ କରିବାକୁ ବାରଣ କରିବୁ ନାହିଁ । "

"ହଉ ହେଲା ତୁ କାମ କରିବୁ । କାରଣ ବାପା ଚାଲି ଯାଇଥିଲେ ଏବେ ତୋ ମାଆ ବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରିଯାଇଛି ନା ସେଇଥିପାଇଁ ତୁ କାମ କରିବୁ ।"

ତପନ କାନ୍ଦିପକାଇ ଥିଲା, ଦୁଇଟୋପା ଲୋତକ ବୋହି ଯାଇଥିଲା ତାର ଆବେଗ ଭରା ନୟନରୁ । ମୋତେ ବହୁତ ନିଦ୍ରା ଆସିଲାଣି କହି ଅର୍ଦ୍ଧନିଦ୍ରିତ ଅବସ୍ଥାରେ ମାଆଙ୍କ କୋଳରେ କଡ଼ ଲେଉଟାଇଥିଲା ।

ମାଆ ଦେହରେ ସୋରିଷ ତେଲ ମାଖିଦେଇ ଗୋଡ଼ ଦବାଇ ଦେଇଥିଲେ । ପିଲାଟା ବାପା ଛେଉଣ୍ଡ ବୋଲି କେତେ କଷ୍ଟ ପାଉଛି । ହେଲେ ମୁଁ ତାକୁ କଣ ଦେଇପାରୁଛି ଯେ ! ପେଟକୁ ଠିକରେ ଗଣ୍ଡେ ଖାଇବାକୁ ବି ଦେଇ ପାରୁନି । ଖଣ୍ଡେ ମନ ଜାଣି କପଡା ପିନ୍ଧେଇ ପାରୁନି । ହାଇରେ ବିଧାତା ଏତିକି କଷ୍ଟ ଆମ ମାଆ ଓ ପୁଅଙ୍କ ଭାଗ୍ୟରେ ଥିଲା ! ଏମିତି ଅନେକ ଧିକ୍କାର କରିଥିଲେ ନିଜର ଭାଗ୍ୟକୁ । ଭୋକ ଲାଗୁନଥିଲା ତେଣୁ ସେଇ ତପନ ପାଖରେ ସୋଇଯାଇଥିଲେ ଯମୁନା ।

(ଆଗାମୀ ଅଧ୍ୟାୟରେ ନିଶ୍ଚୟ ପଢିବେ ଭାଗ-୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମଥିଲା ଅଛି ଓ ରହିବ

ଭାଗ-୨(ଅନ୍ତିମ ଭାଗ)

ଏତେ ରାତିରେ ସୁରେନ୍ଦ୍ରକୁ ଦେଖି ଫାତିମା ଡରିଯାଇ ତାଙ୍କୁ ଆସିବାର କାରଣ ପଚାରିଲା । ସୁରେନ୍ଦ୍ର କହିଲେ "ପୂଜାରେ ସିନା ତୋ ଆତ୍ମାର ଶୁଦ୍ଧିକରଣ ହୋଇଛି ହେଲେ ତୋ ଶରୀର ଏବେ ବି ମୁସଲମାନ ଅଛି । ତୁ କଣ ଏ ମୁସଲମାନ ଶରୀର ନେଇ ମୋ ଭାଇ ପାଖରେ ରହିବୁ ? ଆସେ ମୁଁ ତତେ ଆଜି ସବୁଦିନ ପାଇଁ ହିନ୍ଦୁ କରିଦେବି ।" ଏତିକି କହି ସେ ଫାତିମା ଆଡକୁ ଝପଟି ପଡିଲେ । ଫାତିମା ଚିତ୍କାର କରିବା ପୂର୍ବରୁ ନିଜର ବଳିଷ୍ଠ ହାତରେ ତା ପାଟିକୁ ମାଡି ବସିଲେ । ଭାନୁମତି ଆସି ଯେତେ କବାଟ ବଡେଇଲେ ଆଉ ଫତିମାର ଘର କବାଟ ଖୋଲିଲା ନାହିଁ ।  କିଛି ସମୟ ପରେ ସୁରେନ୍ଦ୍ର ଫାତିମାର ଘରୁ ବାହାରକୁ ଆସିଲେ । ଭାନୁମତି ଘର ଭିତରକୁ ଦୌଡ଼ି ଯାଇଁ ଦେଖନ୍ତି ତ ଫାତିମାର ଲୁଗା ସାରା ରକ୍ତର ଛିଟା । ଫାତିମାର ଗୋଡକୁ ସେ ଲୁହାରେ ବାଡେଇ ଭାଙ୍ଗିଦେଇ ଥାଆନ୍ତି ସେ ଅବଶ ହୋଇ ପଡି ରହିଥାଏ ଖଟ ଉପରେ । ମଣିଷ ଯେ କ୍ରୋଧରେ କେତେ ଯେ ନୃଶଂସ ହୋଇପାରେ ତା'ର ଜ୍ୱଳନ୍ତ ଉଦାହରଣ ଭାନୁମତି ତା ଆଖି ଆଗରେ ତା ସ୍ୱାମୀକୁ ଦେଖୁଥିଲା । ସୁରେନ୍ଦ୍ର ପାଲଟି ଯାଇଥିଲେ ଗୋଟେ ମଣିଷ ରୂପୀ ଦୈତ୍ୟ । ରାଗିଯାଇ



ଦୀପକ ଷଡ଼ଙ୍ଗୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାନୁମତି ଘର ଭିତରେ ଟଙ୍ଗା ହୋଇଥିବା ଫାର୍ସା ନେଇ ସୁରେନ୍ଦ୍ର ଆଡକୁ ଦୌଡ ଆସିଲା ବେଳକୁ ସୁରେନ୍ଦ୍ର ଭାନୁମତି ହାତରୁ ଫାର୍ସା ଛଡେଇ ଆଣି ସେଥିରେ ଭାନୁମତିକୁ ହାଣି ଚାଲିଲେ ଭାନୁମତି ରକ୍ତାକ୍ତ ହୋଇ ତଳେ ପଡ଼ିଗଲା । ରାତି ପାହିବା ପୂର୍ବରୁ ସେ ଭାନୁମତି୍ର ଶବକୁ ନେଇ ଜଙ୍ଗଲରେ ଫୋପାଡ଼ି ଦେଇ ଆସିଲେ ସକାଳୁ ଉଠି ଅଭିନୟ କରି ସମସ୍ତଙ୍କୁ ଜଣେଇ ଦେଲେ ଯେ ଗତକାଲି ରାତିରେ ତାଙ୍କ କୋଠି ଭିତରକୁ ବାଘ ଚାଲି ଆସିଥିଲା, ବାଘ ଫାତିମାକୁ ଦରମରା କରି ଛାଡିଦେଇ ଭାନୁମତିକୁ ଜୀବନରୁ ମାରିଦେଲା ।

ଏ ଭିତରେ ପାଞ୍ଚ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲା । ସବୁଦିନ ଫାତିମା ସୁରେନ୍ଦ୍ରର ପାଶବିକ ଅତ୍ୟାଚାରର ଶିକାର ହେଉଥିଲା । ଭଙ୍ଗା ଗୋଡକୁ ଲୁଚେଇବା ପାଇଁ ସେ ବଡ ଜୋତା ପିନ୍ଧୁଥିଲା । ଜମିଦାରଙ୍କ କୋଠିରେ ସେ ଆବଦ୍ଧ ହୋଇ ରହିଥିଲା ଗୋଟେ ପଞ୍ଜୁରୀ ଭିତରେ ଥିବା ଅସହାୟ ପକ୍ଷୀ ଭଳି । ଏ ଭିତରେ ସୁରେନ୍ଦ୍ର କୌଶଳ କରି ମାନି ସହିତ ପାଗଳ ବିରେନ୍ଦ୍ରର ବାହାଘର କରେଇ ଦେଇ ଭାଇବୋହୂ ସହ ବି ପରକୀୟା ପ୍ରୀତିରେ ମାତିଲେ । ରାଜେନ୍ଦ୍ରର ପାଠପଢା ସରିଲା । ବିଦେଶରୁ ରାଜେନ୍ଦ୍ରର ଫେରିବା କଥା ଜାଣି ସୁରେନ୍ଦ୍ର ଫାତିମାକୁ ଡାକି ତାଗିଦ କରେଇଦେଲେ "ଯେ ତୁ ଯଦି କୌଣସି କଥା ରାଜେନ୍ଦ୍ରକୁ ଜଣାଉ ତେବେ ତୋ ସହ ତାକୁ ବି ମାରି କି ନେଇ ଜଙ୍ଗଲ ଭିତରେ ଫୋପାଡି ଦେଇ ଆସିବି ।" ଫାତିମା ଭୟରେ ଥରୁଥାଏ । ରାଜେନ୍ଦ୍ର ଘରକୁ ଫେରିଲେ । ଦୁଇ ପ୍ରେମୀ ଯୁଗଳଙ୍କ ମିଳନ ପାଞ୍ଚ ବର୍ଷ ପରେ ହେଉଥିଲା ଦୁହେଁ ଦୁଇ ଜଣଙ୍କୁ ସେମିତି ଚାହିଁ ରହିଥାଆନ୍ତି । ଆଖିରୁ ଝରୁଥାଏ ଧାରଧାର ଲୁହ । ଫାତିମାର ଲୁହକୁ ପୋଛି ଦେଇ ରାଜେନ୍ଦ୍ର କହିଲେ "ଦେଖ ସମୟ କେତେ ଶୀଘ୍ର କଟିଗଲା । ତୁମରି ସ୍ମୃତିରେ ମୁଁ ପାଞ୍ଚ ବର୍ଷକୁ ପାଞ୍ଚଶହ ବର୍ଷ ଭଳି ଜୀଇଁଛି । ଆମକୁ ଆଉ କେହି ଅଲଗା କେରି ପାରିବେନି ଫାତିମାର ମୁହଁରୁ ଆଉ କିଛି ଶବ୍ଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରି ପାରୁ ନ ଥାଏ ସେ ରାଜେନ୍ଦ୍ର ର ଛାତିରେ ଆଉଜି ଛୋଟ ପିଲାଙ୍କ ଭଳି କାନ୍ଦୁଥାଏ । ଯେମିତି ସେ କହୁଥାଏ ମୋତେ ଏଠୁ ଉଦ୍ଧାର କର । ଫାତିମାର ଛୋଟେଇ କି ଚାଲିବା ଓ ବଡ ଜୋତା ପିନ୍ଧିବାର କାରଣ ତାକୁ ଯେତେ ପଚାରିଲେ ବି ଫାତିମା କିଛି ଉତ୍ତର ଦେଇପାରିଲା ନାହିଁ । ତା'ର ସନ୍ଦେହ ବଢିବାକୁ ଲାଗିଲା ପରଦିନ ଉଠି ସେ ଗାଁ ଭିତରକୁ ଗଲା ତା ସାଙ୍ଗ ଶିବାକୁ ଭେଟିବା ପାଇଁ । ଶିବା ସହିତ ତାର ଦେଖା ହେବା ପରେ ଶିବା ରାଜେନ୍ଦ୍ରକୁ ସବୁ କଥା କହିଲା ଯେ କେମିତି ତା ବଡଭାଇ ସୁରେନ୍ଦ୍ର ଫାତିମାକୁ ତା ଯିବା ପରେ ଅତ୍ୟାଚାର କରିଥିଲା ଶିବାଠାରୁ ସବୁ ଶୁଣିବା ପରେ ସେ ଶାହନୱାଜ୍ ର ଘରକୁ ଗଲା ଶାହନୱାଜ୍ ରାଜେନ୍ଦ୍ରକୁ ଦେଖି କାକୁତିମିନତି ହୋଇ କହିଲା ତୁମେ ଯିବା ପରେ ସେ ରାକ୍ଷସ ମୋ ଝିଅ ଫାତିମାକୁ ବନ୍ଦୀ କରି ରଖିଛି ତୁମେ ତାକୁ ତା କବଳରୁ ରକ୍ଷା କର । ତୁମର ଭାଉଜ ଭାନୁମତିକୁ ବି ସେ ହିଁ ହତ୍ୟା କରି ଆଣି ଜଙ୍ଗଲରେ ଫିଙ୍ଗି ଦେଇଥିଲା । ମୋର ଠିକ ମନେ ଅଛି ସେଦିନ ରାତିରେ ମୁଁ ବଜାରରୁ ଫେରୁଥିବା ବେଳେ ଜମିଦାର ସୁରେନ୍ଦ୍ର ଗୋଟେ ସ୍ତ୍ରୀ ଲୋକର ଶବକୁ ଆଣି ଜଙ୍ଗଲରେ ଫିଙ୍ଗି ଦେଇଗଲେ ମୁଁ ତ ଭାବିଲି ଯେ ସେ ମୋ ଝିଅକୁ ମାରିଦେଲେ ବୋଲି କିନ୍ତୁ ପାଖକୁ ଯାଇ ଦେଖିଲା ବେଳକୁ ସେ ତୁମର ଭାଉଜ ଭାନୁମତି ଥିଲା । ଏ ସବୁ କଥା ଶିବା ଓ ଶାହନୱାଜ୍ ଠାରୁ ଶୁଣି ସାରିବା ପରେ ତା ବଡ ଭାଇ ସୁରେନ୍ଦ୍ର ପାଇଁ ତା ମନରେ ଗୋଟେ ଘୃଣା ଓ ପ୍ରତିଶୋଧର ଭାବନା ଆସିଲା । ସେ ଘରକୁ ଆସି ଚିନ୍ତା କଲା କେମିତି ଏ ସବୁର ପ୍ରମାଣ ସେ ପୁଲିସକୁ ଦେବ ଫାତିମା, ଶିବା ଓ ଶାହନୱାଜ୍ କୁ ସେ ଏକାଠି କଲା ଓ ସମସ୍ତେ ମିଶି ଜମିଦାର ସୁରେନ୍ଦ୍ର ବିରୁଦ୍ଧରେ ପୋଲିସ ପାଖରେ ଅଭିଯୋଗ କଲେ । ପରଦିନ ସକାଳେ ପୋଲିସ ଆସି ଜମିଦାର କୋଠିରେ ପହଞ୍ଚି ଜମିଦାର ସୁରେନ୍ଦ୍ରକୁ ଗିରଫ କରି ଥାନାକୁ ନେଇଗଲା । ତାଙ୍କ ମାମଲାର ଶୁଣାଣି ଚାଲିଲା ଗାଁର ସମସ୍ତ ଲୋକେ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତା ଭାଉଜ ମାନି, ଶିବା, ପରବୀନ୍ ଆଦି ସମସ୍ତେ ଜମିଦାର ସୁରେନ୍ଦ୍ରଙ୍କ ଅତ୍ୟାଚାର ବିରୁଦ୍ଧରେ କୋର୍ଟରେ ବୟାନ ଦେଲେ ସବୁ ଶୁଣି ସାରିବା ପରେ ଇଂରେଜ ଜଜ୍ ଜମିଦାର ସୁରେନ୍ଦ୍ରଙ୍କୁ ହତ୍ୟା, ଧର୍ଷଣ, ଅତ୍ୟାଚାର ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଶୁଣାଇଲେ ।

ରାଜେନ୍ଦ୍ର ଫାତିମାକୁ ଧରି ଘୋଡା ଗାଡିରେ କୋଠିକୁ ଫେରିଲାବେଳେ ଫାତିମା ପଚାରିଲା "ତୁମେ ଏବେ ସବୁ ମୋ ବିଷୟରେ ଜାଣି ସାରିବା ପରେ କଣ ତୁମେ ମୋତେ ତୁମର ସ୍ତ୍ରୀର ମର୍ଯ୍ୟାଦା ଦେବ ?" ରାଜେନ୍ଦ୍ର ତାକୁ ନିଜ ବାହୁବନ୍ଧନରେ ଧରି କହିଲେ "ମୁଁ କେବେ ବି ତୁମର ଶରୀରକୁ ଭଲ ପାଇ ନଥିଲି । ତୁମେ ମୁସଲିମ୍ ହୋଇଥିଲେ ବି ମୁଁ ଭଲ ପାଇଥିଲି କେବଳ ଫାତିମାର ସରଳ ହୃଦୟକୁ । ଯିଏ କି ଏତେ ଅତ୍ୟାଚାର ପାଞ୍ଚ ବର୍ଷ ଧରି ସହି କି ବି ମୋର ଆସିବା ପାଇଁ ଅପେକ୍ଷା କରିଥିଲା । ସେ ଭଳି ହୃଦୟକୁ ମୁଁ କେମିତି ଛାଡି ଦେଇ ପାରିବି । ଫାତିମା ମୋର ଥିଲା, ଅଛି ଏବଂ ଆଗାମୀ ସାତଜନ୍ମ ପାଇଁ ମୁଁ ତାର ଓ ସେ ମୋର ହୋଇକି ରହିବ । ଫାତିମାର ଆଖିରୁ ଝରି ଆସିଥିଲା ଦୁଇବୁନ୍ଦା ଅଶ୍ରୁ ଆଉ ସେ ଠିକ୍ ବୁଝି ପାରିଥିଲା ପ୍ରକୃତ ପ୍ରେମ କଣ ବୋଲି ଯାହାକୁ କେବେ କୌଣସି ଏକ ଜାତି କି ଶରୀର ମଧ୍ୟରେ ବାନ୍ଧିବା ଏକ ଅସମ୍ଭବ ବ୍ୟାପାର ।

ସହକାରୀ ଅଧ୍ୟାପକ
ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ
ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବଞ୍ଚିବାର ରାହାଟିଏ...

ସୁନ୍ଦର, ସୁଢଳ ଚେହେରା । ଗୋରା ତକତକ ମୁହଁକୁ କୁଞ୍ଚୁକୁଞ୍ଚିଆ ଘନ କଳା କେଶର ଲମ୍ବା ବେଣୀ । ଆଉ ଦୁଇ ଭ୍ରୂଲତା ମଝିରେ ଠିକ୍ ଟିକେ ଉପରକୁ ସେଇ ଲାଲ ରଙ୍ଗର ବିନ୍ଦି ଟା ଯେମିତି ତାର ସୁନ୍ଦରତାକୁ ଆହୁରି ଚମକାଇ ଦେଉଛି । ଇଷତ୍ ମାଟିଆ ରଙ୍ଗର ଦୁଇ ଆଖି । ଆଖି ନୁହେଁ ସତେ ଯେମିତି ସ୍ୱପ୍ନର ଏକ ସାଗର । ଗୋଲାପ ପାଖୁଡ଼ା ଭଳି ମୁହଁରେ ତା'ରି ସଦା ଝଟକୁ ଥିବା ହସଟିଏ ଯେମିତି ଚାରି ଆଡକୁ ମହକାଇ ଦିଏ । ନାଁ ଟି ତାର ସୁଷମା । ନାଁ ଟି ଯେପରି, ଗୁଣ ବି ଠିକ୍ ସେହିପରି । ଏତେ ବଡ଼ ଦୁନିଆରେ ତାରି ଗୋଟିଏ ଛୋଟ ଘର ଆଉ ସେ ଘରେ ତାର ସବୁଠୁ ପ୍ରିୟର ମଣିଷ, ତା ମା । ମା ହିଁ ତାର ସବୁକିଛି । ପିଲାଟି ଦିନରୁ ବାପାଙ୍କ ଚେହେରା ଦେଖିବାର ସୁଯୋଗ ହରାଇ ଥିବା ସୁଷମା ପାଇଁ ତା ମା ହିଁ ଉଭୟ ପିତା ଓ ମାତା । ସୁଷମା ବେସରକାରୀ ସଂସ୍ଥାରେ କାମ କରେ । ଭାରି ସ୍ୱାଭିମାନୀ ।ନିଜର ହିଁ ସ୍ୱଳ୍ପ ରୋଜଗାର ମଧ୍ୟରେ ସୁରଖୁରରେ ମା'ଙ୍କ ସହିତ ହସଖୁସିରେ ଜୀବନ କଟାଇ ଦିଏ । ଅଭାବରେ ମଧ୍ୟ ଅନ୍ୟ ମାନଙ୍କ ପାଇଁ ସବୁବେଳେ କରୁଣା ଧାରାଟିଏ ତା ମନରେ ବହୁ ଥାଏ । ବସ୍ତିର ପିଲାଙ୍କୁ ସେ ସମୟ ପାଇଲେ ପଢାଏ । ସେମାନଙ୍କ ପାଇଁ ପେନସିଲ, ରବର, ଖାତା, କଲମ ନେଇ ଦିଏ ।



ସୁଶ୍ରୀ ଆରତୀ
ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନଙ୍କ ମଉଳା ମୁହଁରେ ହସ ଫୁଟାଏ । ଗରିବ ଓ ନିଃସଙ୍ଗତାରେ ମଧ୍ୟ ସମସ୍ତଙ୍କୁ ସାଥୀ ବନେଇ ଜୀବନକୁ ସମ୍ପୂର୍ଣ୍ଣ କରିଚାଲେ । ତଥାପି ମନର କୋଉ କୋଣରେ ନିଜର ମନର ମଣିଷ ପାଇଁ ଖୁବ୍ ଅପେକ୍ଷା ରହିଛି । ଦିନ ଏମିତି ଗଡି ଚାଲିଥାଏ । ସବୁଦିନ ଭଳି ବସ୍ତି ପିଲାଙ୍କ ପାଇଁ ସିଲଟ, ଖଡି, ପେନସିଲ, ରବର କିଣି ସେ ବସ୍ତିରେ ପହଁଞ୍ଚିଛି । ଅନେକ ଦିନ ହେବ ସେ ଏହି ପିଲାଙ୍କ ପାଖକୁ ଭେଟି ଆସି ପାରି ନଥିଲା । କିନ୍ତୁ ଆଜି ସମୟ ବାହାର କରି ଆସିଛି । ତାକୁ ଦେଖି ପିଲାଙ୍କ ଖୁସି କହିଲେ ନ ସରେ । ଦିଦି ବୋଲି ଡାକି କେଉଁ ଦୂରରୁ ଦୌଡ଼ି ଆସି କୁଣ୍ଢାଇ ପକାଇଲେ । ହେଲେ ସୁଷମା ଏ କଣ ଦେଖୁଛି !! ସଫା ସୁତରା ପୋଷାକ ଆଉ ହାତରେ ଖଡି-ସିଲଟ । ଟିକିଏ ଆଶ୍ଚର୍ଯ୍ୟଭରା ମୁରୁକିହସ  ଦେଇ ଆଗକୁ ଯାଇ ଦେଖେ ତ କିଏ ଜଣେ କଳାପଟାରେ ଲେଖି ପିଲାଙ୍କୁ ପଢାଉଛି । ଖୁବ୍ ସୁନ୍ଦର୍ ପିଲାମାନେ ମଧ୍ୟ କଥା ଶୁଣୁଛନ୍ତି । ଲମ୍ବା, ସୁନ୍ଦର ଓ ସଭ୍ୟ ଜଣା ପଡୁଥିବା କେହି ଜଣେ ବାବୁ । ପରିଚୟ ଆଦାନପ୍ରଦାନରେ ତାଙ୍କ ନାମ ସୋମେଶ ବୋଲି ଜାଣି ପାରିଲା । ବସ୍ତି ବାସିନ୍ଦାଙ୍କ ଠାରୁ ଜାଣି ପାରିଲା ଯେ ଏଇ କିଛି ଦିନ ହେବ ଏହି ସହରୀ ବାବୁ ଜଣଙ୍କ ଆସି ବସ୍ତି ପିଲାଙ୍କୁ ମାଗଣାରେ ପାଠ ପଢାଇବା ଆରମ୍ଭ କରିଛନ୍ତି । ଖୁବ୍ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମନକୁ ଛୁଇଁ ପାରିଛନ୍ତି । ଜାଣି ବହୁ ଖୁସି ହେଲା । ଦୁନିଆର ଗହଳ ଭିତରେ ମାନବିକତାର ଦ୍ରୁମକୁ ଧରି ଛାୟା ପ୍ରଦାନ କରୁଥିବା ଲୋକ ବି ଅଛନ୍ତି ଭାବି ମନେ ମନେ ମୁରୁକି ହସିଲା । କେଉଁଠି ନା କେଉଁଠି ପ୍ରଥମ ଦେଖାରେ ସୋମେଶ ସୁଷମାର ମନକୁ ଛୁଇଁ ସାରି ଥିଲା । ସହରି ଢାଞ୍ଚାରେ ରହି ବି ନିଜକୁ ଏଇ କେଇଟା ଗରିବ ଲୋକଙ୍କ ପାଇଁ ଅଜାଡି ଦେବା ଓ ସେମାନଙ୍କ ସାହାଯ୍ୟ ପାଇଁ ହାତ ବଢ଼ାଇ ପାରୁଥିବା ଲୋକ ଏ ଦୁନିଆରେ ଖୁବ୍ କମ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନ ଠାରୁ ସୁଷମା ପ୍ରାୟ ଆସେ ବସ୍ତିକୁ । ପିଲାଙ୍କ ସହ ମିଶେ । ସୋମେଶ ସହ ମଧ୍ୟ ତାର ଏକରକମ ଭଲ ବନ୍ଧୁତା ହୋଇ ସାରିଥିଲା । ସହର ରେ ବଢି ମଧ୍ୟ ସୋମେଶର ସରଳ, ନିଷ୍କପଟ ମନ ସୁଷମାକୁ ବେଶ୍ ଆକର୍ଷିତ କରି ପାରିଛି । ଯେଉଁ ଭଳି ସେ ବସ୍ତିବାସିଙ୍କ ସହ ବସି ସୁଖଦୁଃଖ ହୁଏ, ସାହାଯ୍ୟ କରିବାକୁ ଆଗେଇ ଯାଏ ତାହା ଦେଖି ସୁଷମା ଥରେ ଥରେ ବିଶ୍ୱାସ କରି ପାରେନା ।ସମ୍ଭ୍ରାନ୍ତ ଘରର ହୋଇ ମଧ୍ୟ ଏଇ ଗରିବ ଗୁରୁବାଙ୍କ ପାଇଁ ତାହାର ମନରେ ଥିବା ଏତେ ଭଲପାଇବା ସୁଷମା ମନରେ ତା ପାଇଁ ଏକ ସ୍ୱତନ୍ତ୍ର ଜାଗା ସୃଷ୍ଟି କରି ପାରିଛି । ସୋମେଶ ମଧ୍ୟ ଖୁବ ପସନ୍ଦ କରେ ସୁଷମାକୁ । ଝିଅଟିର ଏତେ ସରଳିଆ ମନ ଓ ସଭିଙ୍କୁ କ୍ଷଣିକ ରେ ଅପଣାର କରି ନେବାର କଳାରେ ସେ ମୁଗ୍ଧ । ଦୁହେଁ ଦୁହିଁଙ୍କ ସହ ଖୁବ୍ ସହଜରେ ମିଶିଯାନ୍ତି । ଅନୁଭବ କରି ହୁଏନା ଯେ ଏଇ ମାସ କେଇଟାରେ ସେମାନେ ପରସ୍ପରକୁ ଜାଣିଛନ୍ତି । ସୁଷମା ମନେ ମନେ ଭାରି ଖୁସି । ସତେ ଯେମିତି ତା ମନ ଚାହୁଁଥିବା ମଣିଷ ପାଇଁ ଅପେକ୍ଷାର ଅନ୍ତ ଘଟିଛି । ପ୍ରକୃତ ସାଥୀଟିଏ ଯେମିତି ସେ ପାଇସାରିଛି ।କିନ୍ତୁ ସେ କିଛି କହେନି । ମନ କଥା ମନରେ ହିଁ ଲୁଚାଇ ରଖିଛି । ଏଇ ଡରରେ ଯେ ସେ କାଳେ ସୋମେଶକୁ ହରାଇ ବସିବ । ମା ଙ୍କୁ କହିଚି କିନ୍ତୁ ମା ବି ଖୁସି ଓ ଡର ମିଶା ସ୍ୱରରେ ଏଇ କଥା କହିଛନ୍ତି ଯେ – ମାଟି ଉପରେ ରହି କଣ ଆକାଶର ଜହ୍ନକୁ ଆମେ ତୋଳି ଆଣି ପାରିବା !!!!! ସୁଷମା ବି କଥାର ସତ୍ୟତାକୁ ଅନୁଭବ କରି ସୋମେଶକୁ କିଛି କହିବାର ସାହାସ କରିପାରିନି । ଦିନେ ସୋମେଶ ଓ ସୁଷମା ବସି କଥା ହେଉଥିବା ବେଳେ ସୋମେଶ ସୁଷମାକୁ ତା ସହ ଏମିତି ଜୀବନସାରାର ସାଥୀ ହୋଇ ପାରିବ କି ବୋଲି ପ୍ରଶ୍ନ କରିଛି । କିଛି କହିବା, କିଛି ଭାବିବା ଆଗରୁ ସୋମେଶ ସୁଷମାକୁ ବିବାହ ପାଇଁ ପ୍ରସ୍ତାବ ଦେଇଛି । ଢଳଢଳ ଆଖିରେ ସୁଷମା ଅବାକ୍ ହୋଇ ରହିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୋମେଶକୁ । ସ୍ୱପ୍ନ ନା ବାସ୍ତବତା ବୋଲି ବିଶ୍ୱାସ କରି ପାରୁନି ସେ । ସୁଷମା ହାତରେ ହାତ ଦେଇ ସେ କଥାର ବାସ୍ତବତାକୁ ଅନୁଭବ କରାଇଛି । ସୁଷମାର ଖୁସି କହିଲେ ନ ସରେ । ମନେ ମନେ କେତେ ଠାକୁରଙ୍କୁ ସେ ଧନ୍ୟବାଦ ଦେଇ ସାରିଲାଣି । ଜୀବନର ସବୁ ଖୁସି ଯେମିତି ଆଜି ତାରି ଆଞ୍ଜୁଳାରେ ଅଜାଡି ହୋଇ ଯାଇଚି । ହୃଦୟ ଖୋଜୁଥିବା ପ୍ରକୃତ ସାଥୀକୁ ପାଇ ସେ ଆଜି ନିଜକୁ ସମ୍ପୂର୍ଣ୍ଣ ମନେ କରିଛି । ସୋମେଶ ଏହି ଖବର ବାପା ମା'ଙ୍କୁ ଜଣାଇବା ପାଇଁ କହି ସହରକୁ ଯିବା କହି ଚାଲି ଯାଇଚି । ଏପଟେ ସୁଷମା ଓ ତା ମା'ଙ୍କ ପାଦ ଖୁସିରେ ଯେମିତି ଭୂମିରେ ଲାଗୁ ନଥାଏ । ଦୁଃଖ କଷ୍ଟରେ ବଡ କରିଥିବା ନିଜ ଝିଅର ଖୁସିର ସଂସାର ହେବା କଥା ଭାବି ମା'ଙ୍କ ଆଖିରୁ ଦି ଟୋପା ଲୁହ ଝରି ପଡିଚି । କିଛି ମାସ ବିତି ଯାଇଛି । ଏପଟେ ସୁଷମା ମନ ଭାରି ବ୍ୟସ୍ତ ହେଲାଣି । ସୋମେଶର ନା କିଛି ଖବର ଅଛି ନା ସେ ଗାଁରୁ ଫେରିଛି । ବସ୍ତି ଯାଇ ପଚାରି ବୁଝିଛି, ସୋମେଶ ଗାଁରୁ ଫେରି ନାହିଁ ବୋଲି ସଭିଏଁ କହିଛନ୍ତି । ମନକୁ କେଣ କେଣ ଭାବନା ସବୁ ତାକୁ ବ୍ୟସ୍ତ କରି ପକଉଛି । ସୋମେଶ କେଣ ତା ସହ ଛଳନା କଲା, କେଣ ତା ବିଶ୍ୱାସ କୁ ଭାଙ୍ଗି ଚାଲିଗଲା । ନାନା କଥା ଭାବି ଚିନ୍ତିତ ହେଉଚି । କାନ୍ଦିଛି । ମନେ ମନେ ରାଗଭରା ଅଭିମାନ ବି କରିଛି । କିନ୍ତୁ କୌଣସି ଖବର୍ ପାଇନି । କିଛିଦିନ ପରେ ସେ ବାହାରକୁ ଯାଉଥିବା ବେଳେ ଦୁଇ ଜଣ ବୃଦ୍ଧ ଦମ୍ପତି ସେମାନଙ୍କ ଘର ଠିକଣା ପଚାରୁ ଥିବା ଦେଖିବାକୁ ପାଇଛି । ପାଖକୁ ଯାଇ ନିଜ ପରିଚୟ ଦେଇ ଘରକୁ ଡାକି ଆଣିଛି । ଏବଂ ଜାଣି ପାରିଛି ଯେ ସେମାନେ ହେଉଛନ୍ତି ସୋମେଶର ବାପାମାଆ । ଆଦର ସତ୍କାର ପରେ ଯେତେବଳେ ସେ ସୋମେଶ କଥା ପଚାରିଛି ତା ବାପାମା'ଙ୍କ ଆଖିରୁ ଅଶ୍ରୁଧାର ବହି ଯାଉଛି । କଥା କହିବାକୁ ଗଲାବେଳକୁ ତାଙ୍କ ଗଳାରୁଦ୍ଧ ହେଇ ଯାଉଛି କୋହରେ । କେମିତି ବା ନହେବ ଭଲା । ଏଇ ଦୁନିଆର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେଉଁ ବାପାମା'ଙ୍କ ଠାରେ ଏତେ ଶକ୍ତି ଅଛି ଯେ ନିଜ ମୁହଁ ରେ ନିଜ ପୁଅର ମୃତ୍ୟୁ ଖବର ବଖାଣି ପାରିବେ । ଘରୁ ଫେରିବା ରାସ୍ତାରେ ସଡକ ଦୁର୍ଘଟଣାରେ ସୋମେଶ ପ୍ରାଣ ହରାଇଛି । ଏକଥା ଶୁଣି ସୁଷମାର ପାଦତଳୁ ଯେମିତି ମାଟି ଅତଡା ଖସିଗଲା । ସ୍ତବ୍ଧ ଓ ହତବାକ୍ ହୋଇ ସେ ଲଥ୍ କରି ବସି ପଡ଼ିଲା । ଭାଗ୍ୟର ଏତେ ବିଡ଼ମ୍ବନା କିଏ ଅବା ଜାଣିଥିଲା । ମନର ମଣିଷ ସହିତ ସ୍ୱପ୍ନରେ ଦେଖିଥିବା ସୁଖର ସଂସାର ଯେ କେବଳ ସ୍ୱପ୍ନରେ ସୀମିତ ରହିଯିବ ବୋଲି କିଏ ବା କଳ୍ପନା କରିଥିଲା । ଖୁସି ର ଫଗୁଣ ନେଇ ଆସିବାକୁ ଥିବା ମଣିଷଟି ଯେ ତାକୁ ଛାଡି ସବୁଦିନ ପାଇଁ ଆରପାରିକୁ ଚାଲିଯିବ ଏକଥା ସେ ଭୁଲ୍ ରେ ସୁଦ୍ଧା କଳ୍ପନା କରିନଥିଲା । ସୋମେଶ ମୃତ୍ୟୁ ଖବର ଶୁଣି ସୁଷମାର ମା'ଙ୍କୁ ଶକ୍ତ ଧକ୍କା ଲାଗିଥିଲା । ଝିଅର ଖୁସିର ସଂସାର ନ ହେଉଣୁ ଯେ ଉଜୁଡ଼ିଗଲା ଭାବି ତାଙ୍କୁ ହୃଦଘାତ କବଳିତ କଲା । ମା'ଙ୍କୁ ଧରି ସେ ଡାକ୍ତରଖାନାକୁ ଦୌଡିଲା । ଡାକ୍ତରଙ୍କୁ ମା'ଙ୍କୁ ଭଲ କରିଦେବା ପାଇଁ କାକୁତିମନତି କରିଛି...କିନ୍ତୁ ଡାକ୍ତର ବାବୁ ତୁମ ମା'ଙ୍କୁ ବଞ୍ଚାଇବା ସମ୍ଭବ ନୁହେଁ, ସେ ଏବେ ଆରପାରିରେ ବୋଲି କହି ଚାଲି ଯାଇଛନ୍ତି । ଏ କଥା ଶୁଣି ସୁଷମା ପାଗଳି ପ୍ରାୟ ହୋଇ ଯାଇଚି । ଆଖିର ଅମାପ ଲୁହ ଓ ମନର କୋହକୁ ସମ୍ଭାଳି ନପାରି ତଳେ ଲୋଟି କାନ୍ଦି ଚାଲିଛି । ମୁଣ୍ଡ ପିଟି ଭଗବାନଙ୍କ ଠାରେ ବାରମ୍ବାର ପ୍ରଶ୍ନ କରି ଚାଲିଛି – ହେ ପ୍ରଭୁ, କାହିଁକି ? ? କେଉଁ ଦୋଷର ଏତେ ବଡ଼ ଦଣ୍ଡ ମୋତେ ଦେଲ ବୋଲି ଅଭିମାନ ଭରା ପ୍ରଶ୍ନ କରିଛି । ଏକା ଥରକେ ମୋ ଠାରୁ ମୋର ଦୁଇଟି ଯାକ ପ୍ରିୟ ମଣିଷକୁ କାହିଁକି ଛଡେଇ ନେଲ ବୋଲି କାନ୍ଦି କାନ୍ଦି ଭୂଇଁ ରେ ଲୋଟି ଯାଉଛି ।

ସୁଷମାର ହସଖୁସି ର ସଂସାର ଆଜି ଯେମିତି ସମ୍ପୂର୍ଣ୍ଣ ସ୍ତବ୍ଧ । ସବୁ ଅପଣାର ଆଜି ତାକୁ ପର ଲାଗୁଛନ୍ତି । ଦୁନିଆର ରୀତିନୀତି ଓ ଭଗବାନଙ୍କ ଠାରୁ ମୁହଁ ଫେରାଇ ନେଇଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ । ପାଗଳୀ ପ୍ରାୟ ହୋଇ ସାରିଛି । ଦପ୍ତରର ଚାକିରୀ ବି ସେ ଛାଡି ଆସିଛି । ବର୍ତ୍ତମାନ ବଞ୍ଚିବାର କୌଣସି ଅର୍ଥ ନାହିଁ ବୋଲି ନିଜକୁ କଷ୍ଟ ଦେଇ ଚାଲିଛି । ଯେଉଁ ସୁଷମାର ହସରେ ଚାରିଦିଗ ମହକି ଉଠୁଥିଲା, ସେଇ ସୁଷମା ହସିବା କଣ ଭୁଲି ସାରିଛି । ସୁନ୍ଦର ସୁଢଳ ଚେହେରାଟି ବର୍ତ୍ତମାନ୍ ଶୁଖିଲା ଓ ଶେଠୁଆ ଦିଶୁଛି ଠିକ୍ ସୂର୍ଯ୍ୟର ଅତ୍ୟଧିକ ଖରାରେ ଝାଉଁଳି ପଡିଥିବା ଫୁଲଟିଏ ଭଳି ।

ନିଜ ଭାଗ୍ୟକୁ ଧିକ୍କାର କରି, ଜୀବନ ଅର୍ଥହୀନ ବୋଲି ଭାବି ସେ ପହଁଞ୍ଚିଛି ରେଳ ଧାରଣାରେ, ନିଜ ଜୀବନ ଦୀପକୁ ସବୁଦିନ ପାଇଁ ଏ ସଂସାରରୁ ଲିଭାଇ ଦେବା ପାଇଁ । ଦୂରରୁ ବିଶାଳକାୟ ରେଳଟି ଘର୍ଘର ନାଦରେ ଛୁକ୍ ଛୁକ୍ କରି  ଆଖି ପିଛୁଳାକେ ଝପଟି ଆସୁ ଥାଏ, ସୁଷମା ଆଖି ବନ୍ଦ କରି ଦୁନିଆକୁ ଭୁଲି ଠିକ୍ ପୋଇ ମଝିରେ ଠିଆ ହୋଇ ଯାଇ ଥାଏ । ରେଳଟି କ୍ଷୀପ୍ର ଗତିରେ ମାଡି ଆସୁଥାଏ । ହଠାତ୍ କିଛି ଘଟିବା ପୂର୍ବରୁ ତା ହାତକୁ ଯେମିତି କେହି ପଛରୁ ଜୋର୍ ରେ ଟାଣି ଦେଲା । ଦେଖେ ତ ଜଣେ ବୃଦ୍ଧା । ଜୀର୍ଣ୍ଣ ଶରୀର । ଖଣ୍ଡିଏ ବାଡ଼ି ଧରି ସେ ସାହାରା ନେଉଛନ୍ତି । ମଣିଷ ଜୀବନର ମୂଲ୍ୟ କଣ ଏତେ ତୁଚ୍ଛ କି ଲୋ ମା ! ଯାହାକୁ ତୁ ଏତେ ସହଜରେ ଶେଷ କରିଦେବାକୁ ବସିଥିଲୁ । ସୁଖଦୁଃଖର ଏଇ ସଂସାର ଭିତରେ ସବୁ ଯଦି ଏମିତି ଜୀବନକୁ ସାରି ଦେବା କଥା ସମସ୍ତେ ଚିନ୍ତା କରିବେ ତାହେଲେ କଣ ଚଳି ହେବ । ସମସ୍ତେ ଦୁଃଖ ଯନ୍ତ୍ରଣାରେ ପୀଡିତ, ହେଲେ କଣ ସବୁ ହାର୍ ମାନି ନେଇଛନ୍ତି ।!! କଷ୍ଟ ହେଲେ ବି ଜୀବନ ଯୁଦ୍ଧରେ ଲଢ଼ି ଚାଲିବା ପରା ଦୁନିଆର ରୀତି । ଟିକିଏ ଚାରି ଆଡକୁ ଆଖି ବୁଲାଇ ଦେଖ୍, ଠିକ୍ ଜାଣି ପାରିବୁ । କାନ୍ଦି କାନ୍ଦି ରେଳଷ୍ଟେସନରେ କୋଣରେ ପଡି ଥିବା ଏକ ଚେୟାର ଉପରେ ସୁଷମା ବସି ପଡ଼ିଲା । ଏ କଣ କରିବାକୁ ଯାଉ ଥିଲା ସେ । ଲୁହଭିଜା ଢଳଢଳ ଆଖିରେ ସେ ଚାରି ଆଡକୁ ଅନାଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥାଏ । ହଜାର ହଜାର ଲୋକ ଭିଡ ଏଇ ଷ୍ଟେସନରେ । ସମସ୍ତେ ନିଜ ଜୀବନରେ ବ୍ୟସ୍ତ । ହସ, ଖୁସି, ଲୁହ, ଚିନ୍ତାକୁ ମୁହଁରେ ନେଇ ସମସ୍ତେ ଆଗକୁ ବଢ଼ି ଚାଲିଛନ୍ତି । ଏ ସମୟରେ ତା ନଜର ପଡିଛି ଦୂରରେ ଥିବା ଜଣେ ସ୍ତ୍ରୀ ଲୋକ ଉପରେ । ଯେ ସେହି ଷ୍ଟେସନ ରେ ଭିକ୍ଷାବୃତ୍ତି କରୁଛି । ସାଥିରେ ଦେଢ ବର୍ଷର ଛୁଆଟିଏ । ସେମାନଙ୍କ ଘର ନାହିଁ ବୋଧେ । ସେଇ ଷ୍ଟେସନ୍ ରେ ସେମାନେ ଆଶ୍ରା ନେଉଛନ୍ତି । ପିଲାଟିକୁ ଦୂର ଜାଗାରେ ବସାଇ ଦେଇ ମା'ଟି ପେଟ ପାଇଁ ସମସ୍ତଙ୍କ ଆଗରେ ହାତ ପତଉଛି । କିଏ କିଛି ପଇସା ଫିଙ୍ଗି ଦେଉଛି ତ କିଏ ମୁହଁ ବୁଲାଇ ଚାଲି ଯାଉଛି । ପିଲାଟି ମୁହଁରେ ଦାନାଖଣ୍ଡେ ପାଇଁ କେତେ ନେହୁରା ହେଲେ ବି କିଏ ବା ଶୁଣେ । ସେଥିରେ ପିଲାଟି ଯେତେବେଳେ ଭୋକରେ ଆଉଟୁପାଉଟୁ ହେଇ କାନ୍ଦି କାନ୍ଦି ଆସି ମା ଆଗରେ ତଳେ ଗଡି ଯାଉଛି, ମା'ଟି ଖୁବ୍ ଯତନରେ ତାକୁ କୋଳେଇ କାଖେଇ ନାନା କଥା କହି ଭୁଲାଇ ଦେଉଛି । ନିଜ ପଣତରେ ଲୁହ ପୋଛି ସ୍ନେହବୋଳା ଆଦର ଅଜାଡି ଦେଉଛି । ଢୋକେ ପାଣି ପିଆଇ ତାକୁ ଚୁପ୍ କରେଇ ଦଉଛି । ପୁଣି ପିଲାଟିକୁ ଧରି କାଖରେ କାମରେ ଲାଗି ପଡୁଛି । ଅବାକ୍ ହୋଇ ଚାହିଁଥାଏ ସୁଷମା । ପୁଣି ଦେଖିଛି ଜଣେ ଭିନ୍ନକ୍ଷମ ମଣିଷକୁ । ଯିଏ ନିଜେ ଚାଲିବାକୁ ବି ସକ୍ଷମ ନୁହଁ । ଯାହାକୁ ସାହାରାର ଆବଶ୍ୟକତା ରହିଛି କିନ୍ତୁ ସେ ନିଜ ଗୋଡରେ ଠିଆ ହୋଇଛି ଅର୍ଥାତ ନିଜକୁ ଅକ୍ଷମ ନ ଭାବି ଜୋତା ପଲିସି କରି ନିଜେ ରୋଜଗାର କରୁଛି । ନିଜ ପାଇଁ ନିଜେ ସାହାରା ପଲଟିଛି । ସୁଷମା ଯେମିତି ଏ ଦୁନିଆକୁ ଦେଖି ନଥିଲା ସତେ । ମନରେ ଅଜସ୍ର ପ୍ରଶ୍ନ ଓ ଦୁଃଖରେ ହଜି ଯାଇଥାଏ କେଉଁଠି ଯେମିତି ସେ ।

ହଠାତ୍ କାହା ଡାକରେ ସେ ଚମକି ପଡ଼ିଲା । କଣ୍ଠସ୍ୱରଟି ଥିଲା ଗୋଟେ ଛୋଟ ପିଲାର । ବୟସ ଏଇ ଦଶ, ବାର ଖଣ୍ଡେ । ସେ ସୁଷମାକୁ ବାଧ୍ୟ କରି ଚାଲିଥାଏ ତା ଠାରୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଫୁଲ କିଣିବା ପାଇଁ । ବାରମ୍ବାର କହୁଥାଏ ଏଥିରୁ କିଛି ଫୁଲ ନିଅ ନା ଦିଦି । ଆଜି ମୋ ଠାରୁ କେହି ଫୁଲ ନେଇ ନାହାନ୍ତି । ସକାଳ ପହରୁ ବୁଲି ବୁଲି ଥକିଲିଣି । ତମେ କିଛି ଫୁଲ ନିଅ ଓ ମୋତେ କିଛି ପଇସା ଦିଅ । ଅଜଣା ହେଲେ ମଧ୍ୟ ସେ ତାର ଗପର ପସରା ଖୋଲି ଦେଇଚି । ବାପା ମା ଙ୍କୁ କିଭଳି ପିଲାଦିନୁ ହରାଇ ଆଜିର ଏହି ଦୁନିଆରେ ଜୀବନ କାଟୁଛି, କହି ଚାଲିଛି । ତା ଅନର୍ଗଳ କଥାରୁ ଗୋଟିଏ କଥା ସୁଷମାକୁ ବାଧ୍ୟ କଲା ତା ଆଡକୁ ନିରେଖି ଚାହିଁବା ପାଇଁ । ତାହା ଥିଲା – ଭଗବାନ ମୋତେ ଗରିବ ଓ ଅନାଥ କଲେ ତ କଣ ହେଲା, ତାହା ବଦଳରେ ଏ ଯେଉଁ ଜୀବନଟା ଉପହାର ଭଳି ଦେଇଛନ୍ତି ତାକୁ ମୁଁ ଏମିତି ବ୍ୟର୍ଥ ହେବାକୁ ଦେବି ନାହିଁ । ମୋ ବାପାମାଆ ଯଦି ବଞ୍ଚିଥାନ୍ତେ ତେବେ ସେମାନେ ବି କଣ ଏମିତି ଚାହିଁଥାନ୍ତେ ! ମୁଁ ବି ଜୀବନକୁ ତାରି ଖେଳରେ ହରାଇବି । ସେଥିପାଇଁ ମୁଁ ଫୁଲ ବିକ୍ରି କରେ ଆଉ ସମସ୍ତ ଙ୍କ ମୁହଁରେ ହସଟିଏ ଦେବା ପାଇଁ ଚେଷ୍ଟା କରେ । ହସି ହସି ଅସରାଏ କଥାର ଏଇ କେଇ ପଦ ସୁଷମାକୁ ନିଜ ବିଷୟରେ ଭାବିବାକୁ ବାଧ୍ୟ କରିଦେଲା । କେଉଁ କଥାକାରର ସଂଳାପ ଭଳି କହି ଯାଇଥିବା କେଇ ପଦ ସୁଷମାର ଆଖି ଖୋଲି ଦେଲା । ଜୀବନକୁ ବଞ୍ଚିବାର ରାହାଟିଏ ଯେମିତି ସେ ପାଇ ସାରିଥିଲା ସେଇ ପିଲାଟି ପାଖରୁ । ଦୁଃଖର ପାହାଡ ତା ଉପରୁ ହଟି ଯାଇ ନଥିଲା ସତ କିନ୍ତୁ ସେଇ ପାହାଡ଼କୁ ପାର କରିବାର ଅଦମ୍ୟ ଶକ୍ତି ଯେମିତି ସେ ସାଉଁଟି ନେଇଥିଲା ।

(ସୁଶ୍ରୀ ଆରତୀ ପଟ୍ଟନାୟକ, ସୋରଡ଼ା, ଗଞ୍ଜାମ୍)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଗୁରବେ ନମଃ



ସୁଷମା ପରିଜା

ସେଦିନ ଅଫିସ୍ ରେ କିଛି ଜରୁରୀ କାମ ସାରି ଘରକୁ ଫେରିବା ବେଳକୁ ରାତି ଆଠଟା ବାଜିଲାଣି । ଏଇ ସମୟଟା ବେଙ୍ଗାଲୁରୁରେ ଟ୍ରାଫିକ୍ ଜାମ୍ ର ସମୟ । ପ୍ରତି ଟ୍ରାଫିକ୍ ରେ ଅତି କମ୍ ରେ ପନ୍ଦର ମିନିଟ୍ ଅଟକିବା ପାଇଁ ପଡିବ । ପଚିଶି କିଲୋମିଟର ଦୂରରେ ତା'ର ଘର, ମାନେ ଆହୁରି ଦେଢ ଦୁଇ ଘଣ୍ଟା ଡେରି । ମନେ ମନେ ବସର ସପ୍ତପୁରୁଷ ଉଝାଳି ପକାଇଲା ଅନୁପମ । ନିହାତି ବାଜେ ଲୋକଟା, ଠିକ୍ ଲାଷ୍ଟ ଆୱାରରେ ତା'ର ସବୁ ଅର୍ଜେଣ୍ଟ କାମ ମନେପଡେ, ରବିଶ୍ ... । ଷ୍ଟିଅରିଂ ଉପରୁ ମୁହଁ ଉଠାଇ ଚାହିଁଲା ସେ, ଆଗରେ ପ୍ରବଳ ଭିଡ, କାର୍ ସବୁ ଲାଇନ ଲେଖିଛନ୍ତି, ଭିଡ ଆଗକୁ ଯିବାର ନାଆଁ ନେଉନି, ଇଆଡେ ଭୋକରେ ପେଟ ଜଳିଲାଣି । ଘରୁ ପ୍ରତି ଦଶ ମିନିଟ୍ ରେ ଥରେ ଆସୁଛି ଅମ୍ରିତା'ର ଫୋନ୍ "ଆଉ କେତେ ସମୟ ଲାଗିବ" । ଅନୁପମ ଭାବିଲା ଆଗ ଟ୍ରାଫିକ୍ ସିଗ୍ନାଲରେ ସେ ଆଉ ସିଧାରାସ୍ତାରେ ନ ଯାଇ ୟୁ ଟର୍ଣ୍ଣ ନେଇ ବୁଲିଯିବ, ମାରାଥଲିରୁ କିଛି ରସଗୋଲା ନେଇ ଯିବ ଘରକୁ, ନହେଲେ ଆଜି ଅମ୍ରିତା ହାତରୁ ନିସ୍ତାର ନାହିଁ ତା'ର । କଷ୍ଟେମଷ୍ଟେ ଅଧଘଣ୍ଟା ପରେ ଭିଡ କାଟି ମାରାଥଲି ରାସ୍ତାରେ ପହଞ୍ଚିଗଲା ସେ ।

ଆଉ କିଛି ବାଟ ଆଗେଇ ଗଲେ ଛକ, ଦୁଇଶହ ଫୁଟ୍ ଆଗରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାମ ପଟକୁ ପଡିବ 'ରାଜ୍ ସୁଇଟସ୍ ଷ୍ଟଲ୍' । ବେଙ୍ଗାଲୁରୁର ସବୁ ରସଗୋଲା ପ୍ରିୟ ମଣିଷଙ୍କର ଫେଭରାଇଟ୍ ହଟ୍ ସ୍ପଟ୍ ଏଇ ଜଳଖିଆ ଦୋକାନଟି । ସବୁବେଳେ ଗ୍ରାହକ ମାନଙ୍କ ଭିଡ ଲାଗି ରହିଥାଏ ସେଠାରେ, ଲାଇନ୍ ଲଗାଇ ଅର୍ଡର ଆଣିବାକୁ ପଡେ । କଳ୍ପନାରେ ରସଗୋଲା ପ୍ରିୟ ଅମ୍ରିତା ଓଠର ଚାରିଶହ ଚାଳିଶି ଭୋଲ୍ଟେଜ୍ ର ହସକୁ ମନେ ପକାଇ ଛକ ଆଗକୁ ଗାଡି ବୁଲେଇଲା ଅନୁପମ । ହେତ୍ ! ଏଠି ବି ଭିଡରୁ ରକ୍ଷା ନାହିଁ । ଅଗତ୍ୟା ଛକରୁ କିଛି ଦୂରରେ ପାର୍କିଂରେ ଗାଡି ରଖି ପାଦରେ ଚାଲି ଚାଲି ଆଗକୁ ଚାଲିଲା ସେ । ଦଶ କଦମ୍ ଚାଲିଛି କି ନାହିଁ ଗୋଟିଏ ଲାଇଟ୍ ପୋଷ୍ଟ ତଳେ ବସିଥିବା ଜଣେ ମହିଳାଙ୍କୁ ଦେଖି ପାଦ ଦୁଇଟା ଅଟକିଗଲା ତା'ର । ମହିଳାଙ୍କ ଜୀର୍ଣ୍ଣଶୀର୍ଣ୍ଣ ଶରୀର, ମଇଳା ଚିରା ଲୁଗାପଟା ଆଉ ଆଗକୁ ପ୍ରସାରିତ କରି ରଖିଥିବା ହାତ ସ୍ପଷ୍ଟ ଜଣାଇ ଦେଉଥିଲା କି ସେ ଜଣେ ଭିକାରୁଣୀ ବୋଲି । କିନ୍ତୁ ଅନୁପମଙ୍କୁ ଲାଗୁଥିଲା ସେ ସେଇ ମହିଳାଙ୍କୁ ଜାଣିଛନ୍ତି, କେଉଁଠି ଦେଖିଛନ୍ତି ଆଉ କିଛି ଅନ୍ୟ ରୂପରେ । ହେଲେ ସେ ଚେଷ୍ଟା କରି ମଧ୍ୟ ମନେ ପକାଇ ପାରୁନଥିଲେ ତାଙ୍କର ପରିଚୟ । ତାଙ୍କର ଅନ୍ତରାତ୍ମାରୁ ସ୍ୱର ଶୁଭୁଥିଲା, "ତୁମେ ତାଙ୍କୁ ଜାଣିଛ, ଖୁବ୍ ଭଲ ଭାବରେ ଜାଣିଛ ଅନୁପମ ! ଭଲ କରି ଦେଖ ନିଶ୍ଚୟ ଚିହ୍ନି ପାରିବ ତାଙ୍କୁ ।" ଅନୁପମ ଆଉ ଟିକିଏ ପାଖକୁ ଯାଇ ପୁଣି ନିରିଖେଇ ଦେଖିଲେ ସେଇ ମହିଳାଙ୍କୁ । ଏଥରକ ଝାପସା ଝାପସା ହୋଇ ଦିଶିଗଲା ତାଙ୍କୁ ପଚିଶି ବର୍ଷ ତଳର ସୁନ୍ଦର ମୁହଁ ଟିଏ । ସେ ମୁହଁ ଥିଲା ତାଙ୍କ ସ୍କୁଲ୍ ର ମ୍ୟାଥ୍ ଟିଚର୍ ସରସ୍ୱତୀ ମିସଙ୍କର । ହେଲେ ସେ କାହିଁକି ଏମିତି ଭାବରେ ଏଠି ବସିବେ ? ସିଏ ବା ଚେନ୍ନାଇ ଛାଡି ବେଙ୍ଗାଲୁରୁ କାହିଁକି ଆସିବେ ? ତାଙ୍କର ପିଲାମାନେ ନିଶ୍ଚିତ ବଡ ବଡ ଚାକିରୀ ବାକିରୀ କରି ତାଙ୍କୁ ଭଲରେ ରଖିଥିବେ । ତଥାପି ଅନୁପମଙ୍କର ମନ ମାନୁ ନଥିଲା । ସେ ଆଉ ଟିକିଏ ପାଖକୁ ଯାଇ ସେଇ ମହିଳାଙ୍କ ସମ୍ମୁଖରେ ବସି ପଡିଲେ, ତାଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଚିହ୍ନା ଆଖିରେ ଚାହିଁ ରହିଥିବା ସେଇ ମହିଳାଙ୍କୁ ଧୀର ସ୍ୱରରେ ଡାକିଲେ 'ସରସ୍ୱତୀ ଆମ୍ମା.. ? ସରସ୍ୱତୀ ଆମ୍ମା.. ? ସରସ୍ୱତୀ ଆମ୍ମା.. ?' ଏଥର ଚମକି ଉଠିଲେ ମହିଳା ଜଣକ । ଆଖିରୁ ଧାର ଧାର ହୋଇ ଲୁହ ଗଡି ପଡିଲା, ଖନ ଖନ  ହୋଇ ପାଟିରୁ ବାହାରି ପଡିଲା...

— "ହୁ ଆର୍ ୟୁ ? ହାଓ କୁଡ୍ ୟୁ ନୋ ମି ?"

ତାଙ୍କର  ହାତ ଦୁଇଟିକୁ ମୁଠାଇ ଧରି ବାଷ୍ପାକୁଳ କଣ୍ଠରେ କହିଲେ ଅନୁପମ.....

— "ଆଇ ଆମ୍ ଅନୁ ! ଅନୁପମ ଆୟାର୍, ଇୟୋର୍ ଷ୍ଟୁଡେଣ୍ଟ ଇନ୍ ମଦର୍ ମେରୀ ହାଇସ୍କୁଲ୍, ଚେନ୍ନାଇ, କ୍ୟାନ୍ ୟୁ ରିକଲ୍ ମି ମିସ୍ ! ଆଇ ୱାଜ୍ ଇୟୋର୍ ଫେଭରାଇଟ୍ ଷ୍ଟୁଡେଣ୍ଟ ଥ୍ରୁ ଆଉଟ୍ ମାଇଁ ସ୍କୁଲ୍ ଡେ'ଜ ଦେୟାର୍" ।

କିଛି ସମୟ ଧରି ଅନୁପମଙ୍କୁ ଚାହିଁ ରହିଥିଲେ ମହିଳା ଜଣକ । ତା'ପରେ କାନ୍ଦି ଉଠିଲେ କଇଁ କଇଁ ହୋଇ, କହିଲେ...

— "ଓଃ ! ଇଏସ୍, ଇଏସ୍, ଇଏସ୍, ଆଇ ଡୁ ରିମେମ୍ବର୍ ! ୟୁ ଆର୍ ଅନୁ, ଦି ବ୍ରାଇଟ୍ ବୟ୍ ଅଫ୍ ଦି କ୍ଲାସ୍ ଇନ୍ ଦୋଜ୍ ଡେ'ଜ୍ । ଆଇ ୱାଜ୍ ଇୟୋର୍ ମ୍ୟାଥ୍ ଟିଚର୍ । ୟୁ ଆର୍ ଗ୍ରୋନ୍ ଅପ୍ ନାଓ, ଆଣ୍ଡ ସୋ ଅଲସୋ ଆଇ । ହାଓ ଆର୍ ୟୁ ମାଇ ବୟ !"

ଅନୁପମଙ୍କର ହାତ ଭିତରେ ଥରି ଉଠୁଥିଲା ବୃଦ୍ଧା ମହିଳା ଜଣଙ୍କର ହାତ, ତାଙ୍କ ଆଖିରୁ ଝରି ପଡୁଥିଲା ଆନନ୍ଦାଶ୍ରୁ । ଅନୁପମ ତାଙ୍କୁ କୋଳେଇ ନେଇ ଉଠାଇ ଆଣିଲେ ସେଠାରୁ । ଧୀରେ ଧୀରେ ଚାଲି ଚାଲି ନିଜର କାର୍ ପାଖକୁ ଆସି ତାଙ୍କୁ ପଛ ସିଟରେ ବସାଇ ଘର ଆଡକୁ ମୁହାଁଇଲେ । ଆଉ ଅମ୍ରିତା କି ରସଗୋଲା କିଛି ବି ମନେ ପଡୁଛି ନଥିଲା ତାଙ୍କର, କେବଳ ମନ ଭିତରେ ଖେଳି ବୁଲୁଥିଲା ସରସ୍ୱତୀ ମିସ୍ ଙ୍କୁ ନେଇ ଅନେକ ଜିଜ୍ଞାସା, ଯାହାକି ତାଙ୍କୁ ଅସ୍ଥିର କରି ଦେଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉଟର୍ ରିଙ୍ଗ୍ ରୋଡ୍ ଦେଇ ସେ କାଏକୋଣ୍ଡା ହାଲି ସ୍ଥିତ ନିଜର ଫ୍ଲାଟରେ ପହଞ୍ଚିଲେ । ପଛ ସିଟରୁ ସରସ୍ୱତୀ ମିସ୍‌ଙ୍କୁ ସେମିତି କୋଳେଇ ଧରି ଲିଫ୍ଟରେ ଯାଇ ପହଞ୍ଚିଲେ ସପ୍ତମ ମହଲାର ନିଜ ଫ୍ଲାଟ୍‌ରେ । ଆସିବା ବାଟରେ ଅମ୍ରିତାଙ୍କୁ ଫୋନ୍ କରି ଏତିକି ଜଣାଇ ଦେଇଥିଲେ ଯେ କେହି ଜଣେ ପରିଚିତ ଅସୁସ୍ଥ ବ୍ୟକ୍ତି ତାଙ୍କ ସହିତ ଅଛନ୍ତି ଏବଂ ତାଙ୍କର ସହାୟତା ଏକାନ୍ତ ଆବଶ୍ୟକ । ଅମ୍ରିତା ଅପେକ୍ଷା କରି ବସି ରହିଥିଲେ । ସେ ଜାଣନ୍ତି ସ୍ୱାମୀଟି ତାଙ୍କର ଜଣେ ଖୁବ୍ ଦରଦୀ ମଣିଷ । କାହାର ଦୁଃଖ କଷ୍ଟ ଦେଖି ମୋଟେ ସହି ପାରନ୍ତି ନାହିଁ । ନିଜର ସାଧ୍ୟମତେ ତାଙ୍କୁ ସାହାଯ୍ୟ ସହଯୋଗ କରନ୍ତି । ଅନୁପମଙ୍କର ସେଇ ମଣିଷ ପଣିଆ ଦେଖି ତ ସେ ତାଙ୍କୁ ପ୍ରେମ କରି ବସିଥିଲେ । ଅନୁପମଙ୍କ ଭଳି ଜୀବନ ସାଥୀଟିଏ ପାଇ ନିଜକୁ ଭାଗ୍ୟବତୀ ମନେ କରନ୍ତି ଅମ୍ରିତା । କଲିଂ ବେଲ୍‌ର ଶବ୍ଦ ଶୁଣି ଧାଇଁ ଆସି ଦରଜା ଖୋଲିଲେ ଅମ୍ରିତା । ଅନୁପମଙ୍କ ସାଥିରେ ଥିବା ମହିଳାଙ୍କୁ ଦେଖି ସେ କିଛି ପଚାରିବା ପୂର୍ବରୁ ଅନୁପମ କହି ଉଠିଲେ

"ସେ ମୋ'ର ସ୍କୁଲ୍ ଟିଚର ମିତୁ, କିଛି ଅସୁବିଧାରେ ପଡି ଆଜି ରାସ୍ତା କଡ଼ରେ ବସି ଭିକ୍ଷାବୃତ୍ତିକୁ ଆପଣେଇବାକୁ ବାଧ୍ୟ ହୋଇଥିଲେ ବୋଧହୁଏ । ଈଶ୍ୱରଙ୍କର ଆଶୀର୍ବାଦରୁ ମୋତେ ଆଜି ସୁଯୋଗ ମିଳିଛି ମୋ' ଗୁରୁଙ୍କ ପାଇଁ କିଛି କରିବାକୁ । ସେଥିପାଇଁ ତୁମର ସାହାଯ୍ୟ ଚାହେଁ, ସାହାଯ୍ୟ କରିବ ମତେ ? ଅନୁପମଙ୍କର ଆଖିରେ ଲୁହ ଆଉ ତାଙ୍କ ମୁହଁରେ ଫୁଟି ଉଠୁଥିବା ମାନସିକ ଯନ୍ତ୍ରଣାର ଛାପକୁ ସ୍ପଷ୍ଟ ଭାବରେ ପଢି ପାରୁଥିଲେ ଅମ୍ରିତା । ବିନା ବାକ୍ୟବ୍ୟୟରେ ସେ ଅନୁପମଙ୍କର କାନ୍ଧରେ ହାତ ପକାଇ ତାଙ୍କ ସାଥିରେ ଧରି ଧରି ବାଥ୍ ରୁମ୍‌କୁ ନେଇ ଗଲେ ମହିଳା ଜଣଙ୍କୁ । ଅନୁପମଙ୍କୁ ଫ୍ରେସ୍ ହେବାକୁ କହି ନିଜ କାମରେ ଲାଗିଗଲେ ସେ । ଅଧ ଘଣ୍ଟା ପରେ ଅନୁପମ ଫ୍ରେସ୍ ହୋଇ ଆସି ଡାଇନିଂ ଟେବୁଲ୍ ଉପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବସିବା ବେଳକୁ ସରସ୍ୱତୀ ମିସ୍‌ଙ୍କୁ ମଧ୍ୟ ଫ୍ରେସ୍ ହୋଇ ସେଇଠି ବସିଥିବା ଦେଖି ଖୁବ୍ ଆନନ୍ଦିତ ହେଲେ । ସଫା ଲୁଗା ପଟା ପିନ୍ଧି ବେଶ୍ ସତେଜ୍ ଦିଶୁଥିଲେ ସରସ୍ୱତୀ ମିସ୍ । ବୟସ ଭାରରେ କମ୍, ଦୁଃଖର ଭାର ରେ ଅଧିକ ମଳିନ ପଡି ଯାଇଥିବା ତାଙ୍କର ଚେହେରା ଖୁବ୍ ଅସହାୟ ଦିଶୁଥିଲା ଅନୁପମଙ୍କର ଆଖିକୁ । ଅମ୍ରିତା ଡିନର୍ ପରଶି ଦେଲେ, ସମସ୍ତେ ସାଙ୍ଗ ହୋଇ ଖାଇ ସାରିବା ପରେ ଗେଷ୍ଟ ରୁମରେ ସରସ୍ୱତୀ ମିସ୍‌ଙ୍କର ଶୋଇବା ବ୍ୟବସ୍ଥା କରିଦେଲେ ଅମ୍ରିତା । ବହୁତ ଦିନ ପରେ ବୋଧହୁଏ ପେଟ ପୁରା ଖାଇଥିଲେ ସରସ୍ୱତୀ ମିସ୍, ତେଣୁ ଅଳ୍ପ ସମୟ ମଧ୍ୟରେ ଶୋଇଗଲେ ସେ । କାଲି ସକାଳ ହେଲେ ମିସ୍‌ଙ୍କୁ ସବୁକଥା ପଚାରି ବୁଝିବେ ବୋଲି ସ୍ଥିର କରି ବିଶ୍ରାମ ନେବାକୁ ଚାଲିଗଲେ ପତିପତ୍ନୀ ଦୁହେଁ ।

ତା' ପରଦିନ ସକାଳେ ଚାହା ଟେବୁଲରେ ବସି ସରସ୍ୱତୀ ମିସ୍ ନିଜ ତରଫରୁ ଶୁଣାଇଥିଲେ ତାଙ୍କର ଦୁଃଖ କାହାଣୀ ।

ସ୍କୁଲରୁ ରିଟାୟାରମେଣ୍ଟ ନେଲା ବେଳକୁ ତାଙ୍କ ପାଖରେ କେହି ନଥିଲେ । ପୁଅ ଦୁଇଜଣ ଜଣେ ହାଇଦ୍ରାବାଦ୍ ଆଉ ଜଣେ ମୁମ୍ବାଇରେ ଚାକିରି କରି ନିଜ ପରିବାରର ସହିତ ରହୁଥିଲେ । ତାଙ୍କ ସ୍ୱାମୀ ସଦାନନ୍ଦ ଗୌଡା ନିଜର ଛୋଟ କିରାଣୀ ଚାକିରୀରୁ ଅବସର ନେବା ବେଳକୁ ଯାହା ଟଙ୍କପଇସା ମିଳିଥିଲା, ତାହା ଦୁଇ ପୁଅଙ୍କ ପାଠ ପଢାଇ ବାହାଘର ପାଇଁ କରିଥିବା ଋଣ ବାବଦକୁ ଗଲା । ସରସ୍ୱତୀଙ୍କ ଦରମାରୁ ଘର ଋଣ ଶୁଝା ଚାଲିଥିଲା ଏବଂ ବଳକା ଟଙ୍କାରେ ସ୍ୱାମୀ ସ୍ତ୍ରୀ ଦୁହେଁ ଚେନ୍ନାଇରେ ଚଳୁଥିଲେ । ହଠାତ୍ ଦିନେ ହାର୍ଟ ଆଟାକରେ ଦେହାନ୍ତ ହୋଇଗଲା ସଦାନନ୍ଦ ଗୌଡାଙ୍କର । ପୁଅ ଦୁଇଜଣ ଆସିଲେ, ବାପାଙ୍କର ସବୁ କ୍ରିୟା କର୍ମ କଲେ । ଯିବା ବେଳକୁ କଥା ଉଠିଲା ମାଆଙ୍କୁ କିଏ ସାଥିରେ ନେବ, କିଏ ତାଙ୍କ କଥା ବୁଝିବ । ବହୁତ ବିଚାର ବିମର୍ଶ ଚାଲିଲା ଦୁହିଁଙ୍କ ପରିବାର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ।

ମାଆଙ୍କର ତ ସରକାରୀ ଚାକିରି ନଥିଲା, ତେଣୁ ପେନସନର ପ୍ରଶ୍ନ ହିଁ ନଥିଲା । ପୁଅ ବୋହୁ ମାନେ ନିଜ ଭିତରେ ଟଣା ଓଟରା ହୋଇ ଝଗଡା ଲାଗିଲେ, କେହି ମାଆଙ୍କ ଦାୟିତ୍ୱ ନେବାକୁ ରାଜି ହେଲେନି । ସରସ୍ୱତୀ ଦୁଃଖରେ ଭାଙ୍ଗି ପଡିଲେ । କେତେ କଷ୍ଟ କରି ପିଲାଙ୍କୁ ମଣିଷ କରିଥିଲେ,  ଭାବିଥିଲେ ସେମାନେ ବଡ ହୋଇ ତାଙ୍କର ଆଶ୍ରାବାଡି ହେବେ, ହେଲେ ଆଜି ସେମାନେ କେତେ ସ୍ୱାର୍ଥପର ହୋଇ ପଡିଛନ୍ତି । ତାଙ୍କ ମନ ମରି ଯାଉଥିଲା । ତଥାପି ସେ କହିଲେ ତୁମେମାନେ ଯିଏ ଯାହାର ଜାଗାକୁ ଯାଅ, ମୁଁ ଏଇଠି ସାଇ ପଡିଶାଙ୍କୁ ଧରି ଏକା ଚଳିଯିବି । ଆମ ଘରର ଗୋଟିଏ ଭାଗ ଭଡାରେ ଦେଇଦେବି, ଯାହା ଘରଭଡା ମିଳିବ ସେଥିରେ ମୁଁ ଆରାମରେ ଚଳିଯିବି । ପୁଅମାନେ ତାଙ୍କର ପରିବାର ଧରି ଫେରିଗଲେ ନିଜ ନିଜ ଜାଗାକୁ  ।

କିଛିଦିନ ପରେ ବଡପୁଅ ଆସି ପହଞ୍ଚିଲା, କହିଲା, "ମା' ତୁମକୁ ଏଠାରେ ଏକା ଛାଡି ଦେଇ ଆମେ ସେଠାରେ ନିଶ୍ଚିନ୍ତ ହୋଇ ରହି ପାରୁନାହୁଁ, ତେଣୁ ଆମେ ଦୁଇ ଭାଇ ସ୍ଥିର କରିଛୁ, ଦୁହେଁ ବେଙ୍ଗାଲୁରୁ ବଦଳି ହୋଇଆସିବୁ ଏବଂ ସେଇଠି ଦୁଇ ଭାଇ ଏକାଠି ରହିବୁ ତୁମକୁ ସାଥିରେ ନେଇ ।" ସରସ୍ୱତୀ ଖୁବ୍ ଖୁସିହେଲେ, ଯାହା ହେଉ, ପୁଅମାନେ ତାଙ୍କ କଥା ଭାବୁଛନ୍ତି  ।

ପନ୍ଦର ଦିନ ପରେ ଦିନେ ରାତିରେ ବଡପୁଅ ସାନ ପୁଅକୁ ସାଥିରେ ନେଇ ଆସି ପହଞ୍ଚିଲା । ଦୁଇଭାଇ ଯାକ କହିଲେ, "ମାଆ ! ଆମର ଅଫିସରୁ ଟ୍ରାନ୍ସଫର ନେଇ ବେଙ୍ଗାଲୁରୁ ଆସିଛୁ । ଆମେ ସମସ୍ତେ ସେଇଠି ଏକାଠି ଘରଭଡା ନେଇ ରହୁଛୁ । ଏବେ ତୁମକୁ ବେଙ୍ଗାଲୁରୁ ନେଇଯିବୁ, ତୁମେ ଆମ ପାଖରେ ରହିବ । ସରସ୍ୱତୀଙ୍କର ଆନନ୍ଦର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୀମା ରହିଲାନି । ଏବେ ସେ ଯାଇ ପୁଅମାନଙ୍କ ପାଖରେ ରହିବେ, ତାଙ୍କ ସହିତ ଦିନ କାଟିବେ, ସେଇ ଆଶାରେ ବିଭୋର ହେଲେ ସେ । ସେଦିନ ବହୁତ ସମୟ ଧରି ଦୁଇ ଭାଇ ବସି କ'ଣ କ'ଣ ସବୁ ଆଲୋଚନା କଲେ । ସରସ୍ୱତୀ ଅତି ଆନନ୍ଦରେ ଭଲ ଭଲ ରୋଷେଇବାସ କରି ପୁଅମାନଙ୍କୁ ଖାଇବାକୁ ଦେଲେ । ରାତିରେ ଶୋଇବା ବେଳକୁ ବଡ ପୁଅ କହିଲା, "ଗୋଟିଏ କାମ କରିବା, ଏଇ ଭଡାଟିଆ ମାନଙ୍କୁ ଘରର ଦାୟିତ୍ୱ ଦେଇଯିବା, ଆମ ଅନୁପସ୍ଥିତିରେ ସେମାନେ ଘରର ଭଲ ମନ୍ଦ ବୁଝାବୁଝି କରୁଥିବେ ନହେଲେ ଘରଟା ବରବାଦ୍ ହୋଇଯିବ । ସରସ୍ୱତୀ ଭାବିଲେ ଠିକ୍ କଥା, ସିଏ ଯଦି ଯାଇ ପୁଅମାନଙ୍କ ପାଖରେ ରହିବେ ତେବେ ଘରଟା ଏଠାରେ ଅବହେଳିତ ହୋଇ ପଡି ରହିବ ସିନା । ଦୁଇଭାଇ ଯାକ ଭଡାଟିଆ ମାନଙ୍କ ସାଥିରେ କଥାବାର୍ତ୍ତା କରି ଫେରିଗଲେ । କହିଗଲେ ଆଠଦିନ ପରେ ଆସି ତାଙ୍କୁ ନେଇଯିବେ ବେଙ୍ଗାଲୁରୁ ।

ଆଠଦିନ ଗଲା, ପନ୍ଦର ଦିନ ଗଲା, ଏମିତି ମାସଟିଏ ଗଡିଗଲା ପଛେ ପୁଅମାନେ ଆସିଲେନି । ମାସ ପୁରିଲାରୁ ନିଜର ଖର୍ଚ୍ଚ ପାଇଁ ଭଡାଟିଆମାନଙ୍କୁ ଭଡା ମାଗିଲେ ସରସ୍ୱତୀ । ସେମାନେ ଆଶ୍ଚର୍ଯ୍ୟ ହୋଇ କହିଲେ, "ତୁମେ ପାଗଳ ହେଲ କି ମାଉସୀ ? କୋଉ ଘର ଭଡା ମାଗୁଛ ? ତୁମ ଦୁଇ ପୁଅ ପରା ଆମକୁ ଏ ଘର ବିକ୍ରି କରି ଦେଇ ଯାଇଛନ୍ତି, ଆଉ କହି ଯାଇଛନ୍ତି ଅଳ୍ପ ଦିନ ପରେ ତୁମେ ଏ ଘରଛାଡି ଛାଡିଦେଇ ତାଙ୍କ ପାଖକୁ ଚାଲିଯିବ । ଆମେ ତ ତୁମର ଯିବାକୁ ଅନେଇଁ ବସିଛୁ, ଘର ଖାଲି କଲେ ଆମ ଜିନିଷପତ୍ର ରଖିବୁ ସେଠାରେ । ତୁମେ ଶୀଘ୍ର ଘର ଛାଡିବାର ବ୍ୟବସ୍ଥା କର ।" ଜଳଜଳ କରି ସେମାନଙ୍କ ମୁହଁକୁ ଚାହିଁ ରହିଥିଲେ ସରସ୍ୱତୀ । ତାଙ୍କର ପାଦତଳୁ ମାଟି ଖସି ଯାଉଥିଲା, ପେଟ ଭିତରୁ ହାବୁକା ହାବୁକା କୋହ ଆସି ତଣ୍ଟି ଅଠା ଅଠା ହୋଇ ଯାଉଥିଲା, ଲୁହରେ ଆଖି ଜାଲିଜାଲୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଶୁଥିଲା । ସେ ଭାବି ପାରୁନଥିଲେ ଯେ ତାଙ୍କର ଜନ୍ମ କଲା ପୁଅମାନେ ତାଙ୍କ ସହିତ ଏମିତି ବିଶ୍ୱାସଘାତକତା କରିବେ । ଜଣେ ଶିକ୍ଷକ ଭାବରେ ଶହ ଶହ ପିଲାଙ୍କୁ ମଣିଷ କରିଛନ୍ତି ସେ, ହେଲେ ତାଙ୍କ ନିଜ ପିଲାଏ ଏମିତି ଅମଣିଷ ହେଲେ କାହିଁକି ? କୋଉଠି ଭୁଲ୍ ରହିଲା ତାଙ୍କର ସେମାନଙ୍କୁ ପାଳନପୋଷଣ କରିବାରେ ? କାହାକୁ କହିବେ ସେ ଏକଥା ? ଲୋକେ ଜାଣିଲେ କ'ଣ କହିବେ ତାଙ୍କୁ ? ଏବେ କୁଆଡେ ଯିବେ ସେ ? ତାଙ୍କର ମୁଣ୍ଡରେ କିଛି ପଶୁନଥିଲା । କାହାକୁ କିଛି ନକହି ଧୀରେ ଧୀରେ ପାଦ ପକାଇ ସେ ନିଜ ରୁମ୍‌କୁ ଫେରିଲେ । ତାଙ୍କର ମାଆମନ ବିଳପି ଉଠିଲା, ତକିଆ ଉପରେ ମୁହଁ ମାଡି କାନ୍ଦି କାନ୍ଦି ହାଲିଆ ହୋଇ ଉପାସରେ ଶୋଇପଡିଲେ । ପରଦିନ ସକାଳୁ ଉଠି ପୁଅମାନଙ୍କୁ ଫୋନ୍ କଲେ, କାହାରି ଫୋନ୍ ଲାଗିଲାନି । କିଂକର୍ତ୍ତବ୍ୟବିମୂଢ ହୋଇ ସେ ସ୍ଥିର କଲେ ବେଙ୍ଗାଲୁରୁ ଯିବା ଲାଗି, ହେଲେ ପୁଅମାନଙ୍କ ଠିକଣା ଜଣାନଥିଲା ତାଙ୍କୁ । ସେ ଭାବିଲେ, ସେଠାରେ ପହଞ୍ଚି ଯେ କୌଣସି ଥାନା କି ଅନୁସନ୍ଧାନ କେନ୍ଦ୍ର ଯାଇ ଖୋଜିବେ ତାଙ୍କ ପୁଅ ଦୁହିଁଙ୍କୁ । ଘରୁ ପୁଅ ମାନଙ୍କ ଫଟୋ ଆଉ ନିଜର ଅଳ୍ପ କିଛି ଆସବାବପତ୍ର ଧରି ସେ ଟ୍ରେନ୍ ଧରିଲେ ବେଙ୍ଗାଲୁରୁ ।

ବେଙ୍ଗାଲୁରୁ ଷ୍ଟେସନରେ ଓହ୍ଲାଇ ଥାନା ପୋଲିସରେ ଖବର ଦେଲେ, ନିଜ ପିଲାମାନଙ୍କୁ ଖୋଜି ଦେବା ପାଇଁ ଅନୁରୋଧ କଲେ । କିଛି ଫଳ ମିଳିଲାନି । ଏତେ ବଡ ସହରରେ ସେ କରନ୍ତେ ବା' କ'ଣ ? ଦିନ ବେଳେ ଷ୍ଟେସନରୁ ବାହାରି ସହର ଆଡକୁ ଗଲେ ଆଉ ବିଭିନ୍ନ ଅଫିସ୍ ବୁଲି ବୁଲି ଫଟୋ ଦେଖାଇ ଖୋଜିଲେ ନିଜର ଦୁଇ ପୁଅଙ୍କୁ । ସେମାନଙ୍କର କିଛି ପତ୍ତା ତ ମିଳିନଥିଲା ତାଙ୍କୁ ବରଂ ସରସ୍ୱତୀଙ୍କ ହାତରେ ଥିବା ସମସ୍ତ ପଇସା ସରି ଯାଇଥିଲା । ସେଇ ପ୍ଲାଟଫର୍ମରେ ଶେଷରେ ନିଜର ଜୀବନ ବଞ୍ଚାଇବା ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କୁ ଭିକ ମାଗିବାକୁ ପଡିଲା । ଯିବା ଆସିବା ଲୋକେ ଭିକାରୁଣୀ ଭାବି ଟଙ୍କାଏ ଦି’ଟଙ୍କା ଫିଙ୍ଗିଦେଇ ଯାଉଥିଲେ, ସେଥିରେ ଦିନ କଟୁଥିଲା ତାଙ୍କର । ସବୁଠାରୁ ନିରାଶ ହୋଇ ସେ ନିଜକୁ ସଂପୂର୍ଣ୍ଣ ପାଶୋରି ଦେଇ ସେଇ ଭିକାରୁଣୀ ଜୀବନ ସହିତ ସାଲିସ୍ କରି ନେଇଥିଲେ ସରସ୍ୱତୀ । ଆଜି ଯୋଗକୁ ଅନୁପମର ହାବୁଡେ ପଡିବାରୁ ତା’ରି ସହାୟତାରେ ନିଜକୁ ଆଉଥରେ ଚିହ୍ନି ପାରିଲେ ସେ ।

ନିଜ ଦୁଃଖର କଥା କହୁ କହୁ ଜୋରରେ କାନ୍ଦି ଉଠିଲେ ସରସ୍ୱତୀ, ତାଙ୍କ କଥା ଶୁଣି ଅବିରତ ଲୁହଧାର ବୋହି ଚାଲିଥିଲା ଅନୁପମ ଆଉ ଅମ୍ରିତାଙ୍କର ଆଖିରୁ । ଦୁହେଁ ଉଠିଆସି ଶ୍ରଦ୍ଧାରେ ଆଉଁସି ଦେଲେ ସରସ୍ୱତୀ ମିସ୍‌ଙ୍କୁ । ଅନୁପମ ଆଶ୍ୱାସନା ଦେଲେ, “ଆପଣ ମୋଟେ ଚିନ୍ତା କରନ୍ତୁ ନାହିଁ ମିସ୍, ସିଏ ଦି’ଜଣ ନହେଲେ ନାହିଁ ଆପଣଙ୍କର ଆଉ ଗୋଟିଏ ପୁଅ ଅଛି ଏଇ ଅନୁପମ । ଆପଣ ପିଲାଦିନ ଏତେ ସ୍ନେହ ଶ୍ରଦ୍ଧା ଦେଇଥିଲେ ମୋତେ, ଗୁରୁ ଭାବରେ ମୋ’ର ମାର୍ଗଦର୍ଶନ କରିଥିଲେ । ଆପଣ ଦେଇଥିବା ଜ୍ଞାନାଲୋକରେ ମୋ’ର ଜୀବନ ଉଜ୍ଜ୍ୱଳ ହୋଇଛି, ସେଇ ଜ୍ଞାନର ଧନରେ ମୁଁ ଆଜି ଏତେ ବଡ କମ୍ପାନୀର ମ୍ୟାନେଜର ହୋଇଛି, ଏତେ ଟଙ୍କା ରୋଜଗାର କରୁଛି, ଏ ସବୁ ତ ଆପଣଙ୍କର ଦାନ ମିସ୍ । ମୋ’ର ମାଆ ନାହିଁ, ଆପଣ ଏଇଠି ମୋ’ର ମାଆ ହୋଇ ରହିବେ । କ’ଣ ମୋତେ ଆପଣଙ୍କ ସେବା କରିବାର ସେତିକି ସୁଯୋଗ ଦେଇ ପାରିବେନି ମିସ୍ ? ସରସ୍ୱତୀ ଆବେଗରେ ଥରୁଥିଲେ, ତାଙ୍କର ଆଖିରୁ ଆନନ୍ଦାଶ୍ରୁ ଝରିପଡୁଥିଲା, ସେ ଅନୁପମଙ୍କର ମୁଣ୍ଡରେ ହାତ ରଖିଲେ । ସେ ନିଜକୁ ଖୁବ୍ ଭାଗ୍ୟବତୀ ମନେ କରୁଥିଲେ ଏମିତି ସହୃଦୟ ଛାତ୍ରଟି ପାଇଁ ।

ତା’ପରଦିନ ଅନୁପମ ସୋସିଆଲ୍ ମିଡିଆରେ ନିଜର ସ୍କୁଲ୍ ସାଙ୍ଗମାନଙ୍କୁ ଖୋଜାଖୋଜି କରି ଏଇ ଘଟଣାଟି ଜଣାଇଥିଲେ ଏବଂ ଆର୍ଥିକ ସମ୍ପନ୍ନ ଥିବା ସମସ୍ତ ବନ୍ଧୁମାନଙ୍କୁ ଅନୁରୋଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ କିଛି କିଛି ଆର୍ଥିକ ସାହାଯ୍ୟ ସହଯୋଗ କରି ସରସ୍ୱତୀ ମିସ୍‌ଙ୍କୁ ତାଙ୍କର ଚେନ୍ନାଇସ୍ଥିତ ନିଜ ଘରଟି କିଣି ତାଙ୍କୁ ଗୁରୁଦକ୍ଷିଣା ଭାବରେ ଦେଇ ଦେବାପାଇଁ । ସମସ୍ତ ବନ୍ଧୁମାନେ ସାଦରେ ଗ୍ରହଣ କରିଥିଲେ ତାଙ୍କର ପ୍ରସ୍ତାବଟି । ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା ଅନୁପମଙ୍କର ଉଦାରତାର କାହାଣୀ । ଗୁରୁଶିଷ୍ୟ ସଂପର୍କର ଏକ ଉତ୍କୃଷ୍ଟ ଉଦାହରଣ ଭାବେ ଖୁବ୍ ପ୍ରଶଂସିତ ହୋଇଥିଲା ।

ଆମେମାନେ ଉପନିଷଦରେ ତ ଅନେକ ମହାନ୍ ଗୁରୁ ଶିଷ୍ୟଙ୍କର କାହାଣୀ ପଢ଼ିଛେ କିନ୍ତୁ ଏଇ ଏକବିଂଶ ଶତାବ୍ଦୀରେ ଏମିତି ଗୋଟିଏ ଗୁରୁଶିଷ୍ୟଙ୍କର ସତ କାହାଣୀଟିଏ ପଢ଼ିଲା ପରେ ନିଜକୁ ଗର୍ବିତ ମନେ ହେଉଛି ଯେ ଆମ ଭାରତୀୟ ସଂସ୍କୃତି ଆଉ ସନାତନ ଧର୍ମ ଏବେ ମଧ୍ୟ ବଞ୍ଚି ରହିଛି ଆମ ଯୁବପିଢ଼ି ଙ୍କ ଭିତରେ ।

ଶାରଳା ଭବନ ପୋତାପୋଖରୀ କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳ୍ପନା



ମେନନ୍ ସାହୁ

ଦୀପାବଳିର ଦିନ ସାରା ଘର ଦୀପାଳୀ ଓ ଲାଇଟରେ ସାଜସଜ୍ଜା ହୋଇ ପରିବେଶକୁ ମନଲୋଭା କଲା ପରି ଦିଶୁଥିଲା । ଦୀପ ସମୂହକୁ ଦେଖିଲେ ଲାଗୁଥିଲା ଯେମିତି ଆକାଶର ତାରା ଗୁଡିକ ସ୍ୱଇଚ୍ଛାରେ ଆସି ଠାଏ ଠାଏ ଚତୁର୍ଦ୍ଦିଗରେ ବସିଛନ୍ତି । କେଉଁ ଦୀପରେ ଘିଅ ସରିଗଲେ କିମ୍ବା କେଉଁ ଦୀପକୁ ସଳିତା ଲୋଡ଼ା ହେଲେ କଳ୍ପନା ଯାଇ ତାର ବ୍ୟବସ୍ଥା କରିଦିଏ । ସ୍ୱାମୀ ତାର ଜଣେ ଓଡ଼ିଆ ଅଧ୍ୟାପକ ମାନବ ସାହୁ । କଳ୍ପନା ନିଜେ ଜଣେ IAS ଅଫିସର । ଉଭୟଙ୍କ ବିବାହକୁ ହାତ ଗଣତି କେଇ ମାସ ହେବ । ବିବାହ ପରର ଏହା ତା'ର ପ୍ରଥମ ଦୀପାବଳି ମନରେ ଉତ୍ସାହ ଓ ଆନନ୍ଦର ସୀମା କହିଲେ ନ ସରେ । ଖିଲି ଖିଲି ହସ ଓ ପାଉଁଜିର ରୁମଝୁମ୍ ଶବ୍ଦ କରି କଳ୍ପନା ଘର ଅଗଣାରୁ ରାସ୍ତା ପାଖକୁ ଲାଗିଥିବା ଫାଟକ ଯାଏ ଚାଲିଆସିଲା । ସନ୍ଧ୍ୟା ସମୟ ଏକୁଟିଆ ଘରକୁ ରାସ୍ତାଘାଟ ଶୁନ୍ ଶାନ୍ । ବେଳେବେଳେ ଗୋଟେ ଦି'ଟା ବାଣ ଫୁଟିବାର ଆବାଜ୍ କାନରେ ବାଜେ । ସମ୍ମୁଖରେ ଏକ ବିସ୍ତୀର୍ଣ୍ଣ ବିରାଟ ପଡିଆ ସାଙ୍ଗକୁ ଶୀତଳ ଜହ୍ନରାତି । ସ୍ଥିର ଭାବରେ ରହି ଆଖି ଆଗରେ ଥିବା ଜହ୍ନକୁ ଦେଖି ମନେ ମନେ ଭାବିଛି ଏ ଜହ୍ନ କେତେ ସୁନ୍ଦର ପୁଣି କେତେ ନୀରବ । କେତେ ଶାନ୍ତ ଆଉ ସ୍ଥିର ଭାବରେ ଅକାଶରେ ରହିଛି । କେତେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କବି ତାକୁ ନେଇ ଗଳ୍ପ, ଉପନ୍ୟାସ, କବିତା, ରଚନା କରୁଛନ୍ତି ତା'ର ହିସାବ ନାହିଁ । କେତେ ପ୍ରେମୀ ଯୁଗଳଙ୍କର ପ୍ରେମର ସାକ୍ଷୀ ତା'ର ମଧ୍ଯ ହିସାବ ନାହିଁ । ରାତିରେ ଜହ୍ନ ତା'ର ଶୀତଳ ଜ୍ୟୋସ୍ନା ଦେଇ କେତେ ଯେ ଲୋକଙ୍କୁ ମୁଗ୍ଧ କରିଛି  ଆଉ କେତେ ଯେ ଆନନ୍ଦ ଦେଇଛି ତାର ମଧ୍ୟ ହିସାବ ନାହିଁ । ସମସ୍ତଙ୍କ ପାଖରେ ଅସୀମ ପ୍ରେମ  ଢାଳି ଦେଇଛି ଏଇ ଜହ୍ନ  । ହେଲେ ତା କଥା କିଏ ଥରେ ଭାବିଛି  । ଆଖି ପାଉ ନ ଥିବା ଏଇ ବିରାଟ ଅକାଶରେ ଏକୁଟିଆ ରହୁଛୁ ଏକଥା କିଏ କଣ କେବେ ଚିନ୍ତା କରିଛି । ଉପରୁ ଯେବେ ଏ ସୁନ୍ଦର ପୃଥିବୀକୁ ସେ ମନ ଖୋଲି ଦେଖିବାକୁ ଚାହିଁଛୁ ସେତେବେଳେ କଳା ବାଦଲ ଆସି ତା ସାମ୍ନାରେ କାନ୍ଥ ସଦୃଶ୍ଯ ଠିଆହୋଇ ତା'ର ସବୁ ଆଶାକୁ କଳା ଚାଦର ତଳେ ଘୋଡାଇ ରଖେ ଏକଥା କିଏ ଥରେ ଭାବିଛି । ତୋର ଚତୁଃପାର୍ଶ୍ଵରେ କୋଟି କୋଟି ତାରାମାନ ରହିଥାନ୍ତି ହେଲେ ତୋର ସମ୍ପୂର୍ଣ୍ଣ ନିକଟରେ ଲାଗିରହି କେହି ନ ଥାନ୍ତି ଏକଥା କିଏ ଦେଖିଛି । କବି ପ୍ରେମିକ, ପ୍ରେମିକା ଆଦି ସମସ୍ତଙ୍କର ଜହ୍ନ ଦରକାର ହେଲେ କିଏ କେବେ ଥରେ ଚିନ୍ତା କରିଛି କି ଜହ୍ନର କଣ ଦରକାର । ଜହ୍ନ ପରି ଏ ସମାଜରେ ପ୍ରତ୍ୟେକ ପୁରୁଷଙ୍କୁ ନାରୀ ଦରକାର କିନ୍ତୁ ନାରୀର କଣ ଦରକାର କେହି ବୁଝନ୍ତି ନାହିଁ । କିଛିଦିନ ପୂର୍ବରୁ ଏକ ଖବର କାଗଜରେ ଏକ ମା'ର କରୁଣ କାହାଣୀ ପଢିବା ସୁଯୋଗ ପାଇଥିଲା କଳ୍ପନା । ଯେଉଁଠି ଜଣେ ମଦ୍ୟପାନ କରୁଥିବା ବ୍ୟକ୍ତି କିଛି ପଇସା ଲୋଭରେ ତାର ସନ୍ତାନ ଟିକୁ ବିକ୍ରି କରି ଦେଇଛି ଏବଂ ଶିଶୁଟିକୁ ଝୁରି ଝୁରି ତା ମା'ର ବିୟୋଗ ଘଟିଛି । ଆକାଶକୁ ଚାହିଁ ମା'ର ଏହି କରୁଣ କାହାଣୀ ଭାବୁଥିଲା ବେଳେ ଆକାଶ ଦର୍ପଣରେ ସେ ତା ନିଜର ଅତୀତକୁ ଦେଖିବାକୁ ପାଇଛି । ଯେଉଁଠି ଗୋଟିଏ ଛୋଟ ମଫସଲ ଗାଁ'ରେ ସେ ଆଉ ତା'ର ବାପା ମା ରହୁଥିଲେ । ବାପା ତା'ର କମ୍ ବେତନ ଧାରୀ ବ୍ୟାଙ୍କ କର୍ମଚାରୀ ଏବଂ ମା ସାଧାରଣ ଘରଣୀ ଉଭୟ ବାପା ମା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଳ୍ପନାକୁ ବହୁତ୍ ସ୍ନେହ, ଆଦର କରୁଥିଲେ । ସେ ବହୁତ୍ ଭଲ ପାଠ ପଢ଼େ । ମେଟ୍ରିକ୍ ପରୀକ୍ଷାରେ ରାଜ୍ୟର ଦ୍ୱିତୀୟ ସ୍ଥାନ ଓ ଝିଅମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ସେହିପରି ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ କଳ୍ପନା ଗୋଲ୍ଡ ମେଡାଲ ପାଇଛି । ସର୍ବଶେଷରେ ସର୍ବ ଭାରତୀୟ ସ୍ତରରେ ଜଣେ ଉଚ୍ଚ ପଦଧାରୀ IAS ଅଫିସର ହୋଇଛି । IAS ପାଇବା ପରେ ଟ୍ରେନିଂ ବାବଦକୁ କଳ୍ପନାକୁ ବାହାରକୁ ଯିବାକୁ ପଡିଛି । ଟ୍ରେନିଂର କିଛିଦିନ ପରେ ତା ନିକଟକୁ ଏକ ଚିଠି ଆସିଛି । ଚିଠିର ଉପର ଭାଗରେ ଲେଖା ହୋଇଥିବା ଅକ୍ଷରକୁ ଦେଖି ଏହା ବାପାଙ୍କର ଚିଠି ବୋଲି ତା'ର ବୁଝିବାକୁ ବାକି ରହିଲା ନାହିଁ । ବାପାଙ୍କର ଚିଠି କେତେ ସ୍ନେହ, ମମତା ଚିଠିରେ ଦେଇଥିବେ ଏହା ଭାବି ସଙ୍ଗେ ସଙ୍ଗେ ସେ ଚିଠିଟିକୁ ଖୋଲି ପଢ଼ିବାକୁ ଆରମ୍ଭ କରିଛି । ଚିଠିରେ ଲେଖାଅଛି ସ୍ନେହର କଳ୍ପନା, ଆମକୁ ତୁ କ୍ଷମା କରିଦେବୁ ଅସତ୍ୟ ପରି ଲାଗିଲେ ମଧ୍ୟ କଥାଟି ସତ୍ୟ ଏବଂ ତୁ ସ୍ୱୀକାର ମଧ୍ୟ କରିବୁ । ତୋ ଜୀବନର ଯେଉଁ ରହସ୍ୟମୟ ବାସ୍ତବତାକୁ ଆମେ ବାପା ମା ଦି'ଟା କେବେ ବି ତତେ କିଞ୍ଚିତ୍ ମାତ୍ରାରେ ଅନୁଭବ କରିବାକୁ ଦେଇ ନଥିଲୁ ତାହା ଏହି ଚିଠିରେ ଜଣାଉଛୁ ସତକଥା ହେଲା ତୁ ଆମର ପ୍ରକୃତ ଜନ୍ମକଲା ଝିଅ ନୁହଁ । ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ନିଃସନ୍ତାନ ଥିଲୁ ତତେ ପାଖ ଜଙ୍ଗଲରୁ ପାଇ ପାଳିଥିଲୁ । ଏତେ ବର୍ଷ ଯାଏ ତୋ ଜୀବନର ଏଇ ନିରାଟ ସତ୍ୟକୁ ତୋ ପାଖରେ ଲୁଚାଇ ଥିବାରୁ ଆମେ ଉଭୟ ତୋ ପାଖରେ ଦୋଷୀ । ଆଜକୁ ପ୍ରାୟ ୩୦ ବର୍ଷ ପୂର୍ବେ ଆମେ ରହୁଥିବା ଗାଁରେ ବିଚିତ୍ର ଓ ମନ୍ଦାକିନୀ ନାମରେ ଦୁଇଜଣ ଦମ୍ପତ୍ତି ରହୁଥିଲେ ଲୋକଟିର ନାମ ଯେମିତି ବିଚିତ୍ର କାମ ମଧ୍ୟ ଠିକ୍ ସେହିପରି । ଦିନରାତି ଖାଲି ମଦ୍ୟପାନ କରେ । ସ୍ତ୍ରୀକୁ ଗାଳି କରିବା ସହ ମାଡ ମଧ୍ୟ ଦିଏ । ସ୍ତ୍ରୀକୁ କାମ କରିବା ପାଇଁ ଶ୍ରମିକମାନଙ୍କ ସହ ପଠାଏ ଏବଂ ତା'ର ରୋଜଗାର ଟଙ୍କାରେ ନିଜର ମଦ ପ୍ରକୃତିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭ୍ୟାସକୁ ପୁରୁଣ କରେ । ମନ୍ଦାକିନୀ ରୂପରେ ଯେମିତି ଗୁଣରେ ମଧ୍ୟ ସେମିତି । ଅତି ସରଳ, ନିରୀହ ସ୍ୱଭାବର ନାରୀଟିଏ । ତୋର ପ୍ରକୃତ ପିତା ବିଚିତ୍ର ବାବୁ ତୋର ମା'କୁ ଯେତେ ମାଡ, ଗାଳି, ନିର୍ଯ୍ୟାତନା ଦେଲେ ମଧ୍ୟ ସେ ସବୁକୁ ସେ ମୁଣ୍ଡ ନୁଆଁଇ ସହିଯାଏ । ଜଣେ ଆଦର୍ଶ ପତ୍ନୀର କର୍ତ୍ତବ୍ୟ ସେ ସ୍ୱାମୀର ପ୍ରତ୍ୟେକ କର୍ମକୁ ସମର୍ଥନ କରିବା ଏକଥା ମନ୍ଦାକିନୀଙ୍କୁ ବେଶ୍ ଭଲ ଭାବରେ ଜଣା ଥିଲା । ତେଣୁ ସ୍ୱାମୀର ଏଭଳି କୁ ପ୍ରକୃତି ଦେଖି ସେ କେବେ ଥରେ ଅଧେ ମଧ୍ୟ ପାଟି ଖୋଲି ନାହାଁନ୍ତି । ଯଦି କେହି କେବେ ତାଙ୍କୁ ଏ ବାବଦରେ କିଛି ପଚାରେ ତେବେ ସେ କହନ୍ତି ଆମେ ସମସ୍ତେ ନିଜ ନିଜର ଧର୍ମ, କର୍ମ ଓ କର୍ତ୍ତବ୍ୟରେ ବନ୍ଧା ହୋଇ ରହିଥାଉ । ସେ ତାଙ୍କ କର୍ମ ପାଇଁ କେବେ ନା କେବେ ଫଳ ଭୋଗିବେ । କିନ୍ତୁ ସ୍ୱାମୀକୁ ବିରୋଧ କରିବା ମୁଁ ଶିଖିନି । ଯଦି ନିୟତି ମୋ ଭାଗ୍ୟରେ କଷ୍ଟ ଲେଖିଥିବ ତେବେ ମୁଁ କଷ୍ଟ ପାଇବି । ଏମିତି କିଛିଦିନ ଗଲାପରେ ମନ୍ଦାକିନୀ ଗର୍ଭବତୀ ହେଲେ । ପରେ ଏକ ସୁନ୍ଦର ଝିଅକୁ ଜନ୍ମ ଦେଲେ । ବଡ ଦୁଃଖର ବିଷୟ ଝିଅମାନେ ବାପା ମା'ଙ୍କ ଉପରେ ବୋଝ, ସେମାନେ ପୁରୁଷଙ୍କ ସମକକ୍ଷ କୌଣସି କାର୍ଯ୍ୟ କରିପାରିବେ ନାହିଁ । ଝିଅ ହେଲେ ବାପାକୁ ଧନ, ସମ୍ପତ୍ତି ଖର୍ଚ୍ଚ କରି ବିବାହ କରିବାକୁ ପଡେ । ଏମିତି ଅନେକ ସମସ୍ୟା ଆସେ ଝିଅ ଜନ୍ମ ହେଲେ ବୋଲି କହି ବିଚିତ୍ର ଝିଅଟିକୁ ମନ୍ଦାକିନୀର ସ୍ନେହ ମମତା ଭରା କୋଳରୁ ଛଡାଇ ନେଇ ନଦୀକୁ ଫିଙ୍ଗି ଦେଇଛି । ଏ ଦୁଃଖରେ ମନ୍ଦାକିନୀ ପ୍ରତ୍ୟେକ ରାତି ଯେ ଲୁହର ସାଗରରେ ଭାସେ ଏକଥା ବିଚିତ୍ରକୁ ଜଣା ନାହିଁ । ଗୋଟିଏ ବାପା ଭାଗ୍ୟରେ ଥରେ ମରଣ ଆସେ କିନ୍ତୁ ଗୋଟିଏ ମା ଭାଗ୍ୟରେ ମରଣ ଦୁଇ ଦୁଇ ଥର ଆସେ । ଯେତେବେଳେ ମା ଗର୍ଭରେ ପିଲା ଥାଏ ସେତେବେଳେ ସେ ପିଲା ମା ଖାଇବାରେ ଖାଏ, ମା ପିଇବାରେ ପିଇଏ, ମା ନିଶ୍ୱାସ ପ୍ରଶ୍ୱାସରେ ପିଲା ଜୀବନ ଥାଏ । ତେଣୁ ପିଲା ଗର୍ଭରେ ଥିଲା ସମୟରେ ମା ପିଲା ଉଭୟ ଏକ ହୋଇ ରହନ୍ତି । ଯେତେବେଳେ ପିଲାଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଷ୍ଟ ହୋଇଯାଏ ସେତେବେଳେ ମାନସିକ ସ୍ତରରେ ମା'ଟି ମଧ୍ୟ ନିଜକୁ ମାରିଥାଏ । ଯଦି ସେ ପ୍ରକୃତରେ ମମତାମୟୀ ମା ହୋଇଥାଏ । ଏମିତି ମଧ୍ୟ ମନ୍ଦାକିନୀ ନିଜକୁ ପ୍ରଥମଥର ମାନସିକ ସ୍ତରରେ ମାରିଥିଲେ । ଏହାର କିଛିଦିନ ପରେ ମନ୍ଦାକିନୀ ପୁଣି ଗର୍ଭ ଧାରଣ କଲେ । ଏଥର ବିଚିତ୍ର ପୁଅ ହେବ ନା ଝିଅ ହେବ ତାହା ଜାଣିବା ପାଇଁ ଏକ ଜଟାଧାରୀ ବାବାଙ୍କର ସାହାଯ୍ୟ ନେଲେ । ବାବା ମଧ୍ୟ ପୁଣି ଝିଅ ହେବାର ସୂଚନା ଦେଲେ । ତେଣୁ ବିଚିତ୍ର ସେଇ ଝିଅଟିକୁ ଗର୍ଭ ଭିତରେ ହତ୍ୟା ପାଇଁ ପ୍ରୟାସ କଲେ ଏବଂ ସଫଳ ମଧ୍ୟ ହେଲେ । ବିଚିତ୍ର ମନରେ ଯେଉଁ ହୀନ ମାନସିକତା ଭରି ରହିଥିଲା ତାର ପ୍ରଭାବରେ ପୁଣି ଏକ ଦୁନିଆ ଦେଖିବା ପାଇଁ ଆସୁଥିବା ଶିଶୁଟି ଗର୍ଭ ଅନ୍ଧାରି ଦୁନିଆ ଭିତରେ ହଜିଗଲା । ପ୍ରଥମ ଝିଅ ଯିବାର ଦୁଃଖ ସରିନାହିଁ ପୁଣି ଜୀବନରେ ଦ୍ୱିତୀୟ ଝିଅ ଯିବାର ଦୁଃଖ ଆସି ଛିଡା ହୁଏ । ଏଥିରେ ମନ୍ଦାକିନୀ ବହୁତ ଭାଙ୍ଗି ପଡିଥିଲେ । ସ୍ୱାମୀର ଏପରି ପାପ କର୍ମ ପାଇଁ କେବେକେବେ ମନ୍ଦାକିନୀ ବିରୋଧ କରିଥିଲେ ମଧ୍ୟ ବିଚିତ୍ରକୁ କୌଣସି ଫରକ ପଡି ନଥିଲା । ବରଂ ଝିଅ ଆସିଥିଲେ ଆମ ପାଇଁ ସମସ୍ୟା ହୋଇ ରହିଥାନ୍ତା କହି ମନ୍ଦାକିନୀଙ୍କୁ ଚୁପ୍ କରାଇ ଦେଇଥିଲେ । ପୁଣି କିଛିଦିନ ପରେ ମନ୍ଦାକିନୀ ତୃତୀୟ ସନ୍ତାନକୁ ଜନ୍ମ ଦେବାର ସୌଭାଗ୍ୟ ପାଇଲେ । ଦୁର୍ଭାଗ୍ୟକୁ ପୁଣି ଏକ ସୁନ୍ଦର କନ୍ୟା ଜନ୍ମ ହେଲା । ପୂର୍ବପରି ଏଥର ମଧ୍ୟ ବିଚିତ୍ର ସେଇ ଶିଶୁ କନ୍ୟାଟିକୁ ମନ୍ଦାକିନୀ ପାଖରୁ ଛଡାଇ ନଦୀକୁ ଫିଙ୍ଗିବା ପାଇଁ ଯାଉଥିବା ବେଳେ ମନ୍ଦାକିନୀଙ୍କ ମନରେ ପରିବର୍ତ୍ତନ ଘଟିଛି । ନିଜକୁ ଏକ ଆଦର୍ଶ ପତ୍ନୀର ଦୁନିଆରୁ ନିବୃତ୍ତ ରଖିଛନ୍ତି । ସାହସୀ ମାତୃକାର ପରିଚୟ ଦେଇଛନ୍ତି । ପିଲାର ସାମାନ୍ୟ କ୍ଷତି ବା ଅନିଷ୍ଟ ହେଲେ ମା'ର ସମଗ୍ର ଶରୀର ତା'ର ବିରୋଧ କରିବା ପାଇଁ ଶକ୍ତିରେ ରୂପାନ୍ତିତ ହୁଏ । ପୂର୍ବରୁ ପ୍ରତିରୋଧ କରୁନଥିଲେ ମଧ୍ୟ ଏଥର କିନ୍ତୁ କରିଛନ୍ତି । କାରଣ ଥିଲା ଦୁଇଟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ତାନକୁ ହରାଇବା ପରେ ମନ୍ଦାକିନୀଙ୍କର ଆଉ ଧୈର୍ଯ୍ୟ ନ ଥିଲା । ମା'ର ଯେଉଁ ଶକ୍ତି ତାହା ତାଙ୍କ ଦେହରେ ସଂଚାର ହେଲା । ସେ ମନ୍ଦାକିନୀରୁ ମହିଷମର୍ଦ୍ଦିନୀ ପଲାଟି ଗଲେ । ସ୍ୱାମୀ ନବଜାତକ କନ୍ୟାଟିକୁ ନେଇ ଯାଉଥିବା ବେଳେ ମନ୍ଦାକିନୀ ଦୂର୍ଗା ରୂପ ଧାରଣ ତାଙ୍କ ସ୍ୱାମୀକୁ ପ୍ରତିରୋଧ କରିଛନ୍ତି । ଜୋରରେ ସ୍ୱାମୀଙ୍କୁ ଆଘାତ ଦେଇଛନ୍ତି । ସ୍ୱାମୀଙ୍କ ଠାରୁ ନିଜ ପିଲାକୁ ଛଡାଇ ତାଙ୍କୁ ଠେଲି ଦେଉଛନ୍ତି । ହେଲେ ନିଜ ପିଲାଙ୍କୁ ରକ୍ଷା କରିବାରେ ସେ ଅସଫଳ ହୋଇଛନ୍ତି । ଏତେ ପରେ ମଧ୍ୟ ଆଜିର ନାରୀ ରୂପୀ ଦୂର୍ଗା ଏ ସମାଜର ମହିଷରୂପୀ ଅସୁରମାନଙ୍କ ପାଖରେ ହାରିଯାଇଛି । ବିଚିତ୍ର ନିଜର ରକ୍ତାକ୍ତ ଶରୀରରେ ମନ୍ଦାକିନୀ ପାଖରୁ ଶିଶୁ କନ୍ୟାଟିକୁ ଛଡାଇ ଆଣି ପାଖ ଜଙ୍ଗଲରେ ଛାଡି ଦେଇଛି । ଜଙ୍ଗଲରୁ ଫେରିବା ବାଟରେ ବିଚିତ୍ରଙ୍କ ଗାଡି ସହିତ ଦୁର୍ଘଟଣା ଘଟିବା ଫଳରେ ସେ ସମ୍ପୁର୍ଣ୍ଣ ପଙ୍ଗୁ ହୋଇ ଯାଇଛନ୍ତି । ତଥାପି ନାରୀର ହୃଦୟ କେତେ ବଡ଼ । ଯେଉଁ ସ୍ୱାମୀ ତା'ର ପ୍ରତ୍ୟେକ ସନ୍ତାନକୁ ହତ୍ୟା କରୁଛି ସେଇ ସ୍ୱାମୀର ଏପରି ଅବସ୍ଥାରେ ମଧ୍ଯ ସ୍ତ୍ରୀ ତାକୁ କେତେ ଯତ୍ନ କରୁଛି । ଯେଉଁ ସମୟରେ କୋଳରେ ଶିଶୁ ଖେଳାଇବା କଥା ସେଇ ସମୟରେ ପଙ୍ଗୁ ସ୍ୱାମୀର ସେବା କରୁଛି । ପରେ ଆମେ ଶୁଣିଥିଲୁ ବିଚିତ୍ର ତାର ପାପକର୍ମ ପାଇଁ ବହୁତ୍ କଷ୍ଟ ଯନ୍ତ୍ରଣାରେ ଦିନ କଟୁଛି । କଷ୍ଟରୁ ମୁକ୍ତି ପାଇବା ପାଇଁ ନିଜ ଇଚ୍ଛାରେ ମରଣକୁ ଆମନ୍ତ୍ରଣ କରୁଥିଲେ ମଧ୍ୟ ମରଣ ଆସି ନେଉନାହିଁ । ଆଉ ତା'ପରେ ତାଙ୍କ ବିଷୟରେ ଆମେ କିଛି ଖବର ରଖି ନାହୁଁ । ଯେଉଁଦିନ ବିଚିତ୍ର ତତେ ଜଙ୍ଗଲରେ ଛାଡି ଦେଇ ଯାଇଥିଲା ସେଇଦିନ ଆମେ ଦୁହେଁ ସ୍ୱାମୀ ସ୍ତ୍ରୀ ତତେ ଉଦ୍ଧାର କରି ନିଜ ଘରକୁ ନେଇ ଆସିଥିଲୁ । ଘନିଷ୍ଠ ଭବରେ ନହେଲେ ମଧ୍ୟ ବିଚିତ୍ର ପରିବାର ସହ ଆମର ସାମାନ୍ୟ ପରିଚୟ ଥିଲା । ସେହି ଦୃଷ୍ଟିରୁ ତତେ ତୋ ଜନ୍ମ କଲା ମା'ଙ୍କ ପାଖରେ ଛାଡି ଆସିବାର ଇଚ୍ଛା ଥିଲେ ମଧ୍ୟ ବିଚିତ୍ରର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟବହାର ପାଇଁ ତତେ ସେଠାକୁ ଯିବାକୁ ଦେଲୁ ନାହିଁ । ବରଂ ନିଜେ ସେ ଗାଁ ଛାଡି ସହରକୁ ଚାଲି ଆସିଲୁ । ସହରରେ ତୋର ନୂତନ ଜୀବନ ଆରମ୍ଭ ହେଲା । ଏମିତି ଏକ ପରିସ୍ଥିତିରେ ତତେ ପାଇବୁ ବୋଲି ଆମେ କେବେ କଳ୍ପନା କରି ନ ଥିଲୁ । ତେଣୁ ତୋର ନାଁ ଅତି ଶ୍ରଦ୍ଧାରେ କଳ୍ପନା ଦେଇଥିଲୁ । ଯେଉଁ ବିଚିତ୍ର କୌଣସି ପୁରୁଷର ସମକକ୍ଷ ନାରୀ ହୋଇପାରେ ନାହିଁ ଭାବି ତତେ ମରଣ ଦୁଆରରେ ଛାଡି ଦେଇଥିଲା କେବେ ଦେଖାହେଲେ କହିବୁ ଆଜି ତୁ ହଜାର ହଜାର ପୁରୁଷଙ୍କ ଉଚ୍ଚରେ ସମାଜର ଏକ ସ୍ଥାନ ଅଧିକୃତ କରିଛୁ । ଯା ପରେ ଚିଠିରେ ଆଉ କିଛି ଲେଖା ନଥିଲା । ଚିଠି ପଢିବା ପରେ କଳ୍ପନା ଆଖିରେ ଛଳ ଛଳ ହୋଇ ଯାଇଛି । ଲୁହ ଧାର ବୋହି ଆସି କେତେବେଳ ଭୂମି ସ୍ପର୍ଶ କରାଗଲାଣି ସେଥି ପ୍ରତି ତାର ନଜର ନାହିଁ । ଗୋଟିଏ ହୀନ ମାନସିକତା ପିତାର ଏଭଳି କର୍ମ ପଢି ତାଙ୍କ ପ୍ରତି ଯେତିକି ଘୃଣା, ରାଗ ଆସୁଥିଲା ନିଜର ମମତାମୟୀ ମା କଥା ଭାବି ଆଖିରୁ ସେତିକି ଲୁହ ମଧ୍ୟ ଝରୁଥିଲା । ଏହି ସମୟରେ କଳ୍ପନା ତାର ପାଳିତ ପିତାମାତାଙ୍କ ପାଖକୁ ଫେରିଛି ଦୁଃଖର ବିଷୟ ସେତେବେଳେକୁ ସେମାନେ ଇହଧାମ ତ୍ୟାଗ କରିସାରିଥିଲେ । କଳ୍ପନା ମୁଣ୍ଡରେ ଯେମିତି ଦୁଃଖର ପାହାଡ ଖସି ପଡିଛି । କେତେ ସ୍ନେହ, ଶ୍ରଦ୍ଧାରେ ତାକୁ ପାଳି ମଣିଷ କରିଥିଲେ କିନ୍ତୁ ତାଙ୍କ ଶେଷ ସମୟରେ ସେ ଆସି ତାଙ୍କ ପାଖରେ ଛିଡା ହୋଇ ପାରିଲା ନାହିଁ ବୋଲି ନିଜ ମଣିଷ ପଣିଆକୁ ଧିକ୍କାର କରୁଥିଲା । ପାଳିତ ପିତାମାତା ଚାଲିଯିବା ପରେ ନିଜ ଜନ୍ମକଲା ପିତାମାତାଙ୍କୁ ଖୋଜିବାର ଆଶା ଟିକେ ମଧ୍ୟ କଳ୍ପନାର ଭାଙ୍ଗି ଯାଇଛି । ଏହି ସମୟରେ ମାନବ ଆସି କଳ୍ପନାର ମନୋବଳ ବଢ଼ାଇଛି । କଳ୍ପନା ମାନବକୁ କଲେଜ ସମୟରେ ଭଲପାଉଥିଲା । କଳ୍ପନାର ପାଳିତ ପିତାମାତା ଚାଲିଯିବା ପରେ ମାନବ ଓ କଳ୍ପନା ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଏହା ପରେ କଳ୍ପନା ଜଣେ ଆଦର୍ଶ କଲେକ୍ଟର ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଇଛି । ହସ ଖୁସିରେ ତାଙ୍କ ଜୀବନ ଚାଲିଛି ହେଲେ ସବୁ ଖୁସି ମଧ୍ୟରେ ଗୋଟିଏ ଦୁଃଖ କଳ୍ପନାକୁ ସବୁବେଳେ ଯନ୍ତ୍ରଣା ଦିଏ ତାହା ହେଲା ତାର ଜନ୍ମ କଲା ମା'କୁ ପାଇବାର । ଚିଠିକୁ ପଢି କଳ୍ପନା ଭଲ ଭାବରେ ଉପଲବ୍ଧ କରିଥିଲା ଯେ ସମାଜର ଝିଅ ଜନ୍ମ ହେଲେ ତାକୁ ବୋଝ, ସମସ୍ୟା ଭାବି ଗର୍ଭ ଭିତରେ ଭ୍ରୂଣହତ୍ୟା କିମ୍ବା ଜନ୍ମହେଲା ପରେ ତା'ର ତଣ୍ଟି ଚିପି କେଉଁ ନଦୀ ବା ଜଙ୍ଗଲରେ ଫିଙ୍ଗି ଦେଇ ଆସୁଛନ୍ତି । ଆଜିର ଏଇ ଆଧୁନିକ ସମାଜରେ ଭୃଣହତ୍ୟା ଏକ ଅପରାଧ ସହ ପାପ ହେଲେ ମଧ୍ୟ କୌଣସି ଲୋକ ଏହାକୁ ସହଜରେ ଗ୍ରହଣ କରୁନାହାଁନ୍ତି ଏକଥାକୁ ତେଣୁ ସେ ଅଣ୍ଟା ଭିଡିଛି । ନିଜ ସହ ଘଟିଥିବା ଘଟଣା ଆଉ କୌଣସି ଝିଅ ସହ ନ ଘଟୁ ସେଥିପାଇଁ ସେ ଗାଁ, ସହର ବୁଲି ବୁଲି ଭୃଣହତ୍ୟାର ଅପରାଧ ଓ ପାପ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଉଛି । ହଠାତ୍ ଦିନେ ସେ ପ୍ରକୃତ ଜନ୍ମ ହୋଇଥିବା ଗାଁ ରେ ସଭା ଅନୁଷ୍ଠିତ ହୋଇଛି । ଜଣେ ଆଦର୍ଶ କଲେକ୍ଟର ହିସାବରେ କଳ୍ପନାର ନାଁ ବେଶ୍ ଜଣାଶୁଣା ତେଣୁ ଗାଁ'ର ସମସ୍ତ ଲୋକ ଏହି ସଭାକୁ ଯୋଗଦେବା ପାଇଁ ଆସିଥିଲେ । କଳ୍ପନାର ମା ମନ୍ଦାକିନୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । କଳ୍ପନା ଭୃଣହତ୍ୟାର ଅପରାଧ ଓ ପାପ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପୁଅ ଭଳି ଝିଅମାନଙ୍କର ସମାଜ ପାଇଁ କିଛି କର୍ତ୍ତବ୍ୟ ଅଛି । ତେଣୁ ପୁଅମାନଙ୍କ ପରି ଝିଅମାନଙ୍କୁ ମଧ୍ୟ ବଞ୍ଚିବାର ଅଧିକାର ଅଛି ।

ବାପା ମା' ଅସମର୍ଥ ହେଲେ ଝିଅ ନିଜ କାନ୍ଧରେ ତାଙ୍କ ହାତ ରଖି ଭାର ସମ୍ଭାଳି ପାରିବ ଯେଉଁମାନେ ପରିବାରର ଝିଅକୁ ବୋଝ ଭାବନ୍ତି ସେମାନେ ବୁଝିବା ଦରକାର ଯେ ସେମାନେ ଆଜି ଯେଉଁ ପରିବାରରେ ରହୁଛନ୍ତି ତାହା ଗୋଟିଏ ଝିଅ ଠାରୁ ହିଁ ସୃଷ୍ଟି ହୋଇଛି । ଆଜିର ସମାଜରେ ପୁଅମାନେ ନିଜର ପିତାମାତାଙ୍କୁ ବୃଦ୍ଧ ଅବସ୍ଥାରେ ଘରୁ ବାହାର କରିଦେବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏବଂ ଝିଅମାନେ ସେଇ ପିତାମାତାଙ୍କୁ ସ୍ନେହ ଆଦର ଦେଇ ନିଜ ଘରେ ରଖିବାର ଚିତ୍ର ବହୁ ଜାଗାରେ ଦେଖିବାକୁ ମିଳେ । ତେବେ ପୁଅ ବଡ ନା ଝିଅ ବଡ ? ପୁଅ ମହାନ୍ ନା ଝିଅ ? ଭ୍ରୁଣହତ୍ୟାକୁ ରୋକିବା ପାଇଁ ଝିଅ ସମ୍ପର୍କିତ ଅନେକ ମହତ୍ତ୍ୱପୂର୍ଣ୍ଣ କଥା କଳ୍ପନା ଉକ୍ତ ସଭାରେ କହି ଲୋକମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ନିଜ ଜୀବନର ଘଟିଥିବା ଘଟଣାଟିକୁ ମଧ୍ୟ ଉକ୍ତ ସଭାରେ ବର୍ଣ୍ଣନା କରିଥିଲେ । ବର୍ଣ୍ଣନା କରିଥିଲେ ତା'ର ବାପା କେମିତି ଝିଅ ବୋଲି ତାକୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ । ପୂର୍ବରୁ କେମିତି ତା'ର ଦୁଇ ବଡ ଭଉଣୀକୁ ହତ୍ୟା କରିଥିଲେ । ଏହା ଶୁଣି ମନ୍ଦାକିନୀର ଲୋମ ଟାଙ୍କୁରି ଉଠିଲା । ଅତୀତର କଥା ସବୁ ତା ଆଖି ସମ୍ମୁଖରେ ନାଚି ଉଠିଲା । କଳ୍ପନାର ଭାଷଣ ଶୁଣି ମନ୍ଦାକିନୀକୁ ଆଉ ଅଛପା ରହିଲା ନାହିଁ କି, କଳ୍ପନା ହେଉଛି ତାଙ୍କର ସେଇ ଝିଅ ଯାହାକୁ ତାଙ୍କ ସ୍ୱାମୀ ବିଚିତ୍ର ଜଙ୍ଗଲରେ ବାଘ, ଭାଲୁଙ୍କ ପାଖରେ ମରିବା ପାଇଁ ଛାଡ଼ି ଆସିଥିଲା । ସଭା ଶେଷ ହେବା ପରେ ମନ୍ଦାକିନୀ କଳ୍ପନାକୁ ଭେଟ କରିବାକୁ ଯାଇଛନ୍ତି । ମନ୍ଦାକିନୀ କଳ୍ପନାକୁ ମାଆ ବୋଲି ସମ୍ବୋଧନ କରିଛନ୍ତି । କଳ୍ପନାକୁ ଦେଖି ମନ୍ଦାକିନୀର ଆଖି ଛଳ ଛଳ ହୋଇଯାଇଛି । କଳ୍ପନା ମନ୍ଦାକିନୀଙ୍କୁ ଦେଖିବା ମାତ୍ରେ ତାଙ୍କ ହୃଦୟରେ ମଧ୍ଯ କେମିତି ଗୋଟେ ଅଜଣା ଖୁସି ଅନୁଭବ ହେଲା । ରକ୍ତର ସମ୍ପର୍କ କେତେ କେତେ ଦୂରରେ ଥିଲେ ମଧ୍ଯ ଅପଣାର ଲୋକକୁ ପାଖକୁ ଟାଣିଆଣେ । ଆଉ ଇଏ ତ ଏତେ ପାଖରେ କେମିତି ବା ଟାଣି ନହେବ । ଉଦାର କଣ୍ଠରେ କଳ୍ପନା ମନ୍ଦାକିନୀକୁ ପଚାରିଲା ଆପଣ କିଏ । ମନ୍ଦାକିନୀ ଉତ୍ତରରେ କହିଛନ୍ତି ତୋ ଦେହର ନାଭି ମଣ୍ଡଳ ପାଖରେ ଏକତ୍ର ଦୁଇଟି କଳାଜାଇ ଅଛି । ସେ ପରିଚୟ ଦେବ ମୋର । କଳ୍ପନା ଏକଥା ଶୁଣି ଆଚମ୍ବିତ ହୋଇଗଲା । ତା ଦେହରେ ଥିବା କଳାଜାଇ କେବଳ ତା'ର ପାଳିତ ପିତାମାତାଙ୍କ ବ୍ୟତିତ ଅନ୍ୟ କେହି ଜାଣି ନଥିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲେ ଏ ମହିଳା କେମିତି ଜାଣିଲେ । ଏତିକି କଥା ଭାବୁ ଭାବୁ ଜାଣିପାରିଲା ସେ ହେଉଛି ତା'ର ସ୍ନେହମୟୀ, ମମତାମୟୀ, ସେଇ ମା । ତେଣୁ ସେ ତାଙ୍କୁ ମାଆ ବୋଲି ସମ୍ବୋଧନ କରିଛି । ମନ୍ଦାକିନୀ ଆଜି ପ୍ରଥମଥର ପାଇଁ ମା ଡାକ ଶୁଣିଲେ । କଳ୍ପନାଙ୍କ ଠାରୁ ମା ଡାକ ଶୁଣିଲା ପରେ ମନ୍ଦାକିନୀ କଳ୍ପନାକୁ କୋଳେଇ ନେଇଛନ୍ତି । ବର୍ଷ ବର୍ଷର ସ୍ନେହ ମମତା କଳ୍ପନା ଉପରେ ଢାଳି ଦେଇଛନ୍ତି ସତେ ଯେମିତି ଏଇ ମା ଡାକ ପାଇଁ ସେ କେଉଁ ଯୁଗରୁ ଅପେକ୍ଷାରତ ଥିଲେ । , ସ୍ନେହ,ପ୍ରେମରେ ପରିବେଶ ଯେମିତି ଭାସିଲା ପରି ଲଗିଲା ଏହାପରେ କଳ୍ପନା ନିଜର ପିତାଙ୍କୁ ଦେଖିବାକୁ ଚାହିଁଛନ୍ତି ।ତା'ପରେ ମା ମନ୍ଦାକିନୀ ତାଙ୍କୁ ବାପାଙ୍କ ପାଖକୁ

ନେଇଛନ୍ତି ନିଜର ପାପା କର୍ମ ପାଇଁ ବିଚିତ୍ର ବହୁତ୍ କଷ୍ଟ, ଯନ୍ତ୍ରଣାରେ ଦିନ କାଟୁଛନ୍ତି । ପ୍ରତ୍ୟେକ ଦିନ ଆଖିରୁ ପ୍ରାୟଶ୍ଚିତର ଲୁହ ଧାର ଧାର ହୋଇ ବୋହି ଯାଉଥାଏ । ନିଜର ପାପକର୍ମ ପାଇଁ ମନ୍ଦାକିନଙ୍କୁ ପ୍ରତ୍ୟେକ ଦିନ କ୍ଷମା ମାଗୁଛନ୍ତି । ପିତାଙ୍କର ଏଭଳି ଅବସ୍ଥା ଦେଖି କଳ୍ପନାର ପିତାଙ୍କ ପ୍ରତି ସହାନୁଭୂତି ଆସିଛି । ପୂର୍ବର ସମସ୍ତ ରାଗ,ଅଭିମାନ ଭୁଲି ସେ ବିଚିତ୍ରଙ୍କୁ ବାପା ବୋଲି ସମ୍ବୋଧନ କରିଛନ୍ତି । ବାପାଙ୍କୁ ନିଜର ପରିଚୟ ଦେବାକୁ ଯାଇ କହିଛି । ବାପା ମୁଁ ତୁମର ସେଇ

ଝିଅ ଯାହାକୁ ଆପଣ ବୋଝ ଭାବି ଜଙ୍ଗଲରେ ମରଣ ମୁହଁକୁ ଠେଲି ଦେଇ ଆସିଥିଲେ । ମୁଁ ସେଇ ଝିଅ ଯାହାକୁ ଆପଣ ସମାଜରେ ରହୁଥିବା ପୁରୁଷମାନଙ୍କ ସମକ୍ଷକ ଝିଅଟିଏ କେବେ ହୋଇପାରିବ ନାହିଁ ଭାବି ଏ ଦୁନିଆକୁ ଆଣିବାକୁ ଚାହୁଁ ନ ଥିଲେ । ଲଜ୍ଜାରେ ବିଚିତ୍ରଙ୍କ ମୁହଁ ତଳକୁ ହୋଇଯାଇଥାଏ । ଶେଷରେ ନିଜ ପାଖକୁ ଡାକି କଳ୍ପନାକୁ କ୍ଷମା ମାଗିଛନ୍ତି । ପିତା ହୋଇ ସନ୍ତାନକୁ କ୍ଷମା ମାଗିବା ଉଚିତ୍ ନୁହଁ କହି କଳ୍ପନା ବାପାଙ୍କ ଠାରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଶୀର୍ବାଦ କାମନା କରିଛନ୍ତି । ବିଚିତ୍ର ବାବୁ କଳ୍ପନାର ହାତ ସ୍ପର୍ଶ କରିବା ମାତ୍ରକେ ତାଙ୍କର ପ୍ରାଣବାୟୁ ଉଡିଯାଇଛି । ବୋଧେ ଏତେ ବର୍ଷର କଷ୍ଟ ଯନ୍ତ୍ରଣାରୁ ମୁକ୍ତି ଥିଲା ସମାଜର ସେଇ ବୋଝ ରୂପକ ଝିଅ ପାଖରେ । ପିତାଙ୍କର ବିୟୋଗ ପରେ ମା ଓ ଝିଅ ଉଭୟ ମାନବ ପାଖକୁ ଯାଇ ଖୁସିରେ ଦିନକାଳ କାଟୁଛନ୍ତି । ଏତିକି ବେଳେ ହଠାତ୍ ମାନବ ଘରୁ ବାହାରକୁ ଆସି ଦେଖେତ କଳ୍ପନାର ଦେହସାରା କାକର ବିନ୍ଦୁ ପଡିଛି । ଗୋଟିଏ ମୋଟା ଚାଦର ଆଣି କଳ୍ପନାକୁ ଘୋଡାଇ ଘର ଭିତରକୁ ନେଇଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଦ୍ୟ ପ୍ରେମର କାବ୍ୟଧାରା

ସମସ୍ତେ ତଳେ ଗରମ ସିଙ୍ଗଡା ଖାଇବାରେ ବ୍ୟସ୍ତ ଥିଲେ । ଆମ ଦୁଇ ଅପରିଚିତଙ୍କୁ ପଠାଯାଇଥିଲା ନିରୋଳାରେ ପରିଚିତ ହେବାକୁ । ମୁଁ କିନ୍ତୁ ସେ ଛାତ ଉପରୁ ଦେଖୁଥିଲି ସାମ୍ନା ଘର ଛାତକୁ ।

ସଂଜ ନଇଁବାକୁ ଆହୁରି ସମୟ ଥିଲା । ଆକାଶରେ ଶେଷ ଅପରାହ୍ନର କଅଁଳ ସୂର୍ଯ୍ୟ । ସେ ନାଲି ଖରାରେ ଉବୁଟୁବୁ ହେଉଥିଲା ସେ ସାରା ଅଞ୍ଚଳ ଟା ।

ଆଖି ମୋର ପଡିଗଲା ସେ ଘର ଛାତକୁ ଆସିବାକୁ ରାସ୍ତା ପାରାପେଟ୍ ଉପରେ । ଛୋଟ ଗୋଟାଏ ପକ୍ଷୀର ବସା । ଭିତରେ ତିନି ଚାରିଟା ଛୋଟ ଛୋଟ ପକ୍ଷୀ ଶାବକଙ୍କ ଲାଲ ଜରଜର ଖୋଲା ଥଣ୍ଟ, କିଚିର ମିଚିର ଶବ୍ଦ ସହ । ଉଡି ଆସିଲେ ଦୁଇଟା ବଡ ପକ୍ଷୀ । ମୁହଁରେ ଧରି ଆଣିଥିବା ଖାଦ୍ୟ ତକ ଛୁଆଙ୍କ ମୁହଁରେ ଭର୍ତ୍ତି କରି ପୁଣି ଉଡିଗଲେ ଖାଦ୍ୟ ସଂଧାନରେ । ଜୀବନ ତ ଏଇଆ... ସୁନ୍ଦର ଗୋଟାଏ ଘର ଗଢିବା... ଏମିତି କିଛି ପ୍ରେମର ନିଦର୍ଶନ ଧରି ଆଗକୁ ବଢିବା ।



ଆଶୁତୋଷ
ମେହେର

ସେ ଦୃଶ୍ୟକୁ ଦେଖି ଦେଖି କହିଲି... "ଦେଖୁଛ କି ସୁନ୍ଦର ଦୃଶ୍ୟ, ସୁନନ୍ଦା" ।

ସୁନନ୍ଦା ସହ ମୋର ବିବାହ ନିର୍ବନ୍ଧ ହେଲା ଏଇ କିଛି ସମୟ ଆଗରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

ଏଇ ଅପରାହ୍ନିଆ ଲଗ୍ନରେ । ନିଜ ଭିତରର ବ୍ୟବଧାନ କମାଇବାକୁ ଆମ ସଂପର୍କୀୟଙ୍କ ଏ ପ୍ରଚେଷ୍ଟାରୁ ଆମେ ଦୁହେଁ ଛାତ ଉପରେ ନିରୋଳାରେ କିଛି ସମୟ କଟାଇ ନିଜ ନିଜକୁ ଜାଣିବାର ପ୍ରଚେଷ୍ଟାରେ ।

ଲାଜକୁଳା କଣ୍ଠରେ ସୁନନ୍ଦା କହିବା ଶୁଣିଲି.. ".ଛି.. ଛି.. ପର ଘର ଛାତକୁ ଅନାଇ ଏମିତି ସେମିତି ଦୃଶ୍ୟ ଦେଖିବା ଓ ପରକୁ ଦେଖାଇବାଟା ଆଦୌ ଭଲ ନୁହେଁ । ତା'ପରେ ଏ ସବୁରେ ମୋର ମନ ଲାଗେନା" ।

ମୁଁ ବୁଝିଗଲି ।

ତଳକୁ ମୁହଁ କରି ଠିଆ ହୋଇଥିବା ସୁନନ୍ଦା ପାଖକୁ ଯାଇ ତା ହାତକୁ ଧରି କହିଲି... ".କିଛି ଖରାପ ଦୃଶ୍ୟ ନୁହେଁ । ଦେଖ ସାମ୍ନା ଘର ଛାତ ଉପରେ ପକ୍ଷୀ ଯୁଗଳଙ୍କ ବସାରେ କେମିତି ଛୋଟ ଛୋଟ ସୃଷ୍ଟିର ସୁନ୍ଦର ଅଭିନବ ଖେଳ... ଯୁଗଳଙ୍କ ସ୍ନେହ ଆଦର ପ୍ରେମର କାବ୍ୟଧାରା ।"

ସୁନନ୍ଦା ବୁଝିଗଲେ । ଚୁପ୍ ଚାପ ମୋତେ ଚାହିଁ... ସାମ୍ନା ଘର ଛାତ ପରାପେଟକୁ ଅନାଇଲେ । ଦୂର ପଶ୍ଚିମାକାଶ ରେ ଅସ୍ତଗାମୀ ସୂର୍ଯ୍ୟଙ୍କ ନାଲି ଶେଷ କିରଣରେ ସୁନନ୍ଦାଙ୍କ ମୁହଁ ଆହୁରି ସୁନା ରଙ୍ଗରେ ରଙ୍ଗି ଯାଉଥିଲା ଯେମିତି...ପ୍ରେମ ର ଆଦ୍ୟ କାବ୍ୟଧାରାରେ ।

ମୋ ହାତରେ ସୁନନ୍ଦାଙ୍କ ହାତ ଟା ଉଷୁମ ଲାଗିବା ଆରମ୍ଭ ହୋଇଯାଇଥିଲା ।

ଉପରେ ଗୋଧୂଳି ଆକାଶ ହସୁଥିଲା ମୁରୁକି ମୁରୁକି.... ! !

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟ ମୋଡ଼ରେ ବେସାହାରା ଜୀବନ

ଲୁଚି ଲୁଚି କାନ୍ଦିଲେ ବି ଆଜି ଟିକେ ମନଭରି କାନ୍ଦି ପାରୁନାହିଁ । ତେବେ ଲୁଚିବିବା କାହାଠାରୁ ! ଆରେ କେତେ ପାଗିଳି ଯେ ମୁଁ । ଏଠି କିଏ ଅଛି ଯେ ମୋର ଲୁହକୁ ଦେଖି ଦୌଡ଼ି ଆସିବ । ପାଖକୁ ଆସି ଲୁହ ପୋଛି ଦେଇ ଅନ୍ତତଃ ଥରେ ସାନ୍ତ୍ୱନା ଦେବ । କାହିଁକି ଏମିତି ହେଉଛନ୍ତି ,ଏତ କିଛି ହୋଇନି । ଦୁଃଖର କଳାବାଦଲଟିଏ ଆସିଥିଲା । ଆଉ ଏବେ ବର୍ଷି ଯାଉଛି ମନ ଭରି । ତାହାକୁ ବା ଅଟକାଇବାକୁ ବଳ ଯେ କାହାରି । ଧୈର୍ଯ୍ୟ ଧର ସବୁ କିଛି ଠିକ ହୋଇଯିବ । ଏମିତି କେତେ କେତେ ଦୁଃଖର ପାହାଡକୁ ପଛ କରି ଆମେ ପରା ଶ୍ରେଷ୍ଠ ପ୍ରାଣୀ ।

ହେଲେ ଏମିତିରେ କଣ ବୁଝାଇ ହେବ ମନକୁ । ହଁ କିଛି ସମୟ କିଛି ଦିନ ଲାଗି । କିନ୍ତୁ ସମୟର ମାଡରେ ସଜ ତାଜା ଘା'ଟାର କେତେ ଯେ ଯନ୍ତ୍ରଣା, ଭୋଗିଲାବାଲା ହିଁ ଜାଣେ । ଏମିତିରେ କଣ ମନକୁ ଯାହା ଆସିଲା କହିଦେଲେ ହୋଇଯିବ । ନାଁ ଭୋକିଲାର ପେଟ ପୁରିଯିବ । କେତେ ଗହଳ ଚହଳ ଥିଲା ପରିବାର ଆମର । ଜୀବନଟା କେମିତି କଟି ଯାଉଥିଲା ସୁମଧୁର ରାଗିଣୀ ଗାଇ ଗାଇ କିଛି ବି ଜଣା ପଡୁ ନଥିଲା ।



ସୁବ୍ରତ ଜେନା

ଘର ତ ମୋର ଘର ଟିଏ ନଥିଲା । ଏ ତ ଗୋଟେ ଆଧୁନିକ ଚିଡ଼ିଆଖାନା ଥିଲା । ସ୍ୱାମୀ-ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ । ସମସ୍ତଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଜବ ଅଜବ ଅଭ୍ୟାସ ଆଗରେ ସମସ୍ତେ ହାର ମାନି ଯାଉଥିଲେ ।ଏମିତିରେ ଆମ ସହରି ଜୀବନ,ଏ ଘରେ କଣ ହେଉଛି ସେ ଘରକୁ ଜଣା ପଡେନି ।କିନ୍ତୁ ଏଠି ଗୋଟେ ବ୍ୟତିକ୍ରମ ଥିଲା ଆମ ଘର ।ନାତି ନାତୁଣୀ ଦିଟା କୋଉ ମାଙ୍କଡ଼ ଠାରୁ କମ ନୁହନ୍ତି ।ସଦା ବେଳେ ଦୁଷ୍ଟାମୀରେ ଲାଗି ରହି ଥାନ୍ତି ।ସେମାନଙ୍କୁ ବା ସେଥିରୁ ନିବୃତ କରି ଆମେ କାହିଁକି ପାପ ର ଭାଗିଦାର ହେବୁବୋଲି ଚୁପ ରହୁଥିଲୁ ।ଆଉ କିଛି ମାତ୍ରାରେ ଆମ ବୃଦ୍ଧାବସ୍ଥାର ଚାପ ବି କମ ହୋଇ ଯାଉଥିଲା ।

କାଲି ଯାଏ କିଏ ଜାଣିଥିଲା ଯେ ଏମିତି ବିପତ୍ତି ଘନେଇ ଆସିବ ।ଅନେକ ହସିଲା ପରିବାରକୁ ଅଚାନକ ଠେଲି ଦେବ ଦୁଃଖର ସାଗରକୁ ।ଏତ ଏକ ଆଦୃଶ୍ୟ ଛାୟା ଯୁଦ୍ଧ ।ଜାଣେନା ଏଥିରେ ଜିତିବ କିଏ ନା ହାରିବ କିଏ ।ହେଲେ କ୍ଷତି ତ ହେବ ।ସମ୍ପୂର୍ଣ୍ଣ ମାନବ ଜାତିର ।ଯାହା ଆଜି ତାଣ୍ଡବନୃତ୍ୟ କରି ଚାଲିଛି ସମଗ୍ର ପୃଥିବୀର ୨୦୦ରୁ ଅଧିକ ଦେଶରେ ।ଯାହାର ଫାସରେ ଚାଲି ଗଲାଣି ହଜାର ହଜାର ନିରୀହ ଜୀବନ ।ଏମାନେ ବା କାହାର କଣ କରିଥିଲେ କେଜାଣି ?ଯାହାର ନାଁ "କରୋନା"ଶୁଣିଲେ ଡର ତ ସୃଷ୍ଟି ହେଉଛି ।କିନ୍ତି ଅଧିକ ସୃଷ୍ଟି କରୁଛି ଅବିଶ୍ୱାସ ,ଘୃଣାର ଭାବ ମଣିଷ ସମାଜରେ ।ଯୋଉଠି ବାପ-ପୁଅ ଭିତରେ,ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଭାଇ-ଭଉଣୀ ଭିତରେ ସୃଷ୍ଟି କରିଛି ଅବିଶ୍ୱାସର ବନ୍ଧ ଟିଏ ।ଅନେକ ଚାହିଁଲେ ବି ଯାଇ ପାରୁନାହାନ୍ତି ଏ ବନ୍ଧନ କୁ ଡେଇଁ ।କାରଣ ଆଖି ସାମ୍ନାରେ ପୋକ ମାଛି ପରି ଝଡି ପଡୁଛି ମଣିଷ ଜୀବନ ।

ମୁଁ କେମିତି ଅଟକାଇ ପାରିଥାନ୍ତି ପୁଅ -ବୋହୂ ଙ୍କୁ ।ଏତେ ବଡ଼ ମହାମାରୀ ଟାରେ ।ସେମାନେ ପରା ଈଶ୍ୱରଙ୍କ ଦ୍ୱିତୀୟ ରୂପ ଡାକ୍ତର ।ଏମିତିରେ ମୋର କଣ ସାମର୍ଥ୍ୟ ।ଏହାଛଡା ପେଶା କଣ ଅନୁମତି ଦେବ ଚୁପ ହୋଇ ଘର କଣରେ ବସି ରହିବାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ଲୋକଙ୍କ ଅସୁବିଧା ସମୟରେ ।ସେଥିଲାଗି ସେମାନେ ବାହାରି ଯାଇଥିଲେ ଲୋକଙ୍କ ସେବା ଲାଗି ।କରୋନା ର ପୀଡିତ ରୋଗୀଙ୍କ ଚିକିତ୍ସା ଲାଗି ।

କି ଦିନ କି ରାତି ଏକ କରିଦେଇଥିଲେ ସେବାରେ ।ହେଲେ ଶେଷରେ ମିଳିଲା ଯେ କଣ ?ସେମାନେ ଚାଲି ଗଲେ ସେ ପାରିକୁ ।ସେଇ କରୋନାରେ ଆକ୍ରାନ୍ତ ହୋଇ ।ହଁ ଅବଶ୍ୟ ଦେଇ ଯାଇଥିଲେ ଅନେକଙ୍କ ଜୀବନ ।

ପୁଅ ବୋହୂ ତ ଶୁଣିଲେନି ।ଏ କୋଉ ଶୁଣିଲେକି ମୋ କଥା ।ଯେତେ ମନା କଲେବି ।କହିଲେ କଣ ନା ଅବସର ନେଇ ଗଲି ବୋଲି କଣ ,ମୋ ଦେଶ ନାଗରିକଙ୍କ ଲାଗି ମୋ କର୍ତ୍ତବ୍ୟ କୁ ଭୁଲି ଯିବି ।ମୁଁ ପରା ପୋଲିସ ଟିଏ ।ମୋଠାରୁ ବି ସରକାରଙ୍କ ଆଶା ବି ଥିବ ।ସମସ୍ତେ ଯୋଉଠି ମୃତ୍ୟୁ ମୁଖରେ ପଡିଛନ୍ତି ମୁଁ କଣ ଘର କୋଣରେ ଲୁଚି ବସି ପାରିବି ।ନାଁ ନିଜ ଆଡ଼ୁ ଦରଖାସ୍ତ କରି ସାମିଲ ହୋଇ ଗଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ।ଦିନ ରାତି ଏକ କରିଦେଲେ କାମ ଖାଲି କାମରେ ।ମୋ କଥା ଟିକେ ବି ଭାବିଲେନି ।ମାନବ ସେବା କରୁ କରୁ ସେ ହୋଇଗଲେ ମାଧବଙ୍କ ପ୍ରିୟ ମୋତେ ଏକାକରି ।ଛାଡି ଦେଇଗଲେ ଏମିତି ଦୁଇ ନାତି ନାତୁଣୀକୁ ଦେଖା ରଖା କରିବା ଲାଗି ।ହେଲେ ସେ ଦୁହେଁ କଣ ବୁଝୁଛନ୍ତି ।ସଦା ବେଳେ ଗୋଟିଏ ଜିଦ ଆମର ପାପା-ମାମା ଦରକାର ।କେମିତି ବା ତାଙ୍କୁ ଲୁଚାଇ ରଖିଥାନ୍ତି ଘଟଣାଟି ।ମୁଁ ତ ଆଜି ନିରାଶ୍ରୟ ,ମୋ ପାଟିରୁ ବାହାରି ଗଲା ଦୁଃଖଦ କଥାଟି ।ସେ କଥାକୁ ଝୁରି ଝୁରି ସେମାନେ ହୋଇଗଲେ ରୋଗ ଗ୍ରସ୍ତ ।ଅନେକ ନେହୁରା ,ଅନେକ ଗୁହାରି କଲି ଟିକେ ଚିକିତ୍ସା ଲାଗି ।ହେଲେ ଏତେ ବଡ଼ ମହାମାରୀ ସମୟରେ ମୋର ବା ଶୁଣୁଛି କିଏ ।ଶେଷ ବିଛଣା ତାଙ୍କର ହୋଇଗଲା ଘରେ ମୋର ।ଯୋଉଠି ସମସ୍ତଙ୍କ ମଙ୍ଗଳ ଲାଗି ସ୍ୱେଚ୍ଛାରେ ଲାଗି ପଡ଼ିଥିଲେ ମୋ ସ୍ୱାମୀ,ପୁଅ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋହୂ ।ମୁଁ ଆଜି ନିଶ୍ୱ ସଭିଙ୍କୁ ହରାଇ ଜଣକ ପରେ ଜଣେ ।

ଖାଲି ଥିବା ସନ୍ତକ କୁ କଣ ସହଜରେ କାଢ଼ି ହଉଛି ।କାଲି ପରି କାନ୍ଥ ଘଣ୍ଟାରେ ବାରଟା ବାଜିଲେ ଶୁଭି ଯାଉଛି ସେଇ ପରିଚିତ ସ୍ୱର ସବୁ ।ଖାଇବାକୁ କଣ ସମୟ ହୋଇନି ?କିନ୍ତୁ ଏ ସ୍ୱରର ଆଜି ବାସ୍ତବତା ନାହିଁ ।ସତେ ଯେମିତି ମିଳେଇ ଯାଇଛି ବାୟୁ ତରଙ୍ଗରେ ।

ହେଲେ ଏ ଚେୟାର ,ଏ ଟେବୁଲ କଣ ବୁଝୁଛନ୍ତି ।ମୋତେ ରହି ରହି ଛିଗୁଲେଇ ହୋଉଛନ୍ତି ମୋର ଏକଲା ପଣକୁ ଦେଖି ।ଲାଗୁଛି ମୁଁ ଯେପରି ବିଚରଣ କରୁଛି ଯମ ଲୋକରେ ।ପାଇଚାଲିଛି କିଛି ପୂର୍ବ କର୍ମର ଫଳ ଏକା ଏକା ।ସେମାନେ ସମସ୍ତେ ଚାଲିଗଲେ ନିଜ ନିଜ ବାଟରେ ଖାଲି ଯାହା ମୋତେ ଏବେ ଏକା ଅପେକ୍ଷା କରିବାକୁ ପଡିବ ଈଶ୍ୱରଙ୍କ ଶେଷ ଡାକରାକୁ ,ମୋ ଶରୀରକୁ ପଞ୍ଚଭୂତ ରେ ଲୀନ ହେବାକୁ । ।

ସୁବ୍ରତ ଜେନା
ସୁରଡ଼ିହ,ନନ୍ଦିପୁର ,ଯାଜପୁର
ଦୂରଭାଷ -୮୨୪୯୨୨୦୮୩୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁପ୍ତଧନ



ରାଜଗୁରୁ ସିଅ

ସେଦିନ ଅଫିସରୁ ଫେରିବା ବାଟରେ ଚା' ପିଇବା ପାଇଁ ଗାଡ଼ି ଅଟକେଇଲୁ ! ଚା ଅର୍ଡର ଦେଉ ଦେଉ ନଜର ପଡ଼ିଲା ରାସ୍ତାର ଅପର ପାର୍ଶ୍ୱରେ ବସିଥିବା ବୁଢ଼ୀ ମାଉସୀ ଉପରେ ! ଦେଖିଲେ ଲାଗୁଥିଲା ଯେମିତି ବହୁତ ଭୋକିଲା ଥିବା ପରି ! ଛିଣ୍ଡା ମଇଳା ଚଦରଟିଏ ଘୋଡ଼ାଇ ହୋଇ ବସିଥା'ନ୍ତି ! ପାଖରେ ଲୁଗା ବୁଜୁଚାଟିଏ ଆଉ ହାତରେ କଣ ଗୋଟେ ଥଳୀଟିଏକୁ ଜାବୁଡ଼ି ଧରିଥାନ୍ତି ! ଆଖିରେ ଥାଏ ଅନେକ ଭୟ ,ଏମିତି ଲାଗୁଥାଏ କି ଯେମିତି କି ସେ ଥଳୀରେ କିଛି ମୂଲ୍ୟବାନ ଜିନିଷ ଅଛି ଯାହାକୁ ଅତି ସୁରକ୍ଷିତ ଭାବରେ ଲୁଚାଇ ରଖିଥାନ୍ତି ! ମୁଁ ଏବଂ ମୋର ବନ୍ଧୁ ଇନ୍ଦ୍ରନୁ୍ୟଜ ଚା' ପିଉ ପିଉ ବୁଢ଼ୀ ମାଉସୀର ଏସବୁ ହରକତକୁ ଲକ୍ଷ୍ୟ କରୁଥାଉ !ହଠାତ୍ ଆକାଶରେ କଣ ଏକ ବିସ୍ଫୋରଣ ହେବାର ଶବ୍ଦ ହେଲା ,ଇତସତ ହେବା ପରେ ଜାଣିଲି କି ବର୍ଷା ଆସିବାର ଶଙ୍ଖ ଧ୍ୱନି ! ଇନ୍ଦ୍ରନୁ୍ୟଜ କହିଲା ଗୁରୁ ଏଇ ପଟକୁ ଚାଲି ଆସେ ବର୍ଷା ପକାଇଲାଣି କିନ୍ତୁ ମୋର ନଜର ସେମିତି ସେହି ବୁଢ଼ୀ ମାଉସୀ ଉପରେ ଥାଏ ! ସେ ମାଉସୀ ମଧ୍ୟ ବର୍ଷାରୁ ରକ୍ଷାପାଇବା ପାଇଁ ପାଖ ଭଙ୍ଗା ଘରକୁ ନିଜ ବୁଜୁଳାକୁ ଧରି ଧୀରେ ଧୀରେ ଚାଲିଗଲେ ! ଏହା ଭିତରେ ମୁଁ ଗୋଟେ କଥାକୁ ଲକ୍ଷ୍ୟ କରୁଥାଏ ଯେମିତି ବୁଢ଼ୀ ମାଉସୀ ଛୋଟ ଥଳୀଟିକୁ ଅତି ଯତ୍ନର ସହକାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଛାତିରେ ଜାବୁଡ଼ି ଧରିଥାନ୍ତି ! ବର୍ଷାର ପ୍ରକୋପ କ୍ରମେ ବଢ଼ିବାରେ ଲାଗିଲା; ଫେରିବା ଯେମିତି ଅସମ୍ଭବ ମନେ ହେଉଥିଲା ! ଦୋକାନରୁ ବିସ୍କୁଟ ପ୍ୟାକେଟଟିଏ ନେଇ ବୁଢ଼ୀ ମାଉସୀ ପାଖକୁ ଗଲି ଏବଂ ତାଙ୍କୁ ଖାଇବାକୁ ଦେଲି ! ପ୍ରଥମେ ନେବାକୁ ମନା କରୁଥିଲେ କିନ୍ତୁ ଭୋକର ଦାଉ ଯେମିତି ରୋକିପାରିଲା ନାହିଁ ! ବୁଢ଼ୀ ମାଉସୀଙ୍କୁ ପଚାରିଲି, "ମାଉସୀ ସେ ଲାଲ ଥଳୀରେ ଏମିତି କଣ ଅଛି ଯେ ଅତି ଯତ୍ନର ସହକାରେ ରଖୁଛନ୍ତି ! ସେଥିରେ କଣ କିଛି ଗୁପ୍ତଧନ ଅଛି ।" କି କହି ଇନ୍ଦ୍ରନୁ୍ୟଜ ହସିବାକୁ ଲାଗିଲା !

ମାଉସୀଙ୍କ ଆଖିରୁ ହଠାତ୍ ଦୁଇଟୋପା ଲୁହ ଝରିଗଲା !

ଆଜକୁ ୩୦ ବର୍ଷ ତଳର କଥା ମୋର ନୂଆ ବାହାଘର ହୋଇଥାଏ ! ବାହାଘରର କିଛିଦିନ ସତେ ଯେମିତି ଅତି ଖୁସି ଖୁସିରେ ବିତିଯାଉଥିଲା ! ସତେ ଏମିତି ଲାଗୁଥିଲା ଜୀବନର ସବୁ ଖୁସି ମୋତେ ମିଳିଯାଇଛି ! ଏମିତି ଏକ ସପ୍ତାହ ବିତିଗଲା ...

ସମୟ ସୁଅରେ ଆମେ ଛୋଟ ପରିବାରର ଜୀବନ ନାଆଟି ଆଗକୁ ବଢ଼ିଚାଲିଥାଏ ! ସ୍ରଷ୍ଟାଙ୍କ ଆଉ ଏକ ଖୁସି ଖବର ପୁଣି ଆମ ସଂସାରକୁ ଆସିଲା, ଆମର ଏକ ପୁତ୍ର ସନ୍ତାନ ଜାତ ହେଲା ! ସନ୍ତାନର କୁଆଁ କୁଆଁ କାନ୍ଦରେ ଆମ ଛୋଟ ସଂସାର ପୂରି ଉଠୁଥାଏ ! ଯ୍ୱା ଭିତରେ ଯ୍ୱାଙ୍କର ମଧ୍ୟ ପ୍ରମୋସନ ହୋଇଗଲା ! ଖୁସିର ଯେମିତି ସୀମା ରହିଲା ନାହିଁ, ତାଙ୍କର ଭାରି ଇଛାଥିଲା ପୁଅକୁ ବି ସେନାରେ ଜଣେ ସଚ୍ଚୋଟ ସିପାହୀ ବନେଇବେ !

ଦୀପ ଲିଭିବା ଆଗରୁ ଯେମିତି ଦାଉ ଦାଉ ହୋଇ ଜଳିବାକୁ ଲାଗେ ଠିକ୍ ଆମ ସଂସାରରେ ଯେମିତି କାହାର ନଜର ଲାଗିଗଲା ! ହଠାତ୍ ସେନା ବିଭାଗରୁ ଫୋନ୍ ଆସିଲା ଭାରତ-ଚୀନ ସୀମାରେ ସୀମା ବିବାଦ ଲାଗିଛି ଆଉ ଯ୍ୱାଙ୍କୁ ସେଠାକୁ ଯିବାକୁ ହେବ ! ମୋର ଛାଡ଼ିବାକୁ ଆଦୌ ଇଛା ନଥାଏ ! ଛୋଟ ଛୁଆଟିକୁ କେମିତି ଏକା ସମ୍ଭାଳିବି ଭାରି ଅଧିର୍ଯ୍ୟ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହୋଇଯାଇଥାଏ ! ସେ ବୁଝାଇବାକୁ ଯାଇ କହିଲେ ଅଧର୍ଯ୍ୟ କାହିଁ ହେଉଛ ତୁମେ ଯଦି ଏମିତି ହେବ ତାହେଲେ ମୋ ପୁଅକୁ କେମିତି .... ! ତୁମେ କାହିଁକି ଭୁଲିଯାଉଛ ତୁମେ ହେଉଛ ବୀର ସେନାର ପତ୍ନୀ ଆଉ ତୁମଠାରେ ଏ ଲୁହ ଶୋଭା ପାଏନା ! ଯୁଦ୍ଧରେ ଯଦି ମୋର କିଛି ବି ହୋଇଯାଏ; ତୁମେ କେବେ ବି ଭାଙ୍ଗି ପଡ଼ିବନି ନିଜକୁ ସ୍ଥିର କରି ମୋ ପୁଅର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବ ! ଏତିକି ଥିଲା ତାଙ୍କର ଶେଷ କଥା ! କିଛିଦିନ ପରେ ଖବର ଆସିଲା କି ସୈନ୍ୟ ମାନଙ୍କୁ ନେଇ ଯାଉଥିବା ଯୁଦ୍ଧ ବିମାନଟି ନିଖୋଜ ସେଥିରେ ଥିବା ସମସ୍ତ ସିପାହୀ ନିରୁଦ୍ଦିଷ୍ଟ ! ସତେ ଯେମିତି କଳା ବାଦଲ ମୋ ପରିବାର ଉପରେ ଛିଡ଼ିପଡ଼ିଲା ......

କିନ୍ତୁ ମୁଁ ନିଜକୁ ଭାଙ୍ଗିବାକୁ ଦେଲି ନାହିଁ ! ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବାକୁ ମୋର ସର୍ବସ୍ୱ ତ୍ୟାଗ କଲି; ନିଜର ଆପ୍ରାଣ ପଣେ ତ୍ୟାଗକରି ପୁଅକୁ ଛୋଟରୁ ବଡ଼ କଲି ! ସେ ମଧ୍ୟ ନିଜର ଅଧ୍ୟବସାୟ ଜାରି ରଖିଥାଏ ! ଦେଶପ୍ରେମ ମଧ୍ୟ ତା'ଠାରେ ବଢ଼ିବାରେ ଲାଗିଥାଏ ! ଏମିତି ଦିନେ ପୁଅ ଆସି କହିଲା, "ମାଆ ମୁଁ ଯିବି ସେନା ରାଲିରେ ବାପାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବି ! ପୁଅର ଇଛାକୁ ଦେଖି ମୁଁ ଯାଙ୍କ ଫଟୋ ପାଖରେ କହିବାକୁ ଲାଗଲି ତୁମ ସ୍ୱପ୍ନକୁ ସାକାର କରିବାକୁ ପୁଅକୁ ପଠାଇଲି ! ଦିନେ ସକାଳୁ ସକାଳୁ ଖବର ପାଇଲିକି ସେନାବାହିନୀରେ ଯୋଗ ଦେବାକୁ ଆଶାୟୀ ପାର୍ଥୀଙ୍କୁ ନେଇ ଯାଉଥିବା ଅଭ୍ୟାର୍ଥୀ ଏକ୍ସପ୍ରେସ ଲାଇନଚ୍ୟୁତ, ଚାରିଟି ବଗି ସଂପୂର୍ଣ୍ଣ ଜଳିଯାଇଛି ସେଥିରେ ଥିବା ସମସ୍ତ ଯାତ୍ରୀ ଜୀବନ୍ତ ଦଗ୍ଧ ! କାହାର ଶବ ଚିହ୍ନଟ କରିବା ଅସମ୍ଭବ !! ଦୁଃଖର କଳା ବାଦଲ ଯେମିତି ବସାଭାଙ୍ଗି ମୋ ଉପରେ ଛିଡ଼ିପଡ଼ିଲା ! ବଂଚିବାର ଶେଷ ଆଶାଖଣ୍ଡକ ଜୁଆରରେ ଭାସିଗଲା ! ମୋତେ ସଂପୂର୍ଣ ଏକାକରି ବାପ ଏବଂ ପୁଅ ଚାଲିଗଲେ ! ମୋ ଏକାକୀ ପଣରେ ସୁଯୋଗ ନେଇ ମୋର ସର୍ବସ୍ୱ(ଧନ ସଂପତ୍ତି) ଛଡ଼ାଇନେଲେ ! ବହୁବାର ଜୀବନ ହାରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେଷ୍ଟାକରିଛି କିନ୍ତୁ କରିପାରିନି ! ବାକିତକ ଜୀବନକୁ ଏହି ବସ୍ତିର ପିଲାମାନ ସହ ବିତାଉଛି ! ମୋ ପାଖରେ ଏଇ ଲୁଗା ବୁକୁଚା ଏବଂ ଏ ଥଳୀ ବ୍ୟତୀତ ଆଉ କିଛି ନାହିଁ, ଏଇଟି ମୋର ସର୍ବସ୍ୱ ଧନ ଯାହା ଏଇ ଥଳୀରେ ଅଛି ! ଏହାର ଆଶ୍ରାରେ ବାକିତକ ଜୀବନ ଜୀଇଁଯିବି ! ଇନ୍ଦ୍ରନ୍ୟୁଜ ପଚାରିଲା, "ମାଉସୀ ଏଥିରେ ଏମିତି କେଉଁ ଗୁପ୍ତଧନ ରଖିଛ ଯେ ବାକି ଜୀବନ ତା' ଭରସାରେ ବଂଚିଯିବ !" ମଇଳା ଥଳିଟିକୁ ଖୋଲି ଫଟୋଟିଏ ଦେଖେଇ ପଚାରିଲେ ଜାଣିପାରୁଛ ? ମୁଁ ମୁଣ୍ଡ ହଲାଇ ନା କହିଲି ! ସେ କହିଲେ, "ଏ ହେଉଛି ମୋ ସ୍ୱାମୀ ଓ ମୋର ଶେଷ ସନ୍ତକ, ମୋ ପୁଅର ଛୋଟ ବେଳର ଫଟୋ !" ଯାହା ଏବେ ମୋ ବଂଚିବାର ଶେଷ ସାଥୀ !

ଗୋଟେ ମାଆ ପାଖରେ ତା ସନ୍ତାନଠାରୁ ବଳି ଆଉ କଣ 'ଗୁପ୍ତଧନ' ହୋଇପାରେ........ ! !

ମୁଁ ନିଃର୍ବାକ ହୋଇ ଚାହିଁ ରହିଥାଏ, ଯ୍ୟା ଭିତରେ ବର୍ଷା ଛାଡ଼ିଯାଇଥାଏ, ଆଉ ସେ ବୁଢ଼ୀ ମାଉସୀ କେଉଁଆଡ଼େ ଅନ୍ତର୍ଲୀନ ହୋଇଯାଇଥାନ୍ତି ! ! ତା ପରଠୁ ଆଉ କେବେ ତାଙ୍କୁ ଦେଖିନି !

ବାସ୍ତବରେ ପିତାମାତାଙ୍କର ଗୁପ୍ତଧନ ହେଉଛନ୍ତି ସନ୍ତାନମାନେ !

ରାଜଗୁରୁ ସିଅ

ଫତେପୁର ,ଖଇରା,ବାଲେଶ୍ୱର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରଥମ ପ୍ରେମର ଅଭୁଲା ସ୍ମୃତି

ସେଦିନ ରାତିରେ ମୁଁ ଆଉ ସେ ଏମିତି ମେସେଜରେ କଥା ହଉ ହଉ ରାତି ଏଗାରଟା ହୋଇଯାଇଥିଲା । ଏମିତି ଖୁସିଗପ କରୁ କରୁ କେଜାଣି କେତେ ସମୟ ବିତିଯାଇଥିଲା ଆମେ ଜାଣିପାରୁନଥିଲୁ । ପରେ ସେ ମତେ ଫୋନ କରି କଥା ହେବାକୁ ଅନୁରୋଧ କରିଥିଲେ, ତାଙ୍କ କଥାକୁ ମୁଁ ଅବମାନନା କେବେ କରିନାହିଁ । ତେଣୁ ମୁଁ ବି ତାଙ୍କ ହଁ ରେ ହଁ ଭରିଲି । ପରେ ଫୋନରେ ଆମେ ଦୁହେଁ ଭବିଷ୍ୟତର ଏକାଠି ରହିବା ସ୍ୱପ୍ନ ଗଢୁଥିଲୁ । କେଜାଣି ସେ କେମିତି ମତେ ପାଗଳ ପରି ପାଇବା ପାଇଁ ଚାହୁଁଥିଲେ । ପୁଣି ପାଗଳ ଭଳି କାମ ଆବୁଲ ତାବୁଲ କଥା ମଧ୍ୟ ଗପୁଥିଲେ । ମୁଁ ମଜାରେ ପାଗଳ କହିଦେଇଥିଲି ତାଙ୍କୁ କିନ୍ତୁ ସେ ମୋ ଉପରେ ସାମାନ୍ୟ ରାଗ ଓ ଅଭିମାନ କରି କହିଲେ " ହଁ ମୁଁ ପାଗଳ ,ତୁମ ପାଇଁ !" କିନ୍ତୁ ମୁଁ ତାକୁ ଥଟ୍ଟାରେ ଉଡ଼େଇ ଦେଇଥିଲି । ଜାଣିନଥିଲି ସିଏ ମତେ ମାନେ ମାନେ ଏତେ ଭଲ ପାଆନ୍ତି । ସେଦିନ ତାଙ୍କ ସହ ବିତେଇ ଥିବା କିଛି ମୁହୂର୍ତ୍ତ ତାଙ୍କ ଜୀବନର ପ୍ରାନ୍ତ ସାଜିଛି । ହଁ ମୋର ବି ମାନେ ଅଛି ସେ କଥା, ତାଙ୍କର ସେଇ କୋଳରେ ଶୋଇଥିବା କଥା । ମୁଁ ବି କେବେ ଭୁଲି ପାରିବିନି । ସେ ଦିନଟି ମୋ ଜୀବନର ମଧ୍ୟ ଅଭୁଲା ଦିନ ଥିଲା ।



ଦିନେଶ୍ ମେହେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ଶୀତ ରାତିର ଜହ୍ନର ହାଲକା କିରଣ ପଡୁଥାଏ ଆମ ଉପରେ । ଶୀତ ସନ୍ଧ୍ୟାର ହାଲକା ହାଲକା ଥଣ୍ଡା ପବନ ବାଜୁଥାଏ । ଲାଗୁଥାଏ ଆମ ଦୁଇଜଣଙ୍କୁ କିଏ କୁହୁଡ଼ି ପରଦା ଭିତରେ ଢାଙ୍କି ଦେଇଛି । ଆମ ଦୁହିଁଙ୍କ ମନରେ ଟିକେ ଟିକେ ଭୟ ଥାଏ । ଅନ୍ଧାରରେ ଆମ ପରସ୍ପରର ମୁହଁ ଦିଶୁନଥାଏ କିନ୍ତୁ ସେ ମୋ ସାମ୍ନାରେ ଠିଆ ହୋଇ ମତେ ଚାହିଁ ରହିଥିଲେ । ହଠାତ୍ କଣ ହେଲା କେଜାଣି ସେ ମତେ ଜାବୁଡି ଧରିଲେ ମୁଁ କିଛି ବୁଝି ପାରିଲିନି, କିନ୍ତୁ ସେ ମୋତେ ଜାବୁଡି ଧରିଥିଲେ ଲାଗୁ ଥିଲା ଦୁନିଆର ସବୁ ଖୁସି ମୁଁ ପାଇ ଯାଇଛି । ଏମିତି କିଛି ସମୟ ମତେ ଜାବୁଡି ଧରି ନିଜ ମନକୁ ସେ ବୁଝାଇ ଦେଲେ ପରେ ମୋ କପାଳରେ ମିଠା ଚୁମ୍ବନଟେ ଦେଇ ଟିକିଏ ଆଉଁସି ଦେଲେ । କିଛି ଦିନ ତଳେ ଆକ୍ସିଡେଣ୍ଟରେ ମୋ ଗୋଡ଼ ଟିକିଏ ଖରାପ ଥିବାରୁ ମୁଁ ତାଙ୍କୁ ବସିବାକୁ କହିଲି, ସେ ବସିଲେ କିନ୍ତୁ ମତେ ତାଙ୍କ କୋଳରେ ଶୋଇବାକୁ କହିଲେ । ବାସ୍ତବରେ ସେହି କିଛି ସମୟ ତାଙ୍କ କୋଳରେ ଶୋଇଥିବା ବେଳେ ଲାଗୁଥାଏ ଯେମିତି ମୋ ପରି ଭାଗ୍ୟଶାଳୀ ଦୁନିଆରେ କିଏ ବି ନାହିଁ । ତାଙ୍କୁ ପାଇ ଲାଗୁଛି ସବୁ ପାଇଯାଇଛି । ମୁଁ ତାଙ୍କ ପାଖକୁ ଯିବା ବେଳେ ଡାଏରୀ ମିଲ୍କ ଚକୋଲେଟ୍ ନେଇ ଯାଇଥିଲି ସେ ନିଜେ ଖାଇବା ବଦଳରେ ମତେ ଖୁଆଇ ଦେଉଥିଲେ । ଏମିତି ପ୍ରାୟ ଅଧଘଣ୍ଟା ଚାଲିଲା । ତାଙ୍କ କୋଳେ ଶୋଇ ମୁଁ ତାଙ୍କ ମୁହଁକୁ ଚାହୁଁଥିଲି, ସେ ମୋ ମୁହଁକୁ ଚାହୁଁଥିଲେ । କେଜାଣି କେତେ କଥା କହିଯାଉଥିଲେ କିନ୍ତୁ ମୁଁ ସେମିତି ଚୁପ୍ ହେଇ ଶୁଣିଥିଲି କାରଣ ତାଙ୍କ କଥା ମତେ ବହୁତ ଭଲ ଲାଗେ ଓ ଦୁନିଆର ସବୁ ଆନନ୍ଦ ତାଙ୍କ ପାଖରେ ଅଛି । କଥା ହଉ ହଉ ଏମିତି ମତେ ସେ ଗାଲରେ ଥଟ୍ଟାରେ ମାରୁଥିଲେ ଆଉ ମୋତେ ତାଙ୍କ କଥା ଶୁଣିବାକୁ କହୁଥିଲେ ଓ ନିଜ ଯତ୍ନ ନେବାକୁ କହୁଥିଲେ, କାହିଁକି ନା ମୁଁ ସେଦିନ ଅନ୍ୟମନସ୍କ ରହି ଆକ୍ସିଡେଣ୍ଟର ସାମ୍ନା କରିଥିଲି, ଏକଥା ଶୁଣି ସେ ବହୁତ କାନ୍ଦିଥିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ଅନେକ ପୁରୁଣା କଥା ବିଷୟରେ କଥା ହଉ ହଉ ପ୍ରାୟ ରାତି ୧ ଟା ବାଜି ଯାଇଥିଲା । ପୁଣି ସେ ମତେ କହିଥିଲେ କି ସେ ଦିନର ଚକୋଲେଟ୍ ଜରିକୁ ଆଜି ପର୍ଯ୍ୟନ୍ତ ସେ ତାଙ୍କ ଡାଇରୀରେ ସାଇତି ରଖିଛନ୍ତି । ଏକଥା ଶୁଣି ମୁଁ ବହୁତ ହସିବାକୁ ଲାଗିଲି କିନ୍ତୁ ସେ ଚୁପ୍ ହେଇ ସବୁ ସହୁଥିଲେ । ମୁଁ ଜାଣି ପାରୁଥିଲି ତାଙ୍କ ପାଇଁ ମୁଁ କେତେ ମୂଲ୍ୟବାନ ଓ ମୋ ସ୍ୱର୍ଶଥିବା ପ୍ରତିଟି ଜିନିଷ ମଧ୍ୟ । ସେ ହଷ୍ଟେଲରେ ରହନ୍ତି ସେଥି ତାଙ୍କ ପାଖରେ ମୋବାଇଲ ନାହିଁ ତେଣୁ ସେ ସେଠି ଥିଲେ ମୋ ସଙ୍ଗେ କଥା ହୁଅନ୍ତି ନାହିଁ । ମୋ ସ୍ମୃତି ହିସାବରେ ଚକୋଲେଟ୍ ଜରିକୁ ରଖିଛନ୍ତି । ମୁଁ ତାଙ୍କ କଥାକୁ ଥଟ୍ଟା ପରିହାସ କରୁଥିଲି କିନ୍ତୁ ସେ ଚୁପ୍ ହେଇ ସବୁ ସହି ଯାଉଥିଲେ । ତାପରଦିନ ସକାଳେ ତାଙ୍କର ହଷ୍ଟେଲକୁ ପୁଣି ଫେରି ଯିବାର ଥିଲା, ସେ କଥା ଭାବି ମୁଁ ଚୁପ୍ ରହିଗଲି । ବିରହ ଜ୍ୱାଳାରେ ବହୁତ ଦିନ ଏମିତି ଜଳୁଥିଲା ପରେ ସେ ଆସିଲେ । ମନକୁ ଟିକିଏ ଶାନ୍ତି ଲାଗିଥିଲା । ପୁଣି ସେ ଚାଲିଯିବେ ଏକଥା ଭାବି ବହୁତ କାନ୍ଦିଥିଲି । ଏମିତି କେତେ ସମୟ ଯେ ବିତିଗଲା ଜାଣିପାରିନଥିଲି । ପରେ ମୋବାଇଲର ଚାର୍ଜ ସରିବା ନୋଟିଫିକେସନ୍ ଆସିଲା, ମୁଁ ତାଙ୍କୁ ଫୋନ ରଖୁଛି ବୋଲି କହିଲି କିନ୍ତୁ ସେ ରଖିବାକୁ ନାରାଜ୍ । ପରେ କେତେ ବୁଝାବୁଝି କଲାପରେ ଫୋନ୍ ରଖିଲେ ।

ବାସ୍ତବରେ ସେ ଦିନର ରାତିଟା ମୋ ଜୀବନର ଅଭୁଲା ରାତି । ତାଙ୍କ ସହ ବିତେଇଥିବା କିଛି ସମୟ ମୋ ଜୀବନର ଏକ ଅଂଶ ପାଲଟି ଯାଇଥିଲା । ମନକୁ ବୁଝାଇ ଦେଇଥିଲି କି ଦୁଇ ମାସ ପରେ ପରୀକ୍ଷା ସରିବା ପରେ ସେ ଆସିବେ । ସେ ଆଶାରେ ଆଜି ବି ମୁଁ ଆଶାୟୀ ।

ଜୁନାଗଡ଼, କଳାହାଣ୍ଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫଟୋ

ପ୍ରିୟଙ୍କା ମିଶ୍ର ବାହା ହେବାର ଦଶ ବର୍ଷ ହୋଇଗଲାଣି । ସେ ଏବେ ଶିକ୍ଷୟିତ୍ରୀ, ନିଜ ଗାଁ ଶାଶୁଘର ଗାଁ ଛାଡି ସେ ଏବେ ଅନ୍ୟ ଜିଲ୍ଲାରେ । ପ୍ରିୟଙ୍କା ବୃତ୍ତିଗତ ଜୀବନ ବିତାଉଛି ।

ନୂଆ ସହରରେ ଦିନେ ସ୍କୁଟିରେ ଝିଅକୁ ନେଇ ବୁଲିବା ବେଳେ ଗୋଟେ ଘର ଆଗରେ ଅଟକି ଗଲା ପ୍ରିୟଙ୍କା । ଅଜଣା ଅଶୁଣା ସେ ଘର ଭିତରକୁ ପଶିଗଲା । ଜଣେ ସମବୟସ୍କା ବିବାହିତ ମହିଳା ତାଙ୍କୁ ଆଦରରେ ପାଛୋଟି ନେଲେ ।

ମାଆ ଝିଅଙ୍କୁ ଚା ଜଳଖିଆ ଦେଇ ସବୁ ଘର ବୁଲେଇଲେ । ପ୍ରିୟଙ୍କା ପଚାରିଲା ଆପଣ ମୋତେ ଜାଣନ୍ତି । ମୁଁ ତ ପ୍ରକାଶଙ୍କ ନାଁ ସାଥିରେ ଇଞ୍ଜିନିୟର ଶବ୍ଦଟା ଦେଖି ଘର ଭିତରକୁ ଚାଲି ଆସିଲି । ଟିକେ ହସିଦେଇ ନିରବ ରହିଲେ ସେ, ପ୍ରକାଶ ନାହାନ୍ତି କି ? ସେ କହିଲେ ସିଏ ଗୋଟେ ଜରୁରୀ କାମରେ ଦିଲ୍ଲୀ ଯାଇଛନ୍ତି । ଆଉ ଆପଣଙ୍କ ସନ୍ତାନ । ହଁ ଗୋଟେ ପୁଅ ତା ମାମୁଁ ସହିତ ମନ୍ଦିର ଯାଇଛି । ଏଠି କେବେଠୁ ରହୁଛନ୍ତି । ହଁ ଏଇ ତିନିବର୍ଷ ହେଲା ।



ସିଦ୍ଧେଶ୍ୱର ତ୍ରିପାଠୀ

ଠିକ୍ ଏତିକି ବେଳକୁ ସେମାନେ ପହଞ୍ଚି ସାରିଥିଲେ ପ୍ରକାଶଙ୍କ ଫଟୋ ରୁମ ଭିତରେ ଯୋଉଠି ଟେବୁଲ ଉପରେ ସାଇତା ହୋଇ ରହିଥିଲା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପ୍ରିୟଙ୍କାର ଫଟୋ । ଦୁଇ ଅପରିଚିତ ମହିଳାଙ୍କ ଆଖି ମିଶିଲା ବେଳକୁ ପ୍ରିୟଙ୍କାର ମୁହଁ ମଉଳି ଯାଉଥିଲା ।

ପ୍ରିୟଙ୍କା ଝିଅକୁ ନେଇ ସ୍କୁଟିରେ ନିଜ ଘରକୁ ଫେରୁଥାଏ । ଅତୀତର ସ୍ମୃତି ସବୁ ଗୋଟି ଗୋଟି ହୋଇ ଝଲସି ଉଠୁଥାଏ ପ୍ରିୟଙ୍କା ଆଖି ଆଗରେ । ଦୁଇଜଣଙ୍କ କଲେଜ ପାଖାପାଖି ଥିଲା । ପ୍ରକାଶକୁ ସେ 'ପ୍ରେମ ନିବେଦନ କରିଥିଲା । କିଛି ଦିନର ମଧୁର ମୁହୂର୍ତ୍ତ ମିଠା ମିଠା ଜହ୍ନରାତି । ଆଉ ପ୍ରିୟଙ୍କାର ପ୍ରତାରଣା ସରକାରୀ ଚାକିରିଆ ବର ମୋହରେ ପ୍ରକାଶର କେଇଦିନର ସ୍ୱୀକାରୋକ୍ତିକୁ ପାଦରେ ଆଡେଇ ଦେଇ ସେ ଭଲ ଘର ଭଲ ବର ଦେଖି ବାଛି ନେଇଥିଲା ତା'ର ନୂଆ ଠିକଣା ।

ପ୍ରକାଶକୁ ଶେଷଥର ପାଇଁ କହିଥିଲା ମୋତେ ଭୁଲିଯିବ ମୋତେ ଫୋନ କରି ମେସେଜ କରି ବିରକ୍ତ କରିବନି । ମୋର ସବୁ ଫଟୋ ଉପହାରକୁ ଯେତେ ଶୀଘ୍ର ହଜେଇଦେବ ତମ ପାଇଁ ଆଉ ମୋ ପାଇଁ ଭଲ ହେବ । ଆଉ କେବେ ମୋ କଥା ସ୍ୱପ୍ନରେ ବି ଭାବିବନି । ଏତେ ବର୍ଷ ପରେ ଆଜି ପ୍ରକାଶ ଘରେ ନିଜ ଫଟୋକୁ ଦେଖି ପଶ୍ଚାତାପର ବହ୍ନିରେ ତାର ଅତୀତ ଆଉ ବର୍ତ୍ତମାନ  ଅତି ସହଜରେ ତରଳି ଯାଉଥିଲା ।

ପଛରେ ବସିଥିବା ବୁଲ୍ଟି ପଚାରିଲା ମମା ତୁମ ଫଟୋ ସେ ଆଣ୍ଟିଙ୍କ ଘରକୁ କେମିତି ଆସିଲା । ଆଠ ବର୍ଷର ଝିଅର ଏଇ ପ୍ରଶ୍ନ ଶୁଣି ଥତମତ ହୋଇ ଯାଉଥିଲା ପ୍ରିୟଙ୍କା ଅତୀତର ସ୍ୱାର୍ଥପରତା ପାଇଁ ପଶ୍ଚାତାପର ଭାବନା ଉତ୍ତୁରି ଆସୁଥିଲେ ତା ଦୁଇ ଆଖିର ଲୁହ ସାଥିରେ ସ୍କୁଟିର ଗତି ଧିରେ ଧିରେ ବଢୁଥିଲା ବାଟ ସରିବା ଯାଏ ।

କବିର ଘର, କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

୭୫୨୦୫୭(ଓଡିଶା), ୭୦୦୮୩୧୫୦୪୦ / ୮୦୧୮୬୪୬୭୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେମାନଙ୍କର ବି ହୃଦୟ ଅଛି

ବହୁତ ସମୟରେ ମିଛ ଭରସା ଝିଅଘର ଉପରେ ଲଦି ଦିଆଯାଏ କି "ଆମେ ଘରକୁ ବୋହୂ ନୁହେଁ, ଝିଅ ନେଇକି ଯାଉଛୁ ।" ଆଜି ପର୍ଯ୍ୟନ୍ତ ବେଳେ ବେଳେ ବୁଝି ହୁଏନି ଘରର ଝିଅ ଆଉ ବୋହୂ ଭିତରେ ଫରକ୍ କଣ ?

ବୋହୂ ବି କେବେ ଆଉ କାହା ଘରର ଝିଅ ଥିଲା, ଏ ଘରର ଝିଅ ବି କେବେ ବୋହୂ ହବ । ବୋହୂ ବି ଯେତେବେଳେ ଝିଅ ଥିଲା ସେ ବି ଦିନେ ରଜରେ ମୁହଁ ଓଳେଇକି ବସିଥିବ ଡ୍ରେସ୍ ପାଇଁ ଆଉ ଛୋଟ ବେଳେ ବାପା ଭାଇଙ୍କ ସହ କେତେ କଳି ନ କରିଥିବ ଆକାଶର ଜହ୍ନକୁ ଆଣିବା ପାଇଁ । ବୋହୂ ହେଇସାରିଲା ପରେ କଣ ସେ କଣ ଝିଅ ସ୍ୱଭାବ ହରେଇ ଦେଲା ! ! !



ପ୍ରବୀର ସାହୁ

ବୋହୂ ହେଇ ସାରିବା ପରେ ଯେମିତି ଜବରଦସ୍ତ କର୍ତ୍ତବ୍ୟ ଲଦି ଦିଆଯାଏ । ଘରକୁ ଉତ୍ତରାଧିକାରୀ ଦେବା କିମ୍ବା ଘର ସମସ୍ତ କର୍ମ ସମ୍ଭାଳିବା ତାହାର ପ୍ରଥମ କର୍ତ୍ତବ୍ୟ ନୁହେଁ ।

ଘରକୁ ବୋହୂ ଆସିସାରିଲା ପରେ ଘର ଯେମିତି ଗୋଟେ ରାଜନୈତିକ କ୍ଷେତ୍ର ପାଲଟି ଯାଏ । ଶାଶୁମାନେ ମୁଖ୍ୟମନ୍ତ୍ରୀ ଚୌକି ଧରି ଯେମିତି ଘରର ଶାସନ ଗାଦି ଅକ୍ତିଆର କରି ନିଅନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରର ମନ୍ତ୍ରୀ ମଣ୍ଡଳରେ ନୂଆ କରି ସାମିଲ ହେଇଥିବା ବୋହୂଟି ବିଚରା ଏକଛତ୍ରବାଦ ଶାସନ ଅନୁଭବ କରେ ଆଉ ଘର ରାଜନୀତିରେ ଜଳାଞ୍ଜଳି ଦେଇ ଦିଏ ସମଗ୍ର ଝିଅ ଜୀବନକୁ ।

ଏତେ ସବୁ ପରେ ମଧ୍ୟ ସେ ଯଦି ଶାସନ ବଦଳରେ କେବେ ପାଟି ଖୋଲେ, ସେ ହେଇ ଯାଏ ବିରୋଧୀ ! ! ସମସ୍ତଙ୍କ ଆଖିରେ... ଏମିତି କି ଯାହା ସହ ସାତ ଜନ୍ମ ରହିବ ବୋଲି ଶପଥ କରି ଥିଲା ତା ଆଗରେ ବି ।

ଆରମ୍ଭ ହୁଏ ଅତ୍ୟାଚାର, ଜଣେ ଝିଅ କେବେ ବି ବୁଝି ପାରେନି ଆଉ ଜଣେ ଝିଅର ମନର କଥା, ସେ ହିଁ ତାର ପ୍ରଥମ ଶତ୍ରୁ । ବେଳେ ବେଳେ ଜୀବନକୁ ବି ଜବରଦସ୍ତ ବଳି ପକାଇ ଦିଆଯାଏ ।

ବାପାଙ୍କ ଅଲିଅଳି ଆଉ ଭାଇର ଗେହ୍ଲୀ ହେଇଥିବା ସେ ଝିଅଟି ଯେବେ ଗୁମୁରି ଗୁମୁରି କାନ୍ଦେ ସେତେବେଳେ ସବୁ ଲୁହ ଓଠ ପିଇ ଯାଏନି, କିଛି ତଳେ ପଡ଼ିବା ଆଗରୁ ଆପଣ ଛାଏଁ ଶୁଖିଯାଏ ।

ଯୁକ୍ତ ତିନି ଦ୍ୱିତୀୟ ବର୍ଷ, କମ୍ପ୍ୟୁଟର ବିଜ୍ଞାନ ସମ୍ମାନ,
କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା,
lexprabir2002@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରତିଶୋଧ ପରାୟଣ ସମୟ



ସୁଚିସ୍ମିତା ସାହୁ

ଆଜି ଗୋଟେ ନିଆରା କାହାଣୀ କହିବାକୁ ଯାଉଛି । ଆଶାକରେ ଯୁବପୀଢ଼ିଙ୍କୁ କିଛି ସଚେତନତା ଦେବ ମୋ କାହାଣୀ । କାହାଣୀର ନାୟିକା ସରିତା । ତନୁ ପାତଳୀ ସରିତା ଥିଲା ଛଅ ଭାଇରେ ଗୋଟିଏ ଭଉଣୀ; ଭାରି ଗେହ୍ଲେଇ । ଛୋଟ ପ୍ରଜାପତିଟେ ପରି ଖୁସିରେ ନାଚି ଗାଇ ଘରସାରା ଘୁରି ବୁଲୁଥିଲା । ପିଲାଦିନେ ବହୁତ ଭଲ ପାଠ ପଢୁଥିଲା । ପଢା ସହ କବିତା ଆବୃତ୍ତି, ଭାଷଣ ପ୍ରତିଯୋଗିତା, ଚିତ୍ରାଙ୍କନ, ଖେଳକୁଦ ସବୁଥିରେ ସେ ଥିଲା ଆଗୁଆ । ହେଲେ ନିଜ ଅଳସୁଆମି ଗୁଣ ଯୋଗୁ କିଛି ବି କାମ ପ୍ରତି ଯତ୍ନଶୀଳ ନଥିଲା । ତଥାପି ସବୁକିଛି କୁଶଳ ଥିଲା ତା ଜୀବନରେ । ହଠାତ ଦିନେ ବାପାଙ୍କ ଖିଆଲିଆମି ଗୁଣ ଆଉ ବଦଖର୍ଚ୍ଚ ପାଇଁ ଘରର କରଜ ଏତେ ବଢିଗଲା ଯେ, ମା ସମ୍ପୁର୍ଣ୍ଣ ପାଗଳି ନହେଲେ ବି ମାନସିକ ଭାବେ ଅସୁସ୍ଥ ହେଇଗଲେ । ଭାଇମାନେ ଘରର ଦାୟିତ୍ୱ ନେବାକୁ ଯାଇ, ପଦାକୁ ଗୋଡ କାଢ଼ିଲେ ଅର୍ଥ ଆଶାରେ । ଘରେ ରହିଗଲେ କେବଳ ସେ ଆଉ ତା ମା । ମାନସିକ ଭାରସାମ୍ୟ ହରେଇଥିବା ମା କୁ ଛାଡି ସେ ଉଚ୍ଚ ଶିକ୍ଷା ପାଇଁ ଆଉ ବାହାରକୁ ଯାଇ ପାରିଲା ନାହିଁ । ଗାଁ କଲେଜରେ ସ୍ନାତକ ପଢା ଶେଷ କଲା । ଘରର ଦାୟିତ୍ୱ ଆଉ ନିଜର ଅଳସୁଆ ଗୁଣ ଯୋଗୁ ସେଇଠି ତା ପଢ଼ାରେ ଡୋରି ବାନ୍ଧି ଦେଲା । ପାଞ୍ଚ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଞ୍ଚ ଭାଇ ଥାଉ ଥାଉ ତାର ଚାକିରିର କିଛି ଆବଶ୍ୟକ ନାହିଁ କହି ପଢାକୁ ସମ୍ପୂର୍ଣ୍ଣ ଅବହେଳା କରୁଥିଲା, ଯଦିଓ ବ୍ୟାଙ୍କରେ ଚାକିରୀ କରିବାକୁ ତାର ଇଛା ଥିଲା । ଏମିତି ୭-୮ ବର୍ଷ ବିତିଗଲା । ଆ ଭିତରେ ତା ଭାଇମାନେ ସମସ୍ତେ ହାତକୁ ଦୁଇ ହାତ ହେଇଗଲେ । ସମସ୍ତେ ନିଜ ପରିବାର ନେଇ ବାହାରେ ନିଜ ନିଜ ଦୁନିଆରେ ବ୍ୟସ୍ତ । ଗାଁ ଘରେ ଇତି ଓ ତା ମାଙ୍କ ସହ ରହୁଥିଲେ କେବଳ ଜଣେ ଭାଉଜ । ବିବାହ ପରେ ଭାଇମାନେ ସମ୍ପୂର୍ଣ୍ଣ ବଦଳି ଗଲେ । ଭାଇମାନଙ୍କ ସହ  ବିବାହ ପୂର୍ବ ଆଉ ପରର ସମ୍ପର୍କ କଥା ଅଲଗା । ବିବାହ ପରର ବାତାବରଣରେ ମନ ଖୋଲି କିଛି ମାଗିବାକୁ ଭଉଣୀକୁ ସଂକୋଚବୋଧ ଅନୁଭବ ହୁଏ । ଠିକ ଏମିତି ସବୁ ଘଟିଲା ଇତିର ଜୀବନରେ । ଶେଷରେ ଶିକ୍ଷା ଆଉ ନିଜ ଗୋଡରେ ନିଜେ ଛିଡା ହେବାର ଆବଶ୍ୟକତା ସେ ବେଶ୍ ଅନୁଭବ କରିପାରିଲା । ଖାଲି ଅର୍ଥ ନୁହେଁ, ସ୍ୱାଭିମାନରେ ବଞ୍ଚିବାକୁ ଯେ ଚାକିରୀ ଲୋଡ଼ା, ବହୁତ ଭଲଭାବେ ଏ କଥା ସେ ବୁଝିଗଲା । ହେଲେ ଏତେବେଳକୁ ତ ଲେଡି ଗୁଡ କହୁଣିକୁ ବହିଗଲାଣି । ସରକାରଙ୍କ ଚାକିରୀ ପାଇଁ ଧାର୍ଯ୍ୟ ଥିବା ବୟସ ସୀମା ଯୋଗୁ, ତା ହାତରେ ଥିଲା ଆଉ ମାତ୍ର ଗୋଟିଏ ବର୍ଷ । ସେ ବହୁତ ପରିଶ୍ରମ କରିବାକୁ ଇଛା କଲା, ଏଇ ଗୋଟିଏ ବର୍ଷର ସଠିକ ବ୍ୟବହାର କରିବାର ଯୋଜନା କଲା ।  ଘରର ଦାୟିତ୍ୱ ଏବେ ଭାଇ ଆଉ ଭାଉଜଙ୍କ ଉପରେ ଛାଡ଼ିଦେଇ ସେ ଏବେ କେବଳ ନିଜ ପଢ଼ାରେ ମନ ଦେବାକୁ ସ୍ଥିର କଲା । ହେଲେ ସମୟ ତାକୁ ସେ ସୁଯୋଗ ଆଉ ଦେଲାନି । ସେ ଅନେକ ନଷ୍ଟ କରିଛି ସମୟକୁ, ଏବେ ସମୟର ପାଳି । ଗାଁରେ ଥିବା ଭାଉଜଙ୍କର ନଅମାସର ଗୋଟିଏ ପୁଅ ରିଙ୍କୁ, ତା ସହ ସେ ଗର୍ଭବତୀ ବି ଥିଲେ । ତେଣୁ ରିଙ୍କୁର ସମସ୍ତ ଦାୟିତ୍ୱ ଇତି ଉପରେ ଠିକ ଯେମିତି ସେ ପିଉସୀ ନୁହେଁ ଦ୍ୱିତୀୟ ମା । ଏଇ କିଛି ଦିନ ତଳେ ଭାଇଙ୍କର ଗୋଟିଏ ଝିଅ ହେଲା । ସେ ଜାଣି ପାରୁନଥିଲା ସେ ଖୁସି ହେବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କି ଦୁଃଖ କରିବ । ଗାଁର ନୀତି ନିୟମ ଯୋଗୁ, ଦଶ ଦିନ ଭାଉଜ କାହାକୁ ଛୁଇଁବେନି । ସିଜରିଂ ହେଇ ପିଲା ହେଇଥିବାରୁ ସେ ଗୋଟିଏ ମାସ ଯାଏ ସମ୍ପୂର୍ଣ୍ଣ ବିଶ୍ରାମ କରିବେ; ଟିକେ ବି ପାଣି ହାତ ହେବେନି । ତେଣୁ ଘରର ସବୁ କାମର ଭାର ଇତି ଉପରେ ଲଦା ହେଇଗଲା । ପ୍ରତ୍ୟହ ଘର କାମ ସରୁ ସରୁ ରାତି ଏଗାର-ବାର । ସେବେ ପଢିବାକୁ ଚେଷ୍ଟା କଲେ ବି ଏତେ କ୍ଲାନ୍ତ ହେଇଯାଇଥାଏ ଯେ, ଆଖି ଆପେ ଆପେ ମୁଦି ହେଇଯାଏ ତାର । ପଢିବାକୁ ଅନେକ ଇଛା ଥିଲେ ବି ପଢିପାରୁନି ବୋଲି ବହୁତ କଷ୍ଟ ଲାଗେ ତାକୁ । ଆଉ କିଛି ମାସ ପରେ ତା ବୟସ ଯୋଗୁ ଯେ ସେ ଚାକିରୀର ଆବେଦନ ପତ୍ର ବି ଦାଖଲ କରି ପାରିବେନି ଭାବି ଆହୁରି ଭାଙ୍ଗିପଡ଼େ । ଦିନେ ସ୍ଥିର କଲା ଘର ଛାଡ଼ି ଭୁବନେଶ୍ୱର ପଳେଇବ । ସେଠି ରହି ତା ସ୍ୱପ୍ନକୁ ସାକାର କରିବ । ଘରଲୋକଙ୍କ ଆଗେ ଏହି ମତ ରଖନ୍ତେ, ସବୁ ଅଶାନ୍ତି, ସେ ଚାଲିଗଲେ ଘରର ଦାୟିତ୍ୱ କିଏ ନେବ ଭାବି । ତାର ଏହି ନିଷ୍ପତି ଯୋଗୁ ପରୋକ୍ଷ ଭାବେ ସମସ୍ତେ ତାକୁ ସ୍ୱାର୍ଥପର କହିଲେ । ଦୀର୍ଘ ୭-୮ ବର୍ଷ ଧରି ଘରର ଦାୟିତ୍ୱ ନେବାକୁ ଯାଇ ଯେ ସେ ନିଜ ଭବିଷ୍ୟତକୁ ବଳି ଚଢେଇ ଦେଇଛି, ଏକଥା କ୍ଷଣିକେ ସବୁ ଭୁଲିଗଲେ । ଛାଡ଼; ସମାଜ ଏମିତି, ଯେତେ ଦେଲେ ବି ଯାହା ଦିଆ ହେଇନି ସେଇ କଥା ହିଁ କହିବ । ତଥାପି ସେ ତା ନିଷ୍ପତିରେ ଅଟଳ ରହିଲା ଆଉ ଘରର ଅନିଚ୍ଛା ସତ୍ତ୍ୱେ ଭୁବନେଶ୍ୱର ପଳେଇଲା ନିଜ ସ୍ୱପ୍ନ ସାକାର ଆଶାରେ । ସେଠି ଗୋଟେ ବ୍ୟାଙ୍କିଙ୍ଗ କୋଚିଂ କେନ୍ଦ୍ରରେ ଆଡ଼ମିଶନ ନେଲା ଆଉ ଗୋଟେ ଭଡାଘରେ ରହିଲା । ପାଖ ପାଖି ଗୋଟେ ମାସ ତା ପଢାପଢି ଠିକ ଠାକ ଚାଲିଲା । ହେଲେ ସମୟ ଯେତେ ବେଳେ ତାକୁ ନଷ୍ଟ କରିବାକୁ ନିଷ୍ପତ୍ତି ନେଇଛି, ତାକୁ ବଞ୍ଚେଇବ କିଏ । କୋଉଠି ଥିଲା କେଜାଣି ହଠାତ ମାଡି ଆସିଲା କରୋନା ରୋଗ । ସରକାର ଗୋଟେ ମାସ ପାଇଁ ତାଲାବନ୍ଦର ନିଷ୍ପତି ନେଲେ, ସବୁ ସ୍କୁଲ, କଲେଜ ବନ୍ଦ ହେଇଗଲା; ଆଉ ତା ସାଙ୍ଗଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୋଚିଂ କେନ୍ଦ୍ର ବି । ଘର ମାଲିକ ବି ଆଉ ଘରେ ରଖିବାକୁ ଦେଲାନି, ବାଧ୍ୟ କଲା ଘର ଛାଡିବାକୁ । ଶେଷରେ ଉପାୟଶୂନ୍ୟ ହେଇ, ସେ ଘରମୁହାଁ ହେଲା । ଜାଣିଥିଲା ଘରେ ସମସ୍ତେ ତାକୁ ରହସ୍ୟ କରି ମଜା ଉଡେଇବେ । ସେଇଆ ହିଁ ହେଲା, ଘରେ ପହଞ୍ଚୁ ପହଞ୍ଚୁ, ଭାଉଜ କହି ଉଠିଲେ, ହେଇଲୋ ମୋ Bank P. O. ନଣନ୍ଦ ଆଇଲେଣି, ବନ୍ଦାଣ ଥାଳି ଯୋଗାଡ଼ କରିକି ଆଣେ ମୁଁ । ଏ କଥା ଇତିର ହୃଦୟକୁ କୋରି ଦେଉଥିଲା, ଭୋ ଭୋ ହେଇ କାନ୍ଦିବାକୁ ଇଛା ହେଉଥିଲା । ତଥାପି ଭାଉଜଙ୍କ କଥାର କିଛି ପ୍ରତିକ୍ରିୟା ନଦେଇ ଚୁପଚାପ ନିଜ ରୁମକୁ ପଳେଇଲା । ଅନେକ କାନ୍ଦିଲା ଭଗବାନଙ୍କୁ ଚାହିଁ । କାହିଁକି ଏ କରୋନା ଆସିଲା, କାହିଁକି ତା ସ୍ୱପ୍ନ ଆରମ୍ଭ ହେବା ପୂର୍ବରୁ ଶେଷ ହେଇଗଲା, ଏମିତି ଅନେକ ଅଭିଯୋଗ ବାଢ଼ିଦେଲା ଭଗବାନଙ୍କ ଆଗେ । କିଛିକ୍ଷଣରେ ନିଜକୁ ସମ୍ଭାଳି ତାଲାବନ୍ଦ ଶେଷ ହେବା ମାତ୍ରେ ପୁଣି ଭୁବନେଶ୍ୱର ପଳେଇବାର ଦୃଢ଼ ନିଷ୍ପତି ନେଲା । ହେଲେ କରୋନାର ପ୍ରଭାବ ପୁରା ଭାରତକୁ ଖେଳିଗଲା, କରୋନା ରୂପୀ ରାକ୍ଷାସ ଗର୍ଭରେ ସବୁ ଧୀରେ ଧୀରେ ଲୀନ ହେବାକୁ ଲାଗିଲେ । ତେଣୁ ବାଧ୍ୟ ହେଇ ସରକାର ତାଲାବନ୍ଦ ବଢ଼େଇବାକୁ ଲାଗିଲେ । ତାଲାବନ୍ଦ ସହ ବନ୍ଦୀ ହେଇଗଲା ଇତିର ସ୍ୱପ୍ନ । ଦୁଇ ଦୁଇଟା ପିଲା ଓ ଘରର ଦାୟିତ୍ୱବୋଧ ଆଗରେ ସବୁଦିନ ପାଇଁ ବଳି ପଡିଗଲା ତାର ସ୍ୱପ୍ନ । ସତଚେଷ୍ଟା ପରେ ବି ସେ ନିଜ ପଢା ପାଇଁ ଟିକେ ବି ସମୟ କାଢି ପାରିଲାନି । ଏବେ କର୍ମ ବ୍ୟସ୍ତତାରେ ତାର ଦିନ ସିନା କଟିଯାଏ । ହେଲେ ରାତି କଟେ ଅନୁତାପର ଲୁହରେ । ସେ ଜାଣି ପାରୁନଥିଲା କାହାକୁ ଦାୟୀ କରିବ । ଘର ଲୋକଙ୍କୁ, କରୋନାକୁ ନା ନିଜକୁ । ଅତୀତରେ ନିଜର ଖାମଖିଆଲି ଆଉ ଅଳସୁଆମୀ କାର୍ଯ୍ୟ ଗୁଡା ତା ଆଖି ସାମନାରେ ଭାସି ଉଠୁଥିଲା । କେତେ ଯେ ନଷ୍ଟ ନ କରିଛି ସେ ସମୟକୁ । ଦଶମ ପରେ ଟିକେ ବି ଯତ୍ନଶୀଳ ନଥିଲା ନିଜ ପଢା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତି । ଆଉ ଆଜି ଚେଷ୍ଟା କରି ବି ପଢି ପାରୁନି ସେ । ନିଜ କାହାଣୀକୁ ଉଦାହରଣ ଦେଇ ସେ ଅନେକ ଯୁବପିଢିଙ୍କୁ ସମୟ ନଷ୍ଟ ନକରି ଠିକ ସମୟରେ କର୍ତ୍ତବ୍ୟ କରିବାକୁ ଅନୁରୋଧ କରୁଛି । କିଛି ତା କଥା ଶୁଣୁଛନ୍ତି ଆଉ କିଛି ହସରେ ଉଡେଇ ଦେଉଛନ୍ତି । ହତାଶ ହେଇ ଅନୁତାପ ଭରା ଆଖିରେ ସେ କେବଳ ଚାହିଁ ରହୁଛି ଆକାଶକୁ; ମାଗୁଛି ଆଉ ଗୋଟେ ସୁଯୋଗ ନିଜକୁ ଗଢିତୋଳିବାର ।

ସୁଚିସ୍ମିତା ସାହୁ
ବଂଶୀପୁର, ଯାଜପୁର
ଓଡିଶା-୭୫୫୦୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଫସର ଫାଟିଲା



କୁଞ୍ଜବିହାରୀ ସାହୁ

ମାଛିକୁ ମ କହୁ ନଥିବା ବାଇଧର ଦାସ ଏବେ ଏବେ ପ୍ରମୋସନ ପାଇଛନ୍ତି । ଜିଲ୍ଲାର ଏକ ବିଭାଗର ମୁଖ୍ୟ ହୋଇ ଯୋଗଦାନ କରିଛନ୍ତି । ମୁଣ୍ଡ ଉପରକୁ ହାତ ପାଇଯାଇଛି ଆଉ ଗୋଡ ତଳେ ଲାଗୁନି । ସେ ଜାଣିଛନ୍ତି ପୈସା ଫେକୋ ତମସା ଦେଖୋ ନ୍ୟାୟରେ ଚାଲିଲେ ଅସମ୍ଭବ ବି ସମ୍ଭବ ହୋଇପାରିବ ।

ଯୋଗଦାନ କରିବା ଦିନ କହିଦେଲେ - 'ମୁଁ କାମରେ ବିଶ୍ୱାସ କରେ କଥାରେ ନୁହଁ । ମୋ ପାଖରେ ଚିହ୍ନା ଅଚିହ୍ନାର ମାପକାଠି ନାହିଁ । ମୁଁ ଯାହା ଚାହିଁବି ସେୟା କରିବାକୁ ପସନ୍ଦ କରେ । ମୁଁ ଉପର ମହଲାରେ ଅର୍ଥ ସହଯୋଗରେ ଏହି ଜିଲ୍ଲାକୁ ଆସିଛି । ହଁ ପ୍ରତିଶ୍ରୁତି ଦେଉଛି ଆପଣଙ୍କ ବ୍ୟକ୍ତିଗତ ସମସ୍ୟାକୁ ଅଗ୍ରାଧିକାର ଦେବି । ମୋତେ ସହଯୋଗ କରନ୍ତୁ ମୁଁ ଆପଣଙ୍କୁ ସହଯୋଗ କରିବି ।'

ତାଳି ଉପରେ ତାଳି ଶୁଭିଲା । କୁହାକୁହି ହେଲେ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା - ସତରେ ଭଲ ଅଫିସର ଜଣେ ଏତେ ବର୍ଷ ପରେ ଆସିଛନ୍ତି ।

ଦିନ ପରେ ଦିନ ଗଡିଚାଲିଲା । ନଜର ପଡିଲା ରିହାବିଲି-ଟେସନରେ ଚାକିରି ପାଇଥିବା କର୍ମଚାରୀଙ୍କ ଉପରେ । ଏକ ଦୁର୍ନାମ ଅର୍ଜନ କରିଥିବା ରିଟାୟର୍ଡ ଅଫିସରଙ୍କ ବିଷାକ୍ତ କଥାର ଅନୁମୋଦନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଲେ । ପୁରୁଣା ଚିହ୍ନା ତଥା କାମିକା ଲୋକଙ୍କୁ ପାଦରେ ଆଡେଇ ନୂଆ ବୋଲକରା / ଅନଭିଜ୍ଞ କିରାଣୀଙ୍କୁ ନିଜର କରିଲେ । ସେମାନଙ୍କୁ ଭୁଆ ବୁଲେଇ ସରକାରୀ ଗାଡି ବ୍ୟବହାର କଲେ । ପିଲାଛୁଆଙ୍କୁ ଗାଡିରେ ବୁଲାଇବା, ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେବାରେ ନିଜକୁ ନିୟୋଜିତ କଲେ । ସରକାରୀ ପାଣ୍ଠିକୁ ଆତ୍ମସାତ କଲେ । ବିଧବା କିରାଣୀକୁ ହଇରାଣ ହରକତ କରି ତାଙ୍କ ଇଜ୍ଜତ ନେବାପାଇଁ ଅଗେଇ ଆସିଲେ । ବିଚାରୀ ସ୍ୱାମୀ ଛେଉଣ୍ଡ ମହିଳା କର୍ମଚାରୀ ଆଖିରେ ଅନ୍ଧପୁଟୁଳି ବାନ୍ଧି ସମୟ ଦେଖି ଅଫିସରଙ୍କ ଘରେ ରୋଷେଇ କଲେ । ବିରାଡି ମୁଣ୍ଡରେ ଶିକା ଛିଣ୍ଡିଲା ପରି ଅଫିସରଙ୍କ ମନ କଚେ ପୁଅ ବାର୍ । ପାଖକୁ ଡାକି ଦେହକୁ ଦେହ ଘଷିହେଲେ । ଓଠକୁ ଓଠ ମିଶାଇଲେ ।

ମାସ ଶେଷକୁ ମେଡିସିନ ବିଲ ବାବଦକୁ ମନଲାଖି ଟଙ୍କା ବି ଦେଲେ ବିଧବା କିରାଣୀକୁ । କିରାଣୀ ମାନେ ବୋଲକରା, ଲାଞ୍ଛୁଆ । ବାପା ମରିଗଲାନି ବରଂ ପୁଅ ମୁଣ୍ଡରେ ସୁନା କଳସୀ ଥୋଇଦେଲା । ଏମିତିକା ବାପର ପୁଅ କିରାଣୀ ହୋଇ ଭଲ କାମ କରିବ କ'ଣ ମାଡୁଆ, ଡହରା, ମିଛ କହୁଥିବା ଅଫିସର ପାଖରେ ବଢ଼ିଆ ବାଗରେ ଚୁଗୁଲି କରି ଫାଇଦା ଉଠାଇଲେ । ଅଫିସର ବି ସେହିଭଳି କିରାଣୀମାନଙ୍କୁ ହାତ ମୁଠାରେ ରଖି ଅନୀତି ଅନ୍ୟାୟ ଅତ୍ୟାଚାର ଆରମ୍ଭ କରିଦେଲେ । କାମରେ ବିଶ୍ୱାସ କରୁଥିବା ଅଫିସର ନିଜ ପାରିଲା ପଣିଆକୁ ଦ୍ୱାହି ଦେଇ ଷ୍ଟାଫମାନଙ୍କ ଭିତରେ ବିଷ ମଞ୍ଜି ବୁଣିଦେଲେ । କଳିତକରାଳ କରି ବିଭେଦ ତିଆରିଲେ । ଜୁଳୁଜୁଳିଆ ପୋକ ପରି ଅନେଇ ରହିଲେ ଦକ୍ଷ କିରାଣୀମାନଙ୍କୁ ।

ସବୁଦିନେ ନୁହେଁ ଚାନ୍ଦିନୀ ରାତି ଢଙ୍ଗରେ ଜଣେ ଆର.ଟି.ଆଇ. ଆବେଦନକାରୀଙ୍କ ହାତରେ ଧରାପଡିଲେ ଅଫିସର । ସେହି ଆବେଦନକାରୀ ଅନେକ ରହସ୍ୟ ଉନ୍ମୋଚନ କରିଦେଲେ ଅଫିସରଙ୍କର । କଥାଟି ତୁଣ୍ଡ ବାଇଦପରି ଘୂରିବୁଲିଲା । ଉପରମହଲାରେ ବି ହଇଚଇ ହେଇଗଲା । ବୁଝୁ ବୁଝୁ ଅଫିସରଙ୍କ ସବୁ ଗଲତି ପଦାକୁ ବାହାରିଲା । ଅର୍ଥ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିନିଯୋଗରେ ଫାଇଲ ତଳ ଉପର କରି ପ୍ରମୋଶନକୁ ହାତେଇଛନ୍ତି - କଥାଟି ପଦାକୁ ବାହାରିଆସିଲା । ଉପର ମହଲାରେ ଯୋଉମାନେ ଟଙ୍କା ଗିଳିଛନ୍ତି ଆଡେଇଗଲେ ।

ଯୋଉ କିରାଣୀମାନଙ୍କୁ ଅଣ୍ଟିରେ ପୂରାଇ ଗେଲ କରୁଥିଲେ, ବାପ ଛେଉଣ୍ଡ ବୋଲି ସହାନୁଭୂତି ଦେଖାଉଥିଲେ, ସାମାନ୍ୟ ସ୍ୱାର୍ଥରେ ବାଧା ଆସିବାର ଭିଜିଲାନ୍ସରେ ଅଫିସରେ ଖବର ପହଞ୍ଚାଇଦେଲେ ।

ସେଦିନ ଥିଲା ବୁଧବାର । ପାହାନ୍ତା ପହର । ମାଘୁଆ ଶୀତ । ଶିହରିଯାଉଛି ଦେହ । କମ୍ବଳ ଭିତରେ ଘୁଙ୍ଗୁଡି ମାରୁଥିଲେ ବେପାରୁଆ ଅଫିସର । ଜାବୁଡି ଧରିଲେ ଅଫିସରଙ୍କୁ ଭିଜିଲାନ୍ସ କର୍ମଚାରୀ । ରେଡ୍‌ଅ ହେଲା ଅଫିସରଙ୍କ ବିଭିନ୍ନ ସ୍ଥାନରେ ଥିବା ବାସଭବନ । ଅଫିସ ଆଉ ପୈତୃକ ସମ୍ପତ୍ତି । ଲଗାମ ଲାଗିଗଲା ସବୁଥିରେ । ବିଚରା ଅଫିସରଙ୍କ ଅକଲଗୁଡୁମ । ଭିଜିଲାନ୍ସ ଗାଡିରେ ଅଫିସର ବସିବାକୁ ବାଧ୍ୟ ହେଲେ । ସବୁ ଯେମିତି ଫସର ଫାଟିଲା । ଯେଉଁ କିରାଣିମାନେ ଅଫିସରଙ୍କ ଚାମଚାଗିରି କରୁଥିଲେ, କାନ୍ଦିଲେ ମୁହଁ ଲୁଚେଇ । ସ୍ୱାର୍ଥକୁ ଜବରଦସ୍ତ ହାତେଇ ନେଉଥିଲେ । ଏବେ କରିବେ କଣ ? ଭାଳେଣି ପଡିଲା ସେମାନଙ୍କର । ସେମାନେ ଏମିତି ଦଶା ଭୋଗିବେନି ତ ! ପ୍ରଥମେ ମୁହଁ ଲୁଚେଇଲେ । କିଛିଦିନ ପରେ ଠୋ..ଠୋ ହୋଇ ହସିଲେ । ସେ ହସ ଥିଲା କୃତିମ ଆଉ ଛଳନା....

ଅଫିସରଙ୍କ କଳା କାରନାମାର ଅନ୍ତ ଘଟିଲା ।

ଏଇଟା କୁଶାସନ ନା ଶାସନକଳକୁ ଭାଙ୍ଗିଦେବାର ଦୁର୍ବାର ପ୍ରୟାସ ଥିଲା ତଳମୁହାଁ କିରାଣୀମାନଙ୍କର ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ

ବ୍ରିଟ୍ କଲୋନୀ ଭୁବନେଶ୍ୱର ୭୫୧୦୧୨, ୭୦୦୮୧୪୭୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏସିଡ୍ ଆଟାକ୍



ଗଦାଧର ବଳ

ସ୍ମିତାର ସ୍ମିତ ହସ କେବଳ ମୋତେ ନୁହଁ, ସାରା କଲେଜକୁ ପାଗଳ କରି ପକାଉଥିଲା । ତାର ତନୁପାତଳୀ ଚେହେରା, ସୁନ୍ଦର ମୁଖମଣ୍ଡଳ, ମଥାରେ ଅଧାଚାନ୍ଦ ଟିକିଲି, ଲାମ୍ବା କେଶଗୁଚ୍ଛ କଟି ଯାଏ ଲମ୍ବିଛି । ଗୋଟିଏ ଚାଉଳର ଗଢ଼ା ଝିଅଟିଏ ସେ । ତାର ସୁଢଳ ଚେହେରା, ଆଉ ଲାଜକୁଳୀ ମୁଖମଣ୍ଡଳ ! ସତରେ ତା'ର ଏହି ଲାଜ ଭିତରେ ଲୁଚି ରହିଥିଲା ଲକ୍ଷେ ଫଗୁଣ । ମୁରୁକୁନ୍ଦ ହସ ଭିତରେ ଭରି ରହିଥିଲା କୋଟିଏ ମୋତିର ସମାହାର । ଆଉ ଯେତେବେଳେ ଟୋପାଏ ଟୋପାଏ କାକର ବିନ୍ଦୁକୁ ନେଇ ମୋ ହାତ ଆଙ୍ଗୁଳିରେ ଏକାଠି କରି ମୋ ପ୍ରିୟାର ଅଜାଣତରେ ତାର ସ୍କୋୟାରକଟ୍ ଡ୍ରେସ୍‌ର ପୃଷ୍ଠ ଭାଗରେ ଢାଳି ଦେଉଥିଲି ମୁଁ, ସେତେବେଳେ ବଦଳି ଯାଉଥିଲା ମୋ ପ୍ରିୟାର ରଙ୍ଗ । ସେ ପାଲଟି ଯାଉଥିଲା ଏକ ରଙ୍ଗିନ ପ୍ରଜାପତି । ତା'ର ଭି-କଟ୍ ଶରୀରର ଉପରିସ୍ଥ ଭାଗ ପୂର୍ବାପେକ୍ଷା କିଛି ମାତ୍ରାରେ ଫୁଲି ଉଠୁଥିଲା । ମୁଦ୍ରିତ ନୟନରେ ସେ ପଢ଼ି ପାରୁଥିଲା ପ୍ରେମର ଅଙ୍କାବଙ୍କା ସୂତ୍ରରେ ଗୁନ୍ଥା ଗଣିତ ପୁସ୍ତକ । ତା'ର ମୁଖ ମଣ୍ଡଳରେ ଝଲସି ଉଠୁଥିଲା ଇନ୍ଦ୍ରଧନୁର ସପ୍ତରଙ୍ଗ । ଯେଉଁ ରଙ୍ଗ ସହ ଖେଳିବାକୁ ଇଚ୍ଛା ହେଉଥିଲା ହୋଲି ।

ସ୍ମିତା କିନ୍ତୁ ଅଝଟ ପ୍ରଜାପତିଟିଏ । ଆଦୌ ଧରା ଦିଏନି । ଧରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାମାନ୍ୟ ପ୍ରଚେଷ୍ଟା ବି କଲେ ଏତେ ରାଗିଯାଏ ଯେ ଧବଳାକ୍ତ ମୁଖମଣ୍ଡଳ ତାର କ୍ରମଶ ଗୋଲାପିରୁ ଲାଲ ରଙ୍ଗ ହୋଇଯାଏ । କଣ୍ଠର ଶବ୍ଦ କ୍ରମଶଃ ବଜ୍ରନାଦ ପରି କର୍କଶ ହୋଇ ପଡେ । ଅନେକ ସମୟରେ ମର୍ନିଙ୍ଗ ୱାକର ବାହାନାରେ କଲେଜ ପାଖ ଗାର୍ଡେନକୁ ବୁଲିବା ପାଇଁ ଯାଏ କେବଳ ସ୍ମିତା ସହ ସାକ୍ଷାତର ବାହାନାରେ । ତା ସହ ସାକ୍ଷାତ ବି ହୁଏ । କିଛି ସମୟ ଗପସପ ପରେ ଫେରି ଯାଉଥିଲୁ ହଷ୍ଟେଲକୁ । ଗତ ୫ବର୍ଷ ତଳେ ଆମେ ଦୁହେଁ ଗୋଟିଏ କଲେଜରେ ପଢୁଥିଲୁ । ଆଉ ସ୍ମିତା ମୋର ସହପାଠିନୀ ଥିଲା । ଦୁହିଙ୍କର ଗୋଟିଏ ଅନର୍ସ । ସ୍ମିତାର ସୁକୋମଳ ଚେହେରା କିନ୍ତୁ କଲେଜର ଅନେକ ପିଲାମାଙ୍କୁ ପାଗଳ କରି ଦେଇଥିଲା । ସ୍ଥାନୀୟ ବିଧାୟକଙ୍କ ଏକମାତ୍ର ପୁଅ ରାକେଶ ଆମର ସହପାଠୀ ଥିଲା । ସେ କଲେଜ ଆସେ ନିଜର ଆଭିଜାତ୍ୟର ଅହମିକା ଭିତରେ, ଏକ ଅଡି କାର ଧରି । ସାଥିରେ ଚାଲିଥାନ୍ତି ଅନେକ କଲେଜ ପଢୁଆ ସହପାଠୀ, କିଛି ଅଣକଲେଜ ଛାତ୍ର । ଅନେକ କଲେଜ ପଢୁଆ ଝିଅ ମାନଙ୍କ ସ୍ୱପ୍ନର ଦିୱାନା ଥିଲା ସେ । ତାକୁ ପାଇବା ପାଇଁ ସବୁ ଝିଅ ସ୍ୱପ୍ନରେ ବିଭୋର ହୋଇ ଝୁରି ହେଉଥାନ୍ତି । ଏମିତି ସ୍ମିତା ବି କେମିତି ବାଦ ପଡିଥାନ୍ତା ? ତେଣୁ ସ୍ମିତା କ୍ରମଶଃ ମୋ ଠାରୁ ଦୂରେଇ ଗଲା । ତଥାପି ବି ମୁଁ ସ୍ମିତାକୁ ଭଲ ପାଇବାରେ ଅନ୍ତର କରିନାହିଁ । ସେ ମୋ ହୃଦୟରେ ସେମିତି ବସାବାନ୍ଧି ରହିଥାଏ । ମାତ୍ର ଯୁକ୍ତ ତିନି ଅଧ୍ୟୟନ ପରେ ମୁଁ ବି ପିଜି କରିବା ପାଇଁ ସେତେବେଳେ ସୁଦୂର ହାଇଦ୍ରାବାଦ ଚାଲି ଯାଇଥିଲି । ମାତ୍ର ସ୍ମିତା ଆଉ ରାକେଶ ଉଭୟ ସେହି କଲେଜରେ ହିଁ ପିଜିରେ ନାମ ଲେଖାଇଥିଲେ । ସ୍ମିତାର ମାନସିକତାର ପରିବର୍ତ୍ତନ ହେଉ କି ରାକେଶର ବହୁ ଝିଅମାନଙ୍କ ସହ ସମ୍ପର୍କ ହେଉ ଏମିତି କିଛି କାରଣ ନେଇ ଉଭୟଙ୍କ ମଧ୍ୟରେ ଦୂରତା କ୍ରମଶଃ ବଢି ଯାଇଥିଲା । ସେ ଦିନ କଲେଜର ଜଣ ଗହଳିପୂର୍ଣ୍ଣ ରାସ୍ତାରେ ରାକେଶର ଔଦ୍ଧତ୍ୟାମିର ସବୁ ସୀମା ଟପି

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଇଥିଲା । କିଛି ବନ୍ଧୁମାନଙ୍କ ସହ ମିଶି ରାକେଶ ସ୍ମିତାକୁ ସେହି ରାସ୍ତା ମାଝିରେ ଟଣା ଓଟରା କରିବାରୁ ସ୍ମିତା ନିଜକୁ ଅପମାନିତ ବୋଧ କରିଥିଲା । ଆଉ ଫଳସ୍ୱରୂପ ନିଜର ଚପଲ କାଢି ରାକେଶ ଓ ତାର ସହଯୋଗୀମାନଙ୍କୁ ବହେ ଛେଚି ଦେଇଥିଲା । ତାର ପରିଣାମ କିନ୍ତୁ ଅତ୍ୟନ୍ତ ଭୟଙ୍କର ଥିଲା । ପ୍ରତିଶୋଧର ନିଆଁ ରାକେଶ ମନରେ ଧୁଧୁ ହୋଇ ଜଳି ଉଠିଥିଲା ।  ସେ ନିଆଁ ଏତେ ଭୟଙ୍କର ଥିଲା ଯେ କିଛି ସମୟ ପରେ ରାକେଶ ସ୍ମିତା ଉପରେ ପ୍ରତିଶୋଧ ନେବାକୁ ଚିନ୍ତା କରିଥିଲା । ଆଉ ପରିଣାମ ସ୍ୱରୂପ ସ୍ମିତା କଲେଜ ସାରି ଘରକୁ ଫେରୁଥିବା ସମୟରେ ସେ ଗୁଣ୍ଡା ସହାୟତାରେ ତା ମୁହଁ ଉପରକୁ ଏସିଡ ଫୋପାଡି ଦେଇଥିଲା । ସ୍ମିତା ଗୁରୁତ୍ତର ଆଘାତପ୍ରାପ୍ତ ହୋଇ ଜୀବନ ଯୁଦ୍ଧରେ ଜିତି ଯାଇଥିଲା ସତ ମାତ୍ର ତାର ସୁଢଳ ସୁକୋମଳ ଚାନ୍ଦ ପରି ମୁହଁ ବିକଟାଳ ରୂପ ଧାରଣ କରି ଯାଇଥିଲା । ଅନେକ ଥର ସେ ଆତ୍ମହତ୍ୟା କରିବା ପାଇଁ ଚେଷ୍ଟା କରିଛି ସେ । ମାତ୍ର  ଦୁର୍ଘଟଣା ପରେ ଏକ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗିତାରେ ଆସି ନିଜକୁ ବଞ୍ଚାଇ ରଖି ଜୀବନ ସଂଗ୍ରାମ ଜାରି ରଖିବା ପାଇଁ ସିଦ୍ଧାନ୍ତ ନେଇ ଏସିଡ ପୀଡ଼ିତା ମହିଳାମାନଙ୍କ ସଙ୍ଗଠନରେ ଆଜୀବନ ଉତ୍ସର୍ଗିକୃତ କରି ଦେଇଥିଲା । ସେମାନଙ୍କୁ ବଞ୍ଚିବାର ରାହା ଦେଖାଇ ନିଜର ବାକି ଜୀବନ ସଂଗ୍ରାମରେ ବିତେଇ ଦେବାକୁ ସିଦ୍ଧାନ୍ତ ନେଇ ସାରିଥିଲା । ଏହି ସଂଗଠନର ସେ ରାଜ୍ୟ ସଭାପତି ବି ହୋଇସାରିଛି ଏହା ଭିତରେ । ନିଜର ଉଚ୍ଚକୁଟୀର ଭାବନା ତଥା ବାକ ଚାତୁରୀ ପାଇଁ ଦେଶ ବିଦେଶରୁ ବିଭିନ୍ନ ସ୍ୱେଚ୍ଛାସେବି ସଙ୍ଗଠନରେ ସେ ଯୋଗ ଦେଇ ଆନ୍ତର୍ଜାତୀୟ ସ୍ତରରେ ନାମ କମେଇ ସାରିଛି ଏହା ଭିତରେ ।

କାଳର ଗତି ବଡ ବିଚିତ୍ର ମୁଁ କିନ୍ତୁ ସ୍ମିତାର ପ୍ରତ୍ୟାଖ୍ୟାନ ପରେ ପରିବାର ଲୋକମାନଙ୍କ ଅନେକ ତାଗଡା ସତ୍ତ୍ୱେ ଅଦ୍ୟାବଧି ବିବାହ କରିନାହିଁ ଏ ଯାଏ । କେମିତି ବା କରିଥାନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପିଜି ସାରିବା ପରେ ସେହି ହାଇଦ୍ରାବାଦରେ ଏମଫିଲ କଲି, ତା ପରେ ରିସର୍ଚ କରିବାରେ ଦୁଇ ବର୍ଷ ଏମିତି ଏହା ଭିତରେ ସେଠାରେ ୟୁଜିସି ପରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଛି ଏହି କିଛି ଦିନ ହେବ । କଲେଜ ଛାଡିବାରେ ୟା ଭିତରେ ଦଶ ବର୍ଷ ହୋଇ ଗଲାଣି ।

ଆମ ମନସ୍ତତ୍ତ୍ୱ ବିଜ୍ଞାନ କ୍ଲାସରେ ସେଦିନ ଏକ ସେମିନାର ଥିଲା । ଏସିଡ ପୀଡ଼ିତାମାନଙ୍କ ମନସ୍ତତ୍ତ୍ୱ ଉପରେ । ଦେଶ ବିଦେଶରୁ ଅନେକ ସ୍ୱେଛାସେବୀମାନେ ଯୋଗ ଦେଇଥାନ୍ତି । ସଂଯୋଜକ ଥାଆନ୍ତି ଆମ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ବରିଷ୍ଠ ପ୍ରଧ୍ୟାପକ ଡକ୍ଟର ଆୟଙ୍କର । ସଭା ଚାଲିଥିବା ସମୟରେ ଏସିଡ ପୀଡ଼ିତାମାନଙ୍କ ସାମାଜିକ ବାଛନ୍ଦ ଥଇଥାନ ବିଷୟରେ ସାରଗର୍ଭକ ଅଭିଭାଷଣ ଚାଲିଥାଏ । ସଭା ଶେଷରେ ଅତିଥି ମାନେ ସଭା ମଞ୍ଚରୁ ତଳକୁ ଓହ୍ଲାଇ ଅଡିଟୋରିୟମର ଦର୍ଶକ ମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ଚେୟାର ମାଝି ରାସ୍ତାରେ ବାହାରକୁ ଯାଉଥାନ୍ତି । ଅତିଥିମାନଙ୍କ ମଧ୍ୟରୁ ଜଣେ ଅତିଥି ମୋ ଚେୟାର ପାକକୁ ଆସି ମୋ ପାଖରରେ ଛିଡା ହୋଇ ପଚାରିଥିଲା । ମନୋଜ ମୋତେ ଚିହ୍ନି ପାରୁଛ ? ବିକୃତ ମୁଖ ମଣ୍ଡଳ, ଭାଷାର ମାଧୁର୍ଯ୍ୟତା ନ ଥିଲେ ବି କଣ୍ଠ ସ୍ୱର କିନ୍ତୁ ଖୁବ ଆପଣାର ଅନୁଭବ କରୁଥିଲି । ଲାଗିଲା ସେ କଣ୍ଠସ୍ୱର ଯେମିତି ମୋର ଖୁବ ଆପଣାର ମଣିଷର । ତା ପରେ ତେଲେଙ୍ଗା ଭାଷାଭାଷୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ ଓଡିଆରେ କଥା କହୁଥିବା ବିକୃତ ଚେହେରା ମହିଳା ଜଣକ । ମୁଁ କିନ୍ତୁ ଭାଷାଚାତୁରୀରୁ ଅନୁମାନ କରି ସାରିଥିଲି ସେ ମୋର ପ୍ରେମିକ ସ୍ମିତା ବୋଲି । ପଚାରିଲି ତମେ ସ୍ମିତା ନା ?

ହଁ !

ତମେ ଏଠି ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଁ ଆମ ଏସିଡ ପୀଡ଼ିତା ସଂଗଠନ ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ଏଠାକୁ ଆସିଛି ।

ଆଉ ତମ ବିଷୟରେ କିଛି କୁହ ?

କଣ କହିବି ? ସବୁ ଖବର ରଖିଛି ତମ ଦୁର୍ଘଟଣା ବିଷୟରେ । ମାତ୍ର ତମେ ମୋତେ ପ୍ରତ୍ୟାଖ୍ୟାନ କରିବା ପରେ ସାହସ ଯୁଟାଇ ପାରି ନଥିଲି ତମ ନିକଟକୁ ଯିବା ପାଇଁ । ତମେ ମୃତ୍ୟୁ ସହ ସଂଗ୍ରାମ କରି ବଞ୍ଚି ଯାଇଛ ବୋଲି କେବଳ ଏତିକି ମୋ ପାଖରେ ଖବର ଅଛି । କିନ୍ତୁ ମୁଁ ଆଦୌ ଜାଣି ନାହିଁ ଯେ ତମେ ଏ ସେମିନାରରେ ଯୋଗ ଦେବାକୁ ଆସିଥିବ ବୋଲି । ଏମିତି କଥା ହୋଇ ଆମେ ଦୁହେଁ କେତେବେଳେ ଅଡିଟୋରିୟମ ବାହାରକୁ ପଳାଇ ଆସି ସାମ୍ନା ଗଛ ମୂଳରେ ଛିଡା ହୋଇ ସାରିଥିଲୁ । କଥା ହେବା ସମୟରେ କଲେଜ ପଢା ସମୟର ସେହି ପୁରୁଣା ଗାର୍ଡେନକୁ ଆମେ ଦୁହେଁ ପୁଣି ଫେରି ଯାଇଥିଲୁ ଆମ ଅଜାଣତରେ । ଲାଗୁଥିଲା ସ୍ମିତା ଆଉ ମୁଁ ଉଭୟ କଲେଜ ଗାର୍ଡେନର ସେହି କ୍ରୋଟିନ ଗଛର ଛାଇରେ ବସି ଯାଇଛୁ । ଆଉ ପୁରୁଣା ଦିନର ସ୍ମୃତିକୁ ସାଉଣ୍ଟୁଛୁ ।

ତମେ ଏଠାରେ କେବେ ଠାରୁ ?

ମୁଁ ପିଜି କରିସାରିବା ପରେ ଏଠାରେ ଏମଫିଲ, ରିସର୍ଚ୍ଚ ଓ ପରେ ୟୁଜିସି ପାଇ ଗତ ବର୍ଷକ ତଳେ ଏଠାରେ ଅଧ୍ୟାପନା ଚାକିରି ଆରାମ୍ଭ କରିଛି ।

ଆଉ ପିଲା ପିଲି କଣ କରୁଛନ୍ତି ?

ଦୀର୍ଘଶ୍ୱାସଟିଏ ପକାଇ କହିଥିଲି, "ବାହାଘର ତ ଏ ଯାଏଁ ହୋଇନାହିଁ, ପିଲାପିଲିର ପ୍ରଶ୍ନ ଆସୁଛି କେଉଁଠୁ ? ବାହାଘର ପାଇଁ ସମୟ କେତେବେଳେ ପାଇଲି ଯେ ? ଚାକିରି ତ ଏହି ବର୍ଷେ ହେଲା । ଅବଶ୍ୟ ଘରେ ସବୁ ବେଳେ ଜିଦ ଧରୁଛନ୍ତି ବାହାଘର ପାଇଁ, ମାତ୍ର ତମକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାରେ ମୋ ହୃଦୟରେ ସ୍ଥାନିତ କରି ସାରିବା ପରେ ଆଉ କାହାକୁ ଏ ହୃଦୟରେ କେମିତି ବସାଇଥାନ୍ତି ଯେ ? ତମ ଅପେକ୍ଷାରେ ଜୀବନ ତମାମ ଅବିବାହିତ ରହିଯିବାକୁ ସିଦ୍ଧାନ୍ତ ନେଇ ସାରିଥିବା ମଣିଷ ଅନ୍ୟ କାହାକୁ କେମିତି ବିବାହ କରିଥାନ୍ତା କହିଲ ? ତା ପରେ ତମ ଦୁର୍ଘଟଣା ଖବର ପାଇ ବିବାହର ଆସା ମନରୁ ସଂପୂର୍ଣ୍ଣ ପୋଛି ଦେଇଛି ।"

ସ୍ମିତା ବି ମୋର ଖିଆଲି ବାର୍ତ୍ତାଳପକୁ ବୀନା ଦ୍ୱିଧାରେ ଶୁଣି ଚାଲିଥିଲା । ଦୀର୍ଘ ଶ୍ୱାସଟିଏ ପକାଇ ମୋତେ ଆଶ୍ୱାସନା ଦେଇ କହିଥିଲା ଠିକ ଅଛି ଏବେ ବି ସମୟ ଅଛି ବାହାହୋଇ ଯାଅ ।

ମୁଁ କିନ୍ତୁ ଏ ଜୀବନରେ ତମକୁ ନ ପାଇଲେ ବି ଆସନ୍ତା ଜନ୍ମ ଯାଏ ଏମିତି ଅପେକ୍ଷା କରି ରହିଥିବୀ ?

ମାତ୍ର ମୋର ଏ କଦାକାର ଚେହେରାକୁ  ତମ ପରି ସୁନ୍ଦର ପୁରୁଷ ସମାଜ ତଥା ତୁମ ପରିବାର କେମିତି ଗ୍ରହଣ କରିବେ କହିଲ ? ମୁଁ ଭଲ ପାଇଥିଲି ସ୍ମିତାର ମନକୁ, ତାର ହୃଦୟକୁ, ତାର ଖିଆଲି ସ୍ମିତ ହସକୁ ।

ମୋର ସେ ଚେହେରା ନାହିଁ କିମ୍ବା ହସ ବି ନାହିଁ । ତେଣୁ ମୋର ଅନୁରୋଧ ତମେ ଅନ୍ୟ କେଉଁଠି ବିବାହ କରି ଯାଅ । ଜଣେ ଏସିଡ ପୀଡ଼ିତାକୁ ତମେ ଗ୍ରହଣ କଲେ ସମାଜ କଣ କହିବ ?

ସେହି ସମାଜକୁ ପ୍ରତ୍ୟାଖ୍ୟାନ କରି କରି ଅଦ୍ୟାବଧି ମୁଁ ଅବିବାହିତ । ତେଣୁ ଏ ପ୍ରୌଢ ବୟସରେ କଣ ଦେହର ସୁଖ ପାଇଁ ମୁଁ ବିବାହ କରିବା ପାଇଁ ଚାହେଁ ? ମୁଁ ଭଲ ପାଉଥିବା ମହୀୟସୀ ନାରୀଟି କେବଳ ତମେ ହିଁ ହୋଇ ପାର ।

ସମାଜ, ପରିବାର, ଧନ ସମ୍ପତ୍ତିର ଅହମିକା ଦିନେ ତମକୁ ମୋ ଠାରୁ ଦୂରେଇ ନେବା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପାଇଁ ବାଧ୍ୟ କରିଥିଲା । ମାତ୍ର ପ୍ରକୃତ ପ୍ରେମ ସେ ସବୁକୁ ଦେଖେ । ମୁଁ ତମକୁ ଭଲ ପାଉଥିଲି, ତମ ମନକୁ, ହୃଦୟକୁ, ଶରୀରକୁ ନୁହଁ । ଅଡିଟୋରିୟମର ସମ୍ମୁଖରେ ଦେବଦାରୁ ଗଛ ମୂଳରେ ଥିବା ପକ୍କା ଗୋଳେଇ ଉଆପରେ ଆମ ଦୁଇ ଜଣଙ୍କ ଅଜାଣତରେ ସେତେବେଳୁ ଉଭୟ ବସି ପଡିଥିଲୁ, ଆଉ ମୋ କାନ୍ଧରେ ମୁଣ୍ଡ ରଖି ସ୍ମିତା ତାର ଆଖିର ଶ୍ରାବଙ୍କୁ ଲୁହ ଆକାରରେ ଅବିରତ ଢାଳି ଚାଲିଥିଲା । ତାର ଏସିଡ ପ୍ରପୀଡିତ ମୁହଁ ଟି କ୍ରମଶଃ ମୋତେ ଖୁବ ସୁନ୍ଦର ଦେଖା ଯାଉଥାଏ । ଆଉ ତ ଭିତରେ ମୁଁ ସ୍ମିତାକୁ ଅନୁରୋଧ କରିସାରିଥିଲି ଏମିତି ଏକାଠି ରହି ଅବଶିଷ୍ଟ ଜୀବନ ସାଥି ହୋଇ ବିତାଇ ଦେବା ପାଇଁ... ସ୍ମିତା ବି ହଁ ଭରିଦେଇଥିଲା ॥

ଆଇନଜୀବୀ, ଭଦ୍ରକ, ଓଡ଼ିଶା

୯୪୩୭୧୨୮୮୪୯

gada.advocate@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୋଲି

ନାରାୟଣ ବାବୁ ଜଣେ ଜମିଦାର ଘରର ଥିଲେ, ଗାଁରେ ସବୁ କଥା ବୁଝା ବୁଝି କରନ୍ତି, ଯେତେ ମାଲିମକଦ୍ଦମା ଯେତେ ଯାହା କଳି ଝଗଡା ଗାଁରେ ସବୁ ନାରାୟଣ ବାବୁ ବୁଝନ୍ତି, ଗାଁ ଲୋକ ମଧ୍ୟ ତାଙ୍କ କଥା ମାନନ୍ତି, ନାରାୟଣ ବାବୁ ଲୋକମାନଙ୍କୁ ବହୁତ ସାହାଯ୍ୟ କରନ୍ତି, କିନ୍ତୁ ନାରାୟଣ ବାବୁଙ୍କର ଗୋଟିଏ ଖରାପ ଅଭ୍ୟାସ ଥିଲା, ପ୍ରତିଦିନ ମଦ ପିଅନ୍ତି, ମଦ ନ ପିଇଲେ ଦିନେ ସେ ରାତିରେ ଶୋଇପାରନ୍ତି ନାହିଁ, କିନ୍ତୁ ତାଙ୍କର ଗୋଟେ ଗୁଣ ହେଲା ସେ ଏକା ମଦ ପିଅନ୍ତି ନାହିଁ ଗାଁରେ ଥିବା ସାଙ୍ଗମାନଙ୍କ ସହ ପିଅନ୍ତି, ସବୁ ପଇସାପତ୍ର ଖର୍ଚ୍ଚ କରନ୍ତି, ସବୁ ବର୍ଷ ହୋଲିରେ ବହୁତ ଖର୍ଚ୍ଚ କରନ୍ତି ଗାଁ ମେଳନ ପାଇଁ, ଆଉ ମଦ ପିଅନ୍ତି ସାଙ୍ଗ ମାନଙ୍କୁ ପିଆନ୍ତି  ଅନେକ ଟଙ୍କା ହୋଲିରେ ଖର୍ଚ୍ଚ କରନ୍ତି, ଟିକେ ହେଲେ ଗର୍ବ ନ ଥାଏ, ଧୀରେ ଧୀରେ ନାରାୟଣ ବାବୁଙ୍କ ଦେହ ଅସୁସ୍ଥ ହେଲା, ଡାକ୍ତର ଦେଖି କହିଲେ ମଦ ପିଇ କିଡନୀ ଖରାପ ହେଇ ଯାଇଛି, ବଞ୍ଚିବାର ଆଶା କମ, ଏହି କଥା ଶୁଣିଲା ପରେ ନାରାୟଣ ବାବୁ ଧୀରେ ଧୀରେ ବିଛଣାରେ ଲାଗି ଗଲେ, ଦେହ ପୁରା ଅସୁସ୍ଥ ହେଇଗଲା, ଲୋକମାନେ ମନଦୁଃଖ କଲେ ଗାଁରେ, ଠିକ୍ ଏହି ସମୟରେ ହୋଲି ଆସି ପହଞ୍ଚିଲା । ହୋଲିରେ ସମସ୍ତେ ମଉଜ ମଜଲିସ କରୁଥାନ୍ତି, କିନ୍ତୁ କେହି



ଅନନ୍ତ କୁମାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାରାୟଣ ବାବୁଙ୍କ ପାଖକୁ ଦେଖା କରିବାକୁ ଯାଉ ନଥାନ୍ତି, ନାରାୟଣ ବାବୁ ବହୁତ ମନ ଦୁଃଖ କଲେ, ଏବଂ ଆଖିରୁ ଧାର ଧାର ଲୁହ ଗଡାଇଲେ, ନିଜ ପତ୍ନୀକୁ ଡାକି କୋହ ଭରା କଣ୍ଠରେ କହିଲେ, ସତରେ ପଇସା ଥିଲେ ସବୁ କିଛି ଅଛି, ଆଉ ସମସ୍ତେ ଚାରି ପାଖେ ବସି ରୁହନ୍ତି, ପଇସା ଚାଲିଗଲେ ଏବଂ ଅସୁସ୍ଥ ହେଇଗଲେ ସବୁ ଦୂରେଇ ଯାଆନ୍ତି, ଏଇ ଦେଖୁନ ମୋ ଦେହ ଯେତେବେଳେ ଭଲଥିଲା ମୋ ପାଖେ କେତେ ଲୋକ ବସି ମଦ ପିଅନ୍ତି, ଆଜି ଅସୁସ୍ଥ ବୋଲି ମୋ ପାଖରେ ବସି ଟିକେ କେହି ମଦ ପିଉ ନାହାଁନ୍ତି, କିଛି ନ ହେଲେ ପାଖରେ ବସି ପିଇଥିଲେ ମୋତେ କେତେ ଖୁସି ଲାଗି ଥାଆନ୍ତା, ଜୀବନରେ ପଇସା ଥିଲେ ସମସ୍ତେ ଚାରି କଡେ ବସି ଥିବେ, ପଇସା ଚାଲିଗଲେ ୬ ଜଣ ଲୋକ ବି କାନ୍ଧେଇ ନେବାକୁ ମଶାଣି ଯାଏ ମିଳିବେନି, ଏହି କଥା ଭାବି ଭାବି ନାରାୟଣ ବାବୁ ଆଖି ବୁଜି ଦେଲେ ସବୁ ଦିନ ପାଇଁ ।

ଅନନ୍ତ କୁମାର, କୁନୁ
ତିହିଡି, ଭଦ୍ରକ, ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସ୍ମୃତି

ସେଦିନ ଅନ୍ଧାରିଆ ରାତି । ଶୀତରାତିର ଶୀତୁଆ ପବନ ବହୁଥାଏ... ଅବସରପ୍ରାପ୍ତ ଶିକ୍ଷକ ରାମବାବୁ ଏକାନ୍ତରେ ବାଲକୋନି ପାଖରେ ଗୋଟିଏ ଚା କପ ସହ ବସି ଭାବୁଥାନ୍ତି କିଛି ଅଭୁଲା କଥା ।

ସେଦିନର କଥା ତମେ ଆଉ ମୁଁ ଗୋଟିଏ ଶ୍ରେଣୀ କୋଠରୀରେ । ସେଦିନ ସକାଳୁଆ କ୍ଲାସ ରୁମରେ କେହି କ୍ଲାସକୁ ଆସିନଥିଲେ । ତମେ ଖଣ୍ଡିଏ ବହି ସହ ଲାଲରଙ୍ଗର ଫ୍ରକ... ଆହାଃ କେଡେ ସୁନ୍ଦର ସତେ ଯେପରି ଲାଲରଙ୍ଗର ଗୋଲାପଟିଏ ବଗିଚାରେ ଫୁଟି ଅଛି.. ବହୁତ ସୁନ୍ଦର ଦିଶୁଥାଅ ତମେ ଲାଲ ରଙ୍ଗର ଫ୍ରକ ସହ, ଆଉ ଟିକେ ଟିକେ ଲାଜକୁଳି ଭଳି ଲାଜ୍ କରି ମୋତେ ଚାହୁଁଥିଲ ଏବଂ ମୁ ବି ତମକୁ ଦେଖି କିଛି କହିବାକୁ ଭାବୁଥିଲି । ତାପରେ ଶ୍ରେଣୀର ଅନ୍ୟ ସାଙ୍ଗ ମାନେ ଆସିଗଲେ ଓ ଶ୍ରେଣୀଶିକ୍ଷକ ମଧ୍ୟ ।



ସାଧନା ମହାଲିକ

କ୍ଲାସ ସରିଗଲା ପରେ ଆମର ସେହି ଥରୁଟିଏ ଦେଖାରେ ତମେ ମୋତେ ସ୍କୁଲ ଫାଟକ ପାଖରେ ରହି ଅପେକ୍ଷା କରିଥାଅ ଏବଂ ମୁଁ ବି ତୁମକୁ ଦେଖା କରିବାକୁ ବ୍ୟାକୁଳ ହୋଇପଡୁଥାଏ । ତା ପରେ ଆମର ଗଢି ଉଠିଥିଲା ପ୍ରେମ ସମ୍ପର୍କ । ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାରିବା ପରେ ମୁଁ ଗାଁ କଲେଜରେ ପାଠ ପଢ଼ିଲି, କିନ୍ତୁ ତମେ ଆଉ ପଢ଼ିଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ । ଆମର ପ୍ରେମ ସମ୍ପର୍କ ଏତେ ନିବିଡ ହେଇଯାଇଥିଲା ଯେ, ତୁମକୁ କ୍ଷଣିକ ନପାଇ ମୁଁ ପାଗଳ ପରି ହେଇଯାଉଥିଲି । ଯେତେବେଳେ ମୁଁ ଗାଁ କଲେଜକୁ ପାଠ ପଢିବାକୁ ଯାଏ ସେତେବେଳେ ତୁମେ ମୋତେ ଦେଖି ମୁରୁକି ମୁରୁକି ହସିଦେଉଥାଅ । ସେହି ହସ ଦେଖିଲେ ମୋର ଦୁଃଖ ସବୁ ପାସୋରି ଯାଏ ଭଳି ଲାଗୁଥାଏ ।

ସେଦିନ ରବିବାର ଥାଏ, ବର୍ଷା ଝଡ ତୋଫାନ ସାଙ୍ଗକୁ ବିଜୁଳି ଆଉ ଘଡଘଡିର କମ୍ପନ ମାରୁଥାଏ । ରାସ୍ତାଘାଟ ଶୂନଶାନ ହତାଟ ଦେଖା ହୋଇଗଲା ତମ ସହ ସେହି ଶିବ ମନ୍ଦିର ପାଖରେ । ନିରବ ଚାହାଣୀରେ ଏକୁଟିଆ ଠିଆ ହୋଇଥାଅ ତମେ । ବର୍ଷା ଟିକେ ଛାଡିଆସୁଥାଏ, ତାପରେ ତମେ ମୋତେ ଦେଖି ମୁରୁକି ହସିଦେଇ ଚାଲିଗଲ । ଏମିତି କିଛି ମୁହୂର୍ତ୍ତ ଆମ ପ୍ରେମ ସମ୍ପର୍କ କୁ ଆହୁରି ନିବିଡ଼ କରିଦେଉଥାଏ ।

ଏମିତି ଦଶ ବର୍ଷ ବିତିଗଲା । ତା'ପରେ ମୁଁ ଗୋଟିଏ ସରକାରୀ ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ପାଇଲି । ସେତେବେଳେ ମୋର ତିରିଶ ବୟସ ହୋଇଯାଇଥାଏ । ଗାଁରୁ ପାଠ ପଢି ମୁଁ ଭୁବନେଶ୍ୱରରେ ଗୋଟିଏ ସରକାରୀ ସ୍କୁଲରେ ନିଯୁକ୍ତି ହେଲି । କର୍ମ ବ୍ୟସ୍ତତାରେ ରହି ମଧ୍ୟ ମୁଁ ତୁମକୁ ମନେ ପକାଉଥିଲି ଏବଂ ରାତିରେ ବସି ତମକୁ ମନେ ପକାଇ ଚିଠି ଲେଖୁଥିଲି, କାଳେ ତୁମେ ରାଗିଯିବ ବୋଲି । ଆଉ ମୁଁ ବି  କେବେ  ଦେଖା କରିବାକୁ ଯାଇ ପାରୁନଥିଲି । ପ୍ରତି ରବିବାର ଦିନ ସ୍କୁଲ ଛୁଟି ସମୟରେ ମୁଁ ଏକାନ୍ତରେ ବସି କିଛି ବହି ପଢୁଥିବା ସମୟରେ ସେହି ପିଲାଦିନର ସ୍କୁଲ ସମୟର କଥା ସବୁ ମନେ ପଡ଼ିଯାଏ, ଆଉ ତୁମର ସେଇ ଲାଲ ରଙ୍ଗର ଫ୍ରକ ସହ ଲାଜ଼ ଲାଜ଼ ମୁହ ମୋର ମନେ ପଡ଼ିଯାଏ । ଓଃ କି ଆକର୍ଷଣ ! ଗ୍ରୀଷ୍ମ ଋତୁ ଛୁଟି ହେଲା ବାହରିଲି ମୁଁ ଗାଁକୁ ଟିକିଏ ବୁଲିଆସିବା ପାଇଁ ଓ ଭାବିଲି ତୁମକୁ ଟିକିଏ ଦେଖା କରିଆସିବି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ପରଦିନ ମୁଁ ବାହାରି ପଡିଲି ସକାଳ ଛ'ଟା ଟ୍ରେନରେ ଭୁବନେଶ୍ୱରରୁ ଢେଙ୍କାନାଳ ଟ୍ରେନ ଧରି ବାହାରିଗଲି । ସକାଳ ନ 'ଟା ରେ ଯାଇ ପହଂଚି ପାଖ ଦୋକାନରୁ ତୁମ ପାଇଁ ଗୋଟିଏ ଲାଲ ରଙ୍ଗର ଶାଢ଼ୀ କିଣିଲି ଓ ଭାବିଲି ତମକୁ ସରପ୍ରାଇଜ଼ ଦେବି । ତାପରେ ମୁଁ ଏତେ ଆଗ୍ରହୀ ଥିଲି ଯେ ତୁମକୁ ଦେଖା କରିବାକୁ.. କିଛି ବାଟ ଅତିକ୍ରମ କଲା ପରେ ଗାଁ ମଝିରେ କିଛି ଲୋକ ଗହଳି ହୋଇଥିଲେ ଆଉ କହା କଟା କରୁଥିଲେ, ସେମାନଙ୍କୁ ଦେଖି କାହିଁକି କେଜାଣି ମୋ ମନକୁ ପାପ ଛୁଇଁଲା ଭଳି ଲାଗୁଥାଏ ଆଉ ତୁମକୁ ଦେଖିବା ପାଇଁ ମୋର ଆଗ୍ରହ ବହୁତ ବଢ଼ି ଯାଉଥାଏ । ମୁଁ ସେହି ଜନଗହଳି ସ୍ଥାନକୁ ଗଲି ଆଉ ଦେଖିଲି................ ।

ସେହି ସମୟରେ ହଟାତ ମା'ଙ୍କ ଡାକ ଶୁଭିଲା ଆଉ ରାମବାବୁ ପ୍ରକୃତିସ୍ଥ ହୋଇ ଚମକି ପଡିଲେ । ରାମ ବାବୁ ଉତ୍ତର ଦେଲେ ହଁ ଯାଉଛି... ତାପରେ ରାମ ବାବୁ ଚଷମା ଖୋଲି ଆଖିରୁ ଲୁହ ପୋଛିଲେ ଆଉ ଚାହା କପକୁ ଧରି ବାଲକୋନିକୁ ଛାଡି ଘରକୁ ଗଲେ ..... ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରିୟ ତୁମେ !

ପ୍ରିୟ ତୁମେ,

ଅନେକ କିଛି କହିବି ଭାବି କହିହୁଏନି ତୁମ ଦର୍ଶନରେ । ତେଣୁ ଆଜି ଶବ୍ଦର ମାଳା ଗୁନ୍ଥି ତୁମକୁ ସମର୍ପିଲି ଏ ପ୍ରେମ ଚିଠିରେ । ତୁଳସୀ, ଦୟଣାର ବାସ୍ନା ଭରି ମାଲୁଣି ହାତରେ ଦେଉଛି ଏ ଚିଠି । ପ୍ରେମ ଭୁରୁ ଭୁରୁ ରାତ୍ରୀର ଶେଜରେ ପଢିବେ ମୋ ପ୍ରଭୁ । ସ୍ୱୀକାର୍ଯ୍ୟ ପ୍ରେମର ପ୍ରତିଉତ୍ତର ପାଇଁ ଅପେକ୍ଷାରେ ମୁଁ ।

ମୁଁ ତୁମକୁ କେବଳ "ଈଶ୍ୱର" ବୋଲି କାହିଁକି ଗ୍ରହଣ କରିପାରୁନି ପ୍ରଭୁ ! ! କେବେ ତୁମେ ସଖା, କେବେ ପିତା, କେବେ ମାତା, କେବେ ବନ୍ଧୁ ଭ୍ରାତା । ପୁଣି କେବେ ମୋ ପ୍ରେମିକ ପ୍ରବର, ହେଲେ ତୁମେ ଠାକୁର କାହିଁକି ନୁହଁ ପ୍ରଭୁ ! ତୁମେ କଣ ଖଟୁଳିରେ ପିତ୍ତଳ ମୂର୍ତ୍ତି ଟିଏ ହୋଇ ପୂଜା ପାଇବନି ବୋଲି ଏ ରୂପ ଧରିଲ ?



ସୁଜାତା ମହାପାତ୍ର

ସାମାନ୍ୟ ଗଛଟିଏ ମଧ୍ୟ ବ୍ରହ୍ମ ପାଲଟିଯାଏ ତୁମ ଅରୂପ ରୂପ ଲାବଣ୍ୟରେ । ତେବେ ମୋ ଯାଏଁ କାହିଁକି ଅପହଞ୍ଚ ତୁମର ସେଇ ସ୍ପର୍ଶ । ମୁଁ କଣ ଏଡ଼େ ପାତକୀ !

ଯେବେ ଯେବେ ତୁମକୁ ଛୁଇଁବାର ଇଚ୍ଛା ନେଇ ତୁମ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଛି, ମୋର ସବୁ ଇଚ୍ଛା ଗୋଟି ଗୋଟି ହୋଇ ଅଟକି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଛି ବାଇଶି ପାହାଚର ପ୍ରତିଟି ଉଠାଣିରେ । ତୁମ ଯାଏଁ ପହଁଚିଲା ବେଳେ ମୁଁ ଆଉ ମୁଁ ହୋଇ କୋଉ ଥାଏ ଯେ' ତୁମକୁ କହିବି, ଝିଅ ବାହାଘର କି ପୁଅର ପାଠପଢା ବା ସ୍ୱାମୀର ଚାକିରୀ କଥା ! ତୁମେ ସତରେ କିମିଆଁ ଜାଣ ପ୍ରଭୁ । ମୋ ସବୁ ଅଭିଯୋଗକୁ କେବଳ ସ୍ନେହବୋଳା ନିରୀହ ଚାହାଣୀ ଟେ ଦେଇ ଶାନ୍ତ କରିଦିଅ । ମୋ ଅଶାନ୍ତ ମନର ଉଦ୍ୱେଳିତ କାମନା ନିଆଁ ଧାସରେ ଶୀତଳ ଜଳ ପରି ଶାନ୍ତ ହୋଇଯାଏ । ମୁଁ ତୁମ ମଗ୍ନ ହୁଏ, ତୁମ ଭିତରେ ହଜିଯାଏ ।

ପୁଣି ଶ୍ରୀମନ୍ଦିରରୁ ବାହାରିବା ପରେ ମନେ ପଡେ, " ଆରେ ଯାହା କହିବାକୁ ଯାଇଥିଲି, ତାହା କୋଉ କହିପାରିଲି ! ହଉ ଆର ଥରକୁ" । ବଞ୍ଚିବାର ମୋହଟିଏ ଦେଇ ତୁମେ ବିଦାକରିଦିଅ ମୋତେ ତୁମ ଦୁଆର ମୁହଁରୁ ।

ପୁଣି କିଛି ଇଚ୍ଛା, ଅଭିଳାଷ, ସ୍ୱପ୍ନ କୁ ଗଣ୍ଠିଲିକରି ମୁଁ ଚାଲିଆସେ ଅଭିଯୋଗର ଲମ୍ବା ତାଲିକାଟେ ଧରି ତୁମ ପାଖକୁ । ବଳିଆର ଭୁଜ, ଚକାଆଖିର ସେ ନିରୀହ ଚାହାଣୀ ପୁଣି ଭୁଲାଇଦିଏ ମୋତେ ମୋ ନିଜକୁ । ବାଙ୍କ ଚାହାଣୀରେ ତୁମେ ମୋତେ, ହଁ କେବଳ ମୋତେ ହିଁ ଚାହିଁଥିଲା ବେଳେ ନବବଧୂର ବ୍ରିଡାରେ ରଙ୍ଗିଯାଏ ମୋ ମୁହଁ । ହଳକ ଆଖିକୁ ତଳକୁ କରି ମୁଁ ପଠାଇଦିଏ ମୋ ପ୍ରେମତକକୁ, ତୁଳସୀ ହୋଇ ତୁମ ଦେହରେ ଲାଗିହେବା ପାଇଁ । ଅପେକ୍ଷାରେ ଥାଏ କେବଳ ତୁମ ପବିତ୍ର ଦେହର ଟିକିଏ ଛୁଆଁ ପାଇଁ ।

ମୁଁ ଦେବଦାସୀ ନୁହଁ ପ୍ରଭୁ, ନୁହେଁ ମଧ୍ୟ ଲକ୍ଷ୍ମୀ, ରାଧିକା କି ସତ୍ୟଭାମା । ହେଲେ ନିରୋଳା ପ୍ରେମିକାଟିଏ ବୋଲି, କଣ କମ ଅଧିକାର ମୋର ତୁମ ଉପରେ ! ମୋ ଭାଗ୍ୟର ଯେତେକ ଭଲ, ମନ୍ଦ, ଭାବ, ଅଭାବ, ନିନ୍ଦା, ପ୍ରଶଂସା ସବୁତ ତୁମ ଦ୍ୱାରା ହିଁ ପ୍ରାପ୍ତି । ତୁମେ ଲକ୍ଷ୍ୟ, ତୁମେ ହିଁ ସିଦ୍ଧି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ବିନା ମୋ ଗତି କି ଦୁର୍ଗତି କାହିଁ ପ୍ରଭୁ !!

ମନ୍ଦିର ଗୁମୁଟର ପାରାବି ଦେଖିଛି ମୋ ଲାଜ, ଲାଜ ପ୍ରେମ, ଆଖିଭର୍ତି ଲୁହରେ ତୁମ ଅପାଦ ପ୍ରକ୍ଷାଳନ । ସେବକ ମାନଙ୍କ ଶକ୍ତ ବେଢ଼ଣ ଭିତରେ ବି ଅଣନିଶ୍ୱାସୀ ହୋଇ ପଡେନି ମୁଁ, କାରଣ ଶୂନ୍ୟରେ ଟେକିନିଅ ତୁମେ ମୋତେ ତୁମ ଯାଏଁ । ମୋ ଥର ଥର ଓଠର କମ୍ପନରେ ତୁମେ ବୁଝିଯାଅ ମୋ ଅକୁହା ଶବ୍ଦ ସବୁ । ମୋ ଓଦା ଓଦା ଆଖିରେ ତୁମେ ଭରିଦିଅ ଆଉ କିଛି କଜ୍ୱଳ ଭରଷାର, ମୁଁ ଭଲ ପାଉଥିବା ସେହି ମାଦଳର ଦେହରୁ । ଚାଲିଆସ କିଛି ବାଟ ରତ୍ନସିଂହାସନରୁ ଓହ୍ଲାଇ ମୋ ସହ । ଇଚ୍ଛା ମାତ୍ରେ ଦେଖାଦେବାର ପ୍ରତିଶ୍ରୁତିଟିକୁ ଦୃଢକରି ଛୁଇଁଦିଅ ମୋ ଥର ଥର ହାତ । ମୁଁ ଜଡ଼ରୁ ଜୀବନ୍ତ ହୁଏ । ଏକା ଏକା ପାର ହୋଇଯାଏ ଜୀବନ ସଂଗ୍ରାମର ନିଆଁନଈ ।

ପେଟଭୋକ ପାଇଁ ଖୋଲିଦେଇଛ ଆନନ୍ଦ ବଜାର । ଯେତେ ଖାଇଲେ, ବୋହିଲେ ସରେନାହିଁ ଅମୃତ କି ପୁରେ ନାହିଁ ମନ । ଭୋକଟିଏ ଦିକ ଦିକ ହୋଇଜଳୁଥାଏ ମନ ତଳେ କିନ୍ତୁ, ତୁମ ଦର୍ଶନର । ସାରା ପୃଥିବୀକୁ ବାନ୍ଧିରଖିଥିବା ସେହି ଚକାଆଖି ଭିତରେ ଅଦୃଶ୍ୟ ହୋଇଥାଏ ମୁଁ, ଅନନ୍ତ ଆକାଶରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିବା କ୍ଷୁଦ୍ର ପକ୍ଷିଣୀ ଭଳି । ତୁମରି ଭିତରେ ଅନ୍ୱେଷଣ କରୁଥାଏ ମୁଁ ମୋତେ ଓ ତୁମକୁ, ଆମ ପ୍ରେମକୁ । କେବେ ମହୋଦଧିର ଅଶାନ୍ତ ଲହଡିରେ, କେବେ ବିସ୍ତୀର୍ଣ୍ଣ ସ୍ୱର୍ଣ୍ଣାଭ ବେଳାଭୂମିରେ, ପୁଣି କେବେ ନୀଳ କନ୍ଦରରେ, ତ' କେବେ କଳ୍ପବଟର ଶାଖାରେ ଶାଖାରେ ! ତୁମେ କିନ୍ତୁ ଲୁଚି ରହିଥାଅ କେଉଁ ଭକ୍ତର ଅନନ୍ତ ବିଶ୍ୱାସରେ, ଜୀବନର ଶେଷରେ ସ୍ୱର୍ଗଦ୍ୱାରର ମୁଠେ ପାଉଁଶ ରେ, ଶେଷ ନିଶ୍ୱାସରେ ସଂଘର୍ଷ କରୁଥିବା ମୁହୂର୍ମୁହୂ ଜୀବନ ପାଖରେ । କେବେ ଆହାର ହୋଇ ଝୁଲିଥାଅ କୁନି ଶିଶୁ ଶାବକର ଥଣ୍ଟରେ, ସୁରକ୍ଷା ହୋଇ ପହରା ଦିଅ ବାଘୁଣୀ ବେଢ଼େଇର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସାରେ, ଜୟଦେବର ଗୀତ ଗୋବିନ୍ଦ ପଦ୍ୟରେ । ଯେଉଁଠି ଖୋଜେ ପ୍ରଭୁ ତୁମକୁ ହିଁ ପାଏ, ହେଲେ ସାଇତି ନପାରି ପୁଣି ହାରିଦିଏ, ଦୁଃଖ ପାଏ !

ତୁମେ କିନ୍ତୁ ସଦା ନିର୍ଲିପ୍ତ, ନିର୍ମଳ, ନିରବ, ନିଶବ୍ଦ, ଅପ୍ରକାଶ୍ୟ, ଅନନ୍ତ ପରିବ୍ୟାପ୍ତ । ଆକାଶର ନିଳିମା ପରି ଶାନ୍ତ ଅଥଚ ବ୍ୟାପକ ଅନୁଭବଟିଏ ହୋଇ ତୁମେ ସଦା ରହିଥାଅ ମୋ ଆତ୍ମା ଆଉ ହୃଦୟକୁ ଆବୋରି, ବିଶ୍ୱାସର ରଥ ଦଉଡି ପରି ।

ମୁଁ ନିଜକୁ ତୁମ ସେହି ଡୋରୀରେ ବାନ୍ଧିଲି ପ୍ରଭୁ, ଆଉ ଫିଟାଅନା ସେ ଗଣ୍ଠି । ତାକୁ ବାନ୍ଧି ରହିବାକୁ ଦିଅ ତୁମ ଅଦୃଶ୍ୟ ପ୍ରେମ ରଜ୍ଜୁରେ, ମୋ ପ୍ରେମୀକର ହୃଦ କନ୍ଦରରେ ।

ଇତି

କେବଳ ତୁମର

ସୁଜାତା ମହାପାତ୍ର

ଶିବାନୀ ଏଂକ୍ଲେଭ

ବମୀଖାଲ କେନାଲ ରୋଡ଼

ଭୁବନେଶ୍ୱର, ୭୫୧୦୧୦

ଫୋନ : ୯୪୩୭୩୭୨୦୯୭୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଚୁଡ଼ାଘଷା

ତା'ର ଟିକେ ମୁଣ୍ଡ ବିଗିଡା ଧରି ଆସିଥିଲା । ବସିଥିଲେ ବସିଥିବ, ଅଧା ଦିନରୁ ଅଢେଇଟା ବେଳେ ଉଠି ମୁଣ୍ଡ ବୁଡେଇ ପାଣି ଢାଳି ହେଇ ସଂଜବତୀ ଦବ, ମଝି ରାତିରେ ଉଠି ଗୁହାଳ ଯାକର ଗାଇଙ୍କୁ ସେ ଅନ୍ଧାରରେ ପଡିଉଠି ଝୁଣ୍ଟି ଦାନା ଖୋଇବ ଏମିତି ସବୁ ଆଜୁରୁ ବାଜୁରୁ ଗୁଡେ କାମ ଏବେ ଏବେ ସିଏ ଆରମ୍ଭିଥିଲା । ହେଇ ବା ସେଦିନ ପେଟ କଣ କାଟୁଛି କାଟୁଛି କହି ଗଡିଲା, ରହ ଔଷଧ ବଟିକା ଆଣିଦେବି କହି ମୁଁ ସାଇକେଲଟା ମାରି ଛକ ଶୁଣାବଇଦ ଟୁଙ୍ଗୀ ଠି କି ବାହାରୁଛି କି ..... ଗୋରୁ ବସ୍ତାରୁ ମୁଠେ କୁଣ୍ଡା ଆଣି ବେଲାଏ ପାଣିରେ ଗୋଳି ପି'ବାକୁ ବସିଥିଲା । ହାଁ ହାଁ ରହ ରହ ବୋଲି ହାତ ଧରି ପକେଇଲେ ବାପା । ନିରିଖେଇକି ତାଙ୍କ ମୁହଁକୁ ଚାହିଁ କହୁଛି,..... କ'ଣ କି, ଭୁସି ପା, ଇସବଗୁଲି ପେଟୁଟା କାଇଁ ....... । ତା'ହାତ କୁ ଝାଡି ବାପା ଏକରକମ କୁନି ଝିଅ ଭଳି ସେଠୁ ଉଠେଇ ଆଣି ଚଉପାଢୀରେ ବସେଇଲେ, ଖରା ନରମ ପଡୁଥାଏ । ବେଲାରେ ଚୁଡା, ପାଚିଲା କଦଳୀ ଯୋଡେ ପକେଇ ପାଣିଆ ପାଣିଆ କି ଚକଟି ଆଣି କହିଲେ, ଦେଖି ମୋ ମା' ଏଇନେ ବଡ ଆଁ ଟେ କରିଦବ..... ମୋ ମା ତ କେତେ କୁହୁକ ଶିଖିଛି.... ଦେଖିବ ଦେଖିବ ସବୁ, ଆରେ ମୁନା ହେଇ ଆ ଏଇଠି ଦେଖ୍ ତୋ ବୋଉ ପାଟିରେ ମୁଁ ଏଇନା ଚୁଡା ଦେବି ....ଚଟ୍ କି କେମିତି ତା ପାଟିରୁ କୁଆଡେ ଉଭେଇ



ଲୋପାମୁଦ୍ରା ପରିଡ଼ା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯିବ । ଆ ଆ ଦେଖିବୁ ।

ସୁନା କୁନି ଝିଅ ଟି ପରି ଆଁ କରି କରି ଗିଳି ଗିଳି ଦେଇ ବଡ ଆଁ କରି ବାପାଙ୍କୁ ଦେଖଉଥାଏ ତା ' କୁହୁକ କରା ଖାଲି ଆଁ ଟି ମାନ । ସେ ଗୋଟେ ଗୁଣ୍ଡା ଚୋବେଇ ଗିଳିବା ଭିତରେ ବାପା ଦି ବୁନ୍ଦ ଲୁହ ଢାଳି ସାରିଥାନ୍ତି ସମାନ ଅନୁପାତରେ । ଲୁହ ବୁନ୍ଦେ ପଡିଗଲା କି କଣ ତା ଗୁଣ୍ଡାରେ ଚାହିଁଲା ପୁଣି ନିରିଖେଇ, ପ୍ରଶ୍ନ ନେଇ ଆଖି ଡୋଳାରେ...... ବାପା ସାଙ୍ଗେ ସାଙ୍ଗେ କହିଦେଲେ, ଆରେ ଚିମୁଟାଏ ଲୁଣ ମୁଠାଏ ଚିନି ସାଥିରେ ପଡିଲେ ବା ସାଲାଇନ ପରି ରକ୍ତରେ କାମ ଦିଏ,..... ତୁମେ ବା ଶିଖେଇଥିଲ । ସେଇ ଲୁଣ ଟୋପାକ, କଣ ଜିଭରେ ବାଜିଲା କି । ସିଏ ହସିଦବ ସବୁ ବୁଝିଲା ପରି ।

ଆଜିକାଲି ବାପା ଜାଣି ତାର ସବୁ କରନ୍ତି, କାହାକୁ ଆଉ କରିବାକୁ ବି ଦିଅନ୍ତିନି । ଗୁରୁଣ୍ଡା ପିଲା ପରି ଗୋଡେ ଗୋଡେ ଜଗିଥାନ୍ତି । ଡାକ୍ତର କୁହନ୍ତି ଯତ୍ନ, ସ୍ନେହରେ ଯେମିତି ଊଣା ନ ହୁଏ । ହଁ ସେ ସାମାନ୍ୟ ଜୀବନର ଅଙ୍କକଷା ନିୟମରୁ ଟିକେ ବିରତି ନେଇଛନ୍ତି ଯାହା, ବୁଝି ପାରୁନାହାନ୍ତି କିନ୍ତୁ ହୃଦୟ ସବୁ ବୁଝୁଛି, ଜାଣୁଛି । ସେଠି କିଛି ଫରକ୍ ଆସିନି । ଆମେ ଖାଲି ସବୁ ଜିନିଷ ଯୋଗଉ ସିନା, ବାପା ତା ଛାଇ ପରି ଥାନ୍ତି । ଆମକୁ ଓଲଟା ବୁଝାନ୍ତି, ସିଏ ବା ଏବେ ମୋ ଝିଅ ହେଇଯାଇଛିରେ ପିଲେ । ମୁଁ ଥିବା ଯାଏ ତମେ ସବୁ କେହି ବ୍ୟସ୍ତ ହୁଅନି ।

ମନେପଡେ ଦିନ ଥିଲା ସିଏ ବାପାଙ୍କୁ ଠାକୁର କରି ରଖିଥିଲା । ହାତରେ ପାଣି ଗିଲାସେ ଅଣେଇ ଦଉନଥିଲା । ଏମିତି କି ତେଲ ଲଗେଇ ଗାଧେଇ ଦବ, ମୁଣ୍ଡ କୁଣ୍ଡେଇ ଦବ, ଦାନ୍ତ କାଠି ହାତକୁ ଦବ, ତାଙ୍କର ଦି ଘଣ୍ଟିଆ ଦିଅଁ ପୂଜା ପାଇଁ ଚନ୍ଦନ, ଫୁଲ, ସିନ୍ଦୁର ଠୁ ପୂଜା ଲୁଗା, ଜପାମାଳି ଯାଏ ସବୁ ଖଞ୍ଜିକି ଥୋଇଥିବ ବାପା ସୂର୍ଯ୍ୟଙ୍କୁ ପାଣି ଦେଇ ଆସିବା ଭିତରେ । ନ ତିଅଣ ଛ ଭଜା ତାଙ୍କ ମନକୁ ଗଲା ପରି କରିକି ଥାଳି ଚାରିପଟେ ଡାଟିଆ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଳ କରିକି ବାଢିଦବ । ବିଞ୍ଚଣାରେ ବସି ବିଞ୍ଚୁଥିବ । ଢାଳରେ ପାଣି ବଢେଇଦବ ହାତ ଧୋଇବାକୁ । ଅଫିସ୍ ସାର୍ଟ୍ ପ୍ୟାଣ୍ଟ, ଅତର କି ପାଉଡର ପକା ରୁମାଲ ଧରି ଠିଆ ହବ । ଏତେ ଭିତରେ ଆମ ତିନି ଭାଇ ଭଉଣୀଙ୍କ କଥା ବି ବୁଝୁଥିବ, ମୋର, ମୋ ଭାଇର ଆଉ ତା' ଆଣ୍ଠୁଆ ଗୋପାଳର । ତା' ଗୋପାଳର ସେବା ଯେ ଆକାଶଠୁ ମରତ ଯାଏଁ । ବାପା ଅଫିସ ବାହାରିଗଲେ, ଆମେ ସ୍କୁଲ କଲେଜ ଗଲୁ..... ଇଏ ବସିଲା ଗୋପାଳ ସେବାରେ ଦିନ ଅଧ ଯାଏ, ଖାଏ କେତେବେଳେ କେଜାଣି । ସିଏ କାଳେ ଆମ ବଡ ଭାଇ, ସିଏ ସବୁ ଶୁଣେ, ବୁଝେ... ଗୋପାଳ ଅଷ୍ଟକମ୍ ଭଲପାଏ ସର ଲବଣୀ ପରି... ଆଉ ନିତି ତୁଳସୀ ପତ୍ର ପକା ଖାଇବା ଖାଏ... ସିଏ ହି କହିଥିଲା ଆଉ ଆମେ ନୀରିହ ମନରେ ମାନି ନେଇଥିଲୁ । ପିଲା ମନରେ ଯାହା ଗାରେଇବ ତାହା ଚିହ୍ନ ସାରା ଜୀବନକୁ, ନୁହେଁ କି ! ଏବେ ଭାବିଲେ ବିଜାର ଲାଗେ ବେଳେ ବେଳେ, ଏତେ ତ ପୂଜିଲା ଏମିତି କାଇଁ କଲେ ତା' ଦିଅଁ ପୁଣି ତାରି ସାଥିରେ । ଅନେକ ଦିନ ଶୁଣିଛି କହୁଥିବ ତା 'ଠାକୁରକୁ... ମୋ ପିଲାଙ୍କୁ ଘଣ୍ଟ ଘୋଡେଇଥିବୁରେ ଜଗା, ମୋ ପାଣି କାଚ ଦି ପଟ ବଜର କରିଦେ । ଚଉରା ଠି ପାଣି ଦେଇ କହିବ, ମା 'ଲୋ ମୋ ସଂସାରକୁ ପଣତ ଘୋଡେଇ ରଖିଥା, ପାକେଲା ବାଳରେ ସିନ୍ଦୁର ନାଏ... ପତ୍ର ପାଣି ମିଶା କି ଆଣି ପାଟିରେ ପକାଏ । ସେଇ ତା'ଖାଇବା । ସେଇଠୁ ଗାଇ ଗୋରୁ, ଚଢେଇ, ବିଲେଇ ପଶୁ ପକ୍ଷୀଙ୍କ ପେଟ କଥା ବୁଝେ । ଜେଜୀ କହେ, ସିଏ କାଳେ ସ୍ୱୟଂ ଅନ୍ନପୂର୍ଣ୍ଣା । ଘରେ ତାରି ଯୋଗୁଁ ତୁଳସୀ ବଣ ପରା ଆପେ ମାଡୁଛି ।

ଆଜିକାଲି ତା'ଗୁରୁଣ୍ଡା ଗୋପାଳ ଆଉ ଝୁଲଣାରେ ବସୁନି, ସିଏ କୋଳରେ ଧରି ବସୁଛି ଆଉ ତା କାନରେ ଫିସ୍ ଫିସ୍ କି କହୁଛି, ହାତ ଗୋଡ ଚାଲିଥାଉ ନେଇଯା । ପକେଇବୁନି ଜମା, ବୁଝିଲୁଟି । ପାଣି ଗିଲାସେ ପାଇଁ ବି କାହାକୁ ଯେମିତି ହଇରାଣ ନ କରେ । ସେଇ କଥାକୁ ସେଇ କଥାକୁ କହୁଥାଏ । ଆରିସି କାଚକୁ ଡେରି ଦେଇ କାନ୍ଥରେ ସିନ୍ଦୁର ଭରା ଡବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଣି ମୁହଁ ମୁଣ୍ଡ ସବୁଆଡେ ଢାଳେ, ବୋଳେ । ସଫା କରି ପୋଛିବାକୁ ଗଲେ ପାଟି କରେ । ବାପା କୁହନ୍ତି, ଛାଡିଦିଅ ତାକୁ, ଯାହା ତା'ଖୁସି ସେ କରୁ । ଆଜିକାଲି ବାପାଙ୍କ ଛାତିଟା କାଇଁ ବେଶୀ ବେଶୀ କାଟେ । ଡାକ୍ତର ଦେଖେଇବା କହିଲେ ଟାଳି ଦିଅନ୍ତି, କହିବେ ହେ କାଇଁ ବ୍ୟସ୍ତ ହେଲ ରେ । ମୋର କିଛି ହବନି ମ । ତମ ବୋଉ କଥା ବୁଝ । ମୋର ସେଇ ଢେର୍ ।

ହୃଦୟ ଟା ବା ଆୟତନରେ କୁଆଡେ ଆମ ବାଁ ପଟ ହାତ ମୁଠା ଯେତିକି ସେତିକି । ସିଏ ହିଁ ଶିଖେଇଥିଲା ପିଲା ବେଳେ । ମତେ ଲାଗୁଥିଲା ଏ ହୃଦୟ ଟା ଯେମିତି ଜନ୍ମରୁ ପାରଦର୍ଶୀ କାଚରେ ତିଆରି ହେଇଥାଏ, ଧିରେ ଧିରେ ବଢୁ ବଢୁ ଅଙ୍ଗାର କି ପଥର ହେଇଯାଏ, ସବୁ ସହି କରି । ଛାଡ ।

****************************

ଆଜି ସକାଳୁ ବାପା ବାରିପଟ ଢିଙ୍କିଆ ମାରି ତା'ମୁଣ୍ଡରେ ରିଠାଫଳ ଘସି ଫେଣ ଫେଣ ଖେଳ ଖେଳେଇ ଖେଳେଇ ତାକୁ ଗାଧେଇ ଯତ୍ନେଇକି ପୋଛି ପିଣ୍ଡାକୁ ବସେଇ ଦେଇ ନିଜ ପାଇଁ ପାଣି ମାରୁଥିଲେ ରସ ଘାମଲାରେ । ସିଏ ସୁନା ଝିଅ ପରି ହାତ ଯୋଡି ବସି ଆଁ କରି ଚାହିଁଥିଲା । ବୋଧେ ଭାବୁଥିଲା ମୁଁ ଯାହାକୁ ଧୂଳି ମଳି ଲଗେଇ ଦେଇ ନଥିଲି ସେ ଠାକୁର କେମିତି ନିଜ ପାଇଁ ପାଣି ମାରୁଛନ୍ତି ଯେ । ସତରେ ଏମିତି ଭାବିଲା କି କଣ ଧଡ୍ ପଡ୍ କି ଉଠି ପାଣି ମାରିବାକୁ, ମୁଁ ମାରିବି ମୁଁ ମାରିବି କହି ଡେଇଁ ପଡିଲା କି, ବାପା ତାକୁ ପଡି ନ ଯାଉ ବୋଲି ଧରି ପକେଇବେ କଣ ନିଜେ ଗୋଡ ଖସି ପଡିଲେ ଫେଣରେ । ଆମେ ଦି ଭାଇ ଦଉଡି ଯାଇ ଧରି ଆଣି ଖଟରେ ଶୁଏଇଲୁ ।

ଡାକ୍ତର ଆସିବାକୁ ଅଧଘଣ୍ଟା ନେଲେ । ଆସି ଷ୍ଟେଥୋ ଚାପି କହିଲେ, ମାଇଲ୍ଡ ଷ୍ଟ୍ରୋକ । ଅଲରେଡି ଟୁ ଟାଇମ୍ସ ହେଇ ସାରିଲାଣି ମେ ବି । କେମିତି ଜାଣିଲେନି ଆପଣମାନେ, ଆଗରୁ ଟ୍ରିଟମେଣ୍ଟ କରିବାର ଥିଲା । ଇଂଜେକସନ ଦେଇଛି, ଏଇ ମେଡିସିନ୍ ଆଣି ରଖନ୍ତୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟାଇମ୍ ଵାଇଜ୍ ଜଗିକି ଦେବେ । ଏଲ୍ସ କିଛି ବି ହେଇପାରେ, ମେ ବି ପାରିଲାଇଜ୍ ।ମେ ବି .........

ଅସରା କଥାଟା ଝିମ୍ ଝିମେଇ ଦେଲା ଭୟରେ ଆମ ଘରର କାନ୍ଥ ବାଡକୁ ବି ।

ଅନୁତପ୍ତ ଲାଗୁଥାଏ, ଆଗରୁ ଟିକେ ଜିଦ୍ କରି ଦେଖେଇଥିଲେ ହେଇଥାନ୍ତା । ବାପା ତିନି ଦିନରୁ ଖଟରେ । ଲୁହ ଅବିରତ ବୋହୁଛି ଆଖିର କଣ ମୁଣ୍ଡରୁ, କିଛି କହିବାକୁ ଚାହୁଁଛନ୍ତି... ଶବ୍ଦ ସ୍ଫୁରୁନି । ନିଥର ହେଇ ପଡିଛନ୍ତି ସଦା ଚଳ ଚଞ୍ଚଳ ମଣିଷଟି । ବୋଉ ବି ଆଉ କିଛି ଖାଉନି, ଅଝଟ କରୁଛି... ବାପା ଖୋଇଲେ ଖାଇବ ବୋଲି ।

************

ଆଜି ବୁଧବାର । ଭାଦ୍ରବ ନ ହେଲେ ବି ଅଷ୍ଟମୀ ।ସକାଳୁ ପାଞ୍ଜି ଦେଖିବା ଅଭ୍ୟାସ ବାପା କରେଇଥିଲେ ଦିନର ପରିଚର୍ଯ୍ୟା ସେଇ ଅନୁଯାୟୀ ହବ ବୋଲି ।

ବୋଉ ଡାକିକି ବରାଦ କରିଛି, ଗୋଟେ ଚିଠା ମନେ ପକେଇ ପକେଇ

କଳା ଗୁଡ

ଗୋଲମରିଚ ( ସୁ ସୁ କରି ଦେଖେଇଲା )

ଗୁଜୁରାତି ( ନାକରେ ଛୁଇଁ କି ଦେଖେଇଲା )

ବହୁତୁ କି ଘିଅ ( ଆଙ୍ଗୁଳି ମେଲେଇକି ଦେଖେଇଲା)

ଯୋଡେ ନଡିଆ ( ଆଙ୍ଗୁଳି ରେ ଦେଖେଇ ଗଛକୁ ଦେଖେଇଲା)

ଚୁଡା ( ମୁଠାଏ ଧରିକି ବସିଥିଲା, କାନି ଝାଡିକି ଦେଲା )

ମୁଁ ବୁଝିଗଲି ସବୁ, ଠିକ୍ ସିଏ ଯେମିତି ଆମେ ଛୋଟ ଥିଲା ବେଳେ ଆମ ଠାର ଅଧା ଦଅଣା କଥା ଠଉରଉ ଥିଲା ଆଉ ସବୁ ଅଜାଡି ଦଉଥିଲା କାନି ଝାଡି, ଆମ ସୁଖ ପାଇଁ ।

ଚୁଡା ତକ ଗୁଣ୍ଡ କରିଦେଇ ଦି ଟଙ୍କା ର କାଜୁ ଆଉ ଖିସିମିସି ମିଶେଇ ଆଣିଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଆଣି ଥୋଇଲି ତା'ପାଖରେ । ଲୁହଭରା ଆଖିରେ ଥରେ ମୋ ମଥା ଆଉଁସି ଦେଇ ଉଠିଗଲା ବେଏଗ ଯାକିକି । ବେଲାରେ ସବୁ ତକ ଗୋଟି ଗୋଟି କାଗଜ ଠୁଙ୍ଗାରୁ ଝାଡିକି ତା'ଗୋପାଳକୁ ସେଇ ପିତଳ ତସଲାରେ ବସେଇକି ଆଣି ବାପାଙ୍କ ଖଟ ଗୋଡ ପାଖେ ବସିଲା । ଣି ଣି ଣି କଣ କହି କହି ସେତକ ଜିନିଷ ହାତ ପାପୁଲିରେ ଘସିଚାଲିଲା ।

ବାପା ତାକୁ କଣେଇକି ଚାହୁଁବାର ଚେଷ୍ଟା କରୁଥାନ୍ତି, ଠାରରେ ଡାକିଲେ ଆମକୁ ଆଉ ଆଙ୍ଗୁଠିରେ ଦେଖେଇଲେ ବୋଉକୁ । ଆଜି ବି ସିନ୍ଦୁର ମୁହିଁ ବେଶ ହେଇଥାଏ । ମୁଁ କହିଲି ତମେ ବ୍ୟସ୍ତ ହୁଅନି ବାପା ତା'କଥା ଆମେ ବୁଝିବୁ, ତମେ ଶୀଘ୍ର ଭଲ ହେଇଗଲ ଆଗ । ଆମେ କାନ୍ଦୁଥିଲୁ ଆପେ... ବାପା ହସ କାନ୍ଦ ମିଶା ମୁହଁ କରି ମୋର ଆଉ ଭାଇର ହାତକୁ ଜାବୁଡି ଧରିଥିଲେ । ବଡ ନୂଆଉ ତିନି ଦିନରୁ ଭାଗବତ ପଢୁଥିଲା, ପାଖରେ ଗଙ୍ଗା ପାଣି, ନିର୍ମାଲ୍ୟ ଥୋଇ । ତା'ଆଖି ବି କାନ୍ଦି କାନ୍ଦି ନାଲା ପଡିଲାଣି । ପୋଡୁଥିବ ନିଶ୍ଚିତ ।

ଚୁଲିରୁ ବିଲେଇ ଉଠିନି ଚାରିଦିନରୁ, ର ଠ ରେ ଚାଲିଛି ।

ବୋଉ ଉଠିକି ସେ ଘସା ଚୁଡାରୁ ତା ହାତରେ ଯେତିକି କୁଳେଇଲା ମୁଠେଇକି ବାପାଙ୍କ ପାଖକୁ ଗଲା । ବାପା ଚେଷ୍ଟା କରି ଆଁ କଲେ, ଆଉ ଆମକୁ ଠାରିଲେ ନ ରୋକିବାକୁ । ସିଏ ବାପାଙ୍କୁ ଖୋଇ ଦେଇ ତୁଳସୀ ପତ୍ର ଟେ ବି ଖୋଜିକି ଦେଲା । ଲୁଗା କାନିରେ ମୁହଁ ପୋଛି ଦେଲା, ଆଗରୁ ଯେମିତି କରୁଥିଲା ସେମିତି..... ହାତ ପାପୁଲିରେ ବିଞ୍ଚିଲା ଆଉ ଗୁଣୁ ଗୁଣେଇଲା .......

ଅଧରଂ ମଧୁରଂ ନୟନଂ ମଧୁରଂ
ମଧୁରାଧିପତି ଅଖିଳଂ ମଧୁରମ୍ ।।
.............
ମଧୁରାଧିପତି ଅଖିଳଂ ମଧୁରମ୍ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ସବୁ ପିଲାଦିନକୁ ଫେରିଯାଉଥିଲୁ, ତା'ସାଙ୍ଗରେ ତାଳ ମିଶେଇ ସ୍ୱର ଧରିଲୁ ଏକାଠି

ଗୁଞ୍ଜା ମଧୁରା, ମାଳା ମଧୁରା

ଦୃଷ୍ଟି ମଧୁରା, ସୃଷ୍ଟି ମଧୁରା

......

ମଧୁରାଧିପତି ଅଖିଳଂ ମଧୁରମ୍ ।।

ପ୍ରଶାନ୍ତ, ଆଲୋକମୟ, ଆଭାମୟ ଲାଗୁଥିଲା ବଖରାଟି ହଠାତ୍ । ସବୁ କ୍ଲେଶର ହନନ ହୋଇଥିଲା ଯେମିତି ।

ଚାରିଦିନରୁ କିଛି ଢୋକୁନଥିବା ବାପା ଯେମିତି ଏଇ ବୋଉ ହାତ ଘସା ଚୁଡାକୁ ଅନେଇଥିଲେ । ଦିହେଁ ଦିହିଁଙ୍କ ଆଖିରେ ଥିଲେ । ବାପାଙ୍କ ଛାତିରେ ବୋଉର ମଥା, ବାପାଙ୍କ ହାତ ବୋଉ ମଥା ଉପରେ ଆଉ ବୋଉର ହାତରେ ମୁଠେଇ ହେଇ ରହିଥିବା ତା 'ଠାକୁର ... ତା'ଗୋପାଳ ।

ସଂଜ ବୁଡୁକୁ ଆମ ଦୁଆରୁ ଦିଇଟା ଦୀପାଳି ଏକାଠି ଉଠିଲେ, ଆମକୁ ଏଇ ଗୋପାଳ ଟିକିଟିର ଶରଣାପନ୍ନ କରି ।

( ବାଙ୍ଗାଲୋର ) ୯୭୩୧୦୫୭୦୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ

ପ୍ରକୃତରେ ଏହା ହୋଇପାରେ କି ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଏକ ସମୟରେ ଭଲ ପାଏ ଏବଂ ଘୃଣା କରେ ? ଆଜି ସେ କୁହନ୍ତି " ମୁଁ ତୁମକୁ ଭଲ ପାଏ" କିନ୍ତୁ ଆସନ୍ତାକାଲି ସେ କହନ୍ତି "ମୁଁ ଯେଉଁ ଦିନ ତୁମକୁ ଭେଟିଥିଲି ସେହି ଦିନକୁ ମୁଁ ଘୃଣା କରେ " ।

ଏହା ହୋଇପାରେ କି ଯଦି ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ହୃଦୟ ସହିତ କାହାକୁ ଭଲ ପାଏ, ତେବେ ସେ ତାଙ୍କୁ ଦୁଇ ମିନିଟ୍ ପାଇଁ ଘୃଣା କରେ । ଅବଶ୍ୟ ଏହା କରେ ଏବଂ ଆମେ ସମସ୍ତେ ଆମ ଜୀବନରେ ତାହା ଅନୁଭବ କରିଛୁ ।

ଇଶ୍ୱରଙ୍କ ଅପେକ୍ଷା ତୁମେ ଅଧିକ ଭଲ ପାଉଥିବା ବ୍ୟକ୍ତି ବିଷୟରେ ଚିନ୍ତା କର, ତୁମେ ତୁମର ଜୀବନର ପ୍ରତି ମିନିଟରେ ତାଙ୍କୁ ଭଲ ପାଇଛ କି ? ତୁମେ କେବେ କହି ନାହଁ କି ? ମୁଁ ତୁମକୁ ଘୃଣା କରେ, ମୋ ଠାରୁ ଦୂରରେ ରୁହ ! ଆସ ନାହିଁ ! ତୁମେ, ଭଗବାନଙ୍କୁ ଅଧିକ ଭଲ ପାଉଥିବା ବ୍ୟକ୍ତିଙ୍କୁ କେବେ ନୁହେଁ, ଆଉ କେବେ ନୁହେଁ ?" ଅବଶ୍ୟ ତୁମେ କରିଛ, ଏହା ଆଦୌ ବିଚିତ୍ର ନୁହେଁ, ଆମେ ସମସ୍ତେ ମଣିଷ ଅଟୁ । ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଭଲ ପାଏ, ସେହି ବ୍ୟକ୍ତି ତାଙ୍କ ପାଇଁ କ'ଣ ବୁଝାଏ, ସର୍ବଦା ତାଙ୍କ ହୃଦୟର ଗୋଟିଏ ଖଣ୍ଡ ରହିଥାଏ ଯାହା ସେହି



ଦେବେନ୍ଦ୍ର ସାମଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତିଙ୍କୁ ଏତେ ଭଲ ପାଏ ଯେ କେହି ଏହାର ପରିମାଣ ଏବଂ ଗୋଟିଏ ଅଂଶକୁ ବ୍ୟାଖ୍ୟା କରିପାରିବେ ନାହିଁ ଯାହା ହତାଶା ଏବଂ କ୍ରୋଧ ଦ୍ୱାରା ସହଜରେ ପ୍ରଭାବିତ ହୋଇପାରେ ।

ପ୍ରେମ କେବଳ କାହାକୁ ପ୍ରେମ କରେ ନାହିଁ, ପ୍ରେମ କେବଳ ତୁମେ ଭଲ ପାଉଥିବା ବ୍ୟକ୍ତିଙ୍କ ସହିତ ରହିବା ନୁହେଁ, ପ୍ରେମ ତା'ଠାରୁ ଅଧିକ, ପ୍ରେମ ହେଉଛି ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ପାଇଁ ଚିନ୍ତିତ ହୁଏ, ଯେତେବେଳେ ଜଣେ ବ୍ୟକ୍ତି କ୍ରୋଧିତ ହେବାକୁ ଲାଗେ କାରଣ ସେ ସେହି ବ୍ୟକ୍ତିଙ୍କ ଉପରେ ନିରାଶ ହୁଏ । ଭଲ ପାଏ, ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ ପାଟିରୁ ବାହାରୁଥିବା ଶବ୍ଦ ବିଷୟରେ ଚିନ୍ତା କରେ ନାହିଁ କାରଣ ପ୍ରେମ ଏବଂ ସେହି ବ୍ୟକ୍ତି ପାଇଁ ସଂଗ୍ରାମ କରିଥିବା ସମସ୍ତ ଜିନିଷ କ୍ଷତିଗ୍ରସ୍ତ ହୋଇଛି । ଯଦି କୌଣସି ବ୍ୟକ୍ତି ଅନ୍ୟ ଜଣକୁ ଭଲ ପାଏ ଏବଂ ମନରେ ସେହି ବ୍ୟକ୍ତି ଭଲ ପାଉଥିବା ବ୍ୟକ୍ତିଙ୍କଠାରୁ ଆଘାତ ପ୍ରାପ୍ତ ହୁଏ କିମ୍ବା ନିରାଶ ହୁଏ, ତେବେ କେବଳ ଜଣେ ବ୍ୟକ୍ତି ପାଇ ପାରିବେ ବିଶାଳ ଏବଂ ଅଟକିବା ପବନ ଯାହା ଏତେ ଶୀଘ୍ର ଆସେ ଏବଂ ହୃଦୟ ଉପରେ ପ୍ରବାହିତ ହୁଏ ଯାହା ଦ୍ୱାର କିଛି ବନ୍ଦ ହୋଇପାରିବ ନାହିଁ, ନିରାଶା, ଘୃଣା, କ୍ରୋଧ ଏବଂ ନିରାଶା ବ୍ୟତୀତ ଅନ୍ୟ କେହି ଚିନ୍ତା କରିପାରିବେ ନାହିଁ । ତାହା ହୁଏ ନାହିଁ କାରଣ ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଭଲ ପାଏ ନାହିଁ, ଏହା ଠିକ୍ ହୁଏ କାରଣ ସେ ପ୍ରକୃତରେ ସେହି ବ୍ୟକ୍ତିଙ୍କୁ ଭଲ ପାଆନ୍ତି, ନଚେତ୍ ସେ ଏଥିପ୍ରତି ଧ୍ୟାନ ଦେବେ ନାହିଁ କିମ୍ବା ନିରାଶ କିମ୍ବା କ୍ରୋଧିତ ହେବେ ନାହିଁ ।

ମିଶ୍ରିତ ଭାବନା ବିନା ଦୁଇ ଜଣଙ୍କ ମଧ୍ୟରେ ଗୋଟିଏ ସମ୍ପର୍କ ସଫଳ ହୋଇପାରିବ ନାହିଁ । ଆପଣ ଜାଣନ୍ତି କାହିଁକି ? କାରଣ ସେହି ସମ୍ପର୍କ ଦୁଇ ଜଣଙ୍କ ମଧ୍ୟରେ ହେବ ନାହିଁ, ମଣିଷ ମଧ୍ୟରେ ନୁହେଁ । ଆମ ହୃଦୟରେ କେବଳ ଗୋଟିଏ ଅନୁଭବ ରହିବା ପାଇଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ସୃଷ୍ଟି ହୋଇ ନାହୁଁ, ଆମେ ମିଶ୍ରିତ ଭାବନା ପାଇଁ ସୃଷ୍ଟି ହୋଇଛୁ, ନଚେତ୍ ଆମେ ରହିବୁ ନାହିଁ, ଠିକ୍ ? ମିଶ୍ରିତ ଭାବନା ରହିବା ପାଇଁ ସର୍ବଦା କିଛି ଖରାପ ଅର୍ଥରେ ଆବଶ୍ୟକତା ନାହିଁ, ବେଳେବେଳେ ଏହା ପରସ୍ପରର ଭାବନାକୁ ବୁଝିବାରେ ସାହାଯ୍ୟ କରିଥାଏ । ଜଣେ ମଣିଷ ରୋବଟ୍ ହେବା ପାଇଁ ସୃଷ୍ଟି ହୋଇନାହିଁ, ମଣିଷ ପ୍ରୋଗ୍ରାମ ହେବା ପାଇଁ ସୃଷ୍ଟି ହୋଇନାହିଁ, କିଛି ଛାଡିବା କିମ୍ବା ପରିବର୍ତ୍ତନ ନକରି ସମାନ ଜିନିଷକୁ ବାରମ୍ବାର ପୁନରାବୃତ୍ତି ନକରିବା । ଅବଶ୍ୟ ସେହି ମିଶ୍ରିତ ଭାବନା କିଛି ଖରାପ ଜିନିଷକୁ ନେଇପାରେ, ଯେପରି ନିରାଶ ହେବା କିମ୍ବା କ୍ରୋଧିତ ହେବା, ନିରାଶ ହେବା, କିନ୍ତୁ ଏହା ଏକ ବିପର୍ଯ୍ୟୟର କାରଣ ହୋଇପାରେ ନାହିଁ, କାରଣ ଯଦି ଜଣେ ବ୍ୟକ୍ତି ପ୍ରକୃତରେ ଅନ୍ୟକୁ ଭଲ ପାଏ, ତେବେ ସେମାନଙ୍କ ମଧ୍ୟରେ ସମ୍ପର୍କ ଅବିସ୍ମରଣୀୟ, ତେବେ କୌଣସି ଅସୁବିଧା ନାହିଁ । ସେଗୁଡିକ ସେମାନଙ୍କ ପାଇଁ ସମାଧାନ ହୋଇପାରିବ ନାହିଁ, ତା'ପରେ କୌଣସି ଜାଲ ନାହିଁ ଯାହାକୁ ଏଡାଇ ଦିଆଯାଇପାରିବ ନାହିଁ, ତା'ହେଲେ ସବୁକିଛି ସମ୍ଭବ, ଏପରିକି ସମଗ୍ର ବିଶ୍ୱ ଭାବୁଥିବା ଜିନିଷଗୁଡ଼ିକ ମଧ୍ୟ ନୁହେଁ ।

ମୁଁ ଗୋଟିଏ ପୁସ୍ତକ (ଟିମେନ୍ ୧୮୯୪) ଯାହା କିଟ୍ ଚୋପିନଙ୍କ ଦ୍ୱାରା ଲିଖିତ ଜଣେ ବ୍ୟକ୍ତି ଯାହାକୁ ଶ୍ରୀମତି ମଲାର୍ଡ କୁହାଯାଏ । ତାଙ୍କର ପ୍ରେମ ବହୁତ ବଡ ଥିଲା, ସେ ତାଙ୍କ ସ୍ୱାମୀଙ୍କୁ ସବୁକିଛି ଅପେକ୍ଷା ଅଧିକ ଭଲ ପାଉଥିଲେ କିନ୍ତୁ ସେହି ସମୟରେ ସେ ନଥିଲେ । ତାଙ୍କର ମିଶ୍ରିତ ଭାବନା ଥିଲା, ସେ ଜଣେ ମଣିଷ ଥିଲେ, ସେ ନିଜ ସ୍ୱାମୀଙ୍କୁ କେବେ ଘୃଣା କରନ୍ତି ନାହିଁ କିମ୍ବା ଭଲ ପାଆନ୍ତି ନାହିଁ, ସେ କେବଳ ନିଜ ବିଷୟରେ, ସ୍ୱାଧୀନତା ବିଷୟରେ ଭାବିଥିଲେ, କିନ୍ତୁ ସେ ତାଙ୍କୁ ଯେକୌଣସି ପ୍ରକାରେ ଭଲ ପାଉଥିଲେ, ସେ ମିଶ୍ରିତ ଭାବନା ସହିତ ମଣିଷ ଥିଲେ, ସେ ମୃତ୍ୟୁ ବରଣ କରିଥିଲେ । ସୁଖ, ପ୍ରେମ ଠାରୁ, କୌଣସି ଅସୁବିଧା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ନଥିଲା ଯାହା ତାଙ୍କ ପାଇଁ ସମାଧାନ ହୋଇପାରିବ ନାହିଁ, ଏପରି କୌଣସି ପ୍ରତିବଦ୍ଧତା ନାହିଁ ଯାହା ତାଙ୍କ ପାଇଁ ଏଡାଯାଇପାରିବ ନାହିଁ, ଯଦିଓ ସେ ମିଶ୍ରିତ ଭାବନା ଥିଲେ ମଧ୍ୟ ସେ ଶେଷ ପର୍ଯ୍ୟନ୍ତ ଠିଆ ହୋଇଥିଲେ ଏବଂ ସେ ତାଙ୍କୁ ଭଲ ପାଆନ୍ତି ।

ଯଦି ସବୁକିଛି ଶାନ୍ତି ଏବଂ ଆନନ୍ଦ ଅଟେ, ତେବେ ପ୍ରେମ କାମ କରିବା ସମ୍ଭବ ନୁହେଁ, ପ୍ରେମ ନିଶ୍ଚିତ ଭାବରେ କ୍ଷତବିକ୍ଷତ, ନିରାଶ, ଅଭିଶାପିତ, ଘୃଣା, କିନ୍ତୁ ତଥାପି ଭଲ ପାଇବ ।

ଦେବେନ୍ଦ୍ର ସାମଲ ୯୪୩୭୯୦୯୪୨୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଫେରିବାକୁ ହେବ

ଯଦି ଜୀବନରେ ୫୦ବର୍ଷ ଅତିକ୍ରମ ହୋଇସାରିଛି ତାହେଲେ ଫେରିବା ପାଇଁ ପ୍ରସ୍ତୁତି କରିବାକୁ ହେବ । ସମୟ ପୂର୍ବରୁ ନଫେରି ପାରିଲେ ହୁଏତ ୫୦ବର୍ଷ ଯାଏ ଯାହାସବୁ କରାହୋଇଛି ନିରର୍ଥକ ହୋଇଯିବ ।

ଫେରିବା କାହିଁକି ?

ଫେରିବା କୋଉଠିକୁ ?

ଫେରିବା କେମିତି ?

ଏତେସବୁ ପ୍ରଶ୍ନକୁ ଜାଣିବାପାଇଁ ଲିୟୋଟଲଷ୍ଟୟଙ୍କର ଏକ ଚମତ୍କାର କାହାଣୀକୁ ମାନେ ପକାଇବାକୁ ହେବ ।

ଜଣେ ଲୋକ ବହୁତ ଗରିବ ଥାଏ । ତା ପାଖରେ ରହିବାଲାଗି ସାମାନ୍ୟ ଭୂମି ମଧ୍ୟ ନଥାଏ । ତେଣୁ ସେ ସାହାଯ୍ୟ ମାଗିବାପାଇଁ ରାଜାଙ୍କ ପାଖରେ ପହଞ୍ଚିଲା । ରାଜା ଭାରି ଦୟାଳୁ ଥାଆନ୍ତି । ପ୍ରଜାମାନଙ୍କ ଆବଶ୍ୟକ ମୁତାବକ ସାହାଯ୍ୟ ସହାନୁଭୂତି କରନ୍ତି । ସେ ଲୋକଟିର କରୁଣ ପରିସ୍ଥିତି ବିଷୟରେ ଜାଣି କିଛି ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପଚାରିଲେ, କୁହ ତୁମର କଣ ଆବଶ୍ୟକ ?



ସୁଧାଂଶୁ ଶେଖର ଦ୍ୱିବେଦୀ

ଲୋକଟି କହିଲା, ମହାରାଜ ! ମୋ ପାଖରେ କିଛି ନାହିଁ । ନା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିବା ପାଇଁ ଘର ନା ଚଳିବା ପାଇଁ କିଛି ଭୂଖଣ୍ଡ ? ମୋର କିଛି ଭୂଖଣ୍ଡ ଦରକାର ଥିଲା ।

ରାଜା କହିଲେ, ଠିକଅଛି, ଆସନ୍ତା କାଲି ସକାଳେ ସୂର୍ଯ୍ୟୋଦୟ ପୂର୍ବରୁ ଏଠାକୁ ଆସିବ । ସୂର୍ଯ୍ୟ ଉଦୟ ହେବାକ୍ଷଣି ତୁମେ ଦୌଡ଼ିବା ଆରମ୍ଭ କରିବ । ଯେତେ ଦୂର ଯାଏ ଦୌଡି ପାରିବ ସେସବୁ ଭୂଖଣ୍ଡ ତୁମର ହେବ । କିନ୍ତୁ ମନେ ରଖିଥିବ ଯେଉଁଠାରୁ ତୁମେ ଦୌଡ଼ିବା ଆରମ୍ଭ କରିବ ସୂର୍ଯ୍ୟାସ୍ତ ସୁଦ୍ଧା ସେଇଠାରେ ଆସି ପହଞ୍ଚିବ । ଅନ୍ୟଥା ତୁମକୁ କିଛି ମିଳିବନାହିଁ ।

ରାଜାଙ୍କ କଥା ଶୁଣି ଲୋକଟି ଅନନ୍ତ ଖୁସିରେ ଆତ୍ମବିଭୋର ହେଲା । ରାତି ପାହି ସକାଳ ହେଲା । ସୂର୍ଯ୍ୟୋଦୟ ହେବା ସଙ୍ଗେ ସଙ୍ଗେ ଲୋକଟି ଦୌଡିବା ଆରମ୍ଭ କରିଦେଲା । ଦ୍ୱିପହର ଯାଏଁ ପୁରା ଦମରେ ଖୁବ ଦୌଡ଼ିଲା । ସୂର୍ଯ୍ୟ ମଥା ଉପରକୁ ଆସି ସାରିଥାଆନ୍ତି । ପରନ୍ତୁ ଲୋକଟି ତା ଦୌଡ଼ିବା ବନ୍ଦ କରୁନଥାଏ କି ଯେଉଁଠାରୁ ଆସିଛି ସେଇଠିକୁ ଫେରିବା କଥା କିଛି ଭାବୁନଥାଏ । ପୁରା ଶରୀର ଘର୍ମାକ୍ତ । ନିଃଶ୍ୱାସ ପ୍ରଶ୍ୱାସ ପ୍ରଖର । ଭୂଖଣ୍ଡ ପାଇବାର ଲୋଭ ତାକୁ ଗ୍ରାସି ସାରିଥାଏ । ଅଧିକ ହାସଲ କରିବା ଆଶାରେ ଆଗକୁ ଆଗକୁ ଅଣନିଃଶ୍ୱାସୀ ହୋଇ ଦୌଡୁଥାଏ । ପୁଣି ମନେ ମନେ କହିହେଉଥାଏ ଥରକର ପରିଶ୍ରମ ତାପରେ ସାରାଜୀବନ ଆରାମ ।

ସନ୍ଧ୍ୟା ହେବାକୁ ଆସନ୍ନ । ଲୋକଟିର ମନେପଡ଼ିଲା ଫେରିବାକୁହେବ । ନହେଲେ କିଛି ମିଳିବ ନାହିଁ । ସେ ଦେଖିଲା ଯେଉଁଠାରୁ ଦୌଡ଼ିବା ଆରମ୍ଭ କରିଥିଲା ସେଠାରୁ ବହୁଦୂର ଚାଲି ଆସିଲାଣି ।ଏବେ ତାକୁ ଫେରିବାକୁ ହେବ । କିନ୍ତୁ କେମିତି ? ସୂର୍ଯ୍ୟ ପଶ୍ଚିମ ଦିଗରେ ପହଞ୍ଚି ସାରିଥାଆନ୍ତି । ସମୟ ତା ଫେରିବା ଗତିଠାରୁ ଅଧିକ ତୀବ୍ର ଗତିରେ ଧାଇଁଥାଏ । ସେ ପୁରା ଶକ୍ତି ଖଟେଇ ଖୁବଜୋର ଦୌଡ଼ିବାକୁ ଲାଗିଲା । ତଥାପି ତାପାଇଁ ସମୟ ଅଭାବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଲା । ସୂର୍ଯ୍ୟୋଦୟ ସମୟରେ ଯେଉଁଠାରୁ ଦୌଡ଼ିବା ଆରମ୍ଭ କରିଥିଲା ସୂର୍ଯ୍ୟାସ୍ତ ସମୟରେ ସେଠାରେ ପହଞ୍ଚି ପାରିଲାନାହିଁ । ଅଧା ରାସ୍ତାରେ ଚିତପଟାଙ୍ଗ ହୋଇ ପଡିଗଲା । ଦେଖୁ ଦେଖୁ ତା ପ୍ରାଣବାୟୁ ଉଡ଼ି ଆକାଶରେ ମିଳାଇଗଲା ।

ରାଜା ଖବର ପାଇ ନିଜର ସହଯୋଗୀଙ୍କ ସହିତ ତା ମୃତ ଦେହ ପାଖରେ ପହଞ୍ଚି ଦେଖିଲେ ଲୋକଟି ଚିତମାତ ହୋଇ ପଡିଛି । ତାକୁ ସେ ନିର୍ଦ୍ଦେଶ କରି କହିଲେ, ତାର କେବଳ ୨ଗଜ ଭୂଖଣ୍ଡର ଆବଶ୍ୟକ ଥିଲା ।

ସମୟ ସହିତ ତାଳଦେଇ ଲୋକଟି ଫେରିପାରି ଥାଆନ୍ତା । କିନ୍ତୁ ଆଉ ଫେରି ପାରିଲାନାହିଁ । ଫେରିଗଲା ସେଇଠିକୁ ଯେଉଁଠାରୁ ଆଉ କେହି ଫେରିପାରନ୍ତି ନାହିଁ ।

ଯଦି ସେହି ଲୋକ ସ୍ଥାନରେ ନିଜକୁ ରଖି କଳ୍ପନା କରାଯାଏ ତାହେଲେ ଆମେବି ସେହିପରି ଭୁଲର ଶିକାର ହେଉନାହୁଁତ ? ଆମକୁ ଆମ ଆଶାର ସୀମା ଜଣାନାହିଁ । ୫୦ ପରେ ଆବଶ୍ୟକତା ସୀମିତ ହୋଇ ଯାଇଥାଏ ସତ ହେଲେ ମନ ମଧ୍ୟରେ ଆଶା ଅସୁମାରୀ । ଆଶାର ମୋହରେ ଅନ୍ଧ ହୋଇ ଆଉ ଫେରିବାକୁ ମନ ବାଳେନାହିଁ । ପୁଣି ଯେତେବେଳେ ଫେରିବାକୁ ମନେପଡେ ସେଇ ଲୋକଟି ଭଳି ଆମ ପାଖରେ ବି ସମୟ ନିଅଣ୍ଟ ହୋଇଯାଇଥାଏ ।

ଆଜି ଆମେମାନେ ସୁପର ଫାଷ୍ଟ ଗାଡି ଭଳି ଆଗକୁ ମାଡିଚାଲିଛୁ । ପଛକୁ ଫେରିବାପାଇଁ କାହାରି ମନରେ ଇଚ୍ଛାନାହିଁ । ଆମେ ଭାବି ପାରୁନାହୁଁ ସୂର୍ଯ୍ୟ ମଧ୍ୟ ସମୟ ସହିତ ତାଳ ଦେଇ ଆସନ୍ତି ପୁଣି ଫେରିଯାଆନ୍ତି ।

ଅଭିମନ୍ୟୁ ମଧ୍ୟ ଚକ୍ରବ୍ୟୂହ ମଧ୍ୟରୁ ଫେରିବା ଜାଣିନଥିଲେ । ଆମେ ସମସ୍ତେ ଆଜି ସେଇ ଅଭିମନ୍ୟୁଙ୍କ ପରି ଚକ୍ରବ୍ୟୂହ ମଧ୍ୟରେ ପଶି ତ ଯାଇଛୁ ହେଲେ ବାହାରିବାର ରାସ୍ତା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଣାନାହିଁ । ସତ୍ୟ ଏହା ଯେଉଁମାନେ ଫେରିବା ଜାଣିଛନ୍ତି ସେମାନେ ବଞ୍ଚିବା ଜାଣିଛନ୍ତି । ପରନ୍ତୁ ଫେରିବା ଏତେ ସହଜ ନୁହେଁ । ସମ୍ଭବତଃ ଟଲଷ୍ଟୟଙ୍କ କାହାଣୀର ସେହି ପାତ୍ର ଯଦି ଫେରିବାର ସମୟକୁ ଜାଣିପାରି ଥାଆନ୍ତା ତାହେଲେ ସୂର୍ଯ୍ୟାସ୍ତ ପୂର୍ବରୁ ନିଶ୍ଚୟ ଫେରିଆସି ଥାଆନ୍ତା !!!

ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୭୨୯୧୩୪୨୨୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ ୧୦ )

ଅଳଗା କରିଲି ନିଜ ହାତ ଖୋଲି
କହିଲି, "ବୀର ସଂସାର,
ଅନେକ ଶିଷ୍ୟଙ୍କ ଭିତରେ ଜନକ
ପ୍ରେମିକ ଏ ଆପଣାର ।"

ଅଙ୍ଗରକ୍ଷକ ଏ ଶୁଣି ମୋର କଥା
ଅଲୋଡ଼ା କହିଲେ ସ୍ଥାନ,
ଅଷ୍ଟଶିଷ୍ୟ ସାଥେ ଅନ୍ୟ ଶିଷ୍ୟ ଯେତେ
ଅଇଲେ ପାଖକୁ ଜାଣ ।

ଅତି ଆଦରରେ ପଦ ସ୍ୱର୍ଶ କରେ
କରି ନମସ୍କାର କଲେ,
ଅସୀ ଚାଲନାକୁ ଛାଡ଼ି ଯେ ସତକୁ
ଅନୁରୂପ ଆସିଗଲେ ।

ଅଧରରୁ ମୋର ବାହାରିନି ସ୍ୱର
ତୁନି ଦେଖୁଥାଏ ଏହି,
ଅନେକ ଶିଷ୍ୟଙ୍କ ହାତ ସ୍ୱର୍ଶକରେ
ପଦେ ମୋର ନଇଁଯାଇ ।

ଅଦୂରରେ ଅସୀ ସର୍ବ ଛାଡ଼ିଥିଲେ
ଅଙ୍ଗରକ୍ଷକ କହିଲେ,
ଅନୁମତି ଦେଇ ଶିଖିବାକୁ କହି
ଆଦେଶ ତହୁଁ ଦେଇଲେ ।

ଅଷ୍ଟଶିଷ୍ୟ ମଧ୍ୟେ ଦୁଇଙ୍କୁ ଆରାଧ୍ୟେ
ଶିଖେଇବେ ହାତ ଧରି,
ଅନୁସରି ସିଏ କରିବେ ତ କହି
ଛଅ ଶିଷ୍ୟଙ୍କର ପରି ।

ଅସୀ ଚାଳନାରେ ଲିପ୍ତ ଯେ ହେବାକୁ
ଅନ୍ୟକୁ ଆଦେଶଦେଲେ,
ଅଳ୍ପ ସମୟରେ ଫେରିବେ ତ କହି
ମତେ ଦୂର ଡାକି ନେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁସାରୀ ସାଜି ସାଥେ ଗଲା ମଧ୍ୟେ
କହିଛି ସମସ୍ତ ଚାହିଁ,
ଅଂହକୁ ମାରିବା ପାଇଁ କେବେ ଯିବେ
ପଚାରିଲି ପାଖେ ପାଇ ।
ଅଧରୁ ତାଙ୍କର ଝରିଲା ଉତ୍ତର
ସମୟ ଆସିଲେ ଯିବେ,
ଅଚିନ୍ତାରେ ଥାଅ ମତେ ତ କହିଲେ
ସମୟ ହେଲେ ମାରିବେ ।
ଅଜଣା ନଥିଲା ତାଙ୍କୁ ପଚାରିଲି
ମଣିମାଙ୍କ ସ୍ୱୟମ୍ବର,
ଅଦୂରରେ ବୋଲି ସିଏ ଶିଘ୍ର ଚାଳି
ଡାକିବେ କବିଙ୍କୁ ବର ।
ଅଳପ ସେ ହସି କହିଲେ ସେ ଖୁସି
ଦ୍ୱିଗୁଣା ହୋଇବେ ତେବେ,
ଅନୁରୂପ ମୋର ହେଲେ ବାହାଘର
ପିତା ମୋ ଚାହିଁବେ ଯେବେ ।
ଅଳୀକ ଏ କହି ପୂରୁବର ପାଇଁ
ପଚାରିଲି ସାଥେ ଚାଳି,
ଅନ୍ୟମନସ୍କରେ ସିଏ ତ ଅଧରେ
କହିଗଲେ ଏତେ ଖାଲି ।
ଅନୁରୂପ ମୋର ହେଲେ ବାହାଘର
ଭୁଲିବି କି ଡାକିବି ଯେ,
ଅତି ଆଦରରେ କହିଦେଲି ପରେ
ତାହାଙ୍କୁ ହେଲେ କହିବି ।
ଅଚିନ୍ତାରେ ଥିଲେ ମୋର ବାହାହେଲେ
ତାହାଙ୍କୁ ନିଶ୍ଚେ ଡାକିବି,
ଅନେକ ବରଙ୍କ ମଧ୍ୟେ ସ୍ୱୟମ୍ବରେ
ବରମାଳ୍ୟ ଅରପିବି ।
ଅଳୀକ ଏ କହି କହିଲେ ସେ ଚାହିଁ
ଅସମ୍ଭବ ମୋର କଥା,
ଅଚ୍ଛବ କୁଳରେ ଜାତ ହେଲାପରେ
ରହିଛନ୍ତି ତହିଁ ତଥା ।
ଅଧରରେ ତାଙ୍କ ଝରିଲା ଏଥର
କହିଲେ କାଲିକୁ ଯିବେ,
ଅତି ଆଦରରେ ବନ୍ଧୁଙ୍କୁ ମନେଇ
ଧରି ଏଠାକୁ ଆଣିବେ ।
(କ୍ରମଶଃ..)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଓଡ଼ିଶା ପୀଠ



ପ୍ରଣତି ପଣ୍ଡା

ଶୁଣିଛକି କେହି ଝରୁଥିବ ଯହିଁ
ଓଡ଼ିଶା ମାଟିର ସ୍ୱର୍ଗୀୟ ଚିହ୍ନ ,
ଜାତି ଭାଇ ପାଇଁ ଜୀବନକୁ ଦେଇ
ଧରମା ପରି'କେ ନେଇଛି ଜନ୍ମ ।

ଦେଖିଛକି କେହି ଆନ ଜାଗା କାହିଁ
ଠାକୁର ଓହ୍ଲେଇ ଆସନ୍ତି ରଥେ ,
ଭକତଙ୍କ ପାଇଁ ଦରଶନ ଦେଇ
ଜାତି ଭେଦଭାବ ଘୁଞ୍ଚାଇ ପଥେ ।

ବୁଝିଛକି କେହି ଗୁଣରେ ମୋହଇ
ଦେଶ ବିଦେଶରେ ନାମ କରଇ ,
ତାରକସୀ ଶିଳ୍ପ ଉତ୍ପାଦନ ଅଳ୍ପ
ତଥାପି ଆଦୃତ ବିଶ୍ୱରେ ଭାଇ ।

ସମ୍ବଲପୁର'ର ଅନୁପମ ରୂପ
ବସ୍ତ୍ରଶିଳ୍ପ ଯୋଗୁଁ ପ୍ରସିଦ୍ଧି କେତେ ,
ବିଶ୍ୱେ ଉଦ୍ଭାସିତ ରାଜ୍ୟ ନାମ ଖ୍ୟାତ
ଶିରେ ଘେନିବାକୁ ପଣତ ହାତେ ।

ମହୋଦଧି ଧୌତ ଧାମ ସେ ଅମୃତ
ଦାରୁ ବ୍ରହ୍ମ ରୂପେ ପୂଜେ ଜଗତ ,
ପୁଣ୍ୟ ଭୂମି ଆମ ଦେବ ଭୂମି ଆମ
ସୁନ୍ଦରତା ପାଇଁ ନିଜେ ଗର୍ବିତ ।

ସ୍ମରଣିକାର ଏ ପ୍ରତି ଅଧ୍ୟାୟରେ
ଅଚିରେ ଅମ୍ଳାନ ସମୃଦ୍ଧ ପାଠ ,
ଅତୀତ ଗୌରବ ଉତ୍କଳ ସୌରଭ
ଦିପ୍ତ ଭାସ୍ୱର୍ଯ୍ୟରେ ଓଡ଼ିଶା ପୀଠ ।

ଲୋଟସ୍ ଭିଲ୍ଲା, ବଙ୍କୁଆଳ,
ଟଙ୍କପାଣି ରୋଡ୍, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୪୩୭୦୧୯୭୬୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହେ ଉତ୍କଳ



କୃଷ୍ଣଚନ୍ଦ୍ର ବାରିକ

ହେ ଉତ୍କଳ !

ତୁମକୁ ଫାଳ ଫାଳ କରି

ଖୋଜା ଚାଲିଛି ଅପୂର୍ବ ଚାରୁକଳାର ଚିତ୍ରପଟ୍ଟ

ଧର୍ମପଦ ଦେହ ଓ କାଳିଜାଈ ଲୁହ

ବାଜି ରାଉତ ଓ ବିର୍ସା ମୁଣ୍ଡା ର ମୁଣ୍ଡ

ହେ ଉତ୍କଳ !!

ତୁମେ ଶିଖେଇଛ ଚଣ୍ଡାଳ କୁ ଧର୍ମ

ଦୟା ନଦୀ ରକ୍ତ ନୁହେଁ ଭକ୍ତି ର ପ୍ରେମ

ମଣିଷ ର ମର୍ମ ଓ ଧଉଳି ରେ ଶାନ୍ତିସ୍ତୁପ ଜନ୍ମ

ହେ ଉତ୍କଳ !!!

ତୁମେ ଦେଇଛ ଅର୍କ କ୍ଷେତ୍ର ଓ ଶ୍ରୀକ୍ଷେତ୍ର

ପ୍ରଥମ ସବିତାର ସ୍ପର୍ଶ ଓ ଶୂନ୍ୟାକାର ନେତ୍ର

ଶବର ସ୍ୱର୍ଗଦ୍ୱାର ଭକ୍ତର ସିଂହଦ୍ୱାର

ପ୍ରଭୁ ଜଗନ୍ନାଥ ...

ହେ ଉତ୍କଳ !!!!

ତୁମେ ପିନ୍ଧେଇଛ ପୟରେ ନୁପୁର ଘୁଂଗୁର

ଛଉ, ଚମ୍ପୁ ବାଦ୍ୟ ତାଳ ଓଡ଼ିଶୀର ସୁର

ପାଇକ ପ୍ରାଣରେ ପ୍ରସ୍ତୁତ ସିଂହ ସୁରବୀର

ହେ ଉତ୍କଳ !!!!!

ତୁମେ ପଢେଇଛ ଭାଷା ବର୍ଣ୍ଣବୋଧ

କବି କବୟିତ୍ରୀଙ୍କ ଅଗାଧ୍ୟ ପାଣ୍ଡିତ୍ୟ

ମାତୃଭୂମି ମାତୃଭାଷା ସବୁଠାରୁ ଶ୍ରେଷ୍ଠ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ ଉତ୍କଳ !!!!!

ତୁମେ ଗାଇଛ ଲଙ୍ଗଳର ଗୀତ

ମେଣ୍ଟେଇଛ ପଖାଳରେ ଭୋକ

ଗଢ଼ିଛ ଯାନିଯାତ୍ରା ପର୍ବ ନାଁରେ

ମଣିଷର ସମ୍ପର୍କ

ହେ ଉତ୍କଳ !!!

ଅସୀମ ଅନନ୍ତ  ତୁମ ଅନ୍ତରର ଗାଥା

ତୁମେ ଚିର ପୂଜିତା

ତୁମେ ଚିର ବନ୍ଦିତା

ତୁମ ମାଟି ମୋ ମଥାର ବିଜୟ ର ଟିକା

ରଜିବ, ବାଙ୍କୀ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଓଡ଼ିଶା



ଆଲୋକ କୁମାର ସାହୁ

ମୁଁ ଓଡିଆ, ମୋ ଜାତି ଓଡିଆ
　　ଗର୍ବରେ ଆଜି ଫୁଲାଇ ଛାତି,
ବିପଦେ ଆପଦେ ମାଡି ଚାଲଇ
　　ବର୍ଷା ହେଉ ଅବା ତାତି ।
କାଳିଆ ସାଆନ୍ତ ବଡ ଠାକୁର
　　ସଭିଁଙ୍କୁ ଆଶିଷ ଦେଇ,
ପିଠା, ପଣା ଏଠି ଜମେଇକି ଖାଉ
　　ଝୁମି ଝୁମି ଗୀତ ଗାଇ ।
ବାରମାସରେ ତେରପର୍ବ ଏଠି
　　ଏକାଠି ହୋଇ ପାଳନ କରୁ,
ଜାତି ଅଜାତିରେ ସମସ୍ତେ ନିଜର
　　ସଭିଁଙ୍କୁ ସମ୍ମାନ କରୁ ।

କେଡେ ସୁନ୍ଦର ରାଇଜ ମୋର
　　କେଡେ ମିଠା ମୋ ଭାଷା,
ମୋ ମା , ଜନ୍ମଭୂମି ଆଉ ଜନ୍ମସ୍ଥାନ
　　ଏଠି ସଭିଙ୍କୁ କରେ ଭରସା ।
ନାନା ଜାତିର ଖାଇବାରେ ଏଠି
　　ସଭିଙ୍କ ପେଟ ପୁରିଯାଏ ,
ପଖାଳ କଂସାଏ ଖାଇ ଦେଲେ ଥରେ
　　ଆତ୍ମା ତୃପ୍ତ ହୋଇଯାଏ ।
ସୁନ୍ଦର ତୃପ୍ତିର ଅବସାଦ ନାହିଁ,
　　ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ବିଧାରପୁର, ଗଡିଆ, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳ ଦିବସେ



ବାଲାଜୀ ସେଠୀ

ଜାତିରେ ଓଡ଼ିଆ ମାଟିରେ ଓଡ଼ିଆ
ଖ୍ୟାତିରେ ଓଡ଼ିଆବାସ
ମନଟା ଓଡ଼ିଆ ଅବଢ଼ା କୁଡୁଆ
ଭାଷା ତ ଶ୍ରୀଫଳ ଶସ ।
ମଧୁ ବାରିଷ୍ଟର ପଣ୍ଡିତ ପ୍ରବର
ଗୋପବନ୍ଧୁ, ନୀଳମଣି
ରାଜା ମହାରାଜା ଘେନି ଜ୍ଞାନୀ ପ୍ରଜା
ଉତକଳ ସମ୍ମିଳନୀ ।
ଟୁକୁଡ଼ା ଟୁକୁଡ଼ା ଗଡ଼ଜାତ ପଡ଼ା
ରାଜାଙ୍କ ଅଧୀନ ପ୍ରଜା
ସ୍‌ୱତନ୍ତ୍ର ଉତ୍କଳ ଗଢିବାରେ ମେଳ
ରାଜନେତା ସଙ୍ଗେ ରାଜା ।
ରାମଚନ୍ଦ୍ର ଭଞ୍ଜ ଦେଓ, କୃଷ୍ଣଚନ୍ଦ୍ର
ଗଉରୀ ଶଙ୍କର ରାଏ
ଫକୀର ମୋହନ ଗୋଦାବରୀ(ଶ) ନାମ
ଆମ ପରିଚୟ ଦିଏ ।
ସଂଗ୍ରାମର କ୍ଷଣ ଅକଥ କଷଣ
ଜାତି ପାଇଁ ବଳିଦାନ
ଭାଷାର ଭିତ୍ତୀରେ ପହିଲେ ଦେଶରେ
ଓଡ଼ିଶା ହେଲା ଗଠନ ।
ପୂର୍ବ ସୂରୀ ପୂଜ୍ୟ ଟେକି ଦେଲେ ରାଜ୍ୟ
ରଖିବାକୁ ସୁରକ୍ଷିତ
ପ୍ରୀତି ଅପରାଗ ହେଲା ଅପାରଗ
ପ୍ରତିବେଶୀ ପ୍ରଲୋଭିତ ।
ମାଟିରୁ ମହକ ଶଶୀରୁ ମୟୂଖ
ଛାଡ଼ିକି ପାରିବ ରହି
ଥାଅ ଯେତେ ଦୂରେ ଉତ୍କଳ ଭୂମିରେ
ତୁମେ ଆମେ ଭାଇ ଭାଇ ।
ଭୁଲି ଜାତିଭେଦ ଭାଷାର ବିଭେଦ
ଇର୍ଷାରେ ନହୋଇ ବାଇ
ଉତ୍କଳ ଦିବସେ ନାଚ ହେ ହରଷେ
ଛାତିରେ ଛାତି ମିଶେଇ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳ ଦିବସ



ସେବକାନ୍ତ ନନ୍ଦ

ସ୍ୱତନ୍ତ୍ରତା ପାଇଁ    ଓଡ଼ିଶା ମୋ ଦେଶ
କରିଥିଲା ସେ ପ୍ରୟାସ
ତା'ର ଶ୍ରମେ ଆଜି ଏ ରାଇଜ ଜନ
ସୁଖେ କରୁଛନ୍ତି ବାସ ।
ଧନ୍ୟ ତୁମ୍ଭେ ବୀର ଦେଇଛ ଜୀବନ
ଉତ୍କଳ ଗଠନ ପାଇଁ
ତୁମ ଶ୍ରମ ଆଜି    ସାର୍ଥକ ହୋଇଛି
ଉତ୍କଳ ଗୌରବ ହୋଇ ।
ଇଂରେଜ ପ୍ରହାର  ହୃଦେ କରି ହାର
ସାହସ ଯେ ଦେଖାଇଲ
ତୁମ ବୀରପଣ    ଯୁଗେ ଯୁଗେ ଖ୍ୟାତ
ଯଶକୀର୍ତ୍ତି ରଚାଇଲ ।

ଜୟୀ ରାଜଗୁରୁ    ହେ ବୀର ସୁରେନ୍ଦ୍ର
ଉତ୍କଳର ବରପୁତ୍ର
ଇଂରେଜ ହାତରେପରାଣ ତେଜିଲ
ଯଶ ରଖିଲ ସର୍ବତ୍ର ।
ଧନ୍ୟ ଧନ୍ୟ ତୁମେ ଉତ୍କଳର ବୀର
ଧନ୍ୟ ଧନ୍ୟ ତୁମ୍ଭ ଶକ୍ତି
ତୁମ୍ଭ ଗୁଣଗାନ    ବର୍ଣ୍ଣିବାକୁ ହେଲେ
ନାହିଁ ମୋର ପାଖେ ଶକ୍ତି ।
ଦେଖାଇ କୌଶଳ ଗଢ଼ିଲ ଉତ୍କଳ
ଇଂରେଜ ଛାଡ଼ିଲା ଦେଶ
ଏପ୍ରିଲ ଏକରୁ        ସ୍ୱତନ୍ତ୍ର ହୋଇଲା
ପାଳି ଉତ୍କଳ ଦିବସ ।

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମଲ୍ଲାଡ଼,
ଗଞ୍ଜାମ ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହସି ହସାଇବା



ରାଜକିଶୋର ସ୍ୱାଇଁ

ଆସ ଆସ ମୋର ଭଉଣୀ ଭାଇ
ପାଳିବା ସଭିଏଁ ଏକାଠି ହୋଇ ।
ଏପ୍ରିଲ୍ ମାସର ପହିଲା ଆଜି
ଫୁଟାଇବା ଆମେ ଆତସବାଜି ।
ଆଜି ଆମ ରାଜ୍ୟ ଜନମଦିନ
ଅରପିବା ଆମେ ଶ୍ରଦ୍ଧା ସୁମନ ।
ପାଦତଳେ ତା'ର ଢାଳି ପ୍ରଣତି
ଭକ୍ତିରେ ଗାଇବା ମଙ୍ଗଳ ଗୀତି ।
ବଙ୍ଗଳା, ବିହାର ଠାରୁ ଓଡ଼ିଶା
ଏହିଦିନ ହୋଇଥିଲା ଅଲଗା ।
ପ୍ରଥମ ପ୍ରଦେଶ ଭାବେ ଦେଶରେ
ଗଢ଼ା ହୋଇଥିଲା ଭାଷା ଭିତ୍ତିରେ ।

ଏଥିପାଇଁ ମହା ମନିଷୀଗଣ
ଭୋଗିଥିଲେ ପରା ବହୁ କଷଣ ।
ସେମାନଙ୍କ ତ୍ୟାଗ ସାଧନା ପାଇଁ
ପାଇଛେ ସ୍ୱତନ୍ତ୍ର ଓଡ଼ିଶା ଭୂଇଁ ।
ଆମ ଜନ୍ମଭୂଇଁ କେଡ଼େ ମହାନ
କେ ଆଉ ହୋଇବ ତା'ର ସମାନ ।
ମିଶି ଆମେ ତା'ର ରଖିବା ଟେକ
ହସି ହସାଇବା ସାରା ମୂଲକ ।

ଅବସରପ୍ରାପ୍ତ ଉପଆରକ୍ଷୀ ଅଧିକ୍ଷକ
ନୂଆପଡ଼ା, ନୂଆବଜାର, କଟକ - ୭୫୩୦୦୪
ଭ୍ରାମ୍ୟଭାଷ : ୯୪୩୭୪୪୭୦୪୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜନମ ମାଟି



ରୋହିତ୍ ସେଠୀ

ମାତୃ ଗରଭୁ ଜନମ ହୋଇ
ଡାକିଲି କୁଆଁ କୁଆଁ
ମାଆର କୋଳେ ଜହ୍ନ ଦେଖିଲି
ପାଇ କୋମଳ ଛୁଆଁ ।

ପହିଲି ପାଦ ପଡ଼ିଲା ଯେବେ
ଏଇ ମାଟିର ବକ୍ଷେ
ଅଳି ଅଝଟେ ନାଚି ଡେଇଁକି
ବଢ଼ିଲି ମୁହିଁ ସୁଖେ ।

ପାଣି ପବନ ଗଛର ଫଳ
ଶକତି ଦେଲା ମୋତେ
ବିଲ ପାହାଡ଼ ପରିବେଶରୁ
ଶିଖିଲି କଥା କେତେ ।

ଧାଇ ମା' ପରି ଧାରଣ କଲା
ଦୁଃଖ ଯାତନା ସହି
ପ୍ରତିବଦଳେ ମୋ' ଠାରୁ କିଛି
ଆଶା ତ କରି ନାହିଁ ।

ସରଗ ପୁର ସିଏ ମୋ ପାଇଁ
ତାକୁ ଭୁଲିବି ନାହିଁ
ମରଣ ଯାଏଁ ତାହାରି ଯଶ
ତୁଣ୍ଡେ ମୁଁ ଯିବି ଗାଇ,

ପିଲା ଦିନର ଜୀବନ୍ତ ସ୍ମୃତି
ସାଇତା ମୋର ସେଠି
କେମିତି ତା'କୁ ପାଶୋରି ଦେବି
ସେ ତ ଜନମ ମାଟି..... ।

ଶିକ୍ଷକ, ଖଜୁରୀପଡ଼ା,କନ୍ଧମାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ମାତୃଭାଷା



କାଳୀଚରଣ ମହାରଣା

ଜନନୀ ଅଧରୁ ପଢ଼ିଲେ ଶିଖିଲି
ସୁଧାମୟ ଯେଉଁ ଭାଷା,
ଯା' ପାଇଁକି ଆଜି ଶିକ୍ଷିତ ବୋଲାଏ
ଦେଖେ କେତେ ନୂଆଁ ଆଶା ।
ଅକ୍ଷର ଯାହାର ଭାରି ମନୋହର
ସରଗ ଚାନ୍ଦଠୁ ବଳି,
ଜୀବନଠୁ ବଳି ଭଲପାଏ ତାକୁ
ହୃଦୟ ଦୀପକୁ ଜାଳି ।
ମୋ ଭାଷା ସାଧକ ସନ୍ଥ ଭୀମଭୋଇ
ଲେଖନୀରେ ଦେଲେ ଗାର,
ଜୀବନ ପଛକେ ନର୍କଗାମୀ ହେଉ
ଜଗତ ହେଉ ଉଦ୍ଧାର ।

କବି ଉପଇନ୍ଦ୍ର ରାଧାନାଥ ରାୟ
ମଧୁ ଗଙ୍ଗା ସେନାପତି ,
ପଞ୍ଚସଖା ଯା'ର ଭାଷାର କିରତୀ
ରଚିଗଲେ କାବ୍ୟଗୀତି ।
ପ୍ରତି ପଦେ ପଦେ ଅଙ୍କୁରିତ ଯା'ର
ସଂସ୍କୃତିର ଜୟଗାନ,
କୀରତି ମଣ୍ଡିତା ସଦା ପ୍ରଜ୍ୱଳିତା
ହେବନାହିଁ ସେ ବିଲୀନ ।
ଗରବେ କହୁଛି ଗରବେ କହିବି
ଓଡ଼ିଆ ମୋ ମାତୃଭାଷା ,
ଜୀବ ଥିବା ଯାଏ ସଦା ଗାଉଥିବି
ମୋ ଭାଷାର ଜୟଘୋଷା ।

ବର୍ତ୍ତିନୀ, ପୋଲସରା, ଗଞ୍ଜାମ
ଭ୍ରାମ୍ୟଭାଷ : ୮୨୪୯୨୪୫୦୯୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅମୃତ ମୁଁ ଅତିମାନସର



ଶିବ ନାରାୟଣ ଦାସ

ତୁମେ ଯଦି ଆସ କେବେ ତାରକିତ ଆଖି ମଳି ମଳି ଅସଂବୃତ ମୋ  ମନ ଆକାଶେ,

ତୁମେ ଯଦି ଆସ କେବେ କଦମ୍ବର କାଦମ୍ବରୀ ସାଜି ପ୍ରାବୃଟର ତୁହିନ ଆଶ୍ଳେଷେ,

ଭରିବାକୁ ମୋ ମାନସେ  କାମନା ଉଛ୍ଵାସ -

ଜୀବନର ଯୌନ ଅଧିବାସ,

ଦେଖିବ ଗୋ ମୋତେ ସହି ରୁଦ୍ର ଅପଘନେ,

ଅନନ୍ତ ଶୟନ ପରେ -

ଜ୍ୟୋତିର୍ମୟ ମନୋତୀତ ଭୁବନ ଭବନେ ।

ତୁମେ ଯଦି ଢାଳ କେବେ ଜୋଛନାର ସୁସ୍ନିଗ୍ଧ ପରଶ କୁସୁମିତ ମୋ ହୃଦ- ଉଦ୍ୟାନେ,

ତୁମେ ଯଦି  ଜାଳ ପୁଣି ନର୍ତକୀର ନଗ୍ନ ଅଭିସାର ତନୁ ମନେ ଶୟନେ ସ୍ୱପନେ,

ଗାଇବାକୁ ପ୍ରାଣେ ମୋର ସେ ଆଦିମ ଛନ୍ଦ

ବାସନାର ଉଗ୍ର ମଧୁଗନ୍ଧ,

ଶୁଣିବ ସଜନୀ ଆଗୋ ଅମୃତ ଝଂକାରେ

ସୃଜନ ବଂଶୀର ମମ ମନ୍ତ୍ରମୟୀ ସୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିନାଦିତ ହୃଦେ ମୋର ପ୍ରଣବ ଓଁକାରେ ।

ତୁମେ ଯଦି ହସ କେବେ ଅଧର ଥରାଇ, ଜଗାଇ ବେପଥୁ,

ଅପଘନ କମ୍ପନେ ହିଲ୍ଲୋଳିତ ମୋ ତନୁ ଚୁମ୍ବନେ,

ତୁମେ ଯଦି ଆସ କେବେ ଭ୍ରୁରୁ ଚମକାଇ ଉର୍ବଶୀ ଗୋ

ନର୍ତନର ଶିଞ୍ଜିନି ଗୁଂଜନେ

ସିଞ୍ଚିବାକୁ ଅଙ୍ଗେ ମୋର ଅନଂଗର  ଜ୍ୱାଳା

ଅତନୁର ସର୍ପିଳ ଚପଳା,

ଜାଣିବ ଗୋ ସଖି ତୁମେ ମୃତ୍ତିକାର ନୁହେଁ ଜଡ ପିଣ୍ଡ,

ଦେହାତିତ - ପ୍ରଜ୍ୱଳିତ

ସାଗ୍ନିକ ଯୌବନ ମୋର, ଦୀପ୍ତ ମୁଁ ଯେ ପ୍ରଖର ମାର୍ତଣ୍ଡ  !

ତୁମେ ଯଦି ଆସ ଥରେ ମୋର ଲୀଳା କୁଞ୍ଜେ ଶୁଣିଯିବ ମୋ ବେଣୁ ବାଦନ,

ବିଷ୍ଣୁ ମୁଁହି ଗୋଲକ ବିହାରୀ, ସତ୍ୟ ସନାତନ.

ଲୀଳାମୟ ପରମ ସ୍ରଷ୍ଟା ମୁଁ, ମୋ ମାୟାକୁ କରି ବିଭାସିତ

ବହୁଧା ବିଭକ୍ତ ମୁହିଁ ମୋ' ଛନ୍ଦରେ ମୁଁ ଥିଲି ଛନ୍ଦିତ

ଆଜି ପୁଣି ଅଜ୍ଞାନର ସୀମାରେଖା ଡେଇଁ ଅବିଦ୍ୟାର ପ୍ରକୋଷ୍ଠରୁ ହୋଇଛି ଉଦିତ.

ମୁଁ କରିଛି ମୋର ରୂପାନ୍ତର

ଦେହ, ପ୍ରାଣ, ମାନସର ତ୍ରିବିକ୍ରମ ମୁହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକଶିଛି ହୋଇ ବୈଶ୍ୱାନର ।

ତୁମେ ଯଦି ଆସ ଆଗୋ ଶର୍ବରୀର ନିର୍ବାବନ୍ଧ ଫେଇ,

ଉଷାର ଝଲକେ

ଆଶାର ପୁଲକେ

ଦେଖିବାକୁ ପୂର୍ବାଷାରେ ନବ ସୁର୍ଯୋଦୟ,

ଅତିକ୍ରମି ତେବେ ତୁମ

କୁସୁମିତ ଏ ତନୁ ବଲ୍ଲରୀ

ଦଗ୍ଧ କରି ପ୍ରାଣର ସେ ଉଦଗ୍ର କାମନା,

ପୋଛିଦେଇ ମନ ତଳୁ ପ୍ରଣୟ ଜୋଛନା -

ମଧୁ ଯାମିନିର,

ଧୂସର ଉଷର ଡେଇଁ ନିଅ ତୁମେ ଅମୃତର ବଜ୍ର ଉପହାର,

ପ୍ରବୃଦ୍ଧ ମୁଁ ସଜ୍ଜିଅଛି ଯାହା

ନୈବେଦ୍ୟ ଅତିମାନସର ।

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍ସ୍)

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍

ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍ସ୍

ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାଇ

ନୂଆ ଦିଲ୍ଲୀ : ୧୧୦୦୧୬

ଫୋନ୍ : ୨୬୮୫୯୦୬୩, ଭ୍ରାମ୍ୟଭାଷ : ୯୯୧୦୨୪୬୫୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୟ ଜଗନ୍ନାଥ



ଅର୍ଜୁନ ଦାସ

ସକଳ ଚିନ୍ତନ ତୁମଠୁ ଆରମ୍ଭ
ତୁମ ପାଖେ ହୁଏ ଶେଷ
ତୁମ ବିନା ଅଖ ଚଖ ଚାଲେ ନାହିଁ
ହୁଏନି ଜୀବନ ଶେଷ ।।
ତୁମ ବିନା ଫୁଲ ପତ୍ର ହଲେ ନାହିଁ
ଚଳେ ନାହିଁ ତିଳେ ଘଟ
ବସନ୍ତେ ମଳୟ ପବନ ବହେନା
ସବୁ ପ୍ରଭୁ ତୁମ ନାଟ ।।
ଆହେ ବିଶ୍ୱପିତା ନୀଳାଚଳ ବାସି
ସକଳ ତୁମ ପ୍ରୟରେ
ଏଇ ମୋର ଦିନ ସରି ଯାଉ ପ୍ରଭୁ
ତୁମ ର ପଦ ସେବାରେ ।।

କଟକ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ କେଶବ



ଲୋପାମୁଦ୍ରା ପରିଡ଼ା

ହସ୍ତେ ଧରି ତୁଳସୀଦଳ
କୃଷ୍ଣ ପାଦେ ଥାପି କମଳ
ଦୟଣା ଗଭାରେ ଖୋସା
ନୟନେ ଜଳ ଭରିଣ
ମନକୁ କରି କୋମଳ
ଶ୍ରୀ ଚରଣେ ରଖି ଲୟ
ଆରମ୍ଭିଲି ଶ୍ୟାମ ନାମରେ
ହୃଦୁ ତେଜିଣ ଭୟ ।
ଆହେ ଭବତାରଣ,
ହେ କେଶବ !

ଜୀମୂତ ସମ ନୀଳ ଆଭା
ପଙ୍କଜାରୁଣାଧାର
ପଙ୍କଜିନୀ ସେବେ ପୟର
ପଙ୍କଜନୟନ
ପଳାସ ପତ୍ର ସମ ତନୁ ତବ
ଅର୍ଚ୍ଚଇ ବାରବାର
ଭବ ପଙ୍କ ଉଦ୍ଧାରଣ
ଆହେ କ୍ଳେଶହରଣ
ହେ କେଶବ !

ଅଦ୍ୱିତୀୟ ପରିପ୍ରକାଶ
ଶ୍ରୀ ମୟୀ ଶ୍ରୀ ରାଧା
ଶୁଭ୍ର ଆଭୂଷଣେ ସଜ ହେ
ତୁମେ କୃଷ୍ଣ ଗୋବିନ୍ଦ
ପୂର୍ଣ୍ଣ୍ୟଲୋକେ ପୂର୍ଣ୍ୟଗନ୍ଧା ସେ
ନୀରବ ତପସ୍ୱିନୀ
ନିଶ୍ୱ କରି ନିଜ ମନକୁ
ପଥପ୍ରାନ୍ତ ସକଳ
ଖୋଜେ ଅରଣ୍ୟବନ
ସାଜି ପୂଜାରିଣୀ
ହେ କେଶବ !
ପ୍ରେମୋଲ୍ଲାସ
ପଦ୍ମପତ୍ରାୟତ ନେତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପକ୍ୱ ବିମ୍ୱ ଅଧର
ହର୍ଷୋପ୍ଲାବିତ ଏ ମହି ତୁମ୍ଭର
ହୋଇ ହର୍ଷୋଉଲ୍ଲାସ
କ୍ରିଡା କରୁଥାଅ ନାଥହେ
ତୁମେ ଭକ୍ତି କାରଣ
ହେ କେଶବ !

ଆରାଧକ ତିନି ମଣ୍ଡଳ
ଆରାଧ୍ୟ ଏକ ତୁମେ
ଭୁବନ ଭାବନ ଦାସ ହେ
ତବ ଶ୍ରୀ ଚରଣ
କର ପ୍ରସାରି କରେ ଯାଚନା
ହୋଇ ନିରାଭିମାନ
ଆହେ କଳ୍ପବଲ୍ଲରୀ
ଶ୍ରୀମୁଖ ମାଧୁରୀ ରେ ଢାଳି ଆଶିଷ
କର କୃତାର୍ଥ
ହେ କେଶବ !

କ୍ଷିରାବ୍ଧିତନୟା ସେବୁଥାଇ
ତବ ପଦଅମ୍ବୁଜ
ସକଳ ଜୀବେ ନାଥହେ
କର ତିତିକ୍ଷା ଦାନ
ନାଶ ଯାଉ ଅରିକୁଳ ହେ
କରୁ ଏତିକି ଅଳି
ତୁମ୍ଭ କୃପା ପାରାବାରେ ପାରି କରାଇ
କର ଚମତ୍କୃତ
ନାଥ ଜଗତନାଥ
ଆହେ ପ୍ରୀତିଆଶିଷ
ହେ କେଶବ !

ସକଳ ଅଣ୍ଡକୋଷ
ଭାସେ ବିପଦେ
ଆହେ ଆପଦବନ୍ଧୁ
କର ତ୍ରାହି, କର ତ୍ରାହି ହେ
ତିଳେ ହୋଇ ସଦୟ
ତୁମେ ହି ଗତି
ଆହେ ପ୍ରାଣକୃଷ୍ଣ
ହେ କେଶବ !

ବାଙ୍ଗାଲୋର ୯୭୩୧୦୫୭୦୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଥାକୁହା ଦିଅଁ



ଗୁପ୍ତେଶ୍ୱର ଚାନ୍ଦ

କଥା କୁହା ଦିଅଁ ଥାଉଁ
କିମ୍ବା କାଷ୍ଠ ପାଷାଣ ।
ପୂଜିବୁ ତୁ କାହିଁ ପାଇଁ
ଆରେ ପାଗଳା ମନ ।।୧

ଦେଖ ଯା' ବଗାର ଧାମେ
ବସି ବାହୁ ମେଲାଇ ।
କି ସରାଗେ ଭକତଙ୍କୁ
ନେଉଛନ୍ତି କୋଳେଇ ।।୨

ଅବ୍ୟକ୍ତ ରୁ ବ୍ୟକ୍ତ ହୋଇ
ଖେଳୁ ଛନ୍ତି କି ରଙ୍ଗେ ।
ଅପୂର୍ବ ଠାଣି ଚାହାଣୀ
ଚାହୁଁ ଛନ୍ତି କି ଢଙ୍ଗେ ।।୩

ଥରେ ଯେ ଅନାଇ ଦେଲା
ଅଠା କାଠି ପରିକା ।
ତା ମନ ଟି ଯିବ ଲାଖି
ଚାହିଁ ହେବ ଜଳକା ।।୪

ମିଠା ମିଠା ହସ ତାଙ୍କ
ମନ ନିଏ ରେ କିଣି ।
କୋମଳ କଥା ପଦକେ
ତାଙ୍କୁ ଯିବ କେ ଜିଣି ।।୫

ଦେଖିଲା ମାତ୍ରେ ଜାଣନ୍ତି
ମନ କଥା ସବୁରି ।
ତାଙ୍କ ନୟନ ଜାଲ ରୁ
ଯିବ କେହୁ ଉବୁରି ।।୬

ଯେତେ ଦୂରେ ଥିଲେ ସିଏ
ଦୁଃଖୀ ଡାକ ଶୁଣନ୍ତି ।
ଅନ୍ତର ପାତର ନାହିଁ
ସଭିଙ୍କି ଭଲ ପା'ନ୍ତି ।।୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖନ୍ତି ନି ଦୋଷ ଗୁଣ
ସାଧୁ ଚୋର ସମାନ ।
ଖୋଜନ୍ତି ନି କାହା ଠାରୁ
କେବେ ମାନ ସମ୍ମାନ ।।୮
ଭେଦ ଭାବ ନାହିଁ ହୃଦେ
କରୁଣା ର ସଘନ ।
ଲୋଡ଼ିଲେ ମିଳିବେ କାହୁଁ
ଏ ଚଉଦ ଭୁବନ ।।୯
ସରଧା ରେ ଥରେ ତାଙ୍କ
ପାଦ ପଦ୍ମେ ଲୋଟିଯା
ଏ ସୁଯୋଗ ପାଇବୁନି
ବୋଲ ମୋର ମାନିଯା ।।୧୦
ଝୁରି ମରୁ ଛନ୍ତି କେତେ
କେତେ ଯେ ବ୍ରହ୍ମ ଜ୍ଞାନୀ ।
ଆଦି ଅନ୍ତ ନ ପା ଆ ନ୍ତି
ଯୋଗୀ ତପସ୍ୱୀ ମୁନି ।।୧୧

କର ଦର ଶନ ଯାଇ
ଆରେ ଭୁଲା ର ମନ ।
କର ପତ୍ର ଯୋଡ଼ି ପ୍ରେମେ
କର ପ୍ରଭୁ ଭଜନ ।।୧୨
ମାୟା ଜାଲେ ନ ପଡିତୁ
ବୀଜମନ୍ତ୍ର ମନନ ।
କର କର ନିରୀକ୍ଷଣ
ଡାକ ଦିଏ ସମନ ।।୧୩
ସମୟ ସଦୁପଯୋଗ
କଲେ ହେବୁ ମହାନ ।
ଜୀବନ ହୋଇବ ଧନ୍ୟ
ଘେନ ହିତ ବଚନ ।।୧୪
ଶ୍ରୀ ରଙ୍ଗା ଚରଣେ ଚିତ୍ତ
ନିବେଶ ନିରନ୍ତର ।
ଏ ଭବ ସଂସାରୁ ଯେବେ
ସହଜେ ହେବୁ ପାର ।।୧୫

ଗ୍ରା/ପୋ: ସମା ସିଂହା ।
ଜିଲ୍ଲା: ଝାରସୁଗୁଡ଼ା,ମୋ. ୭୬୮୩୮୪୧୦୭୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ



ସୁଧାଂଶୁ ଶେଖର
ପ୍ରଧାନ

ସମର୍ପିଛି ଜୀବନ ମୋ ଯାହାର ପୟରେ
ପଥ ଅନ୍ୱେଷଣ କରେ ଯାହା ଚିନ୍ତନରେ,
ଶ୍ରେଷ୍ଠ ମୋର ଗୁରୁ ସିଏ ଅଟନ୍ତି ମହାନ
ଲଭନ୍ତିକି ତାଙ୍କ ପଦ ପଙ୍କଜ ଦର୍ଶନ ।

ଆଦର୍ଶନିୟ ବାର୍ତ୍ତା ତାଙ୍କ ଯିଏ ଚଳେ ମାନି
ହୁଏ ଭଵିଷ୍ୟତେ ସିଏ ଉଚ୍ଚତର ଜ୍ଞାନୀ,
ତାଙ୍କ ଜ୍ଞାନ ରଶ୍ମି ଯହିଁ ଅଟେ ଅମାପ
ପାଇବାକୁ କୃପା ତାଙ୍କ କର ଘୋର ତପ ।

ମୂର୍ତ୍ତି କାର ଅଟନ୍ତି ସେ ଆମେ ଅଟୁ ମାଟି
ସତ୍ୟ ,ଧର୍ମ ,କରୁଣାର ଅଟନ୍ତି ସେ ଝାଟି,
ନାୟ୍ୟ ର ସୁରୁଜ ଯେ ମର୍ତ୍ତ୍ୟ ମଣ୍ଡଳରେ
ପାନ୍ତର ଅନ୍ତର ନାହିଁ ବିଦ୍ୟାର୍ଥି ମନରେ ।

ବଟ ବୃକ୍ଷ ପରି ଯିଏ ଅଟଳ ନିଶ୍ଚଳ
ମନ ତାଙ୍କ ନଦୀ ପରି ଶୀତଳ ର ନୀର,
ପତ୍ର ପରି ସବୁଜ ସେ ଚନ୍ଦ୍ର ପରି ସ୍ୱଚ୍ଛ
ଗରିମା କି ବୁଝିପାରେ ଏ ମଣିଷ ତୁଚ୍ଛ ।

ଦୀପ ପରି ଉଜ୍ୟୋଳ ରେ ଆଲୋକିତକରି
ଅନ୍ଧକାରି ଅଜ୍ଞାନୀ କୁ କରନ୍ତି ସେ ପାରି,
ବିଦ୍ୟା ର ଭଣ୍ଡାର ସିଏ ବିଦ୍ୟା ଗନ୍ତାଘର
ମାନସରେ ତହିଁ ଭରେ ଜିଜ୍ଞାସା ର ନୀର ।

ଶ୍ରେଷ୍ଠ ରତ୍ନ ଅମୂଲ୍ୟ ତା ମୂଲ୍ୟ କାହିଁପାଇଁ
ସୁନା ରୂପା ତ ଆଗର ମୂଲ୍ୟ କିଛି ନାହିଁ,
ଗୁରୁ ଗୁରୁମାତା ଙ୍କ ପଙ୍କଜ ଦୃଷ୍ଟିରୁ
ବେତମାଡ ଖାଇ ଆମ ଦୋଷ ଦୂର କରୁ ।

ସୋଲଗଡିଆ, ଢେଙ୍କାନାଳ, ୮୭୬୩୦୯୨୧୩୦

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଗୁରୁ ଗାଥା



ସୁଦର୍ଶନ ସାହୁ

ମନେପଡେ ଆଜି ମୋର ସେଇ ପୁରାଣ କଥାର
ବର୍ଣ୍ଣନା କରାଯାଇଛି ଗୁରୁଙ୍କୁ ଈଶ୍ୱରଙ୍କ ଈଶ୍ୱର
ଜ୍ଞାନ ପାଇଁ ସେଦିନ
ଅବଧୂତ କରିଥିଲେ ଚବିଶ ଗୁରୁ
ମାତ୍ର ଆପଣ ଅଟନ୍ତି ସେ ସବୁର ସମାହାର
ତେଣୁ ସସମ୍ମାନେ ଏ ଅଜ୍ଞାନୀ
ତୁମ୍ଭଙ୍କୁ କରେ ନମସ୍କାର
ଆପଣ ନୁହଁନ୍ତି କେବଳ ଅଧ୍ୟାପକ
ଏ କଲେଜର
ଅଟନ୍ତି ଆପଣ ଭାଇ,ବନ୍ଧୁ, ସଖା ଆମ୍ଭର
ମନେପଡେ ସେଇ କଥା
ହାତେ ଚକ ଖଡି ଓ ଡଷ୍ଟର ଧରି
କହୁଥିଲ ଯେଉଁ କଥା –
" ଏ ସଂସାରର ବିପଦକୁ
ନିର୍ଭିକ ଭାବେ ସାମ୍ନା କରିବାକୁ
ଦେଉଥିଲ ନାନା ଉଦାହରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାନା ଉପଦେଶ

ନିଜ ଅଭିଜ୍ଞତା ମିଶା ସାହିତ୍ୟର କଥା ।"

ଆପଣଙ୍କ ଗୁଣ ଗାଥା କହିଲେ ନସରେ

କି ବର୍ଣ୍ଣିବି ଆଉ ଭାଷା ମୁଁ ନ ପାଏ

ପ୍ରେରଣା ଦେଉଥିଲ ତୁମ୍ଭେ

ନୂଆ ଗପ,ଗୀତ, ବହି ପାଠ ପାଇଁ

ନୂତନ ଶୈଳୀରେ ଏସବୁ ରଚନା କରିବା ପାଇଁ

ହେ ଆଚାର୍ଯ୍ୟ

ଆପଣ ହେଉଛନ୍ତି ଈଶ୍ୱରଙ୍କ

ଦ୍ୱିତୀୟ ଅବତାର

ସୁଦର୍ଶନର ଦୋଷ ତ୍ରୁଟି ଥିଲେ, କ୍ଷମା କର ।।

ଓଡ଼ିଆ ବିଭାଗ

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ

ଦୂରଭାଷା-୭୦୦୮୫୯୯୮୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫେରିଛି ବସନ୍ତ



କୁମୁଦ ବନ୍ଧୁ ନାଏକ

ପ୍ରକୃତି ରାଣୀର  ବାହାଘର ହେବ,
ଏହି ଖବରଟା ପାଇ ।
ବରଷକ ପରେ  ଫେରିଛି ବସନ୍ତ
ସେହି ବନ୍ଦୋବସ୍ତ ପାଇଁ ।

ବଧୂ ବେଶେ ତାକୁ ସଜେଇ ଦେଇଛି
କି ସୁନ୍ଦର ମନଲୋଭା ।
ନାନା ଜାତି ପୁଷ୍ପ  ଗୁନ୍ଥି ଦେଇ ପୁଣି
ବାନ୍ଧି ଦେଇଛି ତା ଗଭା ।

ଶ୍ୟାମଳ ବରଣ  ଶାଢ଼ୀ ପିନ୍ଧେଇଛି
ଯହିଁ ନାନା ରଙ୍ଗ ଛିଟ
ଓଢଣୀ ପାଇଁ କା  ଦେଇଛି ପ୍ରଭାତୁ
ତାକୁ ନାଲୀ ରଙ୍ଗ ପାଟ ।

ନାନା ଜାତି ପୁଷ୍ପ ତୋଡା ତୋଡା କରି
ଦେଇଛି ମଣ୍ଡପେ ଖଞ୍ଜି ।
ଚମ୍ପା କନିଅର  ମଲ୍ଲୀ ମାଳତୀର
ସମ୍ଭାରରେ  ଅଛି ରଞ୍ଜି ।

କମଳଟା ଏବେ  ଦେଖା ଦଉନାହିଁ
ଅଭିମାନେ କି ଲୁଚିଛି ?
ରକ୍ତଜବା କିନ୍ତୁ  ଖିଲି ଖିଲି ହସି
ହରସେ ଦୋଳି ଖେଳୁଛି ।

ଆମ୍ର ଦ୍ରୁମେ ଫୁଲ  ରଖିଛି ବହୁଳ
ଶାଖା ଯାଉଅଛି ନଇଁ,
ଦେଖି ତାର ଭାର  ମଧୁପ ଭ୍ରମର
ଅଧିକ ଆସିବେ ତହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲେ ସେମାନେ ମଧୁର ଗୁଞ୍ଜନେ
କରିବେ ବାଦ୍ୟ ବାଦନ,
କୋକିଳକୁ ପୁଣି କରିଛି ବରାଦ
କରିବ ଅଭିବାଦନ ।

କ୍ଷୁଦ୍ର ଖଗ ବୃନ୍ଦେ କହିଛି ବୁଝେଇ
ଦେବେ ତହିଁ ହୁଳହୁଳି ।
ସୁପ୍ରଭାତୁ ଉଠି ଆସିବେ ସମସ୍ତେ,
ମଣ୍ଡପ ପାଖକୁ ଚାଲି ।

ନବାଧୁ ତାହାକୁ ତପନର ତାପ
ଭାବି ଏପରି ମନରେ ।
ମଳୟକୁ ସାଥେ ଘେନି ଆସି ଆଜି
ତହିଁ ସେ ନିଯୁକ୍ତ କରେ ।

ରାସ୍ତା ଘାଟ ପୁଣି ବିବାହ ମଣ୍ଡପ
ସଜାଡି ଦେଇଛି ସିଏ ।
ଯେଉଁ ପଥ ଦେଇ ଆସିବ ବରଟା
ତହିଁ ବେସି ଧ୍ୟାନ ଦିଏ ।

ପ୍ରକୃତିର ବର ଯେ ପଥେ ଆସିବ
ମସ୍ତକେ ମୁକୁଟ ନାଇଁ ।
ପଥ ଦୁଇ ପାର୍ଶ୍ୱେ କିଂଶୁକ ପାଦପ
ରଖି ଅଛି ସେ ସଜେଇ ।

ନାଳି ରଙ୍ଗ ପୁଷ୍ପେ ପୂର୍ଣ୍ଣ ସେ ପାଦପ
ଶାଖା ପତ୍ର ଶୁନ୍ୟ ତାର ।
ନାଳି ନାଳି ରଙ୍ଗ ଲିଚୁ ବତୀ ସିଏ
ଲଗେଇଛି କି ତହିଁ ର ।

ଶାଲ୍ମଳୀ ଦ୍ରୁମକୁ କରିଅଛି ସଜ
ରକ୍ତାମ୍ବର ଟେ ପିନ୍ଧେଇ ।
ସ୍ୱାଗତ ତୋରଣ ସମ୍ମୁଖେ ରଖିଛି
ବର ପାଛୋଟିବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିମନ୍ତ୍ରଣ ପୁଣି କରିଅଛି ସିଏ
ସବୁ ତୃଣ ଭୋଜି ଭାଇ ।
ତଙ୍କ ଭୋଜନର ଆୟୋଜନ କରେ
ମହୁଲ ଗଛକୁ କହି ।

ପ୍ରକୃତିର ବାହା ଲଗ୍ନ ବହାରିଛି
ହୋଲିକା ଦହନ ପରେ ।
ଫାଲ୍ଗୁନ ପୂର୍ଣ୍ଣିମା ତିଥିଟାହିଁ ଭଲ
ମନେସେ ବିଚାର କରେ ।

ସେହିଦିନ ନିଶ୍ଚେ ପହଞ୍ଚିବ ବର
ଥାଟ ପଟୁଆର ଧରି ।
ଆଗ ରହୁଥିଲା ବୃନ୍ଦାବନେ,ଏବେ
ରହେ ସେ ଦ୍ୱାରିକା ପୁରୀ ।

ଶୀଘ୍ର ସଜ ହେବ ମୋ ଭାଇ ଭଉଣୀ
ବରାତି ହୋଇକି ଯିବା ।
ଭଉଣୀୟେ ଦେବେ ହୁଳହୁଳି,ଆମେ
ହରିବୋଲ ପକେଇବା ।

ଗ୍ରାମ/ପୋଷ୍ଟ-କୁଲୁଟା,ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପବିତ୍ର ବନ୍ଧନ



ରାମଚନ୍ଦ୍ର ପ୍ରଧାନ

ତୁମ ପରି ସାଥି ଯୁଗେ ଯୁଗେ ମିଳୁ
ସବୁ ଜନମରେ ମୋତେ
କଥା ମୁଁ ଦେଉଛି ହାତ ଛାଡ଼ିବିନି
ଆସୁ ଝଡ଼ଝଞ୍ଜା ଯେତେ ।
ବିବାହ ବନ୍ଧନେ ତୁମକୁ ବାନ୍ଧିବି
ଜନ୍ମ ଜନ୍ମାନ୍ତର ପାଇଁ
ତ୍ୟାଗ ସମର୍ପଣେ ଭଲ ପାଉଥିବି
ମଥା ସିନ୍ଦୂରକୁ ଛୁଇଁ ।
ଦେବିନାହିଁ କେବେ ମୋ ଠାରୁ ଦୂରେଇ
ଜୀବନର ଚଲାବାଟେ
ନ ରଖି ସନ୍ଦେହ ସଂସାର ଗଢ଼ିବି
ଦାମ୍ପତ୍ୟ ଜୀବନ ହାଟେ ।
ଦୁର୍ଗମ ପଥକୁ ସୁଗମ କରିବି
ହଟିବିନି କେବେ ଜମା
ହେଉ ପଛେ କଷ୍ଟ ସବୁ ସହି ଯିବି
ତେଇଁ ଯନ୍ତ୍ରଣାର ସୀମା ।

ଆମ ଦୁହିଁଙ୍କର ପବିତ୍ର ବନ୍ଧନେ
ନ ଲାଗୁ କାହା ନଜର
ବିଶ୍ୱାସ ଭରସା ପ୍ରେମ ଛିଟା ଲାଗି
ପୁରି ଉଠୁ ଆମ ଘର ।
ଚଲାପଥେ ଆମ ଫୁଲ ବର୍ଷା ହେଉ
ରୋଗ ବ୍ୟାଧି ହେଉ ଦୂର
ସବୁ ଅଭିଳାଷ ପୂର୍ଣ୍ଣ ହେଉ ଆମ
ବିଭୁ ପାଦେ ଅଳି ମୋର ।
ବିଶ୍ୱ ନିୟନ୍ତାଙ୍କ ଶ୍ରେଷ୍ଠ ଉପହାର
ଅଟେ ଆମ ଏ ବନ୍ଧନ
ପବିତ୍ରତା ଭରି ଅତୁଟତା ରହୁ
ବନ୍ଧନର ସନମାନ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ଭ୍ରାମ୍ୟଭାଷ : ୯୮୬୧୬୭୩୭୬୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପବିତ୍ର ବନ୍ଧନ



ନିକୁଞ୍ଜ କୁମାର ଘୋଷ

ବିବାହ ବନ୍ଧନେ ଦୁଇଟି ଆତ୍ମାର
ଏକ ହୁଏ ଦୁଇ ମନ
ଅଚିହ୍ନା ହୃଦୟ ମିଳନରେ ଆସେ
ଏଠି ପବିତ୍ର ବନ୍ଧନ ।।

ଜୀବନ ରାସ୍ତାରେ ସାଥୀ କଲି ପ୍ରିୟେ
ସିନ୍ଦୁର ଟୋପାଟେ ଦେଇ
ନିଜଠୁ ନିଜର କରି ଦେଇ ପ୍ରିୟେ
ଶଂଖା ଦେଇଛି ପିନ୍ଧାଇ ।।

ସାକ୍ଷୀ ତ ରଖିଛି ଅଗ୍ନି ଦେବତାଙ୍କୁ
ସାତ ଫେରା ଦେଲି ବୁଲି
ଆସୁ ପଛେ ଯେତେ ବାଧାବିଘ୍ନ ସବୁ
ନ ଯିବ କେବେ ମୁଁ ଭୁଲି ।।

ଧରିଛି ହାତ ମୁଁ ଛାଡିବିନି କେବେ
ପ୍ରତିଜ୍ଞା କରିଛି ମୁହିଁ
ପବିତ୍ର ବନ୍ଧନ ଅତୁଟ ରଖିବି
ସଭିଙ୍କୁ ଦେଉଛି କହି ।।

ସା-ମାଧବପୁର, ପୋ-ଲକ୍ଷ୍ମଣନାଥ, ଥାନା-ଜଳେଶ୍ୱର ,
ଜିଲ୍ଲା-ବାଲେଶ୍ୱର, ଓଡିଶା ୭୫୬୦୩୨,
ମୋ-୮୧୪୪୮୫୧୦୪୫.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଜଣା ଝିଅ



ସରୋଜ କୁମାର ସାହୁ

କଳା ବଉଦକୁ ଦେଖିଲେ ଆକାଶେ
ଫେରି ଚାହେଁ ସେହି ଦିନକୁ
ଯେତେ ବୁଝାଇଲେ ତଥାପି ଅବୁଝା
ଏଇ ମୋର ଚଗଲା ମନକୁ ।
ଭେଟିଥିଲା ଦିନେ ନିର୍ଜନ ସ୍ଥାନରେ
ଅଜଣା ଅଶୁଣା ଝିଅଟେ
ଘଡିଏ ନୁହେଁ କି ଦିଘଡିର ନୁହେଁ
ମନେ ରହିଗଲା ଚିହ୍ନଟେ ।
ଧରିଥିଲା ଛତା ଭିଜିଥିଲା ମଥା
ପିନ୍ଧା ତାର ଦେହ ବସନ
ଲତା ପରି ତାର କଅଁଳ ଦେହରେ
ପ୍ରଥମରୁ ହେଲି ପ୍ରସନ୍ନ ।

ବଢୁଥିଲା ସାଥେ ବରଷାର ବେଗ
ଥମ୍ଭୁ ନଥିଲା ସେ ଜମାରୁ
ଲାଗୁଥିଲା ସିନା ସରଳ ନିରୀହା
ଇସାରା ଦେଲା ତା ମନରୁ ।
ଆଖି ପଢିନେଲା ମନରୁ ଚୋରେଇ
ଅଧା ଲୁଚେଇକି ଲାଜକୁ
ବିଜୁଳି ଆଘାତେ ଭୟାତୁର ବୋଧେ
ଭିଡି ଧରିଲା ସେ ହାତକୁ ।
ଭିଜିଥିଲି ଯେତେ ଭିଜେଇଲା ସେତେ
ହାତକୁ ହାତରେ ଛନ୍ଦିକି
କେମିତି ବର୍ଣ୍ଣିବି କାହାପାଖେ ପୁଣି
ବରଷା ଭିଜା ସେ ବନ୍ଦୀକି ।

ଆଠଗଡ, କଟକ, ୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ ଝିଅ



ବାପି ସେଠ୍

ସେ ସୁନ୍ଦରୀ ଝିଅଟେ
    ମୋତେ ଭଲ ପାଉଥିଲା
ପାଖକୁ ଆସି ତା'ମନ କଥା
    ଖୋଲି ଦିନେ କହିଥିଲା ।।
କି ସରଳ ସ୍ୱଭାବ ତାହାରି
    ଗୋଲାପ ଫୁଲ ପରି ଦେହ
ସୂର୍ଯ୍ୟର କିରଣେ ଦିଶୁଥିଲା
    ତା ଗୋରା ସୁନ୍ଦର ମୁହଁ ।।
ଥରେ ଦେଖାରେ ସେ ଝିଅ
    କିଣି ନେଇଥିଲା ମୋ ମନ
ଯେବେ ତାକୁ ନିରେଖି ଦେଖେ
    ବଢିଯାଏ ମୋ ସ୍ପନ୍ଦନ ।।
ଅତି ଆପଣାର କରିଥିଲା ମୋତେ
    ମନକୁ ଦେଇ ତା'ର
ଜୀବନ ପଥର ଚାଲିବାକୁ
    କହିଥିଲା କେତେଥର ।।

କେଉଁଠି ଥିଲା ରାଜକୁମାର
    ଦିନେ ସେ ଅଶ୍ୱ ସାଥୀରେ ଆସିଲା
ପ୍ରିୟାକୁ ମୋର ମୋଠୁ ନେଇ
    କୁଆଡେ ଚାଲି ଗଲା ।।
ଠିକ ସମୟରେ ରାଜକୁମାର
    ହେଲା ଆମ ପ୍ରେମରେ କାଳ
ମିଳନ ଆମର ହୋଇ ନ ପାରିଲା
    ପ୍ରେମ ହେଲା ଅମଙ୍ଗଳ ।।
ବାଃରେ ବିଧାତା ସତ୍ୟରେ ତ କଲୁ
    ପୁଣି କଳି ଯୁଗେ ଏଇ ତୋ ଲୀଳା
ସୁନ୍ଦର ଆମର ପ୍ରେମ କାହାଣୀକୁ
    କରି ଦେଲୁ ଗୋଟେ ପାଲା ।।

ବିଜାଡ଼ିହି, ସୁନ୍ଦରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗତ କନ୍ୟା



ଅମୂଲ୍ୟ କୁମାର ପଣ୍ଡା

ନାରୀ ତୁମେ
ପ୍ରୀତିର ବନ୍ୟା
ନାରୀ ତୁମେ
ଜଗତ କନ୍ୟା

ନାରୀ ତୁମେ
ସୃଷ୍ଟିର ମୂଳ
ନାରୀ ତୁମେ
ସଂସାର କୂଳ

ନାରୀ ତୁମେ
ଜଗତ ଜିତା
ନାରୀ ତୁମେ
ସବୁଠି ହିତା

ନାରୀ ତୁମେ
ଲକ୍ଷ୍ମୀର ରୂପ
ନାରୀ ତୁମେ
ଶକ୍ତିର ସ୍ତୁପ

ନାରୀ ତୁମେ
ସ୍ନେହର ଧାରା
ନାରୀ ତୁମେ
ଶତାବ୍ଦୀ ତାରା

ନାରୀ ତୁମେ
ପ୍ରେମର ମୂର୍ତ୍ତି
ନାରୀ ତୁମେ
ବିଶ୍ୱର କୃତି

ଅରଙ୍ଗାବାଦ, ବରୀ , ଯାଜପୁର
ମୋବାଇଲ : ୯୯୩୮୯୦୬୦୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାରାଙ୍ଗନା



ସରୋଜ କୁମାର ଜେନା

ମରତ ଧାମରେ ତନୟା ରୂପରେ
ହେଉଛ ଅବତରଣ,
କଳିର କାଳରେ ତୁମରି ପାଶରେ
ସବୁ ହେଉଛନ୍ତି ଲୀନ । ।୧ ।

ଗୌର ବର୍ଣ୍ଣ ସଙ୍ଗେ ଶ୍ୟାମଳୀ ମିଶ୍ରିତ
ତା ସଙ୍ଗତେ କୃଷ୍ଣ ବର୍ଣ୍ଣା ,
ସଭିଙ୍କ ବର୍ଣ୍ଣରେ ହେଉଅଛ ଆଭା
ତୁମେ ଭାରି ଆନମନା । ।୨ ।

ଶୟନେ ସପନେ ଅବା ଜାଗରଣେ
ଖୋଜଯେ ତୁମେ କାମନା ,
ଅପୂର୍ବ ନୟନେ ଚାହିଁ ରହିଥାଅ
ମେଣ୍ଟାଇବା ପାଇଁ ତୃଷ୍ଣା । ।୩ ।

ଯାହାକୁ ଦେଖନ୍ତି ମୋହିତ କରନ୍ତି
ସେ ଏକ କାଉଁରୀ କନ୍ୟା,
କାମନା ବାରିରେ ଭସାଇ ଦିଅନ୍ତି
ସଭିଙ୍କ ମନରେ ବନ୍ୟା । ।୪ । ।

ହେଉସେ ନନ୍ଦିନୀ ଅବା ସେ ମାନିନୀ
ହେଉ ଅବା କାହା ପତ୍ନୀ ,
କାମନା ପାଇଁକି ମାନନ୍ତି ନାହିଁଯେ
ଦିବସ ଅବା ରଜନୀ । ।୫ । ।

ଯିଏ ସେ ଦେଖିବ ସିଏବି ଭାବିବ
ସତେଜ ଭରା ସୁମନ ,
କେତେ କାହା ସଙ୍ଗେ ପିରତି ରଖିଣ
ବିତାନ୍ତି ତାଙ୍କ ଜୀବନ । ।୬ । ।

ଆଉ କିଛି ତରୁଣୀ ଅଟନ୍ତି ଘରଣୀ
ରଖନ୍ତି ଗୁପ୍ତ ସମ୍ପର୍କ ,
ସମାଜ ଆଗରେ ସତୀ ଭଳି ସଦା
ଦେଖାନ୍ତି ତାଙ୍କ ମହକ । ।୭ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେଯେ ତନୁଜା ଭାରି ସେ ଅବୁଝା
ପ୍ରେମରେ ମାରନ୍ତି ତୀର ,
ପ୍ରେମିକ ପାସରୁ କାମନା ସରିଲେ
କରିଥାନ୍ତି ତାଙ୍କୁ ପର ।।୮ ।

ଉଦର ପୋଷଣ କରିବା ନିମନ୍ତେ
କିଛି ହେଉଛନ୍ତି ଲିପ୍ତ ,
ଶୁଣହେ ବିଦ୍ଵାଣୀ ତାଙ୍କରି ଜୀବନ
ସତେ କଣ ଅଭିଶପ୍ତ ।।୯ ।।

ଯୁଗ ପରେ ଯୁଗ ବିତି ଗଲେ ସୁଦ୍ଧା
ରହିବ ସଦା କାମନା ,
ଧରିତ୍ରୀ ବୁକୁରେ ସୃଷ୍ଟି ହେଉଥିବେ
କେତେ ନୂଆ ବାରାଙ୍ଗନା ।।୧୦ ।।

ଏହି ଭଳି ସବୁ କଳିର ବକ୍ଷରେ
ମେଣ୍ଟାନ୍ତି ତାଙ୍କ କାମନା ,
ଦୁନିଆ ଆଗରେ ସଭିଏଁ ବୋଲନ୍ତି
ବାରାଙ୍ଗନା ବାରାଙ୍ଗନା ।।୧୧ ।।

ବାଲିଝରୀ,ନରସିଂହପୁର,କଟକ
ମୋ -୯୩୪୮୭୮୩୭୯୧ .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେରଙ୍ଗ ଫଗୁଣ



ପ୍ରସନ୍ନ ପ୍ରୟାସ ଭୁଏ

ପ୍ରେମର ନିଶାରେ ମତୁଆଲା ହୋଇଥିବା
ଏଇ ଆଖିରେ ନିଦ ନାହିଁ
ଖୋଜୁଥାଏ ପରଶ ପ୍ରେମିକାର
ଦିନ ହଉ ଅବା ରାତି
ପ୍ରତି ଦିନ ପ୍ରତି ମୁହୁର୍ତ୍ତ

ମନରେ ପର ବାନ୍ଧି
ଉଡ଼ିବୁଲେ ମାୟା ଆକାଶରେ
ଭାବନାର ଉଚ୍ଚତାରୁ ଉଚ୍ଚକୁ

ସମର୍ପଣରେ ବିଶ୍ୱାସ ନା
ବିଶ୍ୱାସରେ ସମର୍ପଣ
ବୁଝିବା ପୂର୍ବରୁ ବୋଧେ
ହୋଇ ଯାଇଥିଲା ଡେର୍ ଡେରି..

ଛିଡ଼ି ଯାଇଥିଲା ବାନ୍ଧିଥିବା ପର
ଆକାଶଟା ପାଲଟିଥିଲା ଟାଙ୍ଗରା ଭୁଇଁ
ଶୀତ ସକାଳରେ ଝାଳର ନଇ
ବହିଯାଏ ଶୀର୍ଷରୁ ପାଦ ପର୍ଯ୍ୟନ୍ତ
ଅଣନିଶ୍ୱାସୀ ଲାଗେ ଜୀବନଟା
ସତେ ଯେମିତି
ଫଗୁଣ ଲାଗେ ବେରଙ୍ଗ ବେରଙ୍ଗ ।

ରାଞ୍ଚି, ଝାଡ଼ଖଣ୍ଡ
୮୭୮୯୧୪୭୮୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫଗୁଣ



ରାଜେନ୍ଦ୍ର ବୋଡ଼କିଆ

ଅନେକ ଦିନ ପରେ  ଆଜି ଆସିଛି ଫଗୁଣ
ମୋ ବାରିପଛର ସଜନା ଗଛରେ
ରଙ୍ଗ ବେରଙ୍ଗର ପ୍ରଜାପତି
ସୁନେଲି କିରଣେ କରେ ବିଚରଣ ।  ।୧ ।

ଅନେକ ଦିନ ପରେ ଆଜି ଆସିଛି ଫଗୁଣ
ଧୋଇ ଦିଅ ମନରେ ଯେତେ ମାନ ଅପମାନ
ଫଗୁର ରଙ୍ଗ ନେଇ
ହସ ଖୁସିରେ ସମସ୍ତେ ହାତ ମିଳାଇ ।  ।୨ ।

ଅନେକ ଦିନ ପରେ ଆଜି ଆସିଛି ଫଗୁଣ
ପୋଛି ଦିଅ ମନର ସବୁ ଅଭିମାନ
ରଙ୍ଗର ମେଲଣ ଇଏ ଖୁସିର ମେଲଣ
ଫଗୁର ଶ୍ରାବଣ ବହେ ଖୁସି ଛଗୁଣ ।  ।୩ ।

ଅନେକ ଦିନ ପରେ ଆଜି ଆସିଛି ଫଗୁଣ
ଜୀବନର ଆମ କଳଙ୍କିତ ଅଧ୍ୟାୟ
ଧୋଇ ଦେଉ ଫଗୁ ରଙ୍ଗ
ରାଗ ରୁଷା ଭୁଲି ବୋଲିଦିଅ ଥରେ
ଫଗୁ ର ପୀରତି ରଙ୍ଗ ।  ।୪ ।

ଅନେକ ଦିନ ପରେ ଆଜି ଆସିଛି ଫଗୁଣ
ରଙ୍ଗରେ ରଙ୍ଗେଇ ଫୁଲରେ ସଜେଇ
ସବୁଜ ଶାଢ଼ୀ ଯେ ଧରା ପିନ୍ଧିଅଛି
ନାନରଙ୍ଗେ ଭିଜିଭିଜି ।  ।୫ ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ଦୁଃଖର ସାଥି



ଟୋନିସ୍ ରୋହିଦାସ୍

ଦୁଃଖ ତ ଏମିତି ଆସୁଛି ଜୀବନେ
କାହାକୁ କହିବି କିଏ ବା ବୁଝୁବ
ମୋର ଦୁଃଖର ବେଦନା । ।

ଯାହାକୁ ଭରସା କରିବ ସେ ଦେଉଛି
ଧୋକା, ସବୁ ଲାଗୁଛି ଏଠି ଫିକା
ମିଳେ ଖାଲି ଏଠି ଯାତନା । ।

ଆଖି ଯାହା ଦେଖୁଛି ସବୁ ତ ସତ ଲାଗୁଛି
ହେଲେ ଏ ଆଖି ମଧ୍ୟ ଧୋକା ଖାଉଛି । ।
ଶୁଖିଲା ଗଛର ଛାଇ ନାହିଁ ଯେମିତି
ଦୁଃଖୀ ମଣିଷର ଓଠରେ ହସ ନାହିଁ ସେମିତି । ।

କେମିତି ଏ ଜୀବନ ବୁଝି କିଏ ପାରିବ
କେମିତି ଏ ଦୁନିଆ କିଏ ବା କହିବ । ।
ହୃଦୟ ହୀନ ମିଛ ର ସଂସାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାହାନା କରି ଚାଲୁଛି ଦୁନିଆ ।।
ଦୁଇ ଦିନର ଜୀବନ କେତେ ହୁଏ ଖୁସି
ଜାଣିକି ପାରୁଣୁ କେଇ ଦିନର ତୁ କୁଣିଆ ।।

ଆଇନକୁ ଦେଖିଲେ ଚେହେରା ଲାଗେ ସୁନ୍ଦର
କିନ୍ତୁ ମୁହଁକୁ ଧୋଇଲେ ଜାଣି ହୁଏ ତାର ଅନ୍ତର ।।
ଦୁଃଖ କେମିତି ଆସିବ କେହି ଜାଣେ ନାହିଁ ।
କେତେ ବେଳେ କେଉଁ ରୂପ ଧରି ଆସିବ
ସହିବା ପାଇଁ ବଳ ରୁହେ ନାହିଁ ।।

ଚାଲୁ ଚାଲୁ ବାଟରେ କେଉଁଠି ଅଟକି ଯିବ ପାଦ ।
କେତେ କେତେ ମିଳିବ ଗଲେ
ଦୂର ବାଟ ମନକୁ ଚାହିଁବ ନାହିଁ ସ୍ୱାଦ ।।

ଜିଲ୍ଲା-ସୁନ୍ଦରଗଡ଼, ବଡ଼ଗାଁ, ପାମରା
ମୋ-୭୦୭୭୯୧୧୭୩୫
ଇମେଲ୍ : djtonishdas@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସାଇତା ସମୟ



ମନୋରମା ସାହୁ

ଛେନାରୁ ଚୋପା ଛଡାଇବା ପରି
ଦୃରୁହ ବ୍ୟାପାର ଆଉ କିଛି ନାହିଁ
ଠିକ୍ ଯେମିତି ଜୀବନକୁ ବୁଝିବା ।
କେତେବେଳେ ବାଘ ଓ ମିରିଗ
ଏକା ଘାଟରେ ପାଣି ପିଉଥାନ୍ତି ତ, କେତେବେଳେ
କାଣି ବିଲେଇର କୁଜି ଅସରପା ଉପରେ ରାଗ ।
କେତେ ଭଲ ଥିଲା ସେ ଦିନ ସବୁ
ରଜ ପୋଡପିଠା, ଡୁ ଡୁ, କବାଡି,
ଜହ୍ନରାତିରେ ପାଣିକି ପାହାଡ ଖେଳ,
ଲୁଚାଲୁଚି, ଛୋଟିପାରା, ବୋହୂଚୋରୀ ।
ପାହାନ୍ତି ପ୍ରହରର କାକର ଭିଜା ଦୂବଘାସ,
ସାଧବ ବୋହୂ, ଲାଜକୁଳି ଲତାର ଲାଜ,
କଙ୍କିଧରା, ସୁନାରଙ୍ଗୀ ସକାଳ ।
ସଞ୍ଜରେ ଜେଜୀମା' ପାଖରୁ ଗପ
ବୁଢି ଅସୁରୁଣୀ, ରାଜାପୁଅ, କଟୁଆଳ ପୁଅ,
ସାତତାଳ ପଙ୍କ, ସୁନାର ସିନ୍ଦୁକ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରୂପାର ଫରୁଆରେ ଅଛି ଭଅଁର

ବୁଢି ଅସୁରୁଣୀର କାଳ ।

ଆଉ ପୁଣି ଶୁଆଶାରୀ କଥା, ବତ୍ରିଶ ସିଂହାସନ,

ଟୀକା ଗୋବିନ୍ଦ ଚନ୍ଦ୍ର,

ମୁକୁତା ଦେଇଙ୍କ ସତ୍ୟ ରକ୍ଷାକରି

ଗୋବିନ୍ଦ ଚନ୍ଦ୍ର ଯାଏ ଯୋଗୀ ହୋଇ

କହୁ କହୁ ଜେଜୀମା ଉଠଇ ବାହୁନି

ହୁଁ ମାରୁ ମାରୁ ଆସିଯାଏ ଗହଳ ନିଦ ।

ଚୁପଚାପ୍ ନିଶୁନ ରାତିରେ

ପହରିକିଆ ବିଲୁଆର ହୁକେ ହୋ ଶୁଣ

ବୋଉର କୋଳରେ ମୁହଁ ଲୁଚେଇବାର ବେଳ

ଆଜିବି ସାଇତା

ମନ ତଳ ନିବୁଜ କୋଠରୀରେ ।

ଶରୀର ବଢିଛି, ବୟସ ବଢୁଛି

କିନ୍ତୁ ମନଟି ଅଟକି ଯାଇଛି ସେଇଠି,

ସେଇ ପିଲାଦିନ ପାଖରେ ।

ସରକାରୀ ଉ.ପ୍ରା. ବିଦ୍ୟାଳୟ,

ପାରିଓରଡ, ଖୋର୍ଦ୍ଧା ।

୭୭୩୫୦୭୫୦୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯନ୍ତ୍ରଣା



ସିଦ୍ଧେଶ୍ୱର ତ୍ରିପାଠୀ

ଆପାଦ ମସ୍ତକ ଅବା କେଉଁ ଅଙ୍ଗ
ରୋଗ ଗ୍ରସ୍ତ ଯଦି ହୁଏ
ଭୋଗିବା ଲୋକକୁ ପଚାରି ବୁଝିବ
କେମିତି ସେ କଷ୍ଟ ପାଏ ।

ଅଭୁଲା ଅତୀତ ପ୍ରୀତି ବୋଲା ଗୀତ
ଛଳନା ରେ ଭରି ଗଲେ
ବେସୁରା ମନଟା କେମିତି ଜୀଇଁଛି
ଜାଣିବ ତାକୁ ଦେଖିଲେ ।

ଦୁର୍ଘଟଣା ଦୋଷ ମନେ ଅବଶୋଷ
ଅଭାବ ଅନାଟନ
ଦୁଃଖୀ ଲୋକଟାକୁ ପଚାରି ବୁଝିବ
କେମିତି କଟେ ତା ଦିନ ।

ସଂସାରର ବୋଝ ମୁଣ୍ଡରେ ମୁଣ୍ଡେଇ
ନିନ୍ଦା ଅପବାଦ ମିଳେ
ଆପଣା ଲୋକଟା ଅପମାନ କଲେ
ମନ ଅହରହ ଜଳେ ।

ପାଦତ ଚାଲିବ ଶୈଶବରୁ ଜରା
ସମୟ ଇଶାରା ପାଇ
ଯନ୍ତ୍ରଣା ସବୁ ମିଠା ସ୍ମୃତି ହେବ
ତୁମେ ଥିଲେ ଭାବଗ୍ରାହୀ ।

କୁଣ୍ଡିଲୋ କେଉଟଙ୍କ ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କିଛି କଥା କିଛି ବ୍ୟଥା



ଧୀରେନ୍ଦ୍ର କୁମାର ପ୍ରଧାନ

ତୁମପାଇଁ ଆଜି ମାପି ଶିଖିଲି ମୁଁ
ପ୍ରେମ ମୋର ହୃଦୟରେ
ହୃଦୟର କ୍ଷତ ବା ଭଲପାଇବା
ଦୂରେ ତମେ ଗଲାପରେ ।
କାହାକୁ କହିବି କିଏବା ବୁଝିବ
ଅନ୍ତର ତଳର କଥା
ମୋତେ ଟିକେ ତମେ ବୁଝିପାରିଲନି
ସେଇତ ଟିକକ ବ୍ୟଥା ।

****************

ବନ୍ଧୁବୋଲି ଯଦି ଆପଣା ଭାବିଲ
ଧୃତରାଷ୍ଟ୍ର ସାଜିଗଲ
ମୋ ସ୍ୱାଭିମାନକୁ ଆଖିମିଶାଇକି
ପଦାଘାତ ଚିହ୍ନ ଦେଲ ।
ନିଜର ଅଟେବା ବନ୍ଧୁ ସ୍ୱାଭିମାନ
ହେଉ ତାରେ ଅପମାନ
ବନ୍ଧୁର ଦୁଃଖକୁ ଦୁର୍ବଳତା ଭାବ
ନରଖ ବନ୍ଧୁର ମାନ ।

************************

ଆରୋପ ନଥିଲା ଥିଲା ଅଭିମାନ
ବନ୍ଧୁ ପରା ତୁମେ ମୋର
ନିଜକୁ ଆରୋପି ଭାବିଦେଇ ତମେ
କରିଦେଲ ମୋତେ ପର
ଅଭିମାନେ ପଦେ କହିପାରିବିନି
ତମେ ପରା ବନ୍ଧୁମୋର
ଦୋଷୀ ସଜାଇନି, ନିର୍ଦ୍ଦୋଷ ସାଜିଲ
ଛଡେଇଲ ଅଧିକାର ।

*************************

ହୋଇନି କେବେ ମୁଁ ଜହ୍ନତାରା ଧନ
ଲାଳସାରେ ଲାଳାୟିତ
ଟିକିଏ ନିଃସର୍ତ୍ତ ଆପଣାପଣକୁ
ଏଇ ମୋ ମନ ତୃଷାର୍ତ୍ତ ।

ଝଜିରୀବାହାଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିବି କାହାକୁ !



ଝରଣା ବାରିକ

ପିଲା ଦିନର ସାଙ୍ଗଟିଏ ମୋର
ଦେଖା ହେଇଥିଲା ହାଟରେ
ବହୁତ ପ୍ରକାରେ କଥା ସେକହିଲା
ଆସୁ ଆସୁ ପୁଣି ବାଟରେ ।

କହିଲି ସାଙ୍ଗରେ କରିଛି ମୁଁ ପରା
ମୋ ଇଛାରେ ଲାଭ ମାରେଜ,
ନିତି ଆରାମରେ ଦିନ ମୋ ଯାଉଛି
କରୁଛି ସେ ସବୁ ମାନେଜ ।

ଯୁଆଡୁ ଆସିଲେ ଚାହିଁ ସେ ହସୁଛି
ଦୁଃଖ ମୋର ଚାଲି ଯାଉଛି,
ଖଟରେ ଶୋଇଲେ ଗୋଡ଼ ମୋଡି ଦେଇ
ଗାଲେ  କେତେ ଚୁମା ଦେଉଛି ।

ବିନା ଯୌତୁକ ରେ ବାହା ହେବା ଫଳ
ସତରେ ମୁଁ ଆଜି ପାଇଛି,
ଜାଣି ଶୁଣି ପରା ଗରିବ ର ଘରୁ
ଝିଅ ଟିଏ ମୁହିଁ ଆଣିଛି ।

କଥା ମୋର ଶୁଣି ସାଙ୍ଗ ମୋ କହିଲା
ମୁଁ ନୋକସାନ ମାରେଜ କରିଛି
ଯୁଆଡ଼େ ଆସିଲେ ମୁହଁ କୁ ଫୁଲେଇ
ଗର ଗର ଖାଲି ହେଉଛି ।

ମୋର କିବା ସେବା କରିବ ବା ସିଏ
ତା ଗୋଡ଼ ଘସି ଦିନ ଯାଉଛି,
ରନ୍ଧା ବଢ଼ା କରି ଦିନ ମୋ ଯାଉଛି
ପାର୍ଲର ରେ ତା ଦିନ କଟୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିଲକ୍ଷ ସାଙ୍ଗେ ଚାରି ଚକିଆଟେ

(ତା) ବୋପା ପରା ମତେ ଦେଇଛି

ଦିନରାତି ଖାଲି ରୁମାଲଟେ ଧରି

ଲୁହ ପୋଛି  ଦିନ  ଯାଉଛି ।

କହିବି କାହାକୁ ଶୁଣିବ ବା କିଏ

ମୁଁ  ଯୋଉ ଦଶା ଭୋଗୁଛି,

ମୁଁ ନୁହେଁ ପସନ୍ଦ ମତେ ସେ ଲୁଚେଇ

ତା ବଏ ଫ୍ରେଣ୍ଡ୍ ସାଙ୍ଗେ ଗପୁଛି  ।

ସମଲ, ତାଳଚେର, ଅନୁଗୋଳ

ମୋବାଇଲ : ୯୫୫୬୮୪୭୯୩୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୁଇଟି ହୃଦୟର ଗୋଟିଏ ମନ



ଲୋକେଶ୍ୱର ଦୋରା

ଦୁଇ ହୃଦୟର ଦୁଇଟି ଜୀବନ
ଦୁହିଁଙ୍କ ଗୋଟିଏ ମନ
ଦୁଇ ଆତ୍ମା କହେ ଏକାଠି ରହିବା
ଭାଙ୍ଗିବନି କେବେ ସପ୍ନ । ।

ସପ୍ନ ନୁହେଁ ଏଇ ସମ୍ପର୍କ ଆମର
ଭାଙ୍ଗିବ ନାହିଁ ତ କେବେ
ଏଇ ହୃଦୟରେ ତମେ ଥିବ ସାଥି
ରହିଥିବ ଯୁଗେ ଯୁଗେ । ।

ଦୁଇଟି ଆତ୍ମା ର ଆମ ଏ ଜୀବନ
ସମ୍ପର୍କ ଛିଣ୍ଡିବ ନାହିଁ
ତମେ ରହିଥିବ ପାଖେ ପାଖେ ମୋର
ରହିଥିବ ମୋତେ ଚାହିଁ । ।

ଏତିକି ଦୂରତା ତମେ କଇଁ ମୋର
ରହିଅଛ ନିଲ ଜଲେ
ନୀଳ ଆକାଶରୁ ଲୁହ ଝରାଉଛି
ଦୁଃଖ ବିଲସର ବଲେ । ।

ଆମର ସପନ ହୋଇବ ପୂରଣ
ହୋଇବ ରାତି ବି ଦିନ
ଜହ୍ନ ଆଲୁଅରେ ଆଲୋକିତ ହେବ
ନ ହୋଇବ କେବେ ସପ୍ନ । ।

କୁତନା ଝାରବନ୍ଧ, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ପବିତ୍ର ସାହୁ

ବୋଉ ବାର ମାସରେ

ତେର ଓଷା କରେ ବୋଲ

ବାପା ଖୁବ୍ ରାଗନ୍ତି

କୁହନ୍ତି "ଏତେ ପୁନେଇ ପରବ କରିବା

କଣ ଦରକାର " ?

ଠାକୁରେ କଣ ଆମ କଥାରେ

ବୋଉ କୁହେ "ତୁମେ ଜଡବାଦୀ

ଧରମ କରମ ତୁମର ନାହିଁ " !

ବାପା କିନ୍ତୁ ସବୁଦିନେ କାମକୁ ଗଲାବେଳେ

ବାଟ ମଙ୍ଗଳାଙ୍କୁ ମୁଣ୍ଡିଆଟେ ମାରି

ମନେମନେ ସୁମରଣ କରି କହନ୍ତି

ମୋ କୁଟୁମ୍ବକୁ ଘଣ୍ଟ ଘୋଡ଼ାଇ ରଖିଥା ମା ।

ଆମେ ଛୋଟ ହେଇଥାଉ

ବାପାଙ୍କ ସହିତ ଥରେ ପୁରି ଯାଇଥିଲୁ

ହଠାତ ବାପା ଆମକୁ

ବୋଉ ପାଖରେ ଛଡିଦେଇ

ବାଇଶି ପାହାଚରେ ଡୁହୁଡୁହୁ ଖରାରେ

ଉପରକୁ ତଳକୁ ଗଡିଗଲେ

ମୁଁ କିଛି ବୁଝି ପାରୁନଥାଏ

ଗୋସାଇଁ ନନାକୁ ପଚାରିଲାରୁ

ସେ କହିଲେ ବାପା ତୁମର ବରଗଛ

ପରିବାର ଖୁସି ପାଇଁ

ଚିର ସଂକଳ୍ପବଦ୍ଧ

ସେଥିପାଇଁ ସବୁ ଯନ୍ତ୍ରଣାକୁ

ଏମିତି ଏକାଏକା ସହ୍ୟ କରିବାକୁ

କାଳିଆ ପାଖରୁ ସାହାସ ଲୋଡୁଛନ୍ତି ....

(କ୍ରମଶଃ...)

ଓଡ଼ଙ୍ଗ, କେନ୍ଦ୍ରାପଡ଼ା

୮୦୯୩୪୫୦୨୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃଷକଟିଏ ହେବି



ପୁଷ୍ପାଞ୍ଜଳୀ ପଣ୍ଡା

ମାଆ ଲୋ ମୋର ପ୍ରଣାମ ଘେନିବୁ
ଚିଠି ଲେଖୁଅଛି ତତେ
ସୁରଟ ଆସିଲି ତେବେ ମୁଁ ଜାଣିଲି
ତୁ କେତେ ଭଲପାଉ ମତେ । ।
ମା ତୁ କେମିତି ରହିଛୁ ଏମିତି
ଏକଲା ଛାଡ଼ି କି ମତେ
ଦୁରରେ ରହିଛି ତୋ କଥା ଭାବୁଛି
ଲୁହ ମୋ ଝରଇ କେତେ । ।
ସକାଳୁ ସକାଳୁ ଆଖି ଖୋଲେଯେବେ
ତୋ ମିଠା ଛୁଆଁ ପାଏନା
ଧନରେ ଉଠିବୁ ନାହିଁ କି ଆଜିତୁ
କେହି ଏ କଥା କହେନା । ।
କାମରୁ ଫେରୁଛି ହାଲିଆ ହୋଇ ମୁଁ
କେହି ବୁଝେନି ମୋ କଥା
ଭୋକିଲା ପେଟର କଥା ଏକା ବୁଝୁ
ଆଉଁସି ଦେଇ ମୋ ମଥ । ।

ରୋଗ ରେ ପଡ଼ିଛି ତତେ ମୁଁ ଝୁରୁଛି
ଗାଁରେ ରହିଛୁ ତୁହି
ଜାଣିଛୁ ମାଆ ଲୋ ରାତି ସାରା କାଲି
ଜମା ମୁଁ ପାରିନି ଶୋଇ । ।
ତୁ ଛୁଇଁ ଦେଲେ ଦେହ ମନ ମୋର
ଶାନ୍ତିର ପରଶ ପାଏ
କୋଳରେ ଆଉଜି ମଥା ରଖିବାକୁ
ମନ ମୋ ଏକାନ୍ତ ଚାହେଁ । ।
ଲୋଡ଼ା ନାହିଁ ମୋର ଟଙ୍କା
ଅରଜିବା ବଡ଼ଲୋକ ଟିଏ ହେବି
କାଲି ସକାଳୁ ମୁଁ ଟିକଟ କାଟିକି
ମା ତୋ ପାଖକୁ ଯିବି । ।
ଚାଷ କରି ପଛେ କୃଷକ ସାଜିବି
ତୋରି ପାଖେ ରହିବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁରଟ ରେ ରହି ଏତେ ଖଟି ମୁହି

କି ସୁଖ ଅବା ପାଇବି । ।

ଇତି ତୋ ସ୍ନେହର କାଳିଆ ରହୁଛି

ଗାଳି ଜମା ଦେବୁନାହିଁ

ତୋ ପଣତ ତଳେ ରଖି ଦେ ମା ମତେ

ସ୍ୱର୍ଗ ସୁଖ ଲୋଡ଼ା ନାହିଁ । ।

ଷ୍ଟାଟିଷ୍ଟିକାଲ୍ ଅଫିସର

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ମୁଁ କୃଷକ



ଦୁଷ୍ମନ୍ତ ବେହେରା

ମୁଁ କୃଷକ ସଂସାର ସଭ୍ୟତାର ମୂଳ
କୃଷି ସକଳ ଜୀବିକାର ଚୂଳ
କୃଷି କଲା ନରକୁ ଅନ୍ନଦାନ
ଅନ୍ନ ପାଇଁ ମାନବ ଉଠଇ ତେଜି !!!

ଶସ୍ୟ ବୋଲେ ମୁଁ ଅଛି ମାନବ ନିମନ୍ତେ
ଫଳିବି ବୁଣି ଦେଲେ ମତେ
କୃଷି ଟିଏ ଚାହେଁ ସକଳ ଉନ୍ନତି
ଅନ୍ନ ଖାଇ ଜୀବ ହୋଇବେ ଗତି !!!

ମୋ ପରିଶ୍ରମ ମୂଲ୍ୟ ଏଠି କିଏ ବୁଝେ
ମୂଲଚାଲ କରି ଫେରିଯାନ୍ତି ସଭିଁଏ
ଲାଜ କରିନି ଶ୍ରମକୁ ମୋର
ରଖିଛି ମୋ ଜାତିକୁ ଉଚ୍ଚ ସମ୍ମାନ !!!

ମୋ ଦେଶ ଜାତି ମାଟି କୁ ଧରି
କରେ ମୁଁ ଲଙ୍ଗଳ
ଜନ ମୁହେଁ ହସିବ ହସ
ଘେନି କୃଷି ସଭ୍ୟ ନର !!!

ଧାନ ଗହମ ଚଣା ମୁଗ ବିରି
ମକା କନ୍ଦମୂଳ ଆଳୁ ଉଲି
ବାଇଗଣ ଲଙ୍କା କୋବି କଦଳୀ
କପା କାଉଁରିଆ ପାନ ଆଦି !!!

ଚାଷ କରି ମୁଁ ପାଏ ଲୋକହସା
ବୁଝିବ କେମିତି ତୁମେ ଚାଷ ମିଠା
ଉଠଇ ମୁଁ ରଜନୀ ଘଡି ଥାଇ
ତୁମେ ଥଠାକରି ହସି ଉଠଇ ସଭିଁଏ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖ ମାନବ ମୁଁ କୃଷକ ଜାତି
ଅନ୍ନ ଘେନି ରଖିଛି ସଂସାର
ଅନ୍ନ ବିନା ଜଗତେ ଉଠେ ହାହାକାର
ମାନବ ବୁଝିବୁ କେମନ୍ତ !!!

ଅନ୍ନ ପାଇଁ ରାଜା ହେଉ କି ମନ୍ତ୍ରୀ
ଆଦର କରନ୍ତି ସଭିଁଏ ମତେ
ଅନ୍ନ ମୁଁ ଉଚ୍ଚ ନିଚ୍ଚ ଦେଖିନି
ସଭିଙ୍କ କ୍ଷୁଧା ମେଣ୍ଟେଇ ଦିଏ !!!

ଏଠି ବଡ ବାବୁମାନେ ବୁଝନ୍ତି ନି
ମୋ ଦୁଃଖ ମୁଁ କୃଷକ
ବୋଲି କରନ୍ତି ହୀନ
ଦରିଦ୍ରରେ ଯାଉଛି ଜୀବନ !!!

ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ-୯୯୩୭୬୫୭୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅଳକା ସାନ୍ୟାଲ



ଦୀପକ କୁମାର ପାତ୍ର

ତୁମକୁ ଯେବେ ଦେଖିଲି ଅଳକାସାନ୍ୟାଲ
ମୋର ଶରୀରେ ଖେଳିଗଲା ଅନେକ
ଅହେତୁକ ସମୁଦ୍ର ଢେଉର ଝଡ଼
ଆକାଶରେ ଛାଇଥିଲା ତପନର ପ୍ରଖର କିରଣ
ବୈଶାଖର ଖରା ବି ଲାଗୁଥିଲା
ସତେକି ଛାୟାପ୍ରଦ ଘନର ଯବନିକା
ଉତ୍ତପ୍ତ ପିଚୁ ରାସ୍ତା ବି ହିମାଳୟ ପଥ
ଚାହୁଁ ଚାହୁଁ ଯେ ହଜିଗଲ ଅନେକ ଭିଡ଼ ଆଢୁଆଳେ
ତୁମକୁ ମୁଁ କେତେ ଯେ ଖୋଜିଲି
ହେଇଗଲି ନୟାନ୍ତ ବେସାହାରା ଦିଗହରା ।।
ତୁମକୁ ବା ଦେଖିଥିଲି ଅଳକାସାନ୍ୟାଲ
କେସିଙ୍ଗା ସହରର କୋଉ ଏକ
ଅଜଣା ଗଳି ରାସ୍ତାରେ
ଏକ ଅପନ୍ତରା ଘର ପାର୍ଶ୍ୱଦେଇ
ତୁମେ ସତେକି ଚାଲିଯାଉଥିଲ
ଏକ ନିର୍ଜନ କିଛି ଘାସ ବୁଦାବଣର ସଂକୀର୍ଣ୍ଣ ରାସ୍ତାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁହଁପୋତି ଏକାମୁହାଁ ହୋଇ
ମୋର ଅଚିହ୍ନା ଇଲାକାରେ ମୋର ଅଦେଖା ବାଟରେ ।।
ତୁମକୁ ଦେଖିଥିଲି ଢୋ ଢୋ ଖରାରେ
ଉତ୍ତାପ ଝାଞ୍ଜିକୁ ଆଡେଇ ଆସୁଥିଲ
ଓଢଣା ଆଢୁଆଲେ ମୁହଁ ଲୁଚେଇ ଲୁଚେଇ
ପାଦକୁ ପାଦ ଆଗେଇ
ସତେକି ମନ ମଧ୍ୟରେ ନୂଆ ଉନ୍ମାଦନାର
ଫୁଆର ଜନ୍ମାଇ
ଚାଲିଯାଉଥିଲ ଦୂର ଦିଗବଳୟର
ଅନ୍ତିମ ଆଭା ପର୍ଯ୍ୟନ୍ତ ଏକମୁହା ହୋଇ ।।
ତୁମେ ସାକ୍ଷାତ ହୁଅ ପୁଣି
କଲେଜ ଛକର ଗେଟ୍ ପାର୍ଶ୍ୱରେ
ଦିନ ଦ୍ୱିପ୍ରହର ର ଧୂଳି ଉଡାରାସ୍ତାରେ
ଯାଉଥିଲ ଏକା ଏକା କିଛି ମନେ ମନେ ଆଣ୍ଠୁଳେଇ
ଝିକ୍ ମିକ୍ ଆଧୁନିକ ବସ୍ତ୍ର ପରିହିତା ହୋଇ
ଆଖିରେ କଜ୍ୱଳ ଓ ମୁହଁରେ ସ୍ନୋ ପାଉଡର ର ପ୍ରଲେପ ଦେଇ
ଯେପରି କିଏ ତୁମର ଅପେକ୍ଷାର ଅନ୍ତକୁ ଜଗିରହିଛି
କଲେଜ ପରିଧି ମଧ୍ୟରେ
ମୀନ ନୟନରେ ନୟାନ୍ତ ହେଇ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ସନ୍ଧାନୀଲି ସେହି ଦିନୁ କେତେ
ବିଦ୍ୟାବିହାର ର କୋଣେ ଅନୁକୋଣେ ଯେତେ
ତୁମକୁ ଚିତ୍ରାୟିତ କରିଥିଲି ମନର ଚିତ୍ରକର ହସ୍ତେ
ତୁମେ ଯେଉଁ କଣେଇ ଚାହିଁ ଦେଇଯାଇଥିଲ ସତେ
ମନରେ ପ୍ରେମରାଗର ବୀଣା ବଜେଇ
ଚାଲିଗଲ ଯେ ତୁମେ ମନରେ ଆଶା ଦେଇ ।।
କାହିଁ ଗଲ କାହିଁ ଗଲ ସେଦିନୁ ନୟନ ମିଳାଇ
ଚାଲିଗଲ ଯେ ମୋ ମନେ ତୁମେ ବହ୍ନି ଜାଳିଦେଇ
ମୋ ସଙ୍ଗେ ସଙ୍ଗୀ ହେଲ ବିଦ୍ୟାବିହାର ରେ
ଏକାନ୍ତେ ପଚାରିଲି ପ୍ରେମ ପାରାବାରେ
ଶୁଣି ମୋ ବାର୍ତ୍ତା ଚୁପ୍ ରହି ଚାଲିଗଲ
ମୋ ପ୍ରଶ୍ନର ଉତ୍ତର ଯେ ଅଧାରେ ରଖିଲ ।।
କାହିଁ ଗଲ ତୁମେ ଯେ ମୁଁ ଖୋଜୁଛି ବାରେ ବାରେ
କାରୁଣ୍ଡ ମଣ୍ଡଳ କ୍ଷେତ୍ରେ କୋଶଳ ସହରେ
ତୁମକୁ ଯେ ମୁଁ ଖୋଜିବୁଲେ
ଏଇ ଏକାନ୍ତ ସମୟର ଚୋରାବାଲି ତୀରେ
ଏଇ ଏକାନ୍ତ ସମୟର ଚୋରାବାଲି ତୀରେ ।।

ବୋରିଆ, କେସିଙ୍ଗା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା



ସାଗରିକା ସାହୁ

ସାଥି ତୁମେ କେବେ ଆସିବ
ବୋଲି ବାଟ ଚାହିଁ ବସିଛି
ମନ ମୋର ବିଚଳିତ ହୋଇ
ମନେ ମନେ ଖାଲି ଝୁରୁଛି । ।

କେଉଁଠି ଅଛ ତୁମେ କଣ କରୁଛ
କିଏ ଦେବ ତୁମ ଖବର
ଏଇ ମୋର ହୃଦୟେ ଜାଗା ଦେଇ
କରିବି ତୁମକୁ ନିଜର । ।

କେଉଁ ଘରର ତୁମେ ରାଜ କୁମାର
ନାହିଁ ତ ମୋତେ ଜଣା
ଅସୀମ ଅମାପ ଭଲ ପାଉଥିବି
କେବେ କରିବିନି ଊଣା । ।

ଯେଉଁଠି ଯେତେ ଦୂରରେ ଅଛ
ଫେରି ଆସ ସାଥୀ ପାଖକୁ
ମୋ ମନ ମନ୍ଦିରେ ଜାଗା ଦେଇ
ସାଇତି ରଖିବି ତୁମକୁ । ।

ଗିଧମାଲ, ଗାଇସିଲେଟ୍‌, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି ଅଭିସାର



ନବୀନ ସାହୁ

ମିଳନଆଶା  ମିଳନଆଶା
କବି ଯାଇଥିଲା  ମିଳନ ଆଶେ
ପାଇଲା ଦଶା
ଇଏ କି ହେଲା  ?
ଆସିଲାନି ପ୍ରିୟା   ଦେଇଣ କଥା
ପାହିଲା ନିଶା  ।
ଉଦାସୀ ମନ   କରେ ଦହନ
ଓଠ ଚାହିଁଥିଲା  ପ୍ରିୟାଚୁମ୍ବନ
ବୁଡ଼ିଲା ଜହ୍ନ
କବିଜୀବନ
ରାଗଅଭିମାନ ନ ଚାହିଁ ବି ତ
ଭରିଲା ମନ  ।
ପ୍ରଭାତ ହେଲା   ପକ୍ଷୀ ରାବିଲା
ଦୂରଭାଷେ ଆହା  !  ପ୍ରିୟଚୁମ୍ବନ
କାନେ ଶୁଭିଲା
ତଥାପି କବି
ଅଭିମାନ କରି   ପଦିଏ ଗାଳି
ଭାଷି ତ ଦେଲା  ।
ପ୍ରିୟାର  ମନ   ନୁହେଁ ପାଷାଣ
କନକ ତନୁରେ   ଆଘୋଘନ, ଏ
କରିଲା କ'ଣ  ?
ପ୍ରେୟସୀ ମମ
ନୟନୁ ଝରିଲା    ଲୋତକ ଧାର
ହରିଲା ପ୍ରାଣ   ।
କାନ୍ଦ ନା ପ୍ରିୟା କାନ୍ଦ ନା ପ୍ରିୟା
ଦରଦୀ ମନରେ କବି ସେ କହେ
ଧଡ଼କେ ହିୟା
କବିରେ ତୁହି
କିସ କଲୁ ତା'କୁ   କନ୍ଦେଇ ଦେଇ  ?
ରାଗିଲା କଥା   ଦିଏ ଗୋ ବ୍ୟଥା
କହିବନି ମତେ   ଦାରୁଣ କଥା
କହିଲା ପ୍ରିୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଢାଳି ମୁକୁତା
ତୁମ ପାଇଁ ଏକା ମୁହିଁ ଗୋ ସଖା
ବୁଝ ମୋ' କଥା ।
ମୋ' ତନୁମନ ରୂପଯୌବନ
ତୁମ ଅଧିକାରେ ମୋହରି ମାନ
ଜୀବର ଧନ
ପ୍ରିୟା ଏ କହି
ବିଷାଦ ମନରେ ନ ଭାଷିଣ କିଛି
ହେଲା ମଉନ ।
ଲୁହ-ଦରିଆ କବିରେ ଆହା !
ଛାଇଗଲା ମୁଖେ ବିଷାଦ ଛାୟା
କବି କହିଲା,
ମାନି ତ ଯାଆ
ପ୍ରିୟତମା ତୁ ମୋ' କରିଣ କ୍ଷମା
ହୁଅ ଗୋ ସାହା ।
ଅଳିକ ଦିନ ଏଇ ଜୀବନ
ରୂପ ଯଉବନ ଯେହ୍ନେ ସପନ
ଧାଏଁ ଗୋ ମନ
ମୋହରି ମନ
ତନୁ ଚାହେଁ ନାହିଁ, ଚାହେଁ ତୋ' ମନ
ଗେହ୍ଲେଇ ଧନ ।
ଜାଣିଛି ମୁହିଁ ଚାହିଁଛି ମୁହିଁ
ମସକା ମାରୁଛ, ମାନିବି ନାହିଁ
ତୁମରି ପାଇଁ
କାନ୍ଦିଛି ମୁହିଁ
ପ୍ରାଣ ହାରିଦେବି ରାଗିବ ଯଦି
ଦେଉଛି କହି ।
ଜୀବ-ଜୀବନ ପ୍ରିୟାର ମନ
କବିର ନୟନ ସିକ୍ତ ବଦନ
ଝରିଲା ଘନ
ବିକଳ ମନ
ରାଗ ଅଭିମାନ ରଖିଲି ଆଜି
ଖାଇ ତୋ ରାଣ ।
କବିର କଥା ଲାଗଇ ଅଠା
ପାଷାଣ ତରଳେ ମନ କି କଥା
ସରମି ଲତା
ହେଲା ସୁସ୍ମିତା
ସେହି ଦୂରଭାଷେ ଚୁମିକି ହସେ
ଗଜମୁକୁତା ।

nabinsahu24@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଡ଼ ସାନ



ନୂତନ କୁମାର
ବେହେରା

ସମାଜେ ଆମର      ରହିଛି ବିଚାର
ବଡ଼ କିଏ ସାନ କିଏ ?
ଭେଦାଭେଦ ରଖି    ଚାଲୁ ଆମେ ଦେଖି
ଯେମିତି ଭାବଇ ଯିଏ ।
ସାନ ବଡ଼ ଅବା     ଉଚ୍ଚ ନୀଚ ହେବା
ନ ଥାଏ ଆମ ଅଧୀନେ,
ଈଶ୍ୱରଙ୍କ ସୃଷ୍ଟି      ଧରାର ସମଷ୍ଟି
ଗଢ଼ିଛନ୍ତି ଏକ ଧ୍ୟାନେ ।
କିଏ ଧନ ଧାନ୍ୟେ     କିଏ ବୁଦ୍ଧି ଜ୍ଞାନେ
ଲଭଇ ନିଜ ପ୍ରତିଷ୍ଠା,
କିଏ ଜନ୍ମେ ବଡ଼      କିଏ କର୍ମେ ବଡ଼
ହୋଇ ରଖିଥାଏ ନିଷ୍ଠା ।

ହୁଏନା ସୁଧାରି      ସ୍ୱରୂପ କାହାରି
ଜନ୍ମଗତ ଥାଏ ତାହା,
ନୀତି ଆଦର୍ଶରେ     ନିଷ୍ଠା ସାଧନାରେ
ପାଏ ଖୋଜି ଖୋଜେ ଯାହା ।
ବିଧିର ବିଧାନେ     ଅସାମାନ୍ୟ ଜଣେ
ପ୍ରତିଭାର ଭାଗିଦାରୀ,
ନିଜର ଉଦ୍ୟମ      ଦୃଢ ପରିଶ୍ରମ
ବଳେ ହୁଏ ଅଧିକାରୀ ।
ସଭିଏଁ ସମାନ      କହେ ବ୍ରହ୍ମ ଜ୍ଞାନ
ଭାବ ନା କାହାକୁ ହେୟ,
କଲେ ଅନୁଭବ      ଆସେ ସମ ଭାବ
ଉଦାର ହୁଏ ହୃଦୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡି ସଂକୀର୍ଣ୍ଣତା      ବୁଝି ବ୍ୟାପକତା
        ସାଧୁ ସନ୍ଥ ହୁଏ ଜଣେ,
ସମଦୃଷ୍ଟି ଦେଇ      ନିରପେକ୍ଷ ହୋଇ
        ବିଚାରେ ମହତ ଗୁଣେ ।
ବଡ଼ସାନ ଏକ   ସଂସାରେ ସବୁ ଲୋକ
        ପରମବ୍ରହ୍ମଙ୍କ ଅଂଶ,
ଚେତନା ଶକତି      ବଳରେ ପ୍ରଗତି
        କଲେ ହୁଏ ତା' ପ୍ରକାଶ ।
ଥିବାଯାଏ ନିଜ      ଅହଂଭାବ ତେଜ
        ଆସେ ନାହିଁ ସମଦୃଷ୍ଟି,
ବୁଝି ପାରେ ନାହିଁ      ବଞ୍ଚେ ନିଜ ପାଇଁ
        ଅନର୍ଥ କରଇ ସୃଷ୍ଟି ।
ଆସ ଭାଇ ବଂଧୁ      ଗଢି ପ୍ରେମ ସିନ୍ଧୁ
        ଜଗତେ ଆଣିବା ଶାନ୍ତି,
ପରସ୍ପର ସାଥେ      ଏକ ମନୋରଥେ
        ଦୂରେଇ ଦେବା ଏ ଭ୍ରାନ୍ତି ।

କବିରତ୍ନ ନୂତନ କୁମାର ବେହେରା
କୋହି, ଗଡ଼ିଆ, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରା



ହେମନ୍ତ ଦାଶ

ଧୁ ଧୁ ତାଲୁଫଟା ଖରା
ଅନିମନ୍ତ୍ରିତ ଅତିଥିଟିଏ ହୋଇ
ଆସ୍ଥାନ ଜମେଇ ବସିଲାଣି
ଅଲାଜୁକ ଆଗନ୍ତୁକ ପରି....

ହଠାତ୍ ଛତ୍ରଭଙ୍ଗ ଦେଇ
ଉଭାନ୍ ହୋଇଗଲାଣି
ଚିରା ଫଗୁଣ
ମଳୟର ଅବର୍ତ୍ତମାନରେ
ଝାଞ୍ଜିର ଉତ୍ପାତ ବଢିଲାଣି ।

ହସର ଜୁଆର ଖେଳୁଥିବା
ଗାଁ ଗାଧୁଆ ତୁଠ ରେ
ଆସିଲାଣି ଭଟ୍ଟା,
ପୂର୍ଣ୍ଣଗର୍ଭା ଏବେ
ଶୂନ୍ୟତାର ତାଡନାରେ
ଦେହସାରା ଫାଟି
ଆଁ କଲାଣି ।

ପୃଥିବୀର ସବୁଜତାକୁ
ସତେ ଯେମିତି
ଦୁର୍ଦ୍ଦାନ୍ତ ଖରା
ନିଲାମ କରିନେଇଛି
ପତ୍ରଛଡା ଦେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଥିକର ସାହାରା ଥିବା
ଗାଁ ବରଗଛ ଏବେ
ବେସାହାରା ବିବସ୍ତ୍ରା,
ଅବଶ୍ୟ
ଅସ୍ଥାୟୀ ଡାଳଛପର କୁଡିଆର
ଜଳଛତ୍ର ଏକମାତ୍ର
ଆଶାର ଆଲୋକ ।

ଦିନ ଦ୍ୱି ପହରରେ
ମରିଚିକା ର ଭ୍ରମ
ପଥିକକୁ
ଭଣ୍ଡ ସନ୍ୟାସୀର
ବେଦପାଠ ପରି ମନେହୁଏ ।

ମୁଠା ମୁଠା ସ୍ୱପ୍ନନେଇ
ନବାଗତା ନବବଧୂ ଏବେ
ଗୃହବନ୍ଦୀ,
ଧରିତ୍ରୀର ଉତ୍ତାପ ବୃଦ୍ଧିସହ
ଦେହର ଉତ୍ତାପ
ସମତାଳ ଦେଇ ଆବର୍ତ୍ତନ ଗତିରେ ।

ଠାଏ ଠାଏ
କଅଁଳ ପତ୍ରର ଆଗମନ
ଦୁର୍ଭିକ୍ଷର ଦୁର୍ଦ୍ଦିନରେ
ନବ ଉଦ୍ଦୀପନା
ଭରିଦେଇଛି ।

କେବେଠୁ କିଡନାପ୍
ହୋଇଯାଇଥିବା
ବସନ୍ତର ସ୍ମୃତିକୁନେଇ
ହେମନ୍ତ ବାଟଚାହିଁ ବସିଛି
ତାର ଲେଉଟାଣି ବାଟକୁ......

ତୁଷୁରା, ବଲାଙ୍ଗିର । ମୋ-୯୯୩୭୬୮୮୫୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନୀ ନାଆ ଟି



ରାଧାମୋହନ ପୂଜାହାରୀ

ନୀଳ ସମୁଦ୍ର ର ଗଭୀର ଜଳେ
ଭାସି ଯାଉଥାଏ ସାଗର କୋଳେ
ମୁଁ ଅସହାୟ ନାଆ ଟି,
ନା ଅଛି ନାଉରୀ ନା ଅଛି କାତ
ପର ସେବା ପାଇଁ ହୋଇଛି ଜାତ
ବୋଇତ ଯେ ମୋର ନାଁ ଟି ।

ଶୁଣାଉଛି ଆଜି ଦୁଃଖ କାହାଣୀ
ଥକି ଯାଉଛି ମୋ ଗାଥା ବଖାଣି
ହୃଦୟରୁ ଲହୁ ଝରେ,
ଅଯଥା ଅଲୋଡା ହେଲି ସମାଜେ
ଆଜି ମୋ ବିନାଶ ଘଣ୍ଟି ବାଜେ
ଜାଣି ସୁଦ୍ଧା ମନ ହରେ ।

ସାଧବ ପୁଅ ବଣିକ ସାଜି
ନିଜ ଜୀବନକୁ ଲଗେଇ ବାଜି
ଘେନି ଯାଏ ଦୂର ଦେଶେ,
ବେପାରରେ ତା'ର ଲଗାଇ ମନ
ଘେନି ଆସେ କେତେ ଧନ ରତନ
ସ୍ୱଦେଶ ବାହୁଡ଼େ ଶେଷେ ।

ପୋଷେ ପରିବାର ନାଉରୀ ଭାଇ
ଜୀବନ ନଉକା ନିଏ ସେ ବାହି
ଆନନ୍ଦେ ସେ ଗୀତ ଗାଏ,
ଶିର ପରେ ବହି ସଂସାର ଜଞ୍ଜାଳ
ତୁଣ୍ଡେ ମାରି ସିଏ ତା' ମୁଣ୍ଡ ଝାଳ
ଯାତନା ଯେ ପାଇ ଥାଏ ।

କାର୍ତ୍ତିକ ରେ ଆସେ ଆମ ପରବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଥିରେ ଆଣନ୍ତି କେତେ ଦରବ

ଭସେଇବା ପାଇଁ ଜଳେ,

ଝିଅ ବୋହୂ ନଇ କୂଳକୁ ଆସି

ବୋଇତ ବନ୍ଦାନ୍ତି ଶୁଭ ମନାସି

ଦଣ୍ଡବତ ହୋଇ ତଳେ ।

ହଜିଯାଇଛି ମୋ ଦୁନିଆ ଆଜି

ଜୀବନଟା ମୋର ପଡ଼ିଛି ବାଜି

ମୁଁ ନିର୍ବୋଧ ନାଆ ଟି,

ସଂସ୍କୃତି ରୁ ଦିନେ ନିଶ୍ଚିହ୍ନ ହେବି

ଏ ଭବ ସାଗରୁ ବିଦାୟ ନେବି

ଲୋପ ପାଇଯିବ ନାଁ ଟି ।

ଲସ୍ତଲା (ଓଲୁଣ୍ଡା)

ସୋନପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିଖୋଜ ଏକ ଜୀବନ ସୈନିକ



ଚିତ୍ତରଞ୍ଜନ ଦାଶ

କିଏ ସେ ବିଜ୍ଞାଣି, କେତେ ଦିନ ଗଣି,
ଗଢିଲେ ସୌନ୍ଦର୍ଯ୍ୟ ମଣି ।
ପଲକରେ ଧରେ, ଭୋକ ଶୋଷ ଭୁଲି,
ଆତ୍ମା ମନ ପାଶେ ରଣୀ ।।

ଧୀର ପବନର,  ଶୀତୁଆ ସକାଳ,
ମଙ୍ଗଳ ଘଣ୍ଟା ଆଳତି ।
ଅତସୀ କୁସୁମ,ବଡ ମନୋରମ,
ମାନସ ଆବେଗ ପ୍ରୀତି ।।

ଅଖଣ୍ଡ ପ୍ରଦୀପ, ମୁରୁଜ ମଣ୍ଡପ,
ଶଙ୍ଖ ନାଦ ହରି ମେଳା।।
ପାହୁଣ୍ଡ ପହଣ୍ଡି, କିଏ ଶିକ୍ଷା ଦେଲା,
ଗୁରୁଣ୍ଡି ଏରୁଣ୍ଡି ବଳା ।।

କହିକି ପାରିବ, ଯଉବନ ଭାବ,
ଆକ୍ଷିଭାଷା ମନକଥା ।
କିଏ ଶିକ୍ଷାଦାତ୍ତା, ବୁଦ୍ଧି ମତି ସତ୍ତା,
ଘୁରାଇ ଗହୀର ମଥା ।।

କେଉଁ ସଙ୍ଗୀତ ର,  ସାତସୁର ତାଳେ,
ସବୁଜିମା ଅସଙ୍ଗତ ।
ପଣତ ଗାରିମା, ରମା ଅନୁପମା,
ନୃତ୍ୟ ଲୀଳା ଅବିରତ ।।

ଅବିଶ୍ରାନ୍ତ ଗତି, ଅଧୁରା ଦୁର୍ଗତି,
ଅଶାନ୍ତ ପରିବର୍ତ୍ତନ ।
ସୁନ୍ଦର ପ୍ରଣାଳୀ, ପ୍ରାଣ ପ୍ରେମ ଗିଳି,
ଦୁର୍ଭିକ୍ଷ ଧରା ଜୀବନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ୟାଗ ଅନୁକମ୍ପା, ଯୁଦ୍ଧ ହାର କିମ୍ପା,
ପଳାତକ କାଳଜୟୀ ।
ଶ୍ରଦ୍ଧାଶ୍ରୀ କୁଠାରି , କରୁଣା ଶୃଙ୍ଗରୀ,
ବିଭୀଷିକା ଶଯ୍ୟାଶାୟୀ ।।

ମହାଜାଗତିକ, ନୀଳଭୂ ପଥିକ,
ପଲ୍ଲିଶ୍ରୀ ମାଟି ମହକ ।
ଅଫେରନ୍ତା ସାଜ, ସାଜି ପ୍ରହରାଜ,
ଗୁପ୍ତଚର ଗୁପ୍ତ ଡାକ ।।

ଜନ୍ମଦାତ୍ରୀ ଭୁଲି, ଧରାଶାୟୀ କେଳି,
କିଯୋଗେ ଗଙ୍ଗଶିଉଳି ।
ଆବୋରନ୍ତି କୋଳ, ଶୁଷ୍କ ହେଉ ମୂଳ,
କେତେଯେ କୁସୁମ ଭାଳି ।।

ଜୀବନ ପଥର, ସୀମା ରେଖା ସ୍ତର,
ସୁଗମ୍ୟ ସୁଧାରେ କେହୁଁ ।
ହୁଡ଼ି, ପଡ଼ି, ଗଡି, ବନ୍ଧୁରିତ ବେଡି,
ଯାତନା ଭୋଗାଇ ଥାଉ ।।

ଫ୍ଲାଟ୍ : ଏସ୍-୧୦୩, ସୁଶୀଳା ଆପାର୍ଟମେଣ୍ଟ
ନୟାପଲ୍ଲୀ, ଭୁବନେଶ୍ୱର, ୧୨, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମଣିଷ...



ଦମୟନ୍ତୀ ଜେନା

ମଣିଷ ଆଜି ମଣିଷ ନୁହେଁ
କରେ ପଶୁ ଆଚରଣ
ହିଂସ୍ରିକ ସାଜି ଅନ୍ୟକୁ ମାରେ
କରେ ଭଣ୍ଡାମି ତତ୍ କ୍ଷଣ........

ଅହଂର ଜ୍ୱ ।ଳାରେ ଜଳୁଥାଏ ନିଜେ
ଅନ୍ୟକୁ ବି ଜାଳିଦିଏ
ନିଜେ ଜଳି ପୋଡି ପାଉଁଶ ହୋଇ
ନିଜ ଗୁଣ ଗାଉଥାଏ.........

ଅନ୍ୟର ଉନ୍ନତିରେ ଇର୍ଷା ହୋଇ
ପାଞ୍ଚେ ସଦା ମନ୍ଦବୁଦ୍ଧି
ସେଇ ବୁଦ୍ଧିରେ ନିଜେ ଫଶିଯାଇ
ଡାକେ ଠାକୁରଙ୍କୁ ନୀତି........

ଲୋଭ କରେ ସଦା ଅନ୍ୟର ଅର୍ଥକୁ
ଭିକାରି ଭଳି ହୋଇ
ନିଜେ ବି ଦିନେ ଭିକାରି ସାଜେ
ତାକୁ କେହି ନ ପଚାରଇ.......

କର୍ମ ହିଁ ଧର୍ମ
କର୍ମ ହିଁ ପୁନ୍ୟ
କର୍ମ ହିଁ ଭଗବାନ
କର୍ମରେ ଠକେ ଯେଉଁ ଜନ
ସେ ସର୍ବତ୍ର ହୁଏ ହୀନମାନ୍ୟ.....

ହେ ମଣିଷ ....
ରହିଜା ତୁ ଦୁଇପାଦ
ପଛକୁ ଫେରି ଦେଖ ନିଜ ଅତୀତ
ଆଗେଇ ଚାଲ ସଦା
ସତ୍ କର୍ମ ସହିତ ।।।।।।।।

ଶିକ୍ଷୟିତ୍ରୀ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମିତହାସ୍ୟ



ପ୍ରାଚୀପ୍ରଭା ନନ୍ଦ

ଓ ନିଳାଞ୍ଜନା ତମ ସ୍ମିତ ହାସ୍ୟ

ଦିଗହରା କେତେବେଳେ, କେତେବେଳେ ରହସ୍ୟ

ଉନ୍ମାଦନା ଭରିଦିଏ ପ୍ରତି କୋଣେ ଅନୁକୋଣେ

ମଧୁ ମାଳତୀ ନା ମନର ମାନସୀ

ଆଙ୍କିଛି ଛବି ତୋର ମନରେ

ନୟନ ରେ ଭରିଛି ତୋ ବାଦଲର ଆଳସ୍ୟ ।

ସ୍ୱପ୍ନରେ ଝଙ୍କାରେ କଥା ତୋ ଶୁଣିଛି

ହସର ଖିଲି ଖିଲି ଶବ୍ଦରେ କେତେଥର ଭାସିଛି

ରୁଣୁ ଝୁଣୁ ପାଉଁଜିର ତାଳେ ତାଳେ

ପ୍ରତି ରଜନୀ ମୋ ପାହିଛି ।

ସକାଳର ପ୍ରଥମ କିରଣ ସହ ଯେବେ

ଆଙ୍କିବି ବୋଲି ଅବିକଳ ଛବି ତୋର ବସିଛି

ସେତେଥର ମୂର୍ଚ୍ଛ ସମୀରେ ଆନମନା ହେଇଛି

ଉଜ୍ଜ୍ୱଳ ତାରକା ପରି ହସରେ ତୋର ଘୁରି ବୁଲିବାରେ ଇଛା

ମୋର,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗନା ଅଗନି ବନସ୍ତ ଡେଇଁ ସାତ ଦରିଆରେ ଲମ୍ଫ ଦେଇ,

ହେଲେ ହସ ତୋର ଅଧା ବାଟେ ହଜେଇଛି ମୋତେ ଧୁଆଁ ପ୍ରାୟ

କୁହୁଡ଼ିର ମାୟାରେ ଛନ୍ଦି ହୋଇ ବାରମ୍ବାର ଫେରିଛି ମୁଁ ତ୍ୟାଗ କରି କଳ୍ପନା ର ରାଜ୍ୟ ।

ଫେରିଛି ସତ !

ମନର ଅବସାଦ ରେଖା କୁ ଲଲାଟେ ଆଙ୍କିନି

କେବେ ନିରାଶାର କର ମଣ୍ଡନ କରି

ଅବଶୋଷ ତ ଅଛି ହେଲେ !

ସାହସର ପସରା ଛାଡ଼ିନି

କେବେ ସ୍ମୃତି କୁ ଝୁରି ଝୁରି ।

ଜୀବନର ରେଖା ଯେତେଦିନ

ଝଟକୁଥିବ ଦାଉ ଦାଉ ହେଇ

ସେତେଦିନ ଉଦ୍ୟମର ଶେଷ ସୀମା ଟପୁ ଥିବ

ମୋର ଅନ୍ତହୀନ ପ୍ରଚେଷ୍ଟା ସ୍ମିତ୍ ହାସ୍ୟ ଖୋଜିବାର...... ।

ଗୁଣ୍ଡିଚା ବିହାର
ପୁରୀ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କନ୍ୟାଭ୍ରୂଣ ହତ୍ୟା



ସୁବାସିନୀ ପଧାନ

କେତେ ସ୍ୱପ୍ନ ନେଇ ଆସିଥିଲି ମୁହିଁ
କେତେ ଆଶା ନେଇ ଆସିଥିଲି ଧାଇଁ

ଦୁନିଆଁ ଦେଖିବି ଭାବିଥିଲି ମୁହିଁ
ଆଖି ନ ଖୋଲୁଣୁ ବୁଜି ଦେଲ ମୋର ଆଖି

ମାଆ ହୋଇ ତୁମେ ବୁଝି ନି ମତେ
ବାପା କି ଆଉ ମୋ ଦୁଃଖ ବୁଝି ଥାନ୍ତେ

କି ଦୋଷ କରିଲି ମାଆ ମୁଁ ତୁମର
ଆଖି ନ ଖୋଲୁଣୁ ମତେ କଲ ସାତପର

ଝିଅ ବୋଲି ଶୁଣୁ ନାହଁ କେହି ଅଲି
ଝିଅଟିଏ ଗର୍ଭେ ବୋଲି ପକାଉଛ ମୋର ବଳି

ଏତେ ଘୃଣା ତୁମେ କର କାଇଁ ମତେ
ମୁଁ ବି ମଣିଷ ଗୋଟେ ମୋର ବି ଆଶା ଅଛି
କେତେ

ପୁଅ ନୁହେଁ ବୋଲି ପଡୁଛି ମୁଁ ବଳି
ଝିଅ ବିନା କୁହ ସଂସାର କି ପାରିବ ଚାଲି

କେହି ନୁହେଁ ମୋର ନିଜର ଏଇଠି
ସମସ୍ତେ ଙ୍କ ପାଇଁ ମୁଁ ବୋଝ ଗୋଟି

ମାଆ ମୋ ନିଜର କରିଦେଲା ପର
ଆଉ କିଏ ଶୁଣିବ ଦୁଃଖ ମୋହର

ସରଗ ଠୁ ବଡ଼ ବାପା ପରା ମୋର
ଝିଅ ବୋଲି ମତେ କରିଦେଲେ ତୁମେ ଦୂର

କି ଦୋଷ ମୁଁ ବାପା ମା କଲି ତୁମର
ଦୁନିଆ ନ ଦେଖୁଣୁ କରିଦେଲ ମତେ ପର

ସୋନପୁର, ଓଡ଼ିଶା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୁଁ ବି ନାରୀ



ଯଶୋଦା ମାଝୀ

ନୀଳ ସୁନୀଳ ଆକାଶ ତଳେ
ବିସ୍ତୃତ କାୟା, ପ୍ରେମର ଛାୟା
ବସୁଧା ଅଙ୍କେ ଜନମ ମୋହରୀ
ମୁଁ ବି ନାରୀ ।

ମୋ ରୂପ ସୁନ୍ଦର କୋମଳ ତନୁ
ମୋ ପ୍ରେମ ସମ୍ବନ୍ଧ ଅନ୍ତର ମନୁ
ମୋ ସାଥେ ବିଶ୍ୱାସ ଘାତକତା କଲେ
ହୋଇଯାଏ ମୁଁ ସଂହାରକାରୀ,
ମୁଁ ବି ନାରୀ ।

ମୁଁ ମୋ ମାଆର ଗେହ୍ଲେଇ
ବାପାର ସମ୍ମାନ,
ମୋ ଭାଇର ରାକ୍ଷୀ, ସ୍ୱାମୀର ବ୍ରତ
ଆପଣା ଅଟନ୍ତି ଏମାନେ ମୋହରି
ମୋ ବିନା ଆଖିରେ ଲୁହ ଯାଏ ଭରି,
ମୁଁ ବି ନାରୀ ।

ନାରୀ ଯେ ଅଟଇ କନ୍ୟା, ବଧୂ, ପ୍ରିୟା
ଜନନୀ, ଭଗିନୀ, ଜାୟା
ସଭିଙ୍କୁ କରନ୍ତି ଦୟା
ଉର୍ବଶୀ ମେନକା ପରୀ
ମୁଁ ବି ନାରୀ ।

ମୁଁ ଯେ ନିଃସ୍ୱାର୍ଥପର
ଅନ୍ୟର ସତ୍ତା କୁ ସୁରକ୍ଷିତ ଭାବେ
ଧରିଥାଏ ମୋ ଉଦର,
ଦଶ ଦିନ ଦଶ ମାସ,
ଗର୍ଭରେ ଧରେ ମୁଁ ପାଇ ନାନା କ୍ଲେଶ ।
ହୋଇଲେ ସମୟ ଶେଷ
ଜନମ ଦିଏ ମୁଁ ସନ୍ତାନଟିଏ
ହୃଦୟେ ସାହସ ଭରି
ମୁଁ ବି ନାରୀ ।

ନୂଆପଡ଼ା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନସ୍ୱିନୀ



ସରୋଜ ସାହୁ

ତୁମେ ବା କି ଜାଣ  କିଏସେ ତୁମେ,
ପରି ରାଇଜର ରୁପସୀ ତୁମେ,
ଏ ଧରା ପୃଷ୍ଠକୁ ଆସିଛ ତୁମେ,
ହୋଇ ସଖି ମୋର ପ୍ରେୟସୀ ତୁମେ.

ପ୍ରଜାପତି କହେ ଫୁଲଟି ତୁମେ,
ଫୁଲ କହେ ତାର ପାଖୁଡା ତୁମେ,
ପାଖୁଡା କହେ ତା ରଙ୍ଗ ତୁମେ,
ରଙ୍ଗ କହେ ତାର ସୌନ୍ଦର୍ଯ୍ୟ ତୁମେ.

ମଲ୍ଲୀ କହେ ତାର ବାସନା ତୁମେ,
ଭ୍ରମର କହେ ତା ଗୁଞ୍ଜନ ତୁମେ,
ବସନ୍ତ ଋତୁ ର ମଳୟ ତୁମେ,
ନୀଳ ଆକାଶର ବଳୟ ତୁମେ.

ଲେଖକ କହେ ତା ଲେଖନୀ ତୁମେ,
ଏକ ଅଲେଖା ଅକୁହା କାହାଣୀ ତୁମେ,
କବି କହେ ତାର କଳ୍ପନା ତୁମେ,
କଳ୍ପନାର ରୂପ କବିତା ତୁମେ.

ଜହ୍ନ କହେ ତାର ଜୋଛନା ତୁମେ,
ସୁରୁଜ କହେ ତା କିରଣ ତୁମେ,
ଦୀପ କହେ ତାର ଆଲୁଅ ତୁମେ,
ସପ୍ତ ରଙ୍ଗର ଯେ ମିଶ୍ରଣ ତୁମେ.

ପାହାଡ କହେ ତା ଝରଣା ତୁମେ,
ଝରଣା କହେ ତା ତରଙ୍ଗ ତୁମେ,
ନଦୀ କହେ ଏକ ସାଗର ତୁମେ,
ସାଗର ବୁକୁର ଜୁଆର ତୁମେ.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଇଲିର କଁଠ ସ୍ୱର ବି ତୁମେ,

ବୀଣା କହେ ତାର ଝଙ୍କାର ତୁମେ,

ବଂଶୀର ଧ୍ୱନିଠୁ ମଧୁର ତୁମେ,

ସୁର ସଂଗୀତର ମିଳନ ତୁମେ.

ହୃଦୟ କହେ ତା ସ୍ପନ୍ଦନ ତୁମେ,

ଆଖିକୁ ଶୀତଳ ଅଞ୍ଜନ ତୁମେ,

ଜନ୍ମ ଜନମର ସଙ୍ଗିନୀ ତୁମେ,

ମୋ ମନ ମନ୍ଦିର ଅଶ୍ୱିନୀ ତୁମେ.

ସରୋଜ ସାହୁ, ପୁନେ, ମହାରାଷ୍ଟ୍ର

(ଘର : ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା)

ଇମେଲ୍ : sarsahu@hotmail.com

ଭ୍ରାମ୍ୟଭାଷ : ୯୮୫୦୮୧୪୯୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାମନା



ସୁଶୀଲ କୁମାର ଭୋଇ

"ତୁମ ଚଞ୍ଚଳତାରେ ଥିଲା ଯେ କିଛି ଛଳନା
ଜାଣି ପାରିଥିଲି ମୁଁ କରି କଳନା
ଅଟକାଇ ରଖିଥିଲି ମୁଁ ଜିଦ୍ ଖୋର ମନରେ
ଅଟକି ଯାଇଥିଲ ତୁମେ ଯେ ବହୁ କଷ୍ଟରେ
କରିଥିଲ ପ୍ରେମାଳାପ ଆଶଙ୍କା ଓ ଆବେଗରେ ।।

ସାକ୍ଷୀଅଛି ସେ'ତରୁ-ଲତା ଅରଣ୍ୟ ଓ ହନ୍ତାଳ ବନ
ଦୃଷ୍ଟି ଦେଇଥିଲେ କେତେ ଯେ ବିହଙ୍ଗ,
ସରୀସୃପ ଗଣ ନିର୍ଭୟରେ ଚାହିଁରହି କରି ଚାଲିଥିଲ ଚକ୍ଷୁସହ ଚକ୍ଷୁ ମିଳନ,
ମିଳନ ମିଳନରେ ଅତିବାହିତ ହୋଇଥିଲା ସମୟ ଯାନ ।।

ଅତିବାହିତ ହୋଇ ଚାଲିଗଲା ସିନା ସେ ସମୟ
ହେଲେ ଛାଡ଼ି ଚାଲି ଯାଇଥିଲ ତୁମେ ପ୍ରୀତିର ଚୁମ୍ବନ ଚିହ୍ନ
ହୃଦୟରେ ଖେଳି ଯାଉଥିଲା ତୁମ ହୃଦୟର ସିଂହରଣ,
ଛାଡ଼ି ଚାଲିଯାଇ ଥିଲ ଦୀର୍ଘ ନିଶ୍ୱାସର ନିର୍ବାରଣ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନେଉଥିଲି ମୁଁ ଯେବେ ବିଶ୍ରାମ

ଭାବୁଥିଲି ତୁମ ସହିତ ଅତିବାହିତର

ସେ ସ୍ମରଣୀୟ ସମୟ ,

ଅଭୁଲା ଦିନକୁ ମୁଁ କେବେ ପାଶୋରିବି ନାହିଁ,

କାଟିଥିବା ତୁମ ସହ ସେ ସ୍ମରଣୀୟ

ସମୟକୁ କେବେବି ମୁଁ ଭୁଲିବି ନାହିଁ ।

ମୋ ପାଇଁ ତୁମେ ସହିଥିଲ କେତେ ଯେ ଯନ୍ତ୍ରଣା

ଦେଇଥିଲ ତୁମେ ତୁମ ଜୀବନର ସର୍ବସ୍ୱ ପାଉଣା,

ଯାଚିଥିଲ ତୁମେ ତୁମ ପ୍ରେମର ଠିକଣା

ପାଇଥିଲି ମୁଁ ' ତୁମ ପ୍ରେମର ବାସନା

ଦେଇଥିଲି ତୁମକୁ ମୁଁ ' ନିର୍ଯାତନା

ଭରିଗଲା ବୋଲି ମୋ'ମନର କାମନା । ।

(ସମାଜ ସେବୀ)

ଭୁବନେଶ୍ୱର-୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁମ ସ୍ମୃତି ତଲାସରେ



ରଶ୍ମୀରେଖା ମଲ୍ଲିକ

କଅଁଳୁଛି ମୁଁ ଘାସଟିଏ ହୋଇ
ତୁମ ପଥର ହୃଦୟ ତଳେ
ଜାଣେ ନାହିଁ ଅବା ଚାପି ହୋଇଯିବି
ସେଇ ପଥରର ସନ୍ଧି ତଳେ

କଳ୍ପନାର ସେଇ କାନ୍‌ଭାସ୍ ପରେ
ହାତେ ଧରି ରଙ୍ଗ ତୂଳୀ
ଆଙ୍କୁ ଆଙ୍କୁ ଆଙ୍କି ଦେଲି ତୁମ ଛବି
ଇନ୍ଦ୍ରଧନୁ ସପ୍ତ ରଙ୍ଗ ବୋଳି

ମେଞ୍ଚା ମେଞ୍ଚା ସ୍ୱପ୍ନ ଲାଖି ଯାଏ ଆସି
ମୋ ଆଖି କଜଳ ଧାରେ
ବିଜନ ରାତ୍ରି ରେ ମୋ ଆଖି ପଲକ
ତୁମ ସ୍ୱପ୍ନ ସୌଧ ତୋଳେ

ଗଦା ଗଦା ସବୁ ସ୍ମୃତିର ଶାମୁକା
ହୃଦୟର ବେଳା ପରେ
ବିଛାଡି ହୋଇଣ ରହିଥା'ନ୍ତି ସବୁ
ତୁମ ସ୍ମୃତି ତଲାସ ରେ

ସଂଜ୍ଞାହୀନ ସବୁ ଆଶା ସ୍ୱପ୍ନ ମୋର
ନେଇ ପ୍ରତୀକ୍ଷା ର ପାଦଚିହ୍ନ
ବିରହ ନିଆଁ ରେ ମରୁଥା'ନ୍ତି ନିତି
ଜଳ ବିନା ଯେହ୍ନେ ଝସ ସମ

ତୁମକୁ ପାଇବା ଇଚ୍ଛା ସୃଷ୍ଟିକରେ
ନିତି ନୂଆ ପ୍ରହେଳିକା
ଭାବନା ରେ ତୁମ ବିହ୍ୱଳିତା ହୋଇ
ନିତି ସାଜେ  ମୁଁ ତୁମ ପ୍ରେମିକା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତା ପ୍ରେମ



ସୁଧାଂଶୁ ସେଠୀ

ମାଟିରେ ପଡ଼ିବା ଆଗରୁ

ମୁଁ ତା ସ୍ପର୍ଶ ପାଇଥିଲି,

ଦୁନିଆକୁ ଦେଖିବା ଆଗରୁ

ମୁଁ ତା ଚେହେରା ଦେଖିଥିଲି ।

ବୋଧେ ସେଦିନ ସେ ବୋହୁତ ଖୁସିଥିଲା

ଯୋଉଦିନ ମୁଁ ପ୍ରଥମ ଥର କାନ୍ଦିଥିଲି,

ବୋଧେ ସେଦିନ ଶେଷଦିନ ଥିଲା

ଯୋଉଦିନ ସେ ମୋତେ କାନ୍ଦିବାର ଦେଖି ଖୁସିହୋଇଥିଲା ।

ହଁ ସେ ମତେ ବୋହୁତ ଭଲ ପାଉଛି,

ଯେତିକି ସେ କେବେବି ମତେ ଦେଖେଇ ପାରିବନି ।

ହଁ ସେ ମତେ ତା ଜୀବନ କରିଦେଇଛି,

ଏମିତିକି ମତେ ଛାଡ଼ି ଗୋଟେ ମୁହୂର୍ତ୍ତ ବି ବଞ୍ଚିପାରିବନି ।

ସେ ମତେ କଥା କହିବା ସିଖେଇଛି,

ହଁ !ସେ ମୋ ସହ ଛୋଟ ପିଲା ହେଇଯାଇଛି ।

ମୁଁ ବି ତାକୁ ବୋହୁତ ଭଲ ପାଉଛି,

କିନ୍ତୁ !ସେ ମତେ ତା ନିଜଠାରୁ ବି ଅଧିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲ ପାଉଛି ।

ପିଲାବେଳେ ମୁଁ ନ ଖାଇଲେ ଜହ୍ନମାମୁ

ଦେଖେଇ ଦିଏ,

ରାଗିଲେ ରୁସିଲେ ସେ ମତେ ଧନ କହି

ବୁଝେଇ ଦିଏ ।

ସେ ଦେଇଥିବା ଆଦର୍ଷ ଆଜି ମୋ ଜୀବନର ମନ୍ତ୍ର ହୋଇଯାଇଛି,

ସେ ଦେଇଥିବା ପ୍ରେମ ଆଜି ମୋ ଜୀବନର ବାସ୍ତବତା ହୋଇଯାଇଛି ।

ତାକୁ ବୋହୁତ କିଛି କହିବାର ଅଛି

କିନ୍ତୁ,ଖାଲି ଏତିକି କହୁଛି,

ମୁଁ ତତେ ବୋହୁତ ଭଲ ପାଉଛି ।

ସୁଧାଂଶୁ ସେଠୀ(ଛାତ୍ର)

ଯୁକ୍ତ ଦୁଇ, ଦ୍ୱିତୀୟବର୍ଷ,ବିଜ୍ଞାନ

ଉଦୟ ନଗର,ଧର୍ମଶାଳା,ଯାଜପୁର

ଦୂରଭାଷ-୭୭୩୪୮୫୫୯୪୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇତ ଜୀବନ



ରଞ୍ଜୀତ
ଅରେବେଡ଼ିଆ

ନିଜ ପେଟକୁ ଅପୋଷା ରଖି
ସଭିଁଙ୍କୁ ଦିଏ ପୋଷଣ
ଖରା,ବର୍ଷା,ଶୀତକୁ ନଡରି
ଅକ୍ଳାନ୍ତ ପରିଶ୍ରମରେ କରେ ଭୂମିକର୍ଷଣ
ଏଇତ ଜୀବନ ଏଇତ ଜୀବନ (୧)

ପଢିବାର ମନୋବଳ ଥିଲେ ମଧ୍ୟ
ପ୍ରତିବନ୍ଧକ ସାଜେ ଅର୍ଥ
ରଖିଥିବା ଆଶା ଦେଖିଥିବା ସ୍ୱପ୍ନ
ପୂରଣ କରିବାରେ ହୁଏ ଅସମର୍ଥ
ନିରୁପାୟ ହୋଇ ଖଟିଯାଏ ଦାଦନ
ଏଇତ ଜୀବନ ଏଇତ ଜୀବନ (୨)

ଦେଶକୁ ରକ୍ଷାକରିବା ପାଇଁ
ଦିନ ରାତି ଜଗିବସିଥାଏ ଶତ୍ରୁକୁ ଅନାଇ
ଦେଶପାଇଁ ଜାତିପାଇଁ ସଦା
ନିଜ ଜୀବନକୁ କରିଥାଏ ବଳିଦାନ
ଏଇତ ଜୀବନ ଏଇତ ଜୀବନ (୩)

ନିଜ ବାପା ମାଙ୍କୁ ଦୂର କରି
ଚାଲିଯାଏ ଶାଶୂଘର
ବୈବାହିକ ଜୀବନ ପାଇଁ
ବଧୂବେଶ ଧରି ହୋଇଯାଏ ପର
କରିଯାଏ କେତେ ମାନ ଅଭିମାନ
ଏଇତ ଜୀବନ ଏଇତ ଜୀବନ (୪)

ମନ୍ଦିର ବେଢାରେ ଥାଳିଟିଏ ଧରି
କରୁଥାଏ ଭଜନ
ପ୍ରଭୁନାମ ଧରି ଧରି ବିତାଇଦିଏ ଦିନ
ଏଇତ ଜୀବନ ଏଇତ ଜୀବନ (୫)

ଗ୍ରାମ - ମିର୍ଜାପୁର, କଳାହାଣ୍ଡି
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ( କୋରାପୁଟ )
ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଥମ ବର୍ଷର ଛାତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁଣି କେବେ



ତପନ କୁମାର ସାହୁ

ପୁଣି କେବେ ଏ ଧର୍ଯ୍ୟ କୁ ମିଳିବ ଧାର୍ଯ୍ୟ ର ସାହାରା
ବନ୍ଦ୍ ବୋତଲ ରେ ଥିବା ଅକୁହା କଥା
ଆଜିବି ଭୋଗୁଛି ନିସଂଗତାର ସୌଭାଗ୍ୟ
ବେଳାଭୂମିର ଚୋରାବାଲିରେ ନୀରବି ଯାଇଛି
ନିଶ୍ୱାସର ଅହେତୁକ ଇଚ୍ଛାମାନେ
ଖୋଜୁଛନ୍ତି ତୋ ବିଶ୍ୱାସର ଅମ୍ଳଜାନ  !

ପୁଣି କେବେ ମିଳିବ ତୋ ହାତର ସ୍ପର୍ଶ
ଅଙ୍କୁରିତ ହେବେ
ପୋତି ହୋଇ ଥିବା ସିଂହରଣ ମାନେ
ପୁଣି ଫୁଟି ଉଠିବେ
ତୋ ସ୍ପର୍ଶରେ ମହକିବେ
ମୋ ଅଗଣାର ଫୁଲ କଢି ସବୁ  !

ପୁଣି କେବେ ମିଳିବ ତୋ ଚାହାଣୀ ର ମାଦକତା
ଟଳ ମଳ ପାଦ ଯୋଡ଼ା ଆଜି ଖୁବ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହନଶୀଳ

ନିଶା ଶକ୍ତ ହେବାକୁ ଖୋଜେ
ପୁଣି ତୋ ପ୍ରେମର ପିଆଲା  !

ପୁଣି କେବେ ମିଳିବ ତୋ ଓଠର
ହାଲ୍କା କୋମଳ ସ୍ପର୍ଶ
ପୁଣି ଥରେ ଶିହରୀ ଉଠିବାକୁ
ଅପେକ୍ଷାରେ ସାରା ଶରୀର ର ଲୋମ ସବୁ
ଧିରେ ଧିରେ ଧଳା ରଙ୍ଗ ମାଖୁଛନ୍ତି  !

ପୁଣି କେବେ ମିଳିବ ତୋ ଦେହର ବାସ୍ନା
ନିଶ୍ୱାସ ଅପେକ୍ଷାରେ
ଚାହିଁଛି ଉତ୍ତରା ପବନକୁ
ବିତିଥିବା ତମାମ ମଳୟରେ
ଖୋଜି ଖୋଜି ଥକି ପଡ଼ି
ଏବେ ସେ ଥମିବା ଉପରେ  !

ବେଲଗାଁ, କଳାହାଣ୍ଡି
ମୋ.୯୦୧୯୩୧୧୮୭୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟର ସ୍ୱରୂପ



ବାସନ୍ତୀଲତା ଜେନା

ସତ୍ୟର ସ୍ୱରୂପ ଅତି କମନୀୟ
ନିଷ୍ଠାରେ ସେ ଚାଲୁଥାଏ
ବାସ୍ତବ ଜୀବନେ ଏହାତ ଜରୁରୀ
ବିଶ୍ୱାସରେ ସେତ ଥାଏ ।୧।

ଦୃଶ୍ୟ ଶ୍ରାବ୍ୟ ହେଉ ଅଦୃଶ୍ୟ ବା ହେଉ
ସବୁବେଳେ ସେ ସୁନ୍ଦର
ସତ୍ୟର ମହିମା ସବୁଠୁ ନିଆରା
ବାର୍ତ୍ତାଳାପ ମଧ୍ୟେ ସାର ।୨।

ସତ୍ୟ ଶାନ୍ତି ଦୟା କ୍ଷମା ଆଚରଣ
ଧର୍ମ ନିଷ୍ଠ ପାଖେ ଥାଏ
ଧରମ ଯେଉଁଠି ସତ୍ୟ ଯେ ସେଇଠି
ଯୁଗେ ଯୁଗେ ଶୁଦ୍ଧ ଥାଏ ।୩।

ସତ୍ୟତା ସଂଯମୀ ବ୍ୟକ୍ତି ପାଖେ ଥାଏ
ଥାଏ ଶୃଙ୍ଖଳାର ପାଖେ
ନିର୍ଭିକ ଚରିତ୍ର ସ୍ୱଷ୍ଟ ବାଦୀ ବ୍ୟକ୍ତି
ସତ୍ୟ କହିବାକୁ ଶିଖେ ।୪।

ସରବଦା ସତ୍ୟ କହୁ ଥାଏ ଯିଏ
ସେ ହୁଏ ସଭିଙ୍କ ପ୍ରିୟ
ଆଖି ବୁଝି ତାଙ୍କୁ ବିଶ୍ୱାସ କରନ୍ତି
ଦ୍ୱନ୍ଦରେ ନ ଥାଏ ଭୟ ।୫।

ସତ୍ୟର ମହିମା ଯୁଗେ ଯୁଗେ ଶ୍ରେଷ୍ଠ
କେହି ନ ପାରନ୍ତି ଟାଳି
ଜୀବନ ହେଉ ବା ପରାୟଣ ହେଉ
ମିଥ୍ୟାକୁ ଯାଏ ସେ ଦଳି ।୬।

ସତ୍ୟର ସ୍ୱରୂପ ବ୍ୟକ୍ତିକୁ କରଇ
ଧାର୍ମିକରେ ପରିଣତ
ସତ୍ୟର ଆଲୋକ ଅମ୍ଳାନ ଭାସ୍ୱର
ପୁରାଣେ ଅଛି ବର୍ଣ୍ଣିତ ।୭।

ସତ୍ୟ ପ୍ରେମ ଦୟା ବନ୍ଧନର ସାକ୍ଷୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଥାଏ ନିରନ୍ତର
ସତ୍ୟ ବନ୍ଧୁତାରେ ଥାଏ ଉଜ୍ଜୀବିତ
ସମ୍ପର୍କ କରେ ସୁନ୍ଦର ।୮।
ସତ୍ୟ ହିଁ ତ ଶିବ ସତ୍ୟ ହିଁ ସୁନ୍ଦର
ସତ୍ୟ ଅନନ୍ତ ଜୀବନ
ସତ୍ୟ ହିଁ ଶାଶ୍ୱତ ସ୍ନେହ ପ୍ରେମ ଧର୍ମ
ଶାନ୍ତି ପ୍ରୀତିର ବନ୍ଧନ ।୯।
ସତ୍ୟ ଆଉ ଧର୍ମ ଏକ ସୂତ୍ରେ ବନ୍ଧା
ଯେଉଁ ବ୍ୟକ୍ତି ପାଖେ ଥାଏ
ଉଜ୍ଜ୍ୱଳ ଆଲୋକ ତା ଜୀବନେ ଆଶେ
ସଂସ୍କାରି ବ୍ୟକ୍ତି ସେ ହୁଏ ।୧୦।
ଗୀତା ଭାଗବତ ରାମାୟଣ ଲେଖା
ଧର୍ମ ଅଧର୍ମର କଥା
ଧର୍ମକୁ ଆଦରି ଅଧର୍ମ ତେଜିଲେ
ଉଚ୍ଚ ହେବ ଆମ ମଥା ।୧୧।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ



ମଞ୍ଜୁରାଣୀ ମିଶ୍ର

ପୁଣି ଥରେ ଲିଭିଯାଇଥିବା ସମ୍ପର୍କ

ଅଚାନକ ନିବିଡ ହୋଇଆସେ

ବିନ୍ଦୁ ବିନ୍ଦୁ ରୈଖିକ ଚିତ୍ର ପରି ଚାହିଁଲେ ଅଲଗା କରିହୁଏନି

ଫୁଲରୁ ପାଖୁଡା ପତ୍ରରୁ କାକର

ଲାଖିଯାଏ ନିଦରେ ସ୍ୱପ୍ନ ପରି

ଆକାଶରେ ମେଘ ପରି

ସମ୍ପର୍କର ସେତୁଟିଏ ଆପେ ଆପେ ଗଢି ଉଠେ

ନୂଆ ଛବିଟିଏ ହୃଦୟରେ ବସା ବାନ୍ଧେ

କହିଦେଲା କଥା ଫେରାଇ ହୁଏନି ବୋଲି

କିଛି ଅଭିନୟ କରି ସାଲିସ କରିବାକୁ ପଡେ

କେବେ କେବେ ଦୋଷ ନଥାଇ ବଳି ପଡ଼ିବାକୁ ହୁଏ

ନିଛାଟିଆ ଦୁଃଖ ମାନଙ୍କୁ ଏକାଠି ଗୋଟେଇ

ବାଟ ଚାଲିବାକୁ ହୁଏ

ନିଜକୁ ସ୍ୱତନ୍ତ୍ର କରି ବଂଚିବାକୁ ପଡେ

ଡେଣା କଟା ଗୁଡ଼ିଟିଏ ପରେ

ସବୁ ଅଭିମାନକୁ ହଜେଇ ଦେଇ ଏପାରି ସେପାରି

ମଝି ନଈରେ ଡ଼ଙ୍ଗା ଚାଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେବେଳେ କାତ ତ କେତେବେଳେ ଆହୁଲା

ସବୁ କଥାକୁ ଠାକୁର ଅଛନ୍ତି

କାଳେ ମିଳିଯିବ ଜୀବନର ପ୍ରାପ୍ତି କଡା ଗଣ୍ଡା ପାହୁଲା

ସମ୍ପର୍କର ଶିକୁଳିରେ ଛନ୍ଦି ହୋଇଯାଏ ମନ

ଟଳମଳ ପାଦ ବାଟ ସରେ ନାହିଁ ଅଫେରା ରାସ୍ତାର

ପୁଣିଥରେ ଥୁଣ୍ଟାଗଛରେ ପଲ୍ଲବିତ ଶ୍ୟାମଳ ସମ୍ଭାର

ସତ ମିଛର ମାୟା ମରୀଚିକା କିଛି ସ୍ୱପ୍ନ କିଛି ପ୍ରହେଳିକା

ଆଲୋ ସଖୀ-

ହାତେ ମାପି ଚାଖଣ୍ଡେ ଚାଲି ପାରୁନି ବୋଲି ତ

ଅନୁତାପର କଂସାକବାଟ ଖୋଲୁନି

ଯନ୍ତ୍ରଣାର ଅନଳରେ ଦଗ୍ଧ ହେଉଛି ଅଗନା ଅଗନି ବନସ୍ତ ବାଟ ମିଳୁନି

ଆଲୋ ସଖୀ-

ପାଟିରୁ କଥା ଖସିଗଲେ ପୃଥିବୀ ଓଲଟୁଛି ପ୍ରଳୟ ଆସୁଛି

କଥା କହି ଶିଖ ନହେଲେ ମୁକ ହୋଇଯା

କାଠର ପିତୁଳା ପରି

ନହେଲେ ପଥର ହୋଇଯା ଅହଲ୍ୟା ପରି

କାଳେ କେତେବେଳେ ଭାଗ୍ୟ ଲେଉଟିବ ଅମଡ଼ା ବାଟରେ

ଜୀବନ୍ୟାସ ପାଇବାକୁ ଅଜାଣତେ

କା ପାଦର ଅମୃତ ସ୍ପର୍ଶରେ

ହାଇଦ୍ରାବାଦ, ୭୩୮୧୨୬୫୭୬୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସିଦ୍ଧାନ୍ତ



ବିନୟ ମିଶ୍ର

ବିଚିତ୍ର ବିଶାଳ ସୁନ୍ଦରଧରାରେ,
ଆସ୍ୱାଦନ କରିବାକୁ ସୌନ୍ଦର୍ଯ୍ୟ ତାହାର,
ଜନ୍ମନିଏ କେବେ ବିଭୀଷିକା,
କେବେ ଆନନ୍ଦ ସମ୍ଭାର,
ଭଲ ପାଇବାର ଅବା କାହିଁ ହୁଏ ପୁର୍ଣ୍ଣଚ୍ଛେଦ ?
ମୁଁ କିନ୍ତୁ ଭଲପାଏ ମୋ
ମନର ମାନସୀକୁ,
ଜାଣେନାହିଁ ସେ ମୋତେ ଭଲ ପାଏ କିବା ନାହିଁ,
ନୀରବେ ଚାହିଁଛି ଭାଷାହୀନ ହୋଇ,
ନୀରବ ଭାଷାକୁ ଦିନେ ମୂଲ ତ ମିଳିବ ?
ଯଦି କେବେ ମୋତେ ଦେବ ପ୍ରୀତିର ଗୋଲାପ,
ନିରବିବି ନିରୁତ୍ତର ହୋଇ,
ଉପହାର ତ ଅବମାନନା କେବେ ହେବନାହିଁ,
ହେବ ତାହା ମୋ ପାଇଁ ଏକ ପ୍ରିତୀ ବନ୍ଦୀଶାଳା ।
ମୋ ପ୍ରିତୀ ଗଜରା ଯେବେ ଗଭାରୀବ ନାହିଁ,
ଦୋଷ ତାକୁ କେବେ ବି ଦେବିନି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ କଷ୍ଟ ହୃଦୟକୁ ହେଉ,

ପ୍ରେମ ପଛେ ପଛେ  ମୁଁ ଧାଉଁଥିବି,

ମୋ ପଛରେ ପ୍ରେମ ଧାଇଁବା ଆଗରୁ,

ବାସ୍ତବ ଜୀବନ କେବେ ନୁହେଁ ମିଛ ଗପ,

ହୋଇପାରେ ଇତିହାସ ସ୍ୱର୍ଣ୍ଣିମ ପ୍ରତ୍ୟକ୍ଷ,

ଗୋଲାପ ଶେଜ ମୋଚିରନ୍ତନୀ

କାରାବାସ ବ୍ୟଥିତ ସତ୍ତାର,

ପରସ୍ପର ମାନ୍ୟତା

ସମ୍ମାନର ଆବଦ୍ଧତା,

ଶୂନ୍ୟରେ ପୂର୍ଣ୍ଣତା,

ଧାରଣେ ଅଖଣ୍ଡତା,

ଚରେଇବତୀ.................ମୋ ସିଦ୍ଧାନ୍ତ

ମୋ ଅମର ପ୍ରେମର.....

ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିକ୍ଷକ



ଲକ୍ଷ୍ମୀ ନାରାୟଣ ରଥ

ଶିକ୍ଷଣ ଯେଉଁଠି କ୍ଷତିଗ୍ରସ୍ତ ହୁଏ
କଚ୍ଛପ ଗତିରେ ଚାଲଇ ଦେଶ
ଶିକ୍ଷକ ସେଇଠି କ୍ଷଣିକ ମଧରେ
କଷ୍ଟ ହେଉ ପଛେ ଧାଏଁ ଅଶେଷ ।

ଶିକ୍ଷଣ କାର୍ଯ୍ୟରେ କ୍ଷତ୍ରିୟଙ୍କ ପରି
କଲମ ରୂପକ ଖଣ୍ଡାକୁ ଧରି
ଶିକ୍ଷାଦାନ ପାଇଁ କ୍ଷଣପ୍ରଭା ବେଗେ
କଟାକ୍ଷ ନକରି ଯାଏ ଢ଼ାହାରି ।

ଶିକ୍ଷଣୀୟ ଯାହା କ୍ଷତିକୁ ନଡ଼ରି
କଅଁଳ ଶିଶୁଙ୍କୁ ଦିଏ ଶିଖାଇ
ଶିକ୍ଷା ପ୍ରାପ୍ତ ପରେ କ୍ଷମା କରନ୍ତି ସେ
କଟୁକଥା ଯଦି ସିଏ କହଇ ।

ଶିଖିବା ସମୟେ କ୍ଷତି ହେବ ଭାବି
କକ୍ଷତ୍ୟାଗ କରି ଯଦି ଯାଇଛି
ଶିଷ୍ଟାଚାର ହୀନ କ୍ଷମା ଯୋଗ୍ୟ ନୁହଁ
କଚଡା କଷଣ ମଧ୍ୟ ପାଇଛି ।

ଶିକ୍ଷାର ସମ୍ମାନ କ୍ଷୟ ହେଉଥିଲେ
କଦାପି ନହେବ ଦେଶ ଆଗୁଆ
ଶିକ୍ଷକର ନିନ୍ଦା କ୍ଷମଣୀୟ ନୁହେଁ
କରିବା ଲୋକଟା ପରା ଭକୁଆ ।

ଶିଷ୍ୟ ରୂପେ ମୁହିଁ କ୍ଷମାଯେ ମାଗଇ
କରିଥିବି ଯଦି କପଟ କିଛି
ଶିକ୍ଷାଦାତା ମୋର କ୍ଷତ ଭୁଲିଯାଇ
କରିବେ ମାର୍ଜନା ମନେ ଭାବୁଛି ।

ଗୌରାଦେଇପୁର, କୋଦଳା, ଗଞ୍ଜାମ,
ଓଡିଶା, ୭୬୧୦୩୨
୯୦୧୯୮୯୬୭୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେଇଗଲ ମହାଶିକ୍ଷା



ମନୋରଞ୍ଜନ
ସୁରୁଜାଳ

ଭକତ ଜୀବନ ଫେଡ ହେ କଷଣ
ଦୁଃଖ ମରିଚିକା ବାଲି,
ଅଳିକ ସଂସାର ସବୁ ବାଲିଚର
ଶୋଷ ମରେ ଚାଲିଚାଲି ।

କ୍ରିୟମାଣ ଦୁଃଖ ଛାଡୁ ନାହିଁ ପାଖ
ପ୍ରାରବ୍ଧ ତା'ପରେ ଥୁଆ,
ଦୁଃଖ ଭାର ବୋହି ସୁଖ ଚାହିଁ ଚାହିଁ
ମିଳୁନି ବଞ୍ଚିବା ରାହା ।

ଶୁଣିଚି ଏ କାନେ ଦେବତା ବି ଦିନେ
ଜନ୍ମିବା ଇଚ୍ଛନ୍ତି ଏଠି,
ଆଖି କୋଣେ ଲୁହ ହୃଦେ ଭରି କୋହ
ହେବାକୁ ଦୁଃଖରେ ମାଠି ।

ରୋଗ ବଇରାଗ ନାହିଁ ଟି ସରଗ
ଯହିଁ ନାହିଁ ଭୋକ ଶୋଷ,
ତଥାପି କାହିଁକି ଲଗାଇ ଭେଳିକି
ଦେଲ ଅନ୍ନମୟ କୋଷ ।

ତୁମରି ବଡିମା ଶିଖେଇବା ସିନା
ମଣିଷ କି ବୁଝେ ଏହା,
ରାଜ ଭୋଗ ଛାଡି ଯାଇଛ ବାହୁଡି
ବତେଇବ କିଏ ତାହା ?

ପତ୍ର କୁଡିଆରେ ମାଟିର ଶେଜରେ
ତୁମେ ବିତେଇଲ ରାତି,
ରାଜାପୁଅ ହୋଇ ଦୁଃଖ ଭାର ବୋହି
ରଚିଲ ଜୀବନ ଗୀତି ।

ଭାଗ୍ୟ ଫଳ ଯୋଗ ନାହିଁ ମୋର ଭୋଗ
ବନବାସ କରି ଭିକ୍ଷା
ଭଗବାନ ହୋଇ ସବୁ ସହିଯାଇ
ଦେଇଗଲ ମହାଶିକ୍ଷା ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିନମ୍ର



ନିରଞ୍ଜନ ସାହୁ

ବିନମ୍ର ଗୁଣଟି ଗୁଣ ମଧ୍ୟେ ସାର
ତା ସମାନ ହେବ କିଏ
ବିନମ୍ର ଭାବଟି ସବୁ ସ୍ଥାନ ଠାରେ
ନିଶ୍ଚୟ ସମ୍ମାନ ଦିଏ ।
ଅହଂକାର ଯେବେ ମଣିଷ ମନରେ
ବସା ବାନ୍ଧି କରେ ଘର
ସେ ମଣିଷ ଗର୍ବେ ଛାତିକୁ ଫୁଲାଏ
ଦେଖିଲେ ଲାଗଇ ଡର
ବିନମ୍ରତା ଭାବ ତାହାର ନଥାଏ
ଶୁଣେନା କହିଲେ ଯିଏ ।
ସରଳ ମଣିଷ ହୃଦେ ବାସକରେ
ଏହି ବିନମ୍ରତା ଗୁଣ
ଈଶ୍ୱରୀୟ ଗୁଣ ସ୍ୱଭାବେ ଅଟେ ତା
କାନ ଖୋଲି ସର୍ବେ ଶୁଣ
ଏହି ଗୁଣ ଦିଏ ପ୍ରଶଂସା ଆଦର
ସମ୍ମାନ ସାଉଁଟି ନିଏ ।

ନିହଲପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପ୍ରସ୍ତାବ



ଡଃ ରାକେଶ
ରଞ୍ଜନ୍ ମୁଣ୍ଡ

ତୁହିନ ତେଜସ୍ୱିନୀ ଗୋ' ସୁନ୍ଦରୀ' ପ୍ରତୀକ' ,
ତୋଟା ରେ ପ୍ରଫୁଲ୍ଲିତ ଗୋ' କାମନା' ସଭିଙ୍କ' ,
ପ୍ରେମ' ଜଣାଉଛି' ଏଠି' ,
ପ୍ରେମିକ ଉତ୍ସାହିତ ଗୋ' ଲେଖିବା' ରେ ଚିଠି' □□୧ ।।

ନୟନ ପଡିବାରୁ ଗୋ' ହୃଦୟ' ସଜ୍ଜିତ' ,
ତୁରଙ୍ଗ ଭାଗ୍ୟବାନ ଗୋ' ହେଉଛି ଲଜ୍ଜିତ',
ଦେଖି' ସମାଜକୁ' ଥରେ'
ଭୟରେ ଭାବୁଥାଏ ଗୋ' ଚିନ୍ତାର' ମଥାରେ' □□୨ ।।

କୃପଣ ରୁପମତି ଗୋ' ଶୁଣିଲେ' ସଠିକ' ,
ଆଦର ଚାରିତ୍ରିକ ଗୋ' କହୁଛି ପ୍ରେମିକ' ,
କରି' ପ୍ରସ୍ତାବିତ' ପ୍ରେମ' ,
ରଖୁଛି ଆତ୍ମିୟତା ଗୋ' ଉତ୍ତର' ପଶ୍ଚିମ' □□୩ ।।

କିରଣ ତୃଷାମ୍ପିତ ଗୋ' ଭୁବନ ଗଠିତ' ,
ତୁମ୍ଭରି ଅପେକ୍ଷାରେ ଗୋ' ହୋଇଛି' ମୋହିତ' ,
ଜଳ' ଦେଖିବାରେ' ତୃଷ୍ଣା' ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେମିତି ଆଶାୟୀତ ଗୋ'  ଧନ ସୁ'ଲୋଚନା' □□୪ ।।

ମାଗୁଛି ପ୍ରେମବୀର ଗୋ'  ପ୍ରେମର' ମିଷ୍ଟାନ୍ନ' ,
କରିଛି ସୋମବାର ଗୋ'  ରଖିଛି ହବିସାନ୍ନ' ,
ତୁମେ' ମନରାଣୀ' ଜାଣ' ,
ଥରଟେ ଆସିଯାଅ ଗୋ'  ଜୀବନ କାରଣ' □□୫ ।।

ଔଷଧ ଗୁଣବତ୍ତା ଗୋ'   ରୋଗୀ ନି'ବାରଣ' ,
ନମିଳ ଯଦି ତୁମେ ଗୋ'   ସଂସାର ବାରଣ' ,
ରଖି'  ମନୋଭାବ' ଦେଖି'
ମିଳିଲେ ସୁରାମୃତ ଗୋ'  ଜୀବନ' ର ସଖି' □□୬ ।।

ପ୍ରେମର ମାର୍ଧୁଯ୍ୟତା ଗୋ'  ପ୍ରେମର' ପ୍ରସ୍ତାବ' ,
ରାକେଶ ଜଣାଉଛି ଗୋ'   ଘୃଣାର' ଅଭାବ' ,
ହେତୁ' ସଦକାର୍ଯ୍ୟ' ଶୁଣ'
ପ୍ରେମିକ ଜଣାଉଛି ଗୋ'  ହୃଦୟ' କୁ ଜାଣ' □□୭ ।।

ଧର୍ମଗଡ଼, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମିକାନାହିଁ, ମୁଁ ପ୍ରେମ କରୁଛି



ପଙ୍କଜ କୁମାର
ମଙ୍ଗଳ

ଏ କି ଅନୁଭବ କାହାର କୁହୁକ ଅବା ଫଗୁଣର ଚମତ୍କାର,
କିଏ ସେ ଲାବଣ୍ୟା କାହାପାଇଁ ମନ ହଜି ଯାଏ ବାରମ୍ବାର ।
ବିଶ୍ୱାସ କେହି କରୁ କି ନକରୁ ହୃଦୟ ବାସ୍ତବତା ବୁଝିଛି,
କଣ ? ପ୍ରେମିକା ନାହିଁ ମୁଁ ପ୍ରେମ କରୁଛି ।

ଦେଖିନି ତମକୁ ଚିହ୍ନିନି ମୁଁ କିଏ ପୁଣି ଜାଣିନି କେବେ ଭେଟିବି,
କଳ୍ପନା ତମର ମୋତେ ଚୋରି କରେ ଦିନ ବିତେ ତମ କଥା ଭାବି ଭାବି ।
ବିଶ୍ୱାସ କେହି କରୁ କି ନକରୁ ହୃଦୟ ବାସ୍ତବତା ବୁଝିଛି,
କଣ ? ପ୍ରେମିକା ନାହିଁ ମୁଁ ପ୍ରେମ କରୁଛି ।

କେବେ ମନ ହୁଏ ସପନ ନାୟିକା ପୁଣି କେବେ ହୋଇ ଯାଅ ମରିଚିକା,
କେବେ ଅନୁଭବ ହୁଏ ଛାଇପରି ଅଛ ପୁଣି କେବେ ଲାଗେ ମୁଁ ଏକା ।
ବିଶ୍ୱାସ କେହି କରୁ କି ନକରୁ ହୃଦୟ ବାସ୍ତବତା ବୁଝିଛି,
କଣ ? ପ୍ରେମିକା ନାହିଁ ମୁଁ ପ୍ରେମ କରୁଛି ।

ବସେ ବେଳେ ବେଳେ ରଙ୍ଗ ତୂଳୀ ଧରି ତୁମ ଛବି ଟିଏ ଆଙ୍କିବି,
ବିଫଳ ହୁଏ ମୁଁ ହୋଇନି ସାକ୍ଷାତ କୁହ କେମିତି ସ୍ୱରୂପ ଦେବି ।
ଲୁଚକାଳି ଖେଳ ସରିଲାଣି ଯଦି ଥରୁଟିଏ ଦେଖାଦେବ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୂରରୁ ଥାଇ ବି ବ୍ୟାକୁଳ ମୋ ମନ ଖୋଜେ ତୁମରି ସାନିଧ୍ୟ ।
ବିଶ୍ୱାସ କେହି କରୁ କି ନକରୁ ହୃଦୟ ବାସ୍ତବତା ବୁଝିଛି,
କଣ ? ପ୍ରେମିକା ନାହିଁ ମୁଁ ପ୍ରେମ କରୁଛି ।

ସମ୍ପର୍କକୁ ମୋର ମିଳିନି ସ୍ୱୀକୃତି ତଥାପି ଏ ମନ କହେ,
ଏକା ମନେ କରି ହାରି ଯିବନାହିଁ ଯଦି ମନେ କେହି କଷ୍ଟ ଦିଏ ।
ପାଗଳ ଭାବୁଛି ଦୁନିଆ ମୋତେ ଯେବେ ଭାବନାରେ ହଜି ଯାଏ,
ପ୍ରେମର ଭାବନା କେମିତି ବୁଝିବ ପ୍ରେମ ବିଚ୍ଛେଦ କାରଣ ଯିଏ ।
ବିଶ୍ୱାସ କେହି କରୁ କି ନକରୁ ହୃଦୟ ବାସ୍ତବତା ବୁଝିଛି,
କଣ ? ପ୍ରେମିକା ନାହିଁ ମୁଁ ପ୍ରେମ କରୁଛି ।
ହଁ. ପ୍ରେମିକା ନାହିଁ ମୁଁ ପ୍ରେମ କରୁଛି ।

ବଡ଼ପାହି, ବାଲେଶ୍ୱର
ଓଡିଶା, ପିନ୍-୭୫୬୦୩୭
ଦୂରଭାଷ- ୭୭୫୦୯୩୭୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେ ରଖିବ ସାଧୁଜନେ



ବିଶ୍ୱନାଥ ସେଠୀ

ଧନ ଅର୍ଜନେ ଧର୍ମ କରି,
ସଦା ରଖିବ ମନେ ଧରି ।
ଅନ୍ୟାୟ, ଅଧର୍ମ ଯେ ଧନ,
ଯେତେ କରିବେ ବି ଅର୍ଜନ ।
ସେ ଧନ ନୁହେଁ ଚିରସ୍ଥାୟୀ
ମନ ଯା ହୁଏ ସଦା ବାଇ ।
ଯେ ଧନ ଆସେ ଶ୍ରମବଳେ
ଶେଷ ନ ହୁଏ କେବେ ହେଲେ ।
ସତ୍ପାତ୍ରେ ଧନ ଯେ ଦିଅଇ
ଧନର ମହତ୍ତ୍ୱ ବଢ଼ଇ ।
ଯେ ଦିଏ ସେଇ ପାଇଥାଏ
ଯେ ବୁଣେ ସିଏ କାଟିଥାଏ ।

ପର ସ୍ତ୍ରୀ କିବା ପର ଧନ
କେବେ ହେଁ ନ କରିବ ମନ ।
ହୋଇଣ ଅତ୍ୟନ୍ତ କୃପଣ
କେବେ ହେଁ ନ ସଞ୍ଚିବ ଧନ ।
କଠିନ ପରିଶ୍ରମ ବଳେ
ମଧୁମକ୍ଷିକା ବସି ଫୁଲେ ।
ମଧୁ ସଂଗ୍ରହ କରେ ନିତି
ଏକ କରିଣ ଦିନ ରାତି ।
ମହୁ ଯେତକ ଜମା କରେ
ତା'କୁ କି ଭୋଗ କରିପାରେ ?
କି ବା ସେ ପାରେ ରକ୍ଷାକରି
ଆଉ କେ ନିଏ ତାକୁ ହରି ।

ଶଙ୍କରା ବିନିକା, ସୁବର୍ଣ୍ଣପୁର,
ହ୍ୱାଟ୍ସଆପ : ୯୫୫୬୯୦୩୭୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରୀର ଜ୍ଞାନ ତତ୍ତ୍ୱ



ପ୍ରଦୀପ କୁମାର
ଜିଲିକାରା

( ରାଗ - ଗୌରୀ )

ବିଶ୍ୱ ତୀର୍ଥ କ୍ଷେତ୍ର ପରିଭ୍ରମଣର
ନାହିଁ କିଛି ଆନ ପ୍ରୟୋଜନ
ନିଜ ଅଙ୍ଗେ ଦେଖ ଭରିକି ରହିଛି
କାହିଁ କେତେ ପୂତ କ୍ଷେତ୍ର ମାନ

ଯମୁନା ଉତ୍ତାଳ ପୂରି ହଳାହଳ
କାଳୀୟ ନାଗ ରହିଛି ଲୁଚି
ନିପ ମୂଳେ ରାସ ରାଧା କୃଷ୍ଣ ବାସ
ବ୍ରଜ ଗୋପାଳୁଣୀ ପ୍ରୀତି ଇଛି

ଜାହ୍ନବୀ ସରିତ କଳକଳ ନାଦେ
ଗୁଞ୍ଜରିତ ହୋଇ ଅନ୍ତର୍ଧ୍ୱନି ନାଦ
ସସ୍ର ସ୍ରୋତସ୍ୱତୀ ଅମୀୟ ଭାସ୍ୱତୀ
ସରିତ ସରିତ ଦେଖ ଭେଦ

ତ୍ରି ସରିତ ଧାରା ଭବେ ହୋଇ ଭାରା
ତ୍ରିବେଣୀ ସଙ୍ଗମ ତ୍ରିକୂଟର
ନିରତ ସରିତ କଲ୍ଲୋଳ ହିଲ୍ଲୋଳ
ଚୈତନ୍ୟେ ଧ୍ୟାୟିଣ ଲକ୍ଷ୍ୟ କର

ଷଢ ଅରି ମେଳ ତ୍ରିତାପର ଖେଳ
ବାନ୍ଧିଣ ରଖିଛି ମନ ରାଙ୍କ
ଦଶ କପାଟକୁ କରିଛି ଗୋପନ
ସଂସାର କାସାରେ ଛନ୍ଦି ଅଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାନୁ ଉଦୟତି ଅସ୍ତଗାମୀ ଶ୍ରାନ୍ତି
ଦିବା ନିଶି ଲାଗି ଅଛି ରହି
ରଜନୀଶ ଜ୍ୟୋତି ଉତ୍ଥାନ ପତନ
ଅମାବାସ ରାକା ବିଭାବରୀ

ପଞ୍ଚ- ଅଶରୀର ଗୋପ୍ୟ କରି ବାସ
ସରଜୁ ଅଛି ଜୀବନ ପିଣ୍ଡ
ନିସର୍ଗ ଦ୍ୟୋତିନୀ ସନ୍ତୁଳନ ପାଇଁ
ପୁଣି ବନ୍ୟା ବାତ୍ୟା ଅଗ୍ନିକାଣ୍ଡ

ନାରୀ ପୁରୁଷରେ କରିଅଛି ବଶ
ପୁରୁଷ ରହିଛି ନାରୀ ବଶେ
ସେ ରମଣୀ ତନୁ- ଭୁବନରେ ରାଣୀ
ତାରେ ସେବୁଛନ୍ତି ଭୃତ୍ୟ ଜନେ

ସେ ଭୃତ୍ୟ ସେବିତ କରିବେ ତୋ ହିତ
ବେନି ଗୁଣ ତାଙ୍କ ମଧ୍ୟେ ପୁଣ
ଯାହାଙ୍କୁ ଇଚ୍ଛିବୁ ସେ ଫଳ ଭୁଞ୍ଜିବୁ
ଶେଷେ ଭୋଗ ଫଳ ଏହା ଜାଣ

ପାପ ପୁଣ୍ୟ ଗତି ବେନି ଯେ ଆକୃତି
ଓଲଟ ପାଦପେ ଫଳ ଦୁଇ
ଷଢ ଚକ୍ରେ ଗଣ୍ଠି ନିସ୍ତାର ପାଇବୁ
ତ୍ରିକୂଟେଣ ନିରାକାର ଧ୍ୟାୟୀ ।

ଗ୍ରାମ- ହାଡ଼ଶିଙ୍ଗୁଲା ପୋ- ଚାଟିକୋଣା
ଗୋଷ୍ଠୀ- ବିଷମକଟକ ଜିଲ୍ଲା- ରାୟଗଡ଼ା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫେରା ବାଟୋଇ



ଇଂ ସଞ୍ଜୟ କୁମାର ନାୟକ

ଚାଲିବି ଚାଲିବି ମୁହିଁ
ନ ଯିବିରେ ଥକି,
ଯେ ଯାଏଁ ମୁଁ ନ ଜାଣିଛି
କେତେ ପଥ ବାକି ।
କେତେ ଦୂର ପରବତ
ଅଙ୍କା ବଙ୍କା ନଇ,
କାହିଁ ଖରା କାହିଁ ବର୍ଷା
ଶୀତ ତାପ ସହି ।
ଦୁର୍ଗମ ଅରଣ୍ୟ ଗିରି
ମରୁ ପଥ ଲଙ୍ଘି,
ଚାଲିବାକୁ ହେବ ଏକା
ନଥିବେ କେ ସଙ୍ଗୀ

ପଥେ କେତେ ଆଶାମାନ
ଓଗାଳିବେ ବାଟ,
ନଯିବି ପରତେ ତାଙ୍କ
ଛାଡି ଯିବି ଘାଟ ।
ମରୁ ପଥେ ମରୀଚିକା
ଦୃଶ୍ୟେ ନ ଭୁଲିବି
ଖୋଲା ଏ ଗଗନ ତଳେ
ଆଗେ ଆଗେ ଯିବି ।
ପଥେ ପୁଷ୍ପ ଅବା କଣ୍ଟା
ଭ୍ରୂକ୍ଷେପ ନକରି,
ଚାଲୁଥିବି ଚାଲୁଥିବି
ଗୁରୁ ନାମ ସ୍ମରି
ଏହି ଭଳି ଚାଲୁ ଚାଲୁ
ସନ୍ଧ୍ୟା ହୋଇଯିବ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନ ପକ୍ଷୀପରି ମୋର
ପାଦ ନ ଫେରିବ ।
ଭଲ୍ଲୁକ, ଶ୍ୱାପଦ, ଶ୍ୱାନ
ଗର୍ଜନ ତର୍ଜନ,
ପବନର ସିତ୍ କାର
ମେଘ ଘନ ଘନ ।
ଅଷ୍ଟମିର ଚାନ୍ଦ ଅବା
ପୂର୍ଣିମାର ଜ୍ୟୋସ୍ନା
ରଖିପାରିବେନି ମୋତେ
କରି ଆନ ମନା ।
ମୋ ଜୀବନ ଚଳଚିତ୍ରେ
ନାୟକ ମୁଁ ସେହି,
ଶେଷ ଦୃଶ୍ୟ ଦେଖିବାକୁ
ନଥିବେରେ କେହି ।

ଆଖି ବୁଜି ଶୋଇଥିବି
ନିଷ୍ପ୍ରଭ ନିଶ୍ଚଳ,
ଉପରେ ମହାଗଗନ
ଆଉ ବସୁନ୍ଧରା କୋଳ,
ଶେଷ ଶ୍ୱାସ ଛାଡିବାକୁ
ବଳ ଲୋଡୁ ଥିବି,
ସ୍ମିତ ପ୍ରଜ୍ଞ ଭଳି
ତୋର ନାମକୁ ସ୍ମରିବି ।
ନ ଥିବ ମୋ ଆନ ଆଶ
ଦୁନିଆର ନିଶା,
ତୋର ପାଦ ପଦ୍ମସ୍ପର୍ଶ
ଏକ ମୋର ଲିପ୍ସା ।

୭୦୦୮୦୪୦୩୧୭, ଚୌଦ୍ୱାର
ramkripalu.nayak@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ତୁମେ କାହାର



କୌଶିକ ସାହୁ

ପ୍ରେମିକ ପ୍ରେମିକା ପ୍ରେମେ ବାତୁଳିକା
ପରମ ଆନନ୍ଦ ପୁର,
ଖଚ ଭଙ୍ଗୁର ଏ ନିମିଷେ ହଜାଏ
ହେ' ପ୍ରେମ ତୁମେ କାହାର ।୧।

ମାଆର ମମତା ପିତା ତାଢନତା
ହସେ ସୁନା ପରିବାର,
ସୁଯୋଗ ଉପରେ ଦୁଃଯୋଗ ପ୍ରଜାରେ
ହେ' ପ୍ରେମ ତୁମେ କାହାର ।୨।

ଅଭାବରୁ ଭାବ ଭାବରୁ ଅଭାବ
ଚଲଇ ଘର ସଂସାର,
ଥାଇ ପ୍ରେମ ବଳ ମାଡି ଆସେ କାଳ
ହେ' ପ୍ରେମ ତୁମେ କାହାର ।୩।

ପ୍ରେମ ଡୋରି ଯହିଁ ଚାଲଇ ଏ ମହୀ
ପ୍ରେମ ଜୀବ ମଧ୍ୟ ସାର,
ପ୍ରେମ ହୀନ ଜନ୍ତୁ ନ ଜାଣଇ କିନ୍ତୁ
ହେ' ପ୍ରେମ ତୁମେ କାହାର ।୪।

ଜୀବରୁ ଜଗତ ଜଗତରେ ଜୀବ
ପ୍ରେମେ ହୋନ୍ତି ଚରାଚର,
ପରମ ଜୀବଟି ଚଳ ଅଚଳନ୍ତି
ହେ' ପ୍ରେମ ତୁମେ କାହାର ।୫।

ମାଟିରୁ ଆକାଶ ଆକାଶରୁ ମାଟି
ରହିଛି ପ୍ରେମ ସାଗର,
ବିଶ୍ୱ ପ୍ରେମେ ବନ୍ଧା ହେଲେ ବନ୍ଧାଛନ୍ଦା
ହେ' ପ୍ରେମ ତୁମେ କାହାର ।୬ ।

ଭେଜିଁପଦର, ଘୁନସର, ବଲାଙ୍ଗିର
ମୋ.ନଂ. ୭୭୩୫୪୨୫୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କାହିଁଗଲ ତୁମେ



ଡଃ ଆଭାଞ୍ଜଳି ଶତପଥି

ପିନ୍ଧିଥିଲ  ତୁମେ ସୀମାନ୍ତେ ସିନ୍ଦୂର
ରୁଣ ଝୁଣୁ  ନାଲି ଶଙ୍ଖା ବାହୁଟି
ଗୋଲାପି ଓଠର ଲାଜୁଆ ହସରେ
ଦେଖୁଥିଲ ମୋତେ ଲେଉଟି ।
ମଙ୍ଗଳସୂତ୍ରକୁ  କଣ୍ଠେ ଲଗାଇଲ
ଗଭାରେ ଚୂଡ଼ାମଣି
ଅଳତାମଖା  ପାଦ ଦୁଇଟି ସେ
ସତେକି ଲକ୍ଷ୍ମୀ ଠାକୁରାଣୀ ।
ପାପୁଲି ତୁମର ମୋ ନାମେ ରଚିଲା ମେହେନ୍ଦିର ସେ ଗାଢ଼ା ରଙ୍ଗେ
ସାତ ଫେରା ନେଇ ଶପଥ କରିଲ
ଜନମେ ଜନମେ ରହିବ ମୋହର ସଙ୍ଗେ
କପାଳେ ଲଗାଇ ସିନ୍ଦୂରର ଟୋପା ନନ୍ଦିନୀରୁ ହେଲ ଜାୟା
ଷୋଳ ଶୃଙ୍ଗାରରେ ସଜେଇ ହେଇକି ହେଇଗଲ ମୋର ଛାୟା  ।

ପିତା ମାତାଙ୍କର ଅଲିଅଳି ଜେମା
ଫିଟାଇ ସ୍ନେହର ଡୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାନ୍ଧି ହେଇଗଲ ମୋ ପ୍ରେମ ବନ୍ଧନେ ବାମାଙ୍ଗି ହୋଇଣ ମୋର

ସଙ୍ଗୀତ ମୂର୍ଚ୍ଛନା ତୋଳି ଦେଇ ପ୍ରିୟା

ମୋ ମନବୀଣାର ତାରେ

ପ୍ରେମର କାହାଣୀ କେତେଯେ ଲେଖିଲ

ମୋ ଶୁଷ୍କ ହୃଦୟର ରିକ୍ତ କାଗଜ ଧାରେ

ପ୍ରେମାନୁଶୀଳନ କବିତା ସହିତ ଦର୍ଶନବାଣୀ ପ୍ରବନ୍ଧ

ଜୀବନ ନଦୀର ଦୁଇ ଧାରେ ଖାଲି ବାନ୍ଧିଥିଲ ତୁମେ  ଆତ୍ମାର ସେ ନବବନ୍ଧ ।

କେତେ ପ୍ରତିଶ୍ରୁତି ଦେଇ ଥିଲା ତୁମ କଥା କୁହା କମଳ ଆଖି

ହାତ ଛାଡ଼ିବନି କୋଉ ବା ଋତୁରେ ବୟସକୁ କରି ସାକ୍ଷୀ

କୁଆଡେ ହଜିଲ ଛାଡ଼ିଦେଇ ମୋତେ ଏ ଅର୍ଦ୍ଧ ରାସ୍ତାରେ

କାହିଁ ତୁମ ପ୍ରତିଶ୍ରୁତି  ?

ଯନ୍ତ୍ରଣାର ଏଇ ଜୀବନ ଯାତ୍ରାରେ

ଲୋଡେ  ତୁମ ପ୍ରୀତି ଛତ୍ରି

ମୋ ନୟନ ନୀର  ଭାସିଯାଏ

ଏଠି ଶ୍ରାବଣ ବରଷା ଧାରେ

ମୋ ପୀଡ଼ାର ନାଦ  ପ୍ରତିଧ୍ୱନି କରେ

ଶୂନ୍ୟତାର  ଶବଦରେ ।

ଇମେଲ୍- avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାପ



ଅନସୂୟା ପଣ୍ଡା

ପାପ  ପୁଣ୍ୟର ଏ ଦୁନିଆରେ
କଙ୍କରିତ ସରୁ  ସରୁ ଗଳି ରାସ୍ତା
କିଏ ପେଟର କ୍ଷୁଧାରେ, ତ କିଏ ଦେହର କ୍ଷୁଧାରେ
କିଏ ମୋହର ଶିଉଳିରେ ଭରେତ, କିଏ ମାୟାର ଆସ୍ତରଣତଳେ .......□
ଅସରନ୍ତି ପାପକୁ ଆପଣେଇ ମିଛ ତୃପ୍ତିକି ମେଣ୍ଟାଏ କିଛି କ୍ଷଣ ପାଇଁ
ଅଜବ ମଣିଷ ଏଠି ପାପର ରାସ୍ତା ଦେଇ ପୁଣ୍ୟକୁ ଖୋଜେ
ବୈଭବ, କ୍ଷମତା ଓ ପ୍ରତିପତ୍ତି ଖୋଜେ ପାପର ପାହାଚ ଚଢି  ।
କେବେ କେବେ ଛୋଟିଆ ଚୁଆଟେ ମୁଣ୍ଡ ଟେକେ ପାପର ମରୁବାଲିରେ
ନା, ସେଥିରେ ଶୋଷ ମେଣ୍ଟେ,  ନା  ମିଳେ ପୂଣ୍ୟ
ତଥାପି ପୁଣ୍ୟର ପୁଣ୍ୟୋତ୍ତୋୟାରେ ବୁଡ ମାରିବାରେ
ଅବିରତ ଚେଷ୍ଟା ଚାଲେ
ନିଜକୁ  ବଦଳାଏ ଲୋକଦେଖାଣିଆଭାବେ
କିନ୍ତୁ ଅନ୍ତର ମନ ସେଠିଥାଏ  ପାପର ପରିସୀମାରେ  ।
ସବୁ ମଣିଷ ଭିତରେ ପାପ ଗୋଡ ଲମ୍ବେଇ ଥାଏ ଭିନ୍ନ ଭିନ୍ନ ଅବାଟରେ
ମନ୍ଦିରରେ ଅନେକ ପାର୍ଥନ । ପରେ ଟିକେ  ହାଲୁକା ମନରେ ଫେରେ
ସାରା ପାପ ତାଙ୍କରି ତିଆରି କହି ମନକୁ  ସାନ୍ତ୍ୱନାରେ ଭରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପାପରେ ତୁମେ ପ୍ରଭୁ ଭାଗୀ କହି  ନିଜ ପାଖେ  ନିଜ ପାପକୁ ଲୁଚାଏ  ।

ଅନେକ ତୃଷ  ।ରେ ଭିଜାଏ ଏ ପାପ ଗୁଡାକ

କେତେ କ୍ଷମା ମାଗେ ଆଉ ହାତ ଯୋଡେ

ପୁଣି କିନ୍ତୁ ପୁନରାବୃତ୍ତି ହୁଏ ସେଇ ପାପର

ପୁଣ୍ୟକୁ ଖୋଜେ ଅନ୍ୟ ପାଖରେ

ନିଜଭିତରେ କିନ୍ତୁ ପାପର ବସ୍ତିଟାଏ ଥାଏ  ।

ତମାମ ଦିନ ରାତି ବାଟ ଖୋଜେ ନିଜ ପାପ ଲୁଚେଇବାକୁ

ଅସରନ୍ତି  ଅନୁଶୋଚନା ଭରିଦିଏ ନିଜ ଭିତରେ

ନୂଆ ନୂଆ ସାନ୍ତ୍ୱନା ଖଞ୍ଜେ ତା ପାଇଁ

ପାପ କିନ୍ତୁ ନିଜକୁ ଲହୁ ଲୁହାଣ କରେ

ଫୋପ  ।ଡିବାର ଦ୍ୱାହି ଦେଇ ମନ କିନ୍ତୁ ପୁଣି ପାପକୁ ଜାବୁଡି ଧରେ ......... □

ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ

ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଲ୍ଲୀମାଟିର ସ୍ୱର



ମୋନାଲିସା ପାତ୍ର

କି ମୋହିନୀ ମନ୍ତ୍ରେ ମୁଗ୍ଧ ହୋଇଲୁ ଯନ୍ତ୍ର ମାନବ ତୁହି ?
ପଲ୍ଲୀଭୂଇଁ ର ଜନ୍ମମାଟିକୁ ଲେଉଟି ଚାହିଁଲୁ ନାହିଁ !
ସହର ର ସେହି ଅଶାନ୍ତ ସମୁଦ୍ରେ ତୋଳିଲୁ ତୋ କୋଠା ଘର,
ସେନେହରେ ବନ୍ଧା ଝାଟି ମାଟି କାନ୍ଥ ହୋଇଲା ତୋ ପାଇଁ ପର ।।
ତୋ ଗାଁ ମାଟିର ଶସ୍ୟଶ୍ୟାମଳା ସ୍ୱର୍ଣ୍ଣ ଲହରୀ କ୍ଷେତ,
ଭୁଲିଲୁ ମାଟିର ସ୍ନେହ ମମତାରେ ଭୂଲିଲୁ ପୁନେଇଁ ଯାତ ।।
କେମିତି ଭୁଲିଲୁ ମାଟି ମା' କୋଳ, ନଈ କୂଳେ ଜହ୍ନ ରାତି,
ବରଗଛ ମୂଳ, ଲୁଚକାଳି ଖେଳ, ଧୂଳି ଖେଳ ସାଙ୍ଗ ସାଥୀ ?
ଯନ୍ତ୍ର ସାଥେ ରହି ଯନ୍ତ୍ର ହୋଇଲୁ କି ପଥର କରିଲୁ ଛାତି ?
ତୋ ପଦ ଚିହ୍ନକୁ ଅନାଇ ବସିଛି ତୋର ସେହି ପଲ୍ଲୀ ମାଟି ।।
ଯନ୍ତ୍ର ସାଙ୍ଗରେ ବନ୍ଧୁ ବାନ୍ଧି ଆଉ କେତେ ତୁ ପିଇବୁ ବିଷ ?
ଫେରିଆ ତୋର ପଲ୍ଲୀ ମାଟିକୁ ଚାଖିଦେ ଟୋପେ ପୀୟୁଷ ।।
ଆଗକୁ ତୁ ପାଦେ ବଢ଼ିବା ଆଗରୁ ବିଚାରି ଦେ ଥରେ ମନେ,
ମାଟିର ମଣିଷ, ମାଟିରେ ଜନ୍ମିଛୁ, ମାଟିରେ ମିଶିବୁ ଦିନେ !
ଅଳପ ଦିନିଆ ମଣିଷ ଜୀବନ ଛାଡ଼ ତୁ ବିଳାସ ମୋହ,
ଫେରିଆ ତୋର ପଲ୍ଲୀ ମାଟିକୁ ପୋଛିଦେ ମାଟିର ଲୁହ ।।

ସୁକମା, ଛତିଶଗଡ଼
ଭ୍ରାମ୍ୟଭାଷ : ୮୭୬୩୯୮୪୫୭୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋପପୁରେ ହୋରିଖେଳ



ଅମରନାଥ ବାରିକ

ରାଧିକା ହାତରେ ଧରି ଫୁଲଥାଳି
ଗୋପାଙ୍ଗନା ମେଳେ ଚଳି
ଧାମନ୍ତି ସକଳେ ଗୋପ ଗାଆଁ ମୁଣ୍ଡେ
ବାନ୍ଧିବାକୁ ଫୁଲଦୋଳି । ୧

ଦୋଳ ପୁନେଇଁରେ ଖେଳିବେଟି ହୋରି
ମାରି ରଙ୍ଗ ପିଚକାରୀ
ହୋଇଛନ୍ତି ସାଥୀ ଫଗୁଣ ଲଗନେ
ହେବା ପାଇଁ ରଙ୍ଗ ବୋଳି । ୨

ଲୁଚି ନନ୍ଦବାଳ ଧରି ପିଚକାରୀ
ରାଧିକାକୁ ଦ୍ୟନ୍ତେ ମାରି
ଲାଜରେ କଣେଇ ଚାହାନ୍ତି ଆଉଡ଼େ
ମୁରୁକି ହସଟି ମାରି । ୩

ରାଧିକା ଗାଲରେ ଶୋଭା ନାଲି ନୀଳ
ପୁଣି ଗୋଲାପି ଅବିର
ଦିଶେ ସୁଶୋଭିତ ଆହୁରି ଶାଣିତ
ବାଳା ଓଠ ଥରଥର । ୪

ଫଗୁଣ ଆସିଛି ସାତରଙ୍ଗ ଘେନି
କୋଇଲିର କୁହୁ ତାନ
ରାଧାକୃଷ୍ଣ ପ୍ରେମ ବିତରି ବାସୁଛି
ଶୁଭେ ମୂରଲୀର ସ୍ୱନ । ୫

ରାଗ ଅଭିମାନ ପାଶୋରି ମନରୁ
ପାହାନ୍ତି ମାରିଣ ବୁଡ଼
କରି ଭୋଜିଭାତ ହୋଇ ଦିଆନିଆ
ସମ୍ପର୍କ କରନ୍ତି ଦୃଢ଼ । ୬

ଦୋଳ ଯାତରା ଏ ଶୁଭ ମୁହୂର୍ତ୍ତରେ
ପ୍ରେମର ଅବିର ଛିଟା
ପରସ୍ପର ମଧ୍ୟେ ଖେଳନ୍ତି ଗୋପାଳ
ଓଗାଳ ଦାଣ୍ଡିଆ ପିଟା । ୭

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୋଲି



ସନାତନ ମହାକୁଡ଼

ମୂଳ ରଚନା ହିନ୍ଦୀ :ଧରମ ଦୁବେ

ଓଡ଼ିଆ ଭାଷାନ୍ତର: ସନାତନ ମହାକୁଡ

-୧-

ମନେ ଅଛି ମୋର ହୋଲି
ବନ୍ଦ ମୁଠାରେ ଫଗୁ ନେଇ
ଚୁପ୍ କରି ଠିଆ ହୋଇଥିଲା ସେ
ହଠାତ୍ ରଙ୍ଗ ଉଠିଲା
ମୋ ପିଠିରେ ରଙ୍ଗ ଦେଲା ସେ
ଆଉ ଫଗୁ ସାଥିରେ ହିଁ
ପବନରେ ଖେଳିଗଲା
ତା'ର ପ୍ରେମର ବାସ୍ନା
ଯାହା ଢେର ରାତି ପର୍ଯ୍ୟନ୍ତ ମୋତେ କୁତୁକୁତେଇଲା
ଏମିତି ହୋଲି
ଆପଣ କେବେ ଖେଳିଛନ୍ତି !!

-୨-

ମୁଁ କହିଥିଲି
ଟିକିଏ ଫଗୁ ପଠାଇ ଦେବୁ
ତୋର ସ୍ନେହ ସ୍ପର୍ଶ ଆଉ ତୋର ବାସ୍ନା ବି
ସେଥିରୁ ପାଇ ଯିବି
ପୁଣି ଘଡ଼ି ଗଣି ଚାଲିଲି
ସକାଳ ଦ୍ୱିପ୍ରହର ସନ୍ଧ୍ୟା
ହୋଲି ଆସିଲା ଆଉ ଚାଲିଗଲା
ସଭିଙ୍କ ଚେହେରାରୁ ରଙ୍ଗ ଓହ୍ଲାଇବାକୁ ଲାଗିଲା
ଆଉ ମୋତେ ଲାଗିଲା ବି ନାହିଁ !!

ଗ୍ରାମ/ପୋ.ଅ-ବେରୁଆଁବାରୀ-୭୫୨୦୮୨
ଜିଲ୍ଲା- ନୟାଗଡ଼, ଓଡ଼ିଶା
ଦୂରଭାଷ- ୯୩୩୯୭୧୦୧୬୮
Email: sanmahakud@gmail.com
www.sanatanmahakud.in

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦରଦୀ ବନ୍ଧୁ

ସତ୍ ଆଏ, ଯେନ୍'ଟା ଭି ହଉଛେ ଭଲ୍ ଲାଗିର୍ ହଉଛେ । ବିପଦ୍ ଘାଏ ଘାଏ ଅନେତ୍ କରି ଦେସି । ସେ ବିପଦ୍ ଆମ୍'କୁ ଭଲ୍ ଭଲ୍ ଲୁକର୍ ସାଂଗେ ଭେଟ୍ ଭି ପକେଇଦେସି । ଆମ୍'କୁ ବିପଦର୍ ସାମ୍'ନା କର୍'ବାର୍ ଲାଗି ଅଲ୍'ଗା ଲୁକର୍ ସାହାରା ନେବାର୍ କେ ପଡ୍'ସି । ଇ ସମିଆଁକେ ଝନେ ଝନେ ମହାପୁରୁ ଲେଖେ ଆସିକରି ବିପଦ୍ କେ ଦୂର୍ କରି ନେସନ୍ । ଲୁକ୍'କର୍ ଆଁଖି ସେମାନେ ଶୋଜ୍ ମୁନୁଷ୍ ହେଲେ ଭି ସାହାଯ୍ ପେଇଥିବାର୍ ଲୁକର୍ ଆଁଖି ସେମାନେ ମହାପୁରୁ ଆନ୍ ।

ସେମାନେ ମହାପୁରୁ ଲେଖେ ବହୁତ୍ ଲୁକ୍'କୁ ବିପଦ୍ ସମିଆଁକେ ଆସିକରି ଉଦ୍ଧାର୍ କରୁଛନ୍ । ଧଏନ୍ ତାଙ୍କର୍ ମାଁ ବୁଆ । ତାଙ୍କୁ କୋଟି କୋଟି ଜୁହାର୍ । ନିଜର୍ ନୁ ଜହଁକରି ଅଲ୍'ଗା ଲୁକର୍ ଚିନ୍ତା କର୍'ସନ୍ । ନିଜର୍ ଭୋକ୍ ଭୁଲକରି ଅଲ୍'ଗା ଲୁକ୍'କୁ ଖୁଆସନ୍ । ମହାପୁରୁ ଲେଖେ ଆସିକରି ଗରିବ୍ ଲୁକର୍ ସେବା କରୁଛନ୍ । ସଥେ ସେମାନେ ଅନ୍ଧାର୍ ଦୁନିଆଁଥି ଉଜାଲା ଆନ୍ । ଗରିବ୍ ଦୁଖିର୍ ପାଠ୍ ପଢ଼ା ଥି ତାକର୍ ସାହାଯର୍ ହାଁତ୍ ଲମିଛେ । ମର୍'ଲା ସମିଆଁ ନୁ ଭି ବଁଚାବାର୍ ହାଁତ୍ ଟା ସବୁବେଲେ ଲମିଛେ । ତାଙ୍କର୍ ଦୁଆର୍ ଟା ସମ୍'କିରର୍ ଲାଗି ଖୁଲା ଆଏ । ଯିଏ ଭି ତାକର୍ ଦୁଆର୍ କେ ଆସିଛନ୍ ଖାଲି ହାଁତେ ନେ ଫିରି । ଗରିବ୍ ଦୁଖିର୍



ବିଶ୍ୱନାଥ ଭୁଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଠ୍ ପଢ଼ା, ବିହାବର୍'ପନ୍, ଚିକିତ୍ସା, ଘର୍ ଦ୍ୱାର୍, ଖାନାପିନା ସବୁଥି ତାଙ୍କର୍ ଆଶୀର୍ବାଦ୍ ଟା ଲମିଛେ । ଅହରହ ଚୋବିଶ୍ ଘନ୍ଟା ଗରିବ୍ ଦୁଖିର୍ ସେବା କରୁଛନ୍ ନ । ସେମାନେ ସଥେ ଗୁଟେ ଗୁଟେ ଦରଦୀ ବନ୍ଧୁ ଆନ୍ । ଆମର୍ ନଜର୍ ଥି ଆସିଥିବା ଆମର୍ ବରଗଡ଼ ଜିଲ୍ଲାର୍ କେତେ ଦରଦୀ ବନ୍ଧୁଙ୍କର୍ ନାଁ - ଶ୍ରୀ ଯାଦବ ଚନ୍ଦ୍ର ଦୁଆନ, ଶ୍ରମମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶ୍ରୀ ଭାଗିରଥି ବାରିକ, ଶ୍ରୀମତୀ ଉମାରାଣୀ ଝାଙ୍କର, ଶ୍ରୀ ହରିହର ମାଝି.... ! ଅଉ ଭି ଥିବେ ଯେନ୍'ମାନେ ସେବାର୍ ବାଟେ ଚାଲୁଛନ୍ ।

ଏନ୍ତା ଲାଗ୍'ସି ଯେନ୍ତା କି ସ୍ୱୟଂ ଭଗବାନ୍ ଆସିକରି ସବୁ ଦୁଖ୍ ଦରଦ୍ ଦୂର୍ କରୁଛନ୍ । ସେମାନେ ଯେନୁ ଭି ଥଉନ୍ ଭଲ୍ ହେଇକରି ରହିଥଉନ୍ ।ତାଙ୍କର୍ ଆଶୀର୍ବାଦ୍ ଟା ସମ୍'କିରର୍ ଉପ୍'ରେ ରହିଥଉ । ସମ୍'କିରର୍ ମୁହେଁ ତାାଙ୍କର୍ ନାଁ ଶୁଭୁଥଉ । ତାଙ୍କର୍ ଆଦର୍ଶର୍ ବାନା ସବୁବେଲେ ଉଡୁଥଉ ।

ବିଶ୍ୱନାଥ ଭୁଏ
କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୫୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାଟକ୍

ମା ବୁଆ ଯେତେ ବୁଝାଲେ ବି କୁନା ର୍ ଗୁଟେ ଜିଦ୍ ସେ ଆରୁ ଆଇ ର୍ ସଂଗେ ସ୍କୁଲ କେ ନି ଯାଏ । କହୁଛେ "ହେ ବୁଢ଼ୀ ର୍ ସଂଗେ ମୁଇ ନି ଯାଏ ସ୍କୁଲ୍ ।

ବୁଢ଼ୀ ମତେ ସଦାବେଲେ ଗାଲି ଦଉଛେ । ଖିଜେଇ ହଉଛେ ନ ବାଟେ । ମୋର୍ ସାଙ୍ଗ ମାନେ ମୋର୍ ସଂଗେ ହେ ବୁଢ଼ୀ କେ ଦେଖଲେ ମତେ ବିର୍ଝାସନ୍ ।

ବୁଢ଼ୀ ବନେ ନି ସେ " । ସୁନି କରି କୁନା କେ ତାର ବାପା ବଜାଲା ଗୁଟେ ଚଟକନ । ବଡ଼ ମାନ କେ ଇଂତା ନାଇଁ କହ ନ୍ ବୋଲି ଗାଲି ଦେଲା କୁନା କେ । ତାର୍ ମା ତାକେ ବୁଝେଇ କରି କହେଲା " ବେଟା ! କାଲି ନୁ ମୁଇ ତତେ ଇସ୍କୁଲ୍ କେ ନେଇ ଛାଡ଼ମି"" । ତୁଇ ପଢି ଯିବା ର୍ କେ ମନା ନାଇଁ କର୍ । ମା ର୍ କଥା ଥି ଉସତ୍ ହେଇ ଗଲା କୁନା । ହଁ ମା ତୁଇ ଯିବୁ ଗୋ ବୋଲି ଉଙ୍ଗା କରି ପକାଲା ମା କେ ।



ସତ୍ୟନାରାୟଣ ମିଶ୍ର

ଛନେ ଉତୁରୁ ଆଇ ସୁଇଲା ଘର କେ ଯେଇ କରି ଦେଖଲା ଯେ ବୁଢ଼ୀ କାନ୍ଦୁନ ମାନ୍ଦୁନ ହେଇ ଆଖି ର୍ ଲହ ପୁଛୁ ଥେ । କୁନା ତାର ପାସ କେ ଆସି କରି କହେଲା " ଆଇ ଗୋ । ତତେ ମୁଇ ବୁଢ଼ୀ ବୋଲି କରି ଇଆଡୁ ସେଆଡୁ କେତେ କଥା କହି ଦେଲି ବାପା ମା ସାମନେ । ତୁଇ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମତେ ମାଫ୍ କରି ଦେବୁ । ସତ୍ କହେବା କେ ଗଲେ ମୁଇ ତୋର କଷ୍ଟ ନାଇଁ ସହି ପାର୍ଲି ଗୋ । ଖରା ଥି ଛୁଟେଇ ଛୁଟେଇ ତୁଇ ମତେ ଛାଡି ନେସୁ । ଫେର ହେନ୍ତା ଛୁଟେଇ ଛୁଟେଇ ଆଣି ଯାଉଛୁ । ଇ ବଏସେ ତୁଇ ତ ଆରାମ ଥି ଘରେ ରହେତୁ । ତତେ ମା ବାପା କେଁ ଯେ ହେତେ ଖଟଉଛନ୍ । ଖାସ୍ ତତେ କଷ୍ଟ ନି ହଉ ବୋଲି ମୁଇ ଆଝି ନାଟକ୍ ଟେ କଲି । ବାପା ନୁ ମାଡ଼ ଖାଇଲି ।

ହେଲେ , ଆଜି ଥାନୁ ତୋର୍ ଛୁଟି । ତୁଇ ଆରୁ ମତେ ଛାଡି ନେଇ ନୌ ।

ନାତି ର୍ କଥା ସୁନି କରି ଆଈ ତାକେ ଉଙ୍ଗା କରି ଧରି ପକାଲା । ଗାଲେ ଚୁମା ଦେଇ କରି ଛଳ ଛଲ୍ ଆଖି ଥି କହେଲା " ମୋର୍ ନାତି ର୍ କେତେ ବୁଦ୍ଧି, ସୁନା ଭାଇ ଟେ ।

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡର୍ ସି କାଏଁ

ଡରସି କେଁ ଡଙ୍ଗା ଝାଲା ମାରବା ବୋଲି ମଗର୍
ଡରସି  କେଁ ଚଷା ପିଲା ମେଘ୍ ନୁ ପଡ଼ବା ବଜର୍
ବୀର ଯବାନ୍ ଡରସି କେଁ ଶତ୍ରୁ ପାଲଟା ଗୁଲି କେ
ଉତ୍ ପାତିଆ ଡରେ ନାଇଁ ମା  ବୁଆ ର୍ ଗାଲି କେ
ମଦୁଆ କେଭେ ଡରସି କେଁ ମାଏଝିଯାହା ସପଲେ
ନିଲଜ୍ କେଭେଁ ଡର୍ସି କେଁ ନିନ୍ଦା ବଦନାମ ଆସଲେ
ନାସ୍ତିକ୍ କେ ଡର୍ ନାଇଁ ନ ଭୂତ୍ ପେତ୍ଏନ୍ ଦେବ୍ତା
ଖଟି ଖାଉକେ  କେଁ ଡର୍   ଶୀତ୍ ଖରା ବର୍ଷା
ରିପୋଟର୍ କେ କେଁ ଡର୍ ଦେବା କେ ସଚ୍ଚା ରିପୋଟ୍
ପବ୍ଲିକ୍ କେ ଡର୍ ନାଇଁ ନ ପାଏବା କାଁ ଯେ ହକ୍
ସପୁଆ କେଭେଁ ଡର୍ସି କାଁଏ ଖେଲାବା କେ ସାପ୍
ମନ୍ ଟା କେଭେଁ ଡରୁଛେ କାଁଏ ଲାଗବା ବୋଲିପାପ୍
ଯାର୍ ହାତେ ସେ ତିନ୍ ହାତ୍ କାଣେ
ଛାତି ନେ ଅଛେ ଦମ୍
ମାତର୍  , ସଭେ ଡର୍ସନ୍ କେତେବେଲେ ଭେଲ୍
ପଲେଇ ଯିବା ଜୀବନ୍  ।



ସତ୍ୟନାରାୟଣ ମିଶ୍ର

ସିଂଧେକେଲା ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରସ୍

ରସିଆ ଜାନବା ରସର କଥାରେ
କେଡେ ମିଠା ତାର ଭାବ୍
ଯେନ ରସ ପି'ଲେ କଟି ଯାଏସି ହୋ
କୁଟି ଜନମର ପାପ୍ ।
ଦସ୍ୟୁ ରତ୍ନାକର ପିଇଥିଲା ବଲି
ବନିଗଲା ବାଲମିକି
ତାର କଥାକେ ଜପି ଜପି କରି
ନାଇଁ ପଡ କେଭେଁ ଥକି ।
ଯେନ ରସ ପିଇ ଶବରୀ ବୁପରି
ପାଇ ଥିଲା ଦିନେ ଦେଖା
ସେ ରସ ପିଇକରି ଭକତ ହନୁ
ଲଁଘି ଯାଇଥିଲା ଲଁକା ।
ହେ ରସେ ମିଲସି କେଥନି ଶିଆଁତି
ମୋକ୍ଷ ଆର ଶିରିଧାମ
ଭକତ ବଲୁଛେ ଶୁନ ମନ ଶୁନ
ରସ୍ ଟା  ହେଉଛେ ରାମ୍ ।



ଅଚ୍ୟୁତାନନ୍ଦ ଭୁଏ

ଗୋଲାମାଲ, ରେଂଗାଲି, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ୍

ଜୁଡି ରହିଲେ ମନ୍ ସାଙ୍ଗେ ମନ୍
ବାନ୍ଧି ହେଇଥିସୁ ଭାବେ,
ମନ୍ ଟା ସତେ ବଢେ ମଲ୍ ମଲ୍
ନାଇଁ ରହେ କେଭେ ଥାବେ । ।

ମନ୍ ଭାଙ୍ଗିଗଲେ ଜୁଡି ନାଇଁ ହୁଏ
ଲାଗ୍‌ସି ଗୁର୍‌ଦୁ ଦୁଃଖ୍
ମନ୍ ଭଲ୍ ଥିଲେ ସବୁ ଭଲ୍ ଆଏ
ମିଲ୍‌ସି ଗୁର୍‌ଦୁ ମୁଖ୍ । ।

ମନର୍ କଥା ସତେ ମନ୍‌କେ ଜନା
ମନ୍ ହେଉଥିସି ଘାଟି,
ଧନ୍ ଠାନୁ ସତେ ମନ୍ ବଡ଼ ଆଏ
କିହେ ନାଇଁ ହୁଅନ୍ କଟି । ।

ଛନ୍ ଛନିଆ ମନ୍‌କେ ରଖ୍‌ମା
ଥାବେ
ବୁଧି ବିବେକର୍ ବଲେ,
ପର୍‌ଭୁ ଠାନେ ରଖ୍‌ମା ଆମର୍ ମନ୍
ରହେମା ସଭେ ଭଲେ । ।



ଯଶୋବନ୍ତ କୁମ୍ଭାର
ଭରସୁଜା, ଆଗଲପୁର, ବଲାଙ୍ଗୀର
୭୮୫୨୯୭୬୮୫୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶ୍

କର୍'ମର୍ ଫଲ୍ ଭୁଗ୍'ନି ଭୁଗ୍'ବୁ

ଛଁଚି ରଖିଛୁ ନ ଯେତେ

କପାଲ୍ ଅଁଗେନ୍ ଧୁଇ ପୁଛି ଗଲେ

ଫଅକ୍ ପଁଅଁର୍ଡା ସତେ ।

ଗଲା ଜନ୍'ମର୍ ନୁହେ ପାରୁ ଧୁଇ

ତହବି କରିଛୁ ଆଶ୍

କପାଲର୍ ଫାଶ୍ ଜାହିଁ ତାହିଁ ବାସ୍

କାଟି ବୁଲେ ଘୁଡାଘାଁସ୍ ।

ଖୁଲିଦେ ବଁଧ୍'ନି ହେଇଯା ପଏର୍ଛା

ସୁଧୁ ନିର୍'ମଲ୍ ପନ୍

ବିଟ୍'ବିଟ୍ କଲା ଧୋବ୍ ଫର୍'ଫର୍

ହେଇ ଯିବା ତନ୍ ମନ୍ ।

ପାନିର୍ ମୁର୍'ଚା ଟିନ୍ ଚରି ନିଏ

ଯେନ୍'ତା କାଠ୍ କେ ଘୁନ୍

ଚିଁତା ଝୁର୍'ଝାର୍ କର୍'ବା ଗାଗର୍

ଦିହି ଚରି ନେବା ନୁନ୍ ।



ମନୋରଞ୍ଜନ
ସୁରୁଜାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେତେ ଜନମର୍ ଗଁଠାଲା ବୁଟ୍'କା

ଯେଭେ ଯିବା ସରିସରି

ଗୁଁଦଲ୍ ପାଏନ୍ ଦିଶ୍'ବା ଫଟିକ୍

ସେ ଦିନ୍ କେ ଅନ୍'ସରି ।

ଆଏବେ ଦେଖ୍'ବୁ ଗହକି ଲଗେଇ

ଭେଟ୍'ବୁ ମନର୍ ରଜା

ଫୁଲର୍ ଦସ୍'ନା ଦଶେଇ ଦଉଥା

ହୁର୍'ଦେଁ ଗାଡବେ ଧଜା ।

ଚାର୍'ଖାନି ଧରି ମହକି ଉଠ୍'ବା

ସେ ଦିନ ପୁର୍'ବା ଆଶ୍

ଆଁଖିର୍ ଲୁହୁଥି ଧୁଇବୁ ପାହାକେ

ସଅଁପି ଜିବନ୍ ରାସ୍ ।

ମନୋରଞ୍ଜନ ସୁବୁଦ୍ଧି

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶ୍

କେତେ ଦିନୁ ଭାବୁଥିସିଁ
ଆଏଜ୍ ଏହେଦେ ନ କହିଦେମି ବୋଲି;
କହି ନାଇଁ ପାରି ତୋର୍ ପଛ୍ଆଡେ
ଫେର୍ ଭାଲିହେବାର୍ ଟା
ଗୁଟେ ବଏସେରା ହେଇଗଲା ନ ମୋର୍ ।।
ନୁନ୍ ଦିଆ ଦରବ୍ ଭି
ଔଁଲ୍ଲା ଔଁଲ୍ଲା ଲାଗ୍ସି
ଖଁଣ୍ ମଧୁର୍ ଭି ପିତା ଲାଗ୍ତା କାଏଁ ଯେ ?
ଇ ମନ୍‌ଟା ତ ବାଏବିଛୋ ଲାଗ୍ସି ।।
ଘାଏ ନ ଜେନ୍ ମୋତେ ଦେଖିକରି ତୁଇ ହଁସିଥିଲୁ
ମୁଇଁ ଭାବ୍ସିଁ,
ହେ ଦିନୁ ତୁଇ ମୋର୍ ହେଇଛୁ ବୋଲି ।।



ସନ୍ତୋଷ କୁମାର
ଅଦାବର

ଠିକଣା- ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଯିଏ ଜାଣା ବଲୁ

ଯିଏ ଜାଣା ବଲୁ କହୁ କୁହା ଆଲୁ
ମୁଇଁ ନୁହେଁସେ ହେନତା,
କା'ର୍ ଲାଗି ଭଲ୍ କା'ର୍ ଲାଗିଁ ମଁଦ୍
ଇ କଥା କରେଁ ସୁରତା ।ଠା

ଘର୍ କରିଥିଲେ ଗାଆଁ କି ସହରେଁ
ସଭେଁ ନି'ହତ୍ ନିଜର୍,
ଅଧେ ଆପନାର୍ ଅଧେ ଥିବେ ପର୍
କରବାକେ ଛି-ଛାକର୍ ।ଠା

ଭେଇ ଭାଗ୍ ବଁଟା ଗାରେ ଟୁକୁରେ ଗା
ହେଇ ଭି ଗୁଟେ ବାପର୍,
ମାଆଁ ବୁଆ ଭିଲ ବାଁ ନାଇଁ ଜଅଁତ୍
ନି'ଥେଇ ମନ୍ ତାକଁର୍ ।ଠା



ସହଦେବ ଧରୁଆ

ଜୀବନ୍‌ଟା ଆଏ ପାଏନ୍ ଫୁଟ୍‌କା
ଫାଟଲେ ଛୁଚା ଅସାର୍,
କେତେ ରୁଷାଫୁଲା ଭାବ୍-ଘରେଁ ତାଲା
ତେଜେଇ ହିଁସା ହଁକାର୍ ।ଠା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଥିର୍ ଗୁନୁ ଗା ରହେସି କେରେଇ
ନି'କରେଁ ଗୁତା ଉଚାର୍,
ସତ୍ କହିଦେଲେ ଛାତି ଫାଟେ ବଲେ
କରବେ ଛୁଚେଁ ଧିକାର୍ ।ା
ମୁହୁଁକେ ଗଁଧେଇ ହୁରିଆ ହେବାର୍
ନାଇଁନ ଭି ଦରକାର୍,
ତୁମତାମ୍ ଥେଇ ସୁଧଭାବେ ଭଲେ
କରସି ବୁତା କବାର୍ ।ା
କାଏଁ ଲାଭ୍ ଭେଇ ଠଟେଇ ବଜେଇ
ହେମା ଗୁଏଲ୍ ଝଗର୍,
ଆଝର୍ ଜୀବନ୍ କାଏଲକେ ନେଁ ନ
ଯେନତା ଝରେ ପତର୍ ।ା
ଯିଏ ଜାଣା ବଲୁ ତାର୍ ମନେ ଭାଲୁ
ଦେଖୁଛେ ଉପର୍ ବାଲା,
କେନଟା ଅଜନା  ତାକେ ସବୁ ଜନା
କରିଛେ ଆଏଁକ୍ ମେଲା ।ା

ସାଇପାଲି, ବିଜେପୁର, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀକାରୀ

( ଭାଗ ୭ )

ଟିକେ ଆଘୋନୁ ତ ପର୍ଚ୍ଛା ଜଙ୍ଗଲ
ଭିତର୍ କେ ଢୁକିଁଥିଲିଁ,
ହରିଣୀ ମାର୍ମି ବଲି କରି ଶର୍
ଧନୁନେ ସଜେଇଥିଲିଁ ।
ସଜାଲା ଉତାରୁ ହରିଣୀକେ ଦେଖି
ମାର୍ଲିଁ ସେନ୍ତା ଶର୍,
ଶର୍ ଯାଇକରି ଗଛେକା ବାଜ୍ଲା
ଛନ୍ଦେଇ ହେଲା ଡର୍ ।
ଡର୍ ତ ବଏଲେଁ ବାଘୁଣୀ ଦେଖ୍ଲେ
ଡର୍ ଲାଗ୍‌ସି ଜଙ୍ଗ୍ଲେଁ,
ଧୋପ୍ ଦିଶୁଥିଲା କଲା ଦାଗ୍ ଥିଲା
କେତେ ଭିତ୍ରେ ବହଲେ ।
ହେ ଜଙ୍ଗଲ ଛାଡ଼ି ଘର୍ ପାଖ୍‌ପାଖ୍
ଆସ୍ଲିଁ ନ ଯେ ଇହାଦେ,
ଗୁଟେଗୁଟେ ଗଛ ଇଠାନେ ସେଠାନେ
ଅଛେ ଜଙ୍ଗ୍ଲର୍ ପାଦେ ।
ଇନ ଫେର୍ କାଏଁ ଶିକାର୍ ମିଲ୍ବା



ଦେବଦତ୍ତ ସନ୍‌ସ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭର୍ସା ପୁର୍ବା ମୋର୍,
ଜଙ୍ଗ୍ଲ ଭିତ୍ରୁ ଖାଲି ଫିରିଗଲିଁ
ବାନ୍ଧି ଧନୁନେ ଡୋର୍ ।
ଟିକେଟିକେ ଛାଡ଼ି ଘାସ୍ ବୁଟା ଅଛେ
ବଉଁସ ବୁଟା ନେଇଁନ,
କାଗଜ୍ ବନାବେ ଯେ ତ କାଟି ନେଲେ
ଜଙ୍ଗ୍ଲ ପଡ଼ିଆ ଇନ ।
ମୁନଷ୍ମାନେ ତ ସବୁ ନେଇ ଗଲେ
ଆମେ କାହାକେ ଖାଏମୁଁ,
ମହୁଲ, ଚାର୍ ବି ଆମ୍ ଆର୍ ସାଙ୍ଗେ
ଚୁରାଲେ କାଗ୍‌ଜି ଲେମ୍ବୁ ।
ରେଙ୍ଗାଲ୍ ଗଛ ବି ନେଇ ଯାଉଛନ୍
ଏବେକା ଅଛେ ତ ଯାହା,
କର୍ଲା କି ଭେରୁ କୁରେ ବୁଟା ମେରୁ
ବାଗିର୍ ବଢୁଛେ ଆହା ।
ବର୍ଷା ମାସ୍ ବୋଲିଁ ଏଚ୍ଚି କହେଲିଁ
ଖରା ହେଇଥିତା ଯଦି,
ବାଡୁନ୍ ବୁଟାର୍ ଖୁଟିଖୁଟି ବାଗିଁ
ଦିଶ୍‌ତା ଇଟା଼ା ଯଲ୍‌ଦି ।
ଖାଲି ଯେ ମହୁଲ ଗଛମାନେ ଟିକେ
ଛାଡ଼ିଛାଡ଼ି ଅଛେ ବୋଲି,
ଗୁଟେ ଅଧେ ବେଟି ମହୁଲି ବନାସୁଁ
ପିଇସୁଁ ନାଚ୍‌ସୁ ହୋଲି ।
ମୁଇଁ ନେଇ ପିଏଁ ସଙ୍ଗୋ କହୁଛେ
ପିଇସି ତ୍ରିନାଥ୍ କକା,
ତାର୍ ଲାଗି ଖାଲି ମଦ୍ ରନ୍ଧା ହେସି
ନେଇ ଦେଲେ ବାର ବର୍କା ।
ଦିନେ ଅଧେ ଯଦି ଉନା ହେଇଗଲେ
ହୁଡ଼୍‌ସି ତେରେନ୍ ଛାଡ଼ି,
ସେଥିର୍ ଲାଗିତ ମଦ୍ ରନ୍ଧା ହେସି
ସପ୍ତାହେକେ ହାଡ଼ିହାଡ଼ି ।
ମୋର୍ କକା ଆଏ ପାଲି ପୁସି ବଡ଼
କରିଛେ ହେ ଛୁଆ ଦିନୁ,
ବାପ୍ ମାଆକେ ତ ଜନ୍ମୁ ନି ଦେଖି
ଅନାଥ୍ ଗୁଟେ ନିହିନୁ ।
ମାଁ ଭଲିଆ କାକି ମତେ ବଡ଼ କଲା
ବାପ୍ ବାଗିର୍ ତ କକା,
ସମିଆ ଜେନ୍ତା ଘୁର୍ ସି ବାବୁରେ
ହଲଗାଡ଼ି ହେନ୍ତା ଚକା ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।

ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।

ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ । ।

ଶ୍ରୀମଦ୍ଭାଗବତ ମହାପୁରାଣର ୨ୟ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -



ସହଦେବ ପ୍ରଧାନ

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୨ୟ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଦ୍ୱିତୀୟ ସ୍କନ୍ଧର ବିଷୟସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୧୦ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରାଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱିତୀୟ ସ୍କନ୍ଧ - ୧୦ ଟି ଅଧ୍ୟାୟ

ସଂଖ୍ୟା ଅଧ୍ୟାୟ ବିଷୟ ବସ୍ତୁ

୧ ପ୍ରଥମ ଖଟ୍ୱାଙ୍ଗ ରାଜାର ଉପାଖ୍ୟାନ ମାଧ୍ୟମରେ ଶୁକ ପରୀକ୍ଷିତଙ୍କୁ ସ୍ଥୂଳ ଶରୀରରେ ମହାପୁରୁଷ ସଂସ୍ଥାନ ତଥା ଶରୀର ତତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । ଅର୍ଥାତ୍ ଧ୍ୟାନବିଧି ଓ ଭଗବାନଙ୍କ ବିରାଟସ୍ୱରୂପର ବର୍ଣ୍ଣନା ।

୨ ଦ୍ୱିତୀୟ ଶୁକ ପରୀକ୍ଷିତ ସଂବାଦ - ଭଗବାନଙ୍କର ସ୍ଥୂଳ ଓ ସୂକ୍ଷ୍ମରୂପର ଧାରଣା - ଯୋଗସ୍ମୃତିଦ୍ୱୟ ବର୍ଣ୍ଣନ - ଯୋଗର ପଦ୍ଧତି, ଶରୀରେ ପବନ କ୍ରିୟା ବା ପ୍ରାଣାୟମ ବର୍ଣ୍ଣନା - କ୍ରମମୁକ୍ତି ଓ ସଦ୍ୟୋମୁକ୍ତିର ବର୍ଣ୍ଣନା ।

୩ ତୃତୀୟ ଶୁକ ପରୀକ୍ଷିତ ସଂବାଦ - ଭକ୍ତି ଯୋଗ ପ୍ରାଧାନ୍ୟ ବର୍ଣ୍ଣନ - କି ଅର୍ଥେ କେଉଁ ଦେବତାଙ୍କୁ ପୂଜା ବର୍ଣ୍ଣନ ।

୪ ଚତୁର୍ଥ ଶୁକ ପରୀକ୍ଷିତ ସଂବାଦ - ଭକ୍ତି ଯୋଗ ପ୍ରାଧାନ୍ୟ ବର୍ଣ୍ଣନ - ଆତ୍ମାଯୋଗ – ଭଗବାନଙ୍କର ଭିନ୍ନ ଭିନ୍ନ ପ୍ରକୃତିରେ ଆତ୍ମାର ସ୍ଥିତି ବର୍ଣ୍ଣନ । ଅର୍ଥାତ୍ ରାଜା ପରୀକ୍ଷିତଙ୍କ ସୃଷ୍ଟିବିଷୟକ ପ୍ରଶ୍ନ ଓ ଶୁକଦେବଙ୍କ ଉତ୍ତର ।

୫ ପଞ୍ଚମ ଶୁକ ପରୀକ୍ଷିତ ସଂବାଦ - ସୃଷ୍ଟ୍ୟାଦି ବିଭୂତି ବର୍ଣ୍ଣନ - ସୃଷ୍ଟିର ସମସ୍ତ କାରକ ଯଥା ପବନ, ଜଳ, ସୂର୍ଯ୍ୟ ଇତ୍ୟାଦିକୁ ବ୍ରହ୍ମାଙ୍କ ଅଙ୍ଗ ସହ ତୁଳନା ।

୬ ଷଷ୍ଠ ଶୁକ ପରୀକ୍ଷିତ ସଂବାଦ - ସୃଷ୍ଟ୍ୟାଦି ବର୍ଣ୍ଣନ - ସୃଷ୍ଟି ସର୍ଜନା ବିଷୟ ବ୍ରହ୍ମାଙ୍କ ଦ୍ୱାରା ନାରଦଙ୍କୁ ବ୍ୟକ୍ତ । ଅର୍ଥାତ୍ ବିରାଟ ପୁରୁଷଙ୍କର ବିଭିନ୍ନ ବିଭୂତିର ବର୍ଣ୍ଣନା ।

୭ ସପ୍ତମ ବ୍ରହ୍ମା ନାରଦ ସମ୍ବାଦ - ଭଗବାନଙ୍କର ବିଭିନ୍ନ ଅବତାରେ ରୂପ ବର୍ଣ୍ଣନ (୧ମ ସ୍କନ୍ଧ ୩ୟ ଅଧ୍ୟାୟର ସଂକ୍ଷିପ୍ତ ପୁନରାବୃତ୍ତି) – ଗଜ ଉଦ୍ଧାରଣ ଚରିତ ବର୍ଣ୍ଣନ, କୃଷ୍ଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବତାର ସବିସ୍ତୃତ ବର୍ଣ୍ଣନ ।

୮ ଅଷ୍ଟମ ବ୍ରହ୍ମା ନାରଦ ପରୀକ୍ଷିତ ସମ୍ବାଦ - ରାଜା ପରୀକ୍ଷିତଙ୍କ ବିବିଧ ପ୍ରଶ୍ନ ।

୯ ନବମ ପ୍ରକୃତି ବର୍ଣ୍ଣନା – ବିଷ୍ଣୁଙ୍କର ରୂପକାନ୍ତି, ଶକ୍ତି ବର୍ଣ୍ଣନା, ବ୍ରହ୍ମାଙ୍କର ବିଷ୍ଣୁଙ୍କୁ ସୃଷ୍ଟି ସର୍ଜନାର ପ୍ରତିରୂପ ଜିଜ୍ଞାଷା ପ୍ରଶ୍ନ ଓ ବିଷ୍ଣୁଙ୍କର ପ୍ରତ୍ୟୁ୍ତ୍ତର । ଚତୁଃଶ୍ଳୋକୀ ଭାଗବତ ଉପଦେଶ ପ୍ରାପ୍ତି ।

୧୦ ଦଶମ ଭାଗବତର ଦଶ ଲକ୍ଷଣ; ସୃଷ୍ଟି ସର୍ଜନା – ଜଳ, ବାୟୁ, ପଶୁ, ପକ୍ଷୀ, ବୃକ୍ଷଲତାଦିର ସୃଷ୍ଟି ଓ ସେଗୁଡ଼ିକର ପ୍ରକୃତି ବର୍ଣ୍ଣନା – ବିଭିନ୍ନ କଳ୍ପରେ ସୁଖ, ଦୁଃଖ, ଭଲ, ମନ୍ଦ ଇତ୍ୟାଦିର ଗୁଣ ଓ ଅବସ୍ଥା ବର୍ଣ୍ଣନା ।

୨ୟ ସ୍କନ୍ଧ ଅଧ୍ୟାୟଗତ ସାରାଂଶ -

ପ୍ରଥମ ଅଧ୍ୟାୟରେ ରାଜା ପରୀକ୍ଷିତ ୧ମ ସ୍କନ୍ଧର ଶେଷ ଅଧ୍ୟାୟରେ ପଚାରିଥିବା ପ୍ରଶ୍ନର ଉତ୍ତର ଆରମ୍ଭ କରି ଶୁକଦେବ କହିଲେ ଯେ, ଅନ୍ତକାଳ ଆସିଗଲେ ମନୁଷ୍ୟ ଆତଙ୍କିତ ନ ହୋଇ ଶରୀର ପ୍ରତି ତଥା ଶରୀର ସହିତ ସମ୍ପୃକ୍ତ ସକଳ ବିଷୟ ପ୍ରତି ରହିଥିବା ସମସ୍ତ ଆସକ୍ତିକୁ ଅସଙ୍ଗ (ବୈରାଗ୍ୟ) ଶସ୍ତ୍ରରେ ଛେଦନ କରିଦେବା ଆବଶ୍ୟକ । ପ୍ରଥମେ ସେ ଧୈର୍ଯ୍ୟର ସହ ଗୃହତ୍ୟାଗ କରି ଶୁଦ୍ଧ ଜଳରେ ସ୍ନାନ- ଶୌଚ ହୋଇ ବିଧିପୂର୍ବକ ଆସନରେ ବସି ତ୍ରିବୃତ ବ୍ରହ୍ମ – 'ଅ, ଉ, ମ୍' ଏହି ତ୍ରିମାତ୍ରାଯୁକ୍ତ ପ୍ରଣବ (ଓଁକାର) ଜପ କରିବା ଉଚିତ । ପ୍ରାଣାୟମ ଦ୍ୱାରା ମନକୁ ବଶ କରିବା ଉଚିତ, ଯେପରି କି, କ୍ଷଣକ ପାଇଁ ବି ପ୍ରଣବ ବିସ୍ମରି ନ ଯିବେ, ସେଥିପ୍ରତି ଧ୍ୟାନ ଦେବା ଉଚିତ । ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବିଷୟରୁ ପ୍ରତ୍ୟାହାର କରିବାକୁ ପଡ଼ିବ ଏବଂ କର୍ମବାସନାରେ ଚଳ ହେଉଥିବା ମନକୁ ବିବେକ-ବିଚାର ଦ୍ୱାରା ପରମାତ୍ମାସ୍ୱରୂପ ଚିନ୍ତନରେ ଲଗାଇବାକୁ ପଡ଼ିବ । ଭଗବାନଙ୍କର ପ୍ରତ୍ୟେକ ଅଙ୍ଗକୁ ଧ୍ୟାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ପୂର୍ଣ୍ଣରୂପେ ଭଗବାନଙ୍କଠାରେ ଲୀନ ହୋଇଯିବାକୁ ହେବ । ଏହି ସମୟରେ ଯଦି ମନ ରଜୋଗୁଣ ହେତୁ ବିକ୍ଷିପ୍ତ ହୋଇଯାଏ ଅବା ତମୋଗୁଣ ହେତୁ ମୂଢ଼ ହୋଇଯାଏ ତେବେ ଯୋଗଧାରଣା ଦ୍ୱାରା ମନକୁ ବଶକରି ରଖିବା ଆବଶ୍ୟକ । ଏପରି ଯୋଗଧାରଣା କରୁ କରୁ ଯୋଗୀ ଯେତେବେଳେ ଧ୍ୟାନରେ ଭଗବାନଙ୍କୁ ଦର୍ଶନ କରନ୍ତି, ସେତେବେଳେ ତାଙ୍କୁ ଅବିଳମ୍ବେ ଭକ୍ତିଯୋଗ ପ୍ରାପ୍ତି ହୋଇଯାଏ । ନିଜର ଜୀବନକାଳ ଆଉ ମାତ୍ର ଦୁଇଘଡ଼ି ମଧ୍ୟରେ ଶେଷ ହୋଇଯିବ ବୋଲି ଜାଣିଯିବା ମାତ୍ରେ, ରାଜା ଖଟ୍ୱାଙ୍ଗ ସେହି ସ୍ୱଳ୍ପ ସମୟ ମଧ୍ୟରେ ସକଳ ପ୍ରକାର ସଂସାର-ଆସକ୍ତି ଛାଡ଼ି ଦେଇ ଭଗବାନଙ୍କୁ ସ୍ମରଣ କଲେ ଏବଂ ପ୍ରଭୂଙ୍କର ପରମପାଦ ପାଇଗଲେ ।

ଏହି ଉତ୍ତର ଶୁଣି, ଧାରଣା କିପରି କରାଯାଏ, କେଉଁ ବସ୍ତୁର ଧାରଣା କରିବା ଆବଶ୍ୟକ, କେଉଁ ବାବରେ ଭାବିତ ହୋଇ ଧାରଣା କରାଯାଏ ଏବଂ ମନର ମଳକୁ ଶୀଘ୍ର ଦୂର କରୁଥିବା ଧାରଣାର ସ୍ୱରୂପ କଣ ବୋଲି ପରୀକ୍ଷିତ ପୁଣି ଶୁକଦେବଙ୍କୁ ପ୍ରଶ୍ନ କଲେ । ଉ୍ତରରେ ଶୁକଦେବ କହିଲେ ଯେ, ସର୍ବ ପ୍ରଥମେ ଆସନ ଜୟ କରି ପ୍ରାଣାୟାମ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ଜୟ ଓ ବିଷୟ ଆସକ୍ତିକୁ ବର୍ଜନ କରିବାକୁ ହେବ । ତା'ପରେ ଭଗବାନଙ୍କର ସ୍ଥୂଳ ବିରାଟରୂପରେ ନିଜକୁ ନିବିଷ୍ଟ କରିବାକୁ ପଡ଼ିବ । ଜଳ, ଅଗ୍ନି, ବାୟୁ, ଆକାଶ, ଅହଂକାର, ମହତ୍ତ୍ୱ ଓ ପ୍ରକୃତି – ଏପରି ସାତ ଆବରଣଯୁକ୍ତ ବିଶ୍ୱବ୍ରହ୍ମଣ୍ଡରୂପେ ରହିଥିବା ବିରାଟପୁରୁଷ ଯାହାଙ୍କୁ ବୈରାଜ କୁହାଯାଏ, ସେହି ବିରାଟ ରୂପଠାରେ ହିଁ ଧାରଣା ନିବଦ୍ଧ କରିବାକୁ ପଡ଼ିବ । ଭାବିବାକୁ ହେବ ଯେ, ବିଷ୍ଣୁଙ୍କର ଶରୀରରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଅର୍ଥାତ୍ ପାଦତଳ - ପାତାଳ, ପାଦ ଅଗ୍ର – ରସାତଳ, ଚରଣ ଗୁଳ୍ଫ (ଗୋଇଠି ଉପରିସ୍ଥ ଗଣ୍ଠି)- ମହାତଳ, ଜଙ୍ଘ (ଗୋଡ଼ର ଭଣ୍ତା )ଯୁଗଳ – ତଳାତଳ, ଜାନୁ (ଆଣ୍ଠୁ )ଯୁଗେ – ସୁତଳ, ଉରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ଆଣ୍ଠୁ ଓ କଟିର ମଧ୍ୟବର୍ତ୍ତି ଅଂଶ )ଭାଗେ – ବିତଳାତଳ, ଜଘନ (ନିତମ୍ବ ବା ଫଡ଼ିଆ ) ଦେଶେ – ମହୀତଳ, ନାଭି ବିବର - ନଭସ୍ଥଳ, ହୃଦରେ ସ୍ୱର୍ଗଲୋକ, କଣ୍ଠରେ ମହତ୍ ଲୋକ, ବଦନ - ଜନଲୋକ, ଲଲାଟେ – ତପଲୋକ, ମସ୍ତକେ – ସତ୍ୟଲୋକ, ଅଷ୍ଟଭୂଜରେ ଇନ୍ଦ୍ର ସମେତ ଦିଗପାଳେ, କର୍ଣ୍ଣେ - ଅଷ୍ଟଦିଶା, ନାସାରେ ଅଶ୍ୱିନୀ ସୁତେ, ନୟନ ଦୁଇ – ଗୋଲକ ଓ ଗଗନ, ସୂର୍ଯ୍ୟର ଉଦୟ ଓ ଅସ୍ତ – ଚକ୍ଷୁ ଦୁଇ, ବେନି ପାଦ -ଭୁଭଙ୍ଗ, ତାଳୁ – ସଲିଳ, ଜିହ୍ୱ – ସର (ପୋଖରୀ), ବ୍ରହ୍ମ ରନ୍ଧ୍ର – ତିନି ବେଦ, ତୁଣ୍ଡ - ଯମପଦ, ତଳ ଓ ଉପର ଦାନ୍ତ - ସ୍ନେହ ଓ ପ୍ରେମ, ହାସ – ଉନ୍ମାଦ, ଉପର ଓଠ –ଲଜ୍ୟା, ତଳ ଓଠ – ଲୋଭ, ସ୍ତନ ଯୁଗଳେ - ଧର୍ମ, ଧର୍ମଭାଗେ - ଅଧର୍ମ, ଅଣ୍ଡରେ - ପ୍ରଜାପତି, କୋଷ – ବରୁଣ, ବକ୍ଷରେ ସମୁଦ୍ର, ଅସ୍ତିଗୁଡ଼ିକ - ପର୍ବତ, ନାଡ଼ିଗୁଡ଼ିକ - ନଦୀଗୁଡ଼ିକ, ଲୋମ – ଔଷଧବୃକ୍ଷ, ବୀର୍ଯ୍ୟ – ଶ୍ୱାସ ପବନ (ଯାହାକୁ ଅଣଚାଷ ବାୟୁ କୁହାଯାଏ), ଗତି – କାଳ, ଖେଳ – ଜୀବ ପାଳନ ଓ ସଂହାର, କେଶ – ଜୀମୂତ, ବାସସ୍ଥାନ - ସଂନ୍ଧ୍ୟା, ହୃଦୟ - ପ୍ରକୃତି, ମନ - ନିଶାକର, ନଖସମୂହ – କରୀବର, କଟିଦେଶେ - ପଶୁମାନେ, ବ୍ୟାକରଣଶାସ୍ତ୍ର - ପକ୍ଷୀସମୂହ, ବୁଦ୍ଧି ବିଷୟ – ମନୁବାଣ , ନିବାସ - ନରଦେହ (ମାୟାମୋହ), ସ୍ୱର – କିନ୍ନର, ମୁଖରୁ – ବ୍ରାହ୍ମଣ, ନାଭିରୁ – ବ୍ରହ୍ମ, ଭୂଜରୁ – କ୍ଷତ୍ରୀୟ, ଉରରୁ – ବୈଶ୍ୟ ଓ ପାଦରୁ – ଶୁଦ୍ରଜାତ । ଏ ସବୁ ହିଁ ସେହି ବିରାଟପୁରୁଷଙ୍କର ସ୍ଥୂଳ ସ୍ୱରୂପ ଅଟେ । ଅର୍ଥାତ୍ ଏହି ଅଧ୍ୟାୟରେ ଧ୍ୟାନବିଧି ଓ ଭଗବାନଙ୍କ ବିରାଟସ୍ୱରୂପର ବର୍ଣ୍ଣନା ଏ ପ୍ରକାରେ ବର୍ଣ୍ଣନା କରାଯାଇଛି ।

ଦ୍ୱିତୀୟ ଅଧ୍ୟାୟରେ ଶ୍ରୀଶୁକଦେବ, ପରୀକ୍ଷିତଙ୍କୁ କହିଲେ ଯେ, ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମା ଉପରୋକ୍ତ ଧାରଣା ଦ୍ୱାରା ହିଁ ଭଗବାନଙ୍କୁ ଆରାଧନା କରି ତାଙ୍କୁ ସନ୍ତୁଷ୍ଟ କରି ପୂର୍ବ କଳ୍ପର ସ୍ମୃତି ପୁନର୍ବାର ପାଇଗଲେ । ପୁଣି ବ୍ରହ୍ମା ସୃଷ୍ଟି ସର୍ଜନା କରିପାରିଲେ । ଯୋଗଧାରଣା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନ-ଇନ୍ଦ୍ରିୟର ସଂଯମତା ଦ୍ୱାରା ହିଁ ସିଦ୍ଧିପ୍ରାପ୍ତି ହୋଇପାରେ । ଆବଶ୍ୟକ ଠାରୁ ଅଧିକ ସାମଗ୍ରୀ ଏବଂ ଭୋଗ-ବିଳାସ ପାର୍ଥିବ ପଦାର୍ଥଠାରୁ ଦୂରେଇ ରହିଲେ ହିଁ ଏସବୁ ସମ୍ଭବ । ଶରୀର ରକ୍ଷା ନିମନ୍ତେ ଯେତିକି ପ୍ରୟୋଜନ, ଜ୍ଞାନୀଜନ ସାଂସାରିକ ଭୋଗ୍ୟବସ୍ତୁ ସହିତ କେବଳ ସେତିକି ସମ୍ପର୍କ ରଖିବା ଆବଶ୍ୟକ । ଅତ୍ୟାବଶ୍ୟକ ବହିର୍ଭୂତ ସାମଗ୍ରୀସବୁ ମାୟାମୟ ଏବଂ ଅସାର । ଏସବୁ ପାଇବା ପାଇଁ ବୃଥା ପରିଶ୍ରମ କରିବା ଅନୁଚିତ । ଶୋଇବା ପାଇଁ ଖଟପଲଙ୍କ ବ୍ୟତୀତ ଭୂତଳ, ତକିଆ ବଦଳରେ ହାତ, ବାସନକୁସନ ପରିବର୍ତ୍ତେ ଅଞ୍ଜଳି, ବସ୍ତ୍ର ବଦଳେ ବକଳ ଦ୍ୱାରା ବି ଜୀବନ ଅତିବାହିତ ହୋଇପାରିବ । ଫଳମୂଳ, ପୁଷ୍ପ ଦେବା ପାଇଁ ବୃକ୍ଷ, ଜଳ ପାଇଁ ନଦୀ-ଝରଣା, ନିବାସ ପାଇଁ ଗୁମ୍ଫା ପର୍ଯ୍ୟାପ୍ତ ଅଟେ । ଭଗବାନଙ୍କର ବିଭିନ୍ନ ଅଙ୍ଗର ଶୋଭା ଭିନ୍ନ ଭିନ୍ନ । ଯୋଗୀ ସେସବୁକୁ ଧ୍ୟାନ କରି ଭଗବାନଙ୍କୁ ଦେଖିବାକୁ ଚେଷ୍ଟା କରିବା ଉଚିତ । ଯୋଗୀ ଯେତେବେଳେ ଇହଶରୀର ଛାଡ଼ି ଚାଲିଯିବାକୁ ଇଚ୍ଛା କରେ, ସେତେବେଳେ ସେ ମନକୁ ଅନ୍ୟ କୌଣସି ଦେଶକାଳରେ ନ ଲଗେଇ ଇନ୍ଦ୍ରିୟଗୁଡ଼ିକୁ ମନଦ୍ୱାରା ସଂଯତ କରିବା ଉଚିତ । ପୁଣି ମନକୁ କ୍ଷେତ୍ରଜ୍ଞ (ଜୀବ)ରେ ଓ କ୍ଷେତ୍ରଜ୍ଞଙ୍କୁ ଅନ୍ତରାତ୍ମାରେ ଲୀନ କରିବାକୁ ପଡ଼ିବ । ତା'ପରେ ଅନ୍ତରାତ୍ମାକୁ ପରମାତ୍ମାଙ୍କ ଠାରେ ଲୀନ କରିଦେଇ ସେହି ଧୀରପୁରୁଷ ପରମ ଶାନ୍ତିମୟ ଅବସ୍ଥାରେ ସ୍ଥିର ହୋଇଯିବା ଉଚିତ । ତେବେ ସେହି ଯୋଗୀଙ୍କୁ ପରମପଦ ପ୍ରାପ୍ତି ହୋଇଯାଏ ।

ଜ୍ଞାନଦୃଷ୍ଟି ବଳରେ ଯାହାଙ୍କର ଚିତ୍ତର ବାସନା ନଷ୍ଟ ହୋଇଯାଇଛି, ସେହି ବ୍ରହ୍ମନିଷ୍ଠ ଯୋଗୀ ଯେଉଁ ପ୍ରଣାଳୀରେ ନିଜର ଦେହ ତ୍ୟାଗ କରିବେ, ତାହା ହେଉଛି ଏହି ଯେ, ସେ ପ୍ରଥମେ ଗୋଇଠିଦ୍ୱାରା ମଳଦ୍ୱାରକୁ ଚାପି ରଖି ସ୍ଥିର ହୋଇ ବସିବେ । ତା'ପରେ ସ୍ଥିର ଚିତ୍ତରେ ଚକ୍ରଭେଦନ ରୀତିରେ ପ୍ରାଣବାୟୁକୁ ଉପରକୁ (ମଣିପୂରକ ଚକ୍ରକୁ) ଉଠାଇବେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ପରେ ନାଭି ସ୍ଥଳରେ ଥିବା ମଣିପୂରକ ଚକ୍ରର ପ୍ରାଣବାୟୁକୁ ହୃଦୟର ଉପରେ ଥିବା ବିଶୁଦ୍ଧ ଚକ୍ରକୁ ନେଇ ଆସିବାକୁ ପଡ଼ିବ । ତା'ପରେ ପ୍ରାଣବାୟୁକୁ ଧୀରେ ଧୀରେ ଉଠାଇ ଆଣି ତାଲୁମୂଳରେ ଅର୍ଥାତ୍ ବିଶୁଦ୍ଧ ଚକ୍ରର ଅଗ୍ରଭାଗରେ ରଖିବାକୁ ପଡ଼ିବ । ତା'ପରେ ଦୁଇ ଚକ୍ଷୁ, ଦୁଇ କର୍ଣ୍ଣ, ଦୁଇ ନାସାରନ୍ଧ୍ର ଓ ମୁଖ – ଏହି ସପ୍ତରନ୍ଧ୍ରକୁ ରୁଦ୍ଧ କରି ତାଲୁମୂଳରେ ରହିଥିବା ପ୍ରାଣବାୟୁକୁ ଦୁଇ ଭ୍ରୂଲତାର ମଧ୍ୟରେ ଥିବା ଆଜ୍ଞାଚକ୍ରକୁ ନେଇ ଆସିବାକୁ ପଡ଼ିବ । ଯୋଗୀଙ୍କର ଯଦି କୌଣସି ଉଚ୍ଚତର ଲୋକକୁ ଯିବାର ଆକାଂକ୍ଷା ନ ଥାଏ, ତେବେ ସେ ସେହି ବାୟୁକୁ ଅଧ-ଘଡ଼ିଏ ପର୍ଯ୍ୟନ୍ତ ରୋଧି ରଖି ସ୍ଥିର ଲକ୍ଷ୍ୟର ସହିତ ତାହାକୁ ସହସ୍ରାର ଚକ୍ରକୁ ନେଇ ଆସିବାକୁ ପଡ଼ିବ ଓ ପରମାତ୍ମାଙ୍କଠାରେ ସ୍ଥିତ ହୋଇଯିବାକୁ ପଡ଼ିବ । ଏହାପରେ ସହସ୍ରାର ସ୍ଥିତ ସେହି ପ୍ରାଣବାୟୁ ମୂର୍ଦ୍ଧାକୁ ଫଟାଇ ବାହାରିଯିବ ଏବଂ ଯୋଗୀ ଏହିପରି ଦେହତ୍ୟାଗ କରି ବ୍ରହ୍ମରେ ଲୀନ ହୋଇଯିବେ ।

ସେହିପରି ଯଦି ଯୋଗୀ ବ୍ରହ୍ମଲୋକକୁ ଯିବାକୁ କିମ୍ବା ଅଷ୍ଟସିଦ୍ଧି ଲାଭ କରିବାକୁ ଚାହାନ୍ତି, ତେବେ ମନ ଇନ୍ଦ୍ରିୟ ମାନଙ୍କୁ ନେଇ ଶରୀର ତ୍ୟାଗ କରିବାକୁ ପଡ଼ିବ । ଯେଉଁ ଯୋଗୀମାନେ ଭଗବତ୍ ଉପାସନା, କଠିନ ତପସ୍ୟା ଓ ଯୋଗ ତଥା ଜ୍ଞାନ ଅଭ୍ୟାସ କରିଥାନ୍ତି, ସେମାନଙ୍କର ଶରୀର ସୂକ୍ଷ୍ମ ହୋଇଥାଏ; କେବଳ ବର୍ଣ୍ଣାଶ୍ରମଧର୍ମୀ ଯୋଗୀମାନଙ୍କୁ ଏପରି ଶରୀର ମିଳେ ନାହିଁ । ଯେଉଁ ଯୋଗୀମାନେ ବ୍ରହ୍ମଲୋକ ପଥରେ ପ୍ରସ୍ଥାନ କରନ୍ତି, ସେମାନେ ଅଗ୍ନିଲୋକ ପଥରେ ଯାଇ ବିଷ୍ଣୁଙ୍କର ଶିଶୁମାର ଚକ୍ର(ବିଶ୍ୱର ନାଭି)ରେ ପହଞ୍ଚନ୍ତି । ସେହି ଚକ୍ରରୁ ମହର୍ଲୋକ, ସେଠାରୁ (ପ୍ରଳୟକାଳ ଉପସ୍ଥିତ ଦେଖି) ପୁଣି ବ୍ରହ୍ମଲୋକକୁ ଗତି କରନ୍ତି । ତା'ପରେ ବିଭିନ୍ନ ରୂପରେ ଲୀନ ହୋଇ ଆବରଣମୁକ୍ତ ହୋଇଯାନ୍ତି । ପରିଶେଷରେ ପ୍ରଳୟ କାଳରେ ସେହି ପରମାତ୍ମାଙ୍କଠାରେ ଲୀନ ହୋଇଯାଆନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହିପରି ଭାବରେ ୨ୟ ଅଧ୍ୟାୟରେ ଶରୀରରେ ପବନ କ୍ରିୟା ବା ପ୍ରାଣାୟମ ପଦ୍ଧତି ଏବଂ କ୍ରମମୁକ୍ତି ଓ ସଦ୍ୟୋମୁକ୍ତିର ବର୍ଣ୍ଣନା କରାଯାଇଛି ।।

ତୃତୀୟ ଅଧ୍ୟାୟରେ କି ଅର୍ଥେ କେଉଁ ଦେବତାଙ୍କୁ ପୂଜା କରାଯାଏ, ତାହାର ବର୍ଣ୍ଣନା ତଥା ଭଗବତ୍ ଭକ୍ତିର ପ୍ରାଧାନ୍ୟ ନିରୂପଣ କରାଯାଇଛି । ଅର୍ଥାତ୍ ବ୍ରହ୍ମତେଜ ପାଇଁ ବ୍ରହ୍ମ ଭଜନ, ଇନ୍ଦ୍ରିୟ ସୁଖ ପାଇଁ ଇନ୍ଦ୍ର, ସନ୍ତାନସନ୍ତତି ପାଇଁ ପ୍ରଜାପତି ବା ବ୍ରହ୍ମା, ଶ୍ରୀ ପାଇଁ ଦୁର୍ଗା, ତେଜ ପାଇଁ ବୃହସ୍ପତି ଗ୍ରହ, ଧନ ପାଇଁ ଧନସ୍ୱାମୀ (କୁବେର), ବୀର୍ଯ୍ୟ ବର୍ଦ୍ଧନ ପାଇଁ ରୁଦ୍ର (ଶିବ), ଭକ୍ଷ (ଖାଦ୍ୟ ପଦାର୍ଥ) ପାଇଁ ଅଦିତି ଦେବମାତା, ସ୍ୱର୍ଗ ପ୍ରାପ୍ତି ପାଇଁ ସକଳ ଦେବାଦେବୀ, ରାଜପଦ ପାଇଁ ବିଶ୍ୱଦେବା(ବିଷ୍ଣୁ), ପୂଜା ପାଇଁ ସାଧୁଙ୍କୁ, ଆୟୁ ପାଇଁ ଅଶ୍ୱିନୀ ସୂତଙ୍କୁ, ପୁଷ୍ଟି ପାଇଁ ଭୂମି, ପ୍ରତିଷ୍ଠା ପାଇଁ ଭୂମି ଓ ଆକାଶ, ସୁନ୍ଦର ପାଇଁ ଗନ୍ଧର୍ବ, ସୁନ୍ଦରୀ ନାରୀ ପାଇଁ ଉର୍ବଶୀ, ସକଳ ସମ୍ପଦ ପାଇଁ ବିଧାତା, ଯଶ ପାଇଁ ଯଜ୍ଞେଶ୍ୱର, ରତ୍ନ ପାଇଁ ବରୁଣ, ବିଦ୍ୟା ପାଇଁ ଈଶ୍ୱର, ଦାମ୍ପତ୍ୟ ସୁଖ ପାଇଁ ଉମା (ପାର୍ବତି), ଧର୍ମ ପାଇଁ ନାରାୟଣ, ସନ୍ତାନ ପାଇଁ ପିତୃପୁରୁଷ, ରକ୍ଷା ପାଇଁ ପକ୍ଷୀ (ଗରୁଡ଼), ବଳ ବା ଶକ୍ତି ପାଇଁ ପବନକୁ ପୂଜା କରାଯାଏ ।

ଏହି ଅଧ୍ୟାୟରେ ଆହୁରି ମଧ୍ୟ କୁହାଯାଇଛି ଯେ,

ଜୀବନ ବହି ଏ ଜଗତେ । ଯେ ହରି କଥାମୃତ ନିତ୍ୟେ ।।
ନ କରେ ଜୀବନ ନିଷ୍ଫଳ । ହୀନ ତାହାର ଆୟୁ ବଳ ।।୨/୩/୧୭
ଦର୍ଦ୍ଦୁର ପ୍ରାଣୀ ବୋଲି ତାରେ । ଯେ ହରି ନାମ ନ ଉଚ୍ଚାରେ ।।
ଯାର ଉ³ମ ଶିର ସାଜେ । ସୁବର୍ଣ୍ଣ ମୁକୁଟ ବିରାଜେ ।।
ପାଟ ବସନ ବାନ୍ଧି ଚୂଳ । ଶ୍ରବଣେ ବିରାଜେ କୁଣ୍ଡଳ ।।
ସେ ଯେବେ ହରିଙ୍କୁ ନ ନମେ । ସେ ମୁଣ୍ଡଭାର ବହେ ଶ୍ରମେ ।।୨/୩/୨୦, ୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚତୁର୍ଥ ଅଧ୍ୟାୟରେ ରାଜା ପରୀକ୍ଷିତ, ଶୁକଦେବଙ୍କୁ ସୃଷ୍ଟି ବିଷୟକ ପ୍ରଶ୍ନ ପଚାରିଛନ୍ତି ଏବଂ ଶୁକଦେବ ଏହାର ଉତ୍ତରରେ ଭଗବାନଙ୍କର ଭିନ୍ନ ଭିନ୍ନ ପ୍ରକୃତିରେ ଆତ୍ମାର ସ୍ଥିତି ବର୍ଣ୍ଣନା ତଥା ଭଗବାନଙ୍କ ମହିମା ଗାନପୂର୍ବକ ପରବର୍ତ୍ତି ପଞ୍ଚମ ଅଧ୍ୟାୟରେ ସୃଷ୍ଟି ବର୍ଣ୍ଣନା କରିଛନ୍ତି । ମାୟାପତି ଭଗବାନ ଏକ ହେଲେ ବି ଅନେକ ହେବାର ଇଛା ହେବାରୁ ମାୟାଦ୍ୱାରା ଅନେକ ରୂପ ହୋଇଗଲେ । ଭଗବାନଙ୍କର ଶକ୍ତିଦ୍ୱାରା ହିଁ କାଳ ତ୍ରିଗୁଣରେ କ୍ଷୋଭ ଉତ୍ପନ୍ନ କରିଦେଲା, ସ୍ୱଭାବ ସେମାନଙ୍କୁ ରୂପାନ୍ତରିତ କରିଦେଲା ଏବଂ କର୍ମ ମହତ୍ତ୍ୱକୁ ଜନ୍ମ ଦେଲା । ତ୍ରିଗୁଣ ତଥା ବିଭିନ୍ନ ତତ୍ତ୍ୱ ଜାତ ହେଲା ।

ପଞ୍ଚମ ଅଧ୍ୟାୟରେ ବ୍ରହ୍ମାଙ୍କର ଶରୀରରେ ବିଭିନ୍ନ ଅଙ୍ଗ କିପରି ବିଭିନ୍ନ କାରକ ଅଟନ୍ତି, ତାହା ବି ଶୁକଦେବ, ପରୀକ୍ଷିତଙ୍କୁ ବର୍ଣ୍ଣନା କରି କହିଛନ୍ତି, ଯାହା କି ନାରଦଙ୍କ ପ୍ରଶ୍ନର ଉତ୍ତରରେ ସ୍ୱୟଂ ବ୍ରହ୍ମା କହିଛନ୍ତି । ଯଥା – ବ୍ରହ୍ମାଙ୍କର ଉରୁ – ବୈଶ୍ୟ, ପାଦ - ଶୂଦ୍ର, କଟୀଭାଗେ – ଭୁଲୋକ, ନାଭିରୁ – ଭୁବଲୋକ, ହୃଦରୁ – ସ୍ୱର୍ଲୋକ, ଉରସ୍ଥଳେ – ମହିଲୋକ, ଗ୍ରୀବାତଟେ- ଜନଲୋକ, ଓଷ୍ଠରେ – ତପଲୋକ, ମୂର୍ଦ୍ଧନୀ – ବ୍ରହ୍ମଲୋକ (ସନାତନ ସତ୍ୟ ଲୋକ), ଅଧୋଭାଗେ – ସପ୍ତ ପାତାଳ, ଜଙ୍ଘ - ଅତଳ, ଉରୁରେ – ବିତଳ, ଜାନୁମୂଳେ – ସୁତଳ, ଜଙ୍ଘମୂଳେ – ତଳାତଳ, ଗୁଲଫ ଦେଶେ – ମହାତଳ, ପଦାର୍ଦ୍ଧେ – ରସାତଳ, ପାଦତଳେ - ପାତାଳ ରହିଛି ବୋଲି କହିଛନ୍ତି । ଅର୍ଥାତ୍ ଏପରି ଭାବରେ ସକଳ ଭୁବନ ବିରାଟପୁରୁଷଙ୍କର ଅନ୍ତର୍ଗତ । ଆହୁରି ଅନ୍ୟ ପ୍ରକାରେ କହିବାକୁ ଗଲେ, ବିରାଟପୁରୁଷଙ୍କ ଚରଣରେ ଭୂର୍ଲୋକ, ନାଭିରେ ଭୁବର୍ଲୋକ ଓ ଶିରରେ ସ୍ୱର୍ଲୋକ ରହିଛି ।

ଷଷ୍ଠ ଅଧ୍ୟାୟରେ ବିରାଟପୁରୁଷଙ୍କର ବିଭିନ୍ନ ବିଭୂତିର ବର୍ଣ୍ଣନା କରାଯାଇଛି । ନାରଦଙ୍କୁ ବ୍ରହ୍ମା କହିଲେ ଯେ, ସେହି ବିରାଟପୁରୁଷଙ୍କ ମୁଖରୁ ବାଣୀ ଏବଂ ତାର ଅଧିଷ୍ଠାତୃ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବତା ଅଗ୍ନି ଉତ୍ପନ୍ନ ହେଲେ । ତାହାଙ୍କର ସପ୍ତଧାତୁରୁ ସପ୍ତଛନ୍ଦ - ଗାୟତ୍ରୀ, ତ୍ରିଷ୍ଟୁପ, ଅନୁଷ୍ଟୁପ, ଉଷ୍ଣିକ୍, ବୃହତୀ, ପଂକ୍ତି ଓ ଜଗତୀ ଉତ୍ପନ୍ନ ହେଲେ । ତାଙ୍କର ଜିହ୍ୱାରୁ ମନୁଷ୍ୟ, ପିତୃପୁରୁଷ ଓ ଦେବତା ମାନଙ୍କର ଭକ୍ଷଣେଯାଗ୍ୟ ଅମୃତମୟ ଅନ୍ନ, ସକଳ ପ୍ରକାର ରସ, ରସନେନ୍ଦ୍ରିୟ ଏବଂ ତାହାର ଅଧିଷ୍ଠାତ୍ରି ଦେବତା ବରୁଣ ଉତ୍ପନ୍ନ ହେଲେ । ତାଙ୍କର ନାସିକା ହେଉଛି ଦଶ ପ୍ରାଣବାୟୁ – ଶରୀରରେ ଥିବା ପା ପ୍ରଧାନ ପ୍ରାଣବାୟୁ - ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ଏବଂ ପା ଉପପ୍ରଧାନ ପ୍ରାଣବାୟୁ - ନାଗ, କୂର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ ଓ ଘ୍ରାଣେନ୍ଦ୍ରିୟର ଉତ୍ପତ୍ତି ସ୍ଥଳ । ଏଥିରୁ ସମସ୍ତ ପ୍ରକାର ଔଷଧି ଏବଂ ସାଧାରଣ ଓ ବିଶେଷ ଗନ୍ଧ ଉତ୍ପନ୍ନ ହେଲା । ଅଶ୍ୱିନୀକୁମାର ହେଉଛନ୍ତି ଏହାର ଅଧିଷ୍ଠାତୃ ଦେବତା । ବିରାଟପୁରୁଷଙ୍କ ନେତ୍ରରୁ ରୂପ ଓ ତେଜ; ନେତ୍ରଗୋଲକରୁ ଅନ୍ତରୀକ୍ଷ ଓ ସୂର୍ଯ୍ୟ; ଦୁଇ କର୍ଣ୍ଣରୁ ତୀର୍ଥ ଓ ଦିଗବିଦିଗ; ଶ୍ରବଣେନ୍ଦ୍ରିୟରୁ ଆକାଶ ଓ ଶବ୍ଦ ଉତ୍ପନ୍ନ । ତାଙ୍କର ଶରୀର ହେଉଛି ସମସ୍ତ ବସ୍ତୁର ସାରାଂଶ ଓ ସୌନ୍ଦର୍ଯ୍ୟର ଗନ୍ତାଘର । ଚର୍ମ ହେଉଛି ସକଳଯଜ୍ଞର ସ୍ଥାନ; ରୋମରାଜି – ସକଳ ପ୍ରକାର ବନସ୍ପତି, ବୃକ୍ଷ ଓ ତୃଣର ଉତ୍ପତ୍ତି ସ୍ଥଳ । ତାଙ୍କର କେଶ, ଶ୍ମଶ୍ରୁ ଓ ନଖମାନଙ୍କରୁ ମେଘସମୂହ, ବିଜୁଳି, ଶିଳା ଓ ଲୁହା ଆଦି ଉତ୍ପନ୍ନ । ଭୂଃ, ଭୁବଃ ଓ ସ୍ୱଃ – ଏହି ତିନିଲୋକ ହେଉଛି ତାଙ୍କର ବିକ୍ରମ ଅର୍ଥାତ୍ ଗତି । ବିରାଟପୁରୁଷଙ୍କ ଲିଙ୍ଗ ହେଉଛି ଜଳ, ବୀର୍ଯ୍ୟ, ସୃଷ୍ଟି, ମେଘ ଓ ପ୍ରଜାପତିଙ୍କର ଆଧାର ଏବଂ ଜନନେନ୍ଦ୍ରିୟ ସନ୍ତାନୋତ୍ପତ୍ତି ନିମିତ୍ତ ମୈଥୁନଜନିତ ସୁଖର ଉଦ୍ଗମ ସ୍ଥାନ । ପୃଷ୍ଠଭାଗରୁ ପରାଜୟ, ଅଧର୍ମ ଓ ଅଜ୍ଞାନ, ନାଡ଼ିରୁ ନଦ-ନଦୀ ଏବଂ ଅସ୍ଥିରୁ ପର୍ବତମାନ ଉତ୍ପତ୍ତି ହୋଇଛନ୍ତି । ତାଙ୍କ ଉଦରରେ ମୂଳପ୍ରକୃତି, ରସ ନାମକ ଧାତୁ, ସମୁଦ୍ର ଓ ସମସ୍ତ ପ୍ରାଣୀ ତଥା ସେମାନଙ୍କର ମୃତ୍ୟୁ ସଞ୍ଚିତ ହୋଇ ରହିଛି । ଅର୍ଥାତ୍ ସ୍ୱୟଂ ବ୍ରହ୍ମା, ନାରଦ, ଅନ୍ୟ ସମସ୍ତ ମୁନିଋଷି, ଶିବ, ଦେବତା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନୁଷ୍ୟ, ନାଗ, ପକ୍ଷୀ, ମୃଗ, ସରୀସୃପ, ଗନ୍ଧର୍ବ, ଅପସରା, ଯକ୍ଷ, ରାକ୍ଷସ, ଭୂତପ୍ରେତ, ପଶୁ, ପିତୃଗଣ, ସିଦ୍ଧ, ବିଦ୍ୟାଧର, ଚାରଣ, ବୃକ୍ଷ, ବିଭିନ୍ନ ପ୍ରକାର ଜଳଚର, ସ୍ଥଳଚର, ନଭଚର, ସୂର୍ଯ୍ୟ, ଗ୍ରହ-ନକ୍ଷତ୍ର, ବିଜୁଳି, ମେଘ ଇତ୍ୟାଦି ଇତ୍ୟାଦି – ଏ ପ୍ରତ୍ୟେକେ ବିରାଟପୁରୁଷଙ୍କ ଅଙ୍ଗ ଭିନ୍ନ କିଛି ନୁହଁନ୍ତି । ସବୁ କିଛି ପରମାତ୍ମାଙ୍କ ବିରାଟରୂପର ଅନ୍ତର୍ଗତ ଏବଂ ଏହି ସମଗ୍ର ବିଶ୍ୱ ତାଙ୍କ ଭିତରେ ମାତ୍ର ଦଶ ଅଙ୍ଗୁଳି ସ୍ଥାନରେ ରହିଯାଇଛି ।

ଦଶ ଅଙ୍ଗୁଳି ଅର୍ଥ ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠିକୁ ପରସ୍ପର ପ୍ରସାରିତ କରି ରଖିଲେ, ଉକ୍ତ ଦୁଇ ଆଙ୍ଗୁଠି ଟିପର ଦୂରତାକୁ ପ୍ରାଦେଶମାତ୍ର କୁହାଯାଏ; ସେହି ଦୂରତା ପ୍ରାୟ ଦଶ ଆଙ୍ଗୁଳି ହୋଇଥାଏ । ଏହାଛଡ଼ା ବ୍ରହ୍ମାଣ୍ଡର ସପ୍ତଆବରଣ ଅନୁସାରେ ଜଳ ହେଉଛି ପୃଥିବୀର (ସ୍ଥଳ)ର ଦଶ ଗୁଣ, ଅଗ୍ନି ଜଳର ଦଶ ଗୁଣ, ବାୟୁ ଅଗ୍ନିର ଦଶ ଗୁଣ, ଆକାଶ ବାୟୁର ଦଶ ଗୁଣ, ଅହଂକାର ଆକାଶର ଦଶ ଗୁଣ, ମହତ୍ତ୍ୱ ଅହଂକାରର ଦଶ ଗୁଣ ଏବଂ ମୂଳପ୍ରକୃତି ହେଉଛି ମହତ୍ତ୍ୱର ଦଶଗୁଣ । ଏହି ପ୍ରକ୍ରିୟାକୁ ଦଶାଙ୍ଗୁଳ ନ୍ୟାୟ ବୋଲି ଉଲ୍ଲେଖ କରାଯାଏ ।

ମନୁଷ୍ୟ ପାଇଁ ସକାମ ଓ ନିଷ୍କାମ, ଏଭଳି ଦୁଇଟି ମାର୍ଗ ଅଛି । ସକାମ ବା ଅବିଦ୍ୟାମାର୍ଗ ସକାମ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ନିଷ୍କାମ ବା ବିଦ୍ୟାମାର୍ଗରେ ପରମାତ୍ମାଙ୍କ ଉପାସନା ପାଇଁ ହିଁ ନିଷ୍କାମଭାବରେ କର୍ମ କରାଯାଏ । ସକାମ ମାର୍ଗ ଭୋଗ ପ୍ରାପ୍ତ କରାଏ ଓ ନିଷ୍କାମ ମାର୍ଗ ମୋକ୍ଷ ପ୍ରାପ୍ତ କରାଏ । ବିରାଟପୁରୁଷ ପରମାତ୍ମା ହିଁ ହେଉଛନ୍ତି ଏହି ଉଭୟ ମାର୍ଗର ଆଧାର । ସେ, ସମସ୍ତ ବସ୍ତୁର ଭିତରେ ତଥା ସେମାନଙ୍କ ରୂପରେ ରହିଥାଇ ମଧ୍ୟ ସେମାନଙ୍କ ଠାରୁ ସର୍ବଦା ଅତୀତ ।

ସପ୍ତମ ଅଧ୍ୟାୟରେ ଭଗବାନଙ୍କର ଲୀଳାବତାର ଚରିତ ବର୍ଣ୍ଣନା କରାଯାଇଛି । ପଦ୍ମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳ୍ପ ଅନ୍ତେ ଭଗବାନ ଶୁକର (ବରାହ) ରୂପେ ଜନ୍ମ ହୋଇ ହିରାଣ୍ୟାକ୍ଷକୁ ବଧ କଲେ । ରୁଚି-ପ୍ରଜାପତିଙ୍କ ପତ୍ନୀ ଆକୂତିଙ୍କ ଗର୍ଭରୁ ପ୍ରଭୁ ସୂଯଜ୍ଞ ଅବତାରେ ଜନ୍ମ ନେଇ ନିଜ ପତ୍ନୀ ଦକ୍ଷିଣାଙ୍କ ଠାରୁ ସୁଯମ ନାମକ ଦେବତାମାନଙ୍କୁ ଉତ୍ପନ୍ନ କଲେ । ସ୍ୱାୟମ୍ଭୁବ ମନୁ ତାଙ୍କୁ 'ହରି' ନାମ ଦେଲେ । କପିଳ ନାମରେ ଦେବହୂତିଙ୍କ ଗର୍ଭରୁ ଜନ୍ମି ଆତ୍ମଜ୍ଞାନ (ସାଂଖ୍ୟଦର୍ଶନ) ଉପଦେଶ ଦେଇଥିଲେ । ଅତ୍ରି ଓ ଅନୁସୂୟାଙ୍କ ଗର୍ଭରୁ ଦତ୍ତାତ୍ରେୟ ନାମରେ ଜନ୍ମ ହୋଇଥିଲେ । ସେ ହିଁ ସନକାଦି ଚାରି ବ୍ରହ୍ମଚାରୀ ରୂପେ ଜନ୍ମିଥିଲେ  । ଧର୍ମ ପତ୍ନୀ ତଥା ଦକ୍ଷ କନ୍ୟା ମୂର୍ତ୍ତି ଗର୍ଭରୁ ନର-ନାରାୟଣ ରୂପେ ଅବତରି ଇନ୍ଦ୍ର କାମଦେବ ଆଦିଙ୍କ ଦ୍ୱାରା ତାଙ୍କର ତପଭଗ୍ନ ପ୍ରଚେଷ୍ଟାକୁ ବିଫଳ କରିଥିଲେ । ଭଗବାନ ଧ୍ରୁବଙ୍କୁ ଉଦ୍ଧାର କରିଥିଲେ । ବେଣଙ୍କ ଶରୀର ମନ୍ଥନରୁ ପୃଥୁ ରୂପେ ଅବତରି ଥିଲେ । ସେହି ରୂପରେ ପୃଥିବୀକୁ ଗାଈ କରି ଜଗତ ନିମନ୍ତେ ସମସ୍ତ ପ୍ରକାର ଔଷଧି ଦୋହିଲେ । ନାଭି ରାଜାଙ୍କ ପତ୍ନୀ ସୁଦେବୀଙ୍କ ଗର୍ଭରୁ 'ଋଷଭଦେବ' ରୂପେ ଜନ୍ମ ହୋଇ ପରମହଂସପଦ ବା ଅବଧୂତଚର୍ଯ୍ୟା ଯୋଗ-ପଦ୍ଧତି  ସ୍ଥିତି ଆଚରଣ କଲେ  । ସେ ହୟଗ୍ରୀବ ରୂପେ ଅବତରି, ବେଦମୟ, ଯଜ୍ଞମୟ ତଥା ସର୍ବଦେବମୟ ହୋଇ ନିଜ ନାସିକାରୁ ବେଦବାଣୀ ପ୍ରକଟ କଲେ । ଚାକ୍ଷୁଷ ମନ୍ୱନ୍ତର ଶେଷରେ ମତ୍ସ୍ୟ ରୂପରେ ଅବତରି ସତ୍ୟବ୍ରତଙ୍କୁ ବୈବସ୍ୱତ ବା ଶ୍ରାଦ୍ଧଦେବ ମନୁ କଲେ । ସମୁଦ୍ର ମନ୍ଥନ ସମୟରେ କୂର୍ମ ରୂପେ ମନ୍ଦର ପର୍ବତକୁ ସମ୍ଭାଳି ଧରିଥିଲେ । ନୃସିଂହ ରୂପେ ହିରଣ୍ୟକଶିପୁକୁ ବଧ କରି ପ୍ରହ୍ଲାଦକୁ ଇନ୍ଦ୍ରପଦ ଦେଇଥିଲେ । କୁମ୍ଭୀରକୁ ମାରି ଗଜକୁ ଉଦ୍ଧାରିଥିଲେ ଏବଂ ବାମନ ଅବତାରେ ବଳିକୁ ପାତାଳରେ ଚାପିଥିଲେ । ନାରଦଙ୍କ ପ୍ରତି ପ୍ରସନ୍ନ ହୋଇ 'ହଂସ' ଅବତାରରେ ନାରଦଙ୍କୁ ଯୋଗ, ଜ୍ଞାନ ଓ ଆତ୍ମତତ୍ତ୍ୱ ପ୍ରକାଶିତ କରୁଥିବା ଭାଗବତଧର୍ମ ଉପଦେଶ ଦେଇଥିଲେ । ସ୍ୱାୟମ୍ଭୁବ ମନୁ ରୂପେ ଭଗବାନ ଅବତାର ନେଇ ମନୁବଂଶ ବିସ୍ତାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ । ସେ ଧନ୍ୱନ୍ତରୀ ଅବତାର ନେଇ ସକଳ ରୋଗର ଔଷଧ ଓ ରୋଗମୁକ୍ତି ଉପାୟ ନିର୍ଣ୍ଣୟ କରିଥିଲେ । ପର୍ଶୁରାମ ଅବତାର ନେଇ କ୍ଷତ୍ରିକୂଳ ଗର୍ବ ଗଞ୍ଜନ କରିଥିଲେ । ଶ୍ରୀରାମ ଅବତାରେ ରାବଣକୁ ବଧ କଲେ । ଶ୍ରୀକୃଷ୍ଣ ଅବତାରେ କଂସକୁ ବଧ କଲେ ଏବଂ ଅନ୍ୟାନ୍ୟ ଲୀଳା କଲେ ଯାହାକି ଦଶମ ସ୍କନ୍ଧରେ ସବିସ୍ତୃତ ବର୍ଣ୍ଣିତ । ବ୍ୟାସ ରୂପେ ଜନ୍ମି ବେଦକୁ ବିଭିନ୍ନ ଶାଖାରେ ବିଭକ୍ତ କଲେ । ବୁଦ୍ଧ ରୂପରେ ଜନସମାଜକୁ ବହୁ ଉପଦେଶ ଦେଲେ । ଏବଂ କଳିଯୁଗରେ କଳ୍କୀ ଅବତାର ନେବେ । ଭଗବାନ, ବ୍ରହ୍ମାଙ୍କୁ ଯେଉଁ ଉପଦେଶ ଦେଇଥିଲେ, ତାହା ହିଁ ହେଉଛି ଏହି 'ଭାଗବତ'; ଭଗବାନଙ୍କ ବିଭୂତି ସଂକ୍ଷେପରେ ବର୍ଣ୍ଣିତ ।

ଅଷ୍ଟମ ଅଧ୍ୟାୟରେ ରାଜା ପରୀକ୍ଷିତ, ଶ୍ରୀଶୁକଦେବଙ୍କୁ ଅନେକ ପ୍ରଶ୍ନ ପଚାରିଲେ । ଯଥା – ଭଗବାନ ଅବୟବ ଦ୍ୱାରା ସୀମିତ ନା ଅନନ୍ତ ? ଭଗବାନ ନିଜ ମାୟା ତ୍ୟାଗ କଲା ପରେ କେଉଁଥିରେ, କେଉଁରୂପରେ, କେଉଁଠାରେ ନିବାସ କରନ୍ତି ? ମହାକଳ୍ପ, ଗୌଣକଳ୍ପ କଣ ? କାଳର ଅନୁମାନ କିପରି କରାଯାଏ ? ଭୂତ, ବର୍ତ୍ତମାନ ଓ ଭବିଷ୍ୟତ କଣ ? ପ୍ରାଣୀମାନଙ୍କର ଆୟୁର ପରିମାଣ କେତେ ? କାଳର ସୂକ୍ଷ୍ମ ଓ ସ୍ଥୂଳ ଗତି କିପରି ଜଣାଯାଏ ? ବିଭିନ୍ନ ପ୍ରକାର କର୍ମରୁ ଜୀବକୁ କେତେ ପ୍ରକାର ଓ କିପରି ଗତି ସବୁ ମିଳେ ? ମଣିଷର କର୍ମର ହିସାବ କିଏ ରଖନ୍ତି ? ଜଳଚର, ସ୍ଥଳଚର ଓ ନଭଶ୍ଚର ଜୀବମାନେ କିପରି ଉତ୍ପତ୍ତି ହୁଅନ୍ତି । ବ୍ରହ୍ମାଣ୍ଡର ଭିତର ଓ ବାହର ପରିମାଣ କେତେ ? ମହାପୁରୁଷମାନଙ୍କର ଚରିତ୍ର, ବର୍ଣ୍ଣାଶ୍ରମ ଭେଦ ତଥା ସେସବୁର ଧର୍ମ ବା ସ୍ୱଭାବ କଣ ? ମନୁଷ୍ୟମାନଙ୍କର ବର୍ଣ୍ଣାଶ୍ରମ ଧର୍ମ ତଥା ସାଧାରଣ ଓ ଅସାଧାରଣ ଧର୍ମ କଣ ? ବିଭିନ୍ନ ଯୁଗର ସ୍ୱରୂପ, ଅବଧି, ଧର୍ମ କଣ ? ଭଗବାନ ବିଭିନ୍ନ ଅବତାରରେ କି କି ଲୀଳା ଓ କିପରି ଲୀଳା କରିଥିଲେ ? ତତ୍ତ୍ୱ ମାନଙ୍କର ସଂଖ୍ୟା କେତେ ? ସେସବୁର ଲକ୍ଷଣ ଓ ସ୍ୱରୂପ କଣ ? ଭଗବାନଙ୍କର ଆରାଧନାର ଓ ଆଧ୍ୟାତ୍ମଯୋଗର ବିଧି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ? ଯୋଗେଶ୍ୱରମାନଙ୍କୁ କି କି ଐଶ୍ୱର୍ଯ୍ୟ ଓ ଗତି ମିଳେ ? ଯୋଗୀମାନଙ୍କର ଲିଙ୍ଗ ଶରୀର କିପରି ଭଙ୍ଗ ହୁଏ ? ବେଦ, ଉପବେଦ, ଧର୍ମଶାସ୍ତ୍ର, ଇତିହାସ ଓ ପୁରାଣମାନଙ୍କର ସ୍ୱରୂପ ତଥା ତାତ୍ପର୍ଯ୍ୟ କଣ ? ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କିପରି ହୁଏ ? ପ୍ରଳୟ କେତେ ପ୍ରକାର ଓ କଣ କଣ ? କାମ୍ୟ-କର୍ମ ତଥା ଧନ-ଅର୍ଥ-କାମ ପରିପୂରଣର ବିଧି କଣ ? ଆତ୍ମାର ବନ୍ଧନ ଓ ମୋକ୍ଷର ସ୍ୱରୂପ କଣ ? ଆତ୍ମା ନିଜ ସ୍ୱରୂପରେ କିପରି ଅବସ୍ଥିତ ହୁଏ ? ଭଗବାନ ନିଜେ ମାୟା କରନ୍ତି, ସଂସାର ସର୍ଜନ୍ତି, କ୍ରୀଡ଼ା କରନ୍ତି ପୁଣି କିପରି ସାକ୍ଷୀ ସଦୃଶ ଉଦାସୀନ ହୋଇଯାଆନ୍ତି । ଅର୍ଥାତ୍ ଭାଗବତ ଅନୁସାରେ

"ଇଶ୍ୱର ଭିଆଣ ସଂସାର । ଇଶ୍ୱର ତହିଁରୁ ବାହାର । ।" କିପରି ?

ପରୀକ୍ଷିତ କହିଲେ,

ଭୋ ମୁନି ପଚାରିଲି ଯେତେ । ସଂକ୍ଷେପି କହିବାକ ମୋତେ । ।
ତୁ ଯେ ବ୍ରହ୍ମାର ସମ ମୁନି । ଏ ବିଶ୍ୱ ସଂସାର ପ୍ରମାଣି । ।
ପୁଣ୍ୟପୁରୁଷେ ଯାହା ଚିନ୍ତି । ଅପରେ ଯାହା ଆଚରନ୍ତି । ।
ଆହାରହୀନେ ମୋର ପ୍ରାଣ । କେବେହେଁ ନୋହିବ ମଳିନ । ।
ତୁମ୍ଭ ବଚନୁ ହରିରସ । ପିବନ୍ତେ ମନ ହେବ ତୋଷ । ।
ସୁତ କହନ୍ତି ଅନୁରାଗେ । ଶୌନକଆଦି ମୁନି ଆଗେ । ।

ଏହି ସମସ୍ତ ପ୍ରଶ୍ନର ଉତ୍ତର ଶୁକଦେବ, ପରବର୍ତ୍ତି ସ୍କନ୍ଧ ଗୁଡ଼ିକରେ ରାଜା ପରୀକ୍ଷିତଙ୍କୁ ପ୍ରାଞ୍ଜଳ ଭାବରେ ବୁଝେଇ ଦେଇଛନ୍ତି ।

ନବମ ଅଧ୍ୟାୟରେ ବ୍ରହ୍ମାଙ୍କୁ ଭଗବତ୍‌ଧାମ ଦର୍ଶନ ମିଳିବା ଓ ଭଗବାନଙ୍କ ଦ୍ୱାରା ତାଙ୍କୁ ଚତୁଃଶ୍ଳୋକୀ ଭାଗବତ ଉପଦେଶ ଦେବା ବିଷୟ ବର୍ଣ୍ଣିତ ହୋଇଛି । ବିଷ୍ଣୁଙ୍କର ନିର୍ଦ୍ଦେଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ରମେ ବ୍ରହ୍ମା ସୃଷ୍ଟି ସର୍ଜନା କରିବାକୁ ଆସନରେ ବସି ପଡ଼ିଲେ ସତ, କିନ୍ତୁ ସୃଷ୍ଟି ସର୍ଜନା ନିମନ୍ତେ ଯେଉଁ ଜ୍ଞାନ ଆବଶ୍ୟକ, ତାହା ସେ ପାଇପାରିଲେ ନାହିଁ ।

ଜଳେ କମଳ ମଧ୍ୟେ ଥିଲା । ସେ ବେନି ଅକ୍ଷର ଶୁଣିଲା ।।
କ କାର ଆଦି ଯେ ଷୋଡ଼ଶ । ପ ମିଶ୍ରିତେ ଏକବିଂଶ ।।
ଶବଦେ ତପ ଉଚ୍ଚାରଣ । ନିଷ୍କିନଙ୍କ ନିଜ ଧନ ।।
ସେ ବାଣୀ ଶୁଣି ବ୍ରହ୍ମା କର୍ଣ୍ଣେ । ନିରୋଳି ଚାହିଁଲା ଗଗନେ ।।
ଦିଗ ସହିତେ ଅନାଇଲା । କାହିଁ ଯେ କିଛି ନ ଦେଖିଲା ।।୨/୯/୬
ସ୍ୱତନ୍ତ୍ର ସୂତ୍ରେ ଉର୍ଣ୍ଣନାଭି । କ୍ରୀଡ଼ଇ ଯେହ୍ନେ ମନେ ଭାବି ।।
ତେମନ୍ତେ ବୁଦ୍ଧି ଦିଅ ମୋତେ । ଏ ସୃଷ୍ଟି କରଇ ଯେମନ୍ତେ ।।୨/୯/୨୭

ଏହିପରି ଦିନେ ଚିନ୍ତା କରୁ କରୁ ହଠାତ୍ ସେ ବ୍ୟଞ୍ଜନ ବର୍ଣ୍ଣର ଷୋହଳତମ ଓ ଏକୋଇଶିତମ ଅକ୍ଷର 'ତ' ଓ 'ପ' ମିଶିଥିବା 'ତପ' ଶବ୍ଦଟି ଦୁଇଥର – 'ତପ', 'ତପ' ଅର୍ଥାତ୍ 'ତପ କର', 'ତପ କର' ବୋଲି ଶୁଣିବାକୁ ପାଇଲେ । ତା'ପରେ ସେ ଏକସହସ୍ର ଦିବ୍ୟବର୍ଷବ୍ୟାପୀ ଘୋର ତପସ୍ୟାରେ ଲାଗିଗଲେ । ସେହି ତପସ୍ୟାରେ ଭଗବାନ ସନ୍ତୁଷ୍ଟ ହୋଇ ତାଙ୍କୁ ଭଗବତ୍ ଧାମ ଦର୍ଶନ କରାଇଲେ । ଏହି ଅଧ୍ୟାୟର ଏହି ଅଂଶରେ ଭଗବତ୍ ଧାମର ଶୋଭା, ସ୍ୱରୂପ ତଥା ମହିମା ବର୍ଣ୍ଣନା କରାଯାଇଛି । ଭଗବାନଙ୍କ ଦର୍ଶନ ପାଇ ବ୍ରହ୍ମା ତାଙ୍କୁ ସୃଷ୍ଟି କିପରି ସର୍ଜନା କରିବା କଥା ପଚାରିବାରୁ ବିଷ୍ଣୁ କହିଲେ ଯେ, ଯେତେବେଳେ ସୃଷ୍ଟି ନଥିଲା, ସେତେବେଳେ ଏକମାତ୍ର ସେ ହିଁ ଥିଲେ ଏବଂ ସବୁ ପ୍ରଳୟ ହେଲା ପରେ ବି ସେ ହିଁ ରହିଥାନ୍ତି । ବସ୍ତୁର ଆଭାସ ବା ପ୍ରତିବିମ୍ବ ଯେପରି ସତ୍ତାହୀନ, ଆକାଶରେ ରାହୁର ଉପସ୍ଥିତି ବି ଅଦୃଶ୍ୟ ସେହିପରି ସେ ଥିଲେ ବି ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଭଗବାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶରୀରରେ ପ୍ରବେଶ କଲା ପରି ଜଣାଗଲେ ବି ସେ କରି ନଥାନ୍ତି । ସେ ସର୍ବଦା ସର୍ବଥା ବିଦ୍ୟମାନ । ତେଣୁ ସେ, ବ୍ରହ୍ମାଙ୍କୁ ପରମ ସମାଧି ଦ୍ୱାରା ସେହି ସିଦ୍ଧାନ୍ତରେ ଦୃଢ଼ ହୋଇଯିବାକୁ କହିଲେ । ତା'ପରେ ସେ ଅନ୍ତର୍ଦ୍ଧାନ ହୋଇଗଲେ । ବ୍ରହ୍ମା ତାଙ୍କୁ ପ୍ରଣାମ କରି ପ୍ରଥମ କଳ୍ପରେ ଯେପରି ସୃଷ୍ଟି ଥିଲା, ସେହିରୂପେ ବିଶ୍ୱ ସୃଷ୍ଟି କଲେ । ସେ, ଜଗତର କଲ୍ୟାଣ ନିମନ୍ତେ ବିଧିପୂର୍ବକ ଯମ-ନିୟମ ପାଳନ କରିଥରଲେ । ତାହା ଦେଖି ନାରଦ, ଭଗବାନଙ୍କର ମାୟାର ତତ୍ତ୍ୱ ଜାଣିବା ପାଇଁ ବ୍ରହ୍ମାଙ୍କୁ ସେବା କରି ପରୀକ୍ଷିତ ଯେପରି ଶୁକଦେବଙ୍କୁ ଉପରୋକ୍ତ ପ୍ରଶ୍ନଗୁଡ଼ିକ ପଚାରିଥିଲେ, ସେହି ସବୁ ପ୍ରଶ୍ନ ପଚାରିଲେ । ଫଳରେ ଭଗବାନ, ବ୍ରହ୍ମାଙ୍କୁ ଯେଉଁ ଉପଦେଶ ଦେଇଥିଲେ, ବ୍ରହ୍ମା ନିଜ ପୁତ୍ର ନାରଦଙ୍କୁ ସେହି ଦଶଲକ୍ଷଣଯୁକ୍ତ ଭାଗବତ ପୁରାଣ କହିଲେ । ଏବଂ ନାରଦ, ସରସ୍ୱତୀ କୂଳେ ବ୍ୟାସ ନିକଟେ ତାହା କହିଲେ । ପରିଶେଷରେ ବ୍ୟାସ ତାହା ଅଠରସହସ୍ର ଶ୍ଳୋକରେ ବର୍ଣ୍ଣିଲେ ।

ଦଶମ ଅଧ୍ୟାୟରେ ଭାଗବତର ଦଶ ଲକ୍ଷଣ – ସର୍ଗ, ବିସର୍ଗ, ସ୍ଥାନ, ପୋଷଣ, ଉତି, ମନ୍ୱନ୍ତର, ଈଶାନୁକଥା (ଈଶକଥା), ନିରୋଧ, ମୁକ୍ତି (ନବ ଲକ୍ଷଣ) ଓ ଆଶ୍ରୟ ବିଷୟରେ ସବିସ୍ତୃତ ବର୍ଣ୍ଣନା କରାଯାଇଛି । ଏ ଭିତରୁ ଯେଉଁ ଦଶମ ଆଶ୍ରୟତତ୍ତ୍ୱଟି ରହିଛି, ତାହାକୁ ଯଥାର୍ଥରୂପେ ନିରୂପଣ କରିବା ନିମନ୍ତେ ମହାତ୍ମାମାନେ କେଉଁଠି ଶାସ୍ତ୍ରମାନଙ୍କର ଉଦାହରଣ ଛଳରେ, କେଉଁଠି ତାତ୍ପର୍ଯ୍ୟ ବୁଝାଇବା ଛଳରେ ଏବଂ ଅନ୍ୟ କେଉଁଠି ପ୍ରତ୍ୟକ୍ଷରୂପରେ ଅବଶିଷ୍ଟ ନଅଟିକୁ ବର୍ଣ୍ଣନା କରନ୍ତି ।

ଈଶ୍ୱରଙ୍କ ପ୍ରେରଣାଦ୍ୱାରା ହିଁ ଗୁଣମାନଙ୍କର ଆଲୋଡ଼ନ ସୃଷ୍ଟି ହେବାରୁ ଆକାଶ ଆଦି ପଞ୍ଚମହାଭୂତ, ଶବ୍ଦାଦି ତନ୍ମାତ୍ର, ଇନ୍ଦ୍ରିୟଗଣ, ଅହଂକାର ଓ ମହତ୍ତ୍ୱର ଉତ୍ପତ୍ତି ହୁଏ । ଏହାକୁ 'ସର୍ଗ' କୁହାଯାଏ । ସର୍ଗ ପରେ ବିରାଟପୁରୁଷଙ୍କଠାରୁ ଉତ୍ପନ୍ନ ହୋଇଥିବା ବ୍ରହ୍ମାଙ୍କ ଦ୍ୱାରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଭିନ୍ନ ଚରାଚର ପ୍ରାଣୀମାନଙ୍କର ନିର୍ମାଣ ହୁଏ; ଏହାକୁ 'ବିସର୍ଗ' କହନ୍ତି ।

ପ୍ରତିକ୍ଷଣ ବିନାଶାଭିମୁଖୀ ସୃଷ୍ଟିକୁ ଏକ ମର୍ଯ୍ୟାଦାରେ ସ୍ଥିର ରଖିବା ଦ୍ୱାରା ଭଗବାନଙ୍କର ଯେଉଁ ଶ୍ରେଷ୍ଠତା ପମାଣିତ ହୋଇ ଥାଏ, ତାହାର ନାମ 'ସ୍ଥାନ' ଏବଂ ସୁରକ୍ଷିତ ସୃଷ୍ଟିରେ ଭକ୍ତମାନଙ୍କ ଉପରେ ଭଗବାନ ଯେଉଁ କୃପା ବର୍ଷଣ କରନ୍ତି, ତାହାର ନାମ 'ପୋଷଣ' । ମନ୍ୱନ୍ତରମାନଙ୍କର ଅଧିପତି ଯେଉଁ ଭଗବଦ୍ଭକ୍ତି ଓ ପ୍ରଜାପାଳନରୂପୀ ଶୁଭକର୍ମ ଅନୁଷ୍ଠାନ କରନ୍ତି, ସେହି ସତ୍‌ଧର୍ମକୁ 'ମନ୍ୱନ୍ତର' ବୋଲାଯାଏ । ଜୀବମାନଙ୍କର ଯେଉଁ କର୍ମବାସନା ସେମାନଙ୍କୁ ବନ୍ଧନରେ ପକାଇଦିଏ, ତାହାକୁ 'ଉତି' କୁହାଯାଏ ।

ଭଗବାନଙ୍କର ବିଭିନ୍ନ ଅବତାର କଥା ଏବଂ ତାହାଙ୍କର ପ୍ରେମୀଭକ୍ତ ଓ ସନ୍ଥମାନଙ୍କର ନାନା ଆଖ୍ୟାନଯୁକ୍ତ ଗାଥାକୁ 'ଈଶକଥା' କୁହାଯାଏ । ଭଗବାନ୍ ଯୋଗନିଦ୍ରାରେ ଶୟନ କଲାବେଳେ, ସକଳ ଜୀବକୁ ତଥା ସବୁ ଶକ୍ତିକୁ ନିଜ ଭିତରେ ଲୀନ କରିଦିଅନ୍ତି । ଏହାକୁ 'ନିରୋଧ' କୁହାଯାଏ । ଅଜ୍ଞାନବଶତଃ ଜୀବ ନିଜଠାରେ ଯେଉଁ କର୍ତ୍ତାପଣ ଓ ଭୋକ୍ତାପଣ ଆରୋପିତ କରିଥାଏ ତଥା ମାୟିକ ପଦାର୍ଥମାନଙ୍କ ସହିତ ଅହଂତ୍ୱ-ମମତ୍ୱ ସମ୍ପର୍କ ଗଢ଼ିଥାଏ, ସେହିସବୁ ବୃତ୍ତିକୁ ତ୍ୟାଗ କରିଦେଇ ପରମାତ୍ମା ସ୍ୱରୂପରେ ଅବସ୍ଥାନ କରିବା ହିଁ 'ମୁକ୍ତି' ।

ଯାହାଦ୍ୱାରା ଏହି ଚରାଚର ଜଗତର ଉତ୍ପତ୍ତି ଓ ପ୍ରଳୟ ହୋଇଥାଏ, ସେହି ପରଂବ୍ରହ୍ମ ହିଁ ଜଗତର 'ଆଶ୍ରୟ' । ତାହାକୁ ହିଁ 'ପରମାତ୍ମା' ନାମରେ ନାମିତ କରାଯାଏ । (ସେହି ପରଂବ୍ରହ୍ମ ହିଁ ସମସ୍ତଙ୍କର 'ଆଶ୍ରୟ' । ଏହି ଆଶ୍ରୟ ତତ୍ତ୍ୱକୁ ଜାଣିବା ନିମନ୍ତେ ହିଁ ଅନ୍ୟ ନଅଟି ତତ୍ତ୍ୱ ନିରୂପଣ କରାଯାଇଛି ।)

ବିରାଟପୁରୁଷ ନିଜେ ରହିବା ପାଇଁ ସ୍ଥାନଟିଏ ପାଇଁ ଅତି ପବିତ୍ର ଜଳ ସୃଷ୍ଟି କଲେ । ନର ଅର୍ଥ ପୁରୁଷଙ୍କ ଠାରୁ ଉତ୍ପନ୍ନ ହୋଇଥିବାରୁ ଜଳର ନାମ ନାର ହେଲା । ବିରାଟପୁରୁଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ହଜାର ବର୍ଷ ପର୍ଯ୍ୟନ୍ତ ଜଳରେ (ନାରରେ) ଶୟନ କରିବାରୁ ତାଙ୍କର ନାମ ନାରାୟଣ ହେଲା । ସେ ଖାଇବା ପାଇଁ ଇଛା କରିବାରୁ ତାଙ୍କର ମୁଖ ଓ ଉଦର ଜାତ ହେଲା । ସେ ନିଜର ବୀର୍ଯ୍ୟକୁ ୩ ଭାଗରେ ବିଭକ୍ତ କଲେ । ଯଥା - ଅଧିଦୈବ, ଅଧ୍ୟାତ୍ମ ଓ ଅଧିଭୂତ । ତାଙ୍କ ଶରୀରସ୍ଥ ଆକାଶରୁ ଓଜ (ଇନ୍ଦ୍ରିୟବଳ), ସହ (ମନୋବଳ) ଓ ବଳ (ଶାରୀରିକ ବଳ) ଉତ୍ପନ୍ନ ହେଲା । ସେହି ବଳରୁ ପ୍ରାଣ ଉତ୍ପନ୍ନ ହେଲା । କ୍ରମଶଃ ଅନ୍ୟାନ୍ୟ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ, ପ୍ରକୃତି ଇତ୍ୟାଦି ଉତ୍ପନ୍ନ ହେଲା । ତା'ପରେ ଜୀବଜନ୍ତୁ, ବୃକ୍ଷଲତା ଆଦି ସୃଷ୍ଟି ହେଲା । ସଂସାରରେ ଚର ଓ ଅଚର ଭେଦରେ ଦୁଇପ୍ରକାର ସୃଷ୍ଟି ହେଲା । ସେଥିରେ ୪ ପ୍ରକାର ଜୀବ ଯଥା – ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଦଜ ଉତ୍ପନ୍ନ ହେଲେ । ପୁନଶ୍ଚ ଏମାନେ ଜଳଚର, ସ୍ଥଳଚର ଓ ଆକାଶଚର – ଏପରି ୩ ଭାଗରେ ବିଭକ୍ତ ହେଲେ । ସଂସାରରେ ଶୁଭ, ଅଶୁଭ ଓ ମିଶ୍ରିତ କର୍ମ ମଧ୍ୟ ହୁଏ ଓ ତଦନୁରୂପ ଗତି ମିଳେ । ଜୀବକୁ ସତ୍ତ୍ୱଗୁଣାନୁସାରେ ଦେବତା, ରଜୋଗୁଣାନୁସାରେ ମନୁଷ୍ୟ ଓ ତମୋଗୁଣାନୁସାରେ ନାରକୀୟ ଯୋନି ମିଳେ ।

ଏହି ଅଧ୍ୟାୟର ଶେଷଭାଗରେ ବିଦୁର ନିଜର ଭାଇବନ୍ଧୁମାନଙ୍କୁ କାହିଁକି ଛାଡ଼ି ଚାଲିଯାଇଥିଲେ ଏବଂ ପୁଣି ଥରେ କାହିଁକି ସେ ଫେରି ଆସିଥିଲେ ବୋଲି ଶୌନକ, ସୁତମୁନିଙ୍କୁ ପଚାରିଲେ । ଏହାର ଉତ୍ତର ୩ୟ ସ୍କନ୍ଧର ଆଦ୍ୟ ଅଧ୍ୟାୟରେ ଶୁକଦେବ, ମହାରାଜା ପରିକ୍ଷୀତଙ୍କୁ କହିଛନ୍ତି । କ୍ରମଶଃ - -

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ଦ୍ୱିତୀୟ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।।

ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।

ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ ।।

ମନ୍ତ୍ରହୀନଂ କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ ।।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୭୩୭୨୧୩୩୭୩୫

ଇମେଲ୍ : sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରୁକୁଣା ରଥଯାତ୍ରା

ଅଶୋକା ଅଷ୍ଟମୀ / ରୁକୁଣା ରଥ ଯାତ୍ରା :ମନ୍ଦିର ମଯ୍ଯୀ ନଗର ଭୁବନେଶ୍ୱରର ଏକ ନିଆରା ରଥଯାତ୍ରାର କାହାଣୀ ।

ଅଶୋକା ଅଷ୍ଟମୀ [ଅଷ୍ଟମୀ] ଶୁକ୍ଳ ପକ୍ଷ ହିନ୍ଦୁ ଚୈତ୍ର ମାସରେ "ପାଳନ କରାଯାଏ [ମାର୍ଚ୍ଚ-ଏପ୍ରିଲ୍]; ଏହା ଠିକ ରାମ ନବମୀ ର ପୂର୍ବ ଦିନ ପାଳନ କରାଯାଏ.

ହଜାର ହଜାର ବର୍ଷର ବହୁ ପ୍ରାଚୀନ ଓ ପୁରାତନ ସହର ଭୁବନେଶ୍ୱରରେ ସମଗ୍ର ଓଡିଶାର ପୁରପଲ୍ଲୀରୁ ଏହି ଯାତ୍ରା ଦେଖିବାପାଇଁ ଏକତ୍ରିତ ହୁଅନ୍ତି । ଭଗବାନ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ହେଉଛି ଭୁବନେଶ୍ୱରରେ ପ୍ରତିବର୍ଷ ପାଳନ କରାଯାଉଥିବା ଏକ ନିଆରା ପର୍ବ ।

ଅଶୋକାଷ୍ଟମୀ ପଛର କାହାଣୀ: -

କିମ୍ବଦନ୍ତୀ ବା ଉତ୍ସବର ଉତ୍ପତ୍ତି ରାମାୟଣ ସହିତ ଜଡିତ । ଯେତେବେଳେ ପ୍ରଭୁ ରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା, ସେତେବେଳେ ପ୍ରଭୁ ରାମ ଜାଣିବାକୁ ପାଇଲେ ଯେ ଦେବୀ କାଳୀ ରାବଣଙ୍କ ପକ୍ଷରେ ଅଛନ୍ତି ଏବଂ ତାଙ୍କ ପାଇଁ ପ୍ରତିରକ୍ଷା ଅସ୍ତ୍ର ଭଳି କାର୍ଯ୍ୟ କରୁଛନ୍ତି । ଭଗବାନ ରାମ ଦେବୀ କାଳୀଙ୍କ ନିକଟରେ ପ୍ରାର୍ଥନା କରି ରାବଣକୁ ବିନାଶ କରିଥିଲେ । ଅଶୋକାଷ୍ଟମୀ ଚୈତ୍ର ନବରାତ୍ରୀ ଅଷ୍ଟମୀରେ ପଡୁଥିବାରୁ ଏହା ଦୁର୍ଗାଷ୍ଟାମି ନାମରେ ମଧ୍ୟ ଜଣାଶୁଣା ।



ଲିଙ୍ଗରାଜ ପ୍ରସାଦ
ଅମୂଲ୍ୟ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତିନୋଟି ଦେବତା - ଚନ୍ଦ୍ରଶେଖର (ପ୍ରଭୁ ଲିଙ୍ଗରାଜଙ୍କ ପ୍ରତିନିଧୀ), ରୁକ୍ମିଣୀ ଏବଂ ବାସୁଦେବଙ୍କ ଚଳନ୍ତି ପ୍ରତିମା ବା ପିତ୍ତଳ ଚିତ୍ର - ଗଙ୍ଗର ପ୍ରହାର, ଶଙ୍ଖ-ଚିଲ ଉଡ଼ିବା ଏବଂ ଭଜନ ଏବଂ ଶିବ-ପଂଚକ୍ଷରୀ ସହ ରଥକୁ ଅଣାଯାଇଥାଏ ।

ଚାରି ଚକିଆ, ୩୫ ଫୁଟ କାଠ ରଥ ଏକାଦଶ ଶତାବ୍ଦୀର ଲିଙ୍ଗରାଜ ମନ୍ଦିରରୁ ନବମ ଶତାବ୍ଦୀର ରମେଶ୍ୱର ମନ୍ଦିର କିମ୍ବା ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଏହା ହଜାର ହଜାର ଭକ୍ତଙ୍କ ଦ୍ୱାରା ଟଣା ଯାଇଥାଏ । ରଥ ହଳଦିଆ, ନାଲି, ଧଳା ଏବଂ ନୀଳ କପଡ଼ାରେ ଅଙ୍କିତ ।

ରୁକୁଣା ରଥର ସ୍ୱତନ୍ତ୍ରତା:

ପାର୍ବତୀ ତୃତୀୟ ଦିନରେ ନିଜର କ୍ରୋଧ ପ୍ରକାଶ କରିବାକୁ ଆସନ୍ତି, କାରଣ ସେ ତାଙ୍କ ରଥ ପ୍ରଭୁ ଲିଙ୍ଗରାଜଙ୍କୁ ରଥରେ ସାଙ୍ଗରେ ନେବାକୁ ପ୍ରସ୍ତୁତ ହୋଇନଥିଲେ । ତା'ପରେ ସେ ରଥର ଏକ ଅଂଶ ଭାଙ୍ଗି ମନ୍ଦିରକୁ ଫେରିଗଲେ । ପଞ୍ଚମ ଦିନରେ ତିନି ଦେବତା ବାହୁଡା ନାମକ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କରନ୍ତି ।

ରୁକୁଣା ରଥ "ଅଣଲେଉଟା" ହେବାରେ ଅତୁଳନୀୟ (ରଥ ଯାହା ପୂର୍ବ ସମୟରେ ମୋଡ଼ ନେଇ ନଥାଏ) । ଯଥା ରଥା କିମ୍ବା ରଥ ଏହାର ପ୍ରତ୍ୟାବର୍ତ୍ତନ ଯାତ୍ରା କିମ୍ବା ବାହୁଡା ସମୟରେ ପଛକୁ ଫେରି ନଥାଏ । ରୁକୁଣା ରଥ ପଛକୁ ନ ଯାଇ ପଛପଟୁ ଟଣାଯାଏ । ଘରକୁ ଫେରିବା ଦିନ କେବଳ ଦେବତାମାନଙ୍କର ବସିଥିବା ବେଦୀ ପରିବର୍ତ୍ତନ କରାଯାଇଥାଏ ।

ଏହି ଅବସରରେ ଦେବତାମାନଙ୍କୁ ପାରମ୍ପାରିକ ଭାବରେ ଅଶୋକ ଫୁଲ ଅର୍ପଣ କରାଯାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋଗ ନୁହେଁ ତ୍ୟାଗ

ଭରତ ନନ୍ଦୀଗ୍ରାମରେ ରହୁଥିଲ । କୁମାର ଶତ୍ରୁଘ୍ନ ତାଙ୍କ ଆଦେଶରେ ରାଜ୍ୟ ସଂଚାଳନ କରୁଥିଲେ । ଥରେ ରାତ୍ରିର ବିଳମ୍ବ ପ୍ରହରରେ ମାତା କୌଶଲ୍ୟାଙ୍କୁ ଲାଗିଲା ତାଙ୍କ ଛାତ ଉପରେ ସତେ କେହି ଜଣେ ଚାଲୁଛି । ତାଙ୍କ ନିଦ ଭାଙ୍ଗିଗଲା । ପଚାରିଲେ,'କିଏ' ? ଜଣା ପଡ଼ିଲା "ଶ୍ରୁତିକୀର୍ତ୍ତି" । ତଳକୁ ଡାକିଲେ ।

ଶ୍ରୁତିକୀର୍ତ୍ତି ସମସ୍ତଙ୍କ ଠାରୁ ସାନ ବୋହୂ । କୁମାର ଶତ୍ରୁଘ୍ନଙ୍କ ପତ୍ନୀ । ତଳକୁ ଆସିଲେ ପ୍ରଣାମ କରି ମାତା କୌଶଲ୍ୟାଙ୍କ ପାଖରେ ଛିଡା ହେଇଗଲେ ।

ମାତା କୌଶଲ୍ୟା ପଚାରିଲେ,"ଶ୍ରୁତି ! ଏତେ ରାତିରେ ତୁମେ ଛାତ ଉପରେ କଣ କରୁଥିଲ ଝିଅ ? ନିଦ ଆସୁନି କି ? ଶତ୍ରୁଘ୍ନ କେଉଁଠି ?

ଶ୍ରୁତିକୀର୍ତ୍ତିଙ୍କ ଆଖି ଲୁହରେ ଭିଜିଗଲା । କାନ୍ଦିକାନ୍ଦି କୌଶଲ୍ୟାଙ୍କ କୋଳରେ ଲୋଟି ଗଲେ । କହିଲେ, "ମା ! ତାଙ୍କ ସହିତ ମୋର ଶେଷ ଦେଖା ତେର ବର୍ଷ ତଳେ ହେଇଥିଲା ।



ନିତ୍ୟରଞ୍ଜନ ନନ୍ଦ

ଓଃ ! ଦୁଃଖରେ ଫାଟି ପଡିଲା କୌଶଲ୍ୟାଙ୍କ ହୃଦୟ ।

ତୁରନ୍ତ ସମସ୍ତଙ୍କୁ ଡାକିଲେ । ସେବକମାନେ ଦୌଡ଼ି ଆସିଲେ । ଅର୍ଦ୍ଧ ରାତ୍ରିରେ ହିଁ ପାଲିଙ୍କି ପ୍ରସ୍ତୁତ ହେଲା । ଶତୃଘ୍ନଙ୍କୁ ଖୋଜା ଯିବ । ମା' ବାହାରିଲେ ।

ଜାଣିଛନ୍ତି ! ଶତୃଘ୍ନ କେଉଁଠୁ ମିଳିଲେ ? ଅଯୋଧ୍ୟାର ଯେଉଁ ଦ୍ୱାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରେ ଭରତ ନନ୍ଦିଗ୍ରାମରେ ତପସ୍ୱୀ ଜୀବନ ବିତାଉ ଥିଲେ,ସେହି ଦ୍ୱାର ଭିତରେ ଏକ ପଥର ଶିଳା ଥିଲା । ତା'ରି ଉପରେ ଶତ୍ରୁଘ୍ନ ନିଜ ବାହୁକୁ ତକିଆ କରି ଶୋଇଥିବା ଦେଖିବାକୁ ମିଳିଲେ ।

କୁମାର ଶତ୍ରୁଘ୍ନଙ୍କ ମୁଣ୍ଡ ପାଖରେ ବସି ପଡ଼ିଲେ ମା । ମୁଣ୍ଡକୁ ଆଉଁସି ଦିଅନ୍ତେ, ଶତ୍ରୁଘ୍ନଙ୍କ ନିଦ ଭାଙ୍ଗିଗଲା । କହିଲେ, 'ମା' ! ଉଠିଲେ, ପାଦତଳେ ଲୋଟିଗଲେ ।

'ମା' ! ଆପଣ କାହିଁ କଷ୍ଟ କଲେ ? ମୋତେ ଡକେଇ ନେଇ ପାରି ଥାଆନ୍ତେ ।

ମା ପଚାରିଲେ ଶତ୍ରୁଘ୍ନ ! ଏଠି କାହିଁକି ?"

ଶତ୍ରୁଘ୍ନ କଇଁ,କଇଁ ହେଇ କାନ୍ଦିବାକୁ ଲାଗିଲେ । କହିଲେ, 'ମା' ! ଭ୍ରାତା ରାମ ପିତାଙ୍କ ଆଜ୍ଞାରେ ବଣକୁ ଚାଲିଗଲେ ; ଭ୍ରାତା ଲକ୍ଷ୍ମଣ ବି ତାଙ୍କ ପଛେ ପଛେ ଚାଲିଗଲେ । ଭ୍ରାତା ଭରତ ବି ନନ୍ଦୀ ଗ୍ରାମରେ ସନ୍ୟାସ ଜୀବନ ବିତାଉଛନ୍ତି ।

'ମା' ! ଏ ରାଜମହଲ,ଏ ରଥ ,ଏ ତେଜସ୍ୱୀ ବସ୍ତ୍ର ବିଧାତା କଣ ମୋ ପାଇଁ ହିଁ ବନେଇ ଥିଲା ?

ମାତା କୌଶଲ୍ୟା ନିରୁତ୍ତର ।

ଏହା ହିଁ ରାମକଥା...

ଏହା ଭୋଗ ନୁହେଁ, ତ୍ୟାଗର କଥା । ଏଠି ତ୍ୟାଗର ପ୍ରତିଯୋଗିତା । ସମସ୍ତେ ପ୍ରଥମ । କେହି କାହାଠୁ ପଛରେ ନାହିଁ । ଚାରି ଭାଇଙ୍କ ପରସ୍ପର ପ୍ରତି ଭଲ ପାଇବା,ପ୍ରେମ,ତ୍ୟାଗ ଅଦ୍ଭୁତ ! ଅଭିନବ, ଅଲୌକିକ !!

ରାମାୟଣ ଜୀବନ ଜିଇଁବାର ସର୍ବୋତ୍ତମ ଶିକ୍ଷା ଦେଇଥାଏ ।

ଭଗବାନ ରାମଙ୍କୁ ବନବାସ ହେଲା ତ ତାଙ୍କ ଧର୍ମପତ୍ନୀ ମା' ସୀତା ସହର୍ଷ ବନବାସ ସ୍ୱୀକାର କରି ନେଲେ ।

ବାଲ୍ୟ କାଳରୁ ରାମଙ୍କ ପଛରେ ଦୌଡୁଥିବା ଅନୁଜ ଲକ୍ଷ୍ମଣ କେମିତି ରାମଙ୍କଠାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁରେଇ ଯାଇ ଥାଆନ୍ତେ !

ଲକ୍ଷ୍ମଣ ମାତା ସୁମିତ୍ରାଙ୍କଠାରୁ ତ ବନଗମନର ଆଜ୍ଞା ନେଇ ହିଁ ସାରି ଥିଲେ ।

ପରନ୍ତୁ ! ପତ୍ନୀ ଉର୍ମିଳାଙ୍କ କକ୍ଷ ଆଡକୁ ଅଗ୍ରସର ହେଉଥିବା ବେଳେ ମନେ ମନେ ଭାବୁଥିଲେ, ମା' ତ ଆଜ୍ଞା ଦେଇଦେଲେ ; ହେଲେ ଉର୍ମିଳାଙ୍କୁ କେମିତି ବୁଝେଇବି !! କଣ କହିବି !!! ଏମିତି ଭାବୁ ଭାବୁ ଯେମିତି ନିଜ କକ୍ଷରେ ପହଞ୍ଚିଛନ୍ତି,ଦେଖିଲେ ଉର୍ମିଳା ହାତରେ ଆରତୀ ଥାଳି ଧରି ଦଣ୍ଡାୟମାନ !

କହିଲେ " ଆପଣ ମୋ ଚିନ୍ତା ଛାଡ଼ନ୍ତୁ, ପ୍ରଭୁଙ୍କ ସେବା ପାଇଁ ବଣକୁ ଯାଆନ୍ତୁ । ମୁଁ ଆପଣଙ୍କୁ ରୋକିବି ନାହିଁ ।

ମୋ ଯୋଗୁଁ ଆପଣଙ୍କ ସେବାରେ କୌଣସି ବାଧା ନ ଆସୁ,ସେଥିପାଇଁ ଆପଣଙ୍କ ସାଥିରେ ବନକୁ ଯିବାକୁ ଜିଦି ବି କରିବିନି" ।

ଲକ୍ଷ୍ମଣଙ୍କୁ କହିବାକୁ ସଙ୍କୋଚ ଲାଗୁଥିଲା । ପରନ୍ତୁ ତାଙ୍କର କିଛି କହିବା ପୂର୍ବରୁ ହିଁ ଉର୍ମିଳା ତାଙ୍କର ସମସ୍ତ ଦ୍ୱିଧା ଦୂର କରିଦେଲେ । ବାସ୍ତବରେ ଏହା ହିଁ ପତ୍ନୀର ଧର୍ମ ।

ପତିର ମନ କଥା ଜାଣି ସଂଶୟ ଦୂର କରିଦେବା ହିଁ ଆଦର୍ଶ ପତ୍ନୀର କର୍ତ୍ତବ୍ୟ !!

ଲକ୍ଷ୍ମଣ ତ ରାମଙ୍କ ସହିତ ବନ ଗମନ କଲେ,ପରନ୍ତୁ ଉର୍ମିଳା ! ଚଉଦ ବର୍ଷ କାଳ ଜଣେ ତପସ୍ୱିନୀ ଭଳି ଜୀବନ ଯାପନ କଲେ ।

ବଣରେ ଭାଇ ଭାଉଜଙ୍କ ସେବାରେ ବ୍ରତୀ ଲକ୍ଷ୍ମଣ କେବେ ଶୋଇ ନ ଥିଲେ । ପରନ୍ତୁ ଉର୍ମିଳା ବି ନିଜ ମହଲର ଦ୍ୱାର କେବେବି ବନ୍ଦ କରି ନ ଥିଲେ । ସାରା ରାତ୍ରି ଉଜାଗର ରହି ସେହି ଦୀପ ଶିଖାକୁ କେବେ ନିର୍ବାପିତ ହେବାକୁ ଦେଇ ନ ଥିଲେ ।

ମେଘନାଦ ସହିତ ଯୁଦ୍ଧରେ ଲକ୍ଷ୍ମଣଙ୍କ ଶକ୍ତି ଭେଦ ହେଲା । ହନୁମାନ ମୃତ୍ୟୁ ସଂଜୀବନୀ ସନ୍ଧାନରେ ଯାଇ ପାହାଡ଼ ନେଇ ଫେରୁଥିଲେ । ବାଟରେ ଅଯୋଧ୍ୟା ଉପର ଦେଇ ଗଲା ବେଳେ ଭରତ ତାଙ୍କୁ ରାକ୍ଷସ ଭାବି ବାଣ ଚଳେଇ ଦେଲେ । ଆଘାତ ପ୍ରାପ୍ତ ହନୁମାନ ତଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଲେ୍‌ହଇ ଯାଆନ୍ତି ।

ହନୁମାନ ସାରା ବୃତ୍ତାନ୍ତ ଶୁଣାନ୍ତି କି, ସୀତାଙ୍କୁ ରାବଣ ନେଇ ଯାଇଛି, ଇନ୍ଦ୍ରଜିତ ସହିତ ଯୁଦ୍ଧରେ ଲକ୍ଷ୍ମଣ ମୂର୍ଚ୍ଛିତ ।

ଏ କଥା ଶୁଣିବା ମାତ୍ରେ ମାତା କୌଶଲ୍ୟା କୁହନ୍ତି, "ରାମକୁ କହିଦେବ, ବିନା ଲକ୍ଷ୍ମଣରେ ସେ ଯେମିତି ଅଯୋଧ୍ୟା ଭୂମିରେ ପାଦ ନରଖେ ।ବଣରେ ରହିଯିବ ।

ମାତା ସୁମିତ୍ରା କୁହନ୍ତି, "ରାମକୁ କହିବ,ଚିନ୍ତା କରିବାର କୌଣସି କାରଣ ନାହିଁ । ଏବେ ବି ଶତୃଘ୍ନ ଅଛି । ମୁଁ ତୁରନ୍ତ ତାକୁ ପଠାଉଛି । ମୋର ଦୁଇ ପୁତ୍ର "ରାମ ସେବା" ପାଇଁ ହିଁ ତ ଜନ୍ମ ହେଇଛନ୍ତି" ।

ମା' ମାନଙ୍କର ପ୍ରେମ ଦେଖି ହନୁମାନଙ୍କ ଆଖିରୁ ଅଶ୍ରୁ ଧାରା ବହି ଚାଲିଥାଏ ।

ପରନ୍ତୁ ଯେବେ ସେ ଉର୍ମିଳାଙ୍କୁ ଦେଖିଲେ,ଭାବୁ ଥାଆନ୍ତି,ଏ କେମିତି ଏତେ ପ୍ରସନ୍ନ ଚିତ୍ତରେ ଦଣ୍ଡାୟମାନ ! କ'ଣ ୟା'ଙ୍କୁ ୟା'ଙ୍କ ପତିଙ୍କ ଜୀବନର କୌଣସି ଚିନ୍ତା ନାହିଁ !

ହନୁମାନ ପଚାରନ୍ତି,"ହେ ଦେବୀ ! ଆପଣଙ୍କ ପ୍ରସନ୍ନତାର କାରଣ କଣ ? ଆପଣଙ୍କ ପତିଙ୍କ ପ୍ରାଣ ସଙ୍କଟରେ । ଆସନ୍ତା କାଲି ପ୍ରଭାତର ସୂର୍ଯ୍ୟ ଉଦୟ ହେବା ମାତ୍ରେ ଆପଣଙ୍କ କୂଳ ପ୍ରଦୀପ ଲିଭି ଯିବ ।

ଉର୍ମିଳାଙ୍କ ଉତ୍ତର ଶୁଣି ତିନି ଲୋକର କୌଣସି ପ୍ରାଣୀ ତାଙ୍କର ବନ୍ଦନା ନ କରି ରହି ପାରିବନି ।

ସେ କହିଲେ,"ମୋ କୂଳ-ପ୍ରଦୀପ କୌଣସି ସଙ୍କଟରେ ନାହିଁ । ତାହା କେବେବି ଲିଭି ଯାଇ ନପାରେ । ରହିଲା ସୂର୍ଯ୍ୟ ଉଦୟର କଥା । ଯଦି ଆପଣ ଚାହୁଁଛନ୍ତି ତ ଅଯୋଧ୍ୟାରେ କିଛି ଦିନ ବିଶ୍ରାମ କରି ନିଅନ୍ତୁ "। କାହିଁକି ନା, ଆପଣଙ୍କର ସେଠାରେ ପହଞ୍ଚିବା ବିନା ସୂର୍ଯ୍ୟ ଉଦୟ ହେଇ ପାରିବେନି । ଆପଣ କହୁଥିଲେ ନା ! ପ୍ରଭୁ ଶ୍ରୀରାମ ମୋ ପତିଙ୍କୁ ତାଙ୍କ କୋଳରେ ଧରି ବସିଛନ୍ତି ବୋଲି ! ଯିଏ ଯୋଗେଶ୍ୱର ଶ୍ରୀରାମଙ୍କ କୋଳରେ ଶୋଇଛି ;

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଳ ତାଙ୍କୁ ଛୁଇଁ ବି ପାରିବନି । ଏମିତିତ ଏ ଦୁହେଁ ଲୀଳା କରୁଛନ୍ତି ।

ମୋ ପତି ଯେବେଠୁ ବଣକୁ ଗଲେଣି ; ସେବେଠୁ ଶୋଇ ନାହାନ୍ତି । ସେ ନ ଶୋଇବା ପାଇଁ ପ୍ରତିଜ୍ଞା କରିଥିଲେ । ସେଥି ପାଇଁ କିଛି ସମୟ ବିଶ୍ରାମ ନେଇଛନ୍ତି । ଯେବେ ଭଗବାନଙ୍କ କୋଳ ମିଳିଗଲା ; ବିଶ୍ରାମ ଟିକେ ଅଧିକ ହେଇଗଲା । ସେ ଉଠି ଯିବେ । ଶକ୍ତି ମୋ ପତିଙ୍କୁ ଲାଗି ହିଁ ପାରିବନି ; ତାହା ରାମଙ୍କୁ ହିଁ ଲାଗିଛି । କାରଣ,ମୋ ପତିଙ୍କ ସମସ୍ତ ଶ୍ୱାସରେ,ହୃଦ୍_ସ୍ୱନ୍ଦରେ, ଲୋମକୂପରେ, ପ୍ରତ୍ୟକ ରକ୍ତବିନ୍ଦୁରେ 'ରାମ' । ଯେହେତୁ ତାଙ୍କ ଶରୀରରେ ଆତ୍ମାରେ "ରାମ ହିଁ ରାମ",ତେବେ ଶକ୍ତି ରାମଙ୍କୁ ହିଁ ଲାଗିଥିବ । ଯନ୍ତ୍ରଣା ରାମଙ୍କୁ ହିଁ ହେଉଥିବ ।

ତେଣୁ ହେ ହନୁମାନ ! ଆପଣ ନିଶ୍ଚିତ ହେଇ ଯାଆନ୍ତୁ । ଆପଣ ନ ପହଞ୍ଚିବା ପର୍ଯ୍ୟନ୍ତ ସୂର୍ଯ୍ୟ-ଉଦୟ ହେଇ ହିଁ ପାରିବେନି ।

ରାମ ରାଜ୍ୟର ମଜଭୁତ ସ୍ତମ୍ଭ ଜନକ ରାଜାର ଝିଅ ମାନେ ହିଁ ଥିଲେ । କେବେ 'ସୀତା' ତ କେବେ 'ଉର୍ମିଳା' କେବେ ଶୃତିକୀର୍ତ୍ତି । ଭଗବାନ ରାମ ତ କେବଳ "ରାମ-ରାଜ୍ୟ"ର କଳସ ସ୍ଥାପନା କରିଥିଲେ ।

ପରନ୍ତୁ ପ୍ରକୃତ "ରାମରାଜ୍ୟ" ତ ଏଇ ସଭିଙ୍କ ପ୍ରେମ,ତ୍ୟାଗ,ସମର୍ପଣ, ବଳିଦାନରେ ହିଁ ସ୍ଥାପିତ ହେଇଥିଲା ।

ବନ୍ଧୁ ଗଣ ! ଏଇ ତ ଆମ ହିନ୍ଦୁ ଧର୍ମର ସଂସ୍କୃତି । ଏଥିପାଇଁ ଆମେ ଗର୍ବିତ ।

ନିତ୍ୟ ରଞ୍ଜନ ନନ୍ଦ
ଡ଼ି ଏଲ ଏ-୧୨, ଭି ଏସ୍ ଏସ ନଗର, ଭୁବନେଶ୍ୱର
ମୋ- ୯୪୩୭୨୦୭୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁନଶ୍ଚ ମାଦଳାପାଞ୍ଜି



ପ୍ରମୋଦ କୁମାର ପଣ୍ଡା

**ପୁନଶ୍ଚ ମାଦଳାପାଞ୍ଜି (ସୋମବଂଶ)**

**(୧)**

**୩୭୮୩ ବର୍ଷ-ତତ୍ତ୍ୱ**



(ହ୍ୟାଲିଙ୍କ ଧୂମକେତୁ)

ମାଦଳାପାଞ୍ଜି ସୋମବଂଶୀଙ୍କ ଶାସନ ଆରମ୍ଭରେ ଲେଖୁଛନ୍ତି - ପ୍ରଥମ ପାଟ କଳି ଯୁଗକୁ ବାନ୍ଧି ଜୁଜେଷ୍ଠୀ ଦେବ ଭୋଗକଲେ ବ ୧୧୨ । ଏ ସ୍ୱଦେହ ଘେନି ସ୍ୱର୍ଗକୁ ଗଲେ । ଶେଷରେ ଲେଖୁଛନ୍ତି - ସୋମବଂସ ରାଜା ପାଟ ୧୮ରେ ଭୋଗକଲେ ବ ୩୭୮୩ ।

ଅର୍ଥାତ୍ ଯୁଧିଷ୍ଠିରଙ୍କ ଠାରୁ ଆରମ୍ଭ ହୋଇ ରାଜା ଚନ୍ଦ୍ରକର ଦେବଙ୍କ ରାଜତ୍ୱ ୩୭୮୩ ଯୁଧିଷ୍ଠିରାବ୍ଦ ପର୍ଯ୍ୟନ୍ତ ଚାଲିଥିଲା । ତାପରେ ମାଦଳାପାଞ୍ଜିରେ ପ୍ରଦତ୍ତ ରାଜା ମାନଙ୍କ ରାଜତ୍ୱର ସମୟ ମିଶାଇଲେ ତାହା ଆଜି ଦିନ ଠାରୁ ଭବିଷ୍ୟତର ଅନେକ ବର୍ଷ ପର୍ଯ୍ୟନ୍ତ ଚାଲିଯିବ, ଯାହା ଅସ୍ୱାଭାବିକ ଅଟେ । ସେଥିପାଇଁ ଏହି ପରୋକ୍ଷ ଯୁଧିଷ୍ଠିରାବ୍ଦର ସତ୍ୟାସତ୍ୟ ପ୍ରଥମେ ନିର୍ଦ୍ଧାରଣ କରିବାକୁ ହେବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଙ୍ଗାଲୁରରେ ଅବସ୍ଥିତ ଗବେଷକ ଶ୍ରୀ ରମେଶ କପୁର ତାଙ୍କ ଗବେଷଣା-ପତ୍ର "Comet tales from India" ରେ ଲେଖୁଛନ୍ତି: ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଆକାଶରେ ଦେଖା ଦେଇଥିବା ଆକସ୍ମିକ ପରିବର୍ତ୍ତନ ବିଷୟରେ ମହାଭାରତ, ଭୀଷ୍ମପର୍ବ ୧୩/୩ ରେ ଉଲ୍ଲେଖ ରହିଛି ।

**"ଧୂମକେତୁର୍ମହାଘୋରଃ ପୁଷ୍ୟଂ ଚାକ୍ରମ୍ୟଂ ତିଷ୍ଠତି । ସେନୟୋରଷିବଂ ଘୋର କରିଷ୍ୟତି ମହାଗ୍ରହଃ ॥"**

**(ପୁଷ୍ୟ ନକ୍ଷତ୍ରରେ ଭୟଙ୍କର ଧୂମକେତୁଙ୍କ ଅବସ୍ଥାନ ହୋଇଛି । ଏହା ଦୁଇ ସେନାଙ୍କ ପାଇଁ ଅମଙ୍ଗଳକାରୀ ଅଟେ ।)**

ଉପରୋକ୍ତ ଶ୍ଲୋକରେ ବର୍ଣ୍ଣିତ ଧୂମକେତୁ ନିଶ୍ଚିତ ରୂପେ ଭୀଷ୍ମପର୍ବରେ ଉଲ୍ଲେଖିତ ହ୍ୟାଲି ଧୁମକେତୁର ସମୟ ଥିଲା, ଯିଏ ପ୍ରତି ୭୫.୩୨ ବର୍ଷରେ ପୃଥିବୀର ବାୟୁ ମଣ୍ଡଳରେ ଭୟଙ୍କର ରୂପେ ପ୍ରବେଶ କରି କିଛି ସମୟ ରହିଥାଏ ।

ଉଇକିମିଡିଆର ତଥ୍ୟ ଅନୁସାରେ ଗତ ୧୯୮୬ ମସିହାରେ ଦେଖା ଦେଇଥିବା ଏହି ଧୂମକେତୁର ତାହା ୫୫୪୬ର ୧୦୦ତମ ଦୃଶ୍ୟ ଥିବା ଜ୍ୟୋତିର୍ବିଜ୍ଞାନୀ ମାନେ ଅନୁସନ୍ଧାନମୂଳକ ମତବ୍ୟକ୍ତ କରିଛନ୍ତି (୭୫.୩୨ x ୧୦୦ = ୭୫୩୨ ତଥା ୫୫୪୬ + ୧୯୮୬ = ୭୫୩୨)□ ଖ୍ରୀଷ୍ଟପୂର୍ବ ୫୫୪୬ରୁ ୩୭୮୩ ବର୍ଷ ବିୟୋଗ କଲେ ତାହା ଖ୍ରୀଷ୍ଟପୂର୍ବ ୧୭୬୩ ହେବ ।

ଆର୍ଯ୍ୟଭଟ୍ଟ, ବରାହମିହିରଙ୍କ ସୂର୍ଯ୍ୟ ସିଦ୍ଧାନ୍ତ ଓ କାଳିଦାସଙ୍କ ଜ୍ୟୋତିର୍ବିଦାଭରଣମ୍ ଖ୍ରୀଷ୍ଟପୂର୍ବ ୩ୟ ସହସ୍ରାବ୍ଦୀ ମହାଭାରତ ଯୁଦ୍ଧର ସମୟ ରୂପେ ସ୍ଥିର କରି ସାରିଥିଲେ ମଧ୍ୟ ଖ୍ରୀଷ୍ଟପୂର୍ବ ୫ମ ସହସ୍ରାବ୍ଦ ପୂର୍ବ ସମୟକୁ କାହିଁକି ନିର୍ଦ୍ଧାରଣ କରାଗଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ଜଣାପଡେ, ଶୃତି ଓ ସ୍ମୃତିରେ ଥିବା ମହାଭାରତ ଯୁଦ୍ଧ ସମୟରେ ଧୂମକେତୁର ପ୍ରବେଶ ଜନିତ କାଳ ନିର୍ଣ୍ଣୟ ମାଦଳାପାଞ୍ଜିର ଲେଖକମାନଙ୍କ ପାଇଁ ଭ୍ରମପୂର୍ଣ୍ଣ ଯୁଗ ସ୍ଥିତି ସୃଷ୍ଟି କରିଥିଲା । ସେମାନେ ସେହି ସମୟକୁ ଯୁଧିଷ୍ଠିରାବ୍ଦ ମାନି ନେଇଥିଲେ । ଏହି କାଳ ଗଣନା ଭ୍ରମାତ୍ମକ ଅଟେ । ଯଦି ମାଦଳାପାଞ୍ଜିରେ ବର୍ଣ୍ଣିତ ସୋମବଂଶୀ ରାଜାଙ୍କ ସମୟ ୩୭୮୩ ବର୍ଷ ସହ ସେଥିରେ ପ୍ରଦତ୍ତ ଅନ୍ୟ ରାଜାଙ୍କ ସମୟ ଯୋଗ କରାଯାଏ, ତାହା ଆଜିର ସମୟ ଠାରୁ ମଧ୍ୟ ଆହୁରି ଆଗକୁ ଚାଲିଯିବ, ଯାହା ଅବାସ୍ତବ ଅଟେ ।

ଖ୍ରୀଷ୍ଟପୂର୍ବ ୩ୟ ସହସ୍ରାବ୍ଦ ପୂର୍ବରୁ ମହାଭାରତର ସମୟ ଯେତେବେଳେ ବିଜ୍ଞମାନଙ୍କ ଦ୍ୱାରା ନିରୂପିତ ହୋଇଥିଲା, ସେ ସମୟରେ ସୋମବଂଶୀ-ସମୟର ମାଦଳାପାଞ୍ଜି ଦୃଶ୍ୟପଟ୍ଟଳରେ ନ ଥିଲା । ସମ୍ଭବତଃ ତାହା ଚାଲୁକ୍ୟବଂଶୀ ପୁଲୋକେଶନୀ (ଦ୍ୱିତୀୟ)ଙ୍କ ସମୟ ଥିଲା (ଐହୋଲ ଲିପି)□ ପରେ ଏହାର ଆଧୁନିକୀକରଣ ସମୟରେ ବିସ୍ମୟ ଓ ସୌଭାଗ୍ୟର ବିଷୟ ଯେ, ସେମାନେ ସେଥିରେ ପରିବର୍ତ୍ତନ ନ ଆଣି ପୁରୁଷାନୁକ୍ରମେ ସୁରକ୍ଷିତ ତଥ୍ୟକୁ ଯୋଡିଚାଲି ସଂରକ୍ଷିତ କରିଥିଲେ ।

ସମ୍ଭବତଃ ସ୍କନ୍ଦପୁରାଣ ଓ ମାଦଳାପାଞ୍ଜିଙ୍କ ରଚନା କାଳ ଓ ସ୍ଥାନ ଏକ ଅଟେ । ମାଦଳାପାଞ୍ଜିଙ୍କ ଭଳି ସ୍କନ୍ଦ ପୁରାଣ ଯୁଗଭ୍ରମରେ ଏହାକୁ କଳି ଯୁଗର ବର୍ଷ ରୂପେ ନେଇଛନ୍ତି । ସ୍କନ୍ଦପୁରାଣ ସିଦ୍ଧିପ୍ରାପ୍ତ ରାଜା ଶୁଦ୍ରକଙ୍କ ସମୟ କଳିଯୁଗର ୩୨୯୦ ବର୍ଷ ପରେ ନିର୍ଘଣ୍ଟ କରିଛନ୍ତି । ଖ୍ରୀଷ୍ଟପୂର୍ବ ୫୫୪୬ ରୁ ୩୨୯୦ ବିୟୋଗ କଲେ ତାହା ଖ୍ରୀଷ୍ଟପୂର୍ବ ୨୨୫୬ ହେବ ।

ମୃଚ୍ଛକଟିକମ୍‌ର ଲେଖକ ଗୌଡରାଜା ଶୁଦ୍ରକ ଲେଖୁଛନ୍ତି  ପ୍ରାଚୀନ ଅଶ୍ୱମେଧୀ ରାଜା ଶୁଦ୍ରକ ୧୦୦ ବର୍ଷ ୧୦ ଦିନ ଜୀବିତ ରହିଥିଲେ । ନିଶ୍ଚିତ ରୂପେ ସେ ମାଦଳାପାଞ୍ଜିରେ ଲେଖା ଯାଇଥିବା ବୀରବିକ୍ରମାଜିତ ଅଟନ୍ତି । ୩୭୮୩ ବର୍ଷ କୁ ତଥ୍ୟ ସହ ଏକାକାର କରିବା ନିମନ୍ତେ ରାଜା ବିକ୍ରମାଜିତଙ୍କ ପର୍ଯ୍ୟନ୍ତ  ଶାସିତ ବର୍ଷର ଲେଖାଯୋଖାରେ ଚତୁର ଜ୍ଞାନ-କୌଶଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟବହାର କରା ଯାଇଛି । ତାଙ୍କ ନାମରେ ୧୩୫ ବର୍ଷର ଶାସନ ସମ୍ଭବତଃ ବିକ୍ରମ ସମ୍ବତ ଓ ଭୁଲ ଶାଳିବାହାନାବ୍ଦ ମଧ୍ୟରେ ଥିବା ସମୟକୁ ତାଙ୍କ ଶାସନ ସମୟ ମନେ କରି ସେଥିରେ ଅନ୍ତର୍ଭୁକ୍ତ ମଧ୍ୟ କରା ଯାଇଛି ।

ତଳେ ତାଙ୍କ ସମୟକୁ ସ୍କନ୍ଦ ପୁରାଣରୁ ଉଦ୍ଧୃତ କରି ତଥା ଐହୋଲ ଲିପିରେ ଲିଖିତ ମହାଭାରତ ଯୁଦ୍ଧ ଓ ଯୁଧିଷ୍ଠିରାବ୍ଦର ସମୟ ଖ୍ରୀଷ୍ଟପୂର୍ବ ୩୧୭୨ କୁ ଭିତ୍ତିପୂର୍ବକ ଶ୍ରୀ ଜଗନ୍ନାଥଙ୍କ ପ୍ରତି ରହିଥିବା ଦୃଢ ବିଶ୍ୱାସରେ, ମାଦଳାପାଞ୍ଜିର ପୁନର୍ବିନ୍ୟାସ କରିବାର ଚେଷ୍ଟା କରିଛି ।

(୨)

## ପୁନର୍ବିନ୍ୟାସ

### ଯୁଧିଷ୍ଠିରଙ୍କ ଠାରୁ ଚନ୍ଦ୍ରକର ଦେବଙ୍କ ଯାଏଁ (ଖ୍ରୀଷ୍ଟପୂର୍ବ ୩୧୭୨ - ଖ୍ରୀଷ୍ଟପୂର୍ବ ୧୭୭୪)

ଆଧୁନିକ ଓଡିଶା କଳିଙ୍ଗ, ଉତ୍କଳ, ଓଡ୍ର, କୋଶଳ, ତୋଷଳ ଓ କଙ୍ଗୋଦ ଅଞ୍ଚଳକୁ ନେଇ ଭାଷାଭିତ୍ତିରେ ଗଠିତ । ଡଃ ସୁରେନ୍ଦ୍ର କୁମାର ମିଶ୍ର, ପୁରୀ ସଂସ୍କୃତ ମହାବିଦ୍ୟାଳୟର ଗବେଷକ ତାଙ୍କ ପୁସ୍ତକ ଓଡ୍ରଦେଶର ଇତିହାସରେ ଲେଖୁଛନ୍ତି - କଳିଙ୍ଗ, ଉତ୍କଳ, ଓଡ୍ର, କୋଶଳ ମହାଭାରତ ସମୟରୁ ଏକ ରାଷ୍ଟ୍ରଭୁକ୍ତ ହୋଇ ପାରି ନ ଥିଲା । ଯଦିଚ ସମୟ ସମୟରେ ଓଡ୍ର ତାର କାୟା ବିସ୍ତାର କରି ବୃହତ ଓଡ୍ର ରାଷ୍ଟ୍ର ଗଠନ କରିଥିଲା । ମାଦଳାପାଞ୍ଜିରେ ଲିଖିତ ସୋମବଂଶୀମାନଙ୍କ ଶାସନ ତାଙ୍କର ସେହି ସମ୍ଭାବନାକୁ ସମର୍ଥନ କରୁଛି । ତା ପୂର୍ବରୁ କଳିଙ୍ଗ ସମସ୍ତଙ୍କୁ କେତେବେଳେ ନିଜ ସାମର୍ଥ୍ୟରେ ଏକାଠି ରଖିଥିଲା ଅଥବା କାୟା ସଙ୍କୁଚିତ କରି ଏକାକୀ ରହିଥିଲା । କଳିଙ୍ଗ ରାଜକୁମାରୀଙ୍କୁ କୌରବ କୁମାର ଦୁର୍ଯ୍ୟୋଧନ ବିବାହ କରି ଥିବାରୁ କଳିଙ୍ଗ କୌରବଙ୍କ ପକ୍ଷରେ ରହିଥିଲା । ଓଡ୍ରୋତ୍କଳ ପାଣ୍ଡବଙ୍କ ପକ୍ଷରେ ରହି ସ୍ୱାଭାବିକ ରୂପେ ସେମାନଙ୍କ ମିତ୍ର ରାଜ୍ୟ ଥିଲା । କୋଶଳ ମଗଧ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଧୀନରେ ଥିଲା । ମଗଧ ଜରାସନ୍ଧ ବଧ ପରେ ପାଣ୍ଡବଙ୍କ ସପକ୍ଷରେ ଯୁଦ୍ଧ କରିଥିଲା । ଯୁଦ୍ଧ ଉପରାନ୍ତ ସମୟେ ଦକ୍ଷିଣରେ ସାତବାହାନଙ୍କ ଉଦୟ ଓ ହସ୍ତିନାପୁରରୁ ପାଣ୍ଡବ ମାନେ ବିସ୍ଥାପିତ ହେବା ପର୍ଯ୍ୟନ୍ତ ମୋଟ ଉପରେ ସମ୍ପୂର୍ଣ୍ଣ ଉତ୍ତର ଓ ଦକ୍ଷିଣ ପଥରେ ସୋମବଂଶୀ ପାଣ୍ଡବ ମାନେ ଶାସକ ଥିଲେ ।

୧) ପ୍ରଥମ ପାଟ କଳି ଯୁଗକୁ ବାନ୍ଧି ଜୁଜେଷ୍ଠୀ ଦେବ ଭୋଗକଲେ ବ ୧୧୨ । ଏ ସ୍ୱଦେହ ଘେନି ସ୍ୱର୍ଗକୁ ଗଲେ । - ଏହାଙ୍କ ସମୟ ଶ୍ରୀମଦ ଭାଗବତ ଓ ବିଷ୍ଣୁ ପୁରାଣ ଉଭୟେ ଯୁଧିଷ୍ଠିର ୩୬ ବର୍ଷ ଶାସନ କରିଥିବା ଲେଖୁଛନ୍ତି । କଳିଯୁଗକୁ ବାନ୍ଧି ଅର୍ଥ ଯୁଧିଷ୍ଠିରଙ୍କ ସମୟରେ କଳିଯୁଗ ଆରମ୍ଭ ହୋଇ ସାରିଥିଲା (ଖ୍ରୀଷ୍ଟପୂର୍ବ ୩୧୬୨ – ୩୧୨୬)

୨) ଏହାଙ୍କ ନାତି ପରିକ୍ଷିତ ରାଜା ଭୋଗକଲେ ବ ୭୫୭ । ଏ ରାଜାଙ୍କୁ ବ୍ରାହ୍ମଣର ଶାପେ ତକ୍ଷକ ଡଂଶିଲା । - ଏହାଙ୍କ ସମୟ ଶ୍ରୀମଦ ଭାଗବତ ୬୧ ବର୍ଷ ଓ ବିଷ୍ଣୁ ପୁରାଣ ୨୬ ବର୍ଷ ଲେଖୁଛନ୍ତି । କର୍ଣ୍ଣାଟକ ତୀର୍ଥହାଲୀରେ ମିଳିଥିବା ରାଜ ଜନ୍ମେଜୟଙ୍କ ତାମ୍ରଲିପି ଅନୁସାରେ ପରିକ୍ଷୀତଙ୍କ ଜୀବନ କାଳ ଥିଲା ୬୦ ବର୍ଷ ଓ ସେ ଶାସନ କରିଥିଲେ ୨୪ ବର୍ଷ । (ଖ୍ରୀଷ୍ଟପୂର୍ବ ୩୧୨୬ – ୩୧୦୨)

ଡଃ ସୁରେନ୍ଦ୍ର କୁମାର ମିଶ୍ର, ଓଡିଶା ସଂସ୍କୃତି ବିଶାରଦ ଙ୍କ ମତରେ ଓଡ୍ର ଓ ଉତ୍କଳ ମହାଭାରତ ସମୟରେ ଏକଶାସନାଧୀନ ତଥା ପାଣ୍ଡବଙ୍କ ସପକ୍ଷରେ ଯୁଦ୍ଧ କରିଥିଲେ । ତାମ୍ରଲିପ୍ତ ଓ କୋଶଳ ମଧ୍ୟ ପାଣ୍ଡବଙ୍କ ସହ ଥିଲେ । ଓଡ୍ର ଓ ଉତ୍କଳ ସହ କୋଶଳ ଓ ତାମ୍ରଲିପ୍ତ ଏକ ସଂଘୀୟ ବ୍ୟବସ୍ଥାରେ ରହିଥିବା ସମ୍ଭାବନା ଯଥେଷ୍ଟ ଅଧିକ ।

ସେହି ସଂଘୀୟ ବ୍ୟବସ୍ଥାର ଶାସକ ଥିଲେ ନାଗବଂଶୀ କୀଚକ, ମତ୍ସ୍ୟଦେଶ ମହାରାଣୀ ସୁଦେଷ୍ଣାଙ୍କ ଭ୍ରାତା । ଓଡ୍ରର ବିରାଟ ଗଡ [ସଂପ୍ରତି ଜଳେଶ୍ୱରର ରାଇବଣିଆ, ଅଥବା ଖିଚିଂ (ରାଜସ୍ୱ ଗ୍ରାମ – ଖଣ୍ଡିଆଦର) ସନ୍ନିକଟ] ସମ୍ବନ୍ଧରେ ପ୍ରଚଳିତ କିମ୍ବଦନ୍ତୀ ସେହି ସଂଘୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବ୍ୟବସ୍ଥାର ରାଜଧାନୀ ଥିବା ପ୍ରତୀତ ହୁଏ । କିମ୍ବଦନ୍ତୀ ଅନୁସାରେ ତାହା ବୀର ଅଭିମନ୍ୟୁଙ୍କ ସ୍ତ୍ରୀ ଉତ୍ତରାଙ୍କ ମାତୁଳ ନାଗବଂଶୀ କୀଚକଙ୍କ ରାଜଧାନୀ ଥିଲା । ତାଙ୍କ ନିୟନ୍ତ୍ରଣରେ ଥିବା ଓଡ୍ର ତଥା ନାଗ ଯୋଦ୍ଧାମାନେ ପରମ ପରାକ୍ରମୀ ଥିଲେ । ତେଣୁ କୀଚକଙ୍କ ବାହୁ ତଳେ ମତ୍ସ୍ୟଦେଶର ରାଜା ବିରାଟଙ୍କ ଶାସନ ଚାଲିଥିଲା ।

ପାଣ୍ଡବଙ୍କ ଅଜ୍ଞାତବାସ, ଖୁବ ସମ୍ଭବ ସେମାନଙ୍କ ଅଗୋଚରରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ପରିଚାଳିତ ଏକ ସୁଚିନ୍ତିତ ଯୋଜନା ଥିଲା । ବିରାଟ ରାଜାଙ୍କ ପ୍ରାସାଦରେ ସେମାନଙ୍କର ଛଦ୍ମବେଶରେ ରହିବା, ଶାଳକ କୀଚକଙ୍କ ସୈରିନ୍ଧ୍ରୀ (ଦ୍ରୌପଦୀ) ଙ୍କ ପ୍ରତି ଆକୃଷ୍ଟ ହେବା, ଭୀମଙ୍କର କୀଚକ ବଦ୍ଧ, ଉତ୍ତରାଙ୍କ ଅଭିମନ୍ୟୁଙ୍କ ସହ ବିବାହ ଏହି ଯୋଜନାର ଅଙ୍ଗ ଥିଲା । ଏହା ଦ୍ୱାରା ଓଡ୍ର ରାଷ୍ଟ୍ରମଣ୍ଡଳର ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣକୁ ଆଣି ସେହି ପରାକ୍ରମୀ ଜାତିକୁ ପାଣ୍ଡବମାନଙ୍କ ନିୟନ୍ତ୍ରଣରେ ଆଣିବା ଲକ୍ଷ୍ୟ ଥିଲା । ସେଥିରେ ସେ ସଫଳ ହୋଇଥିଲେ । ଯୁଦ୍ଧରେ ରାଜା ବିରାଟ ଓ ଯୁବରାଜା ଉତ୍ତରଙ୍କ ମୃତ୍ୟୁ ମତ୍ସ୍ୟଦେଶ ଓ ତା ସହ ଓଡ୍ର ରାଷ୍ଟ୍ର ମଣ୍ଡଳକୁ ପାଣ୍ଡବଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲା ।

ପରାକ୍ରମୀ ପାଣ୍ଡବ ମାନଙ୍କର ବାନପ୍ରସ୍ଥ ପରେ ଓଡ୍ର ସୈନିକଙ୍କ ମାନଙ୍କ ମଧ୍ୟରେ ବିଦ୍ରୋହର ସୂତ୍ରପାତ ହେଲା । ମହାଭାରତ ଯୁଦ୍ଧ ପରେ ନାଗବଂଶୀ ଓଡ୍ରଯୋଦ୍ଧା ମାନଙ୍କ ବିଦ୍ରୋହର ଦମନ ରାଜା ପରିକ୍ଷୀତଙ୍କ ଦ୍ୱାରା କରା ଯାଇଥିଲା । ଓଡ୍ର ଯୋଦ୍ଧାମାନଙ୍କ ମଧ୍ୟରେ ଥିବା ଅସହିଷ୍ଣୁ ତକ୍ଷକବଂଶୀ ନାଗମାନେ ଛଳରେ ବିଦ୍ରୋହ ଦମନ କରିଥିବା ରାଜା ପରିକ୍ଷୀତଙ୍କ ହତ୍ୟା କଲେ । ପୁରାଣରେ ସେହି ଘଟଣାକୁ ତକ୍ଷକ-ଦଂଶନର ଆଖ୍ୟା ଦିଆଯାଇ ବର୍ଣ୍ଣନା କରା ଯାଇଛି ।

୩) ଏହାଙ୍କ ପୁଅ ଜନ୍ମେଜୟ ଭୋଗକଲେ ବ ୫୮୨ । ଏ ରାଜା ବାପାଙ୍କ ଛଳେ ସର୍ପଯଜ୍ଞ କଲେ । - ଏହାଙ୍କ ସମୟ ଶ୍ରୀମଦ ଭାଗବତ ୧୦୦ ବର୍ଷ ଓ ବିଷ୍ଣୁ ପୁରାଣେ ୫୦ ବର୍ଷ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲେଖୁଛନ୍ତି । "ତକ୍ଷକର ବହୁତ ବଂଶ ନାଶ କଲେ" ବାକ୍ୟ ନିମ୍ନ ମତେ ବିଶ୍ଳେଷଣ କରା ଯାଇପାରେ ।

ଐତିହାସିକ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ପୁସ୍ତକ 'କିମ୍ବଦନ୍ତୀ ଓ ଇତିହାସ' ରେ ଜନ୍ମେଜୟଙ୍କ ବିରୂପା ନଦୀକୂଳର ସର୍ପଯଜ୍ଞ ଜନଶ୍ରୁତି ର ଉଲ୍ଲେଖ ରହିଛି । ନିଶ୍ଚିତ ରୂପେ ଏହା ତତ୍କାଳୀନ ଓଡ୍ର ତକ୍ଷକ ନାଗବଂଶୀ ରାଜା କୀଚକଙ୍କ ବଂଶଜ ଓ ଜନ୍ମେଜୟଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ପ୍ରତୀକ ଅଟେ ।

ଓଡିଶା ରାଜ୍ୟ ସଂଗ୍ରହାଳୟ ରେ ଥିବା ରାଜା ଜନ୍ମେଜୟଙ୍କ ଖ୍ରୀଷ୍ଟପୂର୍ବ ୩୦୦୦ ବର୍ଷ ତଳର ତାମ୍ରଲିପି ଏହି ଜନଶ୍ରୁତିକୁ ପୁଷ୍ଟି କରେ । ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ସ୍ୱର୍ଗତ ପ୍ୟାରୀ ମୋହନ ଆଚାର୍ଯ୍ୟ ତାଙ୍କ ପୁସ୍ତକ ଓଡିଶାର ଇତିହାସ (୧୮୭୯) ରେ ଲେଖିଛନ୍ତି – ପ୍ରବାଦଘଟିତ ଜନ୍ମେଜୟ ଓ ତାମ୍ରପତ୍ରରେ ଲିଖିତ ଜନ୍ମେଜୟ ଏକ ଅଟନ୍ତି । ଏଥିରୁ ତତ୍କାଳୀନ ଓଡ୍ରୋତ୍କଳରେ ଜନ୍ମେଜୟଙ୍କ ସୋମବଂଶ-ଶାସନ ଥିବା ବିଷୟ ଅନୁମିତ ହୁଏ ।

ପିତୃହତ୍ୟାର ପ୍ରତିଶୋଧ ଓ ନାଗବଂଶୀମାନଙ୍କ ଓଡ୍ର ଓ ଉତ୍କଳ ପ୍ରବେଶକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଓଡ୍ରର ବିରୂପା ନଦୀକୂଳ ଡାଳଯୋଡାର ଅଗ୍ରହଟ ଗ୍ରାମ ନିକଟରେ ପରିକ୍ଷୀତଙ୍କ ପୁତ୍ର ଜନ୍ମେଜୟ ନାଗବଂଶୀଙ୍କ ସହ ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ଜନ୍ମେଜୟ ବିଜୟ ଲାଭ କରିଥିଲେ । ପିତୃହତ୍ୟାର ପ୍ରତିଶୋଧ ସ୍ୱରୂପ ସର୍ପଯଜ୍ଞରେ ନାଗବଂଶୀମାନଙ୍କ ଆହୂତି ଦିଆ ଯାଇଥିଲା ।

ସମ୍ପୂର୍ଣ୍ଣ ଭାରତରେ କେବଳ ବିରଜା କ୍ଷେତ୍ର ଯାଜପୁରରେ ଋଗବେଦ କାଳୀନ ସୋମବଂଶୀ ରାଜା ନହୁଷଙ୍କ ସ୍ତ୍ରୀ ତଥା ପିତୃକନ୍ୟା ମା ବିରଜା ଙ୍କ ଏକମାତ୍ର ମନ୍ଦିର ରହିଥିବା ଉପୋରକ୍ତ ସିଦ୍ଧାନ୍ତକୁ ପୁଷ୍ଟି କରେ ଯେ ପ୍ରାଚୀନ ସୋମବଂଶୀଙ୍କ ରାଜଧାନୀ ବୈତରଣୀ ନଦୀ ତଟରେ ଥିଲା । ଯୁଦ୍ଧରେ ନାଗବଂଶୀ ମାନଙ୍କୁ ପରାଜିତ କରି ବିରାଟଗଡର ସେମାନଙ୍କ ସ୍ମୃତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବିଲୋପନ ନିମନ୍ତେ ସୋମବଂଶର ପୁରାତନ ସ୍ଥାନ ବିରଜାସ୍ଥଳରେ ରାଜା ଜନ୍ମେଜୟ ଓଡ୍ର ନୂତନ ରାଜଧାନୀ ସ୍ଥାପନ କରି କନିଷ୍ଠ ପୁତ୍ର ସଙ୍କରଦେବଙ୍କୁ ଅବସ୍ଥାପିତ କରିଥିଲେ । ଓଡ୍ର, ଉତ୍କଳ ପାଇଁ ଏହା ଏକ ଐତିହାସିକ କ୍ଷନ ଥିଲା ।

୪) ଏହାଙ୍କ ପୁଅ ସଙ୍କର ଦେବ ଭୋଗ କଲେ ବ ୪୮୦ ।

ବିଷ୍ଣୁପୁରାଣ ଅନୁଯାୟୀ ଜନ୍ମେଜୟଙ୍କ ପୁତ୍ର ଶତାନିକ ଅଟନ୍ତି । ମାଦଳାପାଞ୍ଜିଙ୍କ ଅନୁସାରେ ପ୍ରତୀତ ହୁଏ, ଜନ୍ମେଜୟଙ୍କ ଶତାନିକ ଓ ସଙ୍କର ଦେବ ଦୁଇଜଣ ପୁତ୍ର ଥିଲେ ।

ପୁରାଣ ଓ ଜୈନ ସାହିତ୍ୟରେ କଳିଙ୍ଗ, ଉତ୍କଳ ଓ ଓଡ୍ର ରାଜା ମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ନୀରବ ରହିବାର ଅନେକ କାରଣ ମଧ୍ୟରୁ ଉଦୟାଦ୍ରୀର ନେମିନାଥଙ୍କ ଶିଷ୍ୟମାନଙ୍କ ସହ ତାଙ୍କର ସମ୍ବନ୍ଧ ଭଲ ନଥିବା ଗୋଟିଏ କାରଣ ହୋଇପାରେ । ପାଣ୍ଡବବଂଶୀ ବତ୍ସ ଜନପଦର ସହସ୍ରାନିକଙ୍କ ପତ୍ନୀ ମୃଗାବତୀଙ୍କ ଉଦୟଗିରିରେ ପୁତ୍ର ଉଦୟନକୁ ଜନ୍ମ ଦେବା ଉଲ୍ଲେଖ ରହିଛି । ଅଥଚ ବିରଜାକ୍ଷେତ୍ରର ପାଣ୍ଡବ ଶାସକ ମାନଙ୍କ ବିଷୟ ଜୈନ ସାହିତ୍ୟରେ ମଧ୍ୟ ନାହିଁ ।

୫) ଏହାଙ୍କ ପୁଅ ଗଉତମଦେବ ଭୋଗକଲେ ବ ୫୭୩ । ଏ ରାଜା ଗୋଦାବରୀ ତୀର୍ଥ କଲେ ।

ଜନ୍ମେଜୟ ଙ୍କ ସର୍ପଯଜ୍ଞ (ନାଗବଂଶ ବିଲୋପନ) ର ପ୍ରଭାବ ସୁଦୂରପ୍ରସାରୀ ଥିଲା । ଅସ୍ମାକ ତଥା ମତ୍ସ୍ୟ ଜନପଦର ମିଶ୍ରଣସ୍ଥଳ ପାଣ୍ଡବ ମାନଙ୍କ ଅଧୀନରେ ଥିଲା । ଗୌତମ ଦେବଙ୍କ ରାଜ୍ୟାଭିଷେକ ପରେ ଗୋଦାବରୀ ନଦୀର ଉଦ୍ଗମସ୍ଥଳ ନାସିକର ତ୍ରୈମ୍ବକେଶ୍ୱର ଠାରେ ମନ୍ଦିର ନିର୍ମାଣ ସହ ଅର୍ଦ୍ଧକୁମ୍ଭ ମେଳାର ଆୟୋଜନ କଲେ । ଆଜିକାଲି ତାହା ଗୋଦାବରୀ ପୁଷ୍କର ମେଳା ନାମରେ ଖ୍ୟାତ ।

ସେହି ସମୟରେ ହସ୍ତିନାପୁର ଗଙ୍ଗାନଦୀର ବନ୍ୟାରେ ପ୍ରଭାବିତ ହୋଇ ଶତାନିକଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁତ୍ର ଅଶ୍ୱମେଧବୃତ୍ତ ପୁତ୍ରମାନଙ୍କ ସହ କିଛି ସମୟ ବସ୍ର ରାଜ୍ୟରେ ବ୍ୟତୀତ କରି ପାଣ୍ଡବ ମାନଙ୍କ ଦ୍ୱାରା ନିର୍ମିତ ସେମାନଙ୍କ ପ୍ରାଚୀନ ରାଜଧାନୀ ଇନ୍ଦ୍ରପ୍ରସ୍ଥକୁ ଯାଇଥିବା ସେଠାରେ ଶାସନ କରୁଥିବା ଜଣା ପଡିଛି । ଶ୍ରୀମଦ୍ ଭାଗବତ ପୁରାଣର ଦ୍ୱାଦଶ ସ୍କନ୍ଦ, ପ୍ରଥମ ଅଧ୍ୟାୟରେ ଅଶ୍ୱମେଧବୃତ୍ତ ଙ୍କ ପୁତ୍ର ରଜକଞ୍ଜ ଠାରୁ ବର୍ଣ୍ଣନା ଆଛି ।

ସମ୍ଭବତଃ, ସେହି ସମୟରେ ଜୈନ ସାହିତ୍ୟ ମୃଗାବତୀ ଚରିତ ଅନୁସାରେ ସହସ୍ରାନିକଙ୍କ ପୁତ୍ର ଉଦୟନଙ୍କ ଜନ୍ମ ଉଦୟଗିରିରେ ହୋଇଥିଲା

୬) ଏହାଙ୍କ ପୁଅ ମହୀନ୍ଦ୍ରଦେବ ଭୋଗ କଲେ ବ ୨୧୫ । ଏ ରାଜା ରାଜମହୀନ୍ଦ୍ର ଗଡ ବନ୍ଧାଇଲେ ।

ରାଜମହୀନ୍ଦ୍ର ଗଡ କେଉଁ ରାଜ ବନ୍ଧାଇଛନ୍ତି, ତା'ର ଇତିହାସ ଭାରତର ଅନ୍ୟ କୌଣସି ଇତିହାସ କିମ୍ବା ସାହିତ୍ୟରେ ଲେଖା ଯାଇନାହିଁ । ଯଦ୍ୟପି ଦୁର୍ଯ୍ୟୋଧନ କଳିଙ୍ଗର ରାଜକୁମାରୀଙ୍କୁ ବିବାହ କରିଥିଲେ ଓ ମହାଭାରତ ଯୁଦ୍ଧରେ ସେମାନେ କୌରବଙ୍କ ପକ୍ଷରେ ଥିଲେ, ଯୁଦ୍ଧ ପରେ ଉତ୍ତର ଦକ୍ଷିଣରେ ଥିବା କଳିଙ୍ଗ ପାଣ୍ଡବ ମାନଙ୍କ ଅଧୀନକୁ ଆସି ଯାଇଥିଲା ।

ଏ କନିଂଗହୋମଙ୍କ ବିଚାରରେ ମହୀନ୍ଦ୍ରଦେବ ଜଣେ ଈକ୍ଷ୍ୟାକୁ ବଂଶୀ ସାତବାହନ ରାଜା ଥିବା ଉକ୍ତି ଏହି ସମୟରେଖା ସପକ୍ଷରେ ଯାଉନାହିଁ । ସାତବାହାନ ମାନଙ୍କ ଉଦୟ ଆନ୍ଧ୍ରଭୃତ୍ୟ ରୂପେ ଖ୍ରୀଷ୍ଟପୂର୍ବ ୨୪୦୦ ମସିହା ଆଖପାଖରେ ଅସ୍ମାକ ଜନପଦରେ ହୋଇଥିଲା । ତେଣୁ ତାଙ୍କର ସୋମବଂଶୀ ହେବା ସମ୍ଭାବନା ଅଧିକ ।

୭) ଏହାଙ୍କ ପୁଅ ସସୋକ ଦେବ ଭୋଗ କଲେ ବ ୧୫୦ ।

ସ୍କନ୍ଦ ପୁରାଣରୁ ରାଜା ବିକ୍ରମାଦିତ୍ୟଙ୍କ ସମୟକୁ ଆକଳନ କରି ରାଜା ଜନ୍ମେଜୟଙ୍କ ଠାରୁ ସଶୋକଦେବଙ୍କ ଯାଏଁ (୩ ରୁ ୭) ମୋଟ ରାଜତ୍ୱ ସମୟ ୫୯୪ ବର୍ଷ (ଖ୍ରୀଷ୍ଟପୂର୍ବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୩୦୬୭ – ୨୫୦୮) କରାଯିବାର କାରଣ ସେମାନଙ୍କ ସମ୍ବନ୍ଧରେ କିଛି ସଠିକ ତଥ୍ୟ କୌଣସି ସାହିତ୍ୟ ଅଥବା ପୁରାଣରେ ଉଲ୍ଲେଖ ମିଳି ନ ଥିବା ଅଟେ ।

୮) ଏହାଙ୍କ ପୁଅ ସରସଂଖଦେବ ଭୋଗକଲେ ବ ୧୨୫ । ଏ ରାଜା ସରସଂଖିଆ ପୋଖରୀ ଖୋଳାଇଲେ । ପଶ୍ଚିମବଙ୍ଗର ଖଡଗପୁର ନିକଟବର୍ତ୍ତୀ ଦତନ-୧ ସହରରେ ଥିବା ସରଶଂଖ ପୋଖରୀ ସରଶଙ୍ଖ ଦେବ ଖୋଳାଇଥିଲେ ବୋଲି ଜନଶ୍ରୁତି ରହିଛି । ଖୋଳାଇବା ସମୟରେ ଏହା ନିଶ୍ଚିତ ରୂପେ ସ୍ଥାନୀୟ ସ୍ଥଳଭାଗର ମଧ୍ୟସ୍ଥ ଅଂଶ ଥିବା ସମ୍ଭବନା ଅଧିକ । ଜଳାଶୟ ଖୋଳାଇଲା ବେଳେ ସଂପୃକ୍ତ ଅଂଶର କେତେ ଭାଗ ଲୋକେ ତା ଦ୍ୱାରା ଉପକୃତ ହେବେ ତା ପ୍ରତି ଧ୍ୟାନ ରଖା ଯାଇଥିବ ।

ପୁରାତନ ତାମ୍ରଲିପ୍ତ ମଧ୍ୟ ଓଡ୍ର ଓ ଉତ୍କଳର ରାଷ୍ଟ୍ର ମଣ୍ଡଳରେ ମୂଳରୁ ରହିଥିଲା । ଖ୍ରୀଷ୍ଟପୂର୍ବ ୩୧୨୬, ଶ୍ରୀକୃଷ୍ଣଙ୍କ ଦେହାନ୍ତ ସମୟରେ ସୁମାତ୍ରାରେ ଆସିଥିବା ସମୁଦ୍ର ଗର୍ଭସ୍ଥ ଭୂମିକମ୍ପ ଓ ତଦ୍‌ଜନିତ ସୁନାମୀରେ ମୂଳ ତାମ୍ରଲିପ୍ତ ବହୁମାତ୍ରାରେ ସମୁଦ୍ର ଗର୍ଭସ୍ଥ ହୋଇ ରହିଥିବା ସମ୍ଭାବନା ଅଛି ।

ଐତିହାସିକମାନେ ତାଙ୍କୁ ଗୌଡର ଶଶାଙ୍କ ଦେବ ରୂପେ ଯଦିଓ ଚିହ୍ନିତ କରୁଛନ୍ତି (ୱିକି), ବେଦବୀର ଆର୍ଯ୍ୟ ଗଞ୍ଜାମ ତାମ୍ରଲେଖ ଅନୁଯାୟୀ ଗୌଡ ଶଶାଙ୍କ ଙ୍କ ସମୟ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ରୂପେ ନିର୍ଦ୍ଧାରିତ କରୁଛନ୍ତି । ନିଃସନ୍ଦେହ ସରସଂଖଦେବ ଜନ୍ମେଜୟଙ୍କ ବଂଶଜ ଅଟନ୍ତି ।

୯) ଏହାଙ୍କ ପୁଅ ଭୋଜଦେବ ଭୋଗକଲେ ବ ୧୨୭ । ଏ ରାଜା ଉପାଏ ଚକ୍ରବର୍ତ୍ତୀ ମହାନାଟକ ଶ୍ଳୋକ କଲେ । ଗଛ କଟାଇ ନଈରେ ନାବ ଭିଆଇଲେ (ଖ୍ରୀଷ୍ଟପୂର୍ବ ୨୪୧୪ – ୨୨୮୭) – ପ୍ରାଚୀନ ରାଜା ଭୋଜ ଋଗବେଦ ସମୟର ଅଟନ୍ତି ।

ମହାଭାରତ ପରେ କେବଳ ଜଣେ ରାଜା ଭୋଜଙ୍କ ସମ୍ବନ୍ଧରେ ସମସ୍ତେ ଅବଗତ । ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରମାର ବଂଶୀୟ ଓ ଜଣେ ପ୍ରସିଦ୍ଧ ନାଟ୍ୟକାର ଥିଲେ । ତାଙ୍କ ସମୟ ପରମାର ରାଜାମାନଙ୍କ ତାମ୍ରଲେଖ ଅନୁସାରେ ବିକ୍ରମାବ୍ଦ ୧୦୫୭ -୧୧୧୩ ଅଟେ । ନାଗପୁରର ତାଙ୍କର ନାତି ଲକ୍ଷ୍ମଣ ଦେବଙ୍କ ଶିଳାଲେଖକୁ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଉଲ୍ଲେଖ କରୁଛନ୍ତି - "ଦେବୋଽସୌ ପୁରୁଷୋତମଃ ସ ଭଗବାନାଶିଶ୍ରୟେ ୟଃ ଶ୍ରିୟା" ଅର୍ଥାତ ମହୋଦଧୀ ତଟରେ ପୁରୁଶୋତ୍ତମ ଓ ମହାଲକ୍ଷ୍ମୀ ଙ୍କ ନିବାସ ଅଟେ । ତେଣୁ ସେ ଏହି ସମୟରେଖାରେ ଆସିବେ ନାହିଁ ।

ବହୁତ ସମ୍ଭବ ତାଙ୍କ ସମୟରେ ବିରଜାକ୍ଷେତ୍ରରୁ ରାଜଧାନୀ ଉଠେଇ ଆଣିବା ମସୁଧାରେ ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ମହତ୍ତ୍ୱ ବୃଦ୍ଧି କରିଥିଲେ । ଛାୟା ଗ୍ରହ କେତୁଙ୍କ ନାମରେ ନାମିତ ପୁରୁଷୋତ୍ତମଙ୍କ କାଷ୍ଠ ପ୍ରତିମା କେତୁଭଦ୍ରଙ୍କ ନିର୍ମାଣ ସେ କରାଇ ଥିଲେ । କେତୁ ଗ୍ରହ ଅସ୍ୱାଭାବିକ ଗ୍ରହଣ ମାନଙ୍କରୁ ସୁରକ୍ଷା ଦେଇଥାଆନ୍ତି । ସେଥିନିମନ୍ତେ, କେତୁଭଦ୍ର, ପୁରୁଷୋତ୍ତମ ଜଗନ୍ନାଥଙ୍କ ଅନ୍ୟତମ ନାମ ଅଟେ । ସେ ବଳଭଦ୍ରଙ୍କ ରଥର ଧ୍ୱଜାବାହକ ଅଟନ୍ତି ।

ହାତୀଗୁମ୍ଫା ରେ ଖୋଦିତ ଶିଳାଲିପି ଅନୁସାରେ, ସମ୍ରାଟ ଖାରବେଳ ତାଙ୍କ ୧୧ ବର୍ଷର ରାଜତ୍ୱ କାଳ ରେ କେତୁଭଦ୍ରଙ୍କ ନିମ୍ବ-କାଷ୍ଠ ପ୍ରତିମା ପ୍ରତିଷ୍ଠାର ୧୩୦୦ ବର୍ଷ ପରେ ତାଙ୍କ ଶୋଭାଯାତ୍ରା (ରଥଯାତ୍ରା) ର ନେତୃତ୍ୱ ନେଇଥିଲେ । The Chronology of India, Part -2 ଅନୁସାରେ, ସମ୍ରାଟ ଖାରବେଳଙ୍କ ସମୟ ଖ୍ରୀଷ୍ଟପୂର୍ବ ୧୦୩୧ ଅଟେ । ସେହି ଅନୁସାରେ ତିକ୍ତକାଷ୍ଠ (ନିମ୍ବକାଷ୍ଠ) ନିର୍ମାଣର ସମୟ ଖ୍ରୀଷ୍ଟପୂର୍ବ ୨୩୨୧ ହେବ ।

“ପୃଥୁଦକ ଦଲଭ” ର “ଦଲଭ” ପଦର ଭୁଲ ପଠନ “ଦର୍ଭ” ରୂପେ ହୋଇଥିବା ସ୍ୱର୍ଗତ କେ ପି ଜୟସ୍ୱାଲ ମହୋଦୟ ତାଙ୍କ ଦ୍ୱିତୀୟ ହାତୀଗୁମ୍ଫା ପରିଦର୍ଶନ ପରେ ସ୍ୱୀକାର କରିଛନ୍ତି । (JOBORS -1918 pp. 38)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୦) ସେ ବୀରବିକ୍ରମାଜିତ ଭୋଗକଲେ ବ ୧୩୫ ରସ । ଏ ରାଜାଙ୍କୁ ଅଷ୍ଟବେତାଳ ସାହା ହୋଇଥାନ୍ତି । ସତେ ଯୋଜନ ନିତ୍ୟାନି ବୁଲନ୍ତି (ଖ୍ରୀଷ୍ଟପୂର୍ବ ୨୨୫୬ – ୨୧୫୬)

ବିକ୍ରମାଜିତ ବୃହଦ୍‌କଥାମଞ୍ଜରୀ ଓ କଥାସରିତସାଗର ଅନୁସାରେ ଅବନ୍ତୀ ଓ ଶୋଭାବତୀ (ବିଦିଶା) ରାଜ୍ୟ ବ୍ରାହ୍ମଣ ରାଜା ଶୁଦ୍ରକ ଅସ୍ମାକ ଜନପଦର ମହେନ୍ଦ୍ରାଦିତ୍ୟ ଓ ସୌମ୍ୟଦର୍ଶନା ଙ୍କ ପୁତ୍ର ଥିଲେ । ଏହାଙ୍କ ଉପାଧି ବିକ୍ରମାଦିତ୍ୟ ଥିଲା ।

ଶୁଦ୍ରକଙ୍କ ସମୟ ସ୍କନ୍ଦ ପୁରାଣ ଚାଣକ୍ୟ ଓ ନନ୍ଦବଂଶ ପୂର୍ବରୁ ସ୍ଥିର କରିଛନ୍ତି । ସ୍କନ୍ଦ ପୁରାଣ, ମାହେଶ୍ୱର ଭାଗ, କୁମାରିକା ଖଣ୍ଡ, ୪୦ – ୨୪୯/୨୫୦ କହୁଛନ୍ତି - (ତ୍ରିଷୁ ବର୍ଷସହସ୍ରେଷୁ କଲେର୍ଯ୍ାତେଷୁ ପାର୍ଥିବଃ । ତ୍ରିଶତେଷୁ ଦଶନ୍ୟୂନେଷ୍ୱସ୍ୟାଂ ଭୁବି ଭବିଷ୍ୟତି । ଶୁଦ୍ରକୋ ନାମ ବୀରାଣାମଧିପଃ ସିଧିମନ୍ତ୍ର ସଃ ।) ୩୨୯୦ ବର୍ଷ ଅତିକ୍ରମ ପରେ ଶୁଦ୍ରକ ନାମରେ ସିଦ୍ଧିପ୍ରାପ୍ତ ବୀର ଏହି ଭୂମଣ୍ଡଳରେ ଜନ୍ମ ନେବେ । ସ୍କନ୍ଦପୁରାଣ ଅନୁଯାୟୀ ତାଙ୍କ ସମୟ ଖ୍ରୀ.ପୂ ୨୨୫୬ ସମ୍ଭବ ।

ମୃଚ୍ଛକଟିକମ୍ ର ରଚୟିତା ଗୌଡରାଜା ଶୁଦ୍ରକ ତାଙ୍କ କାବ୍ୟରେ ଜଣେ ପ୍ରାଚୀନ ଅଶ୍ୱମେଧୀ ରାଜା ଶୁଦ୍ରକ ଙ୍କ ବିଷୟରେ ଲେଖିଛନ୍ତି, ଯିଏ ୧୦୦ ବର୍ଷ ୧୦ ଦିନ ଜୀବନ ଧାରଣ କରିଥିଲେ ।

ଗଜପତି ଭଳି ଅଶ୍ୱମେଧୀ ଏକ ଉପାଧି ଅଟେ । ଉଚ୍ଚୈଶ୍ରବା ନାମକୁ ସାର୍ଥକ କରୁଥିବା ଅଶ୍ୱ ଋଗବେଦ ସମୟରେ ଥିଲେ ଯାହାର ଉଲ୍ଲେଖ ସମ୍ଭବତଃ ଭଗବଦ୍ ଗୀତା ୧୦.୨୭ ଶ୍ଳୋକରେ କରୁଛନ୍ତି - ଅଶ୍ୱମାନଙ୍କ ମଧ୍ୟରେ ମୁଁ ଉଚ୍ଚୈଶ୍ରବା ଅଟେ । ଏକ ନିର୍ଦ୍ଧିଷ୍ଟ ପ୍ରଜାତିର ଅଶ୍ୱଙ୍କୁ ବଶୀଭୂତ କରି ତାଙ୍କୁ ସ୍ୱକୀୟ ସାଧନା ଦ୍ୱାରା ଦୌଡେଇ ନେବା ଭଳି ଭାବର ବର୍ଣ୍ଣନା କରା ଯାଇଥିଲା । ତେଣୁ ସାଧାରଣ ଜନଙ୍କ ଦୃଷ୍ଟିରେ ଏହା କୌଣସି ଅସମ୍ଭବ ସାଧନା ଠାରୁ ଊଣା ନଥିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୨୦୨୧ ମସିହାରେ ଗୁଗୁଲ୍‌ରେ ମୋଟର-କାର ଦ୍ୱାରା ଦେଖାଉଥିବା ବିଦିଶାରୁ ପୁରୁଷୋତ୍ତମ ୧୨୪୦ କିମି ରାସ୍ତାର ଦୂରତା ଶୁଦ୍ରକ-ବିକ୍ରମାଦିତ୍ୟଙ୍କ ସିଧା ବଣ ପାହାଡ ମଧ୍ୟରେ ଆସି ଗୋଟିଏ ଦିନରେ ପୁରୁଷୋତ୍ତମରେ ପହଞ୍ଚିବା ଘଟଣାକୁ ମଧ୍ୟ ମାଦଳାପାଞ୍ଜି "ସତେ ଯୋଜନ ନିତ୍ୟାନି ବୁଲନ୍ତି" ଲେଖି ଥାଇ ପାରନ୍ତି । ଏହାଦ୍ୱାରା ତାଙ୍କ ଅଶ୍ୱମାନଙ୍କୁ ବଶୀଭୂତ କରିବା ଶୌର୍ଯ୍ୟକୁ ଲେଖକ ପଞ୍ଜିକୃତ କରିଛନ୍ତି । ଋଗବେଦ ତଥା ପରବର୍ତ୍ତୀ ରାମାୟଣ ସମୟରେ ସଙ୍କାପିତ ବିଭିନ୍ନ ଦୂରତା ପରିମାପକ ଯଥା ଅହନ୍ୟ, ଆଶ୍ୱୀନ ଓ ଯୋଜନଙ୍କ ମଧ୍ୟରେ ଯୋଜନର ମାପ ସବୁଠାରୁ ଊଣା ଅଟେ । ବିଭିନ୍ନ ସାହିତ୍ୟରେ ଯୋଜନକୁ ଭିନ୍ନ ଭିନ୍ନ ପରିମାପକରେ ଗ୍ରହଣ କରା ଯାଇଛି । କିନ୍ତୁ ମାଦଳାପାଞ୍ଜିରେ ଏହା ଆର୍ଯ୍ୟଭଟ୍ଟ, ପାଣିନୀ ଦେଇଥିବା ପରିମାପକ "ଗୋଟିଏ ଯୋଜନ ୧୨.୯୦ ମିଟର" ଠାରୁ ଯଥେଷ୍ଟ ଅଧିକ ଅଟେ । ସମ୍ଭବତଃ "ସତେ" ଏଠାରେ  ଅନେକ ଶତ ଅଥବା ସହସ୍ର କୁ ପ୍ରତିନିଧିତ୍ୱ କରୁଛି ।

ଏହା ନିଶ୍ଚିତ ରୂପେ ପ୍ରମାଣିତ କରୁଛି ଯେ ମାଦଳାପାଞ୍ଜିର ଅଷ୍ଟବେତାଳ ସାଧକ ବିକ୍ରମାଜିତ, ବେତାଳ ପଞ୍ଚବିଂଶତି' ର ବିକ୍ରମାଜିତ ଓ ଅଶ୍ୱମେଧୀ ତଥା ଅଷ୍ଟବେତାଳ ସାଧକ ଶୁଦ୍ରକ-ବିକ୍ରମାଦିତ୍ୟ ଏକ ଅଟନ୍ତି, ଯାହାଙ୍କ ବର୍ଣ୍ଣନା ସ୍କନ୍ଦପୁରାଣ କରୁଛନ୍ତି ।

୧୧) କର୍ମାଜିତ ଭୋଗକଲେ ବ ୧୧୫ । (ଖ୍ରୀଷ୍ଟପୂର୍ବ ୨୧୫୬ -୨୦୪୧) ଯାହା ଜଣା ପଡେ, ସରସଂଖଦେବଙ୍କ ପର୍ଯ୍ୟନ୍ତ ୮୭୫ ବର୍ଷ ପର୍ଯ୍ୟନ୍ତ ପାଣ୍ଡବ (ସୋମ) ବଂଶୀମାନଙ୍କ ଶାସନ ପରେ ପରେ  ଶୁଦ୍ରକ-ବିକ୍ରମାଦିତ୍ୟ ସାତବାହାନ ରାଜାଙ୍କ ଅମାତ୍ୟ ଥିବା ସମୟରେ ଅସ୍ମାକ ଜନପଦର ଆନ୍ଧ୍ରଭୃତ୍ୟ ସାତବାହନ ମାନେ ବିଦିଶା ଓ ଅବନ୍ତୀ ରାଜ୍ୟ ରେ ରାଜତ୍ୱ ସହ ଓଡ୍ରୋତ୍କଳ ଜୟ କରିଥିଲେ । ରାଜାଙ୍କ ମୃତ୍ୟୁ ପରେ ରାଜ୍ୟ ବିକ୍ରମାଦିତ୍ୟଙ୍କ ଅଧୀନକୁ ଚାଲି ଆସିଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଓଡ୍ର ରାଜବଂଶାବଳୀ ଲେଖୁଛନ୍ତି, ବିକ୍ରମାଦିତ୍ୟଙ୍କ ପରେ ହସ୍ତିନାପୁର ରାଜା କର୍ମାଜିତ ପୁରୁଷୋତ୍ତମରେ ତାଙ୍କର ଶେଷକାଳ ଅତିବାହିତ କରିଥିଲେ । ତାହା ହସ୍ତିନାପୁର ନ ହୋଇ ଇନ୍ଦ୍ରପ୍ରସ୍ଥ ହେବ । କାରଣ ଏହାର ଅନେକ ବର୍ଷ ପୂର୍ବରୁ ହସ୍ତିନାପୁର ଗଙ୍ଗାନଦୀର ବନ୍ୟାଜଳରେ ପ୍ଳାବିତ ହୋଇ ସାରିଥିଲା । ଶ୍ରୀମଦ୍ ଭାଗବତ ଦ୍ୱାଦଶ ସ୍କନ୍ଦ, ପ୍ରଥମ ଅଧ୍ୟାୟ (ଯୁଧିଷ୍ଠି ଆଦି ଊନବିଂଶ । ସହସ୍ରେ ଏକଦଶ ବର୍ଷ ।। ୭୪ ପରୀକ୍ଷ ଆଦି ଅଷ୍ଟାଦଶ । ପାଳିଲେ ରାଜା ହୋଇ ଦେଶ ।। ୭୫) ରେ ପାଣ୍ଡବ ବଂଶୀମାନେ ୧୦୧୦ ବର୍ଷର ମୋଟ ଶାସନ କରିଥିଲେ । ତାଙ୍କ ଅନୁସାରେ ଇନ୍ଦ୍ରପ୍ରସ୍ଥ (ପାଣ୍ଡବମାନଙ୍କ ଦ୍ୱାରା ସ୍ଥାପିତ ଇନ୍ଦ୍ରପ୍ରସ୍ଥ ଆଧୁନିକ ଦିଲ୍ଲୀର ପୁରାନା କିଲ୍ଲା) ର ଶେଷ ଶାସକ ମହାବଳ ଅଟନ୍ତି । ଭାଗବତର ୧୨ଶ ସ୍କନ୍ଦ, ପ୍ରଥମ ଅଧ୍ୟାୟ ଅନୁସାରେ ଯୁଧିଷ୍ଠିରଙ୍କ ସହ ସେ ୧୯ତମ ଶାସକ ଅଟନ୍ତି । ଐହୋଲ ଲିପିର ମହାଭାରତ ଯୁଦ୍ଧ ସମୟ ଅନୁସାରେ ତାଙ୍କ ଶାସନ ଖ୍ରୀଷ୍ଟପୂର୍ବ ୨୧୬୨ ରେ ସରିଛି । ମାଦଳାପାଞ୍ଜିଙ୍କ କର୍ମାଜିତଙ୍କ ଶାସନ ଖ୍ରୀଷ୍ଟପୂର୍ବ ୨୧୫୨ରୁ ଆରମ୍ଭ ହୋଇଛି । ବହୁତ ସମ୍ଭବ ସେ ମହାବଳଙ୍କର ପୁତ୍ର ଥିଲେ । ପ୍ରାପ୍ତ ବୟସ ହେବା ପରେ ସେ ଇନ୍ଦ୍ରପ୍ରସ୍ଥରୁ ଉଣା ସମୟ ତଥା ବିରାଜକ୍ଷେତ୍ର ଓ ପୁରୀରେ ଅଧିକ ସମୟ ରହି ଶାସନ କରିଥିଲେ ତଥା ଶେଷ ସମୟ ପୁରୀରେ ଅତିବାହିତ କରିଥିଲେ ।

୧୨) ବଟୁକେସର ଭୋଗକଲେ ବ ୭୦ (ଖ୍ରୀଷ୍ଟପୂର୍ବ ୨୦୪୧ - ୧୯୭୧)

୧୩) ତ୍ରିଭୁବନଦେବ ଭୋଗକଲେ ବ ୬୩ । ଏ ରାଜା କଲେ କଉଡି, ଗଣ୍ଡା, ବୋଡି, କାହାଣ । (ଖ୍ରୀଷ୍ଟପୂର୍ବ ୧୯୭୧ ରୁ ୧୯୦୮)

ତ୍ରିଭୁବନଦେବଙ୍କ ସମୟରେଖାକୁ ଦୃଷ୍ଟିପାତ କଲେ, ଜଣାପଡେ, ଏହି ସମୟରେ ଗୌତମ ବୁଦ୍ଧଙ୍କ ଜନ୍ମ ବିଷୟ ସ୍କନ୍ଦପୁରାଣ (କୁମାରିକା ଖଣ୍ଡ) ଲେଖା ଯାଇଛି ଯେ ଯୁଗ ଆରମ୍ଭର ୩୬୦୦ ବର୍ଷ ପରେ ବୁଦ୍ଧ ଅଞ୍ଜନୀ (ଅଞ୍ଜନଙ୍କ ଦୁହିତା) ଙ୍କ ଗର୍ଭରୁ ଜନ୍ମ ହେବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତତସ୍ତ୍ରିଷୁ ସହସ୍ରେଷୁ ଷଟ୍‌ଶତୈରଧିକେଷୁ ଚ, ମାଗଧେ ହେମସଦନାଂଦଜନ୍ୟାଂ ପ୍ରଭବିଷ୍ୟତି ।

ଅଯୋଧ୍ୟାରୁ ଶାକ୍ୟ ରାଜାଙ୍କ ନେତୃତ୍ୱରେ ଯାଇଥିବା ଇକ୍ଷ୍ୟାକୁ ବଂଶୀୟ ରାଜା ଶୁଦ୍ଧୋଦନଙ୍କ ପୁତ୍ର ଗୌତମ ବୁଦ୍ଧ କପିଳବାସ୍ତୁ ଜନପଦରେ ଜନ୍ମ ଗ୍ରହଣ କରିଥିଲେ ।

(ସ୍କନ୍ଦ ପୁରାଣର ଯୁଗ ଆରମ୍ଭ ?) ଖ୍ରିଷ୍ଟପୂର୍ବ ୫୫୪୭ ରୁ ୩୬୦୦ ବର୍ଷ ବିୟୋଗ କଲେ ତାହା ଖ୍ରୀଷ୍ଟପୂର୍ବ ୧୯୪୭ ହେବ ।

ଚୀନ ପରିବ୍ରାଜକ ହୁଏନସାଂ ତାଙ୍କ ଭାରତ ଗସ୍ତ ସମୟର ବର୍ଣ୍ଣନାରେ କୌଶାମ୍ବୀର ରାଜପ୍ରାସାଦରେ ରାଜା ଉଦୟନଙ୍କ ଦ୍ୱାରା ନିର୍ମିତ ବୁଦ୍ଧଙ୍କ ରକ୍ତଚନ୍ଦନ କାଷ୍ଠ ପ୍ରତିମା ଦେଖିଥିବା ଉଲ୍ଲେଖ କରିଛନ୍ତି ।

ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ ଲେଖୁଛନ୍ତି, ବୁଦ୍ଧ ଓ ଉଦୟନଙ୍କ ଜନ୍ମ ତିଥି ଗୋଟିଏ ଥିଲା । ଏହା ଦର୍ଶାଉଛି ଯେ ଉତ୍ତର ରାଜା ତ୍ରିଭୁବନଦେବ, ମଗଧ ରାଜା ବିମ୍ବିସାର, କାଶୀର ପ୍ରସେନଜିତ, କୌଶାମ୍ବୀର  ପାଣ୍ଡବବଂଶୀ ରାଜା ଶତାନିକଙ୍କ ପୁତ୍ର ଉଦୟନ, କୋଶଳର ପ୍ରସେନଜିତ ଗୌତମ ବୁଦ୍ଧଙ୍କର ସମସାମୟିକ ଥିଲେ ।

ଏହାଙ୍କ ସମୟରେ ଆରମ୍ଭ ହୋଇଥିବା ସାମାଜିକ ବିନିମୟ ଯୋଗ୍ୟ ମୁଦ୍ରା କାର୍ଷାପଣର ପ୍ରୟୋଗ ବୌଦ୍ଧ ସାହିତ୍ୟରେ ବିଶେଷ ରୂପେ ଦେଖିବାକୁ ମିଳେ । ଗୋଟିଏ କଉଡି= ଏକ କଡା, ଚାରି କଡା = ୧ ଗଣ୍ଡା, ୫ ଗଣ୍ଡା = ୧ ବୋଡି, ୨୦ ଗଣ୍ଡା = ୧ ପଣ, ୧୬ ପଣ = ୧ କାହାଣ (କାର୍ଷାପଣ)□

୧୪) ଏହାଙ୍କ ପୁଅ ନିର୍ମଳଦେବ ଭୋଗକଲେ ବ ୭୦ (ଖ୍ରୀଷ୍ଟପୂର୍ବ ୧୯୦୮ - ୧୮୩୮)

୧୫) ଏହାଙ୍କ ପୁଅ ଭିମଦେବ ଭୋଗକଲେ ବ ୬୫ (ଖ୍ରୀଷ୍ଟପୂର୍ବ ୧୮୩୮ - ୧୭୭୩)

୧୬) ଶୋବନ ଦେବ (ଖ୍ରୀଷ୍ଟପୂର୍ବ ୧୭୭୩-୧୭୭୭) - ଏହି ମହାରାଜାଙ୍କ ୨ ଅଙ୍କେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡିଲିରୁ ରକ୍ତବାହୁ ଆସିବା ବାରତାକୁ ପରମେଶ୍ୱରଙ୍କୁ ସୁନୁପୁର ଗୋପଲୀ ଘେନିଗଲେ । ସେଠାରେ ମଣ୍ଡପ ଗୋଟିଏ କରି ସେଠାରେ ବିଜେ କରାଇଲେ ବ ୪୫ । ଏଥିଉତ୍ତାରେ ମୁଗଲେ ପ୍ରବଳ ହୋଇଲାକୁ ସେବକେ ସେଠାରେ ପରମେଶ୍ୱରଙ୍କୁ ପାତାଳି କରି ଉପରେ ଗଛ ଲଗାଇ ରାଜ୍ୟ ଅନ୍ତର ହୋଇଗଲେ । ପାତିସାଙ୍କ ଅମୁରା ରକତବାହୁ ଶ୍ରୀପୁରୁଷୋତ୍ତମ ବୁଲି ଅଇଲା । ସମୁଦ୍ର ଥୋକାଏ ଦୂର ମାଡି ଅଇଲା । ଏ ରାଜା ଅନେକ ଜୁଝ କଲେ । ରହି ନ ପାରି ଝାଡଖଣ୍ଡ ଭିତରେ ରହିଲେ । ଏ ଭୋଗକଲେ ବ ୯୬ ।

୧୭) ଚନ୍ଦ୍ରକରଦେବ (ଖ୍ରୀଷ୍ଟପୂର୍ବ ୧୬୭୭ – ୧୬୬୪) - ଶ୍ରୀ ଚନ୍ଦ୍ରକରଦେବ ଭୋଗକଲେ ବ ୧୩ ରସ । ଏ ଉତ୍ତାରୁ ହତପାଟ ହୋଇ ମୁଗଲେ ଭୋଗକଲେ ବ ୩୫ । ଗାଏ ପରମେଶ୍ୱର ପାତାଳି ହୋଇ ରହିଲେ ବ ୧୪୪ (୯୬+୧୩+୩୫) ଗାଏ । ସୋମବଂସ ରାଜା ପାଟ ୧୮ରେ ଭୋଗକଲେ ବ ୩୭୮୩ । ଏହି ଦିନ ଠାରୁ ଦିଲିରେ ପାତିସା ହୋଇଲେ ।

ସିଂହଳ ରାଜବଂଶ କାଳାନୁକ୍ରମ ମହାବଂଶ, ୪ର୍ଥ ପରିଛେଦ, ୮ମ ସୁକ୍ତ ଅନୁସାରେ ହର୍ଯ୍ୟଙ୍କ ବଂଶୀ ଶୁଶୁନାଗଙ୍କ ପୁତ୍ର କଳାଶୋକଙ୍କ ସିଂହାସନ ଆରୋହଣର ୧୦ ବର୍ଷ ଶେଷରେ ବୁଦ୍ଧଙ୍କ ନିର୍ବାଣର ଏକ ଶତ ବର୍ଷ ପୂରଣ ହେଲା ।

ସ୍କନ୍ଦ ପୁରାଣ ଅନୁସାରେ ବୁଦ୍ଧ ନିର୍ବାଣ ଖ୍ରୀଷ୍ଟପୂର୍ବ ୧୮୬୬ ମସିହା ହେବ । ତାଙ୍କ ଶତବାର୍ଷିକୀ ଖ୍ରୀଷ୍ଟପୂର୍ବ ୧୭୬୬ ରେ ମଗଧ ରାଜା ହର୍ଯ୍ୟଙ୍କବଂଶୀ କଳାଶୋକଙ୍କ ୧୦ ବର୍ଷ ପୂରଣ ହେବ । ଅର୍ଥାତ୍ ସେ ଖ୍ରୀଷ୍ଟପୂର୍ବ ୧୭୭୬ ମସିହରେ ସିଂହାସନ ଆରୋହଣ କରିଥିଲେ ।

ସୋମବଂଶ ରାଜତ୍ୱ ଶେଷ ହେବା ପୂର୍ବରୁ ମହାପ୍ରଭୁ ପାତାଳୀ ହୋଇ ଯାଇଥିଲେ । ଖ୍ରୀଷ୍ଟପୂର୍ବ ୧୭୭୩ ମସିହାରେ ଶୋବନ ଦେବ ସିଂହାସନ ଆରୋହଣ କଲେ । ଦିଲ୍ଲୀ (ମଗଧ) ପାତିସାଙ୍କ ଅମାତ୍ୟ ରକ୍ତବାହୁର ପୁରୁଷୋତ୍ତମ ଆଗମନର ସମ୍ବାଦରେ ଭୟଭୀତ ପୂର୍ବକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମହାପ୍ରଭୁଙ୍କୁ ପାତାଳୀରେ ନେଇ ବୌଦ୍ଧାଞ୍ଚଳରେ ରଖିଥିବା ସମୟ ଖ୍ରୀଷ୍ଟପୂର୍ବ ୧୭୭୧ ହେବ ।

ଶୋବନ ଦେବଙ୍କ ପଳାୟନ ପରେ ଦିଲ୍ଲିର ପାତିସାଙ୍କ ଅମୁରା (ପ୍ରତିନିଧି, ସେନାପତି) ପୁରୁଷୋତ୍ତମ ଆସି ଦେଖିଥିଲେ ପୁରୁଷୋତ୍ତମ ଜନଶୂନ୍ୟ ଓ ମନ୍ଦିର ବିଗ୍ରହ ଶୂନ୍ୟ । ସେହି ସମୟରେ ସମୁଦ୍ର ସ୍ଥଳଭାଗ ଭିତରକୁ ପଶି ଆସିଥିଲା । ଉକ୍ତ ରାଜବଂଶାବଳୀ ଲେଖୁଛନ୍ତି, ସ୍ଥଳଭାଗକୁ ମାଡି ଆସିଲା ପରେ ଭୀଷଣ ଶବ୍ଦପୂର୍ବକ ସମୁଦ୍ରଜଳ ପ୍ରଥମେ ସମୁଦ୍ର ଭିତରକୁ ଚାଲି ଯାଇଥିଲା ଓ ପରେ ପରେ ତୀବ୍ର ବେଗରେ ଶକ୍ତିଶାଳୀ ସୁଉଚ୍ଚ ତରଙ୍ଗମାନ ସ୍ଥଳ ଭିତରେ ମାଡି ଯାଇ ପାଣି ବଡମୂଳ ଘାଟି ପର୍ଯ୍ୟନ୍ତ ଯାଇଥିଲା । ବଡମୂଳ ଘାଟି ଅଧୁନା ଓଡିଶା, ବାଲୁଗାଁ ନିକଟସ୍ଥ ଖଲ୍ଲିକୋଟ ଘାଟି ଅଟେ । ସେ ସମୟରେ ଚିଲିକା ହ୍ରଦର ସୃଷ୍ଟି ହୋଇଥିଲା । ଭାର୍ଗବୀ ଭିତରେ ଦୟା ନଦୀର ସୃଷ୍ଟି ସମ୍ଭବତଃ ସେହି ସମୟରେ ହୋଇଥିଲା ।

ପାତିସାଙ୍କ ଅମୁରା ରକତବାହୁ ସମ୍ଭବତଃ ହର୍ଯ୍ୟଙ୍କବଂଶୀ କଳାଶୋକ (ଖ୍ରୀଷ୍ଟପୂର୍ବ ୧୭୭୬- ଖ୍ରୀଷ୍ଟପୂର୍ବ ୧୭୪୮) ଙ୍କ ଅମାତ୍ୟ ଖଲ୍ଲାଟୋକ ଥିଲେ । ପୁରୁଷୋତ୍ତମରେ ସେ ରକ୍ତବାହୁ ନାମରେ କୁଖ୍ୟାତ ଥିଲେ । ରକ୍ତବାହୁ ଅର୍ଥାତ୍ ରକ୍ତରେ ରଞ୍ଜିତ ହସ୍ତ । ରକ୍ତବାହୁ ଏକ ବିଶୁଦ୍ଧ ଓଡିଆ ଶବ୍ଦ ଅଟେ ।

ହର୍ଯ୍ୟଙ୍କବଂଶୀ ମାନେ ଇକ୍ଷ୍ୟାକୁ ବଂଶଜ ଓ ବ୍ରାର୍ତ୍ୟଧର୍ମୀ ଥିଲେ । ବ୍ରାର୍ତ୍ୟଧର୍ମୀମାନେ ନିର୍ଗୁଣ ଉପାସନାରେ ବିଶ୍ୱାସ କରୁଥିଲେ । ସେଥିପାଇଁ ମାଦଳାପାଞ୍ଜି ସେହି ରାଜାଙ୍କୁ ସମ୍ବୋଧନରେ ପାତିସା ବ୍ୟବହାର କରିଛନ୍ତି । ସେଭଳି ଚନ୍ଦ୍ରକରଦେବଙ୍କ ରାଜତ୍ୱର ଶେଷରେ ମଧ୍ୟ ପାତିସା ଶବ୍ଦ ବ୍ୟବହାର କରିଛନ୍ତି । ଖ୍ରୀଷ୍ଟପୂର୍ବ ୧୬୬୪ ମସିହାରେ ଦିଲ୍ଲୀ (ମଗଧ) ସିଂହାସନ ଆରୋହଣ କରିଥିବା ମହାପଦ୍ମନନ୍ଦଙ୍କୁ ବୌଦ୍ଧ ସାହିତ୍ୟ ଜଣେ ଉତ୍କାୟିତ ସର୍ଦ୍ଦାର ରୂପେ ବର୍ଣ୍ଣନା କରିଛନ୍ତି । ପୁରାଣ ଅନୁସାରେ ତାଙ୍କ ସମୟ ମହାଭାରତ ଯୁଦ୍ଧ ଠାରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୫୦୦ ବର୍ଷ ପରେ ଅଟେ । ଐହୋଲ ଲିପି ଅନୁସାରେ ତାହା ଖ୍ରୀଷ୍ଟାପୂର୍ବ ୧୬୬୨ ଅଟେ । ସେ ତାଙ୍କୁ ଖ୍ରୀଷ୍ଟପୂର୍ବ ୧୬୬୪ ଚିହ୍ନିତ କରିଛନ୍ତି, ଯାହା ମାଦଳାପାଞ୍ଜିଙ୍କ ସମୟ ଅଟେ ।

ରକ୍ତବାହୁ ଭଳି ପାତିସା ମଧ୍ୟ ଏକ ଶୁଦ୍ଧ ଓଡିଆ ଶବ୍ଦ ଅଟେ । ଏଠାରେ ପାତି (ଦୁଷ୍ଟ) ମାଙ୍କଡ ମନୋବୃତ୍ତି ର ରାଜା (ସା) ଙ୍କୁ ପାତିସା ସମ୍ବୋଧନ କରା ଯାଇଛି ।

ମହପ୍ରଭୁଙ୍କ ପାତାଳୀ ପରେ ମାଦଳାପାଞ୍ଜି ବି ସଂପୃକ୍ତ ଲେଖକଙ୍କ ସହ ନିର୍ବାସିତ ହୋଇ ଯାଇଥିବା ସମ୍ଭାବନା ଅଧିକ । କାରଣ ସେହି ସମୟରେ ସମସ୍ତେ ଧାର୍ମିକ ବିଶ୍ୱାସ ବିସ୍ଥାପନ ଭୟଗ୍ରସ୍ତ ଥିଲେ । କାଳକ୍ରମେ  ରାଜା ଯଜାତି କେଶରୀଙ୍କ ଦ୍ୱାରା ମହାପ୍ରଭୁଙ୍କୁ ପାତାଳୀରୁ ଆଣି ରତ୍ନ ସିଂହାସନରେ ପୁନର୍ଆସୀନ କରା ଯାଇଥିଲେ ମଧ୍ୟ ରାଜବଂଶ କାଳକ୍ରମକୁ ସମସ୍ତେ ଭୁଲି ଯାଇଥିଲେ । ବହୁତ ସମ୍ଭବ ତାକୁ ଗୋପନୀୟ ସ୍ଥଳରୁ ଉଦ୍ଧାର କରି ପୁଣି ଥରେ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ ଆରମ୍ଭ କରା ଯାଇଥିଲା । କାରଣ ତାକୁ ଓଡିଆ ଭାଷାରେ ଲେଖା ଯାଇଛି । ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାରର ଉଭୟ ପାର୍ଶ୍ୱର ଲେଖା ତଥା ଗଜପତି-କାଳୀନ ବିଭିନ୍ନ ତାମ୍ରଲିପି ଅନୁସାରେ ଓଡିଆ ଭାଷା ଲେଖା ଓ ଲିପି ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରୁ ଆରମ୍ଭ ହୋଇଥିଲା ।

ମାଦଳାପାଞ୍ଜି ଚନ୍ଦ୍ରକରଦେବଙ୍କ ଯାଏଁ ୩୭୪୮ ବର୍ଷର ଶାସନ  ଉଲ୍ଲେଖ କରୁଛନ୍ତି । ଏହା ଶୃତି ଓ  ସ୍ମୃତି ଆଧାରିତ ହ୍ୟାଲି ଧୂମକେତୁର ସମୟକୁ ଆଧାର କରି ଭ୍ରମାତ୍ମକ ଯୁଧିଷ୍ଠିରାବ୍ଦ ଦ୍ୱାରା ଗଣନା କରା ଯାଇଥିବା ରାଜତ୍ୱର ସମୟ ଅଟେ । ସୋମବଂଶୀଙ୍କ ରାଜତ୍ୱ ଶେଷ ସମୟ ମହାପ୍ରଭୁଙ୍କ ପାତାଳୀ ହେବା ପର  ୧୪୨ ବର୍ଷ ଓ ଶୋବନ ଦେବଙ୍କ ଠାରୁ ୧୪୪ ବର୍ଷ ଅଟେ ।

ବର୍ଣ୍ଣିତ ପୁନର୍ବିନ୍ୟାସ ଅନୁସାରେ, ମାଦଳା ପାଞ୍ଜିଙ୍କ ତଥ୍ୟ ଯେ ଏହି ଦିନ ଠାରୁ ଦିଲ୍ଲିରେ ପାତିସା ହୋଇଲେ, ଠିକ ଅଟେ । କିନ୍ତୁ ମୋଟ ସମୟ ହେବ ୧୫୩୩ ବର୍ଷ । ଅର୍ଥାତ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୋମବଂସ ରାଜା ପାଟ ୧୬ରେ ଭୋଗକଲେ ୧୫୩୩ ବର୍ଷ ।

ଏହାଦ୍ୱାରା ପ୍ରମାଣିତ ହେଉଛି ଯେ ଶ୍ରୀମଦ୍ ଭାଗବତ, ସ୍କନ୍ଦ ପୁରାଣ, ବିଷ୍ଣୁ ପୁରାଣ ଆଦି ପୁରାଣ ମାନଙ୍କ ଭଳି ମାଦଳାପାଞ୍ଜିଙ୍କ ଲେଖା ମଧ୍ୟ ଅତି ପ୍ରାଚୀନ ଓ ଐତିହାସିକ ଅଟେ ।

(ଉକ୍ତ ସୋମବଂଶୀଙ୍କ କାଳ-ସାରଣୀ ତଳେ ଦିଆ ଯାଇଛି)

ଯଜାତି କେଶରୀଙ୍କ ସମୟରୁ ମାଦଳାପାଞ୍ଜିଙ୍କ ପୁନର୍ବିନ୍ୟାସ ଆଗକୁ ଆହୁରି ଅଛି ।

ପ୍ଲଟ ନଂ ୧୦୦୦, ଦ୍ୱିତୀୟ ତୋଟା ସାହି, ବିଜିପୁର, ବ୍ରହ୍ମପୁର ।

ମୋବାଇଲ - ୮୭୭୩୨୪୪୮୮୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଷାକ୍ତ ବିଚାରଧାରା

ବିଷାକ୍ତ ବିଚାରଧାରା

ମୂଳଲେଖା-ଡା. ରାଜିବ ମିଶ୍ର

ଅନୁବାଦ- ଇଂ. ବିଦ୍ୟାଧର ପଣ୍ଡା



ଇଂ ବିଦ୍ୟାଧର ପଣ୍ଡା

ମାନନୀୟା ରଶ୍ମିରେଖା ମହାରଣାଙ୍କ ସୁଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା । ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡଃ ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି । ବହିର ନାଁ "ବିଷାକ୍ତ ବାମପନ୍ଥ" ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ । ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି । ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ । ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୁଳ ପରିବର୍ତ୍ତନ ଆସିବା ସ୍ୱଭାବିକ । ତେଣୁ ତୁରନ୍ତ ବଡଭାଇ ଡଃ ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି । ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ ତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ଅନେକ ଧନ୍ୟବାଦ । ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକ ମାନଙ୍କ ଭେଟିଦେବାକୁ ପ୍ରୟାସ କରିଛି ।

"ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା" ଉକ୍ତିଟିରେ ଅଯଂ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି । ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, 'ବାମପନ୍ଥ ଉପରେ ଏକ ପୁସ୍ତକ କାହିଁକି ଲେଖିବା ? ଯାହା ଘଟି ଗଲା, ·ଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ'ଣ ନିହାତି ଦରକାର ? ବାମପନ୍ଥ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ ! ତା'କୁ ପଢିବ କିଏ ? ଆଜି ବାମପନ୍ଥ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ·ହିଁବ ?'ଋଷିଆରେ ବାମପନ୍ଥ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିୟା ଏବଂ କ୍ୟୁବାରେ ବଂଚିଛି, ଚିନ୍ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ !

ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡି ଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ୟା' କଥା କ'ଣ ଆଉ କହିବା ! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ୟାକୁ ଦୂର୍ଦୂର୍ ମାର୍ମାର୍ କଲେ । ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ୟେ ଆମର କ'ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ ! ଏହି ପରିସ୍ଥିତିରେ ବାମପନ୍ଥ କାହିଁକି ପ୍ରାସଙ୍ଗୀକ !ସତରେ କ'ଣ ବାମପନ୍ଥ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରାଜୟ ବରଣ କରିସାରିଛି ? କିମ୍ବା ଏହା କେବଳ ରୂପ ବଦଳେଇ ଦେଇଛି ଏବଂ ଏକ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତେ ଏକ ସାମାଜିକ ଶକ୍ତି ହିସାବରେ ଆଜି ବି ସତ୍ତା ଭୋଗ କରୁଛି ?କିଶୋରାବସ୍ଥାରେ ପ୍ରାୟ ଲୋକ ବାମପନ୍ଥୀ ରାଜନୀତି ଏବଂ ସେହି ବି·ରଧାରାର କୌଣସି ନା କୌଣସି କୂଳକୁ ଛୁଇଁଥାନ୍ତି । ପ୍ରତ୍ୟେକ ଯୁବକ ଊଣା ଅଧିକେ ବାମପନ୍ଥୀ ହୋଇଥାନ୍ତି । କିନ୍ତୁ ଅଧିକାଂଶ ସୁସ୍ଥ ମାନସିକତା ବାଲା ଲୋକ ଏଥିରୁ ବାହାରକୁ ବାହାରି ପଡି ବଡ ହୋଇଯାଆନ୍ତି । ତଥାପି ବହୁତ ଲୋକ କୌଣସି ନା କୌଣସି ରୂପରେ ବାମପନ୍ଥୀ ବି·ର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ସବୁଦିନ ପାଇଁ ରହିଯାନ୍ତି । ସେମାନେ ଏହି ସାମାନ୍ୟ ସାମାଜିକ ବି·ରବଳ ଦ୍ୱାରା ବାମପନ୍ଥ ସମାଜକୁ ସଂଚାଳିତ କରୁଥାନ୍ତି ଏବଂ ନିଜର ବିଷାକ୍ତ କାର୍ଯ୍ୟକ୍ରମ ·ଲୁ ରଖିବାକୁ ସମର୍ଥ ହୁଅନ୍ତି ।

ନିଜର ଯୁବାବସ୍ଥା ମହାବିଦ୍ୟାଳୟରେ ପଠନ କାଳରେ ମୁଁ ବି ବାମପନ୍ଥୀ ଥିଲି । କିନ୍ତୁ ଧିରେଧିରେ ବୁଦ୍ଧିର ବିକାଶ ହେବାରୁ ଏଥିରୁ ବାହାରି ଆସିଲି ବୋଲି ବଂଚିଗଲି । ହେଲେ ନିଜର ସେହି ବାମପନ୍ଥୀ ମନସ୍ଥିତି ବି·ରକୁ ମୁଁ ବନ୍ଦ କରି ପାରିଲିନି । ବିଗତ କିଛି ବର୍ଷ ହେଲା ସାମଜିକ ଗଣମାଧ୍ୟମରେ ଲେଖାଲେଖି କରିବା ଭିତରେ ମୁଁ ମୋ ନିଜର ଅନ୍ତଃକରଣ ଦୃଷ୍ଟି ଏବଂ ମନକୁ ସମୃଦ୍ଧ କରିବାକୁ ଲାଗିଲି, ପରେ ମୋତେ ସବୁକିଛି ସ୍ୱଷ୍ଟ ହେବାରେ ଲାଗିଲା । କିନ୍ତୁ ମୁଁ ଯଦି ଏହି ବହିର ଶ୍ରେୟ କେବଳ ନିଜେ ନେବାକୁ ଚେଷ୍ଟା କରିବି ତେବେ ଏହା ମୋ ପକ୍ଷରେ ବୌଦ୍ଧିକ ବେଇମାନୀ ହେବ । ମୋର ଦୃଷ୍ଟିକୁ ଅଧିକ ସ୍ୱଷ୍ଟ କରିବାର ଶ୍ରେୟ ଆଦରଣୀୟ ବଡଭାଇ ଶ୍ରୀ ଆନନ୍ଦ ରାଜାଧ୍ୟକ୍ଷ ମହାଶୟଙ୍କୁ ଯାଇପାରେ । ମୋତେ ସର୍ବଦା ତାଙ୍କର ବୌଦ୍ଧିକ ଏବଂ ସୁବି·ରର ମାର୍ଗଦର୍ଶନର ସୌଭାଗ୍ୟ ମିଳିଛି ଏବଂ ତାଙ୍କ ସହିତ ଘଂଟାଘଂଟା ଧରି ବି·ରବିମର୍ଷ କଲାପରେ ଯାଇ ମୁଁ ଏହି ପୁସ୍ତକର ବିହନ ବୁଣିବାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମର୍ଥ ହୋଇଛି । ଯଦି ଏହି ପୁସ୍ତକ ଏକ ବହୁବିଦ୍ଧ ବି·ରର ଫସଲ ହୋଇଥାଏ ତେବେ ଏହାର ବୁଣିବା ଏବଂ ଖତପାଣିଦେଇ ବଂଚାଇବାର ଶ୍ରେୟ ଆନନ୍ଦଜୀ ଭାଇଙ୍କୁ ହିଁ ଯିବ । ମୁଁ ତ କେବଳ ହିଡ ଏବଂ ବାଡଟିଏ ଏହା ·ରିପଟେ ବାନ୍ଧି ଏହାର ଜଗୁଆଳି ପରି କାମ କରିଛି ଏବଂ ଆଜି ଏହି ଫସଲ କାଟିବାକୁ ବସିଛି ।

ମହାବିଦ୍ୟାଳୟରେ ପଢିବା ସମୟରେ ମୋତେ ବି ମୋର ବି·ର ଶକ୍ତିର କ୍ରମବିକାଶ କରିବାକୁ ଅନେକ ସାଥୀ ମିଳିଗଲେ । ସନ୍ଧ୍ୟାର ଲମ୍ବା ଆସରର ·'ପିଆ ଖଟିରେ ଏବଂ ତାସପାଲି ପଡିବା ଭିତରେ ଲମ୍ବାଲମ୍ବା ରାଜନୈତିକ ତର୍କବିତର୍କ ମୋତେ ସମ୍ଭାଳିଲା, ବଦଳେଇଲା ଏବଂ ପ୍ରକୃତ କଥା ବୁଝେଇବାରେ ମୋ ବାମପନ୍ଥୀ ମନକୁ ସାହାଯ୍ୟ କଲା । ଯଦି ମୁଁ ସେତେବେଳର ମେଡିକାଲ କଲେଜରେ ଅନେକ ସହପାଠୀଙ୍କୁ ମନେ ନପକାଏ ତେବେ ଅନ୍ୟାୟ ହେବ । ମନିଷ ଖାନ୍ନା, ଧୀରଜ ସୈନୀ, ସୁନୀଲ ରୈନା, ଦିନେଶ ତ୍ରୀପାଠୀ, ଅଜୟ ଭାରଦ୍ୱାଜ, ଆପଣମାନଙ୍କୁ କେତେ ସନ୍ଧ୍ୟାରେ ଏ ପୁସ୍ତକର କେତେ ବିଷୟକୁ ନେଇ ହଇରାଣ କରିଛି ଗଣନା କରି ହେବନି । ଜାମସେଦ୍‌ପୁରରେ ଅଭ୍ୟୁଦୟ ଏବଂ ପୂର୍ବସୈନିକ ସେବା ପରିଷଦର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋର ଏହି ବି·ରଯାତ୍ରାର ସାକ୍ଷୀ ଅଛନ୍ତି ଏବଂ ତାଙ୍କର ବୈ·ରିକ ସାମାଜିକ ପ୍ରତିବଦ୍ଧତା ସଦାସର୍ବଦା ମୋ ପାଇଁ ପ୍ରେରଣାର ସ୍ରୋତ ରହିଥିବେ । ସେ ନିଜେ ଜମି ଉପରେ ସ୍ଥିର ରହି ମୋତେ ମୁକ୍ତାକାଶରେ ଉଡାଣ ଭରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ । ତଥାପି ମୋତେ କେବେ ବି ମୂଳରୁ ଅଲଗା ହେବାକୁ ଦେଇ ନାହାନ୍ତି । ପ୍ରାୟ ଏ ସମଗ୍ର ପୁସ୍ତକ ଭିନ୍ନଭିନ୍ନ ସମୟରେ ଫେସ୍ବୁକ ପୃଷ୍ଠାର ଅଂଶ ହୋଇଛି । ମୋର ଯେଉଁ ହଜାର ହଜାର ସାଙ୍ଗ ସେଠାରେ ମୋର ଏହି କୃତିକୁ ପଢି ଲାଇକ୍ ଏବଂ ସେୟାର କରି ଏପରି ଏକ ପୁସ୍ତକ ଲେଖିବା ପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି, ଏ ପୁସ୍ତକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୂଳତଃ ସେହି ମାନଙ୍କର ସମ୍ପତ୍ତି ।

ପ୍ରତ୍ୟେକ ବିବାହିତ ବ୍ୟକ୍ତିମାନଙ୍କ ପରି ନିଜର ଉପଲବ୍ଧି ପାଇଁ ଯଦି ମୁଁ ମୋର ଧର୍ମପତ୍ନୀଙ୍କୁ ଶ୍ରେୟ ନଦିଏ ତେବେ ମୋର ତାଙ୍କ ସହ ଗୋଟିଏ ଛାତତଳେ ବଂଚିବାର ଉପାୟ ନାହିଁ । ପଲ୍ଲବୀର ଶ୍ରେୟ କେବଳ ତା ଭାଗ ସମୟରୁ କାଟି ମୁଁ ଏ ପୁସ୍ତକ ଲେଖିଛି ଏବଂ ସିଏ ମୋତେ କେବଳ ଲେଖିବା ପାଇଁ ଦେଲା ତାହା ନୁହେଁ, ସେ ମୋର ବିଚାରଯାତ୍ରାର ଏକ ବଡ ସହଭାଗିନୀ ଏବଂ ବିରାଟ ସମ୍ବଳ । ଏହି ବାହାନା ବହୁତ ହେବ କି ପଚିଶ ବର୍ଷ ପୂର୍ବେ ଯେବେ ଆମ ଦୁହିଁଙ୍କର ମିଳନ ହେଲା ସେତେବେଳେ ମୁଁ ବାମପନ୍ଥୀ ଥିଲି । ପରେ ଆମ ଭିତରେ ପ୍ରେମାଳାପ ସହ ଧିରେଧିରେ ମୁଁ ରାଷ୍ଟ୍ରବାଦୀ ହେବାକୁ ଆରମ୍ଭ କଲି, ଏହା କେବଳ ମାତ୍ର ଏକ ସଂଯୋଗ ନୁହେଁ । ଏ ପୁସ୍ତକ ଲେଖାଯିବା ପୂର୍ବରୁ ଏହାର ଅଧିକାଂଶ ଭାଗ ଏକ ବହୁତ ଶିକ୍ଷିତ, ଦକ୍ଷ ଏବଂ ଉତ୍ତମ ବୁଦ୍ଧିସମ୍ପର୍ଣ୍ଣ କିଶୋର ସହ କଥାବାର୍ତ୍ତା ମାଧ୍ୟମରେ ବିକଶିତ ହୋଇଛି । ସିଏ ମୋର ସୁପୁତ୍ର ସିଦ୍ଧାର୍ଥ । ଏ ପୂରା ପୁସ୍ତକ ମୂଳତଃ ସିଦ୍ଧାର୍ଥ ଏବଂ ସେହି ଯୁବାପିଢିଙ୍କ ପାଇଁ ଚିନ୍ତା ଏବଂ ସଂସ୍କାର ଗୁଡିକଉପରେ ·ଲିଥିବା ବୈ·ରିକ ପ୍ରତିକାରର ବ୍ୟାକୁଳତା ଉପରେ ଆଧାରିତ । ମୋର ପ୍ରୟାସ ଏହି ପୁସ୍ତକ ସମସ୍ତ ଯୁବପିଢିଙ୍କ ହାତକୁ ପହଁଚେ, ତାଙ୍କର ବିଚାର ପ୍ରକ୍ରିୟାର ଅଂଶବିଶେଷ ହେଉ ଏବଂ ସେମାନଙ୍କୁ ବାମପନ୍ଥ ବିଷଠାରୁ ବଂଚେଇବାରେ ସହାୟକ ହେଉ । ସେହି ଭବିଷ୍ୟତ ପିଢିକୁ ମୋର ଏହି ପୁସ୍ତକ ସମର୍ପଣ କରୁଛି ।

(କ୍ରମଶ..)

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହିତ୍ୟ ଓ ସମାଜ



ବାସନ୍ତୀଲତା ଜେନା

ମନୁଷ୍ୟ ହେଉଛି ଏକ ସାମାଜିକ ପ୍ରାଣୀ । ସମାଜରେ ତାର ଜନ୍ମ, ଅଭିବୃଦ୍ଧି ଓ ଶେଷରେ ମୃତ୍ୟୁ ହୋଇଥାଏ । ସାମାଜିକ ପରିବେଶ ମଧ୍ୟରେ ତାର ସୃଷ୍ଟି ସ୍ଥିତି ଓ ବିଲୟ ହୋଇଥାଏ । ସମାଜରୁ ଭାଷା, ଭାଷାରୁ ସଂସ୍କୃତି ଓ ସଂସ୍କୃତିରୁ ସାହିତ୍ୟ ସୃଷ୍ଟି । ସାହିତ୍ୟ ହେଉଛି ଦେଶ ଓ ଜାତିର ଅନ୍ତସ୍ୱର । ସାହିତ୍ୟ ମଧ୍ୟମରେ ଦେଶର ଜନସାଧାରଣ ମଧ୍ୟରେ ସଂସ୍କାର ଆସିଥାଏ । କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର ହୋଇଥାଏ । ସାହିତ୍ୟ ସମାଜର ହିତ ସାଧନ କରି ଜନସାଧାରଣକୁ ସମ୍ବେଦନଶୀଳ ତଥା ସଚେତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯେଉଁ ଦେଶର ସାହିତ୍ୟ ଯେତେ ଉନ୍ନତ ସେ ଦେଶର ସଂସ୍କୃତି ସଭ୍ୟତା ସେତେ ମାର୍ଜିତ ।

ସମାଜ ଓ ସାହିତ୍ୟ ପରସ୍ପର ଅବିଚ୍ଛେଦ ଅଙ୍ଗ । ସାହିତ୍ୟ ହଉଛି ସମାଜର ଦର୍ପଣ ସ୍ୱରୂପ । ଦର୍ପଣରେ ନିଜର ମୁହଁ ଦେଖି ଯେପରି ମନୁଷ୍ୟ ତାର ମୁଖଟିକୁ ପରିଷ୍କାର କରେ ଏବଂ ବିଭିନ୍ନ ପରିପାଟୀ ଦ୍ୱାରା ମୁଖଟିକୁ ସୁରୁଚି ସମ୍ପର୍ଣ୍ଣ କରେ । ଠିକ ସେହିପରି ସମାଜ ମଧ୍ୟ ସାହିତ୍ୟର ତ୍ରୁଟି ଗୁଡିକୁ ଦର୍ଶନ କରି ସେଗୁଡିକୁ ଦୂର କରିବା ନିମିତ୍ତ ଯତ୍ନ ବାନ ହୁଏ । ଫଳରେ ସମାଜ ମାର୍ଜିତ, ଉନ୍ନତ ଓ ଉଜ୍ଜ୍ୱଳ ହୁଏ । ସାମାଜିକ ଜୀବନର ଭଲ ମନ୍ଦ, ହାନି ଲାଭ, ସୁରୁଚି କୁରୁଚି, ସୁବିଧା ଅସୁବିଧା, ସୁଖ ଦୁଃଖ, ଅଶ୍ରୁ ହାସ୍ୟର ପରିଚୟ ଆମେ ସମାଜର ସାହିତ୍ୟରେ ଦେଖିବାକୁ ପାଇଥାଉ । ସମାଜର ରୀତି, ନୀତି, ପ୍ରଥା, ଚଳଣି, ସମସ୍ୟା ସାହିତ୍ୟରେ ବର୍ଣ୍ଣିତ ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥାଏ ।

ସାହିତ୍ୟ ହେଉଛି ସମାଜର ପଥ ପ୍ରଦର୍ଶକ । ସାମାଜିକ ବିକାଶରେ ସାହିତ୍ୟର ଦାନ ଅତୁଳନୀୟ । ସାହିତ୍ୟର ଉନ୍ନତି ପାଇଁ ଫକିର ମୋହନ ସେନାପତିଙ୍କ ଦାନ ଅବିସ୍ମରଣୀୟ। ଓଡ଼ିଆ ଭାଷାକୁ ସୁସ୍ଥ, ବଳିଷ୍ଠ ଓ ସର୍ବାଙ୍ଗ ସୁନ୍ଦର କରିବାକୁ ହେଲେ ଆମେ ସାହିତ୍ୟ ପ୍ରତି ଦୃଷ୍ଟି ଦେବା ଉଚିତ ।

ଆଜିକାଲି ଦେଖା ଯାଉଛି ଓଡ଼ିଆ ସାହିତ୍ୟର ମାନ୍ୟତା କମି କମି ଯାଉଛି । ଆଧୁନିକ ଯୁଗର ପିତା ମାତା ମାନେ ନିଜ ସନ୍ତାନ ସନ୍ତତିକୁ ଓଡ଼ିଆ ସ୍କୁଲରେ ନାମ ନ ଲେଖାଇ ଇଂରାଜୀ ବିଦ୍ୟାଳୟକୁ ପଠାଉଛନ୍ତି । ପାଶ୍ଚତ୍ୟ ସାହିତ୍ୟ ଆମ ରାଜ୍ୟରେ ରାଜୁତି କରୁଛି । ଆଉ ନିଜ ଭାଷା ଓ ସାହିତ୍ୟ ଅବନତି ପଥରେ ଗତି କରୁଛି । ତେଣୁ ଯେଉଁ କବି,ଲେଖକ, ପ୍ରାବନ୍ଧିକ, ଓଡ଼ିଆ ସାହିତ୍ୟକୁ ଆଗେଇ ନେବା ପାଇଁ ଲେଖନୀର ମୁନକୁ ଚଳ ଚଞ୍ଚଳ କରୁଛନ୍ତି, ସେମାନଙ୍କୁ ମୁଁ ସାଧୁବାଦ ଦେବି । ନିଜ ସଭ୍ୟତା ବଞ୍ଚାଇଲେ ଆମେ ବଂଚିବା । ଓଡ଼ିଆ ସାହିତ୍ୟ ବଞ୍ଚି ରହିଲେ ଆମେ ନିଜର ପରିଚୟ ପାଇବା । ଓଡ଼ିଆ ଭାଷା ସୁନ୍ଦର ଓ ମନ ମୁଗ୍ଧ କର । ତାର ଉନ୍ନତି ପାଇଁ ଆମେ ସବୁ ତତ୍ପର ହେବା । ବର୍ତ୍ତମାନ ଆଧୁନିକ ଯୁଗ । ଅନ ଲାଇନ ଡିଜିଟାଲ ଯୁଗ । ଓଡ଼ିଆ ସାହିତ୍ୟକୁ ପ୍ରଗତି ପଥରେ ନେବା ପାଇଁ କବି, ଲେଖକଙ୍କ ସହିତ ତାଳ ଦେଇ ଆଗ ଧାଡିରେ ଅଛନ୍ତି । ଇ-ପତ୍ରିକା ସମ୍ପାଦକମାନେ ସେମାନେ ବଣମଲ୍ଲୀ ପରି ଝଡି ପଡୁଥିବା ଗାଁ ଗହଳିର କବି, ଲେଖକ ମାନଙ୍କୁ ପରିଚୟ ଦେଇ ପାରୁଛନ୍ତି। ସେହି ମାନଙ୍କୁ ମୁଁ ସାଧୁବାଦ ଦେବି । ଓଡ଼ିଆ ସାହିତ୍ୟର ଜୟ ହେଉ । ଆମେ ଓଡ଼ିଆ, ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ଭାରି ବଢିଆ । ସୃଷ୍ଟି ସମ୍ଭାର ଇ -ପତ୍ରିକା କବି ଲେଖକଙ୍କର ସାହିତ୍ୟ ସୃଷ୍ଟିକୁ କୋଳେଇ ନେଇ ସ୍ରୋତସ୍ୱିନୀ ନଦୀର ଧାର ପରି ଆଗକୁ ଆଗକୁ ମାଡି ଯାଉ, ଉନ୍ନତିର ଶିଖରରେ ପାଦ ଦେଉ, ଆଲୋକର ବର୍ତ୍ତିକା ହେଉ । ସାମାଜିକ ବିକାଶର ମାର୍ଗ ଦର୍ଶକ ହେଉ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା । ଗାନ୍ଧିନଗର, ନବରଙ୍ଗପୁର, ୭୬୪୦୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବଧାରା

ମାନବିକ ଚେତନରେ କୃତ କାର୍ଯ୍ୟ ଗୁଡିକର ପ୍ରତିଫଳନ ସମ୍ପୃକ୍ତ ମଣିଷର ଭାବଧାରା ଅନ୍ତର୍ଭୂକ୍ତ ହୋଇଥାଏ । ସେଗୁଡିକ କେତେବେଳେ ସମ୍ପୂର୍ଣ୍ଣଭାବେ ନିଜସ୍ୱ ଅବଚେତନ ଜ୍ଞାନରୁ ନିର୍ଗତ ହୋଇଥାଏ ତ ଆଉ କେତେବେଳେ କାହାର ପ୍ରଭାବରେ ଅନୁପ୍ରାଣିତ ହୋଇ କରାଯାଇଥାଏ !

ସତ୍ୟ ଉପରେ ଆଧାରିତ ଭାବଧାରାକୁ ଆମେ ପରଖି ଆପଣେଇ ଥାଉ ନା ନିଜକୁ ସୁହାଇଲା ଭଳି...... ?!!

ମଣିଷ କାହିଁକି, ପ୍ରାୟତଃ ସମସ୍ତ ମସ୍ତିଷ୍କଯୁକ୍ତ ପ୍ରାଣୀମାନଙ୍କ ନିର୍ଦ୍ଧିଷ୍ଟ ଭାବଧାରା ଦେଖିବାକୁ ମିଳେ ଯାହା ସ୍ଥଳ ବିଶେଷରେ ଭିନ୍ନ ଚାରିତ୍ରିକ ପରିଚୟ ପ୍ରଦାନ କରିଥାଏ । ପ୍ରାୟତଃ ସବୁ ମଣିଷ ଗୁଡିକର ଶାରୀରିକ ଗଠନ ଶୈଳୀ ସମାନ୍ତରାଳ ପ୍ରଣାଳୀରେ ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରକାଶରେ ଅନେକ ଭିନ୍ନତା ଦେଖିବାକୁ ମିଳେ । ଅନୁରୂପ ପ୍ରାୟତଃ ସବୁ ମଣିଷମାନଙ୍କ ମାନସିକ ଭାବଧାରରେ ମଧ୍ୟ ଅନେକ ଅସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ତଥାପି କେତେକ ଭାବଧାରାକୁ ସମଦିଗ ସମାନ୍ତରାଳ କରି ମଣିଷ ସମାଜ ଗଠନ କରିବାରେ ସମର୍ଥ ହୋଇଥିବା ହେତୁ ଅନ୍ୟାନ୍ୟ ପ୍ରାଣୀଙ୍କ ଠାରୁ ଯଥେଷ୍ଟ ଉନ୍ନତ ସ୍ତରରେ ଥିବା ସ୍ୱୀକାର୍ଯ୍ୟ । କିନ୍ତୁ ସବୁ ମଣିଷଙ୍କ ସମସ୍ତ ଭାବଧାରରେ ଯଦି ସମଦିଗ



ପଙ୍କଜ କୁମାର ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାନ୍ତରାଳ ଚିନ୍ତନ ବିପରୀତେ ବିପରୀତମୁଖୀ ଭାବଧାରା ସୃଷ୍ଟି ହେବ ତାହେଲେ ମଣିଷ ସମାଜିକ ପ୍ରାଣୀ ଭାବେ ରହିବା ସମ୍ଭବ ହୋଇପାରି ନଥା'ନ୍ତା । ତେଣୁ କେତେକ କ୍ଷେତ୍ରରେ ଅନେକଙ୍କ ଭାବଧାରାରେ ସମାନତା ଥାଇ ଆମ ସାମାଜିକ ବ୍ୟବସ୍ଥା ପରି·ଳିତ ହେଉଥିବା ବେଳେ ଅନେକ ବ୍ୟକ୍ତିଗତ ଭାବଧାରରେ ଅସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ଯାହା ଲକ୍ଷ କଲେ ଜାଣିହେବ.........

ଆମ କାର୍ଯ୍ୟକଳାପ ତଥା ମନ୍ତବ୍ୟ ଗୁଡିକ ନିଜସ୍ୱ ଭାବଧାରରୁ ନିର୍ଗତ ହୋଇଥାଏ । ହେଲେ ମସ୍ତିଷ୍କରେ ପ୍ରସ୍ତୁତ ହେଉଥିବା ଭାବଧାରା ଗୁଡିକ ସବୁବେଳେ ନିଜକୁ ସୁହାଇଲାଭଳି ହେଉଥିବା ବେଳେ କାହାର କ୍ଷତି କିମ୍ବା କୁପ୍ରଭାବ ପ୍ରତି ଧ୍ୟାନ ଦେଉନଥିବା ଆମର ଗୋଟିଏ ସାଧାରଣ ଚରିତ୍ର ଭାବେ ଦେଖିବାକୁ ମିଳେ ସର୍ବତ୍ର ! ଅନେକ ସମୟରେ ମଣିଷ କେବଳ ନିଜସ୍ୱ ସ୍ୱାର୍ଥରେ ଭାବଧାରା ସଂଲଗ୍ନ କରି କୌଣସି ଲାଭ ଉଠାଇବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳେ ସବୁକ୍ଷେତ୍ରରେ ! ସାମୁହିକ ସ୍ୱାର୍ଥକୁ ଆଢୁଆଳରେ ରଖି ନିଜସ୍ୱ ସ୍ୱାର୍ଥ ହାସଲ କରିବା ପାଇଁ ଅନୁକୂଳ ଭାବଧାରରେ ସମସ୍ତେ ସଂଲଗ୍ନ ହୋଇ ରହିଥା'ନ୍ତି ପ୍ରାୟତଃ ସବୁ ସମୟରେ । ଏମିତି ଅନେକ ସମୟରେ ଦେଖିବାକୁ ମିଳେ ମଣିଷ ତାହାର ନିଜର ମାନ, ସମ୍ମାନ ନଷ୍ଟ କରି ମଧ୍ୟ ସ୍ୱାର୍ଥକୁ ହାସଲ କରିବା ପାଇଁ ଅନେକ ଅମାନବୀୟ ଚରିତ୍ର ପ୍ରବାହ କରିଥା'ନ୍ତି ଯାହା ସେମାନଙ୍କ ବ୍ୟକ୍ତିଗତ ଭାବଧାରା ଅନ୍ତର୍ଗତ ହୋଇନଥିଲେ ମଧ୍ୟ ବଳପୂର୍ବକ ନିଜ ଭାବଧାରା ଅନ୍ତର୍ଭୁକ୍ତ କରି କୌଣସି ଅମାନବୀୟ, ଅସାମାଜିକ କାର୍ଯ୍ୟ କରିବାଠାରୁ ନିଜକୁ ଦୁରେଇ ରଖିପାରନ୍ତି ନାହିଁ । ସେହି କ୍ଷେତ୍ରରେ ସେଗୁଡିକ କେତେକ ସମୟରେ ନିଜସ୍ୱ ଅସଚେତନ ଜ୍ଞାନର ପ୍ରଭାବ ତ ଆଉ କେତେବେଳେ ପାରିବାରିକ କିମ୍ବା ସାମାଜିକ ପ୍ରଭାବଜନିତ ହେଉଥିବା ଦେଖିବାକୁ ମିଳେ । ଇତି ମଧ୍ୟରେ ସେହି ମଣିଷ କୃତ, ଅକୃତର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ତୁଳନ, ସମୀକ୍ଷା କରିବା ସାମର୍ଥ୍ୟ ରଖିନଥାଇ ନିଜ ଦ୍ୱାରା ପ୍ରବାହିତ ଭାବଧାରାକୁ ଶ୍ରେଷ୍ଠ ବୋଲି ମନେକରିବା ତଥା ପ୍ରକାଶ କରୁଥିବା ଦେଖିବାକୁ ମିଳେ ଅନେକ କ୍ଷେତ୍ରରେ । ସାଧାରଣ ମାନବିକ ସଚେତନ ଜ୍ଞାନ ଅଭାବ ଜନିତ ସମସ୍ୟା ହେତୁ ମଣିଷ ନିଜର ମାନବିକତା ହରାଇ କାହାର ପ୍ରରୋଚନାରେ ଅଭିଷିକ୍ତ ହୋଇ ଅନେକ ଅମାନବୀୟ ଭାବଧାରା ପ୍ରକାଶ କରୁଥିବା ଜାଣିହେବ ଲକ୍ଷ୍ୟ କଲେ । ପ୍ରାୟତଃ ଅନେକ ଭାବଧାରା ବଂଶାନୁକ୍ରମିକ ନିଜ ପୂର୍ବ ପୁରୁଷଙ୍କ ଜିନ୍ ଗତ ହୋଇଥାଏ ଯାହା ପରିବର୍ତ୍ତନ କରିବା କିଂଚିତ କଷ୍ଟସାଧ୍ୟ ବିଷୟ । କିନ୍ତୁ କୌଣସି ସାମାଜିକ ପ୍ରଭାବ କିମ୍ବା କ୍ରୁର ଚକ୍ରୀଙ୍କ ପ୍ରରୋଚନାରେ ପଡି ମଣିଷ ଯେଉଁ ଭାବଧାରା ଅନ୍ତର୍ଗତ ହୋଇଥାଏ ସେଗୁଡିକୁ ପରିବର୍ତ୍ତନ କରିବା କଷ୍ଟ ନୁହେଁ । କିନ୍ତୁ ସେହି ଭାବଧାରାକୁ ଅଗ୍ରହଣୀୟ ବୋଲି ବି·ର ନକରିବା ପର୍ଯ୍ୟନ୍ତ ତାହାର ପରିବର୍ତ୍ତନ ସମ୍ଭବ ନୁହେଁ । ହେଲେ ଯଥାର୍ଥରେ କେଉଁ ଭାବଧାରା ସତ୍ୟ, ଠିକ ଏବଂ କେଉଁଟି ଭୁଲ ଜାଣିଶୁଣି ମଧ୍ୟ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳେ ଅନେକ ମଣିଷଙ୍କ କ୍ଷେତ୍ରରେ ଯେଉଁଥିରେ କେବଳ ନିଜସ୍ୱ ସ୍ୱାର୍ଥ ଜଡିତ ହୋଇଥାଏ । କିନ୍ତୁ ସେହି ସ୍ୱାର୍ଥର ବାସ୍ତବିକତା କେତେ ତାହା ନଜାଣି କେବଳ ସ୍ୱାର୍ଥକୁ ହାସଲ କରିବା ଲକ୍ଷ ରଖି ଅମାନବୀୟ ଭାବଧାରା ପ୍ରବାହ କରୁଥିବା ମଣିଷକୁ ନିର୍ବୋଧ ବୋଲି କୁହାଯାଇପାରିବ । ସେହି ନିର୍ବୋଧତା ମଣିଷକୁ ଯେତିକି ସ୍ୱାର୍ଥାନ୍ଧ କରିଥାଏ ତାହାଠାରୁ ଯଥେଷ୍ଟ କ୍ଷତି କରିଥାଏ ପରୋକ୍ଷରେ ବୋଲି ବିଚାର ଶୂନ୍ୟ ମଣିଷ, ମଣିଷ ଭଳି ଜନ୍ମ ହୋଇ ମଣିଷ ଭଳି ବଂଚୁଥିଲେ ମଧ୍ୟ ଅମାନବୀୟ ଜୀବନ ଯାପନ କରିଥା'ନ୍ତି ଯାହା ସେମାନଙ୍କୁ ମଣିଷ ଭଳି ବଂଚିବା ଠାରୁ ଦୁରେଇ ରଖିଥାଏ ! ଅତଏବ ନିଜ ଭାବଧାରା ଗୁଡିକୁ ସ୍ୱତଃ ତର୍ଜମା / ପରୀକ୍ଷା କରି ସେଗୁଡିକୁ ସନ୍ତୁଳିତ / ସଂସ୍କୃତ ଉପାୟରେ ଗ୍ରହଣ, ପ୍ରବାହ କରିବାରେ କୌଣସି ସାମାଜିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଧକତା ନଥିଲେ ମଧ୍ୟ ନିଜସ୍ୱ ଚେତନରେ ଅନୁପ୍ରାଣିତ ହୋଇପାରିଲେଯେ ମଣିଷ ଅତ୍ୟନ୍ତ ଆନନ୍ଦ ଦାୟକ ମାନବୀୟ ଜୀବନ ଯାପନ କରିପାରିବ, ସେଇଥିରେ ତିଳେ ହେଲେ ସନ୍ଦେହ ନହିଁ । ତଥାପି ମଣିଷ ମାନବୀୟ ଚିନ୍ତନଯୁକ୍ତ ଭାବଧାରା ଗ୍ରହଣ, ପ୍ରବାହ କରିବାରେ ଅସମର୍ଥ ରହୁଥିବା କୌଣସି ସାମାଜିକ ପ୍ରଭାବ ନା ଅବଚେତନ ଜ୍ଞାନର ଅଭାବ ଜନିତ, ପରୀକ୍ଷା କରି ଦେଖିବା............... ! !

ପ୍ରାୟତଃ ଦେଖିବାକୁ ଗଲେ ମଣିଷ ଜନ୍ମ ହେବାବେଳକୁ ନିଜ ପୂର୍ବ ପୁରୁଷଙ୍କ ଅନେକ ତଥ୍ୟ ଜିନ୍ ଦ୍ୱାରା ପ୍ରବାହିତ କରିଥାଏ ଯାହା ତା'ର ଶରୀର ଠାରୁ ଆରମ୍ଭ କରି ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ସହିତ ଜଡିତ ରହିଥାଏ । ମନରେ ପ୍ରବାହିତ ହେଉଥିବା ଭାବଧାରା ଗୁଡିକ ମଧ୍ୟ ନିଜ ପୂର୍ବଜଙ୍କ ଭାବଧାରା ସହିତ ସମ୍ପୂର୍ଣ୍ଣ ଜଡିତ ଥିବାବେଳେ ପରିପାଶ୍ୱର୍ିକ ଶୈଖିକତା ଏବଂ ଆଚରଣ ଜନିତ ପ୍ରଭାବ କେତେକ କ୍ଷେତ୍ରରେ ତା'ର ଭାବଧାରାକୁ ପ୍ରଭାବିତ କରୁଥିବା ସ୍ୱୀକାର୍ଯ୍ୟ । ଇତି ମଧ୍ୟରେ ଜଣେ ଉତ୍ତମ ଚରିତ୍ର ପ୍ରବାହୀ କୌଣସି ଅନୁନ୍ନତ ପରିବେଶରେ ରହି ନିଜ ଭାବଧାରକୁ କଳୁଷିତ କରିବା ଏବଂ ଜଣେ ଅନୁନ୍ନତ ସ୍ତରର ଭାବଧାରା ବାହକ ମଣିଷ କୌଣସି ଉନ୍ନତ ସାମାଜିକ ପରିବେଶରେ ବଢି ଉନ୍ନତ ଭାବଧାରା ଗ୍ରହଣ, ପ୍ରବାହ କରିବାରେ ସମର୍ଥ ହେଉଥିବା ଉଦାହରଣ କିଛି କମ୍ ନୁହେଁ ଆମ ସମାଜରେ । ଅର୍ଥାତ ଏହି ଦୁଇଟି ଉଦାହରଣକୁ ନେଇ ତର୍ଜମା କରି ଦେଖିଲେ ନିଷ୍କର୍ଷ ଏହା ବାହାରୁଛି ଯେ ଯେକୌଣସି ଗୋଟିଏ ମଣିଷକୁ କୌଣସି ଉତ୍ତମ ପରିବେଶରେ ବଢିବାକୁ ଦିଆଗଲେ, ତାହାର ଜିନ୍ ଗତ ଚରିତ୍ରକୁ ପରିବର୍ତ୍ତନ କରି ଜଣେ ଉତ୍ତମ ମଣିଷ ଗଠନ କରିବା ସମ୍ଭବ ହୋଇପାରିବ । ଅର୍ଥାତ ଯେକୌଣସି ମଣିଷ ଶିଶୁକୁ ଯଦି କୌଣସି ଉତ୍ତମ ଶୈଖିକ, ସାମାଜିକ ପରିବେଶ ମଧ୍ୟରେ ରଖି ପାଳନ କରାଗଲେ ଭବିଷ୍ୟତରେ ସେ ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନାଗରିକ ଭାବେ ନିଜର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ ଯାହା ଆମ ଦେଶ ସଂସ୍କୃତି ଆମକୁ ଶିକ୍ଷା ଦେଇଛି ସେହି ଗୁରୁକୁଳ ଆଶ୍ରମର ଶୈଖିକ ପରିବେଶ ଗୁଡିକର ବର୍ଣ୍ଣନାରୁ । କିନ୍ତୁ ଆଜି ଆଉ ସେହି ସାଂସ୍କୃତିକ ପରିବେଶ ଆମ ଦେଶର କୌଣସି ସ୍ଥାନରେ ଦେଖିବାକୁ ମିଳୁନଥିବା ହେତୁ କେବଳ ପାଶ୍ଚାତ୍ୟର ପ୍ରଭାବରେ ଆମ ଦେଶର ସବୁ ମଣିଷ ପରି·ଳିତ ହେଉଥିବା ଅସ୍ୱୀକାର କରିହେବ ନାହିଁ । ତେଣୁ ସେହି ପାଶ୍ଚାତ୍ୟର ପ୍ରଭାବ ହେତୁ ଯେ କେବଳ ମଣିଷର ଭାବଧାରା କଳୁଷିତ ହୋଇପଡିଛି ତାହା ନୁହେଁ । ସ୍ୱଦେଶରେ ମଧ୍ୟ ଅନେକ କେଳେଙ୍କାରୀ ମଣିଷ ଆମର ଏହି ସାମାଜିକ ପରିବେଶକୁ ନଷ୍ଟ କରି ସାଧାରଣ ମଣିଷଙ୍କ ଭାବଧାରକୁ କଳୁଷିତ କରୁଛନ୍ତି ସେଇଥିରେ ତିଳେ ହେଲେ ସନ୍ଦେହ ନାହିଁ । ଅତଏବ ସାଧାରଣ ନିର୍ବୋଧ ମଣିଷ ସେହି କଳୁଷିତ ସ୍ୱାର୍ଥ ଜଡିତ ମଣିଷଙ୍କ କୁପ୍ରଭାବ, ପ୍ରତାରଣାର ଶିକାର ହୋଇ ନିଜର ଭାବଧାରକୁ ସେମାନଙ୍କ ସହିତ ସାମିଲ କରି ଅନେକ ସ୍ୱାର୍ଥ ପାଇବାରେ ସମର୍ଥ ହେବାଭଳି ଅନୁଭବ କରୁଥିଲେ ମଧ୍ୟ ବାସ୍ତବରେ ସେତିକି ପାଇପାରୁନାହାନ୍ତି । କାରଣ କୁଚକ୍ରୀଙ୍କ କଳୁଷିତ ଭାବଧାରାକୁ ଏହି ସାଧାରଣ ମଣିଷ ଗୁଡିକ ବୁଝିବା କ୍ଷମତା ରଖିନଥିନ୍ତି ! ସେମାନଙ୍କୁ ବାସ୍ତବ ଜ୍ଞାନରୁ ଦୁରେଇ ରଖି ଅମାନବୀୟ ଚରିତ୍ର ପ୍ରବାହ କରିବା ଭଳି ପରିବେଶ ସୃଷ୍ଟି କରିବାରେ କୁଚକ୍ରୀ ସବୁବେଳେ ସିଦ୍ଧହସ୍ତ । ଇତି ମଧ୍ୟରେ ସାଧାରଣ ମଣିଷ ଗୁଡିକ ଉପଯୁକ୍ତ ସାମାଜିକ ଶୈଖିକ, ମାନବୀୟ ପରିବେଶରୁ ଦୁରେଇ ରହି ନିଜ ଜୀବନ ନଷ୍ଟ କରୁଥିବା ଅତ୍ୟନ୍ତ ପରିତାପର ବିଷୟ । ତଥାପି କେହି ବୁଝି ପାରୁନାହାଁନ୍ତି ନିଜ ଚତୁପାଶ୍ୱର୍ର ଘଟଣାବଳୀକୁ । କାରଣ ସମ୍ପୂର୍ଣ୍ଣ ଭାବେ ଆମ ପରିବେଶ ଏକ ପ୍ରତିକୂଳ ବାତାବରଣରେ ଆବଦ୍ଧ !

ତେଣୁ ନିଜକୁ ସେହି ଅମାନବୀୟ ପାରିପାଶ୍ୱର୍ିକ ପରିବେଶରୁ ଦୁରେଇ ମାନବୀୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବଧାରରେ ଅଭିଷିକ୍ତ ହୋଇ ନିଜ ଜୀବନକୁ ସରଳ, ସୁନ୍ଦର, ସାକାର କରିବା ପାଇଁ ନିଜକୁ ନିଜେ ଚେଷ୍ଟା ନକଲେ ଯେ କୌଣସି ଦିନ ସ୍ୱର୍ଗରୁ କେଉଁ ମହାଦେବ ଆସି ପରିବେଶକୁ ସୁଧାର କରିଦେବେ ବୋଲି ଭାବିବା ସମ୍ପୂର୍ଣ୍ଣ ନିଷ୍ଫଳ ଚିନ୍ତନ ! ଅତଏବ ନିଜସ୍ୱ ଭାବଧାରାକୁ ପରିପାଶ୍ୱର୍ିକ ପରିସ୍ଥିତି ସହିତ ସମାନ୍ତରାଳ କରି ·ଲିବା ବ୍ୟତିରେକ ବାସ୍ତବତା ତଥା ପ୍ରାକୃତିକ ମାନବିୟତାର ସନ୍ଧାନରେ ନିଜକୁ ବ୍ରତୀ ନକରିପାରିଲେ ଯେ ଜଣେ ସାଧାରଣ ମଣିଷ ତାହାର ଶେଷ ସମୟରେ ନିଜ ପାଖରେ ପରାଜୟ ସ୍ୱୀକାର କରିବ ସେଇଥିରେ ତିଳେହେଲେ ସନ୍ଦେହ ନାହିଁ ! ଅର୍ଥାତ ନିଜ ଭାବଧାରକୁ ସଜାଡି ମାନବୀୟ ଚରିତ୍ର ପ୍ରବାହ କରିବା ମଣିଷର ପ୍ରଥମ କର୍ତବ୍ୟ ହେବା ଆବଶ୍ୟକ ଯାହା ତାକୁ ସୁନ୍ଦର, ସରଳ ମଣିଷ ଜୀବନ ଯାପନ କରି ସଂସାରର ଲୀଳା ସମାପ୍ତ କରି ପ୍ରତ୍ୟାବର୍ତ୍ତନ କରିବାରେ ସହଯୋଗ କରିପାରିବ ବୋଲି ଆମ ବି·ରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା ।

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମ୍ପ୍ରତି ସ୍ମରଣେ ଅତୀତ ରଞ୍ଜନ



କ୍ଷମାନିଧି ସାହୁ

ଆଜି ନିଶ୍ଚିତ ଭାବରେ ପରିବର୍ତ୍ତନ ଘଟିଛି । ମୁଁ ତ ସେତେବେଳେ ଜନ୍ମ ହେଇନଥିଲି କିନ୍ତୁ ଗୁରୁଜନଙ୍କ ବାଣୀ ଅନୁସାରେ ଯାହା ଶୁଣିଛି ତାହା ହିଁ ତ ବର୍ଣ୍ଣନା କରିପାରିବି । ମୋ ଗାଁରେ ମଧ୍ୟ ଚାଲିଥିଲା ଅନେକ ଯାନିଯାତ ପର୍ବପର୍ବାଣୀ । ସେଥି ମଧ୍ୟରୁ ଚନ୍ଦନ ଯାତ୍ରା ଥିଲା ଅନ୍ୟତମ । ପ୍ରତ୍ୟେକ ବର୍ଷ ସଂଚାର ଶାସ୍ତ୍ରର ତାଳେ ତାଳେ ମନ ମୁଗ୍ଧକର ନୃତ୍ୟ ବେଶ୍ ଚିତ୍ତାକର୍ଷକ ହେଉଥିଲା । ଗ୍ରାମର ସମସ୍ତ ପରିବାର ଏବଂ ବନ୍ଧୁବର୍ଗର ଉପସ୍ଥିତିରେ ଯାତ୍ରା ସମ୍ଭାରରେ ଲୋକଙ୍କର ଆନନ୍ଦ ଅତୁଳନୀୟ । ମାତ୍ର ଏସବୁ ଯାହା ଆମ ଭାଗ୍ୟରେ କାହିଁ, ଆଜି ଆଉ ନାହିଁ; କେବଳ ମାତ୍ର ଦିବା ସ୍ୱପ୍ନ ସଦୃଶ ।

ସମୟ ବି ଠିକ୍ ତାଳକୁ ତାଳ ଦେଇ ଚାଲୁଥିଲା । ମନେପଡେ ସେହି ସମୟ ଯେବେ ଛୋଟ ହେଇଥିଲୁ ଘରେ ସେଇ ପାଞ୍ଚ ସାତଦିନ କେବଳ ଅଳି ଅଝଟରେ ରୁଷି ମୁହଁକୁ ଫୁଲେଇ କଟିଯାଉଥିଲା । ଏକା ତ ଛାଡୁ ନ ଥିଲେ, କାହିଁକି ନା ହୁଏତ ଭିଡ ଭିତରେ ହଜି ଯାଇପାରେ । ମନରୁ ଡର ଯାଇନି ବଲି ଏକା ଛାଡୁନ ଥିଲେ । କିନ୍ତୁ ମନ ତ ଥିଲା ଏପରି ଯେ ସବୁ ସାଙ୍ଗ ସହିତ ଯାଇ ସେମାନଙ୍କ ସହିତ ମସ୍ତି କରିବାକୁ ଅଥଚ ସେଇ ସାଙ୍ଗ ମାନଙ୍କର ମଧ୍ୟ ମୋ ଭଳି ସମାନ ଅବସ୍ଥା ଘରେ ଛାଡୁ ନ ଥିଲେ କାରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ସଭିଏଁ ଏକା ବୟସର ।

ଆଜ୍ଞା ହଁ ମୁଁ ସେହି ପାଞ୍ଚ ସାତ ଦିନର କଥା କହୁଛି ଯାହା ଛୋଟ ଥିଲା ବେଳେ ଆମ ପଡୋଶୀ ଗାଁ ରେ ଚାଲିଥିବା "ହରିଯଜ୍ଞ" ଉତ୍ସବ ବେଶ୍ ଆକର୍ଷିତ କରୁଥାଏ । ଆମେ ଆମ ଭାଷାରେ ତାକୁ "ହରିହାଟ୍" ବୋଲି କହୁଥିଲୁ । ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଏବଂ ଋଷିମୁନୀଙ୍କ ସମ ବେଦ ଉଚ୍ଚାରଣ ପୂର୍ବକ ଅଗ୍ନିହୋତ୍ରରେ ସୁବାସିତ ଶୁଦ୍ଧ ବାୟୁମଣ୍ଡଳରେ ହରି ରସାମୃତ ସହ ଚାଲିଥାଏ ଅନେକ ପ୍ରକାରର ସାସ୍କୃତିକ କାର୍ଯ୍ୟକ୍ରମ, ଲୋକନୃତ୍ୟ, ନାଟକ ଇତ୍ୟାଦି । ଏହା ବ୍ୟତୀତ ଏହି ହରିହାଟ୍ ଯାତ୍ରାର ବିଶେଷ ଆକର୍ଷଣ ମୀନାବଜାର, ଦୋଲି ଏବଂ ବ୍ରେକ୍ ଡାନ୍ସ୍ । ମନକୁ ବହୁତ୍ ଆନନ୍ଦ ମିଳେ ଭିନ୍ନ ଭିନ୍ନ ସୁସ୍ୱାଦୁ ଖାଦ୍ୟ (ଚନା ଚରପଟି, ପାପଡ ଇତ୍ୟାଦି) ଏବଂ ବେଲୁନ୍ ଖେଳିବା ମଜାରେ; ମାତ୍ର ସବୁ ଦିନ ଦେଖି ଯିବାର ସୁଯୋଗ ମିଳୁନଥିବାରୁ ଘରେ ଲାଗେ ଅଲି ଅଝଟ । ଯେଉଁ ଦିନରେ ଘରଲୋକେ ଯିବେ ତାଙ୍କ ସହିତ ହିଁ ଯାଇ ଦେଖୁଥିଲୁ ।

ସେତେବେଳେ ଗଣମାଧ୍ୟମର ଏତେ ପ୍ରଚାର ପ୍ରସାର ହେଇ ନଥିଲା । କେବଳ ଆକାଶବାଣୀ ରେଡିଓ ହିଁ ସାଜିଥିଲା ଶ୍ରେଷ୍ଠ ମାଧ୍ୟମ । ଆକାଶବାଣୀରେ ଚାଳିଥିବା ପ୍ରତ୍ୟହ ସମ୍ବାଦ, ଜଗନ୍ନାଥ ଦାସ ବିରଚିତ ଭାଗବତବାଣୀ, କିଷାନବାଣୀ, ଯୁବବାଣୀ, ବନାନୀ ତଥା ବିବିଧଭାରତୀ କାର୍ଯ୍ୟକ୍ରମ ଆଜି ବି କିଛି ବଦଳିନାହିଁ । କହିବାକୁ ଗଲେ ଆକାଶବାଣୀର ବିକଳ୍ପ ନାହିଁ । ଏହାଛଡା ଗାଁରେ ହରିବଂଶ ପୁରାଣ, ଭାଗବତ ପଠନ ତଥା ଦଣ୍ଡନୃତ୍ୟ, ଦାସକାଠିଆ, ପାଲା, କୀର୍ତ୍ତନ ଏବଂ ପଞ୍ଚବାଦ୍ୟ (ଢୋଲ୍ ନିସାନ୍, ତାସା, ମହୁରୀ ଓ ଝୁମକା)ର ସୁରେ ସୁରେ ଲୋକେ ନିଜର ମନୋରଞ୍ଜନ କରୁଥିଲେ । ଅନ୍ୟପଟେ କହିବାକୁ ଗଲେ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା କବି ମାନଙ୍କର ରଚନାବଳୀକୁ ଆଧାରକରି ଚଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲୁଥିଲେ ହଳିଆଗୀତ । ଏହା ବ୍ୟତୀତ ଗାଁ ଲୋକଙ୍କ ଦ୍ୱାରା ଆୟୋଜିତ ଏବଂ ଅଭିନୀତ ନାଟକ ଯଥା: ରାଜା ହରିଶ୍ଚନ୍ଦ୍ର, ଦୁଷ୍ମନ୍ତ ସକୁନ୍ତଳା, ନଳ ଦମୟନ୍ତୀ, ଟୀକା ଗୋବିନ୍ଦଚନ୍ଦ୍ର ଏବଂ ଶ୍ରବଣ କୁମାର ଭଳି ପୌରାଣିକ ନାଟକରେ ଲୋକେ ନିଜକୁ ମନୋରଞ୍ଜନରେ ଭିଜେଇ ଦେଉଥିଲେ । ପରବର୍ତ୍ତୀ ସମୟରେ ଗାଁକୁ ପହଞ୍ଚିଲା ଟିଭି ତାହା ପୁଣି ସାଧାଟିଭି ।

ସେତେବେଳକୁ ତ କେବୁଲ୍ କି ଡିଟିଏଚ୍ ନ ଥାଏ, ଷ୍ଟିଲ୍ ଖାଡିର ଏଣ୍ଟିନାରେ ଦୁଇଟି ଚାନେଲ୍ ଚଳୁଥିଲା । ପ୍ରଥମଟି ଡିଡି ନ୍ୟାସନାଲ୍ ଏବଂ ଓଡିଆର ଦୁଇଟି ଅଧିବେସନ ସକାଳ ୧୦ଟା ରୁ ୧୦.୩୦ ଓ ଅପରାହ୍ଣ ୪ ରୁ ୮ଟା ପର୍ଯ୍ୟନ୍ତ ହେଉଥିଲା ପରେପରେ କିଛିଟା ପରିବର୍ତ୍ତନ କରାଗଲା । ଦ୍ୱିତୀୟଟି ଡିଡି ନ୍ୟୁଜ୍ ଅହରହ ଚାଲିଥାଏ ।

ଟିଭି ଦେଖିବାର ଆଗ୍ରହ ଏତେ ଥିଲା ଯେ, ଆମେ ସକାଳରୁ ରାତି ପର୍ଯ୍ୟନ୍ତ ଟିଭି ଦେଖିଲେ ମଧ୍ୟ କିଛି ଖରାପ ଲାଗୁନଥିଲା । ଘରଲୋକେ ଯେତେ ଗାଳିକଲେ ମଧ୍ୟ ସବୁବେଳେ ଥାଉ ଟିଭି ଆଗରେ । ସେତେବେଳେ ଆଜିଭଳି ନଗ୍ନତା କିମ୍ବା ଅଶ୍ଳୀଳ ଦୃଶ୍ୟ ପରିବେଷଣ ହେଉନଥିଲା । କେବଳ ଶିକ୍ଷଣୀୟ ତଥା ଉପାଦେୟ ତଥ୍ୟ ସହିତ ସୁନ୍ଦର ଧାରାବାହିକ ଏବଂ ଚଳଚିତ୍ର ଦେଖିବାକୁ ବେଶ୍ ଭଲ ଲାଗୁଥିଲା ।

ହିନ୍ଦୀ ଧାରାବାହିକ ମଧ୍ୟରେ ମୁକେଶ୍ ଖାନ୍ନାଙ୍କ ଶକ୍ତିମାନ, ଜୁନିଅର୍ ଜୀ, ଗଡବଡ୍ ଗଡବଡ୍, ଜାସୁସ୍ ବିଜୟ ଆଦି ବେଶ୍ ମନଛୁଆଁ ହେଇଥିଲା । ଆମ ଓଡିଆ ଧାରାବାହିକ ମଧ୍ୟରେ ଅତୃପ୍ତ ଆତ୍ମା, ମା, ମୁଠାଏ ସପନ, କହିଲେ ତ କୁଳ କୁଟୁମ୍ବକୁ ଲାଜ, ହରିଯଙ୍କ, କାନ୍ଦୁଥା ଯାହା ପାଇଲେ ବାନ୍ଧୁଥା ଭଳି ଅନେକ ଧାରାବାହିକ ଭିତରେ ମୋର ପ୍ରିୟ କାର୍ଯ୍ୟକ୍ରମ ଥିଲା ବିକ୍ରମ ବେତାଳ । ସପ୍ତାହକ ମଧ୍ୟରେ ରବିବାର ଦିନକୁ ଆମେ ଚାହିଁ ରହିଥାଉ ଓଡିଆ ଚଳଚିତ୍ର ଦେଖିବାକୁ । ଏହାଛଡା ଚିତ୍ତ ବିନୋଦନ ପାଇଁ ଝଙ୍କାର, କିଛିକଥା କିଛିଗୀତ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍ରଗୀତି, ସ୍ୱରସୁଧା, ମହ୍ଲାର, ଭକ୍ତିସଂଗୀତ ଏବଂ ଘୁଙ୍ଗୁର ଭଳି କାର୍ଯ୍ୟକ୍ରମ ଆଜି ଏ ମନରେ ବସା ବାନ୍ଧି ରହିଯାଇଛି । କୃଷିଭିତ୍ତିକ ମଧ୍ୟରେ କୃଷିଦର୍ଶନ ଏବଂ ପଲ୍ଲିଶ୍ରୀ ଓ ସ୍ୱାସ୍ଥ୍ୟଧର୍ମୀ କାର୍ଯ୍ୟକ୍ରମ କଲ୍ୟାଣୀ ରୁ ଅନେକ ଶିକ୍ଷା ମିଳୁଥିଲା ।

କିଛି ଲୋକ ରଙ୍ଗୀନ୍ ଟିଭି ସହ ସିଡି କ୍ୟାସେଟ୍ କିଣି ଗାଁକୁ ଭଡାରେ ଦେଖାଇବାକୁ ଆଣୁଥିଲେ । ରାମାୟଣ ଓ ମହାଭାରତ କ୍ୟାସେଟ୍ କୁ ଲୋକେ ବେଶ୍ ପସନ୍ଦ କରୁଥିଲେ । ଗୋଟିଏ ହାସ୍ୟାସ୍ପଦ କଥା ଏଇଆ ଯେ ଯେତେବେଳେ ଏହି ସିଡି ଲଗାଯାଏ ମୋ ମନ ଟିଭିରେ ନ ଥାଇ ରିମୋଟ୍ ଉପରେ ଥାଏ; ଆଶ୍ଚର୍ଯ୍ୟ ଲାଗେ ଏତେ ଦୂରରୁ ଥାଇ କିପରି ଆକର୍ଷଣ କରୁଛି । ସେତେବେଳେ ଅପେରା ଏବଂ ଚଳଚିତ୍ରର ଚରିତ୍ରକୁ ଦେଖି ଏତେ ମାତ୍ରାରେ ମଜ୍ଜି ଯାଉଥିଲେ ଯେ,ଦର୍ଶକଙ୍କର ଆଖିରୁ ଲୁହ ମଧ୍ୟ ଝରି ପଡୁଥିଲା ।

ମୋ ଜ୍ଞାତରେ ଚଳିଥିବା ଅନେକ ଅପେରା ମଧ୍ୟରୁ କଥା ରହିଗଲା ମଗୁଶିରକୁ, ଗାଁର ନାଆଁ ପ୍ରୀତିପୁର ଝିଅର ନାଆଁ ରାଧା, ମନ କଳିକତା ଦେହ ଓଡିଶା, ମୋ ପେଁ କାଳୀ ବଜେଇ ଦେ,ମୋ ପୋଛିଦେଲି ମୋ ଅପା ସିନ୍ଦୁର ଭଳି ଅପେରା ଦର୍ଶକ ହୃଦୟ ଛୁଇଁ ପାରିଥିଲା ।

ସେହିପରି ଆମ ଛୋଟ ସମୟରେ ଦେଖିଥିବା ଚଳଚିତ୍ର ଗୁଡିକ ହେଲା:- ଭୁଖା, ମାଣିକ, ସଲାବୁଢା, ସବୁ ମାୟାରେ ବାୟା, ସ୍ୱପ୍ନ ସାଗର, ଆଦିମ୍ ବିଚାର୍, ଜୋର୍ ଯାର ମୁଲକ ତାର, ପଥର ଖସୁଛି ବଡ ଦେଉଳୁ, ଅଦିନ ମେଘ, ବଳିଦାନ, ଗଙ୍ଗ ଶିଉଳି, କନ୍ୟାଦାନ, ବନ୍ଧୁ ମହାନ୍ତି, ଅଦିନ ମେଘ, ମଥୁରା ବିଜୟ, ସତୀ ଅନସୂୟା, ଫୁଲ ଚନ୍ଦନ, ଶେଷ ଶ୍ରାବଣ, ଆହୁରି ଅନେକ ଚଳଚ୍ଚିତ୍ର ଯାହା ସପରିବାର ମିଶି ମନୋରଞ୍ଜନ କରୁଥିଲୁ । ଆଜି କିନ୍ତୁ ଆଉ ପରିବାର ସହ ମିଶି ଦେଖିବାର ଚଳଚିତ୍ର ନାହିଁ । କାରଣ ଆଜି ଆଉ ସେଭଳି ଚରିତ୍ର ଭରା କାହାଣୀ ନାହିଁ କେବଳ ଯାହା ଅର୍ଦ୍ଧଅଗ୍ନ ଏବଂ ଅଶ୍ଳୀଳ ଚିତ୍ରରେ ପରିପୂର୍ଣ୍ଣ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ସବୁ ମୋର ବର୍ଣ୍ଣନା କରିବାର ତାତ୍ପର୍ଯ୍ୟ ଏହିପରି କି ଆଜି ଏପରି ଚିତ୍ତ ବିନୋଦନ ସକାଶେ ଆଗଭଳି ମନୋରଞ୍ଜନ ଦେଖିବାକୁ ମିଳୁନାହିଁ । ସମୟର ତାଳେ ତାଳେ ସବୁକିଛି ବଦଳି ଯାଉଛି ସତ ମାତ୍ର ସେହି ପୁରୁଣା ସୁନା ଆଜି ମଧ୍ୟ ସମସ୍ତଙ୍କ ଆଦର ହୋଇଛି ରହିଛି ଏବଂ ରହିବ । ଆଜି ତ୍ରି-ଆୟତନ(3D camera) କ୍ୟାମେରାରେ ଉତ୍ତୋଳନ ଚିତ୍ର ହେଲେ ମଧ୍ୟ ପୂର୍ବର ସେହି ଚିତ୍ର ଠାରୁ ନଗଣ୍ୟ । ସେ ଗୀତରେ ହେଉ ବା ନାଚରେ; ଆଜି ମଧ୍ୟ ଉଙ୍କିମାରେ ସେହି ଅଭୁଲା ଅତୀତର ପବିତ୍ର ପ୍ରତିଛବି ।

 କ୍ଷମାନିଧି ସାହୁ(ପରିକ୍ଷିତ)
ଜାମପାଲି,ମେଲଛାମୁଣ୍ଡା,ବରଗଡ଼
୭୦୭୭୦୫୯୩୪୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭୟ

ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟି ବଡ ବିଚିତ୍ର । ତାଙ୍କର ସୃଷ୍ଟିକୁ ଗଢ଼ିବାର ଶୈଳୀଟି ବଡ ଜଟିଳ ଏବଂ ସୂକ୍ଷ୍ମ ମଧ୍ୟ । ତାଙ୍କର ଏହି ସୃଷ୍ଟିରେ ସୃଷ୍ଟି କରିଥିବା ପ୍ରତ୍ୟେକ ସଜୀବ ଓ ନିର୍ଜୀବ ବସ୍ତୁ ବା ପଦାର୍ଥକୁ ବୁଝିବା ବା ବଖାଣିବା ବଡ କଷ୍ଟ ସାଧ୍ୟ । ଏହି ପୃଷ୍ଠରେ ବାସ କରୁଥିବା ପ୍ରତ୍ୟେକ ଜୀବ ତାଙ୍କର ଏହି ବିଚିତ୍ର ସୃଷ୍ଟିକୁ ଉପଭୋଗ କରନ୍ତି, କିନ୍ତୁ ବଖାଣି ପାରନ୍ତି ନାହିଁ । ସେଥିପାଇଁ ତାଙ୍କର ଏହି ସୃଷ୍ଟିର ସୌନ୍ଦର୍ଯ୍ୟ ପ୍ରାକୃତିକ ପରିବେଶକୁ ବର୍ଣ୍ଣନା କରିବା ପାଇଁ ବୋଧହୁଏ, ମନୁଷ୍ୟକୁ ସୃଷ୍ଟି କରିଛନ୍ତି । ତାହା ମଧ୍ୟରେ ସବୁ କିଛି ଦେଇଛନ୍ତି । ଉପଭୋଗ କରିବା, ବୁଝିବା, ଅନୁଭବ କରିବା, ଜାଣିବା ଇତ୍ୟାଦି ଇତ୍ୟାଦି... ।

ମନୁଷ୍ୟର ଏହି ବିଚିତ୍ର ଜୀବନ ଭିତରେ ଭିନ୍ନ ଭିନ୍ନ ଚିତ୍ର ମଧ୍ୟରେ ଅନୁଭବ ମାଧ୍ୟମରେ ଗଢିଉଠେ ନିଆରା ଏକ ରୁପ ଯାହାର ନାଆଁ ଭୟ ! ବିଭିନ୍ନ ପ୍ରକାର ମୋଡଦେଇ ଗତି କରୁଥିବା ଏହି ମନୁଷ୍ୟ ଜାତି ଭିନ୍ନ ଭିନ୍ନ ରୂପରେ ଦେଖି ଅନୁଭବ କରେ । ଯାହାକୁ ଦେଖି ତାର ଶରୀରରେ ଥିବା ଲୋମ ଟାଙ୍କୁରି ଉଠେ । କାହିଁ କେମିତି ଗୋଟିଏ ଶିହରଣ ଖେଳିଯାଏ । ଯେମିତି ଆଗରୁ କେବେ ବି ହୋଇନି । ଯାହାକୁ ଅନୁଭବ କଲେ ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରକମ୍ପିତ ହୁଏ । ଆଖି ଆଗରେ ଯେମିତି ତା'ର



ନିରାକାର ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାସ୍ତବତା ନାଚିଉଠେ । ଏହି ପରିସ୍ଥିତିରେ ଅନେକ କିଛି ନାହିଁ ନଥିବା ଚିନ୍ତାଧାରାକୁ ଚିନ୍ତା କରେ, ଆଗକୁ ଆଗକୁ ଭାବିଚାଲେ । ସେ ଯେତେ ଚିନ୍ତାକରେ ତା'ର ଭୟ ସେତେ ବଢି ଚାଲେ । ଯେମିତି ଲାଗେ ତାର ଶରୀରର କେନ୍ଦ୍ରସ୍ଥଳୀ ଆଉ ନାହିଁ । ହୃତ୍ ସ୍ପନ୍ଦନ ଅଧିକରୁ ଅଧିକ ବଢିଚାଲେ,ଯାହା ସମ୍ଭାଳିବା କଷ୍ଟକର ।

ତା'ର ଶରୀରରେ ଥିବା ରକ୍ତକଣିକ ପ୍ରଖର ବେଗରେ ଗତି କରନ୍ତି । ମନ ଚଞ୍ଚଳ ଓ କମଜୋର୍ ହୋଇଉଠେ । କଥା କହିବା ବଦଳରେ ତା'ର ଜିହ୍ୱା ଥରିଉଠେ । ଶୁଖିଲା ଧାନ ଚୋବାଇଲା ପରି ଦାନ୍ତ ଗୁଡାକ ପରସ୍ପର ଧକ୍କା ଖାଇ ଟକ୍ ଟକ୍ ଶବ୍ଦ କରନ୍ତି । ଅଷ୍ଟାଙ୍ଗ ଶରୀରର ଲୋମକୂପରୁ ନିର୍ଗତ ହୁଏ ଘର୍ମ, ଯାହା ପରି ପ୍ରକାଶ କରେ ତା'ର ମୁଖ ମଣ୍ଡଳରେ । ଚକ୍ଷୁର ପଲକକୁ ଶୀଘ୍ର ଶୀଘ୍ର ପକାଇବା ଏବଂ ଚାରିଆଡକୁ ଭଲ ଭାବରେ ଥରେ ଚାହିଁବା, ପଛକୁ ବାରମ୍ବାର ଅନାଇବା, ଚମକିପଡିବା ଭଳି ଅନେକ କିଛି ମୁଖମଣ୍ଡଳରେ ପରିପ୍ରକାଶ ହୋଇଥାଏ ।

ନିଜକୁ ଯେମିତି ଲାଗେ ଆଉ ଦେହରେ ବଳ ନାହିଁ । ଚାଲିବାକୁ ସେ ଅକ୍ଷମ । ତା'ର ଆଖି ଆଗରୁ ସେହି ଦୃଶ୍ୟକୁ ହଟାଇବାକୁ ହାତ ଅସହ୍ୟ । ଭୟର ଶେଷ ପରିଣାମରେ ସେ ନିଜକୁ ବଞ୍ଚାଇବା ପାଇଁ, ନାହିଁ ନଥିବା ଚିନ୍ତାଧାରାକୁ ଭାବି ଭାବି ସେ ଶେଷରେ ପ୍ରତିକାର କରିବା ଲାଗି ଦୁଇଟି ପର୍ଯ୍ୟାୟରେ ପହଞ୍ଚେ । ପ୍ରଥମ ପର୍ଯ୍ୟାୟରେ ଭୟକୁ ସାମ୍ନା ନକରି ପଛଘୁଞ୍ଚା ଦେଇ ସବୁଦିନ ପାଇଁ ମୃତ୍ୟୁର ପନ୍ଥା ବାଛିନିଏ ।

ଦ୍ୱିତୀୟରେ ଭୟର ଆଗକୁ ନଯାଇ ବିଜୟ ଉଦ୍ଦେଶ୍ୟରେ ତା'ର ସାମ୍ନା କରିଥାଏ । ଶେଷରେ ତାକୁ ସଠିକ୍ ମାର୍ଗ ମିଳି ତା'ର ବିଜୟ ହୋଇଥାଏ ।

କାହିଁ କେଉଁ ଯୁଗରୁ ଭୟର ଶବ୍ଦ ଗଢିଉଠିଛି । ପୌରାଣିକ ମତରେ କୁହାଯାଏ ଯେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବତାମାନେ ରାକ୍ଷସମାନଙ୍କୁ ଭୟ କରୁଥିଲେ । ରାକ୍ଷସମାନଙ୍କର ପ୍ରଚଣ୍ଡ ଶକ୍ତି ଆଗରେ ପରାଜୟ ହୋଇ ଭୟରେ ପଳାୟନ କରୁଥିଲେ ।

ପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ବାଲ୍ୟବସ୍ଥାରେ ଅନ୍ଧାରକୁ ଦେଖି ଭୟ କରୁଥିଲେ ।

ଲଙ୍କାଧିପତି ରାବଣ ବାଳୀକୁ ବହୁତ ଭୟ କରୁଥିଲା, କାରଣ ବାଳୀ ବାହୁତଳେ ରାବଣକୁ ଚାପି ଧରିଥିଲେ ।

ରାଜା କଂସକୁ ଶୂନ୍ୟବାଣୀ ହେଲା ଯେ ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତୁମକୁ ବଧ କରିବ । ଯାହାକୁ ଭୟ କରି ମହାରାଜା କଂସ ଦେବକୀ ଓ ବସୁଦେବକୁ ବନ୍ଦୀ କରି ରଖିଥିଲେ ।

ଭୀମକୁ ଭୟ କରି ଦୁର୍ଯ୍ୟୋଧନ ବ୍ୟାସ ସରୋବର ପାରି ହୋଇଯାଇଥିଲେ ।

ଦେବଦେବ ମହାଦେବ ଭସ୍ମାସୁରକୁ ବର ଦେଲାପରେ ଭସ୍ମାସୁର ମହାଦେବଙ୍କ ଉପରେ ପରିକ୍ଷା କରିବା ପାଇଁ କହିବାରୁ ଭୟରେ ମହାଦେବ ପଳାୟନ କରି ଶେଷରେ ଶ୍ରୀବିଷ୍ଣୁଙ୍କ ପାଖରେ ପହଞ୍ଚିଥିଲେ ।

ରାଜ୍ୟର ରାଜାମାନେ ଯୁଦ୍ଧରେ ହାରିଗଲା ପରେ ଭୟରେ ଯୁଦ୍ଧକ୍ଷେତ୍ର ଛାଡି ପଳାୟନ କରୁଥିଲେ ।

ଇତିହାସର ପୃଷ୍ଠା ଖୋଲିଲେ ଏମିତି ଅନେକ ଭୟ ଦେଖିବାକୁ ମିଳେ । ଯାହା କେତେକାଂଶରେ ଉଦାହରଣ ଦିଆଯାଇପାରେ । ଆମ ଜାତିର ପିତା ମହାତ୍ମାଗାନ୍ଧୀ ଜନସମାଗମରେ ଭାଷଣ ଦେବାପାଇଁ ବହୁତ ଭୟ କରୁଥିଲେ । ସେହିପରି ଆମେରିକାର ରାଷ୍ଟ୍ରପତି ଆବ୍ରାହମଲିଙ୍କନ ମଧ୍ୟ ଜନସମାଗମରେ ଭାଷଣ ଦେବାପାଇଁ ଭୟ କରୁଥିଲେ । ବିଶ୍ୱବିଜୟୀ ଆଲେକଜେଣ୍ଡର, ନେପୋଲିୟନ ବୋନାର୍ପାଟ୍, ଜୁଲିୟସ ସିଜର, ବେନିଟୋ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁସୋଲିନ୍ ଭଳି ମହାନ୍ ବ୍ୟକ୍ତିମାନେ ବିଲେଇକୁ ଦେଖି ଭୟ କରୁଥିଲେ ।

ଜର୍ମାନୀ ଦେଶର ନାଜୀବାଦ ଶାସକ ଆଡଲଫ୍ ହିଟଲର ପରାଜୟକୁ ବହୁତ ଭୟ କରୁଥିଲେ ।

ଖାଦ୍ୟଚକ୍ର ଅନୁସାରେ ବାଘକୁ ହରିଣ ଓ ସାପକୁ ବେଙ୍ଗ ଦେଖିଲେ ଭୟରେ ପଳାୟନ କରନ୍ତି । ମଣିଷ କୁଆଡେ ଭୂତ ଦେଖିଥାନ୍ତି, ଯାହାକୁ ସେମାନେ ଭୟ କରନ୍ତି ।

ସମସ୍ତେ ମୃତ୍ୟୁକୁ ଡରନ୍ତି ! ସେଥିପାଇଁ ମନେହୁଏ ସେମାନେ ଲୁଚନ୍ତି, ପଳାୟନ କରନ୍ତି ଯାହାକୁ ଆମେ ଭୟ କହୁ । ତା'ହେଲେ ଭୟର ପ୍ରକୃତ ଅର୍ଥ କ'ଣ ମୃତ୍ୟୁ ?

ତା'ହେଲେ ଦେବତାମାନେ ଅମୃତ ପାନ କରିଛନ୍ତି, ସେମାନେ ଅମର ! ତାଙ୍କର ମୃତ୍ୟୁ ନାହିଁ । ତା'ହେଲେ ସେମାନେ କାହିଁକି ଭୟରେ ପଳାୟନ କରନ୍ତି ? କାହିଁକି ଲୁଚନ୍ତି ?

ଏଥିରୁ ସ୍ୱଷ୍ଟ ଜଣାପଡେ ଯେ, ଭୟ ଗୋଟିଏ ମାନସିକ ଚିନ୍ତାଧାରା ଯାହା ସମସ୍ତଙ୍କ ଠାରେ ନକାରତ୍ମକ ଚିନ୍ତା ସୃଷ୍ଟି କରି ନିଜର ଆଧିପତ୍ୟ ବିସ୍ତାର କରିଥାଏ । ରାକ୍ଷସମାନଙ୍କ ସହିତ ନ ଲଢି ଦେବତାମାନେ ଯେଉଁ ପଳାୟନ କରିଥାନ୍ତି, ସେଥିପାଇଁ ସେମାନେ ବୋଧେ ହାରିଯାଆନ୍ତି । ଯାହା ସେମାନଙ୍କ ମନରେ ଭୟ ସୃଷ୍ଟି କରେ । ଯାହା ଗଭୀର ମନ୍ଦଉଦ୍ଦେଶ୍ୟ ଚିନ୍ତା ଚେତନାକୁ ଜାଗ୍ରତ କରି ତାଙ୍କର ମନକୁ ବଶୀଭୂତ କରିଥାଏ । ଯାହା ଫଳରେ ସେମାନେ ପଛଘୁଞ୍ଚା ଦିଅନ୍ତି । ଆଉ ଭାବନ୍ତି ଆମେ ପାରିବୁନି, ତା'ପରେ ହାରିଯାଆନ୍ତି ।

ଏଇତ ମନର ଭ୍ରାନ୍ତଧାରଣା ଯାହା ସେମାନଙ୍କୁ ବଶୀଭୂତ କରିଥାଏ ।

ଭୟ ଦୁଇ ପ୍ରକାରର ଗୋଟିଏ ବାସ୍ତବ ଭୟ ଅନ୍ୟଟି ଅବାସ୍ତବ ଭୟ । ପୂର୍ବରୁ ଯେଉଁ ସବୁ ଆଲୋଚନା କଲେ ତାହା ବାସ୍ତବ ଭୟ ଓ ଅନ୍ୟଟି ହେଲା ଯାହାର ଅସ୍ତିତ୍ୱ ନଥାଏ, କିନ୍ତୁ ଗଭୀର ମନ୍ଦ ଚେତନା ଦ୍ୱାରା ଭାବି ଯାହାକୁ ଆମେ ଚକ୍ଷୁ ଆଡରେ ସ୍ଥାନ ଦେଇଥାଉ ଏବଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭୟ କରିଥାଉ ।

ଏବେ ଯୁଗ ମଧ୍ୟ ବଦଳିଚି ତା ସହିତ ତାଳ ଦେଇ ବଦଳିଚି ଭୟ । କିନ୍ତୁ ଅନ୍ୟ ଯୁଗର ଡର ଠାରୁ ଏ ଯୁଗରେ ଦୃଷ୍ଟିଶକ୍ତିର ପଛରେ ରହି ଅଧିକରୁ ଅଧିକ ଭୟଙ୍କର ସାଜିଛି ଭୟ । ଯାହା ଏହି ଦେହଧାରୀ ମନୁଷ୍ୟ ବୁଝି ପାରିନି, କିନ୍ତୁ ପ୍ରତି ମୁହୁର୍ତ୍ତରେ ଭୟର କରାଳ ତାଣ୍ଡବ ଦେଖି ଭୟ କରୁଚି । ସେହି ଭୟ ଆଉ ଅବାସ୍ତବ ହୋଇ ନାହିଁ । ତାହା ସମ୍ପୁର୍ଣ୍ଣ ବାସ୍ତବ ରୂପ ଧାରଣ କରିଛି । ଯାହା ମଣିଷ ରୂପରେ ଆସୁଚି । ଆଉ ମଣିଷ ମଣିଷକୁ ଦେଖି ଭୟ କରୁଛି ।

ପ୍ରକୃତରେ କହିବାକୁ ଗଲେ ଭୟ କେଉଁଠୁ ଜାତ ହୋଇଥାଏ ? ଯାହା ଆମେ କେବେବି ବୁଝି ପାରୁନା, କି କଳ୍ପନା ମଧ୍ୟ କରିପାରୁନା । ଏହା କେତେବେଳେ ଜାତ ହୁଏ ?

ବାସ୍ତବରେ ଭୟ ମନରୁ ଜାତ ହୁଏ । ଯେତେବେଳେ ଆମେ କୌଣସି ଭୁଲ୍ କରୁ । ଭୁଲ୍ ହିଁ ପର ଅବସ୍ଥାରେ ଭୟର ରୂପ ନିଏ । ଯେଉଁଥିରେ ମନୁଷ୍ୟ ମନୁଷ୍ୟକୁ ଦେଖିଲେ ଭୟ କରେ । ନକରାତ୍ମକ ଚିନ୍ତାଧାରା ବା ନପାରିବା ଦେବତା ମାନଙ୍କର ମଧ୍ୟ ଗୋଟିଏ ଭୁଲ୍ ଥିଲା, ଯାହା ପାଇଁ ସେମାନେ ପଳାୟନ କରୁଥିଲେ ।

ଅନ୍ୟ ଯୁଗଠାରୁ ବର୍ତ୍ତମାନ ଯୁଗ ଟିକିଏ ନିଆରା । ସେତେବେଳେ ଥିଲା ମୃତ୍ୟୁର ଭୟ ଯାହାକୁ ସମସ୍ତେ ଭୟ କରୁଥିଲେ, ବର୍ତ୍ତମାନ ପ୍ରତି ମୂହୁର୍ତ୍ତରେ ଭୟ । ଯାହା କଳ୍ପନା କରିବା ଅସମ୍ଭବ । କାରଣ ଭୟ ଏବେ ମନ୍ଥର ଅବସ୍ଥାରେ ଗତି କରି ଶେଷରେ ଭୟଙ୍କର ସାଜୁଛି । ସିଧାସଳଖ କହିବାକୁ ଗଲେ ବର୍ତ୍ତମାନର ଭୁଲ୍ ଭବିଷ୍ୟତର ଭୟ !

ଶିକ୍ଷକଙ୍କୁ ତାଙ୍କ ଛାତ୍ରମାନେ ଭୟ କରୁଛନ୍ତି । ଅଭିଭାବକ ମାନଙ୍କୁ ତାଙ୍କ ପିଲାମାନେ ଭୟ କରୁଛନ୍ତି । ଆହୁରି ଅନ୍ୟ କ୍ଷେତ୍ରରେ ମଧ୍ୟ । ବାଘକୁ ହରିଣ ଦେଖିଲେ ଭୟ କରେ, କାରଣ ହରିଣକୁ ମୃତ୍ୟୁର 'ଭୟ' ! ଏଠାରେ ବାଘ ଶିକାରୀ ହରିଣ ଶିକର । ହରିଣ ଖାଦ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘ ଖାଦକ କିନ୍ତୁ ଗୁରୁ ଓ ଶିଷ୍ୟ ଏବଂ ପିତା ଓ ପୁତ୍ର ସମ୍ପର୍କ କ'ଣ ବାଘ ଓ ହରିଣ ଭଳି ? ଯଦି ନୁହେଁ, ତାହାଲେ ସେମାନେ ଡରୁଛନ୍ତି କ'ଣ ପାଇଁ । ସେମାନେ ଏମିତି କିଛି ଭୁଲ୍ କରିଛନ୍ତି ଯାହା ଗୁରୁଙ୍କର ହେଉ ବା ଅଭିଭାବକଙ୍କର ଲୁକାୟତରେ ଅଛି । କାଳେ ସେମାନେ ଜାଣି ପାରିବେ ସେଥିପାଇଁ ସେମାନେ ଡରୁଛନ୍ତି । ବିଦ୍ୟାଅଧ୍ୟୟନ କ୍ଷେତ୍ରରେ ହେଉ ବା ସାମାଜିକ ଚଳଣି କ୍ଷେତ୍ରରେ ଯଦି ଶିକ୍ଷକ କିମ୍ବା ଅଭିଭାବକ ସେମାନଙ୍କର ଭୁଲ୍ ଜାଣି ନ ପାରନ୍ତି । ବୋଧହୁଏ ସେମାନେ ଭୟାଳୁ ହୋଇ ରହିଯିବେ । ଯଦି ପିତାମାତାମାନେ ସେମାନଙ୍କ ଭୁଲ୍ ଜାଣିପାରିଲା ପରେ ମଧ୍ୟ ନିଜର ଭୁଲ୍ ସୁଧାରି ନପାରନ୍ତି, ତେବେ ଭୟାଳୁର ପରିସ୍ଥିତି ଅତିରୁ ଅତି ଭୟଙ୍କର ହୋଇଯିବ । ଯଦି ଆମେ ଆମର ଭୁଲ୍ କୁ ସ୍ୱୀକାର କରିବା ତେବେ ଆମର ଭୟ ଦୁର ହେବ । ଜୀବନରେ ମୃତ୍ୟୁ ଥରେ ଆସେ, ହେଲେ ଭୟର ମୃତ୍ୟୁ ପ୍ରତିମୂହୁର୍ତ୍ତରେ ଆସେ । କାପୁରୁଷ ଭଳି ଜୀବନଯାପନ କରିବାକୁ ପଡେ । ଯେଉଁ ଦିନ ଆମେ ଭୟର ସମ୍ମୁଖରୁ ପରାଜିତ ନ ହେବା, ପଳାୟନ ନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଭୟର ସାମ୍ନା କରିବା । ସେଦିନ ବୋଧହୁଏ ଆମ ସାହସ ଓ ବୀରତ୍ୱ ଦେଖି ଭୟ ପଳାୟନ କରିବ । ଯଦି ଆମେ କରୁଥିବା ଭୁଲ୍ ସୁଧାରିବା ଓ ପ୍ରତି ଭୁଲ୍ ର ପ୍ରାୟଶ୍ଚିତ୍ କରିବା ।

ଭୟକୁ ଭୟ କରି ପଳାୟନ କରୁଥିବା ମନୁଷ୍ୟକୁ 'ଭୟ' ତାର ମୃତ୍ୟୁର ଜାଲକୁ ଟାଣିନେଇ ତାକୁ ଛନ୍ଦିଦିଏ । ତା'ପରେ ମୃତ୍ୟୁ ! କିନ୍ତୁ ଯିଏ ଭୟକୁ ଖାତିରି ନ କରି ଭୟ ସହିତ ସାହାସ ଜୁଟାଇ ଲଢେଇ କରେ, ନିଶ୍ଚିତ ତାର ବିଜୟ ହୁଏ । ତେବେ ସେ ଭୟ ସବୁଦିନ ପାଇଁ ଦୁର ହୁଏ । ଯଦି ଅଭିଭାବକମାନେ ବେଳୁ ସାବଧାନ ନ ହେବେ । ତାଙ୍କ ପିଲାଙ୍କର ଭୁଲ୍ ଦେଖି ନ ସୁଧାରିବେ ଭବିଷ୍ୟତରେ ତାହା ପିତାମାତାଙ୍କ ପାଇଁ ଭୟ ସୃଷ୍ଟି କରିବା ସହିତ ତାଙ୍କ ପାଇଁ ଭବିଷ୍ୟତରେ ଭୟଙ୍କର ପରିସ୍ଥିତି ଉପୁଜିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ତ୍ତମାନ, ମାନବ ସମାଜରେ ଶିକ୍ଷା ଦୃତ ଗତିରେ ପ୍ରସାରିତ ହେଉଛି । ଲୋକମାନେ ସେତେ ସହନଶୀଳତା, ସମାଜରେ ଚଳଣି ଓ ନିଜ ବଞ୍ଚିବାର ଶୈଳୀକୁ ବଦଳାଇ ନୂଆ ଜୀବନର ରାହା ଖୋଜି ପାଇଲେଣି । ବର୍ତ୍ତମାନ ମାନବ ସମାଜରେ ଯେତେ ପ୍ରକାର ଭୟ ରହିଚି 'ବଦନାମ' ହେଉଛି ସବୁଠାରୁ ବଡ ଭୟ ! ମାନବ ଏବେ ନିଜ ଇଜ୍ଜତ୍ କୁ ବେଶି ପ୍ରାଧାନ୍ୟ ଦେଉଛି । କାରଣ ଇଜ୍ଜତ୍ ଏମିତି ଏକ ଶବ୍ଦ ଯାହା ଥରେ ନଷ୍ଟ ହେଲେ ଆଉ ଫେରେ ନାହିଁ । ଯାହା, ଜୀବନର ପ୍ରତି ମୂହୁର୍ତ୍ତରେ ମଣିଷକୁ ଜାଳିଥାଏ । ଦୁନିଆର ସବୁଠୁ ଦାମି ଏବଂ ମୂଲ୍ୟବାନ ହେଉଛି ଇଜ୍ଜତ୍ । ଯାହାକୁ ତିଆରି କରିବା ବହୁତ କଷ୍ଟସାଧ୍ୟ କିନ୍ତୁ ବଦନାମ ହେବା ଅତି ସହଜ । ଯାହାକୁ ମଣିଷ ଏବେ ଭୟ କରୁଛି । କିନ୍ତୁ ନିଜ ବିବେକ, ବୁଦ୍ଧି, ସାମର୍ଥ୍ୟ ବଳରେ ସେହି ବଦନାମର ଭୟକୁ ହଟାଇ ମଣିଷ ନିଜର ଇଜ୍ଜତ୍ କୁ ବଞ୍ଚାଇ ସମାଜରେ ବହୁ ଉଚ୍ଚସ୍ତରରେ ପ୍ରତିଷ୍ଠିତ ହେଲାଣି । 'ଭୟ' ସେହିଦିନ ଦୂର ହେବ ଯେଉଁଦିନ ହରିଣ ବାଘକୁ ଦେଖି ଭୟରେ ପଳାୟନ ନ କରି ତାର ଆଗକୁ ଆଗକୁ ମାଡିଆସି ଭୟକୁ ଦୂର କରିବା ପାଇଁ ବାଘ ଉପରକୁ ଲମ୍ଫ ପ୍ରଦାନ କରିବ । ସେହିଦିନ ହରିଣ ଦେହରେ ବୀରତ୍ୱର ଶକ୍ତି ଖେଳିଯିବ । ଆଉ ତାର ମୃତ୍ୟୁର 'ଭୟ ' ସବୁଦିନ ପାଇଁ ଦୂର ହେବ । ସେହିଦିନ ସେ ଭୟକୁ ବିଜୟ କରିବ । ମଣିଷ ସମାଜ ଯେଉଁଦିନ କୌଣସି ଇଜ୍ଜତ୍ ଉପରେ ଆଞ୍ଚ୍ ଆଣୁଥିବା ଭୁଲ୍ କୁ ନକରି ସଂଯମତାର ସହିତ ରହି ପ୍ରତିଷ୍ଠତ ହେବ । ସେହିଦିନ ଭୁଲ୍ କରି ଭୋଗୁଥିବା ବଦନାମ ଭୟକୁ ସବୁଦିନ ପାଇଁ ମାରି, ସବୁଦିନ ମରୁଥିବା ମଣିଷ ସମାଜର ମଣିଷମାନେ ବୀରତ୍ୱର ସହିତ ଥରେ ମରିବେ । ସେହିଦିନ ହିଁ ଏହି ମଣିଷ ସମାଜର ଉନ୍ନତି ଘଟିବ ଏବଂ ସେହି ଭୟ ମଣିଷ ମାନଙ୍କଠାରୁ ଛାଡି ଚାଲିଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନର ମୌଳିକ ଆବଶ୍ୟକତା

ଜୀବନର ମୌଳିକ ଆବଶ୍ୟକତା ଓ ତାର ସୁବିନିଯୋଗ *

ପ୍ରାବନ୍ଧିକ ନୂତନ କୁମାର ବେହେରା

ଜୀବନ ବହୁମୁଖୀ ପ୍ରତିଭାର ଏକ ଉତ୍ସ ।

ପ୍ରକୃତିର ଅନୁକୂଳ ବାତାବରଣରେ ତାହା ତ୍ୱରାନ୍ୱିତ ହୁଏ, ପ୍ରତିକୂଳ ପରିବେଶ ପରିସ୍ଥିତିରେ ବାଧାପ୍ରାପ୍ତ ହୋଇଥାଏ । ସୃଷ୍ଟିର ଅଯଂ ଆରମ୍ଭରୁ ଏ ପ୍ରକିୟାର କ୍ରମ ବାରମ୍ବାର ହୁଏ ପୁନରାବୃତ୍ତି । ଜୀବନୀଶକ୍ତିର ନିର୍ଦ୍ଧାରିତ ସୀମାରେଖା ମଧ୍ୟରେ ଏହାର ଗତି ପ୍ରଗତି ।

ମାତୃ ଗର୍ଭରୁ ସଞ୍ଚାରିତ ହୋଇ ଜଗତର ଆଲୋକକୁ ଆସି କରେ ତାର ଆତ୍ମବିକାଶ ।

ମାନବ ସଭ୍ୟତାର କ୍ରମବର୍ଦ୍ଧମାନ ରୁଚି ନୀତି ଆଦର୍ଶ ପରମ୍ପରା ସଂସ୍କୃତିରେ ପ୍ରଭାବିତ ହୋଇ ସେ ଅନୁସରଣ କରେ, ଅନୁକରଣ କରେ । ଖୋଜେ ନିଜ ଜୀବନର ଅବଲମ୍ବନ । ଶ୍ରମ ସାଧନାକୁ ନିଜର ବ୍ରତ ଭାବି କରେ ତାର  ଆତ୍ମ ସଂସ୍କାର । ଅନ୍ତର୍ନିହିତ ପ୍ରତଭାର ବିକାଶ ସଙ୍ଗେ ସଙ୍ଗେ ନିଜର ବ୍ୟକ୍ତିତ୍ୱକୁ କରେ ପରିପୁଷ୍ଟ ।



ନୂତନ କୁମାର ବେହେରା

ସମୟ ସ୍ରୋତରେ ଧାବମାନ ଜୀବନ ତରୀ ସମସ୍ୟାର ବେଡ଼ା ଅତିକ୍ରମ କରି ଚାଲିଥାଏ ଆଗକୁ ଆଗେଇ ଆଗେଇ । ଗତିଶୀଳ ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାତ୍ରାର ପ୍ରତି ମୁହୂର୍ତ୍ତରେ ଲୋଡା ହୁଏ କିଛି ନା କିଛି ପାର୍ଥିବ ବିଭବ । ଯାହା ତାର ଆବଶ୍ୟକତା । ବାଲ୍ୟ, କୈଶୋର, ଯୁବ, ପ୍ରୌଢ ଓ ବୃଦ୍ଧ ଅବସ୍ଥା ପର୍ଯ୍ୟନ୍ତ ମନ ଗହନରେ ଉଙ୍କି ମାରୁଥାଏ ଅସରନ୍ତି ଇଚ୍ଛା, ଆକାଂକ୍ଷା । ଆଶାର ପରିପକ୍ୱ ଫଳକୁ ସଫଳତା ଭାବରେ ପାଇ ସନ୍ତୁଷ୍ଟ ହୁଏ ।

ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଆବଶ୍ୟକତା ମଧ୍ୟରେ ସମାନତା ଯେତିକି ବୈଷମ୍ୟତା ମଧ୍ୟ ସେତିକି । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ସାମାଜିକ ସ୍ତର, ଆର୍ଥିକ ଅବସ୍ଥାକୁ ନେଇ ତାର ଆବଶ୍ୟକତା ପୂରଣ କରି ଚାଲେ ।

ବ୍ୟକ୍ତି ଯେଉଁ ବର୍ଗ ବା ସ୍ତର ହୋଇଥାଉ ନା କାହିଁକି, ଜୀବନ ଧାରଣ କରିବା ପାଇଁ ମୌଳିକ ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ଯାହା ଖାଦ୍ୟ, ବସ୍ତ୍ର, ପାନୀୟ ଓ ବାସଗୃହ ଅଟେ । ଏ ସବୁ ତାର ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ । ପ୍ରକୃତି କୋଳରୁ ବିଶୁଦ୍ଧ ବାୟୁ, ଆଲୋକ, ଉତ୍ତାପ ଓ ଖାଦ୍ୟ ପାନୀୟ ସବୁକିଛି ସେ ପାଇଥାଏ । ସୁସ୍ଥ ସୁନ୍ଦର ଜୀବନ ଯାପନ ପାଇଁ ପ୍ରକୃତି ଉପରେ ହିଁ ଜୀବଜଗତ ନିର୍ଭରଶୀଳ ହୋଇଥାଏ ।

ଆଜିର ସଭ୍ୟ ଶିକ୍ଷିତ ସମାଜରେ ମଣିଷ ନିଜ ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯାହା ଯାହା ଉପାୟ ଅବଲମ୍ବନ କରୁଛି ସେଥିରେ ପ୍ରକୃତି ନାନା ଭାବରେ କ୍ଷତ ବିକ୍ଷତ ହୋଇ ପ୍ରଦୂଷିତ ହେଉଛି । ବିଜ୍ଞାନ, କାରିଗରୀ ପ୍ରଯୁକ୍ତି, ଶିଳ୍ପାୟନ ଆଦି ବହୁ କ୍ଷେତ୍ରରେ ତାର ଆବଶ୍ୟକତାକୁ ନେଇ ଯାହା କରୁଛି, ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ତାର କୁପ୍ରଭାବ ଭୋଗିବାକୁ ପଡୁଛି । ପ୍ରକୃତି ତାର ଭାରସାମ୍ୟ ରକ୍ଷା କରି ପାରୁ ନାହିଁ । ପ୍ରତିକାର ପ୍ରତିରୋଧର ଯେଉଁ ବ୍ୟବସ୍ଥା ହୁଏ ସେଥିରେ ତାର ସଂପୂର୍ଣ୍ଣ ସମାଧାନ ହୋଇପାରୁ ନାହିଁ ।

ଆଜିର ଯୁଗରେ ପ୍ରତ୍ୟେକ ମଣିଷ ଚାହାଁନ୍ତି ବିଳାସପୂର୍ଣ୍ଣ ଜୀବନ । ପ୍ରତ୍ୟେକେ ଐଶ୍ୱର୍ଯ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ପ୍ରାଚୁର୍ଯ୍ୟତାରେ ବଞ୍ଚିବାକୁ ଚାହାଁନ୍ତି । ମନୁଷ୍ୟ ଜୀବନରେ ସବୁକିଛିର ଆବଶ୍ୟକତା ଥାଇ ପାରେ, ମାତ୍ର ନିଜ ପରିବେଶ ପରିସ୍ଥିତିକୁ ବିଚାର ନ କରି ତା ପଛରେ ଅଣନିଶ୍ୱାସୀ ହୋଇ ଧାଇଁବା କଣ ଯଥାର୍ଥତା ? ସାମନ୍ୟ ଛୁଞ୍ଚିଟିଏ ଠାରୁ ବ୍ୟୋମଯାନ ପର୍ଯ୍ୟନ୍ତ ସବୁର ଆବଶ୍ୟତା ଅଛି । ସେସବୁ ଆବଶ୍ୟକତା ମଧ୍ୟରେ କେଉଁଠି ତାର ସର୍ବାଗ୍ରେ ଆବଶ୍ୟକ ଏ କଥା ଅନେକ ସମୟର ସ୍ଥଳ ବିଶେଷରେ ବହୁ ବ୍ୟତିକ୍ରମ ହେଉଛି । ଉଦାହରଣ ସ୍ୱରୂପ ମରୁଭୂମିରେ ମୂଲ୍ୟ ଠାରୁ ପାନୀୟ ଜଳ ଯେପରି ଅଧିକ ଗୁରୁତ୍ୱ ପୂର୍ଣ୍ଣ ମୂଲ୍ୟବାନ । ସେମିତି ସ୍ଥାନ କାଳ ପାତ୍ର ବିଶେଷରେ ଆବଶ୍ୟକତା ଭିନ୍ନ ଭିନ୍ନ ଥିଲେ ସୁଦ୍ଧା ସେଦିଗରେ ଅନେକେ ଆଦୌ ବିଚାର କରନ୍ତି ନାହିଁ । ଯେଉଁଠିକୁ ଆମେ ସାଇକେଲରେ ଯାଇ ପାରିବା ସେଠି ଲୋଡ଼ୁ ମଟର ବାଇକ୍, କାର୍ ଆଦି । ଦୁଇ ତିନି ହଳ ପୋଷାକ ଆମର ଆବଶ୍ୟକତା ପୂରଣ କରି ପାରେ ମାତ୍ର ଆମେ ଚାହୁଁ ତିରିଶ ହଳ ପୋଷାକ ନୂଆ ନୂଆ ଡିଜାଇନ୍ ର । ଗୋଟାଏ ମହଲା ଆମ ପରିବାର ପାଇଁ ଯଥେଷ୍ଟ ହେଲେ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ଆମେ ନିର୍ମାଣ କରିଚାଲିଛୁ । ଏଥି ପାଇଁ ଯେଉଁ ଅର୍ଥର ଆବଶ୍ୟକତା ଅଛି ତାହା କଣ ପ୍ରତ୍ୟେକେ ନିଜ ଶ୍ରମ ଓ ସତ୍ ଉପାୟରେ ରୋଜଗାର କରୁଛନ୍ତି କି ? ଏହାଦ୍ୱାରା ସମାଜରେ ଅନ୍ୟାୟ ଅନୀତି ଦୁର୍ନୀତି ଭ୍ରଷ୍ଟାଚାର ବ୍ୟାପୁ ନାହିଁ କି ? ଅଧିକ ସ୍ଥାନ ଅଧିକାର କରି କଳ କାରଖାନା, ବାସଗୃହ ନିର୍ମାଣ ଦ୍ୱାରା ପ୍ରକୃତି ଅବକ୍ଷୟ ହେଉ ନାହିଁ କି ?

ଏ ସବୁ ସମୀକ୍ଷା କରେ ଆମେ ନିଶ୍ଚିତ ଭାବେ ହୃଦୟଙ୍ଗମ କରିପାରିବା ଯେ ନିଜ ନିଜ ପ୍ରଗତି ବା ବିକାଶ ପାଇଁ ଆମେ କେତେ ମାତ୍ରାରେ ପ୍ରକୃତିର ଧ୍ୱଂସ କରୁଛୁ । ଆଜିର ପୂଜା ପାର୍ବଣ, ବିବାହ ଉତ୍ସବ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଯେଉଁ ଶବ୍ଦ ପ୍ରଦୂଷଣ, ଆଲୋକ ପ୍ରଦୂଷଣ କରୁଛୁ ତାହା କେତେ ଭୟାଭୟ ? ଏ ସବୁ କଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମର ଅନିବାର୍ଯ୍ୟ ଆବଶ୍ୟକତା ?

ଏ ଯୁଗ ହୋଇ ପାରେ ପ୍ରତିଦ୍ୱନ୍ଦିତାର, ମାତ୍ର ତାହା ଆଦର୍ଶ କ୍ଷେତ୍ରରେ ହେବା ବିଧେୟ । ନିଜ ନିଜ ଆତ୍ମ ଅହଂକାର, ପଦ ମର୍ଯ୍ୟଦା ଓ କ୍ଷମତାର ଅପବ୍ୟବହାର କରି ନୁହେଁ ।

ଆବଶ୍ୟକତା ସମ୍ପର୍କରେ ଯିଏ ଯେତେ ସଚେତନତା ହେଉନା କାହିଁକି କଥାରେ ଯେତିକି କାର୍ଯ୍ୟରେ ସେତିକି ହୋଇପାରୁ ନାହିଁ । ଯେ ପର୍ଯ୍ୟନ୍ତ ବାସ୍ତବ କାର୍ଯ୍ୟରେ ଶତ ପ୍ରତିଶତ ପ୍ରତିଫଳନ ନ ହୋଇଛି ସେ ପର୍ଯ୍ୟନ୍ତ ଏ ସଚେତନତା, ସଚେତନତା ନୁହେଁ । ଏହା କେବଳ ମାତ୍ର ଏକ ପ୍ରବଞ୍ଚନା । ନିଜ ସାଥେ ସମୂହ ଜୀବନର ବିପଦକୁ ହିଁ ଆମନ୍ତ୍ରଣ କରି କରି ଚାଲିଥିବୁ ।

ପ୍ରକୃତି ତାର ଭାରସାମ୍ୟ ରକ୍ଷା କରିବାକୁ ନା ନା ବିପର୍ଯ୍ୟୟ ଘଟାଇ ଚାଲିଥିବ । ନୀରବରେ କିଂକର୍ତ୍ତବ୍ୟବିମୁଢ ହୋଇ ଆମେ କେବଳ ଆଖିରୁ ଝରାଇ ଚାଲିଥିବୁଁ । ତାର ଆଉ କିଛି ସମାଧାନ ପନ୍ଥା ନାହିଁ ।

କୋହି, ଗଡ଼ିଆ, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମତାମତ

ମାନନୀୟ ସମ୍ପାଦକ, "ଆହ୍ୱାନ" (ଓଡ଼ିଆ ଇ-ପତ୍ରିକା)

ଡା: ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମାର୍ଚ୍ଚ ମାସର "ଆହ୍ୱାନ" ଇ-ପତ୍ରିକା ପଢ଼ିଲି । ପତ୍ରିକାଟିର କବିତା ବିଭାଗରେ ଦ୍ୱିତୀୟ କ୍ରମରେ ମୋର କବିତା "ଯୁଗଯାତ୍ରୀ" ପ୍ରକାଶିତ ହୋଇଥିବା ଦେଖି ସନ୍ତୋଷ ଲାଭ କଲି । କବିତାଟି ଆପଣଙ୍କ ସମ୍ପାଦନ ମଣ୍ଡଳୀର ଅନୁମୋଦନ ଲାଭ କରି ପ୍ରକାଶ ଉପଯୋଗୀ ହୋଇ ପାରିଥିବାରୁ ନିଜକୁ ଧନ୍ୟ ମନେ କଲି ଏବଂ ମୁଁ ସେଥିପାଇଁ କୃତଜ୍ଞ ।

ପତ୍ରିକାଟିରେ ବିଭିନ୍ନ ବିଭାଗର ସମାହାର (କାହାଣୀ, କବିତା, ସମ୍ବଲପୁରୀ, ପ୍ରବନ୍ଧ ଇତ୍ୟାଦି ) ପତ୍ରିକାଟିକୁ ଶ୍ରୀମନ୍ତ କରିବା ସଂଗେ ସଂଗେ ପତ୍ରିକାଟିର ଶୋଭା ବଢ଼ାଇ ଅଛି । ପରବର୍ତୀ ସଂଖ୍ୟା ମାନଙ୍କରେ ନୂଆ ନୂଆ ବିଭାଗର ଚୟନ ପତ୍ରିକାଟିକୁ ଆହୁରି ଉପାଦେୟ କରିବ ବୋଲି ମୋର ବିଶ୍ୱାସ । ତେବେ ଏଥି ନେଇ ମୋର ଛୋଟ ପ୍ରସ୍ତାବ ଟିଏ ଥିଲା ।-



ଶିବନାରାୟଣ ଦାସ

ଅନ୍ୟାନ୍ୟ ବିଭାଗ ମାନଙ୍କରେ ପ୍ରକାଶିତ ଲେଖାର ସଂଖ୍ୟା ସୀମିତ (୮ରୁ ୧୫/୧୬ ) ହୋଇଥିବାରୁ, ଲେଖାଗୁଡ଼ିକ ନିଜର ଗୁଣବତ୍ତା ରକ୍ଷା କରି ପାରିଛି । କିନ୍ତୁ କବିତା ବିଭାଗରେ ଅସଂଖ୍ୟ କବିତା ( ପ୍ରାୟ ୮୦ ଉପରେ) ପ୍ରକାଶ ପାଉଥିବାରୁ, କବିତାଗୁଡିକ ନିଜର ସମ୍ମାନିତ ମାନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରକ୍ଷା କରିପାରୁନାହିଁ ବୋଲି ମୋର ଧାରଣା । ଅତଏବ ମୋ ମତରେ "ଆହ୍ୱାନ" ଇ-ପତ୍ରିକାଟିକୁ ସମୃଦ୍ଧ ଓ ରୁଚିମନ୍ତ କରିବାକୁ ହେଲେ, ଆପଣ ମଧ୍ୟ କବିତା ବିଭାଗରେ କେବଳ ଅଳ୍ପ ସଂଖ୍ୟକ ଏବଂ ଉଚ୍ଚ ମାନର କବିତା ପ୍ରକାଶ ଦିଗରେ ଦୃଷ୍ଟି ଦେବା ଉଚିତ ହେବ । ଯଦିଓ ଏ ପ୍ରକାର ଏକ ଚୟନ୍ ପ୍ରକ୍ରିୟା ଦ୍ୱାରା ମୋ ପରି ଅନେକ କବିଙ୍କର କବିତା, ପ୍ରକାଶନରୁ ବାଦ ପଡି ଯାଇପାରେ, କିନ୍ତୁ ପତ୍ରିକାଟିର ସାମଗ୍ରିକ ବିକାଶ ଦିଗରୁ ଏବଂ ସୁସାହିତ୍ୟର ଉତ୍ତରୋତ୍ତର ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ମୋର ଆଶା ।

ଉପରନ୍ତୁ ଏ ପ୍ରକାର ଏକ ଚୟନ ପ୍ରକ୍ରିୟା ଥିବା ହେତୁ କବି ମାନେ ନିଜ କବିତାର ମାନ ବୃଦ୍ଧି କରିବା ଦିଗରେ ଆଗ୍ରହୀ ହେବେ । ଏହା ସହିତ ମୋର ଆଉ ଗୋଟିଏ କବିତା "ଅମୃତ ମୁଁ ଅତିମାନସର" ଏପ୍ରିଲ ମାସ "ଆହ୍ୱାନ" ସଂଖ୍ୟା ପାଇଁ ପଠାଇଲି । ପ୍ରକାଶ ଉପଯୋଗୀ ମନେକଲେ ପତ୍ରିକାରେ ସ୍ଥାନ ଦେବେ ।

*ଶିବ ନାରାୟଣ ଦାସ*

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍ସ୍)
ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍
ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍‌ସ୍
ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାୟ
ନୁଆ ଦିଲ୍ଲୀ : ୧୧୦୦୧୬
ଫୋନ୍ : ୨୬୮୫୯୦୭୩, ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମଇ ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ମଇ ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

# https://anchor.fm/aahwaan

Listen to Odia Podcast on https://anchor.fm/aahwaan